# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଅଗଷ୍ଟ ୫/୨୦୧୯ (୨୦ ପୃଷ୍ଠା) Sambalpur, Monday, August 5 / 2019 ★★

୧୫୫ଶ ଭାଗ ୨୨୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ସ୍ମିଥଙ୍କ କ୍ରମାଗତ ଶତକ**

ବର୍ମିହାମଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍।

୧୮

୧୨

**'ସାରେ ଜହାଁ ସେ ଅଚ୍ଛା'ରେ ଶାହରୁଖ୍**

ସୁପରଷ୍ଟାର ଶାହରୁଖ୍ ଖାନ୍ 'ସାରେ ଜହାଁ ସେ ଅଚ୍ଛା' ଫିଲ୍ମରେ ଅଭିନୟ କରିବାକୁ ଆଗ୍ରହୀ ଥିବା ପ୍ରଯୋଜନା ସୂତ୍ରରୁ ଜାଣିବାକୁ ମିଳିଛି।







ଓଡ଼ିଶା ପୋଷ୍ଟ ପକ୍ଷରୁ ଆୟୋଜିତ ମେଟ୍ଲ ମିଟ୍-୨୦୧୯ର ରବିବାର ଅନୁଷ୍ଠିତ ଗ୍ରାଣ୍ଡ ଫିନାଲେରେ ଜୁନିୟର ଚାମ୍ପିୟନ ଭୁବନେଶ୍ୱରସ୍ଥିତ ମଦର୍ସ ପବ୍ଲିକ ସ୍କୁଲ ଏବଂ ସିନିୟର ଚାମ୍ପିୟନ ଢେଙ୍କାନାଳ ସରାଙ୍ଗସ୍ଥିତ ଆଇଜିଆଇଟିର ପ୍ରତିଯୋଗୀମାନେ ମୁଖ୍ୟ ଅତିଥି ତଥା ଓଏମ୍‌ସି ଏମ୍‌ଡି ଆର. ଭିନିଲ୍ କ୍ରିଷ୍ଣାଙ୍କଠାରୁ ଟ୍ରଫି ଓ ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ଗ୍ରହଣ କରୁଛନ୍ତି। ନିକଟରେ ଅଛନ୍ତି ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।

# ଆମେରିକାରେ ୨ ଗୁଳିକାଣ୍ଡ: ୩୦ ନିହତ

ୱାଶିଂଟନ/ହ୍ୟୁଷ୍ଟନ,୪।୮ (ପି.ଟି.)

ଆମେରିକାରେ ୨୪ ଘଣ୍ଟା ମଧ୍ୟରେ ୨ଟି ଗୁଳିକାଣ୍ଡ ଘଟିଛି। ଏଥିରେ ୩୦ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଛନ୍ତି। ପ୍ରଥମ ଗୁଳିକାଣ୍ଡ ଶନିବାର ଟେକ୍ସାସ୍‌ର ସୀମାନ୍ତ ସହର ଏଲ୍ ପାସୋରେ ଥିବା ଏକ ଜନଗହଳିପୂର୍ଣ୍ଣ ୱାଲ୍‌ମାର୍ଟ ଷ୍ଟୋରରେ ହୋଇଥିଲା। ଜଣେ ୨୧ ବର୍ଷୀୟ ଯୁବକ ବନ୍ଧୁକରୁ ଆଖିବୁଜା ଗୁଳି ଚଳାଇବାରୁ ୨୦ ଜଣ ନିହତ ହୋଇଥିବାବେଳେ ଅନ୍ୟ ୨୬ ଜଣ ଆହତ ହୋଇଥିଲେ। ଏହାର କିଛି ଘଣ୍ଟା ପରେ ଓହାୟୋର ଡେଟନ୍‌ରେ ଅନ୍ୟ ଏକ ଗୁଳିକାଣ୍ଡରେ ୯ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୧୬ ଜଣ ଆହତ ହୋଇଛନ୍ତି। ସୁରକ୍ଷା କର୍ମୀଙ୍କ ଗୁଳିରେ ଆକ୍ରମଣକାରୀ ନିହତ ହୋଇଛନ୍ତି। ଦୁଇ ଗୁଳିକାଣ୍ଡକୁ ନେଇ ଆମେରିକାରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି।

ଶନିବାର ସକାଳେ ୱାଲମାର୍ଟ ଷ୍ଟୋର ଚଳଚଞ୍ଚଳ ଥିଲା। ଲୋକମାନେ ସେମାନଙ୍କ ପିଲାଙ୍କ ପାଇଁ ସ୍କୁଲ ସାମଗ୍ରୀ କିଣିବାରେ ବ୍ୟସ୍ତ ଥିବାବେଳେ ହଠାତ ଗୁଳିମାଡ଼ ଶବ୍ଦ ସାଙ୍ଗକୁ ବନ୍ଧୁକ ଧୂଆଁ ଉକ୍ତ ଷ୍ଟୋରରେ ଭର୍ତ୍ତି ହୋଇଯାଇଥିଲା। ଗୁଳିକାଣ୍ଡ ପରେ ଷ୍ଟୋର୍‌ର ପାର୍କିଂ ସ୍ଥାନରେ ଅନେକ ମୃତଦେହ ପଡିଥିବା ଦେଖାଯାଇଥିଲା। ଏହା ଟେକ୍ସାସ୍ ଇତିହାସରେ ସବୁଠୁ ଘାତକ ଦିବସ ବୋଲି ସେଠାକାର ଗଭର୍ନର ଗ୍ରେଗ୍ ଆବୋଟ୍ କହିଛନ୍ତି। ଏଲ୍ ପାସୋ ଆକ୍ରମଣକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିନ୍ଦା କରିବା ସହ ଏହା ଭୀରୁତାର କାର୍ଯ୍ୟ ବୋଲି କହିଛନ୍ତି। ଆକ୍ରମଣକାରୀଙ୍କୁ କଦାପି କ୍ଷମା ନାହିଁ ବୋଲି ସେ ଟୁଇଟ୍ କରିଛନ୍ତି। ମୃତକଙ୍କ ମଧ୍ୟରେ ମେକ୍ସିକୋର ୬ ଜଣ ଅଛନ୍ତି। ଆହତମାନଙ୍କୁ ଡେଲ୍ ସୋଲ୍ ମେଡିକାଲ ସେଣ୍ଟର ଏବଂ ୟୁନିଭର୍ସିଟି ମେଡିକାଲ ସେଣ୍ଟରରେ ଚିକିତ୍ସା କରାଯାଉଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି।



ଏଲ୍ ପାସୋସ୍ଥିତ ୱାଲମାର୍ଟ ଷ୍ଟୋରରେ ଆକ୍ରମଣ ପରେ ପୋଲିସ୍‌ର ତନାଘନା।

ଏଲ୍ ପାସୋ ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇଛି। ପାଟ୍ରିକ୍ କ୍ରୁସିୟସ୍ ନାମକ ଏହି ଶ୍ୱେତାଙ୍ଗ ବ୍ୟକ୍ତି ଆତ୍ମସମର୍ପଣ କରିବା ପରେ ପୋଲିସ ତାଙ୍କୁ ହାଜତକୁ ନେଇଛି। ସେ ଗୁଳି କରିବା ପୂର୍ବରୁ ଛାଡିଥିବା ପ୍ରଚାରପତ୍ରକୁ ପୋଲିସ ଅନୁଧ୍ୟାନ କରୁଛି। ଏଥିରେ ଶ୍ୱେତାଙ୍ଗ ଜାତୀୟତାବାଦୀ ଭାଷା ଏବଂ ବେଆଇନ ଭାବେ ଆମେରିକାରେ ରହିଥିବା ଲୋକମାନଙ୍କ ପ୍ରତି ବର୍ଣ୍ଣବୈଷମ୍ୟ ଘୃଣାଭାବ ଦେଖିବାକୁ ମିଳିଛି। ଏମାନେ ଆମେରିକୀୟମାନଙ୍କ ନିଯୁକ୍ତି ଛଡାଇନେଉଥିବା କ୍ରୁସିୟସ୍ ଲେଖିଛନ୍ତି। ଗୁଳିକାଣ୍ଡ ପଛରେ ଆତଙ୍କବାଦୀ ସଂଗଠନର ହାତ ଅଛି କି ନାହିଁ ଏଫ୍‌ବିଆଇ ତାହାର ତଦନ୍ତ କରୁଛି। ଆକ୍ରମଣକାରୀଙ୍କ ଟୁଇଟର ଆକାଉଣ୍ଟ ଶନିବାର ସନ୍ଧ୍ୟାରେ ବନ୍ଦ ହୋଇଯାଇଛି। ଏଥିରେ ଟ୍ରମ୍ପ୍‌ଙ୍କୁ ମେକ୍ସିକୋ ସୀମାରେ ପ୍ରାଚୀର ନିର୍ମାଣ ଉଦ୍ୟମ ପାଇଁ ପ୍ରଶଂସା କରାଯାଇଛି। ଏଥିସହିତ ଗୁଳିକାଣ୍ଡ ସମୟର ଫଟୋ ଓ ଭିଡିଓ ନେଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କୁ ଏଫ୍‌ବିଆଇ ପଚରାଉଚରା କରୁଛି।

ଅନ୍ୟପକ୍ଷରେ ଡେଟନ ଗୁଳିକାଣ୍ଡ ଘଟଣାରେ ଆକ୍ରମଣକାରୀ ଘଟଣାସ୍ଥଳରେ ପୋଲିସ ଗୁଳିରେ ନିହତ ହୋଇଛନ୍ତି। ସ୍ଥାନୀୟ ସମୟ ରାତି ୧ଟା ୭ ମିନିଟରେ ଏହି ଗୁଳିକାଣ୍ଡ ହୋଇଥିଲା। ବନ୍ଧୁକଧାରୀ ବଡ଼ି ଆର୍ମର ପିନ୍ଧି ଆସିଥିଲେ ବୋଲି ସେଠାକାର ମେୟର କହିଛନ୍ତି। ପୋଲିସ୍‌ର ତତ୍କାଳ କାର୍ଯ୍ୟାନୁଷ୍ଠାନ ଯୋଗୁ ଅନେକ ଲୋକଙ୍କ ଜୀବନ ରକ୍ଷା ହୋଇପାରିଲା ବୋଲି ସେ କହିଛନ୍ତି।

# 'ବଂଶୀ'କୁ ଭେଦ କଲା 'କ୍ୟୁଆର୍‌ଏସ୍‌ଏମ୍'

ବାଲେଶ୍ୱର ଅଫିସ, ୪।୮

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ରେଞ୍ଜ(ଆଇଟିଆର୍)ରୁ ଭ୍ରାମ୍ୟମାଣ ଟ୍ରକ ସାହାଯ୍ୟରେ ଭୂପୃଷ୍ଠରୁ ଆକାଶ ମାର୍ଗକୁ ନିକ୍ଷେପ କରାଯାଉଥିବା 'କ୍ୟୁଆର୍‌ଏସ୍‌ଏମ୍' (କୁଇକ୍ ରିଆକଶନ୍ ସର୍ଫେସ୍-ଟୁ-ଏୟାର ମିଶାଇଲ୍)ର ସଫଳ ପରୀକ୍ଷଣ କରାଯାଇଛି। ରବିବାର ପୂର୍ବାହ୍ନ ୧୦ଟା ୫୮ ମିନିଟ୍‌ରେ ୧ନଂ. ଲଞ୍ଚପ୍ୟାଡ୍‌ରୁ 'ବଂଶୀ' ନାମକ କ୍ଷେପଣାସ୍ତ୍ରକୁ ପ୍ରଥମେ ଆକାଶମାର୍ଗକୁ ଛଡ଼ା ଯାଇଥିଲା। ଏହାକୁ ଭେଦ କରିବା ପାଇଁ ୧୧ଟା ୫ମିନିଟ୍ ସମୟରେ ୩ନଂ. ଲଞ୍ଚ ପ୍ୟାଡ୍‌ରୁ କ୍ୟୁଆର୍‌ଏସ୍‌ଏମ୍' କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ 'କ୍ୟୁଆର୍‌ଏସ୍‌ଏମ୍' ଲକ୍ଷ୍ୟଭେଦ କରିଥିଲା। ସେହିପରି ଅପରାହ୍ନରେ ଏହି କ୍ଷେପଣାସ୍ତ୍ରର ଦ୍ୱିତୀୟଥର ପରୀକ୍ଷଣ କରାଯାଇଥିଲା। ଅପରାହ୍ନ ୩ଟା ୨୫ ମିନିଟ୍‌ରେ ୧ ନମ୍ବର ଲଞ୍ଚପ୍ୟାଡରୁ 'ବଂଶୀ' କ୍ଷେପଣାସ୍ତ୍ରକୁ ଆକାଶମାର୍ଗକୁ ଛଡ଼ାଯାଇ ଏହାର ୫ ମିନିଟ୍ ପରେ ୩ ନମ୍ବର ଲଞ୍ଚପ୍ୟାଡରୁ 'କ୍ୟୁଆର୍‌ଏସ୍‌ଏମ୍'କୁ ନିକ୍ଷେପ କରାଯାଇଥିଲା। ☞ପୃଷ୍ଠା-୪

**ଚାନ୍ଦିପୁର ଆଇଟିଆରରେ ବ୍ୟବହାରିକ ପରୀକ୍ଷଣ**



'କ୍ୟୁଆର୍‌ଏସ୍‌ଏମ୍'ର ପରୀକ୍ଷଣ କରାଯାଉଛି।

**ଆଜିର ସମ୍ପାଦକୀୟ**

## ସାମରିକ ନୁହେଁ, ଆର୍ଥିକ

**ଆଜିର ମନ୍ତବ୍ୟ**

"କେତେଜଣ ବ୍ୟକ୍ତି କଳହପ୍ରିୟ ବ୍ୟବହାର ଦେଖାଉଥିବାବେଳେ ନ୍ୟାୟପାଳିକା ଲୋକଙ୍କ ଆସ୍ଥା ପୁନଃ ସ୍ଥାପନ କରିବା ଜରୁରୀ।

-ଜଷ୍ଟିସ୍ ରଞ୍ଜନ ଗୋଗୋଇ, ଭାରତର ପ୍ରଧାନ ବିଚାରପତି





NATIONAL EGG CO-ORDINATION COMMITTEE 04.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 65 | 113 | 123 |
| DKL | 62 | 109 | 119 |
| BDK | 65 | 113 | 123 |
| BLS | 66 | 114 | 124 |
| ANG | 64 | 111 | 121 |
| BHM | 62 | 109 | 119 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


■ ତୀରମାଡ଼ରେ ଯୁବକ ମୃତ, ୧୫ ଆହତ

# ପାଣି ପାଇଁ ଦୁଇ ଗାଁ ମଧ୍ୟରେ ସଂଘର୍ଷ

ନରସିଂହପୁର, ୪।୮ (ଡି.ଏନ.ଏ./ସ୍ୱ.ପ୍ର.)

■ ୩ ବଖରା ଜାଳିଦେଲେ, ଉଭୟ ଗ୍ରାମରେ ଉତ୍ତେଜନା

■ ତହସିଲଦାରଙ୍କୁ ଦାୟୀ କଲେ ଗ୍ରାମବାସୀ

କଟକ ଜିଲା ନରସିଂହପୁର ଥାନା ଅଧୀନ ସାଗର ଏବଂ ପାଞ୍ଚଗୋଛିଆ ଗ୍ରାମବାସୀଙ୍କ ମଧ୍ୟରେ ରବିବାର ପାଣି ପାଇଁ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ତୀର ମାଡ଼ରେ ସାଗର ଗ୍ରାମର ଶ୍ରୀଧର ସାମଲ(୪୦)ଙ୍କ ମୃତ୍ୟୁ ଘଟିଥିବାବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପାଞ୍ଚଗୋଛିଆ ଗ୍ରାମର ହରିହର ବେହେରା(୬୦) ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଘଟଣାକୁ ନେଇ ଉଭୟ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ବରିଷ୍ଠ ପୋଲିସ ଅଧିକାରୀମାନେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଅତିରିକ୍ତ ତହସିଲଦାର ଦୁଇ ଗାଁର ଲୋକଙ୍କ ମଧ୍ୟରେ ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ ଜାରି ରଖିଛନ୍ତି। ଏହି ଘଟଣା ପାଇଁ ପ୍ରଶାସନ ଦାୟୀ ବୋଲି ଉଭୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହତ୍ୟାକାଣ୍ଡକୁ ନେଇ ଥାନାରେ ୨ଟି ଅଭିଯୋଗ ହୋଇଛି। ପୋଲିସ ସାଗର ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ମାମଲା ନଂ-୧୦୦/୧୯ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ଏଠାରେ ଥିବା ଚାମୁଣ୍ଡାପଲ୍ଲୀ ବନ୍ଧ ଯୋଗେ ସାଗର ଗ୍ରାମବାସୀ ଚାଷଜମିକୁ ଜଳସେଚନ କରନ୍ତି। ଗତ ଜୁଲାଇ ୨୦ରେ ନରସିଂହପୁର ତହସିଲଦାର ରାଜକିଶୋର ଜେନା ଚାମୁଣ୍ଡାପଲ୍ଲୀ ବନ୍ଧକୁ ଜେସିବି ଦ୍ୱାରା ଖୋଳି ପାଞ୍ଚଗୋଛିଆ ଗ୍ରାମବାସୀଙ୍କୁ ପାଣି ଯୋଗାଇଥିଲେ। ଏହାକୁ ବିରୋଧ କରି ୨୩ ତାରିଖରେ ସାଗର ଗ୍ରାମବାସୀ ଦୁଇ ଦିନଧରି ତହସିଲ ଆଗରେ ଧାରଣା ଦେବା ସହ ସମାଧାନ ଦାବି କରିଥିଲେ। ୨୫ ତାରିଖରେ ଉଭୟ ଗ୍ରାମର ନିଷ୍ପତ୍ତିକ୍ରମେ ଖୋଳାଯାଇଥିବା ବନ୍ଧକୁ ପ୍ରଶାସନ ପକ୍ଷରୁ ପୋତି କେନାଲ ନିକଟରୁ ପାଣି ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ରବିବାର ସକାଳ ପ୍ରାୟ ୭ଟାରେ ସାଗର ଗ୍ରାମର କେତେଜଣ ଚାଷୀ ଚାମୁଣ୍ଡାପଲ୍ଲୀ ବନ୍ଧ ବନ୍ଧାଇବାକୁ ଯାଇଥିଲେ। ତେଣୁ ପାଞ୍ଚଗୋଛିଆ ଗ୍ରାମବାସୀ ସେମାନଙ୍କୁ ବିରୋଧ କରିବା ସହ ହଠାତ୍ ଧନୁ ତୀରରେ ଆକ୍ରମଣ କରିଥିଲେ। ସାଗର ଗ୍ରାମର ଶ୍ରୀଧରଙ୍କ ଦେହରେ ତୀର ବାଜିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପ୍ରଚାରିତ ହେବାପରେ ସାଗର ଗ୍ରାମବାସୀ ମାରଣାସ୍ତ୍ର ଧରି ଚାମୁଣ୍ଡାପଲ୍ଲୀ ନିକଟରେ ପହଞ୍ଚିଥିଲେ। ଏହାପରେ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ପାଞ୍ଚଗୋଛିଆ ଗ୍ରାମର ହରିହରଙ୍କ ହାତ କଟିଯାଇଥିବାବେଳେ ସଦାନନ୍ଦ ପ୍ରଧାନ(୫୪)ଙ୍କ ଛାତିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏଥିସହ ସାଗର ଗ୍ରାମର ୯ରୁ ଊର୍ଦ୍ଧ୍ୱ ଓ ପାଞ୍ଚଗୋଛିଆର ୬ ଜଣ ଆହତ ହୋଇ ନରସିଂହପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସେମାନେ ହେଲେ ପାଞ୍ଚଗୋଛିଆ ଗ୍ରାମର ମହେଶ୍ୱର ନାୟକ, ଅଞ୍ଜନ ନାୟକ, ଟାଇନ ନାୟକ, ଚାଖେଣ୍ଡି ଦଳେଇ, ସୁଲୋଚନା ଦଳେଇ, ନୀଳାଦ୍ରି ନାୟକ, ଲୋକନାଥ ପ୍ରଧାନ, ଦ୍ରୌପଦୀ ନାୟକ, ଅନ୍ତର୍ଯ୍ୟାମୀ ସାହୁ, ଭରତ ନାୟକ ଏବଂ ସାଗର ଗ୍ରାମର ପ୍ରତିମା ସାହୁ, ପଙ୍କଜ ଜେନା, କୈଳାସ ଜେନା, ବ୍ରଜକିଶୋର ବାରିକ, ଶାନ୍ତିଲତା ପ୍ରଧାନ। ଶ୍ରୀଧରଙ୍କ ମୃତଦେହ ବଡ଼ମ୍ବା ଡାକ୍ତରଖାନାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିବା ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା କହିଛନ୍ତି। ଘଟଣାକୁ ନେଇ ପାଞ୍ଚଗୋଛିଆ ଗ୍ରାମର ଦୁର୍ଯ୍ୟୋଧନ ପ୍ରଧାନଙ୍କ ୩ ବଖରା ଜାଳି ଦିଆଯାଇଥିବା କୁହାଯାଉଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯିବା ସହ ଆଠଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ଆଲୋକ ରଞ୍ଜନ ରାୟ, କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାଗୋବିନ୍ଦ ପାଣିଗ୍ରାହୀ ଉପସ୍ଥିତ ରହି ଘଟଣାର ତଦାରଖ ☞ପୃଷ୍ଠା-୪

**ବାରିପଦାରେ ମଦମୃତ୍ୟୁ**

## ରାସ୍ତାକଡ଼ରୁ ୨ ମୃତଦେହ ଉଦ୍ଧାର

ବାରିପଦା ଅଫିସ,୪।୮- ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଓ ସଦର ଥାନା ଅଞ୍ଚଳରେ ମଦ୍ୟପାନ ଯୋଗୁଁ ଗୋଟିଏ ଦିନରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ବାରିପଦା ସହର କେସି ସର୍କିଲ ନିକଟରୁ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ବାରିପଦା ସଦର ଥାନା ଅଧୀନ ଦମଦାରପୁର ଛକ ନିକଟସ୍ଥ ରାସ୍ତା କଡରୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ଉଭୟେ ପ୍ରଚୁର ମଦ୍ୟପାନ କରି ରାସ୍ତା କଡ଼ରେ ପଡ଼ି ରହିଥିଲେ। ସହରରେ ଚୋରା ଓ ବିଷାକ୍ତ ମଦ କାରବାର ବୃଦ୍ଧି ପାଉଥିବାବେଳେ ଏହି ଦୁଇ ଅପମୃତ୍ୟୁ ଘଟଣା ନେଇ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାର ଏହାକୁ ମଦମୃତ୍ୟୁ ବୋଲି କହୁଥିବା ବେଳେ ପୋଲିସ ଥାନାରେ ୨ ଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।



ଚନ୍ଦ୍ରୟାନ-୨ ପ୍ରଥମଥର ପାଇଁ ପଠାଇଥିବା ପୃଥିବୀର ଫଟୋ ରବିବାର ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ଜାରି କରାଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଅଗଷ୍ଟ ୫/୨୦୧୯



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

-ଗୀତା



# କୋଇଲା ଖଣି ୧୨ ଦିନ ହେଲା ବନ୍ଦ

- ରାଜସ୍ୱ ହାନି, ସବୁ ବର୍ଗ ପ୍ରଭାବିତ
- ଆନ୍ଦୋଳନ ଯୋଗୁ ଖଣି ସୁରକ୍ଷା ଯାଞ୍ଚରେ ବାଧା

ସମ୍ବଲପୁର, ୪।୮ (ବ୍ୟୁରୋ)

ଅନୁଗୋଳ ଜିଲା ତାଳଚେର ଭରତପୁରଠାରେ ଥିବା ଖୋଲାମୁହଁ କୋଇଲା ଖଣିରେ ଦୁର୍ଘଟଣା ପରେ କ୍ଷତିପୂରଣ ଦାବି କରି ଆନ୍ଦୋଳନ ଚାଲିଛି। ଫଳରେ ୧୨ ଦିନ ହେଲା କୋଇଲା ଉତ୍ପାଦନ ବନ୍ଦ ରହିଛି। ଏଥିଯୋଗୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି ହୋଇଛି । ଏହାସହ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି । କୋଇଲା ଖଣି ଉପରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ନିର୍ଭର କରୁଥିବା କର୍ମଚାରୀ, ଠିକା କର୍ମଚାରୀ, ଠିକାଦାର, କ୍ଷୁଦ୍ର ବ୍ୟବସାୟୀ କ୍ଷତି ସହୁଛନ୍ତି । ତାଳଚେରର ବ୍ୟବସାୟ, ସାମାଜିକ କାର୍ଯ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଛି । ସେହିପରି ଖଣି ଅଞ୍ଚଳର ଗ୍ରାମବାସୀ ମଜୁରୀ ପାଇବାରୁ ବଞ୍ଚିତ ହେଉଛନ୍ତି । ଆନ୍ଦୋଳନ ଯୋଗୁ ଏମ୍‌ସିଏଲରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ହୋଇପାରୁ ନାହିଁ । ଫଳରେ ଏହା ଆଉ ଏକ ବଡ ସମସ୍ୟା ହୋଇ ପଡିଛି । କୋଇଲା ଉତ୍ତୋଳନ ବନ୍ଦ ହେତୁ ବିଦ୍ୟୁତ ଉତ୍ପାଦନ କରୁଥିବା ସଂସ୍ଥାଗୁଡିକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । କଣିହାଁ ଏନ୍‌ଟିପିସି ପ୍ଲାଣ୍ଟରେ ବ୍ୟାପକ କୋଇଲା ସଙ୍କଟ ଦେଖା ଦେଇଛି । ତେଣୁ ୪ଟି ୟୁନିଟ ବନ୍ଦ ହୋଇଥିବା ସୂଚନା ମିଳିଛି । ଉଦ୍ଦେଶ୍ୟମୂଳକ ଭାବେ ଚାଲିଥିବା ଏହି ଆନ୍ଦୋଳନ ଯୋଗୁ ଏହାର ପ୍ରଭାବ ସବୁଠି ପଡିଛି । ଦକ୍ଷିଣ ଭାରତରେ ଥିବା ପାୱାର ପ୍ଲାଣ୍ଟ ମଧ୍ୟରେ ଏପିଜିଇଏନଜିଓ, ଏପିପିଡିସିଏଲ, ଆଇଏଏନ୍‌ଜିଇଡିସିଓ, ଏନଟିଇଏଲ (ସହାୟକ ସଂସ୍ଥା), ତାମିଲନାଡୁ ଓ କର୍ନାଟକର କେପିସିଏଲ କମ୍ପାନୀ ମଧ୍ୟ କୋଇଲା ଅଭାବରୁ ବିଦ୍ୟୁତ ଉତ୍ପାଦନ ବନ୍ଦ ହେବ ବୋଲି ଏମ୍‌ସିଏଲକୁ ଜଣାଇଛନ୍ତି। ଅନ୍ୟପକ୍ଷେ କର୍ପୋରେଟ ସୋସିଆଲ ରେସପନସିବିଲିଟି (କମ୍ପାନୀ ସାମାଜିକ ଦାୟିତ୍ୱବୋଧ) ବା ସିଏସ୍‌ଆର ଫଣ୍ଡ ଅଂଶଧନ ଓ ଡିଷ୍ଟ୍ରିକ୍ଟ ମିନେରାଲ (ଜିଲା ଖଣିଜ ପାଣ୍ଠି) ବା ଡିଏମ୍‌ଏଫ୍ ଫଣ୍ଡକୁ ମିଶାଇ ସମୁଦାୟ ୧୦୪୫ ଲକ୍ଷ ଟଙ୍କା କ୍ଷତି ହୋଇ ସାରିଛି। ଏଥିରୁ କୋଇଲା ଖଣି ଓ ଆଖପାଖ ଅଞ୍ଚଳରେ ବିନିଯୋଗ ହେଉଥିବା ଡିଏମ୍‌ଏଫ୍ ଫଣ୍ଡର ପ୍ରାୟ ୮୯୫ ଲକ୍ଷ ଟଙ୍କା କ୍ଷତି ହୋଇଛି । ସେହିପରି ସିଏସ୍‌ଆର୍ ଫଣ୍ଡରେ ୧୫୦ ଲକ୍ଷ ଟଙ୍କା କ୍ଷତି ହୋଇଛି । ଯେଉଁ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ୧୩୮.୨୬ କୋଟି ଟଙ୍କା ରାଜସ୍ୱ ପାଇ ପାରିବେ ନାହିଁ। ପରୋକ୍ଷ ଭାବେ ୪୦ ହଜାର ପରିବାର, ନିର୍ଭର କରୁଥିବା ୨୦ ହଜାର ଟ୍ରାନ୍ସପୋଟର୍, କ୍ଷୁଦ୍ର ତଥା ମଧ୍ୟମ ବ୍ୟବସାୟୀ, ୧୫ ହଜାର କର୍ମଚାରୀ ଏବଂ ୧୦ ହଜାର ଠିକା କର୍ମଚାରୀ ପ୍ରଭାବିତ ହୋଇଛନ୍ତି । ସୂଚନାଯୋଗ୍ୟ, ୨୦୧୮-୧୯ ଆର୍ଥିକ ବର୍ଷରେ ଏମ୍‌ସିଏଲ ୧୪୪ ମିଲିୟନ ଟନ୍ କୋଇଲା ଉତ୍ତୋଳନ କରି ଦେଶର ଦ୍ୱିତୀୟ ଉତ୍ପାଦନକାରୀ ସଂସ୍ଥା ଭାବେ ରହିଥିଲା । ତାଳଚେରରେ ଏଭଳି ସ୍ଥିତି ଲାଗି ରହିଲେ ଆଗାମୀ ବର୍ଷରେ ଉତ୍ପାଦନ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ ବୋଲି ଏମ୍‌ସିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି।




# ୧୦୦୦ରୁ ଉର୍ଦ୍ଧ୍ୱ ମାମଲା ୫୦ ବର୍ଷ ହେବ ପଡ଼ିରହିଛି: ସିଜେଆଇ

## ୨୦ ଲକ୍ଷରୁ ଉର୍ଦ୍ଧ୍ୱ ମାମଲାରେ ସମନ୍‌ଟିଏ ବି ଜାରିହୋଇନି



ଗୁଆହାଟୀ, ୪।୮(ପି.ଟି.)

ଭାରତରେ ୫୦ ବର୍ଷ ହେବ ଏକ ହଜାରରୁ ଅଧିକ ମାମଲା ପଡ଼ିରହିଛି। ଦୁଇ ଲକ୍ଷରୁ ଅଧିକ ମାମଲା ୨୫ ବର୍ଷ ହେବ ପଡ଼ିରହିଛି। ଏଭଳି ମାମଲାଗୁଡ଼ିକର ତୁରନ୍ତ ସମାଧାନ କରାଯିବା ଦରକାର ବୋଲି ଭାରତର ପ୍ରଧାନ ବିଚାରପତି(ସିଜେଆଇ) ଜଷ୍ଟିସ୍ ରଞ୍ଜନ ଗୋଗୋଇ କହିଛନ୍ତି। ଗୁଆହାଟୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଆସାମ ମୁଖ୍ୟ ବିଚାରପତି ଜଷ୍ଟିସ ଅରୂପ କୁମାର ଗୋସ୍ୱାମୀଙ୍କୁ ରାଜ୍ୟରେ ପଡ଼ିରହିଥିବା ମାମଲାଗୁଡ଼ିକର ଶୀଘ୍ର ସମାଧାନ କରିବାକୁ ପରାମର୍ଶ ଦେଇଛନ୍ତି। ଦେଶରେ ପ୍ରାୟ ୯୦ ଲକ୍ଷ ମାମଲା ପଡ଼ିରହିଛି। ଏମିତିକି, ୨୦ ଲକ୍ଷରୁ ଉର୍ଦ୍ଧ୍ୱ ମାମଲାରେ ଏପର୍ଯ୍ୟନ୍ତ ସମନ୍‌ଟିଏ ବି ଜାରି କରାଯାଇ ନାହିଁ ବୋଲି ଜଷ୍ଟିସ୍ ଗୋଗୋଇ ପ୍ରକାଶ କରିଛନ୍ତି। ପଡ଼ିରହିଥିବା ମାମଲାର ତୁରନ୍ତ ସମାଧାନ ଲାଗି ଗତ ଜୁଲାଇ ୧୦ରେ ସବୁ ରାଜ୍ୟର ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରିଥିବା ସେ ପ୍ରକାଶ କରିଛନ୍ତି।

# ପିଏମ୍‌ଏସ୍‌ଏମ୍‌ଏ ଯୋଜନା: ଓଡ଼ିଶାର ଉତ୍ତମ ପ୍ରଦର୍ଶନ

ଭୁବନେଶ୍ୱର,୪।୮(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ(ପିଏମ୍‌ଏସ୍‌ଏମ୍‌ଏ)ରେ ଓଡ଼ିଶାର ପ୍ରଦର୍ଶନ ଉତ୍ତମ ରହିଛି। ଏହି ଯୋଜନାରେ ସର୍ବଭାରତୀୟସ୍ତରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ୫ଟି ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ୮୫୩୮ ଜଣ ଗର୍ଭବତୀ ବର୍ତ୍ତମାନସୁଦ୍ଧା ଏହି ଯୋଜନାରେ ଉପକୃତ ହୋଇପାରିଛନ୍ତି। ଘରୋଇ ଡାକ୍ତରଖାନାରେ କାର୍ଯ୍ୟରତ ୧୮୮ ଜଣ ଏହି ଯୋଜନାରେ ସ୍ୱେଚ୍ଛାକୃତ ଭାବେ ସାମିଲ ହୋଇ କାର୍ଯ୍ୟ କରିଥିଲେ। ପଡ଼ୋଶୀ ଛତିଶଗଡ଼ରେ ୨୭୦ ଘରୋଇ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତର ଏହି ଯୋଜନାରେ ସେବା ପ୍ରଦାନ କରିଥିଲେ। ସାରା ଦେଶରୁ ୫୮୦୦ ଘରୋଇ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତର ଉକ୍ତ ଯୋଜନାରେ ସାମିଲ ହୋଇଥିଲେ। ଗର୍ଭାବସ୍ଥାରେ ନାରୀର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଯତ୍ନ ସହ ବହୁମୁଖୀ ଚିକିତ୍ସା ଯୋଗାଇଦେବା ଏହି ଯୋଜନାର ମୂଳଲକ୍ଷ୍ୟ।

# ନାତୁଣୀକୁ ମାଡ଼ ମାରି ଜେଜେ ମା' ଗିରଫ

- ଉଦ୍ଧାର କଲା ପୋଲିସ
- ଶରୀରରେ ଗଭୀର କ୍ଷତ
- ଶିଶୁ କନ୍ୟା ସିଡବ୍ଲ୍ୟୁସିକୁ ହସ୍ତାନ୍ତର

ବନ୍ତଲା, ୪।୮(ଡି.ଏନ.ଏ.)

୩ ବର୍ଷୀୟା ନାତୁଣୀଙ୍କୁ ମାଡ଼ ମାରିବା ଓ ଦୀର୍ଘ ସମୟ ଧରି ଘରେ ତାଲା ପକାଇ ରଖିବା ଅଭିଯୋଗରେ ଗିରଫ ହୋଇଛନ୍ତି ଜେଜେ ମା'। ଏଭଳି ଘଟଣା ରବିବାର ଅନୁଗୋଳ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। କ୍ଷତାକ୍ତ ଅବସ୍ଥାରେ ପୋଲିସ ଶିଶୁଟିକୁ ଉଦ୍ଧାର କରି ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁକନ୍ୟାର ଚିକିତ୍ସା ଚାଲିଥିବା ଜଣାପଡିଛି।

ସୂଚନା ମୁତାବକ, ଅନୁଗୋଳ ଜିଲା ବନ୍ତଲା ଥାନା ଗଡ଼ତରାସ ଗ୍ରାମର ଅସିତ ରାଉତ ସ୍ତ୍ରୀ ଦିପ୍ତୀ ରାଉତ(୨୨)ଙ୍କ ୫ ଓ ୩ ବର୍ଷର ଦୁଇ କନ୍ୟା ସନ୍ତାନ ରହିଛନ୍ତି। ବର୍ଷେ ପୂର୍ବରୁ ଦିପ୍ତୀଙ୍କ ମୃତ୍ୟୁ ହୋଇଯାଇଥିବାରୁ ଦୁଇ ଶିଶୁ ବାପା, ଜେଜେ ମା' ଓ ଜେଜେ ବାପାଙ୍କ ସହ ରହୁଛନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ, ଜେଜେ ମା' କୁମୁଦିନୀ ରାଉତ ଶିଶୁଙ୍କୁ ଅଧିକାଂଶ ସମୟରେ ମାର୍‌ପିଟ କରିଥାନ୍ତି। ରବିବାର ସକାଳେ କୁମୁଦିନୀ ତାଙ୍କ ସାନ ନାତୁଣୀକୁ ମାଡ଼ ମାରିବା ସହିତ ଘରେ ପୂରାଇ ତାଲା ପକାଇଦେଇଥିଲେ। ଦୀର୍ଘ ସମୟ ଧରି ତାଲା ନ ଖୋଲିବାରୁ ଅଙ୍ଗନୱାଡ଼ି କର୍ମୀ ଓ ସମିତି ସଭ୍ୟ ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇବା ସହ ଜିଲା ଶିଶୁ ମଙ୍ଗଳ ଅଧିକାରୀ, ବନ୍ତଲା ଥାନା ଆଇଆଇସିଙ୍କୁ ସୂଚନା ଦେଇଥିଲେ। ଗ୍ରାମବାସୀ ଓ ସରପଞ୍ଚଙ୍କ ହସ୍ତକ୍ଷେପ ପରେ ଶିଶୁକନ୍ୟାଙ୍କୁ ତାଲା ଖୋଲି ବାହାର କରାଯାଇଥିଲା। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁଙ୍କୁ ସେଠାରୁ ଉଦ୍ଧାର କରି ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଥିଲା। ବନ୍ତଲା ଥାନାରେ ଆଇୟୁସିଏଡବ୍ଲ୍ୟୁ(ଇନଭେଷ୍ଟିଗେଶନ ୟୁନିଟ କ୍ରାଇମ ଏଗେନ୍‌ଷ୍ଟ ଓମେନ)ର ଅତିରିକ୍ତ ଏସ୍‌ପି ବସନ୍ତ କୁମାର ପ୍ରଧାନ ପହଞ୍ଚି ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଗ୍ରାମର ତାପସ ସାମଲଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୧୩୫/୧୯ରେ ମାମଲା ରୁଜୁ କରିବା ସହ ଅପରାହ୍ନରେ କୁମୁଦିନୀଙ୍କୁ ଗିରଫ କରାଯାଇଥିଲା।

ଏ ସମ୍ପର୍କରେ ବାପା ଅସିତ କୁହନ୍ତି, ମୋ ଅନୁପସ୍ଥିତିରେ ମା' ବାଡେଇଛନ୍ତି। ମୁଁ ଏ ବିଷୟରେ ଜାଣି ନ ଥିଲି। ଆଗରୁ କେବେ ବାଡେଇବା ଜାଣିନି। ଝିଅକୁ ମୋ ପାଖରେ ରଖିବି। ଏ ନେଇ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଗୌରୀଶଙ୍କର ବେହେରା କହିଛନ୍ତି, ସୂଚନା ପାଇବା ପରେ ତୁରନ୍ତ ଆଇଆଇସିଙ୍କୁ ଜଣାଇ ଦିଆଯାଇଥିଲା। ପୋଲିସ ଶିଶୁଙ୍କୁ ଉଦ୍ଧାର କରି ମହିଳା ପୋଲିସ ଦ୍ୱାରା ଶିଶୁ ମଙ୍ଗଳ ଅଧିକାରୀଙ୍କ ପାଖରେ ହାଜର କରିଥିଲେ। ଶିଶୁଟି ସୁସ୍ଥ ହେଲା ପରେ ପଦକ୍ଷେପ ନିଆଯିବ।

## ପକେଟ୍‌ରୁ ଟଙ୍କା ନେଇଯିବାରୁ ୨ ଶିଶୁପୁତ୍ରଙ୍କୁ ଦଣ୍ଡ

# ଗଛରେ ବାନ୍ଧି ପିଟିଲେ ବାପା

ଭୋଗରାଇ, ୪।୮(ଡି.ଏନ.ଏ.)

ବାପାଙ୍କ ପକେଟ୍‌ରୁ ଟଙ୍କା ନେଇଯିବାରୁ ୨ ଅବୋଧ ଶିଶୁଙ୍କୁ ନିଷ୍ଠୁର ମାଡ ଖାଇବାକୁ ପଡିଛି। ଅନ୍ୟ କେହି ନୁହେଁ, ନିଜେ ବାପା ୪ ଓ ୮ ବର୍ଷର ଦୁଇ ଶିଶୁପୁତ୍ରଙ୍କୁ ଗଛରେ ବାନ୍ଧି ଅମାନବୀୟ ଭାବେ ପିଟି ଚାଲିଥିଲେ। ଏହାଦେଖି ଗ୍ରାମବାସୀ ପ୍ରତିକ୍ରିୟାଶୀଳ ହୋଇପଡିଥିଲେ। ସାମାନ୍ୟ ଘଟଣା ନେଇ ଦୁଇଶିଶୁଙ୍କୁ ଅନୁଶାସନ ଆଳରେ ନିର୍ଯାତନା ଦିଆଯାଉଥିବାରୁ ସେମାନେ ଏହାକୁ ବିରୋଧ କରିଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ଥାନାକୁ ଖବର ଦେବା ସହ ପିଲାଦ୍ୱୟଙ୍କୁ ଉଦ୍ଧାର କରିଥିଲେ। ରବିବାର ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଜୟରାମପୁର ଅଞ୍ଚଳରେ। ଗ୍ରାମବାସୀଙ୍କଠାରୁ ଖବରପାଇ ଭୋଗରାଇ ଥାନା ପୋଲିସ ପହଞ୍ଚି ଦୁଇ ଶିଶୁପୁତ୍ର ଓ ତାଙ୍କ ମାତାପିତାଙ୍କୁ ଥାନାକୁ ଧରିନେଇ ପଚରାଉଚୁରା କରିଥିଲା। ପିଲାଙ୍କ ମାତାପିତା ସେଠାରେ ମତ ବଦଳାଇ ନିଷ୍ଠୁର ଭାବେ ମାଡ ମାରି ନ ଥିବା କହିଥିଲେ। ବାଲିଆପାଳ ଚାଇଲ୍ଡଲାଇନ୍‌ର ସଦସ୍ୟ ପ୍ରଶାନ୍ତ ସାହୁ ପହଞ୍ଚି ଏହି ମାତାପିତା ଓ ଦୁଇ ଶିଶୁପୁତ୍ରଙ୍କ ବୟାନ ରେକର୍ଡ଼ କରିଥିଲେ। ପୁଅଦ୍ୱୟଙ୍କୁ ଆଉ ଅମାନବୀୟ ଭାବେ ମାଡ଼ ମାରିବେ ନାହିଁ ବୋଲି ମାତାପିତା ଲିଖିତ ପ୍ରତିଶ୍ରୁତି ଦେଇ ଥାନାରୁ ମୁକୁଳିଥିଲେ। ଏ ସମ୍ପର୍କରେ ଭୋଗରାଇ ଆଇଆଇସି ନରେନ୍ଦ୍ର କୁମାର ଦାସଙ୍କୁ ପଚାରିବାରୁ ଥାନାରେ କେହି କିଛି ଅଭିଯୋଗ କରି ନ ଥିବା କହିଛନ୍ତି।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



# ମହାରାଷ୍ଟ୍ରରେ ପ୍ରବଳ ବର୍ଷା: ୫ ମୃତ

ମୁମ୍ବାଇ,୪।୮(ଆଇଏଏନ୍ଏସ୍)



- ଉଦ୍ଧାର କାର୍ଯ୍ୟରେ ବାୟୁସେନା ଓ ଏନ୍‌ଡିଆର୍‌ଏଫ୍ ଟିମ୍
- ମୁମ୍ବାଇରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ
- ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ

ମହାରାଷ୍ଟ୍ରରେ ଦୁଇଦିନ ହେଲା ପ୍ରବଳ ବର୍ଷା ଲାଗି ରହିଥିବାବେଳେ ମୁମ୍ବାଇ ଓ ସତାରାରେ ୫ ଜଣଙ୍କର ମୃତ୍ୟୁ ଘଟିଛି। ବିଭିନ୍ନ ଅଞ୍ଚଳରେ ବନ୍ୟାପାଣି ଘେରରେ ରହିଯାଇଥିବା ଲୋକଙ୍କୁ ବାୟୁସେନା ହେଲିକପ୍ଟର ସହାୟତାରେ ଉଦ୍ଧାର କରାଯାଇଛି। ୪୦୦ରୁ ଅଧିକ ଲୋକ ମୁମ୍ବାଇ ଆଖପାଖ ଅଞ୍ଚଳରେ ବନ୍ୟାପାଣି ଘେରରେ ଫସିରହିଛନ୍ତି। ଉଦ୍ଧାର କାର୍ଯ୍ୟରେ ବାୟୁସେନା ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ନିୟୋଜିତ କରାଯାଇଛି। ଶାନ୍ତାକ୍ରୁଜ୍ ଅଞ୍ଚଳରେ ବଜ୍ରପାତରେ ମାଆପୁଅଙ୍କ ମୃତ୍ୟୁ ହୋଇଥିବାବେଳେ ଧରାବୀରେ ଜଣେ ଯୁବକ ଭାସିଯାଇଛନ୍ତି। ପୁଣେରେ ଡ୍ରେନପାଣିରେ ଭାସିଯାଇ ଦୁଇଜଣଙ୍କ ମୃତ୍ୟୁ ହୋଇଛି।

ଶନିବାର ରାତିସାରା ପ୍ରବଳ ବର୍ଷା ଫଳରେ ମହାନଗରୀ ସମେତ ଆଖପାଖ ଅଞ୍ଚଳରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ରବିବାର ସକାଳେ ଟ୍ରେନ୍ ଓ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ପାଲଘର ଜିଲାରେ ଜଣେ ୧୬ ବର୍ଷର ନାବାଳକ ବନ୍ୟାପାଣିରେ ଭାସିଯାଇଛି। କ୍ରମାଗତ ଦୁଇଦିନ ଧରି ବର୍ଷା ଲାଗି ରହିବା ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଠାଣେ, ପାଲଘର ଜିଲା ଓ ନଭି ମୁମ୍ବାଇ ସହରରେ ଦୁଇଦିନ ଧରି ଅବାରିତ ବର୍ଷା ଫଳରେ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ିପଡ଼ିଛି। ୨୪ ଘଣ୍ଟାରେ ମୁମ୍ବାଇରେ ୧୦୦ ମିଲିମିଟର ବର୍ଷା ହୋଇଥିବାବେଳେ ଠାଣେ ଓ ନଭି ମୁମ୍ବାଇରେ ୨୫୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି। ବିଭିନ୍ନ ରୁଟ୍‌ରେ ଲୋକାଲ ଟ୍ରେନ୍ ଚଳାଚଳ ବାତିଲ ଯୋଗୁ ଦୈନନ୍ଦିନ ଯାତ୍ରୀ ଅଫିସ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ରେଳଲାଇନ୍ ବର୍ଷାପାଣିରେ ବୁଡ଼ି ରହିଛି। ପୁଣେ-ମୁମ୍ବାଇ ଲାଇନରେ ମଧ୍ୟ ଟ୍ରେନ ଚଳାଚଳ ବନ୍ଦ ରହିଛି। ଦୂରନ୍ତ, କୋଣାର୍କ ଏକ୍ସପ୍ରେସ୍, ଅମୃତସର ଏକ୍ସପ୍ରେସ୍, ଦେବଗିରି ଏକ୍ସପ୍ରେସ ଭଳି ଦୂରଗାମୀ ଟ୍ରେନ୍‌ଗୁଡିକ ବିଭିନ୍ନ ସ୍ଥାନରେ ଅଟକି ରହିଛି। ବର୍ଷା ସାଙ୍ଗକୁ ଜୋରରେ ପବନ ବହିବା ଫଳରେ ସମୁଦ୍ରରେ ଉଚ୍ଚ ଜୁଆର ଆସିଛି। ଯାହା ଫଳରେ ବର୍ଷାପାଣି ନିଷ୍କାସନରେ ସମସ୍ୟା ସୃଷ୍ଟି ହୋଇଛି। ମିଠି ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ବିପନ୍ନମାନଙ୍କୁ ରିଲିଫ କ୍ୟାମ୍ପକୁ ନିଆଯାଇଛି। ସେମାନଙ୍କୁ ଖାଦ୍ୟ ପ୍ୟାକେଟ ଓ ପାଣି ଯୋଗାଇ ଦିଆଯାଇଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି। ବାର୍ଭି ଏବଂ ଉଲାସ ନଦୀକୂଳିଆ ଅଞ୍ଚଳର ଲୋକମାନଙ୍କୁ ନିରାପଦ ସ୍ଥାନକୁ ଚାଲିଯିବା ପାଇଁ ଠାଣେ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଠାଣେ, ରତ୍ନଗିରି ଓ ପୁଣେରେ ସୋମବାର ସ୍କୁଲ କଲେଜ ଛୁଟି କରିଦିଆଯାଇଛି।

■ କଂଗ୍ରେସ ଅଧ୍ୟକ୍ଷ ପଦ

# ଚର୍ଚ୍ଚାରେ ପାଇଲଟ୍, ସିନ୍ଧିଆଙ୍କ ନାମ

ନୂଆଦିଲ୍ଲୀ, ୪।୮(ପି.ଟି.)

ସିଡବ୍ଲୁସି ବୈଠକ ୧୦ରେ ବସିବାକୁ ଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ପଦ ଲାଗି ସବୁଠାରୁ ଚର୍ଚ୍ଚାରେ ଅଛନ୍ତି ଦଳର ବରିଷ୍ଠ ନେତା ସଚିନ୍ ପାଇଲଟ୍ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆ। ମୁମ୍ବାଇ କଂଗ୍ରେସ ମୁଖ୍ୟ ମିଲିନ୍ଦ ଦେଓରା ମଧ୍ୟ ଏହି ଦୁଇ ନେତାଙ୍କ ନାମ ରବିବାର ପ୍ରସ୍ତାବ ଦେଇଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଦଳର ମୁଖ୍ୟ ପଦରେ ଜଣେ ଯୁବ, ଅଭିଜ୍ଞ, ଦକ୍ଷ ଓ ସାଙ୍ଗଠନିକ ଅଭିଜ୍ଞତା ସମ୍ପନ୍ନ ନେତାଙ୍କୁ ବସାଇବା ଲାଗି ପ୍ରସ୍ତାବ ଦେଇଥିବାବେଳେ ଏ ଦୁହିଙ୍କ ପାଖରେ ଏଭଳି ଦକ୍ଷତା ରହିଥିବା ଦେଓରା ପ୍ରକାଶ କରିଛନ୍ତି। ଦଳକୁ ଆଗେଇ ନେବାରେ ଏମାନେ ସକ୍ଷମ ହୋବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏ ଦୁହି ନେତାଙ୍କ ମଧ୍ୟରୁ ଜଣଙ୍କୁ ମଧ୍ୟବର୍ତ୍ତିକାଳୀନ ଅଧ୍ୟକ୍ଷ ପଦ ମିଳିବା ଦରକାର। ପରେ ଦଳରେ ନିର୍ବାଚନ କରାଯାଇ ଅଧ୍ୟକ୍ଷ ନିଯୁକ୍ତି କରାଯିବା ସପକ୍ଷରେ ସେ ମତ ଦେଇଛନ୍ତି। ଅଧ୍ୟକ୍ଷ ପଦ ବାଛିବାରେ ବିଳମ୍ବ ହେଲେ ଦଳ ବହୁ କ୍ଷତି ସହିବ ବୋଲି ସେ ପ୍ରକାଶ କରିଛନ୍ତି।

OFFICE OF THE PRINCIPAL
P.S. HIGHER SECONDARY SCHOOL, KOMNA
Dist- Nuapada, Odisha- 766106
WALK-IN INTERVIEW
Lecturer and Accountant required for P.S.H.S. School, Komna, Dist.- Nuapada.
Subject:- Odia (55% of above Marks at PG Level)
Accountant:- Accountancy having Computer Knowledge
Date of Interview- 08.08.2019
Contact No- 9437018135
Sd./- Principal cum- Secretary

# ଚୌଦ୍ୱାର ଜେଲ ହେବ ରାଜ୍ୟର ମଡେଲ ଜେଲ: ଗୃହ ରାଷ୍ଟ୍ରମନ୍ତ୍ରୀ

ଚୌଦ୍ୱାର, ୪।୮(ଡି.ଏନ୍.ଏ.)

ଚୌଦ୍ୱାର ମଣ୍ଡଳ କାରାଗାରକୁ ରାଜ୍ୟର ଏକ ମଡେଲ କାରାଗାରରେ ପରିଣତ କରାଯିବ। ଜେଲରେ ଥିବା ସମସ୍ୟାଗୁଡ଼ିକର ସମାଧାନ କରାଯିବ। ୧ ସପ୍ତାହ ଭିତରେ ଜେଲ୍ ଉଚ୍ଚ କର୍ତ୍ତୃପକ୍ଷ, ସମସ୍ତ ଉନ୍ନୟନ ବିଭାଗର ପଦସ୍ଥ ଅଧିକାରୀଙ୍କୁ ନେଇ ଉଚ୍ଚସ୍ତରୀୟ ବୈଠକ ଡକାଯାଇ ଜେଲର ସମସ୍ୟାଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ସେ ରବିବାର ଚୌଦ୍ୱାର ଜେଲ ପରିଦର୍ଶନରେ ଆସି ସମସ୍ତ ୱାର୍ଡ଼ ବୁଲି ଦେଖିବା ସହ ଅନ୍ତେବାସୀମାନଙ୍କ ସହିତ କଥା ହୋଇ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଜେଲରେ ଥିବା ତେଲ ଉତ୍ପାଦନ ମିଲ, ଅଟାକଳ, ତନ୍ତଶିଳ୍ପ, ରୋଷଶାଳା, ସ୍ୱାସ୍ଥ୍ୟକେନ୍ଦ୍ର, ଶୌଚାଳୟ, ସାଇକିଆଟ୍ରିକ୍ ୱାର୍ଡ଼, ସଭାଗୃହ ଓ କଏଦୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଉତ୍ପାଦନ ସ୍ଥଳ ବୁଲି ଦେଖିଥିଲେ। ଏଥିସହ ଗୋଟିଏ ଲେଖାଏ ବୃକ୍ଷରୋପଣ କରିବା ପାଇଁ ମନ୍ତ୍ରୀ ମିଶ୍ର କଏଦୀମାନଙ୍କୁ ଶପଥପାଠ କରାଇଥିଲେ। ଜେଲ ପ୍ରତିଷ୍ଠା ଦିନରୁ ରୋଷଶାଳା ଚାଲିଥିବାରୁ ଏହାର ନବୀକରଣ ଜରୁରୀ ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ଜେଲ ଡିଜି ମହେନ୍ଦ୍ର ପ୍ରତାପଙ୍କ ଅଧ୍ୟକ୍ଷତାରେ ଜେଲ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ମିଶ୍ର କହିଥିଲେ, ଜେଲ ଏକ ସୁଧାର ଗୃହ। ଏଠାକୁ ଆସୁଥିବା କଏଦୀମାନେ ନିଜକୁ ସୁଧାରିବା ସହିତ ଭଲ ମଣିଷ ହୋଇ ସମାଜ ପାଇଁ ଭଲକାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୭ ଜଣ କଏଦୀଙ୍କୁ ମନ୍ତ୍ରୀ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଦୀର୍ଘବର୍ଷ ହେବ ପ୍ରି ମାଚ୍ୟୁଅର ବୋର୍ଡ ବସି ନ ପାରିବା ହେତୁ କେତେଜଣ କଏଦୀ ଜେଲରୁ ମୁକୁଳି ପାରୁନାହାନ୍ତି। ତେଣୁ ଏ ଦିଗରେ ପଦକ୍ଷେପ ନେବା ପାଇଁ କେତେଜଣ କଏଦୀ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ତୁରନ୍ତ ଏଦିଗରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟର ବିଭିନ୍ନ ଜେଲରୁ ଆସିଥିବା ଉତ୍ପାଦ ସାମଗ୍ରୀଗୁଡ଼ିକର ଏକ ପ୍ରଦର୍ଶନୀକୁ ମନ୍ତ୍ରୀ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଜେଲ ଡିଆଇଜି ଗୋପବନ୍ଧୁ ମଲ୍ଲିକ, ଡିସିପି ଅଖିଳେଶ୍ୱର ସିଂ, ଜେଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ ବେହେରା, ଜେଲର ହେମନ୍ତ ସେଠୀ, ଜେଲ କମିଟି ସଦସ୍ୟ ଶୁଭେନ୍ଦୁ ସାମଲଙ୍କ ସମେତ ରାଜ୍ୟରେ ଥିବା ୧୯ଟି ଜେଲ୍‌ର ଜେଲର ଉପସ୍ଥିତ ଥିଲେ।



ଚୌଦ୍ୱାର ଜେଲ ପରିଦର୍ଶନ କରୁଛନ୍ତି ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର।

# କୂଅରେ ପଡି ଶିଶୁ ମୃତ

ଦେବଗଡ଼/ବାରକୋଟ, ୪।୮(ଡି.ଏନ.ଏ)- ଦେବଗଡ଼ ଜିଲା ବାରକୋଟ ବ୍ଲକ ବଳମ ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି । କୂଅରେ ପଡି ଜଣେ ୫ ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ବଳମ ହରିଜନସାହିର ରଞ୍ଜନ ପାତ୍ରଙ୍କ ଝିଅ କେତକୀ ରବିବାର ସକାଳେ ଘର ଅଗଣାରେ ଖେଳୁଥିବାବେଳେ ହଠାତ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ ଦୀର୍ଘ ସମୟ ପର୍ଯ୍ୟନ୍ତ ସନ୍ଧାନ ପାଇ ନ ଥିଲେ। ସନ୍ଦେହ କରି ମଧାହ୍ନରେ ଘର ନିକଟସ୍ଥ କୂଅରୁ ପାଣିପମ୍ପ ଯୋଗେ ଜଳ ନିଷ୍କାସନ କରାଯାଇଥିଲା। ସେଥିରୁ କେତକୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।




GAYATRI GROUP OF INSTITUTION
Gayatri Vihar, Jamadarpali, Sambalpur
ADMISSION OPEN
GAYATRI COLLEGE OF PHYSIOTHERAPY
BPT
(Bachelor of Physiotherapy)
Recognised by Govt. of Odisha, H&FW Dept & (Affiliated to Sambalpur University) Eligibility: +2 Science Pass
GAYATRI COLLEGE OF PARAMEDICAL SCIENCE
DMLT
(Diploma in Medical Laboratory Technology, Only Govt. Recognized Institute in Sambalpur)
Eligibility: +2 Science with PCB
GAYATRI COLLEGE OF PHARMACY
D.Pharm B.Pharm
M.Pharm Ph.D
Eligibility: +2 Science Pass/ (PCB/PCM/ PCIT with 45% and a valid rank of OJEE/JEE (Main)/ NEET for B. Pharm)
CONTACT ADMISSION CELL
7978497929, 9861249377 (PHARMACY) 8249598936- (DMLT),7982724451, 7381578301 (PHYSIOTHERAPY)





ଯେତେଦିନ ପର୍ଯ୍ୟନ୍ତ ତୁମେ ବଞ୍ଚିଛ, କିପରି ବଞ୍ଚିବାକୁ ହୁଏ ଶିକ୍ଷା କର।
- ସେନେକା


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ତିତ୍‌ଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ବ୍ୟାଙ୍କରେ ବେଆଇନ ନିଯୁକ୍ତି ପ୍ରସଙ୍ଗ

# ମେହବୁବାଙ୍କୁ ଏସିବି ନୋଟିସ

ଶ୍ରୀନଗର, ୪।୮(ପି.ଟି.): ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି(ପିଡିପି) ମୁଖ୍ୟ ମେହବୁବା ମୁଫ୍‌ତିଙ୍କୁ ଦୁର୍ନୀତି ବିରୋଧୀ ସଂସ୍ଥା(ଏସିବି) ପକ୍ଷରୁ ରବିବାର ନୋଟିସ ଜାରି କରାଯାଇଛି। ଜମ୍ମୁ-କଶ୍ମୀର ବ୍ୟାଙ୍କରେ ବେଆଇନ ନିଯୁକ୍ତି କରାଯାଇଥିବା ଘଟଣା ସାମ୍ନାକୁ ଆସିବା ପରେ ନିଜ ସ୍ଥିତି ସ୍ପଷ୍ଟ କରିବାକୁ ତାଙ୍କୁ କୁହାଯାଇଛି। ପୂର୍ବରୁ ଏନ୍‌ଆଇଏ ପକ୍ଷରୁ ବିଧାୟକ ଇଞ୍ଜିନିୟର ରସିଦଙ୍କୁ ଏହି ଘଟଣାରେ ଅଟକ ରଖାଯାଇଛି।

ଜମ୍ମୁ-କଶ୍ମୀର ବ୍ୟାଙ୍କ ଅଧ୍ୟକ୍ଷ କେତେକ ମନ୍ତ୍ରୀଙ୍କ ସୁପାରିସ୍ କ୍ରମେ ନିଯୁକ୍ତି ଦେଇଥିବା ଜଣାପଡ଼ିଛି। ସରକାରରେ ଥିବାବେଳେ ତାଙ୍କ ସମ୍ମତି ଓ ସହଯୋଗରେ ଏଭଳି ଘଟଣା ଘଟିଛି କି ନାହିଁ, ସେ ସମ୍ପର୍କରେ ଜଣାଇବାକୁ ଏସିବି କହିଛି। ସେପଟେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ ବୋଲି ମେହବୁବା କହିଛନ୍ତି। ଜମ୍ମୁ-କଶ୍ମୀର ଉପରୁ ଧ୍ୟାନ ହଟାଇବା ଲାଗି ଏଭଳି କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ରାଜ୍ୟର ସ୍ଥିତି ନେଇ ବିଚ୍ଛିନ୍ନତାବାଦୀଙ୍କ ସହ ସର୍ବଦଳୀୟ ବୈଠକ ଡକାଯାଇଥିବାବେଳେ ଏହାକୁ ଭଣ୍ଡୁର କରିବା ଲାଗି ଉଦ୍ୟମ କରାଯାଉଥିବା ମେହବୁବା କହିଛନ୍ତି।

# ନେମାଳ ମଠରୁ ଭକ୍ତଙ୍କୁ ଅପହରଣ

ନିଶ୍ଚିନ୍ତକୋଇଲି/ନେମାଳ,୪।୮ (ସ୍ୱ.ପ୍ର./ଡି.ଏନ.ଏ.)

କଟକ ଜିଲା ନେମାଳ ଥାନା ଅଧୀନ ମହାପୁରୁଷ ଅଚ୍ୟୁତାନନ୍ଦ ମଠ ପରିସରରୁ ରବିବାର ମଧ୍ୟାହ୍ନରେ ଭୁବନେଶ୍ୱର ଭୀମଟାଙ୍ଗି ଅଞ୍ଚଳର ଭକ୍ତ ଶୁଭେନ୍ଦୁ ମହାପାତ୍ରଙ୍କୁ ଅପହରଣ କରାଯାଇଛି। ପୋଲିସ ବେଶରେ ୬ ଅଚିହ୍ନା ଯୁବକ ଆସି ତାଙ୍କୁ ଏକ ସ୍କର୍ପିଓ ଗାଡ଼ିରେ ନେଇଯାଇଛନ୍ତି। ଏନେଇ ଶୁଭେନ୍ଦୁଙ୍କ ସ୍ତ୍ରୀ ଲୋପାମୁଦ୍ରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ନଂ-୬୬/୧୯ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଥାନାଠାରୁ ୧୦୦ ମିଟର ଦୂରରେ ଏହି ଘଟଣା ଘଟିଥିବାରୁ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ଶୁଭେନ୍ଦୁ ତାଙ୍କ ସ୍ତ୍ରୀ ଲୋପାମୁଦ୍ରା ଓ ଦୁଇ ନାବାଳିକା କନ୍ୟାଙ୍କ ସହ ଅଚ୍ୟୁତାନନ୍ଦଙ୍କୁ ଦର୍ଶନ କରିବା ନିମନ୍ତେ କାର୍ ଯୋଗେ ଆସିଥିଲେ। ଦର୍ଶନ ସାରି ଫେରିବା ସମୟରେ ତାଙ୍କ ନିକଟରେ ଏକ ସାଧାକାଗଜରେ ଜାଲ ନମ୍ବର ଲେଖାଥିବା ସ୍କର୍ପିଓ ଗାଡି ଲାଗିଥିଲା। ଗାଡିରେ ପୋଲିସ ପୋଷାକ ପିନ୍ଧି ଆସିଥିବା ସମ୍ପୃକ୍ତ ଯୁବକମାନେ ଶୁଭେନ୍ଦୁଙ୍କୁ ଜବରଦସ୍ତ ତାଙ୍କ ଗାଡି ଭିତରକୁ



ଶୁଭେନ୍ଦୁ ମହାପାତ୍ର

ଟେକି ନେଇଥିଲେ। ଏହାଦେଖି ପୀଠ ପରିସରରେ ଥିବା ଲୋକେ ଦୌଡିଆସି ପଚାରିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ବହୁ ମାମଲା ରହିଛି। ଆମେ ତାଙ୍କୁ ଗିରଫ କରି ଥାନାକୁ ନେଉଛୁ ବୋଲି କହି ସମ୍ପୃକ୍ତ ଯୁବକମାନେ ଦ୍ରୁତଗତିରେ ଗାଡି ନେଇ ପଳାଇଥିଲେ। ଘଟଣା ପ୍ରଚାରିତ ହେବା

### ■ ପୋଲିସ ବେଶରେ ଆସିଥିଲେ ୬ ଯୁବକ

କ୍ଷଣି ଶହଶହ ଲୋକ ରୁଣ୍ଡ ହୋଇଥିଲେ। ଖବର ପାଇ ନେମାଳ ଥାନା ପୋଲିସ ପହଞ୍ଚି ସେଠାରେ ପଡ଼ିଥିବା କାଗଜ ଲେଖା ନକଲି ନମ୍ବର ପ୍ଲେଟକୁ ଜବତ କରିଥିଲା। ଖବର ଲେଖା ହେବା ବେଳକୁ ପୋଲିସ ଅପହରଣକାରୀଙ୍କ ସମ୍ପର୍କରେ କୌଣସି ଟେର ପାଇ ନ ଥିଲା। ସେହିପରି ଶୁଭେନ୍ଦୁଙ୍କ ମଧ୍ୟ ପତ୍ତା ମିଳି ପାରିନାହିଁ। ଶୁଭେନ୍ଦୁ ପ୍ରଥମେ ଏଲଆଇସି ଏଜେଣ୍ଟ ଭାବେ କାମ କରୁଥିଲେ। ପରେ ଜଣେ ଠିକାଦାରଙ୍କ ନିକଟରେ ଚାକିରି କରିଥିଲେ। ଏହାପରେ ଚାକିରିଛାଡ଼ି ଠିକାଦାରୀ କରିବା ସହ ଜମିବାଡି ପ୍ଲଟିଂକରି ବିକ୍ରି କରୁଥିଲେ। ଏଥିସହିତ ଚାକିରି କରାଇଦେବା ପାଇଁ ମଧ୍ୟସ୍ଥତା କରୁଥିଲେ ବୋଲି ଜଣାପଡ଼ିଛି। ତେବେ କାହାକୁ ସେ ଠକି ଥିବାରୁ ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ଅପହରଣ କରିଥିବା ପୋଲିସ ସନ୍ଦେହ କରୁଛି। ଅଚ୍ୟୁତାନନ୍ଦଙ୍କ ପୀଠକୁ ଦୈନିକ ବିଭିନ୍ନ ପ୍ରାନ୍ତରରୁ ଭକ୍ତ ଆସୁଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି।

## ଆଜି କ'ଣ କେଉଁଠି

**ସୁବର୍ଣ୍ଣପୁର**

■ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଓ କୃଷି ସମାଧାନ ଶିବିର, ଜିଲାପାଳଙ୍କ ପ୍ରକୋଷ୍ଠ, ପୂର୍ବାହ୍ନ ୧୦ଟା।

■ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ପୂର୍ବାହ୍ନ ସାଢେ ୧୦ଟା ।

**ସୁନ୍ଦରଗଡ**

■ଜାତୀୟ ବିଜ୍ଞାନ କଂଗ୍ରେସର ଜିଲାସ୍ତରୀୟ ଶିକ୍ଷକ ତାଲିମ ଶିବିର, ଭବାନୀ ଶଙ୍କର ହାଇସ୍କୁଲ, ପୂର୍ବାହ୍ନ ୧୦।୩୦।

**ଦେବଗଡ଼**

■ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ପୌରପରିଷଦ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

■ଜଣାଅଜଣା (କୁଇଜ) ପ୍ରତିଯୋଗିତା, ମହାବିଦ୍ୟାଳୟର ସ୍ତର, ବାଲଭାରତୀ ଇଂଲିଶ ମିଡ଼ିୟମ ସ୍କୁଲ, ପୂର୍ବାହ୍ନ ୧୧ଟା।

# କୋଟିଏ ଟଙ୍କାର ଗୁଟ୍‌ଖା ଜବତ

ବ୍ରହ୍ମପୁର ଅଫିସ,୪।୮

ବ୍ରହ୍ମପୁର ସଦର ଥାନା ପୋଲିସ ୨ଟି ବଡ ଧରଣର ଗୁଟ୍‌ଖା କାରଖାନା ଉପରେ ଚଢାଉ କରି କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଗୁଟ୍‌ଖା ଜବତ କରିଛି। ଶନିବାର ରାତି ତମାମ ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ଥାନାଧିକାରୀ ଭାବନାନନ୍ଦ ପ୍ରଧାନ ଓ ତାଙ୍କ ଟିମ୍ ବୋରିଗାଁ ଏବଂ ଭୂତପଲ୍ଲୀରେ ଥିବା ୨ଟି ଗୁଟ୍‌ଖା କାରଖାନାରେ ଚଢାଉ କରି ପ୍ରାୟ ୪ ଟ୍ରକ ଗୁଟ୍‌ଖା, ପ୍ୟାକିଂ ମେଶିନ ଓ ପଲିଥିନ ଜରି ଆଦି ଜବତ କରିଛନ୍ତି। ବେଆଇନ ଭାବେ ଏହି କାରବାର ଚଳାଇଥିବା ବାପପୁଅଙ୍କ ସମେତ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ନଂ.୧୯୪/୧୯ ଓ ୧୯୫/୧୯ରେ କାଳୁପାତ୍ର ସାହିର ନାରୁ ଓରଫ ନାରାୟଣ ସାହୁ, ତାଙ୍କ ପୁଅ କିଷାନ ଓ ଅନ୍ୟ ଜଣେ ବେପାରୀ ଶରତ ସାହୁଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ଡିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ନାରାୟଣ ମହେଶ ନାମକ ଏକ ବ୍ରାଣ୍ଡର ସାଦା ପୁଡ଼ିଆ ପ୍ରସ୍ତୁତ କରିବା ପାଇଁ ଲାଇସେନ୍ସ ପାଇଥିଲେ। କିନ୍ତୁ ସେ ତାହା ନ କରି ତା' ବଦଳରେ ସେଠାରେ ବେଆଇନ ଭାବେ ଗୁଟ୍‌ଖା ପ୍ରସ୍ତୁତ କରୁଥିଲେ ବୋଲି ଜେରା ବେଳେ ପୋଲିସ ଜାଣିବାକୁ ପାଇଛି।

### କିଛି ତଥ୍ୟ

ବର୍ତ୍ତମାନ ସାରା ଦେଶରେ ୩.୫ ଲକ୍ଷ କମନ ସର୍ଭିସ ସେଣ୍ଟର କାର୍ଯ୍ୟ କରୁଛି।

– ଇଲେକଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ

# କିରାଣି ନୁହେଁ, ଅଧିକାରୀ ବୋଲି କୁହାଯାଉ

### ସଚିବାଳୟ ସଂଘର ଅନୁରୋଧ

ଭୁବନେଶ୍ୱର,୪।୮(ବ୍ୟୁରୋ)

ରାଜ୍ୟ ସଚିବାଳୟରେ ନିକଟରେ ବ୍ୟାପକ ସଂଖ୍ୟାରେ ସହକାରୀ ଉପବିଭାଗ ଅଧିକାରୀ(ଏଏସ୍‌ଓ)ଙ୍କ ନିଯୁକ୍ତି କରାଯାଇଛି। ହେଲେ ସାଧାରଣରେ ତଥା କେତେକ ଗଣମାଧ୍ୟମରେ ଅଧିକାରୀଙ୍କୁ 'କିରାଣି' ବୋଲି ଉଲ୍ଲେଖ କରାଯାଉଛି। ତେଣୁ ସଚିବାଳୟ ସେବା ବର୍ଗର ଅଧିକାରୀଙ୍କ ପଦ, ଗରିମା ଓ ସ୍ୱାଭିମାନକୁ ଆଘାତ ହୋଇଥିବା ସଂଘ ଅନୁଭବ କରିଛି। ଏ ସଂକ୍ରାନ୍ତରେ ସଂଘ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇ ଅଧିକାରୀମାନଙ୍କୁ କିରାଣି ସମ୍ବୋଧନ ନ କରିବା ପାଇଁ ଅନୁରୋଧ କରାଯାଇଛି। ସଚିବାଳୟ ସେବା ସଂଘର ସମ୍ପାଦକ ବିବେକାନନ୍ଦ ସାମଲ କହିଛନ୍ତି ଯେ, ସଚିବାଳୟରେ କିରାଣି ନୁହେଁ, ପୂର୍ବରୁ ସହାୟକ ପଦବୀ ରହିଥିଲା। ୨୦୦୮ରେ ସରକାରଙ୍କ ପକ୍ଷରୁ ସଚିବାଳୟରେ ଅଧିକାରୀଭିତ୍ତିକ ପ୍ରଶାସନ ପ୍ରଚଳନ କାଳରେ 'ସହକାରୀ ଉପବିଭାଗ ଅଧିକାରୀ' ପଦ ସୃଷ୍ଟି କରାଯାଇଥିଲା। ତେଣୁ କିରାଣି ଶବ୍ଦ ବ୍ୟବହାର ଯଥାର୍ଥତା ମନେ ହୁଏନାହିଁ।

ପ୍ରଥମ ପୃଷ୍ଠାରୁ...

## 'ବଂଶୀ'କୁ ଭେଦ...

ଏହା ମଧ୍ୟ ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଥିଲା। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରର ବ୍ୟବହାରିକ ପରୀକ୍ଷଣ ବେଳେ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ (ଡିଆରଡିଓ)ର ବିଶେଷଜ୍ଞ ଓ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ।

'କ୍ୟୁଆର୍‌ଏସ୍‌ଏମ୍' ୨୫ରୁ ୩୦ କି.ମି. ଦୂରତା ଯାଏ ଟାର୍ଗେଟ୍‌କୁ ଲକ୍ଷ୍ୟଭେଦ କରିବା କ୍ଷମତା ରଖିଛି। ଭାରତୀୟ ସେନାର ସାମରିକ କ୍ଷମତା ବଢାଇବାରେ ଏହା ଯଥେଷ୍ଟ ସହାୟକ ହୋଇପାରିବ ବୋଲି ଡିଆରଡିଓ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କ୍ଷେପଣାସ୍ତ୍ରର ପ୍ରଥମ ପରୀକ୍ଷଣ ୨୦୧୭ ଜୁନ୍ ୪ରେ କରାଯାଇଥିଲା। ୨୦୧୭ ଜୁଲାଇ ୩ରେ ୨ୟ ଏବଂ ୨୦୧୯ ଫେବୃୟାରୀ ୨୬ ତାରିଖରେ ୩ୟ ପରୀକ୍ଷଣ ହୋଇଥିଲା। ଡିଆରଡିଓ ପକ୍ଷରୁ ନିର୍ମିତ ଏହି କ୍ଷେପଣାସ୍ତ୍ର ଲଞ୍ଚପ୍ୟାଡ ବିନା ଟ୍ରକ ଭଳି ଯାନରୁ ସହଜରେ ଶତ୍ରୁପକ୍ଷ ଉପରକୁ ନିକ୍ଷେପ କରାଯାଇପାରିବ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି।

### ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

'କ୍ୟୁଆର୍‌ଏସ୍‌ଏମ୍'ର ସଫଳ ପରୀକ୍ଷଣ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଟୁଇଟ୍ କରି ଡିଆରଡିଓ ଏବଂ ସ୍ଥଳସେନା ଏଜିଡି-ପିଆଇଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପରୀକ୍ଷଣ ଆଗାମୀ ଦିନରେ ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ଆହୁରି ସୁଦୃଢ କରିବ ବୋଲି ସେ କହିଛନ୍ତି।

## ପାଣି ପାଇଁ...

କରୁଛନ୍ତି। ତହସିଲଦାର ଅନୁପସ୍ଥିତ ଥିବାରୁ ଅତିରିକ୍ତ ତହସିଲଦାର ଆକାଶ ରଞ୍ଜନ ସାହୁ ଶାନ୍ତି ପ୍ରତିଷ୍ଠା ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି। ସାଗର ଗ୍ରାମର ଶରତ ପ୍ରଧାନ କୁହନ୍ତି, ଏହି ଘଟଣା ପାଇଁ ତହସିଲଦାର ରାଜକିଶୋର ଜେନା ଦାୟୀ। ସାଗର ଗ୍ରାମବାସୀ ଏହି ବନ୍ଧରୁ ପ୍ରାୟ ୫୦ ବର୍ଷଧରି ପାଣି ଆଣି ଚାଷ କରୁଛନ୍ତି। ମାତ୍ର ତହସିଲଦାର ଏକ ପାଖିଆ ଭାବେ ନିଷ୍ପତ୍ତି ନେବାରୁ ଏହି ସଂଘର୍ଷର ସୂତ୍ରପାତ ହୋଇଛି। ସେହିପରି ପାଞ୍ଚଗୋଛିଆ ଗ୍ରାମର ଶରତ ନାଏକଙ୍କ ସହ ଗ୍ରାମବାସୀ ମଧ୍ୟ ପ୍ରଶାସନ ଉପରେ ଦୋଷ ଲଦିଛନ୍ତି। ତହସିଲଦାର ଜେନା ଉଭୟ ଗ୍ରାମବାସୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଷଷ୍ଠସ୍ଥ ଚନ୍ଦ୍ର ପ୍ରଭାବରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ ଶିଥିଳତା ଦେଖାଦେବ। ଆବଶ୍ୟକତା ଅନୁଭବ କରି ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** ଚନ୍ଦ୍ରଙ୍କ ଏକାଦଶସ୍ଥ ଗ୍ରହମାନେ ଆପଣଙ୍କ ଆବଶ୍ୟକତା ପୂରଣ କରିବାରେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବେ। ଦୀର୍ଘଦିନରୁ ପରିକଳ୍ପନା କରିଥିବା ନୂତନ ଯୋଜନା ପାଇଁ ପରିବାରରୁ ସହଯୋଗ ମିଳିବ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ କରି ଆତ୍ମସନ୍ତୋଷ ପାଇବେ। କିନ୍ତୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ** ରାହୁଙ୍କ କୁପ୍ରଭାବରେ ବିଭିନ୍ନ ପ୍ରକାର ଅଭାବ ଅନଟନ ମାନସିକ ଶାନ୍ତିକୁ ନଷ୍ଟ କରିପାରେ। ପାରିବାରିକ ସମସ୍ୟା କ୍ରମଶଃ ବଢ଼ିଯାଉଥିବାରୁ ମନର ଦୁଃଖକୁ ଲୁଚାଇ ରଖି ବନ୍ଧୁମାନଙ୍କ ସମ୍ମୁଖରେ ହସି ହସି ବାର୍ତ୍ତାଳାପ କରିପାରନ୍ତି। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**କର୍କଟ** ରାଜଯୋଗ କାରଣରୁ ଦୀର୍ଘଦିନରୁ ଆଶା କରିଥିବା ଦିଗରୁ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆନୁଷ୍ଠାନିକ ଅଥବା ପ୍ରଶାସନିକ ସ୍ତରରେ ଏପରି କି ଶିଳ୍ପ, ବାଣିଜ୍ୟରେ ମଧ୍ୟ ପ୍ରତିବନ୍ଧକକୁ ଦୂରେଇବାରେ ସମର୍ଥ ହେବେ। ଆକସ୍ମିକ ସ୍ଥାନାନ୍ତର ସୂଚନା ମନକୁ ଭାରାକ୍ରାନ୍ତ କରିପାରେ।

**ସିଂହ** କର୍ମକ୍ଷେତ୍ର ପ୍ରତି ଶନି ଓ ରାହୁଙ୍କ କୁପ୍ରଭାବଜନିତ ସମସ୍ୟା ଓ ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଚନ୍ଦ୍ର ପ୍ରଭାବରେ ବନ୍ଧୁମାନଙ୍କୁ ମଧୁର ବାକ୍ୟ କହି କାର୍ଯ୍ୟ ହାସଲ କରିନେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିପାରନ୍ତି। ଯାତ୍ରା, କ୍ରୀଡ଼ା ଓ ବିବାଦୀୟ କ୍ଷେତ୍ର ତଥା ପ୍ରତିଯୋଗିତାରେ କିନ୍ତୁ ସଫଳତା ପାଇପାରନ୍ତି।

**କନ୍ୟା** ଚନ୍ଦ୍ରଙ୍କ ରାଶ୍ୟାବସ୍ଥାନ ହେତୁ ଯାହା ଚାହୁଁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ହେବନାହିଁ। ପୁରାତନ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ଅଧିକାଂଶ ସମୟ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ନିର୍ମାଣ, ଯୋଗାଯୋଗ, ସଙ୍ଗଠନ ଓ ପ୍ରଶାସନିକସ୍ତର ସମସ୍ୟାମୁକ୍ତ ରହିବ।

**ତୁଳା** ଦ୍ୱାଦଶ ଚନ୍ଦ୍ରଜନିତ କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। କଳା, ସାହିତ୍ୟ, ନୂତନ କାର୍ଯ୍ୟାରମ୍ଭ ଓ ଶିଳ୍ପ, ବ୍ୟବସାୟ, ପରିବହନରେ ଉନ୍ନତି କରିବେ। ଭୁଲ୍ ବୁଝାମଣା ଓ ସନ୍ଦେହ କାରଣରୁ ପାରିବାରିକ ଅଶାନ୍ତି ଦେଖାଦେଇପାରେ।

**ବିଛା** ଶନିଙ୍କ ପ୍ରଭାବଜନିତ ଅତୀତର କୌଣସି ଘଟଣା କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। କର୍ମକ୍ଷେତ୍ରରେ ଶତ୍ରୁତା ପଥରୋଧ କରୁଥିବାର ସନ୍ଦେହ କରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ରାଜନୀତି, ଆନୁଷ୍ଠାନିକ କାର୍ଯ୍ୟ, ନୂତନ ଯୋଜନାରମ୍ଭ ଓ ଦୂରଯାତ୍ରା କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ଧନୁ** ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ପାରିବାରିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। କିନ୍ତୁ ଅଧିକାଂଶ ସମୟ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଯିବାର ଆଶଙ୍କା ରହିଛି।

**ମକର** ମାନସିକ ଦୁଶ୍ଚିନ୍ତାଜନିତ ପରିବାରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। ଅପୂରଣୀୟ ଆଶା କିମ୍ବା ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଅତୀତ ଘଟଣାବଳୀକୁ ବାରମ୍ବାର ମନେ ପକାଇ ଅନ୍ୟମନସ୍କ ହୋଇପାରନ୍ତି। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିଲେ ସମାଲୋଚିତ ହୋଇପାରନ୍ତି।

**କୁମ୍ଭ** ଆଜିର ଅଫିସ କାମ ସମୟରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ପାରିବାରିକ କ୍ଷେତ୍ରରେ କିନ୍ତୁ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇ ପ୍ରଶଂସିତ ହୋଇପାରନ୍ତି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ଟେନ୍‌ସନ ଜମା ଛାଡ଼ିବ ନାହିଁ। ବନ୍ଧୁମାନଙ୍କ ପରାମର୍ଶକୁ ଅନୁଧ୍ୟାନ କରି ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ମନ ଅସ୍ଥିର ରହିପାରେ। ରାଜନୈତିକ ସ୍ଥିତି ପ୍ରତି କୌଣସି ସମସ୍ୟାର ସୁରାକ ପାଇ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ।

ଆଜି ଶ୍ରାବଣ ଶୁକ୍ଳ ୫ମୀ ସୋମବାର, ଅଗଷ୍ଟ ୫ ତାରିଖ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୪୯ମି. ମଧ୍ୟେ ଘ୧।୦୪ମି. ଗତେ, ଘ୨।୪୩ମି. ମଧ୍ୟେ ଘ୪।୪୨ମି. ଗତେ, ଘ୬।୨୧ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୨୭ମି. ଗତେ ଘ୧୦।୨୧ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୦୩ମି. ଗତେ ଘ୮।୪୦ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302

real estate

SALE

Gharabari, boundary, Electricity plot at Bhingarpur, Hanspal. Call: 9937816565, 9937568585. D-13653

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508. D-66753

SUM Hospital ନିକଟରେ ଏବଂ ତମାଣ୍ଡୋ ବଜାର ପଛପଟେ ଘରବାରି plot ମିଳୁଅଛି। 9439864322. D-66752

ଭୁବନେଶ୍ୱର AIIMS Medical ଠାରୁ 500 mtr ଦୂରତାରେ yellowzone ଘରବାରି boundary 30' ରାସ୍ତାଥାଇ sqft- 1850/- ରେ plot ବିକ୍ରିହେବ। 6370292040. D-66746

କଟକ ପିତାପଲ୍ଲୀ bypass କାଟେଣୀ ପାଖରେ ଘରବାରି boundary plot ବିକ୍ରିହେବ। 9778556265. D-66747

Ready to construction BDA yellowzone boundary, Electricity plot near VSS Nagar, Chakeisihani. 7978666923, 7326065426. D-66751

ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି । 9776974912, 8144706560. D-66750

ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft- 400/- outrightରେ ମିଳୁଅଛି। 9348847649, 8249243709. D-66749

Sale of mud (ମାଟି) 20 trucks free clear of area. 8917525377, 9777509408. D-13743

Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363. D-66937

ଭୁବନେଶ୍ୱର ବାଲକାଟିବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-550/- (Spot possession then registration). 9348020724, 7978939440. D-66744

CONSTRUCTION

Construct your dream home with pillar beam and interior design from the experts. Contact: 7008550473. D-13651

GENERAL SALE

Sale of Icecream 200pcs new trays, Bhubaneswar. 8917525377, 9777509408. D-13742

Labrador & German Shepherd puppies for sale. Contact: 8249490842, 8249584100. D-67031

to-let

3BHK 1800 sqft. house near ITER College, Dumduma. Phone- 8179751075. D-66266

2BHK with attached bathroom, dining, drawing, kitchen and poojaroom, giftroom 24hrs water, marble flooring, Tankapani road. Contact: 9338016539. D-66955

Open space for rent at Jaipur Mauja near Pahala, Hanspala, about 18000 sqft. 9853631559, 9338562829. D-13648

Ground floor, 1800 sqft on rent for office / showroom, NH-16, Rasulgarh, Bhubaneswar near "Vishal". 9337766776, 9777156770. D-13775

ACCOMMODATION

Required 1000 sqft road side commercial accommodation on rent. 8249204856. D-59864

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66935

Full body herbal massage with refreshment expert therapist. 7381239385, 06742540855. D-67337

Experience full body massage with us (expert). Call: 7377048581, 06742597822. D-67338

Herbal full body massage by smart / expert therapist. Contact: 8338067247. D-67335

Summer special mesmerizing offer expert therapeutic refreshing massage appointment. 9668374480. D-67336

Physiotherapy full body massage by trained ladies / gents therapist: 7008773793. D-67030

astrology

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13718


### ରାଜନୀତି ବିଜ୍ଞାନରେ ପିଏଚ୍ ଡି.



ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ମୁଖ୍ୟ ପ୍ରବନ୍ଧକ ପଦବୀରୁ ଜାନୁଆରୀ ମାସ ୨୦୧୯ ମସିହାରେ ଅବସରପ୍ରାପ୍ତ ଶ୍ରୀ ଅଭିନ୍ନ ମୋହନ ନନ୍ଦ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁରରୁ ରାଜନୀତି ବିଜ୍ଞାନରେ ପିଏଚ୍ ଡି. ଲାଭ କରିଛନ୍ତି। ସେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ଭଞ୍ଜନଗରର ଅଧ୍ୟକ୍ଷ Dr. Sri Nilanchala Muniଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାର ଶୀର୍ଷକ ଥିଲା - "Mega Projects- A Study of Displacement, Resettlement and Rehabilitation and Social Distributive Justice with Reference to Orissa". ତାଙ୍କ ସନ୍ଦର୍ଭଟି ପରୀକ୍ଷକ Prof. Dr. Deepika Gupta, Vikram University, Ujjain ଏବଂ Prof. Dr. G. Gopal Reddy, Osmania University, Hyderabadଙ୍କ ଦ୍ୱାରା ପରୀକ୍ଷିତ ତଥା ଉଚ୍ଚ ପ୍ରଶଂସିତ ହୋଇଛି। ଡ଼ଃ. ନନ୍ଦ ଭଞ୍ଜନଗର ନିବାସୀ ସ୍ୱର୍ଗତଃ ଗୋବିନ୍ଦ ଚନ୍ଦ୍ର ନନ୍ଦ ଏବଂ ସ୍ୱର୍ଗତଃ କନକଲତା ନନ୍ଦଙ୍କର ଜ୍ୟେଷ୍ଠ ପୁତ୍ର। ସେ ଶ୍ରୀ ଗୌରୀ ଶଙ୍କର ମିଶ୍ର, ଅବସର ପ୍ରାପ୍ତ ଜିଲ୍ଲା ଶିକ୍ଷା ନିରୀକ୍ଷକ, ବାଣୀ ବିହାର, ଆସିକାଙ୍କ ଭଣଜା ଓ ଶ୍ରୀ ସୋମନାଥ ଶତପଥି, ବୀର ଜଗନ୍ନାଥପୁର ଶାସନ, ପୁରୁଷୋତ୍ତମପୁରଙ୍କ ଜାମାତା ଅଟନ୍ତି। ଡ଼ଃ. ନନ୍ଦ ତାଙ୍କର ଏହି ସଫଳତା ପାଇଁ ତାଙ୍କର ସମସ୍ତ ପରିବାରବର୍ଗ, ଶିକ୍ଷକବର୍ଗ ଏବଂ ଶୁଭେଚ୍ଛୁଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିଛନ୍ତି।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

# ବିଧାନସଭାରେ ୩ ବିଧେୟକ ଗୃହୀତ

ଭୁବନେଶ୍ୱର,୪।୮(ବ୍ୟୁରୋ)

- ୨ ସଂଶୋଧନ, ଗୋଟିଏ ବେସରକାରୀ ବିଶ୍ୱବିଦ୍ୟାଳୟ ବିଲ୍
- ପଦାଧିକାରୀ ଦାଖଲ କରିବେ ସମ୍ପତ୍ତି ତାଲିକା
- ଅନୁଦାନ ପାଇଁ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ



ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାନସଭାରେ ଆଗତ ହୋଇଥିବା ୩ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଶନିବାର ଗୃହୀତ ହୋଇଛି। ଏଥି ମଧ୍ୟରେ ଦୁଇଟି ସଂଶୋଧନ ଏବଂ ଗୋଟିଏ ବେସରକାରୀ ବିଶ୍ୱବିଦ୍ୟାଳୟ ସମ୍ପର୍କିତ ବିଧେୟକ ରହିଥିଲା। ଏଗୁଡ଼ିକ ହେଉଛି- ଓଡ଼ିଶା ଲୋକାୟୁକ୍ତ(ସଂଶୋଧନ) ଅଧିନିୟମ-୨୦୧୯, ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଧେୟକ-୨୦୧୯ ଏବଂ ତୃତୀୟଟି ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ଓଡ଼ିଶା ବିଧେୟକ-୨୦୧୯। ଓଡ଼ିଶା ଲୋକାୟୁକ୍ତ ନିୟମ-୨୦୧୪, ଧାରା ୪୪ ଅନୁସାରେ ସରକାରୀ ପଦାଧିକାରୀମାନେ ପ୍ରତିବର୍ଷ ଜୁଲାଇ ୩୧ ସୁଦ୍ଧା ସେମାନଙ୍କ ସମ୍ପତ୍ତି ତାଲିକା କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବାର ନିୟମ ରହିଥିଲା। ଏହି ଘୋଷଣାନାମା ବିଭାଗୀୟ ୱେବ୍‌ସାଇଟରେ ସେହି ବର୍ଷ ଅଗଷ୍ଟ ୩୧ ସୁଦ୍ଧା ପ୍ରଦର୍ଶିତ ହେବା ଆବଶ୍ୟକ ରହିଥିଲା। ଏହି ବ୍ୟବସ୍ଥାରେ ଥିବା ଅସୁବିଧାକୁ ବିଚାରକୁ ନେଇ ଭାରତ ସରକାର ଲୋକପାଳ ଓ ଲୋକାୟୁକ୍ତ ଅଧିନିୟମ-୨୦୧୩କୁ ସଂଶୋଧନ କରିଛନ୍ତି। ତେଣୁ ଓଡ଼ିଶା ସରକାର ୨୦୧୪ର ଧାରା ୪୪ର ପ୍ରତିସ୍ଥାପନ କରିବା ପାଇଁ ବିଚାର କରି ସଂଶୋଧନ ପ୍ରସ୍ତାବ ଦେଇଥିଲେ। ଏହି ବିଧେୟକ ସମ୍ପର୍କିତ ଆଲୋଚନାରେ ଭାଗନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଯୋଡ଼ିବା ପାଇଁ ପ୍ରସ୍ତାବ ରଖିଥିଲେ। ହେଲେ ତାହା କାଟ୍ ଖାଇ ଯାଇଥିଲା। ପ୍ରତିବର୍ଷ ପରି ଅଧିକାରୀମାନେ ନିଜ ସରକାରୀ ଚାକିରି ସରିବା ପରେ ନିଜର ପୂର୍ଣ୍ଣକାଳୀନ ସମ୍ପତ୍ତି ତାଲିକା ପ୍ରଦାନ କରିବା ସହ କିପରି ଉପାୟରେ ଏହା ଅର୍ଜିତ ହୋଇଛି, ତାହା ଜାଣିବା ସଂକ୍ରାନ୍ତରେ ନିୟମ କରିବାକୁ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବିଲ୍ ଆଲୋଚନାରେ ବିଜେଡି ସଦସ୍ୟ ଅମର ଶତପଥୀ, ପ୍ରଫୁଲ୍ଲ ସାମଲ, କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ସେହିପରି ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ବେତନ, ପାରିଶ୍ରମିକ, ଫିଜ୍ କିମ୍ବା ମାନଦେୟ ନିମନ୍ତେ ସରକାରଙ୍କଠାରୁ କୌଣସି ଅନୁଦାନ ପାଇଁ ହକ୍‌ଦାର ହେବ ନାହିଁ ବୋଲି ପୂର୍ବରୁ ନିୟମ ରହିଥିଲା। ହେଲେ ବିଶ୍ୱବିଦ୍ୟାଳୟ ପ୍ରାଥମିକସ୍ତରରେ କର୍ମଚାରୀଙ୍କ ବେତନ ବହନ ସହ ନିଜ ରାଜସ୍ୱ ସୃଷ୍ଟି କରିବାରେ ଅସମର୍ଥ ହେବା ଲକ୍ଷ୍ୟ କରାଯାଇଥିଲା। ତେଣୁ ଏହା ଆତ୍ମନିର୍ଭରଶୀଳ ହେବା ଯାଏ ସରକାର ଆର୍ଥିକ ଅନୁଦାନ ଦେବା ନେଇ ଆସିଥିବା ସଂଶୋଧନ ଗୃହୀତ ହୋଇଛି। ଏ ସମ୍ପର୍କିତ ଆଲୋଚନାରେ ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ, ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ, ପ୍ରଫୁଲ୍ଲ ସାମଲ, କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ଏବଂ ତାରାପ୍ରସାଦ ବାହିନୀପତି ଆଲୋଚନାରେ ଭାଗ ନେଇଥିଲେ। ଅନୁରୂପ ଭାବେ ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ତହସିଲ ଚନ୍ଦକା ଥାନା ଅନ୍ତର୍ଗତ ଏସିଆନ୍ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ଆଗତ ବିଧେୟକକୁ ଗୃହର ମଞ୍ଜୁରୀ ମିଳିଛି। ଏହା ଏକ ବେସରକାରୀ ବିଶ୍ୱବିଦ୍ୟାଳୟ ସମ୍ପର୍କିତ ବିଲ୍ ହୋଇଥିବାରୁ ଏହାକୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ କେତେକ ସଭ୍ୟ ମତ ରଖିଥିଲେ। ଏ ସମ୍ପର୍କିତ ଆଲୋଚନାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସଭ୍ୟ ସୁରେଶ ରାଉତରାୟ ଏବଂ ସନ୍ତୋଷ ସିଂ ସାଲୁଜା, ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ, ବିଜେଡି ସଭ୍ୟ ପ୍ରତାପ କେଶରୀ ଦେବ ଏବଂ ଦେବୀପ୍ରସାଦ ମିଶ୍ର ପ୍ରମୁଖ ଭାଗନେଇଥିଲେ। ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ସଂଶୋଧନ ଏବଂ ଏଏସ୍‌ବିଏମ୍ ବିଧେୟକ ସମ୍ପର୍କିତ ଆଲୋଚନା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ବକ୍ତବ୍ୟ ରଖିଥିଲେ। ସେହିପରି ଲୋକାୟୁକ୍ତ ଆଇନ ସମ୍ବନ୍ଧୀୟ ସଂଶୋଧନ ଆଲୋଚନା ଉପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉତ୍ତର ରଖିଥିଲେ।

## ଜିଲା ଚିଠି ରାୟଗଡ଼ା



### ଈଶ୍ୱର ଭରସା

ଅବିଭକ୍ତ କୋରାପୁଟ ଜିଲାରୁ ଭାଗ ହୋଇ ୧୯୯୨ରେ ରାୟଗଡା ଜିଲା ଗଠିତ ହୋଇଥିଲା। ଆଶା କରାଯାଉଥିଲା ଜିଲା ଗଠନ ପରେ ରାୟଗଡ଼ାର ସାମଗ୍ରିକ ବିକାଶ ହେବ। ହେଲେ ସେପରି କିଛି ଆଖିଦୃଶିଆ ବିକାଶ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ମୁଖ୍ୟତଃ ସ୍ୱାସ୍ଥ୍ୟସେବା କଥା ଏଠାରେ ବିଚାରକୁ ନିଆଯାଇପାରେ। ସ୍ୱାସ୍ଥ୍ୟକେନ୍ଦ୍ର ନାମରେ ବଡବଡ ଅଟ୍ଟାଳିକା ନିର୍ମାଣ ହୋଇଛି। ହେଲେ ଡାକ୍ତର ଅଭାବ ଦୂର ହୋଇପାରୁନାହିଁ। ଜିଲାରେ ୧୭୯ ଜଣ ଡାକ୍ତର ଆବଶ୍ୟକ ଥିବା ବେଳେ ଅଛନ୍ତି ମାତ୍ର ୧୦୧। ୭୮ ଡାକ୍ତର ପଦବୀ ଖାଲି ପଡିଛି। ଏମ୍‌ବିବିଏସ୍ ଡାକ୍ତର ଏବଂ ଆୟୁଷ ଡାକ୍ତରଙ୍କୁ ନେଇ ଜିଲାରେ ଚାଲିଛି ସ୍ୱାସ୍ଥ୍ୟସେବା। ସେହିପରି ଏକାଧିକ ବିଶେଷଜ୍ଞ ପଦବୀ ମଧ୍ୟ ଖାଲି ପଡିଛି। ଜରୁରୀ ବିଶେଷଜ୍ଞ ପଦବୀ ମଧ୍ୟ ଫାଙ୍କା। ଫଳରେ ରୋଗୀମାନଙ୍କୁ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରିବାକୁ ପଡୁଛି। ଏମିତି କି ସେଠାକୁ ଯାଉଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଶୋଷଣର ଶିକାର ହେଉଛନ୍ତି। ଜିଲାରେ ୧୧ ସିଏଚ୍‌ସି (କମ୍ୟୁନିଟି ହେଲ୍‌ଥ ସେଣ୍ଟର)ସହ ୩୪ ପିଏଚ୍‌ସି (ପ୍ରାଇମେରୀ ହେଲ୍‌ଥ ସେଣ୍ଟର) ରହିଛି। ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ସହ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଜିଲାର ଦୁଇ ପ୍ରମୁଖ ରୋଗୀସେବା କେନ୍ଦ୍ର। ହେଲେ ଉଭୟେ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି କି ବିଶେଷଜ୍ଞ ଡାକ୍ତର ନାହାନ୍ତି। ଏପରିକ୍ଷେତ୍ରରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟାବସ୍ଥା କିପରି ଥିବ ତାହା ସହଜରେ ଅନୁମେୟ। ରାୟଗଡ଼ାରୁ ବହୁ ରାଜନେତା ବିଭିନ୍ନ ସମୟରେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ହେଲେ ଜିଲା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲାଗି ରହିଥିବା ସମସ୍ୟାରେ ସୁଧାର ଆସିପାରିନାହିଁ। ଆନ୍ଧ୍ରପ୍ରଦେଶ ଡାକ୍ତରଖାନା ଓ ଈଶ୍ୱରଙ୍କ ଭରସାରେ ପଡିରହିଛନ୍ତି ରାୟଗଡା ଜିଲାବାସୀ। ଗୁଣପୁରରେ ଦୀର୍ଘ ୩ ବର୍ଷ ହେବ ଶିଶୁରୋଗ ବିଶେଷଜ୍ଞ ପଦବୀ ଖାଲିପଡିଛି। ସେହିପରି ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ ଜଣେ ମାତ୍ର ଶିଶୁରୋଗ ବିଶେଷଜ୍ଞ ଅଛନ୍ତି। ଅତ୍ୟାଧୁନିକ ଚିକିତ୍ସା ଉପକରଣ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ। ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଗୁଣପୁରରେ ଡିଜିଟାଲ ଏକ୍ସରେ ମେଶିନ ଅଚଳ ହୋଇପଡିଛି। ସେହିପରି ଆମ୍ବୁଲାନ୍ସରେ ଏସି ଅଚଳ ରହିଥିଲେ ମଧ୍ୟ ମରାମତି କରାଯାଉନାହିଁ। ଘରୋଇ ଏବଂ ପାଥୋଲୋଜି କ୍ଲିନିକଗୁଡ଼ିକ ଜିଲାରେ କାର୍ଯ୍ୟ କରୁଛି। ସେଗୁଡ଼ିକ ଉପରେ ଜିଲା ପ୍ରଶାସନର ଅଙ୍କୁଶ ନାହିଁ। ନବୀକରଣ ତଥା ପଞ୍ଜୀକରଣ ପାଇଁ ଆବେଦନ କଲେ ତାହା ମଧ୍ୟ ହୋଇପାରୁନାହିଁ। କେତେକ ଔଷଧ ଦୋକାନୀ ଆବଶ୍ୟକ ପ୍ରମାଣପତ୍ର ନ ଥାଇ ଦୋକାନ ଖୋଲିଥିବା ଅଭିଯୋଗ ହେଉଛି। ୨ ମାସ ତଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପରଲୋକ ଘଟିଥିଲା। ସେଦିନଠାରୁ ସେହି ପଦବୀରେ ସ୍ଥାୟୀ ନିଯୁକ୍ତି ମିଳିନାହିଁ। ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲା ମେଡିକାଲ ଅଫିସର ତଥା ଜିଲା ସୁପରିଣ୍ଟେଣ୍ଡେଣ୍ଟ, ଡିପିଏଚ୍‌ଓ, ଏଡିପିଏଚ୍‌ଓ ପଦବୀ ଖାଲି ପଡିଛି। ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମାତ୍ର ଭେଷଜ ବିଶେଷଜ୍ଞ ଅଛନ୍ତି। ସେହିଭଳି ଆନାସ୍ଥେସିଆ, ପାଥୋଲୋଜି, ରେଡିଓଲୋଜି, ଇଆଣ୍ଡଟି, ସ୍କିନ ଏବଂ ଭିଡି, ଅର୍ଥୋପେଡିକ ଆଦି ବିଭାଗରେ ଡାକ୍ତର ନାହାନ୍ତି। ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୪୮ ସ୍ଥାନରେ ୧୯ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି। ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୮ ସ୍ଥାନରେ ୬ଜଣ ଡାକ୍ତର କାମ କରୁଛନ୍ତି। ଡାକ୍ତରଖାନାରେ ୨୪ ଘଣ୍ଟିଆ ବିଦ୍ୟୁତ୍ ବ୍ୟବସ୍ଥା ରହିବା କଥା। ହେଲେ ତାହା ନାହିଁ। ଫଳରେ ଅଧିକାଂଶ ସମୟରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଉଛି। ଏପରିକି ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ଅପରେଶନ ବନ୍ଦ ହେବାର ନଜିର ରହିଛି।

– ପ୍ରଦୀପ ପାଢ଼ୀ

■ କୁନ୍ଦୁଲି ବଳାତ୍କାର ଘଟଣା

# କମିଶନଙ୍କ ରିପୋର୍ଟ ନେଇ ବିରୋଧୀ ଗରମ

ଭୁବନେଶ୍ୱର, ୪।୮(ବ୍ୟୁରୋ)

କୁନ୍ଦୁଲି ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହେବାପରେ ବିରୋଧୀଙ୍କ ଟାର୍ଗେଟରେ ରାଜ୍ୟ ସରକାର। କାହାକୁ ସୁରକ୍ଷା ଦେବାକୁ ଏଭଳି ରିପୋର୍ଟ ପ୍ରସ୍ତୁତ କରାଯାଇଛି ବୋଲି ବିରୋଧୀ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି। ତଦନ୍ତ କମିଶନ ଗତ ସରକାରଙ୍କୁ ଦେଇଥିବା ରିପୋର୍ଟ ଅନୁଯାୟୀ, କୁନ୍ଦୁଲି ପୀଡିତାଙ୍କ ଆତ୍ମହତ୍ୟା ରହସ୍ୟମୟ। ପୀଡିତା କେଉଁ ପରିସ୍ଥିତିରେ ଆତ୍ମହତ୍ୟା କଲେ ସେ ନେଇ ଅଧିକ ତଦନ୍ତର ଆବଶ୍ୟକତା ଥିବା କମିଶନ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏହି ଘଟଣାରେ ବିରୋଧୀ ଦଳ ରାଜନୈତିକ ଫାଇଦା ନେବାକୁ ଚେଷ୍ଟା କରିଥିଲେ ବୋଲି ମଧ୍ୟ ଦର୍ଶାଇଛନ୍ତି। ଅନ୍ୟପଟେ କମିଶନ ଏହି ତଦନ୍ତ ଶେଷ କରି ୨୦୧୮ ସେପ୍ଟେମ୍ବର ୨୦ରେ ରିପୋର୍ଟ ପ୍ରଦାନ କରିଥିଲେ। ମାତ୍ର ସରକାର ରିପୋର୍ଟ ପାଇ ଏତେଦିନ କାହିଁକି ଚୁପ୍ ବସିଥିଲେ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

ଗୃହରେ ରିପୋର୍ଟ ଉପସ୍ଥାପନ ହେବାପରେ ଏହାର ତଦନ୍ତର ଦିଗ ଓ ସତ୍ୟତାକୁ ନେଇ ରବିବାର କଂଗ୍ରେସ ପ୍ରଶ୍ନ ଉଠାଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଆମ ପ୍ରଶାସନ ଏତେ ଦକ୍ଷ ଯେ, ବଳାତ୍କାରର ଅଭିଯୁକ୍ତ କିଏ ଜାଣିପାରିଲା ନାହିଁ। ମାମଲାକୁ ଷ୍ଟେଜ ମ୍ୟାନେଜ କରାଯିବାକୁ ଚେଷ୍ଟା କରାଯାଇଛି। ପୂର୍ବରୁ ବଳାତ୍କାର ତଦନ୍ତ ରିପୋର୍ଟରୁ ବହୁତ କିଛି ହେରଫେର କରାଯାଇଛି। ଏହି ଘଟଣାର ସତ୍ୟତା ଉପରୁ ପରଦା ହଟାଇବାକୁ ହେଲେ ଏହାର ଏସ୍‌ଆଇଟି ତଦନ୍ତ ହେବା ଆବଶ୍ୟକ ବୋଲି ନିରଞ୍ଜନ କହିଛନ୍ତି। ଭାଜପା ନେତା ଖାରବେଳ ସ୍ୱାଇଁ କହିଛନ୍ତି, ସରକାର ବର୍ଷକ ଆଗରୁ ରିପୋର୍ଟ ପାଇଥିଲେ ମଧ୍ୟ କାହିଁକି ଚପାଇ କି ରଖିଲେ। ଏହା ମଧ୍ୟ ଏକ ରହସ୍ୟମୟ ଘଟଣା ବୋଲି ସେ କହିଛନ୍ତି। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସରକାର ଏହି ମାମଲା ଚପାଇ ଦେବାକୁ ଉଦ୍ୟମ କରିଛନ୍ତି। ପ୍ରଥମରୁ ହିଁ ତଦନ୍ତକୁ ଦିଗହରା କରାଯାଇଛି। କାହାକୁ ବଞ୍ଚାଇବା ପାଇଁ ସରକାର ଏମିତି କରିଛନ୍ତି ସ୍ପଷ୍ଟ କରନ୍ତୁ। ଏହି ଘଟଣାର ଅଧିକ ତଦନ୍ତ ହେବାର ଆବଶ୍ୟକତା ଥିବା ହରିଚନ୍ଦନ କହିଛନ୍ତି। ଶାସକ ଦଳ ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ବର୍ତ୍ତମାନ ସ୍ଥିତିରେ ଏହା ଉପରେ କୌଣସି ମତ ରଖିବାକୁ ଚାହୁଁନାହିଁ। ସରକାର ଜନସାଧାରଣଙ୍କ ଦାବିକୁ ସମ୍ମାନ ଜଣାଇ କମିଶନ ବସାଇଥିଲେ। କମିଶନ ତଦନ୍ତ କରିବା ପରେ ସରକାର ବିଧାନସଭାରେ ରିପୋର୍ଟ ଉପସ୍ଥାପିତ କରିସାରିଛନ୍ତି ବୋଲି ସେ କହିଛନ୍ତି।

■ ଧରିତ୍ରୀ ଜିଲା ଚିଠିକୁ ନେଇ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଟୁଇଟ୍

# ଦୃଢ଼ ପଦକ୍ଷେପ ନେବ ପ୍ରଶାସନ

ନବରଙ୍ଗପୁର,୪।୮(ବି.ପ୍ର.)

ସ୍ୱଚ୍ଛ ଭାରତ ଯୋଜନାରେ ନବରଙ୍ଗପୁର ଜିଲାର ବିଭିନ୍ନ ବିଦ୍ୟାଳୟରେ ଶୌଚାଳୟ କରାଯାଇଛି। ଏନେଇ କୋଟି କୋଟି ଟଙ୍କା ବ୍ୟୟ କରାଯାଇଛି। ନିମ୍ନମାନର କାମ ଲାଗି ଏହା ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ। ଶୌଚାଳୟରେ ତାଲା ପଡି ରହୁଛି। ଏନେଇ ଧରିତ୍ରୀ ଜିଲା ଚିଠିରେ 'ସ୍ୱଚ୍ଛତା ବାଟବଣା' ଶୀର୍ଷକ ପ୍ରକାଶ ପାଇବା ପରେ ସିଏମ୍‌ଓ ଓଡିଶା, ଗ୍ରାମୀଣ ସ୍ୱଚ୍ଛ ଭାରତ ମିଶନ ଓ ନବରଙ୍ଗପୁର ଜିଲାପାଳଙ୍କୁ ବରଗଡ ଜିଲା ଯୋଖିପାଲିର ୟୁଥ ଏଗ୍‌ନେଷ୍ଟ କରପ୍‌ଶନ ପକ୍ଷରୁ ଟୁଇଟ କରି ଜଣାଯାଇଛି ଯେ, ଏହି ଖବର ଅତ୍ୟନ୍ତ ମର୍ମାହତ କରୁଛି। ନିରୀହ ଲୋକଙ୍କ ଟିକସର ଦୁରୁପଯୋଗ କରିଥିବା ଓ ଦୁର୍ନୀତିଖୋର ଅଫିସରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଥିରେ ଶନିବାର ଅନୁରୋଧ କରାଯାଇଛି। ଏହାର ଜବାବରେ ନବରଙ୍ଗପୁର ଜିଲାପାଳ ଟୁଇଟ କରି ଜଣାଇଛନ୍ତି ଯେ, ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇଛି। ଯେଉଁ ସ୍ଥାନରେ ଏଭଳି ହୋଇଛି ତାହା ତାଲିକାଭୁକ୍ତ କରାଯାଇଛି। ଏନେଇ ଦୃଢ ପଦକ୍ଷେପ ଗ୍ରହଣ କରାଯିବା ସହ ଯିଏ ଏଭଳି କାର୍ଯ୍ୟ ସମ୍ପାଦନ କରିଛନ୍ତି ତାଙ୍କ ଠାରୁ ଟଙ୍କା ଅସୁଲ କରାଯିବ ବୋଲି ଜଣାଇଛନ୍ତି।

■ କେନ୍ଦ୍ର ସମବାୟ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ରଣେନ୍ଦ୍ର ପ୍ରତାପ

# କେନ୍ଦ୍ରୀୟ ପଣ୍ୟାଗାର କାର୍ଯ୍ୟାଳୟ ସ୍ଥାନାନ୍ତର ନ କରିବାକୁ ଅନୁରୋଧ

ଭୁବନେଶ୍ୱର, ୪।୮(ବ୍ୟୁରୋ)

କେନ୍ଦ୍ରୀୟ ପଣ୍ୟାଗାର ନିଗମର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ଏହି କାର୍ଯ୍ୟାଳୟ ୧୯୯୦ରୁ ଓଡିଶାରେ ସ୍ଥାପିତ ହୋଇ ରହିଛି। ଏହି କାର୍ଯ୍ୟାଳୟ ବର୍ତ୍ତମାନ ବିହାରର ପାଟଣାକୁ ଉଠିଯିବା ନେଇ ଯୋଜନା କରାଯାଉଥିବା ଜାଣିବାକୁ ମିଳିଛି। ଏଭଳି ନିଷ୍ପତ୍ତି ନ ନେବା ପାଇଁ କେନ୍ଦ୍ର ଖାଦ୍ୟ ଯୋଗାଣ ମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କୁ ରାଜ୍ୟ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଚିଠି ଲେଖି ଅନୁରୋଧ କରିଛନ୍ତି। ମନ୍ତ୍ରୀ ସ୍ୱାଇଁ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ଏହି ନିଷ୍ପତ୍ତି ଓଡିଶାର ସ୍ୱାର୍ଥବିରୋଧୀ। ଓଡିଶାରେ ପଣ୍ୟାଗାର ନିଗମ ଅଧୀନରେ ରାଜ୍ୟର ୧୫ ଜିଲାର ୨୧ଟି ସ୍ଥାନରେ ମୋଟ ୩ଲକ୍ଷ ୪୮ ହଜାର ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ କାର୍ଯ୍ୟ କରୁଛି। ଏହାର ସଂରକ୍ଷଣ ବ୍ୟବସ୍ଥାର ହାରାହାରି ୯୦ ଭାଗ କ୍ଷମତା ବିନିଯୋଗ କରାଯାଇଥାଏ। ଏହି ଆଞ୍ଚଳିକ କାର୍ଯ୍ୟାଳୟ ବିଗତ ୫ ବର୍ଷ ହେବ ବାର୍ଷିକ ହାରାହାରି ୮ କୋଟି ଟଙ୍କା ଲାଭ କରି ଆସୁଛି। କେନ୍ଦ୍ରୀୟ ପଣ୍ୟାଗାର ନିଗମ ଗୋଦାମରେ ରାଜ୍ୟ ଯୋଗାଣ ନିଗମ, ରାଜ୍ୟ ପଣ୍ୟାଗାର ନିଗମ ପଣ୍ୟଦ୍ରବ୍ୟ ମହଜୁଦ ରଖିଥାଆନ୍ତି। ଏହି କାର୍ଯ୍ୟାଳୟ ଯଦି ଅନ୍ୟ ରାଜ୍ୟକୁ ଉଠିଯାଏ ତେବେ ପ୍ରଶାସନିକ ଅସୁବିଧା ଅନୁଭୂତ ହେବା ସହିତ ରାଜ୍ୟ ସରକାରଙ୍କ ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସହ ସମନ୍ୱୟ ବାଧାପ୍ରାପ୍ତ ହେବ। ଏହି ନିଗମର ସବୁ ଗୋଦାମ ଘରେ ବୈଜ୍ଞାନିକ ପଦ୍ଧତିରେ ସାମଗ୍ରୀ ସଂରକ୍ଷଣ କରାଯାଏ। ଏଥିପାଇଁ ନିୟମିତ ପରିଦର୍ଶନ ଓ ନିରୀକ୍ଷଣର ଆବଶ୍ୟକତା ପଡିଥାଏ। ଆଞ୍ଚଳିକ କାର୍ଯ୍ୟାଳୟ ପାଟଣାକୁ ସ୍ଥାନାନ୍ତରିତ ହେଲେ ଏହି କାର୍ଯ୍ୟ ଅନିୟମିତ ହେବ, ଯାହାଦ୍ୱାରା ନିଗମର ବ୍ୟାପକ ଆର୍ଥିକ କ୍ଷତି ଘଟିବ। ଏହି ପଣ୍ୟାଗାର ନିଗମରେ ୧୩୦ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସେଥିରୁ ପ୍ରାୟ ୯୦ ଭାଗ ଓଡିଶାର ବାସିନ୍ଦା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଦ୍ୱିତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ। ଏହି ରାଜ୍ୟର ବାସିନ୍ଦା ହୋଇଥିବାରୁ ଆଞ୍ଚଳିକ କାର୍ଯ୍ୟାଳୟର ସ୍ଥାନାନ୍ତର ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟିକରିବ। ଏନେଇ ଦଳ ମତ ନିର୍ବିଶେଷରେ ସମସ୍ତେ ବିଧାନସଭାରେ କହିଛନ୍ତି। ଏହି ନିଷ୍ପତ୍ତି ଯୋଗୁ ପ୍ରଶାସନିକ ସମନ୍ୱୟର ଅଭାବ ପରିଲକ୍ଷିତ ହେବା ସହିତ ସଂରକ୍ଷଣ ଓ ବିତରଣ ବ୍ୟବସ୍ଥା ଉପରେ କୁପ୍ରଭାବ ପଡିବାର ସମ୍ଭାବନା ରହିଛି। ଏଥିଲାଗି ଓଡିଶାର ଭୁବନେଶ୍ୱରରେ ଥିବା କେନ୍ଦ୍ରୀୟ ପଣ୍ୟାଗାର ନିଗମର ଆଞ୍ଚଳିକ କାର୍ଯ୍ୟାଳୟକୁ ଉଠା ନ ଯିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ସେ ଅନୁରୋଧ କରିଛନ୍ତି। ଚିଠି ଲେଖିବା ସହ ଏହି ପ୍ରସଙ୍ଗରେ ମନ୍ତ୍ରୀ ସ୍ୱାଇଁ ବିଧାନସଭାରେ ଶନିବାର ଦ୍ୱିତୀୟାର୍ଦ୍ଧରେ ଉତ୍ତର ରଖିଥିଲେ।

# ବିଧାନସଭା: ଗୁରୁତ୍ୱପୂର୍ଣ୍ଣ କମିଟି ଅଧ୍ୟକ୍ଷ, ସଦସ୍ୟଙ୍କ ନାମ ଘୋଷଣା

ଭୁବନେଶ୍ୱର,୪।୮(ବ୍ୟୁରୋ)

ଷୋଡଶ ବିଧାନସଭାର ପ୍ରଥମ ଅଧିବେଶନ ଶନିବାର ସମାପ୍ତ ହୋଇଛି। ଶେଷ ଦିନରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବିଭିନ୍ନ କମିଟି, ଏହାର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ନାମ ଘୋଷଣା କରିଛନ୍ତି। ବିଧାନସଭା ପକ୍ଷରୁ ସରକାରୀ ହିସାବ କମିଟି, ପ୍ରାକଳନ କମିଟି, ଉଦ୍ୟୋଗ ସମୀକ୍ଷା କମିଟି ଏବଂ ଏସ୍‌ସି/ଏସ୍‌ଟି ଉନ୍ନୟନ କମିଟି ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ସରକାରୀ ହିସାବ କମିଟି ଅଧ୍ୟକ୍ଷ, ପ୍ରତାପ କେଶରୀ ଦେବ ପ୍ରାକଳନ କମିଟି ଅଧ୍ୟକ୍ଷ, ଅତନୁ ସବ୍ୟସାଚୀ ନାୟକ ଉଦ୍ୟୋଗ ସମୀକ୍ଷା କମିଟି ଏବଂ ଶଶିଭୂଷଣ ବେହେରା ଏସ୍‌ସି/ଏସ୍‌ଟି ଉନ୍ନୟନ କମିଟିର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି ନିୟମ ଅନୁଯାୟୀ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ପାଇଁ ଗୃହର ସଦସ୍ୟଙ୍କୁ ମନୋନୀତ କରାଯାଇଛି। ଆବଶ୍ୟକ ସଦସ୍ୟ ଏବଂ ନିର୍ବାଚନ ପାଇଁ ଦାଖଲ କରିଥିବା ସଦସ୍ୟଙ୍କ ସଂଖ୍ୟା ସମାନ ରହିଥିବାରୁ ଭୋଟ୍‌ର ଆବଶ୍ୟକତା ପଡି ନ ଥିବା ବାଚସ୍ପତି ଘୋଷଣା କରିଥିଲେ। ସେହିପରି ମନ୍ତ୍ରୀ ପ୍ରତାପ ଜେନା ବିଧାନସଭା ସ୍ୱାଧିକାର କମିଟି, ବଦ୍ରି ନାରାୟଣ ପାତ୍ର ଆବେଦନ ପତ୍ର କମିଟି, ପ୍ରଶାନ୍ତ ମୁଦୁଲି କାଗଜ ଉପସ୍ଥାପନ କମିଟି, ଉଷା ଦେବୀ ନାରୀ ଓ ଶିଶୁ କଲ୍ୟାଣ କମିଟି ଏବଂ ପ୍ରଦୀପ ମହାରଥୀ ପାଠାଗାର କମିଟି ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ କମିଟିର ଅଧ୍ୟକ୍ଷ ଓ ସଦସ୍ୟଙ୍କ ନାମ ଘୋଷଣା କରାଯାଇଥିଲା।

**ମୁଲତବୀ ଆଲୋଚନା**

# ଭୁଶୁଡ଼ି ପଡ଼ିଲାଣି ପ୍ରାଥମିକ ଶିକ୍ଷା

ଭୁବନେଶ୍ୱର,୪।୮(ବ୍ୟୁରୋ)

- ପଞ୍ଚମ ଶ୍ରେଣୀ ପିଲାଙ୍କୁ ଫେଡ଼ାଣ ଆସୁନି

୫ମ ଶ୍ରେଣୀ ପିଲାଙ୍କୁ ମିଶାଣ ଫେଡ଼ାଣ, ହରଣ ଗୁଣନ ଜଣାନାହିଁ। ସେମାନେ ଦ୍ୱିତୀୟ ଶ୍ରେଣୀ ପାଠ ବିଷୟରେ କହିପାରୁ ନାହାନ୍ତି। ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଲାଣି। ଗୋଟିଏ ଜାତିର ମେରୁଦଣ୍ଡ ଭାଙ୍ଗିବାକୁ ହେଲେ ପ୍ରଥମେ ଶିକ୍ଷାକୁ ଧ୍ୱଂସ କରିବାକୁ ପଡିଥାଏ। ସ୍ୱାଧୀନତା ପରେ ମଧ ଶିକ୍ଷା କ୍ଷେତ୍ରରେ କିଛି ପରିବର୍ତ୍ତନ ହୋଇପାରିଲା ନାହିଁ। ଶନିବାର ଓଡିଶାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଦିଗହରା ଶୀର୍ଷକ ମୁଲତବୀ ଆଲୋଚନାବେଳେ ଭାଜପା ସଭ୍ୟ ମୋହନ ଚରଣ ମାଝି ସରକାରଙ୍କୁ କଡା ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଗତ ୨୦ ବର୍ଷ ଧରି ରାଜ୍ୟ ସରକାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷାକୁ ପଙ୍ଗୁ କରି ଦେଇଛନ୍ତି। ୯୫୭୧ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲର ନିଜସ୍ୱ ଗୃହ ନାହିଁ। ପଞ୍ଚମ ଶ୍ରେଣୀର ୩୩ ପ୍ରତିଶତ ପିଲା ୧୦ରୁ ୯୯ ଯାଏ ସଂଖ୍ୟା ଜାଣିନାହାନ୍ତି। ରାଜ୍ୟ ସରକାର ସ୍କୁଲରେ ପାରାଶିକ୍ଷକ, ଶିକ୍ଷା ସହାୟକ, ଗଣଶିକ୍ଷକ, ଚୁକ୍ତିଭିତ୍ତିକ ଶିକ୍ଷକ, ଏପରି କେତେ କ'ଣ ଶିକ୍ଷକ ନିଯୁକ୍ତ କରିଛନ୍ତି। ଏମାନଙ୍କର କାମ କ'ଣ। ପାଠ ପଢାଇବା ନା ଡ୍ରପ୍‌ଆଉଟ ରୋକିବା। ଏ ନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଜବାବ ଦିଅନ୍ତୁ ବୋଲି କହିଥିଲେ। ସର୍ବଶିକ୍ଷା ଅଭିଯାନ ଅର୍ଥକୁ ବାଟମାରଣା କରାଯାଉଛି। ଜିଲାପାଳଙ୍କ ଗାଡି ଓ ତେଲ ପକାରେ ସେହି ପଇସା ଚାଲିଯାଉଛି। ସରକାରୀ ସ୍କୁଲରେ ସଚିବାଳୟ କର୍ମଚାରୀ, ଆଇଏଏସ, ଆଇପିଏସ, ବିଧାୟକ, ମନ୍ତ୍ରୀ କାହାରି ପିଲା ପଢୁ ନାହାନ୍ତି। ଆମେ ଯଦି ଆମ ପିଲାଙ୍କୁ ପାଠ ପଢାଇବା ନାହିଁ ତେବେ ସ୍କୁଲ ଶିକ୍ଷାରେ ଉନ୍ନତି କେମିତି ଆସିବ ବୋଲି ସେ କହିଥିଲେ। ସ୍କୁଲ ପୋଷାକ କିଣା ଏବଂ ମଧ୍ୟାହ୍ନ ଭୋଜନରେ ବର୍ଷକୁ ୫୦ କୋଟି ଟଙ୍କାର ଦୁର୍ନୀତି ହେଉଛି। ଏହାର ତଦନ୍ତ କରାଯାଉ ବୋଲି ମାଝି ଦାବି କରିଥିଲେ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନେଇ କଡା ସମାଲୋଚନା କରିଥିଲେ। ସେ କହିଥିଲେ ଯେ ପ୍ରାଥମିକ ଶିକ୍ଷା ଦିଗହରା ହୋଇଛି। ଗଣଶିକ୍ଷା ଏକ ବଡ ବିଭାଗ ହୋଇଥିବାରୁ ଅନ୍ୟ ରାଜ୍ୟରେ ଏଥିପାଇଁ ଦୁଇ ତିନୋଟି ମନ୍ତ୍ରୀ ଦାୟିତ୍ୱରେ ରହିଛନ୍ତି। ରାଜ୍ୟରେ ଡ୍ରପ୍‌ଆଉଟ ହାର କମୁ ନାହିଁ। ସରକାରୀ ସ୍କୁଲରେ ଶିକ୍ଷକ ନାହାନ୍ତି। ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଲାଣି ବୋଲି ସାଲୁଜା କହିଥିଲେ। ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ, ମୁକେଶ ମହାଲିଙ୍ଗ, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ମଧ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତକୁ ନେଇ ସରକାରଙ୍କୁ ସଣ୍ଢୁଆଁଶି ଆକ୍ରମଣ କରିଥିଲେ।

■ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସହ ସାତଟି ବୁଝାମଣାପତ୍ର ସ୍ୱାକ୍ଷରିତ

# 'ଓଡ଼ିଶା ହେବ କୃଷିରେ ବଳକା ରାଜ୍ୟ'

ଭୁବନେଶ୍ୱର, ୪।୮(ବ୍ୟୁରୋ)

କୃଷି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ଅନେକ ଦୀର୍ଘ ମିଆଦୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଉନ୍ନତ ମାନର ବିହନ ସୃଷ୍ଟି ସହ କୃଷକମାନଙ୍କୁ ଅଧିକ ପରିମାଣରେ ଏହାକୁ ଦିଆଯିବାର ଲକ୍ଷ୍ୟ ରଖାଯାଇଛି ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ବଡ଼ ସଫଳତା ହାସଲ କରିବାର ସମ୍ଭାବନା ସୃଷ୍ଟିହୋଇଛିବୋଲିସେ କହିଛନ୍ତି।

କୃଷି ଭବନଠାରେ ଶନିବାର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ସହ ବିଭିନ୍ନ ସଂସ୍ଥାର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟରେ ଅଧିକ ପରିମାଣର ଅଣଧାନ ଚାଷ ସହିତ ଡାଲି, ତୈଳ ବୀଜ, ପନିପରିବା ଓ ଫଳଚାଷ ଇତ୍ୟାଦି ଉପରେ ଗୁରୁତ୍ୱ ଦିଆଯାଉଛି। ଏହାଦ୍ୱାରା ରାଜ୍ୟ ସ୍ୱାବଲମ୍ବୀ ହେବା ସହିତ ବଳକା ରାଜ୍ୟ ଭାବେ ବାହାର ରାଜ୍ୟକୁ ଏସବୁ ରପ୍ତାନି କରିପାରିବ। ଏହାଦ୍ୱାରା ସ୍ୱଚ୍ଛତା ଅବଲମ୍ବନ ସହିତ ନିଗମଗୁଡ଼ିକର କାର୍ଯ୍ୟଧାରା ଏବଂ ଧାର୍ଯ୍ୟ ଲକ୍ଷ୍ୟ ସମ୍ପର୍କରେ ଜନସାଧାରଣ ସହଜରେ ଅବଗତ ହୋଇପାରିବେ। ଏହି କ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଭୂମିହୀନ ଚାଷୀମାନଙ୍କ ଜୀବିକାର୍ଜନରେ ଉନ୍ନତି ଆଣିବା ଓ ଆର୍ଥିକ ସଂସ୍ଥାଗୁଡ଼ିକରୁ କୃଷିଋଣ ଦେବା ନିମନ୍ତେ ଯୋଗ୍ୟତା ବୃଦ୍ଧି ପାଇଁ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ଏବଂ 'ଦ୍ୱାରା ଟ୍ରଷ୍ଟ' ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ସଂସ୍ଥା ଫସଲ ବୁଣାଠାରୁ ଆରମ୍ଭ କରି ଫସଲ ବୀମା ଓ ଅମଳ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର ସମ୍ପର୍କରେ କୃଷକମାନଙ୍କୁ ପରାମର୍ଶ ଦେବ। ସମସ୍ତ ଭାଗୀଦାରି ସଂସ୍ଥା ବିଶେଷ କରି ଋଣ ପ୍ରଦାନକାରୀ ବ୍ୟାଙ୍କଗୁଡ଼ିକୁ ଏ ସମ୍ବନ୍ଧୀୟ ତଥ୍ୟ ମଧ୍ୟ ଉପଲବ୍ଧ କରାଇବ। ଯେପରି ଏହି ବର୍ଗର ଚାଷୀମାନେ ସହଜରେ ଋଣ ପାଇପାରିବେ ସେପରି ପଦକ୍ଷେପ ନିଆଯାଉଛି। ପ୍ରଥମ ଦଫାରେ ୫ ଜିଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ବିହନ ଉତ୍ପାଦନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ଓ ଫଳପ୍ରଦ କରିବା ପାଇଁ ବିଭାଗ ହିନ୍ଦୁସ୍ଥାନ ଇନ୍‌ସେକ୍ଟିସାଇଡ୍ ଲିମିଟେଡ (ଏଚ୍‌ଆଇଏଲ୍) ଏବଂ ନାଫେଡ୍ ସହ ଏକ ଦୀର୍ଘ ମିଆଦୀ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଛି। ଏହି ବୁଝାମଣା ପତ୍ର ରାଜ୍ୟରେ ବିହନ ଉତ୍ପାଦନ ଓ ଚାହିଦା ମଧ୍ୟରେ ତାରତମ୍ୟ ଦୂର କରିବାରେ ସହାୟକ ହେବ। ଚୁକ୍ତି ଅନୁଯାୟୀ ଆଗାମୀ ୩ ବର୍ଷ ଯଥା ୨୦୧୯-୨୦ ଠାରୁ ୨୦୨୧-୨୨ ପର୍ଯ୍ୟନ୍ତ ବଳବତ୍ତର ରହିବ। ଅନୁରୂପଭାବେ ରାଜ୍ୟରେ ଅଧିକରୁ ଅଧିକ କୃଷିଭିତ୍ତିକ ଉଦ୍ୟୋଗ ସ୍ଥାପନ ନିମନ୍ତେ ଆପିକଲ ନିରନ୍ତର ଉଦ୍ୟମ କରିଆସୁଛି। ଏହି ପରିପ୍ରେକ୍ଷୀରେ ବୁଝାମଣା ଅନୁଯାୟୀ ଏହି ସଂସ୍ଥା ୨୦୧୮ରୁ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୨୦୧୯-୨୦ବର୍ଷ ପାଇଁ ୮ଶହ ଗୋଟି କୃଷିଭିତ୍ତିକ ଉଦ୍ୟୋଗ ସ୍ଥାପନ ନିମନ୍ତେ ୬୦ କୋଟି ଟଙ୍କାର ରିହାତି ବ୍ୟବସ୍ଥା ଓ ୬୦୦ଜଣ କୃଷି ଉଦ୍ୟୋଗୀଙ୍କୁ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ହୋଇଛି। ଓଡ଼ିଶା କାଜୁ ଉନ୍ନୟନ ନିଗମ ଲିମିଟେଡ ସହିତ ବୁଝାମଣା ପତ୍ର ଅନୁସାରେ ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ବର୍ଷ କାଜୁ ବଗିଚା ନିଲାମ ଓ ଉନ୍ନତମାନର କାଜୁ କଲମୀ ଚାରା ଉତ୍ପାଦନ ଓ ବିକ୍ରିର ମୋଟ ଆୟ ଲକ୍ଷ୍ୟ ଧାର୍ଯ୍ୟ ପରିମାଣ ୨୪ରୁ ୨୮କୋଟିକୁ ବୃଦ୍ଧି କରାଯାଇଛି। ରାଜ୍ୟରେ କାଜୁ ଚାଷର ବର୍ଦ୍ଧିତ ଚାହିଦା ପୂରଣ ଦୃଷ୍ଟିରୁ ଚଳିତ ବର୍ଷର ଉନ୍ନତ ମାନ କାଜୁ କଲମୀ ଚାରା ଉତ୍ପାଦନ ପରିମାଣକୁ ୩୮ ଲକ୍ଷ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି। ସେହିପରି ଓଡ଼ିଶା କୃଷି ଶିଳ୍ପ ନିଗମ ସହିତ ବୁଝାମଣା ପତ୍ର ଅନୁଯାୟୀ ଚଳିତ ବର୍ଷ ପାଇଁ ୪୬୭.୧୧ କୋଟି ଟଙ୍କାର ବ୍ୟବସାୟ କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିରେ ନିଗମ ୨୨୬୨ ଟ୍ରାକ୍ଟର, ୫୩୦୦୪ ମେଟ୍ରିକ୍ ଟନ୍ ରାସାୟନିକ ସାର ଓ ୧୧୪୯୨ ହେକ୍ଟର ଜମିକୁ ଜଳଯୋଗାଣ ପାଇଁ ପ୍ରକଳ୍ପମାନ ସ୍ଥାପନ କରିବାକୁ ଯୋଜନା କରାଯାଇଛି।

ଯାହାସବୁ ତୁମକୁ ଅଶୁଦ୍ଧତା, ଅପୂର୍ଣ୍ଣତା, ମାନସିକ ଉଦ୍‌ବେଗ, ହାର୍ଦ୍ଦିକ ଆସକ୍ତି, ପ୍ରାଣିକ କାମନା ଓ ପ୍ରବେଗ ତଥା ଶାରୀରିକ ରୋଗକୁ ଦୀର୍ଘସ୍ଥାୟୀ କରିବାକୁ ବା ଦୃଢକରି ଧରି ରଖିବାକୁ ପରାମର୍ଶ ଦିଏ। ସେ ସବୁ ସମ୍ପର୍କରେ ତୁମେ ସାବଧାନ ରୁହ। ଏଇସବୁ ଜିନିଷକୁ ତତ୍ପରତାର ସହ ସମର୍ଥନ କରିବା ଓ ଆଡୁଆଳରେ ଢାଙ୍କି ରଖିବା ବିରୋଧୀ ଶକ୍ତିର ସାଧାରଣ କୌଶଳ। -ଶ୍ରୀଅରବିନ୍ଦ



# ସାମରିକ ନୁହେଁ, ଆର୍ଥିକ

କଶ୍ମୀରରେ ଗତ ସପ୍ତାହ ଭିତରେ ୩୮ ହଜାର ସୈନ୍ୟ ପ୍ରବେଶ କରିବା ଏବେ ସନ୍ଦେହ ସୃଷ୍ଟି କରିଛି। ସୁରକ୍ଷା କାରଣ ଦର୍ଶାଯାଇ ଏତେ ବିଶାଳ ସଂଖ୍ୟକ ଯବାନ ଉପତ୍ୟକାକୁ ପଠାଯିବା ପରେ କଶ୍ମୀରବାସୀଙ୍କ ମନରେ ଆତଙ୍କ ଖେଳିଯାଇଥିବା ଜଣାପଡ଼ିଛି। ଏହାବ୍ୟତୀତ ଅମରନାଥ ଯାତ୍ରା ପାଇଁ ସୁରକ୍ଷା ବନ୍ଦୋବସ୍ତ କରାଯାଇ ଅତ୍ୟଧିକ ମାତ୍ରାର ସଶସ୍ତ୍ର ମାନବସମ୍ବଳ ପଠାଯିବା ସତ୍ତ୍ୱେ ଏବେ ସେହି ଯାତ୍ରାକୁ ସରକାରୀ ସ୍ତରରେ ବାତିଲ କରାଯାଇଛି। କେବଳ ସେତିକି ନୁହେଁ, ଯାତ୍ରାରେ ଭାଗ ନେବା ପାଇଁ ଯାଇଥିବା ଲୋକଙ୍କୁ ତତ୍‌କ୍ଷଣାତ୍ କଶ୍ମୀର ଛାଡ଼ି ପଳାଇଯିବା ଲାଗି ସରକାରଙ୍କ ତରଫରୁ ପରାମର୍ଶ ମଧ୍ୟ ଦିଆଯାଇଛି। ଏହିଭଳି ସାଧାରଣ ଘଟଣାରୁ ପ୍ରମାଣିତ ହେଉଛି ଯେ, ହୁଏତ ଭାରତୀୟ ସେନା ଅଳ୍ପ କେତେକ ଯାତ୍ରୀଙ୍କୁ ସୁରକ୍ଷା ଦେବାରେ ଅସମର୍ଥ। ନଚେତ୍ ଯଦି ସେନାର ସାମର୍ଥ୍ୟ ଅଛି, ତେବେ ଅମରନାଥ ଯାତ୍ରାକୁ ଏକ ଆଳ ଭାବେ ବ୍ୟବହାର କରାଯାଇଛି, ଯାହାକି କେନ୍ଦ୍ର ସରକାରଙ୍କ ବାସ୍ତବ ଉଦ୍ଦେଶ୍ୟକୁ ଘୋଡ଼ାଇବାରେ ସାହାଯ୍ୟ କରୁଛି। ସ୍ଥାନୀୟ ବାସିନ୍ଦାଙ୍କ ମନରେ ଭୟ ସୃଷ୍ଟି ହେବା ଭଳି ଗଣମାଧ୍ୟମ ରିପୋର୍ଟରୁ ଜଣାପଡିଛି। ଉଦାହରଣ ସ୍ୱରୂପ, ଏବେ କଶ୍ମୀରବାସୀ ଘରେ ଅତ୍ୟାବଶ୍ୟକ ସାମଗ୍ରୀ ଠୁଳ କରିବାରେ ଲାଗିଛନ୍ତି।

କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ନେଇ ଉପତ୍ୟକାର ରାଜନୈତିକ ଦଳ ଓ ବିଚ୍ଛିନ୍ନତାବାଦୀଙ୍କ ମନରେ ମଧ୍ୟ ଛନକା ପଶିଛି। ପିଡିପି ମୁଖ୍ୟ ମେହବୁବା ମୁଫ୍‌ତି କେନ୍ଦ୍ର ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ସରକାର ୩୫-ଏ ଧାରାକୁ ଉଚ୍ଛେଦ ପାଇଁ ଏପରି ପ୍ରସ୍ତୁତି ଚଳାଇଥିବା ଅଭିଯୋଗ ହେଉଛି। କେନ୍ଦ୍ର ସରକାର ନିଆଁ ସହ ଖେଳୁଛନ୍ତି ବୋଲି ମେହବୁବା କହିଛନ୍ତି। କେନ୍ଦ୍ରର ଏଭଳି ଦୁଃସାହସିକ ପଦକ୍ଷେପ ବିରୋଧରେ ଶତ୍ରୁତା ଭୁଲି ଏକାଠି ହେବାକୁ ସେ ଉପତ୍ୟକାର ସବୁ ରାଜନୈତିକ ଦଳକୁ ଆହ୍ୱାନ ଦେଇଛନ୍ତି। ଏଭଳିସ୍ଥଳେ ରାଜ୍ୟପାଳ ସତ୍ୟପାଲ ମଲିକ୍ ସବୁ ରାଜନୈତିକ ଦଳକୁ ଡାକି ପରିସ୍ଥିତି ବିଷୟରେ ଆଲୋଚନା କରିଛନ୍ତି। ହେଲେ ରାଜ୍ୟପାଳଙ୍କ ମତ ସନ୍ତୋଷଜନକ ନ ହେବାରୁ ରାଜନୈତିକ ଦଳର ପ୍ରତିନିଧିମାନେ ଏ ନେଇ କେନ୍ଦ୍ରର ସ୍ପଷ୍ଟ ମତ ଲୋଡ଼ିଛନ୍ତି। ଇତିମଧ୍ୟରେ ନ୍ୟାଶନାଲ କନ୍‌ଫରେନ୍ସର ନେତା ଫାରୁକ୍ ଅବଦୁଲା ଏବଂ ତାଙ୍କ ପୁତ୍ର ଓମାର ଅବ୍‌ଦୁଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି କଶ୍ମୀର ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସମ୍ବିଧାନର କେତେକ ଅନୁଚ୍ଛେଦକୁ ଉଚ୍ଛେଦ ସକାଶେ କେନ୍ଦ୍ର ସରକାର ବ୍ୟଗ୍ରତା ପ୍ରଦର୍ଶନ ନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ କୌଣସି ପ୍ରତିକ୍ରିୟା ଏପର୍ଯ୍ୟନ୍ତ ପ୍ରକାଶ ପାଇପାରି ନାହିଁ। ଚର୍ଚ୍ଚା ହେଲାଣି ଯେ, ଜମ୍ମୁ ଓ କଶ୍ମୀରକୁ ତିନି ଭାଗ କରି ଦିଆଯିବ। ଏଗୁଡ଼ିକ ହେଲା ଜମ୍ମୁ, କଶ୍ମୀର ଓ ଲଦାଖ। ପ୍ରତ୍ୟେକକୁ କେନ୍ଦ୍ରଶାସିତ ଅଞ୍ଚଳ ମାନ୍ୟତା ପ୍ରଦାନ କରି ତା' ଉପରେ କେନ୍ଦ୍ର ହୁକୁମ ଜାରି କରିବାକୁ ଯାଉଛି ବୋଲି ଅଭିଯୋଗ ହୋଇଛି। ଏହା ହେଲେ କଶ୍ମୀରରେ ହିନ୍ଦୁ ପ୍ରବେଶ ପାଇଁ ବାଟ ଫିଟିବ ବୋଲି କୁହାଯାଉଛି। କିନ୍ତୁ ସ୍ଥାନୀୟ ବାସିନ୍ଦାଙ୍କ କେବଳ ଅନିଚ୍ଛା ନୁହେଁ, ସକ୍ରିୟ ବିରୋଧ ସତ୍ତ୍ୱେ କେଉଁ ହିନ୍ଦୁ ଯାଇ ସେଠାରେ ବସବାସ କରିବ, ତାହା ଏବେ ଆଲୋଚନାର ବିଷୟ ହୋଇଛି। କଶ୍ମୀରୀଙ୍କ ପ୍ରାଦୁର୍ଭାବ ଯୋଗୁ ଅନେକ ଶତାବ୍ଦୀ ଧରି ସେଠାରେ ରହିଆସିଥିବା ହିନ୍ଦୁମାନେ ନିଜ ଘରଦ୍ୱାର ଛାଡ଼ି ଅନ୍ୟ ଜାଗାକୁ ସ୍ୱଇଚ୍ଛାରେ ସ୍ଥାନାନ୍ତର ହୋଇଯାଇଛନ୍ତି। ଏଭଳି ଗଣପଳାୟନ ପଛରେ କଶ୍ମୀର ଯୁବକଙ୍କର ହିନ୍ଦୁ ବିରୋଧୀ ମନୋଭାବ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ସେଭଳି ମନୋଭାବର କୌଣସି ପରିବର୍ତ୍ତନ ଘଟିଥିବାର ଲକ୍ଷଣ ଏପର୍ଯ୍ୟନ୍ତ ଦେଖାଯାଉନାହିଁ। ସେଥିପାଇଁ କେବଳ ଅନେକ ହଜାର ସେନା ପୂରାଇଦେଲେ ସମାଧାନ ହୋଇପାରିବ ନାହିଁ ବୋଲି ଗତ ସପ୍ତାହର ଅମରନାଥ ଯାତ୍ରା ବାତିଲ ଘୋଷଣା ସୂଚାଇ ଦେଉଛି।

ଏମିତି ଚର୍ଚ୍ଚା ହେଲାଣି ଯେ, ପ୍ରଧାନମନ୍ତ୍ରୀ ୧୫ ଅଗଷ୍ଟରେ ଦିଲ୍ଲୀର ଲାଲକିଲ୍ଲା ପରିବର୍ତ୍ତେ ଶ୍ରୀନଗରର ଲାଲଚୌକରେ ଜାତୀୟ ପତାକା ଉତ୍ତୋଳନ କରିପାରନ୍ତି। ଅବଶ୍ୟ ଅତୀତରେ ମୋଦି କେତେକ ଆଶ୍ଚର୍ଯ୍ୟଜନକ ପଦକ୍ଷେପ ନେଇଥିବାର ଦେଖିବାକୁ ମିଳିଛି। ଯଦି ପ୍ରଧାନମନ୍ତ୍ରୀ ଏଭଳି କରନ୍ତି, ତେବେ ତାଙ୍କୁ ସମଗ୍ର ଦେଶର ଜନସାଧାରଣ ସ୍ୱାଗତ କରିବା ସହିତ ସମର୍ଥନ ମଧ୍ୟ ଜଣାଇବେ। କିନ୍ତୁ ତାହା କେବଳ କିଛି ଘଣ୍ଟାର ଉନ୍ମାଦନା ଭିତରେ ସୀମିତ ରହିଯିବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ସ୍ଥାନୀୟ ଲୋକଙ୍କ ଭିଡ଼ରେ ପ୍ରଧାନମନ୍ତ୍ରୀ ଭାଷଣ ଦେବାର ସୁଯୋଗ ପାଇବେ ବୋଲି ବିଶ୍ୱାସ ହେଉନାହିଁ। ସବୁପ୍ରକାରର ସଙ୍କେତ ଦେଖିଲେ ହୃଦ୍‌ବୋଧ ହେଉଛି ଯେ, ବିପୁଳ ସଂଖ୍ୟାର ସେନା କଶ୍ମୀରକୁ ପଠାଇ, ସମ୍ଭବତଃ ୧୫ ଅଗଷ୍ଟରେ, ସେହି ୩୮ ହଜାର ଯବାନଙ୍କୁ ଭିଡ଼ ଭାବେ ଦର୍ଶାଯାଇପାରେ।

ନିକଟରେ ଜାତୀୟ ନିରାପତ୍ତା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ କଶ୍ମୀର ଗସ୍ତ ସେହି ରାଜ୍ୟରେ ଖୁବ୍‌ଶୀଘ୍ର ପରିବର୍ତ୍ତନ ଆଣିବା ଦିଗରେ ପଦକ୍ଷେପ ନିଆଯାଉଥିବାର ଗୋଟିଏ ବଡ଼ ସଙ୍କେତ ଦେଉଛି। ସମୀକ୍ଷକଙ୍କ ମତରେ ରାଜ୍ୟରେ ତୁରନ୍ତ ବିଧାନସଭା ନିର୍ବାଚନ କରିବା ଲାଗି କେନ୍ଦ୍ର ଏଭଳି ପ୍ରସ୍ତୁତି ଚଳାଇଛି। ପିଡିପି ଏବଂ ନ୍ୟାଶନାଲ କନଫରେନ୍ସ ହାତରେ ଦୀର୍ଘବର୍ଷ ଧରି କଶ୍ମୀରୀଙ୍କ ଭାଗ୍ୟ ରହିଆସିଥିବାରୁ ସେଠାକାର ଲୋକଙ୍କ ବିକାଶ ଘଟିପାରୁନାହିଁ ବୋଲି ଭାଜପା କହିଆସୁଛି। ତେଣୁ ସେଠାରେ ଭାଜପା ସରକାର ଗଢ଼ିଲେ ଆତଙ୍କବାଦ ଦମନ ସହଜ ହେବ ବୋଲି ଏହାର ଶୀର୍ଷ ନେତାମାନେ ଧରି ନେଇଛନ୍ତି। ଲୋକଙ୍କ ମନ ଭିତରେ 'ବିକାଶ'କୁ ଭର୍ତ୍ତି କରି ଭାଜପା ଜମ୍ମୁ ଓ କଶ୍ମୀରରେ ପ୍ରବେଶ କରିବାକୁ ଚାହୁଁଛି। ସେଥିପାଇଁ ଅନୁଚ୍ଛେଦ-୩୭୦ ଉଚ୍ଛେଦ ଅନିବାର୍ଯ୍ୟ ହୋଇପଡ଼ିଲାଣି। କାରଣ ପ୍ରତିରକ୍ଷା, ବହିର୍ବ୍ୟାପାର ଓ ଯୋଗାଯୋଗ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଭାରତର ସମ୍ବିଧାନ ସେଠାରେ ଲାଗୁ ହେଉ ନ ଥିବାରୁ କେନ୍ଦ୍ର ସରକାର ପାଇଁ ଏହା ଚିନ୍ତାର ବିଷୟ ହୋଇପଡିଛି।

ଦୀର୍ଘବର୍ଷ ଧରି କଶ୍ମୀରରେ ବିକାଶ ଘଟୁ ନ ଥିବାରୁ ସେଠାକାର ଅଧିବାସୀମାନେ ଆର୍ଥିକ ଦୁର୍ଗତି ଦେଇ ଗତି କରୁଛନ୍ତି। ଏହାର ସୁଯୋଗ ନେଇ ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀମାନେ ସ୍ଥାନୀୟ ବେକାର ଯୁବକଙ୍କୁ ବିପଥଗାମୀ କରାଉଛନ୍ତି। ଏଭଳି ପରିସ୍ଥିତିରେ କେନ୍ଦ୍ର ଅଧିକ ଯବାନ ପ୍ରେରଣ ନ କରି ଆଞ୍ଚଳିକ ସମସ୍ୟାକୁ ତର୍ଜମା କରିବା ହେବା କଥା ପ୍ରଥମ ଆବଶ୍ୟକତା। କୁହାଯାଏ ଜଣେ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ ହୋଇପାରିଲେ ସେ ସକାରାତ୍ମକ କାର୍ଯ୍ୟ ପ୍ରତି ମନ ବଳାଇବ। ଅଭାବରେ ଶତୁଥିବା ବ୍ୟକ୍ତି ବିପଥଗାମୀ ହେବା ସ୍ୱାଭାବିକ। ଏହି ପରିପ୍ରେକ୍ଷୀରେ ଦୀର୍ଘବର୍ଷର ସମସ୍ୟାକୁ ସାମରିକ ନୁହେଁ, ଆର୍ଥିକ ପ୍ରଗତିକୁ ଆୟୁଧ କରାଯାଇ ପଦକ୍ଷେପ ନିଆଗଲେ କଶ୍ମୀରରେ ହୁଏତ ପରିବର୍ତ୍ତନର ଏକ ନୂଆ ଆଶା ସଞ୍ଚାର ହୋଇପାରେ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 8 | | | C | 0 | E | | 5 | | 7 | | | | B |
| 7 | | | | 4 | 1 | | | | | A | | C | | 0 |
| | 9 | 5 | | 8 | | | | | | | | | | |
| | | | 3 | | 5 | | 1 | B | 2 | | | 4 | | 9 |
| | C | | 7 | | | | | 9 | | | E | | D | |
| | | | | E | | C | 4 | | B | | | 3 | | |
| | | 7 | 5 | | 6 | | | | | 0 | 8 | | | |
| | 3 | E | | 7 | 9 | | 8 | | | | D | | 1 | |
| | | | 1 | A | 8 | 0 | | D | | 4 | | | 5 | |
| 5 | 6 | | | | C | 3 | | | | | | | | |
| | D | 4 | A | 9 | | 2 | 5 | | | E | | | | |
| 9 | | C | | 1 | | 4 | 6 | | A | 8 | | | | |
| B | | A | | | | | | | 0 | | | | 3 | |
| | | 1 | | 0 | | | 7 | E | | | | | 8 | |
| 6 | | | | | D | | | 8 | | | | | A | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | E | 1 | 8 | D | 0 | 2 | 7 | A | 4 | 6 | 9 | B | C | 3 |
| 6 | B | 8 | A | 2 | 9 | 3 | E | 4 | D | 0 | C | 1 | 5 | 7 |
| A | 3 | 9 | 6 | 7 | 5 | 1 | C | 0 | B | 8 | 2 | D | E | 4 |
| 0 | C | 4 | 1 | B | E | 9 | 6 | D | 5 | 3 | 7 | 8 | A | 2 |
| D | 2 | 7 | 3 | C | 4 | B | 8 | 5 | A | E | 1 | 6 | 0 | 9 |
| 4 | A | 0 | 9 | 5 | 7 | 8 | B | 6 | 2 | D | 3 | C | 1 | E |
| C | D | 3 | B | 1 | 8 | A | 2 | 7 | 9 | 4 | E | 0 | 6 | 5 |
| E | 7 | 6 | C | A | D | 4 | 5 | 9 | 0 | 1 | 8 | 3 | 2 | B |
| 9 | 5 | B | 0 | E | 2 | D | 1 | 3 | C | A | 6 | 4 | 7 | 8 |
| 8 | 1 | 2 | 4 | 6 | 3 | C | 0 | E | 7 | 5 | B | 9 | D | A |
| 1 | 6 | 5 | 2 | 8 | A | E | 9 | B | 3 | C | 0 | 7 | 4 | D |
| 2 | 0 | D | 5 | 3 | 6 | 7 | 4 | 1 | 8 | B | A | E | 9 | C |
| B | 4 | A | D | 9 | 1 | 0 | 3 | C | E | 7 | 5 | 2 | 8 | 6 |
| 3 | 8 | E | 7 | 4 | C | 6 | A | 2 | 1 | 9 | D | 5 | B | 0 |
| 7 | 9 | C | E | 0 | B | 5 | D | 8 | 6 | 2 | 4 | A | 3 | 1 |

ଗତକାଲିର ଉତ୍ତର

# ସମ୍ପତ୍ତି ଅପେକ୍ଷା ସଂସ୍କାର ଆଗ



ଉପେନ୍ଦ୍ର ବିଶ୍ୱାଳ

ଭାରତର ବାଣିଜ୍ୟ ରାଜଧାନୀ ତଥା ଅତ୍ୟାଧୁନିକ ଚାକଚକ୍ୟଭରା ସମ୍ଭ୍ରାନ୍ତ ସହର ମୁମ୍ବାଇ। ମୁମ୍ବାଇର ଓଟିୱାରା ଅଞ୍ଚଳର ଏକ ବହୁମୂଲ୍ୟ ଫ୍ଲାଟ୍‌ରେ ଏକୁଟିଆ ରହୁଥିଲେ ଜଣେ ବୃଦ୍ଧା ମା'। ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ଥିବା ସୌଖୀନ ଫ୍ଲାଟ୍‌ଟିର ସେହି ରୁଦ୍ଧ ପରିସର ମଧ୍ୟରେ ନିଃସଙ୍ଗ ଜୀବନ ଜିଉଥିବା ମା'ଙ୍କର ନିଃଶ୍ୱାସଟିକକ କେତେବେଳେ ଯେ ଚାଲିଯାଇଛି, ତାହା ଜଣା ନ ଥିଲା କାହାରିକୁ। ଉଚ୍ଚ ଦରମାରେ ଆମେରିକାରେ ନିଯୁକ୍ତିପ୍ରାପ୍ତ ତାଙ୍କର ଜଣେ ପୁଅ ବର୍ଷଟିଏ ପରେ ୨୦୧୭ ମସିହାରେ ଯେବେ ଆସନ୍ତି ତ ମା'ଙ୍କର କଙ୍କାଳ ହିଁ କେବଳ ମିଳିଲା ତାଙ୍କୁ। ସେଲିବ୍ରିଟି ତଥା ଧନୀ ସୌଦାଗରମାନଙ୍କ ପସନ୍ଦର ସହରର ଆଉ ଏକ ବହୁଚର୍ଚ୍ଚିତ ଘଟଣା ନଜରକୁ ଆସିଥିଲା ସେହି ୨୦୧୭ ମସିହାରେ। ବିଶିଷ୍ଟ ଶିଳ୍ପପତି ବିଜୟପତ୍ ସିଙ୍ଘାଣିଆ ଯେବେ ମୁମ୍ବାଇ ଉଚ୍ଚ ନ୍ୟାୟାଳୟରେ ପୁତ୍ର ବିରୋଧରେ ଅଭିଯୋଗ ଆଣିଲେ। ଅଭିଯୋଗ ଅନୁଯାୟୀ, ତାଙ୍କର ସମସ୍ତ ସମ୍ପତ୍ତିକୁ ପୁଅ ଗୌତମ ସିଙ୍ଘାଣିଆଙ୍କ ନାମକୁ ହସ୍ତାନ୍ତର କରିଦେଲା ପରେ ସିଙ୍ଘାଣିଆ ଦମ୍ପତି ଏବେ ନିଃସ୍ୱ ଓ ନିର୍ଯାତିତ। ପ୍ରାୟ ସହସ୍ରାଧିକ କୋଟି ଟଙ୍କାର ଖ୍ୟାତନାମା 'ରେମଣ୍ଡ' କପଡ଼ା କମ୍ପାନୀର ମାଲିକ ପରିବାର ସହିତ ରହୁଥିବା ସୌଖୀନ ଫ୍ଲାଟ୍‌ରୁ ତଡ଼ା ଖାଇବା ସହିତ କମ୍ପାନୀରୁ ମଧ୍ୟ ବିତାଡ଼ିତ ହେଲେ। ପୁଅଙ୍କ ଉପେକ୍ଷା ଓ ହତାଦରର ଶିକାର ହୋଇ ଶେଷରେ ନ୍ୟାୟାଳୟର ଦ୍ୱାରସ୍ଥ ହେଲେ ଆଶ୍ରୟଟିକକ ପାଇଁ। ମାତାପିତାଙ୍କ ପ୍ରତି ପୁଅମାନଙ୍କର ଏପରି ଅକୃତଜ୍ଞତା ଓ ନିର୍ଦ୍ଦୟତା ସମ୍ବନ୍ଧେ ଦୁନିଆକୁ ଜଣାଇବା ପାଇଁ ନିଜର ଆତ୍ମଜୀବନୀ 'ଅସମ୍ପୂର୍ଣ୍ଣ ମଣିଷ' (The Incomplete Man) ଲେଖିଛନ୍ତି, ଯାହାକି ଉନ୍ମୋଚିତ ହେବାକୁ ନ୍ୟାୟାଳୟର ନିର୍ଦ୍ଦେଶ ଅପେକ୍ଷାରେ ରହିଛି। ସୁଦୃଢ଼ ପାରିବାରିକ ଭିତ୍ତିଭୂମିକୁ ନେଇ ବିଦେଶ ଭୂମିରେ ଗୌରବାନ୍ୱିତ ହେଉଥିବା ଭାରତବର୍ଷର ଗରିମା ଅନେକାଂଶରେ କ୍ଷୁଣ୍ଣ ହେଉଛି ଏପରି ନିନ୍ଦନୀୟ ଘଟଣାଗୁଡ଼ିକ ଯୋଗୁ। ରାଞ୍ଚିର ରୁଦ୍ରପୁରରେ ସେମିତି ଆଉ ଏକ ଘଟଣା ନଜରକୁ ଆସିଥିଲା ୨୦୧୮ ମସିହାରେ, ଦୀର୍ଘବର୍ଷ କାଳ ଏକୁଟିଆ ରହୁଥିବା ଜଣେ ବୃଦ୍ଧାଙ୍କର କଙ୍କାଳକୁ ପୋଲିସ ଯେବେ ଉଦ୍ଧାର କଲା ଦୁର୍ଗନ୍ଧରେ ଅତିଷ୍ଠ ଲୋକମାନଙ୍କଠାରୁ ସୂଚନା ପାଇ।

ଏହି ହେଉଛି ଆମର ସେହି ଅତୀତର ଆର୍ଯ୍ୟାବର୍ତ୍ତ, ଯେଉଁଠି ମାତାପିତାଙ୍କୁ ଜୀବନ୍ତ ଦେବତା ଓ ଈଶ୍ୱରଙ୍କ ସାକ୍ଷାତ୍ ଅବତାର ବୋଲି ବିବେଚନା କରାଯାଏ। ଶ୍ରୀରାମ, ଶ୍ରବଣକୁମାର ଆଦି ସୁଯୋଗ୍ୟ ସନ୍ତାନମାନଙ୍କ ମହନୀୟ ମାଟିରେ ଆଜି କିନ୍ତୁ ଘଟିଚାଲିଛି ଏପରି ଅନେକ ଘୃଣିତ ଘଟଣାମାନ। ବିଡ଼ମ୍ବନାର ବିଷୟ ଯେ, ଏପରି ଅତ୍ୟନ୍ତ ନିନ୍ଦା ଏବଂ ଲଜ୍ଜାକର ଘଟଣାଗୁଡ଼ିକର ବହୁଳତା କିନ୍ତୁ ଦେଖିବାକୁ ମିଳେ ମୁମ୍ବାଇ, ଦିଲ୍ଲୀ, ମାଡ୍ରାସ, କୋଲ୍‌କାତା ଆଦି ତଥାକଥିତ ସଭ୍ୟ ଶିକ୍ଷିତ ବାସ କରୁଥିବା ମେଟ୍ରୋ ନଗରୀମାନଙ୍କରେ। ପୁଣି ଦେଖିବାକୁ ମିଳୁଛି ଭୁବନେଶ୍ୱର, ଭୋପାଳ, ରାଞ୍ଚି, ଲକ୍ଷ୍ନୌ, ହାଇଦ୍ରାବାଦ ଆଦି ସ୍ମାର୍ଟ ସିଟିଗୁଡ଼ିକରେ। ଗାଁଗହଳିରେ ମା'ବାପାମାନେ ଏତେଟା ଅବହେଳିତ ଓ ଲାଞ୍ଛିତ ନୁହନ୍ତି ଯେତେଟା ହୁଅନ୍ତି ସ୍ମାର୍ଟ ମଣିଷମାନଙ୍କ ଗହଣରେ, ବଡ଼ ସହରମାନଙ୍କରେ, ସୌଖୀନ ପ୍ରାସାଦମାନଙ୍କରେ। ଅଭାବଗ୍ରସ୍ତ ଦୁନିଆର ମେହନତୀ ମଣିଷମାନେ ତ ପାରୁପର୍ଯ୍ୟନ୍ତ ବୟସ୍କ ମା'ବାପାଙ୍କର ସେବାଯତ୍ନ କରିଥାଆନ୍ତି। ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ତ ମା'ବାପା ନିର୍ଯାତିତ ହେଉଥିବାର ପ୍ରାୟତଃ ଦେଖାଯାଏ ନାହିଁ। ପ୍ରେରଣାଦାୟୀ ଆଖିଦେଖା ଘଟଣାଟିଏ ଏଠାରେ ଉଲ୍ଲେଖ କରିବା ସମୀଚୀନ ମନେହୁଏ। ଆଦିବାସୀ ଅଧ୍ୟୁଷିତ ନୀଳଗିରି ବ୍ଲକସ୍ଥ ଗୋଡ଼ିଶୁଳ ଗ୍ରାମର ଗରିବ ଦୁଇ ଭାଇଙ୍କ ମଧ୍ୟରେ କଳହ ହୁଏ ୧୦୮ ବର୍ଷର ବିଧବା ମା'ଙ୍କର ସେବାଯତ୍ନକୁ ନେଇ। ବଡ଼ଭାଇ ପଦ୍ମଲୋଚନ ସେଠୀଙ୍କ ଦାବି ହେଉଛି- ଯେହେତୁ ସେ ବଡ଼, ଏଣୁ ମା'ଙ୍କ ସେବାଯତ୍ନ କରିବାର ସୁଯୋଗ ସେ ଅଧିକ ପାଇବା ଉଚିତ। ସାନଭାଇ ସୁଦର୍ଶନ ମଧ୍ୟ ମା'ଙ୍କୁ ନିଜଠାରୁ ଅନ୍ତର କରିବାକୁ ଅମଙ୍ଗ। ସାନପୁଅ ପାଖରେ କୌଣସି ଅସୁବିଧା ହେଉ ନ ଥିବାରୁ ମା' ଜଣକ ସେଠାରେ ରହିବାକୁ ଉଚିତ ମଣୁଛନ୍ତି। ସେମିତି ଜନାର୍ଦ୍ଦନ ସାର୍ ନାମରେ ବେଶ୍ ପରିଚିତି ଥିବା ଅଧ୍ୟାପକ ଜଣକ ହେଉଛନ୍ତି ଆଉ ଜଣେ ଆଦର୍ଶ ମଣିଷ। ୟୁଏନ୍ କଲେଜ, ସୋରର ବାଣିଜ୍ୟ ବିଭାଗର ଏହି ଅଧ୍ୟାପକ କେବେ ମନ୍ଦିର ଯାଆନ୍ତି ନାହିଁ। ପୂଜା ପ୍ରାର୍ଥନା କରୁଥିବାର ମଧ୍ୟ କେବେ ଜଣାଯାଏ ନାହିଁ। ମା'ବାପାଙ୍କ ଶ୍ରୀଚରଣ ହେଉଛି ତାଙ୍କ ପାଇଁ ଶ୍ରୀମନ୍ଦିର ସଦୃଶ। ମାତାପିତାଙ୍କ ସେବାଯତ୍ନ ହିଁ ତାଙ୍କ ପାଇଁ ପୂଜା ଆଉ ପ୍ରାର୍ଥନା। ତାହା ହିଁ ତାଙ୍କ ପାଇଁ ପୁଣ୍ୟର ଆଧାର। ସାଧାରଣତଃ ଆମେ ମଣିଷମାନେ ଧର୍ମ-କର୍ମ, ତୀର୍ଥ-ବ୍ରତାଦି କରିଥାଉ ପୁଣ୍ୟପ୍ରାପ୍ତି ପାଇଁ। ପ୍ରୟାଗରେ ଗଙ୍ଗାସ୍ନାନ ଓ କୁମ୍ଭମେଳା ଅବସରରେ ଦୁର୍ଲଭ ସ୍ନାନଯୋଗ ଆଦି କୋଟିପୁଣ୍ୟର କାରଣ ବୋଲି ଆମର ବିଶ୍ୱାସ। ମାତ୍ର ଧର୍ମକର୍ମର ଧାର୍ ଧାରୁ ନ ଥିବା, ତୀର୍ଥ-ବ୍ରତାଦିର ନାଁ ଧରୁ ନ ଥିବା ଏହି ଅଧ୍ୟାପକ ଜଣକ ବିଭିନ୍ନ ବନ୍ଧୁବାନ୍ଧବଙ୍କ ଚିତାଭସ୍ମ ବିସର୍ଜନ ଅବସରରେ ପ୍ରୟାଗସ୍ଥ କୁମ୍ଭମେଳାରେ ଅତି ଦୁର୍ଲଭ ସ୍ନାନଯୋଗର ବିରଳ ସୁଯୋଗ ପାଇଛନ୍ତି ଏକାଧିକ ଥର।

ପିଲାଟିଏ ଭୂମିଷ୍ଠ ହେଲାକ୍ଷଣି ଆମେ ମା'ବାପା ସ୍ୱପ୍ନ ଦେଖିବା ଆରମ୍ଭ କରିଥାଉ। ଛୁଆଟି ଆମର ଭବିଷ୍ୟତରେ ବଡ଼ ଚାକିରିଟିଏ କରୁ, ଭଲ ରୋଜଗାର କରୁ। ସେଥିପାଇଁ ମୂଳରୁ ପ୍ରାଥମିକତା ଦେଉ ତା'ର କ୍ୟାରିୟର ଗଠନ ଦିଗରେ। ଦାମିକା ବିଦ୍ୟାଳୟଗୁଡ଼ିକରେ ନାଁ ଲେଖାଇଦେଉ, ଯେଉଁଠି ବେଶି ଦରରେ ପାଠ ବିକ୍ରୟ ହୁଏ। ପିଲାଙ୍କୁ ସେଠି ମଧ୍ୟ ଗଧଖଟଣି ଖଟିବାକୁ ପ୍ରେରିତ କରାଯାଏ। ଇଂଲିଶ୍ ଭାଷାକୁ ମାତ୍ରାଧିକ ପ୍ରାଧାନ୍ୟ ଦେଇ ପିଲାଙ୍କୁ ଇଂଲିଶ୍‌ମନସ୍କ କରିଦେଉ। ଫଳତଃ ପିଲାଏ ପାଶ୍ଚାତ୍ୟ ପ୍ରତି ହୁଅନ୍ତି ଆକର୍ଷିତ। ଏକେ ତ ତଥାକଥିତ ସେହିସବୁ ନାମୀଦାମୀ ବିଦ୍ୟାଳୟଗୁଡ଼ିକରେ ଭାରତୀୟ ସଂସ୍କୃତି, ଉଚ୍ଚ ମୂଲ୍ୟବୋଧ ଆଦିର ମଡ଼କ ଦେଖିବାକୁ ମିଳେ। ପୁଣି ପାଠ୍ୟଖସଡ଼ାରେ ମଧ୍ୟ ନ ଥାଏ ନୈତିକତାର ଶିକ୍ଷାଦୀକ୍ଷା, ସଂସ୍କାରର କଥା-ଗାଥା। ପରିବାର ଭିତରେ ମଧ୍ୟ ପିଲାଙ୍କଠି ସଂସ୍କାର ଭରିଲୁ ନାହିଁ କି ସଂସ୍କାରଧର୍ମୀ ଲେଖା ସହିତ ତାକୁ ଯୋଡ଼ିଲୁ ନାହିଁ। ସାହିତ୍ୟକୁ ଅଣଦେଖା କରି ପିଲାଏ ପ୍ରାଧାନ୍ୟ ଦେଲେ ମ୍ୟାଥ୍ ଏବଂ ସାଇନ୍ସରେ। ସୂଚନା ଓ ପ୍ରଯୁକ୍ତିବିଦ୍ୟାରେ ପିଲାଏ ହେଲେ ପାରଙ୍ଗମ। ଅର୍ଥାତ୍ ଜ୍ଞାନ, ବୁଦ୍ଧି, କୌଶଳର ହେଲା ବିକାଶ। ମାତ୍ର ଚେତନାର ବିକାଶ ଘଟିଲା ନାହିଁ ତାଙ୍କଠି। ଆଦ୍ୟରୁ ଯେଉଁଥିପାଇଁ କି ଏହି ପିଲାମାନେ ସ୍ୱପ୍ନାଭିଳାଷୀ ହେଲେ କେମିତି କୁବେରଟିଏ ହେବେ ଅବା କୁବେରପୁରରେ ଅବସ୍ଥାନ କରି ଅପର୍ଯ୍ୟାପ୍ତ ଅର୍ଥ ଅର୍ଜନ କରି ସଉକର ଜୀବନ ଜିଇବେ। ଏଣୁ ତାଙ୍କଠାରେ ସମ୍ପତ୍ତି ଠୁଳ କରିବାର ବ୍ୟାକୁଳତା ଦେଖାଦେଉଥିଲା ବେଳେ ସେବା ଓ ତ୍ୟାଗ ପ୍ରତି ବିମୁଖତା ଦେଖାଦେଲା। ଏପରି ପିଲାଙ୍କଠୁ ଅମୃତ ଫଳ ଆଶା କରିବା ନିରର୍ଥକ ନୁହେଁ କି? ଆମେ ଯେମିତି ଚାରା ରୋପିବା, ସେମିତି ଫଳ ପାଇବା। ଅମୃତ ଫଳ ପାଇବାକୁ ଆଶା ଥିଲେ ଆଦ୍ୟରୁ ପିଲାଙ୍କଠି ଅମୃତଭାବ ଭରିବା ଉଚିତ। ଆଦର୍ଶ ଆଚରଣରେ ପିଲାଙ୍କୁ ଅଳଙ୍କୃତ କରିବା ଉଚିତ। ଧନସମ୍ପତ୍ତି ତ କ୍ଷଣସ୍ଥାୟୀ କିନ୍ତୁ ସଂସ୍କାର ଦୀର୍ଘସ୍ଥାୟୀ। ମୃତ୍ୟୁ ପରେ ବି ତାହାର ଛାପ ଅମ୍ଳାନ ହୋଇ ରହିଥାଏ। ସଂସ୍କାର ଆଚ୍ଛାଦିତ ପିଲାଟି ଆବଶ୍ୟକ ସମ୍ପତ୍ତି ସହିତ ଶାନ୍ତି ଓ ସଫଳତା ବି ପାଇଥାଏ। ଗଛଟିରୁ ପତ୍ର, ଫୁଲ, ଫଳାଦି ପାଇବାକୁ ହେଲେ ମୂଳରେ ହିଁ ପାଣି ଦିଆଯାଇଥାଏ, ଡାଳ ବା ପତ୍ରରେ ନୁହେଁ। ଏଣୁ ସମ୍ପତ୍ତିର ଲାଭ ଓ ଲୋଭଠାରୁ ଦୂରେଇ ରଖି ପିଲାଙ୍କଠି ସଂସ୍କାର ଭରିଲେ ଦୁନିଆଟା ସୁନା ହୋଇଯାଆନ୍ତା।

ଗୋଡ଼ିଶୁଳ, ନୀଳଗିରି, ବାଲେଶ୍ୱର,
ମୋ- ୯୪୩୭୪୩୬୦୭୩,

# ନବଜାଗରଣର ବାର୍ତ୍ତାବହ

ଭାବଗ୍ରାହୀ ରାଉତ

"ଉଠ ଉଠ ଉଠ
ପରିହରି ମୋହନିଦ୍ରା ଆସକରି ରଣ
ଉତ୍କଳ ତିମିର ସଙ୍ଗେ ହୋଇ ସ୍ଥିର ମନ।"

ବ୍ରିଟିଶ୍ ଶାସନ ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରି 'ଉତ୍କଳପୁତ୍ର' ପତ୍ରିକା ମାଧ୍ୟମରେ ଉତ୍କଳୀୟମାନଙ୍କୁ ଜାତୀୟ ଭାବନାରେ ଉଦ୍‌ବୁଦ୍ଧ କରିବା ପାଇଁ ଏହା ଥିଲା ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଆହ୍ୱାନ। ମାତୃଭୂମି ଓ ମାତୃଭାଷାର ଉନ୍ନତି ପାଇଁ ତାଙ୍କ ଜୀବନ ଥିଲା ସମର୍ପିତ। ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ଭାଷାର ମାନ୍ୟତା ଓ ଓଡ଼ିଶାକୁ ଭାଷାଭିତ୍ତିକ ପ୍ରଦେଶ ଗଠନ ଥିଲା ତାଙ୍କର ସ୍ୱପ୍ନ। ପିତା ଭୁବନମୋହନଙ୍କ ଜ୍ୟେଷ୍ଠପୁତ୍ର ପ୍ୟାରୀମୋହନ କୁଆଁପାଳର ଚାଟଶାଳୀ ପରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କୃତିତ୍ୱ ଅର୍ଜନ କରି ୧୨ବର୍ଷ ବୟସରେ ଐତିହାସିକ କଟକ ଜିଲ୍ଲା ସ୍କୁଲ୍‌ରେ ୬ବର୍ଷ ଅଧ୍ୟୟନ କରିଥିଲେ। ୧୮୬୯ରେ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ସଫଳତା ଅର୍ଜନ ସହ ଏଫ୍.ଏ ଶ୍ରେଣୀରେ ନାମ ଲେଖାଇଥିଲେ। ଦର୍ଶନ ବିଭାଗର ଅଧ୍ୟାପକ ହରନାଥ ଭଟ୍ଟାଚାର୍ଯ୍ୟଙ୍କ ଶିକ୍ଷାଦାନ, ଗଭୀର ଜ୍ଞାନ ଓ ବ୍ରାହ୍ମଧର୍ମ ଦର୍ଶନରେ ପ୍ୟାରୀମୋହନ ପ୍ରଭାବିତ ହୋଇ ୧୮୭୦ ମସିହାରେ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ। ସ୍ୱାଧୀନଚେତା ଓ ମାନବବାଦୀ ପ୍ୟାରୀମୋହନ ସର୍ବଦା ସମାଜର ଉନ୍ନତି ଚିନ୍ତା କରୁଥିଲେ। ସେ ଅନ୍ୟାୟ, ଅନୀତି, ଦୁର୍ନୀତି, ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପଛାଉ ନ ଥିଲେ। ଜାତିପ୍ରଥାର ବିରୋଧ, ବିଧବାବିବାହ, ନାରୀ ଶିକ୍ଷାପ୍ରସାର, ନରବଳି ପ୍ରଥାର ଉଚ୍ଛେଦ, ବାଲ୍ୟବିବାହର ବିରୋଧ, ସର୍ବୋପରି ଶିକ୍ଷାର ପ୍ରସାର ଥିଲା ତାଙ୍କ ଜୀବନର ଲକ୍ଷ୍ୟ। ଏହି ସମୟରେ ପ୍ୟାରୀମୋହନ ଓ ମଧୁସୂଦନଙ୍କ ଉଦ୍ୟମରେ ଓଡ଼ିଶାରେ ନବଜାଗରଣର ସୂତ୍ରପାତ ହୋଇଥିଲା। ବ୍ରିଟିଶ୍ ସରକାରଙ୍କ ବିରୋଧରେ ତତ୍‌କାଳୀନ କଟକ ସହରର ରାସ୍ତାଘାଟର ଅବସ୍ଥାକୁ ଲକ୍ଷ୍ୟ କରି 'ଦରଖାସ୍ତ ଯୁଡିଆନ୍' ନାମକ ଏକ ଲେଖା ପ୍ରକାଶ କରିବାକୁ ମଧ୍ୟ ପଛଘୁଞ୍ଚା ଦେଇ ନ ଥିଲେ, ଯାହାର ପରିଣାମ ସ୍ୱରୂପ ତାଙ୍କର ପାଠପଢ଼ାରେ ଡୋରିବାନ୍ଧିବାକୁ ପଡ଼ିଥିଲା। ସେ 'ଉତ୍କଳପୁତ୍ର' ନାମରେ ୧୮୭୧ରେ ନିଜ ସମ୍ପାଦନାରେ ଏକ ଖବରକାଗଜ ପ୍ରକାଶ କରିଥିଲେ। ଇଂରେଜ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ସ୍କୁଲ୍‌ରୁ ସତକଥା କହି ବିଦାୟ ନେଲାପରେ ସେ ଗଭୀର ଭାବରେ ଚିନ୍ତା କରିଥିଲେ ବେସରକାରୀ ସ୍ତରରେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ। ବହୁ ପ୍ରତିବନ୍ଧକ ସତ୍ତ୍ୱେ କଟକ ବକ୍ସିବଜାର ସ୍ଥିତ



ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଜୟନ୍ତୀ ଉପଲକ୍ଷେ

ଧନୀ କୃପାନିଧି ସାହୁଙ୍କ ସହାୟତାରେ ଏବଂ ପଣ୍ଡିତ ଗୋବିନ୍ଦ ରଥଙ୍କ ସହଯୋଗରେ ନୂତନ ବିଦ୍ୟାଳୟର ଶୁଭାରମ୍ଭ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୧୮୭୫ରେ ଶିକ୍ଷାନୁଷ୍ଠାନଟି ମଧ୍ୟଇଂରାଜୀ ବିଦ୍ୟାଳୟ ଏବଂ ୧୮୭୯ରେ ହାଇସ୍କୁଲ୍ ପରେ 'କଟକ ଏକାଡ଼େମୀ' ନାମରେ ପରିଣତ ହେବା ପ୍ୟାରୀମୋହନଙ୍କ ପାଇଁ ଆଧୁନିକ ଶିକ୍ଷା ବିକାଶର ଏକ ଐତିହାସିକ ପଦକ୍ଷେପ।

୧୮୭୫ ପର୍ଯ୍ୟନ୍ତ ଓଡ଼ିଆରେ ଓଡ଼ିଶାର ଇତିହାସ ଲେଖା ଯାଇ ନ ଥିଲା। ୧୮୭୩-୭୪ ପର୍ଯ୍ୟନ୍ତ ଓଡ଼ିଶାର ଇତିହାସ ଲେଖାଯାଇଥିଲା ଅଣଓଡ଼ିଆଙ୍କ ଦ୍ୱାରା, ତାହା ପୁଣି ଇଂଲିଶ ଭାଷାରେ। ହଣ୍ଟର, ଷ୍ଟର୍ଲିଂ ସାହେବ, ଟଏନବି ଓ ରାଜେନ୍ଦ୍ରଲାଲ୍ ମିତ୍ର ଓଡ଼ିଶା ସଂପର୍କରେ ଯେଉଁ ଇତିହାସ ରଚନା କରିଥିଲେ ତାହା ଓଡ଼ିଆ ଜାତିର ଇତିହାସ ସହ ଅନେକ ଦୃଷ୍ଟିକୋଣରୁ ଊଣାଥିଲା। ପ୍ୟାରୀମୋହନ ଉପଲବ୍ଧି କଲେ ଓଡ଼ିଆରେ ଓଡ଼ିଶା ଇତିହାସ ରଚନାର ଆବଶ୍ୟକତା। ଏହି ଇତିହାସ ରଚନା ପାଇଁ ପ୍ୟାରୀମୋହନଙ୍କୁ ବହୁ ପରିଶ୍ରମ ଓ ଅଧ୍ୟବସାୟ କରିବାକୁ ପଡ଼ିଥିଲା। ସେ ଅତୀତର ସମସ୍ତ ଘଟଣା ପ୍ରବାହକୁ ସ୍ଥାନ ଦେବାକୁ ସଫଳ ହୋଇଥିଲେ। ଓଡ଼ିଶାର ଭୌଗୋଳିକ ସ୍ଥିତି, ରାଜତନ୍ତ୍ରର ଉତ୍ଥାନ ଓ ପତନ, ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି, କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ହିନ୍ଦୁଧର୍ମ, ବୌଦ୍ଧ, ଜୈନ, ଶୈବ, ଶାକ୍ତ ପୁରାଣ, ପ୍ରାଚୀନ ଗ୍ରନ୍ଥ, ତାଳପତ୍ର ପୋଥି, ଶିଳାଲେଖ ତମ୍ବାପଟ୍ଟା, ବେଦବେଦାନ୍ତ, ସଂହିତା, ଉପନିଷଦ, ସରକାରୀ ନଥିପତ୍ରର ସମସ୍ତ ତଥ୍ୟକୁ ଆଧାର କରି ଓଡ଼ିଆ ଭାଷାରେ ଏକ ତ୍ରୁଟିରହିତ ପୂର୍ଣ୍ଣାଙ୍ଗ ଓଡ଼ିଆ ଜାତିର ଇତିହାସ ରଚନା କରିଥିଲେ। ଉତ୍କଳୀୟମାନଙ୍କ ମଧ୍ୟରେ ଉତ୍କଳୀୟ ଭାବ ଜାଗ୍ରତ କରବାକୁ ଏହା ମାଧ୍ୟମରେ ସେ ସକ୍ଷମ ହୋଇଥିଲେ। ଉତ୍କଳଜନନୀର ସୁଯୋଗ୍ୟ ସନ୍ତାନ ପ୍ୟାରୀମୋହନଙ୍କ ଆୟୁ ମାତ୍ର ୩୦ବର୍ଷ ଥିଲା, ଅର୍ଥାତ୍ ୧୮୫୧ରୁ ୧୮୮୧। ମାତ୍ର ଜୀବନର ଶେଷ ୧୦ବର୍ଷ ସେ ଦେଶପ୍ରୀତି ଓ ଜାତି ଗଠନରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଇତିହାସ ନ ଥିବା ଜାତିକୁ ଭାଷାଭିତ୍ତିକ ପ୍ରଦେଶ ଗଠନ ପାଇଁ ତାଙ୍କ ରଚିତ ନୂତନ ଇତିହାସ ଯଥେଷ୍ଟ ପ୍ରେରଣା ଯୋଗାଇଥିଲା। ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ସେ ଏକାଧାରାରେ ଥିଲେ ନବଜାଗରଣର ବାର୍ତ୍ତାବହ, ସମାଜ ସଂସ୍କାରକ, ସାମ୍ବାଦିକ, ପ୍ରାବନ୍ଧିକ, ଐତିହାସିକ, ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ରକ୍ଷକ ଓ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର। ଏହି ଯୋଗଜନ୍ମା ପୁରୁଷଙ୍କ ଜନ୍ମ ୧୮୫୧ ଅଗଷ୍ଟ ୫ ତାରିଖରେ କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ଗୋବରୀ ନଦୀର ଉପକଣ୍ଠରେ ଅବସ୍ଥିତ ପଶୁଲୁଣ୍ଡା ଗ୍ରାମରେ ହୋଇଥିଲା।

ମୋ- ୯୪୩୭୪୮୪୧୨୫

## ଏଇ ଭାରତରେ

ଆ୦ ବର୍ଷର ବାଳକଙ୍କୁ ସିଧାସଳଖ ନବମ ଶ୍ରେଣୀରେ ପଢ଼ିବା ପାଇଁ ଅନୁମତି ମିଳିଛି। ଏପରି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶରେ। ଏହି ବିସ୍ମୟ ବାଳକ ହେଉଛନ୍ତି ରାଷ୍ଟ୍ରମ୍ ଆଦିତ୍ୟ ଶ୍ରୀକ୍ରିଷ୍ଣ। ତାଙ୍କୁ ୟୁପି ବୋର୍ଡ ନବମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଅନୁମତି ଦେଇଛି। ସେ ମାତ୍ର ୧୦ବର୍ଷ ବୟସରେ ୨୦୨୧ରେ ହାଇସ୍କୁଲ ପରୀକ୍ଷା ଦେବେ। ନିୟମ ଅନୁଯାୟୀ ଉତ୍ତରପ୍ରଦେଶରେ ଦଶମ ବୋର୍ଡ ପରୀକ୍ଷା ଦେବା ପାଇଁ ଜଣେ ଛାତ୍ରକୁ ଅନ୍ୟୁନ ୧୪ବର୍ଷ ବୟସ ହୋଇଥିବା ଆବଶ୍ୟକ। କିନ୍ତୁ ଏକ ବିରଳ ଘଟଣାକ୍ରମରେ ରାଷ୍ଟ୍ରମ୍ ୧୦ବର୍ଷ ବୟସରେ ବୋର୍ଡ ପରୀକ୍ଷା ଦେବେ। ବୋର୍ଡ ସେକ୍ରେଟାରି ନୀନା ଶ୍ରୀବାସ୍ତବ କହିଛନ୍ତି, ରାଷ୍ଟ୍ରମ୍‌ଙ୍କ ବାପାଙ୍କୁ ଏହି ନିର୍ଦ୍ଦେଶନାମା ବିଷୟରେ ସୂଚନା ଦିଆଯାଇଛି। ବର୍ତ୍ତମାନ ରାଷ୍ଟ୍ରମ୍ ପଢ଼ାରେ ଧ୍ୟାନ ଦେଉଛନ୍ତି। ସେ ଘରେ ପ୍ରାଥମିକ ପାଠ ଶେଷ କରିଛନ୍ତି। ତାଙ୍କର ଗଣିତ ଓ ସାମାଜିକ ବିଜ୍ଞାନରେ ଭଲ ଜ୍ଞାନ ଅଛି। ସେ ମଧ୍ୟ ଯୋଗ ଓ ଧ୍ୟାନରେ କୃତିତ୍ୱ ହାସଲ କରିପାରିଛନ୍ତି। ସେ ହିନ୍ଦୀ, ଇଂଲିଶ ଓ କିଛି ମାତ୍ରାରେ ଫରାସୀ ଭାଷା ମଧ୍ୟ ଜାଣନ୍ତି। ରାଷ୍ଟ୍ରମ୍‌ଙ୍କ ପିତା ତଥା ଜ୍ୟୋତିର୍ବିଦ୍ ପଓ୍ୱନ କୁମାର ଆଚାର୍ଯ୍ୟ କହିଛନ୍ତି, ନବମ ଶ୍ରେଣୀରେ ନାମ ଲେଖାଇବା ପାଇଁ ୟୁପି ବୋର୍ଡରେ ଆବେଦନ କରାଯାଇଥିଲା। ଏଥିପାଇଁ ଅନୁମୋଦନ ମିଳିଛି। ସ୍କୁଲ ଜିଲା ଇନ୍ସପେକ୍ଟର ମୁକେଶ କୁମାର ମଧ୍ୟ ଉକ୍ତ ବାଳକର ପ୍ରଖର ମେଧାଶକ୍ତି ପାଇଁ ସନ୍ତୋଷ ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ଏ ବଦନେ ତବ ନାମ ଧରି ଯଦି କରେ ଅପମାନ,
ସେ ରସନା ଲଭୁ ମୋର ସକଳ ରସର ଅବସାନ।
(ଆସ୍ତିକର ଆକୁତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୫ ଅଗଷ୍ଟ ୧୯୯୪

- ଫିଲିପାଇନ୍ସରେ ସୈନ୍ୟବାହିନୀ ଓ ମୁସଲିମ୍ ମୌଳବାଦୀମାନଙ୍କ ମଧ୍ୟରେ ସଂଘର୍ଷ ଘଟି ୨୦ଜଣ ମୌଳବାଦୀ ନିହତ।
- ଘରୋଇ ଏୟାରଟ୍ୟାକ୍ସି ଅପରେଟରମାନେ ବିଦେଶରୁ ନୂଆ ବିମାନ ଆମଦାନୀ ନେଇ କେନ୍ଦ୍ର ସରକାରଙ୍କ କଟକଣା।
- କଶ୍ମୀରରେ ନିରାପତ୍ତାବାହିନୀ ଓ ଉଗ୍ରପନ୍ଥୀଙ୍କ ମଧ୍ୟରେ ସଂଘର୍ଷ ଘଟି ୧୩ ମୃତ।

## ଆମ ସମସ୍ୟା

### ସତ୍ୟବିହାର ବସ୍ତିର ଉନ୍ନତି ହେଉ

ମହାଶୟ,

ମୁଁ ସୁଧାକର ପାଣି, ପ୍ଲଟ୍ ନମ୍ବର ୨୧୯୮, ସତ୍ୟବିହାର, ପଳାଶୁଣି, ଭୁବନେଶ୍ୱର। ସତ୍ୟବିହାର ବସ୍ତିର ଦୁରବସ୍ଥା ଓ ତାହାର ନିରାକରଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ କୃପାଦୃଷ୍ଟି ଆକର୍ଷଣ କରୁଛି। ସତ୍ୟବିହାର ହେଉଛି ଭୁବନେଶ୍ୱରର ପ୍ରବେଶ ପଥ। ଏହି ବାଟ ଦେଇ ରାଜଧାନୀକୁ ଯିବାକୁ ହୁଏ। ଗାଁ ପରିମଳ ଧୋବା ତୁଠରୁ ନ୍ୟାୟରେ ସତ୍ୟବିହାରକୁ ଦେଖିଲେ ରାଜଧାନୀ କେତେ ସ୍ୱଚ୍ଛ ଓ ସ୍ମାର୍ଟ ତାହା ଜଣାପଡ଼େ। ସତ୍ୟବିହାର ବାସିନ୍ଦାଙ୍କ ସର୍ବନିମ୍ନ ଆବଶ୍ୟକତା ଯଥା ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପାନୀୟଜଳ, ବିଜୁଳି ଇତ୍ୟାଦି ଏଯାବତ୍ ପୂରଣ ହୋଇନାହିଁ। ସବୁ ଗଳିକନ୍ଦିକୁ ପକ୍କା ରାସ୍ତା ନାହିଁ, ପାନୀୟଜଳ ବ୍ୟବସ୍ଥା ନାହିଁ। ଜଳ ନିଷ୍କାସନର ବ୍ୟବସ୍ଥା ନାହିଁ। ସବୁ ରାସ୍ତାରେ ବିଜୁଳି ଆଲୋକ, ପିଲାଙ୍କ ପଢ଼ିବା ନିମନ୍ତେ ପ୍ରାଇମେରି ସ୍କୁଲ, ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ର, ପୋଷ୍ଟଅଫିସ, ସାପ୍ତାହିକ ହାଟ, ମାର୍କେଟ କମ୍ପ୍ଲେକ୍ସ, ନିରାପତ୍ତା ବ୍ୟବସ୍ଥା, ଚୋରି, ଡକାୟତି, ଲୁଟେରାଙ୍କ କବଳରୁ ରକ୍ଷା ନିମନ୍ତେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା, ରାସ୍ତା କଡ଼ରେ ବୃକ୍ଷ ରୋପଣ ଇତ୍ୟାଦି ଜରୁରୀ।

ସୁଧାକର ପାଣି, ବରିଷ୍ଠ ନାଗରିକ, ସତ୍ୟବିହାର, ଭୁବନେଶ୍ୱର

### ସତ୍ୟବାଦୀରେ ଅଘୋଷିତ ବିଦ୍ୟୁତ୍ କାଟ

ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସତ୍ୟବାଦୀ ବ୍ଲକର ୨୪ ଗୋଟି ପଞ୍ଚାୟତରେ ପ୍ରତିଦିନ ବିଦ୍ୟୁତ୍‌ର ଲୁଚକାଳି ଖେଳ ସାଧାରଣରେ ତୀବ୍ର ଅସନ୍ତୋଷ ଭରିଦେଲାଣି। କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅନୁରୋଧ।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ଜୁଲାଇ ୨୮- ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏସ୍. ଜୟପାଲ ରେଡ୍ଡୀଙ୍କ ୭୭ ବର୍ଷ ବୟସରେ ପରଲୋକ।

୨୯- କର୍ନାଟକର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଭାଜପା ନେତା ବି.ଏସ୍. ୟେଦୁରପ୍ପା ଆସ୍ଥାଭୋଟରେ ତାଙ୍କ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇଛନ୍ତି।

୩୦- ଲୋକ ସଭାରେ ଗୃହୀତ ହୋଇଥିବା ତିନି ତଲାକ୍ ବିଲ୍ ରାଜ୍ୟ ସଭାରେ ଗୃହୀତ।

୩୧- ନଦୀ ଜଳ ବିବାଦର ବିଚାର ପାଇ ବିଲ୍ ଲୋକ ସଭାରେ ଗୃହୀତ।

ଅଗଷ୍ଟ ୧- ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ତିନି ତଲାକ ବିଲ୍‌କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସ୍ୱୀକୃତି ଦେବା ଫଳରେ ତାହା ଆଇନରେ ପରିଣତ ହୋଇଛି।

* ପାକିସ୍ତାନରେ ଗୁପ୍ତଚର ବୃତ୍ତି ଅଭିଯୋଗରେ ରାଜୁ ଲକ୍ଷ୍ମଣ ନାମକ ଭାରତୀୟ ଗିରଫ।

୨- ବରିଷ୍ଠ ଟିଭି ଉପସ୍ଥାପକ ରବୀଶ କୁମାରଙ୍କୁ ମିଳିଲା ରେମନ୍ ମାଗ୍‌ସେସେ ପୁରସ୍କାର।



ଥରେ ଖ୍ୟାତି ଅର୍ଜନ କରିଗଲେ ତାକୁ ଜୀବନ ତମାମ
ଧରି ରଖିବା ଭାରି କଷ୍ଟ। -ଭଲ୍ଟାୟର



## ସଂକ୍ଷେପରେ

### ଡାଙ୍ଗମୁଣ୍ଡା-କୁର୍ତ୍ତିପାଲି ରାସ୍ତା ଶୋଚନୀୟ

ମନମୁଣ୍ଡା, ୪।୮ (ଡି.ଏନ.ଏ)

କନ୍ଧମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତ ଡାଙ୍ଗମୁଣ୍ଡା-କୁର୍ତ୍ତିପାଲି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ରାସ୍ତାର ଉଭୟ ପାର୍ଶ୍ୱରେ ଚାଷୀମାନେ ମାଟି ଗଦା କରିଥିବା ବେଳେ ସାମାନ୍ୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଜମା ହୋଇ ରହୁଛି। ଲୋକମାନେ କାଦୁଅ ପାଣି ଦେଇ ଦୟନୀୟ ଭାବେ ଯା'ଆସ କରୁଛନ୍ତି । ବୃଦ୍ଧା, ବୃଦ୍ଧ, ଛାତ୍ରୀଛାତ୍ରମାନଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି । କୁର୍ତ୍ତିପାଲି, କଲତାପାଲି, ଡାଙ୍ଗମୁଣ୍ଡା, ଖଲିଆମୁଣ୍ଡା, ପଦ୍ମତୋଳି ଆଦି ଗ୍ରାମର ଲୋକମାନେ ଏହି ରାସ୍ତା ଦେଇ ମନମୁଣ୍ଡାକୁ ବିଭିନ୍ନ କାମରେ ଆସିଥାନ୍ତି ଏବଂ ଛାତ୍ରୀଛାତ୍ରମାନେ ପଢ଼ିବାକୁ ଆସିଥାନ୍ତି । ଏହି ରାସ୍ତାକୁ କଂକ୍ରିଟ ସହ ଡ୍ରେନେଜ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି ।

### ପ୍ରତିଶ୍ରୁତି ପରେ ପଞ୍ଚାୟତ ଅଫିସ୍‌ରୁ ତାଲା ଖୋଲିଲା

ବୌଦ୍ଧ/ଜହ୍ନାପଙ୍କ,୪।୮(ସ୍ୱ.ପ୍ର)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତରେ ସରପଞ୍ଚଙ୍କ ଦ୍ୱାରା ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣାର ତଦନ୍ତ କରି ସରପଞ୍ଚଙ୍କୁ ବହିଷ୍କାର କରିବାକୁ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟମାନେ ଶନିବାର ପଞ୍ଚାୟତ ଅଫିସ୍‌ରେ ତାଲା ପକାଇଥିଲେ । ଖବର ପାଇ ଜିଲାସ୍ତରୀୟ ଅଧିକାରୀ ଘଟଣାସ୍ଥଳକୁ ଯାଇ ପ୍ରତିଶ୍ରୁତ ଦେବା ପରେ ତାଲା ଖୋଲିଥିଲା । ତେବେ ଏ ନେଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଲଲାଟେନ୍ଦୁ ମିଶ୍ର ସୂଚନା ଦେଇଛନ୍ତି । ଅଭିଯୋଗକାରୀ ୱାର୍ଡ ସଭ୍ୟାସଭ୍ୟଙ୍କ ସୂଚନା ମୁତାବକ, ଖୁଣ୍ଟବନ୍ଧ ପଞ୍ଚାୟତର ସରପଞ୍ଚ ଦୀର୍ଘ ୯ ମାସ ହେଲା ପଞ୍ଚାୟତ ଅଫିସ୍‌କୁ ଆସୁନାହାନ୍ତି। ସେ ପଞ୍ଚାୟତକୁ ଆସୁଥିବା ପିଡିଏସ ସାମଗ୍ରୀ ହିତାଧିକାରୀଙ୍କୁ ନ ଦେଇ ହଡପ କରୁଛନ୍ତି । ଏହାସହିତ ଭତ୍ତା ଟଙ୍କା ହଡପ କରିବା ଓ ମିଥ୍ୟା କାଗଜପତ୍ର ପ୍ରସ୍ତୁତ କରି ପଞ୍ଚାୟତ ଉନ୍ନୟନ ପାଇଁ ଆସୁଥିବା ଅର୍ଥ ବାଟମାରଣା କରିବା ଭଳି ଅଭିଯୋଗ ଆଣିଛନ୍ତି ୱାର୍ଡ ସଭ୍ୟାସଭ୍ୟ । ସେହିପରି ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀଙ୍କ ଟଙ୍କା ନ ଦେଇ ହଡପ କରାଯାଉଛି । ବୁରକଟା ଠାରେ ଗ୍ରାମବାସୀ ନିଜେ ଟଙ୍କା ଖର୍ଚ୍ଚ କରି ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରିଥିବାବେଳେ ଉକ୍ତ କେନ୍ଦ୍ର ନାମରେ ଅର୍ଥ ଉଠାଯାଇଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ୱାର୍ଡସଭ୍ୟାସଭ୍ୟ ପଞ୍ଚାୟତ ଅଫିସ୍‌ରେ ତାଲା ପକାଇଥିଲେ ।

# ମେହବୁବା, ଓମାର ଗୃହବନ୍ଦୀ

ଶ୍ରୀନଗର,୪।୮

ରାଷ୍ଟ୍ରପତି ଶାସନ ଜାରି ହୋଇଥିବା ଜମ୍ମୁ-କଶ୍ମୀରରେ କେନ୍ଦ୍ର ସରକାର ଓ ରାଜ୍ୟର ରାଜନୈତିକ ଦଳଗୁଡ଼ିକ ମୁହାଁମୁହିଁ ଅବସ୍ଥାରେ ପହଞ୍ଚିଛନ୍ତି। ଶ୍ରୀନଗରରେ ସର୍ବଦଳୀୟ ବୈଠକରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ ଉଦ୍ୟମ ବିରୋଧରେ ଲଢ଼େଇ କରିବାକୁ ପ୍ରସ୍ତାବ ଗୃହୀତ ହେବାର କିଛି ସମୟ

**ଶ୍ରୀନଗରରେ ୧୪୪ ଧାରା ଜାରି**

ପରେ ନ୍ୟାଶନାଲ୍ କନ୍‌ଫରେନ୍ସ ନେତା ଓମାର ଅବଦୁଲ୍ଲା ଏବଂ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କୁ ରବିବାର ବିଳମ୍ବିତ ରାତିରେ ଗୃହବନ୍ଦୀ କରାଯାଇଛି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିବାବେଳେ ମଧ୍ୟରାତ୍ରରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶ୍ରୀନଗରରେ ୧୪୪ ଧାରା ଜାରି ହୋଇଛି। ଏଥିସହ ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦିଆଯାଇଛି। ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ଘରେ ବସିଥିବା ଜରୁରୀ ବୈଠକରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଏସ୍.ପି. ବୈଦଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି। ରାଜ୍ୟରେ ମୋବାଇଲ ଓ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି ।



## ବିଶିଷ୍ଟ ସାହିତ୍ୟିକା, ସାମ୍ବାଦିକା, ରାଜନୀତିଜ୍ଞା ଥିଲେ ନନ୍ଦିନୀ

ଭୁବନେଶ୍ୱର, ୪।୮(ବ୍ୟୁରୋ):

ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀ ରବିବାର ରାଜଭବନ ନିକଟ ଏଲ୍ଆଇସି ଛକସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଏହି ବରପୁତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉପସ୍ଥିତ ବକ୍ତାମାନେ ନନ୍ଦିନୀଙ୍କୁ ଓଡିଶାର ଲକ୍ଷ୍ମୀବାଈ ଓ ଲୌହମାନବୀ ବୋଲି ସମ୍ବୋଧିତ କରିବା ସହିତ ସେ ଜଣେ ବିଶିଷ୍ଟ ଲେଖିକା, ସାମ୍ବାଦିକା, ସାହିତ୍ୟିକା ଓ ରାଜନୀତିଜ୍ଞା ଥିଲେ ବୋଲି କହିଥିଲେ। ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ ସମ୍ପାଦକ ଅଶୋକ କୁମାର ପାଲଟାସିଂ, ସମାଚାର ପତ୍ରିକାର ସମ୍ପାଦକ ଇଂ. ଶିବ ପ୍ରସାଦ ମିଶ୍ର, ମହେଶ୍ୱର ବିଶ୍ୱାଳ, ଇଂ. ନଳିନୀ ମହାନ୍ତି, କ୍ଷେତ୍ର ମୋହନ ନାୟକ, ଅକ୍ଷୟ ଜେଠୀ, ଅଜୟ କାନୁନ୍‌ଗୋ, ନିରଞ୍ଜନ ପାତ୍ର, ବାସନ୍ତୀ ତ୍ରିପାଠୀ ଓ ପ୍ରକାଶ କୁମାର ସାମଲଙ୍କ ସମେତ ବହୁ ସଦସ୍ୟାସଦସ୍ୟଙ୍କ ସମେତ ଖବରଦାତା ନିମାଇଁ ଚରଣ ଦାସ ବରପୁତ୍ରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ।




ଉତ୍କଳ ସମ୍ମିଳନୀ ପକ୍ଷରୁ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

## ଜଡିବୁଟି ଦିବସ ପାଳିତ

ବୌଦ୍ଧ,୪।୮(ସ୍ୱ.ପ୍ର)

ଭାରତବର୍ଷରେ ଆୟୁର୍ବେଦିକ ଚିକିତ୍ସା ହ୍ରାସ ପାଉଥିବାବେଳେ ପତଞ୍ଜଳି ଯୋଗପୀଠର ଆୟୁର୍ବେଦ ଶିରୋମଣି ଆଚାର୍ଯ୍ୟ ବାଲକ୍ରିଷ୍ଣଙ୍କ ଦ୍ୱାରା ଜଡିବୁଟି ଔଷଧର ଗୁରୁତ୍ୱ ବୃଦ୍ଧିପାଇବାରେ ଲାଗିଛି। ରବିବାର ବୌଦ୍ଧ ଜିଲା ଭାରତ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଚନ୍ଦ୍ରଚୂଡ ମନ୍ଦିର ପରିସରରେ ଆଚାର୍ଯ୍ୟ ବାଲକ୍ରିଷ୍ଣ ଜନ୍ମ ଦିବସକୁ ଜଡିବୁଟି ଦିବସ ଭାବେ ପାଳନ କରାଯାଇଥିଲା। ଏହି ଅବସରରେ ସକାଳ ୫ଟା ସମୟରେ ବୁଢୁପାଲିଠାରେ ମହିଳା ପତଞ୍ଜଳି ଯୋଗ ସମିତି ପକ୍ଷରୁ ସ୍ୱତନ୍ତ୍ର ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଋଷି ସ୍ୱାମୀ ଓମ୍‌ଦେବଜୀ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଆୟୁର୍ବେଦ ଚିକିତ୍ସା ଉପରେ ଆଲୋକପାତ କରିଥିଲେ। ସଭାପତି ଦେବାଶିଷ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ ରଞ୍ଜନ ଦାସ ଅନ୍ୟତମ ଅତିଥି, ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ପ୍ରବୀର କୁମାର ଦାସ, ଉତ୍ସର୍ଗ ଅନୁଷ୍ଠାନର ଆବାହକ ସମ୍ପତ କୁମାର ଅଗ୍ରୱାଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଭୈରବୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଶ୍ରୀଚନ୍ଦ୍ରଚୂଡ ମନ୍ଦିର ପରିସରରେ ବୃକ୍ଷରୋପଣ ଏବଂ ଔଷଧୀୟ ଚାରା ବଣ୍ଟନ କରାଯାଇଥିଲା।

## କାଦୁଅ ରାସ୍ତା, ଯାତାୟାତ ବନ୍ଦ

ମନମୁଣ୍ଡା, ୪।୮ (ଡି.ଏନ.ଏ)

ବୌଦ୍ଧ ଜିଲା ଶଗଡା ପଞ୍ଚାୟତ କନପାରୁ ରୁଗୁଡି କନପା ରାସ୍ତା ଶୋଚନୀୟ ହୋଇ ପଡିଥିବାରୁ ଯିବା ଆସିବାରେ ବାଧା ସୃଷ୍ଟି ହୋଇଛି । ଏହି ରାସ୍ତାକୁ ଠିକାଦାର ଅଧାପନ୍ତରିଆ ଭାବେ ପକାଇ ରଖିଛନ୍ତି। ବାଟରେ ପଡୁଥିବା ଏକ ପୋଲ କାମରେ ପ୍ରାୟ ୧.୫ ଫୁଟ ଖାଲ ହୋଇଛି । ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିବାରୁ ସେହି ରାସ୍ତାରେ ଯାତାୟାତ କଲେ ଅସୁବିଧା ହେଉଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।



ରାସ୍ତା କର୍ଦ୍ଦମାକ୍ତ ହୋଇପଡିଛି ।

## ଛାତ୍ର କ୍ୟାବିନେଟ୍‌ର ବୈଠକ

ମନମୁଣ୍ଡା, ୪।୮ (ଡି.ଏନ.ଏ)

କନ୍ଧମାଳ ବ୍ଲକ ଖଟଖଟିଆ ନୋଡାଲ ସ୍କୁଲର ଛାତ୍ରୀଛାତ୍ର କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟମନ୍ତ୍ରୀ ପ୍ରଭାତ ବାଘଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଧାନଶିକ୍ଷକ ସମୀର ପ୍ରଧାନ, ତତ୍ତ୍ୱାବଧାରକ ଶିକ୍ଷକ ରଞ୍ଜୁ ଅମାତ, ସୁରେନ୍ଦ୍ର କମ୍ପ ଯୋଗ ଦେଇଥିଲେ । ବିଦ୍ୟାଳୟକୁ ସ୍ୱଚ୍ଛ ଓ ସବୁଜ ରଖିବାକୁ ସଂକଳ୍ପ ଲିପିବଦ୍ଧ ହୋଇଥିବା ବେଳେ ବିଦ୍ୟାଳୟକୁ ତମାଖୁ ଓ ପ୍ଲାଷ୍ଟିକ ମୁକ୍ତ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ପ୍ରତି ମାସରେ ୨ଟି କ୍ୟାବିନେଟ ବୈଠକ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିଲେ । ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ଅମ୍ଭୋଜ ବାରିକ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ସତ୍ୟ ପାତ୍ର ସଂକଳ୍ପ ନାମା ପ୍ରକାଶ ପାଇଁ ପ୍ରସ୍ତାବ ଦେଇଥିଲେ । ମନ୍ତ୍ରୀ ମଣ୍ଡଳର ସମସ୍ତ ସଦସ୍ୟ ଏହି ପଦକ୍ଷେପକୁ ସ୍ୱାଗତ ଜଣାଇଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଲୋ ଛିଙ୍କୁଣି ମୁଣ୍ଡ ଉକୁଣି**
**ତତେ କିଏ ମୋର ଚାହୁଁଛି**
**ମୋହର ଘରଣୀ ତୋଠଉଁ ସୁନ୍ଦର**
**ଶାଶୁ କୋଳେ ଦିନ ଯାଉଛି ।**

ସୁଖୀ ଦାମ୍ପତ୍ୟ ପାଇଁ ପରସ୍ପରର ବିଶ୍ୱସ୍ତ ହେବା ବାଞ୍ଛନୀୟ । ଜୀବନସାଥୀ ପ୍ରତି ସ୍ନେହ ଶ୍ରଦ୍ଧା ସମ୍ମାନ ଭାବ ରଖୁଥିବା ବ୍ୟକ୍ତି କେବେ ବି ଅବୈଧ ସମ୍ପର୍କକୁ ପ୍ରଶ୍ରୟ ଦେଇ ନ ଥାନ୍ତି। ଦୈହିକ ସୁଖ ଲାଳସାରେ ମାତି ନିଜ ସୁନା ସଂସାରରେ ନିଆଁ ଲଗାଇବାକୁ ଉଚିତ ମଣି ନ ଥା'ନ୍ତି। ଏପରିସ୍ଥଳେ ନିଜ ପତ୍ନୀଙ୍କୁ ଜୀବନଠୁ ଅଧିକ ଭଲ ପାଉଥିବା ବ୍ୟକ୍ତି ପରକୀୟା ପ୍ରୀତିଠାରୁ ନିଜକୁ ଦୂରେଇ ରଖିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛାଡ଼ ପିତୃକାର୍ଯ୍ୟ**
**କର ରାଜକାର୍ଯ୍ୟ ।**

ପିତୃଋଣ ଶୁଝି ହୋଇ ନ ଥାଏ। ପ୍ରତ୍ୟେକ ବ୍ୟକ୍ତି ପାଇଁ ନିଜ ପିତାମାତା ତଥା ଘର ପରିବାର ପ୍ରତି କିଛି ଦାୟିତ୍ୱବୋଧ ରହିଥାଏ। କିନ୍ତୁ ଏହାଠାରୁ କାହିଁ କେତେଗୁଣ ଅଧିକ ଦାୟିତ୍ୱ ରହିଥାଏ ଦେଶ ପ୍ରତି। ଦେଶ ସେବାରେ ନିଜକୁ ନିୟୋଜିତ କରିବା ତଥା ଜୀବନକୁ ଉତ୍ସର୍ଗ କରିବା ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଅତି ଜରୁରୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

ASTROLOGY

FINANCE

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨୦,୦୦୦,୦୦/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ୍ୟ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ପ୍ରାଇଭେଟ୍ କମ୍ପାନୀ ପ୍ରତି ସାବଧାନ
GRAMIN FINANCE
ଦ୍ୱାରା ସବୁ ପ୍ରକାର ଋଣ ନିଅନ୍ତୁ କମ୍ ସୁଧ + Subsidy, No File Charge, No Guarantor, Only Bank fees -
ଏ ସବୁକିଛି ଋଣ ମଞ୍ଜୁର ହେବା ପରେ
Miss Call Alert:
09610759333
S/O Durvijay Singh, 549/328, Shanti Nagar, Vakola, Santacruz, Mumbai- 400055

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାଡଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗାଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09517415755
09598246628

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 40,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
B-36/7, A-Block, Vijay Enclave, Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

See Color Display Classified on every Tuesday & Friday


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶା ପୋଷ୍ଟ ମେଟଲ ମିଟ୍-୨୦୧୯





**ସିନିୟର** ପ୍ରଥମ ରନର୍ସ ଅପ୍ ରାଉରକେଲାର ଏନ୍‌ଆଇଟି ଏବଂ ଦ୍ୱିତୀୟ ରନର୍ସ ଅପ୍ ଭୁବନେଶ୍ୱର ଏମ୍‌ସ ପ୍ରତିଯୋଗୀଙ୍କ ସହ ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, 'ଟିମ୍' ମୁଖ୍ୟ ନିଶିକାନ୍ତ ମିଶ୍ର, କୁଇଜ୍ ମାଷ୍ଟର ଅଜୟ ପୁନିଆ ଏବଂ ଉପସ୍ଥାପିକା ଶୋଭନା ମିଶ୍ର ଓ ଅନ୍ୟମାନେ।





**ଜୁନିୟର** ପ୍ରଥମ ରନର୍ସ ଅପ୍ ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ ଏବଂ ଦ୍ୱିତୀୟ ରନର୍ସ ଅପ୍ କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ ପ୍ରତିଯୋଗୀଙ୍କ ସହ ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, 'ଟିମ୍' ମୁଖ୍ୟ ନିଶିକାନ୍ତ ମିଶ୍ର।

# ଜୁନିୟରରେ ମଦର୍ସ, ସିନିୟରରେ ଆଇଜିଆଇଟି ଚାମ୍ପିୟନ୍

ଭୁବନେଶ୍ୱର,୪।୮(ବ୍ୟୁରୋ)

ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଲଗାତର ୪ବର୍ଷ ପାଇଁ ଆୟୋଜିତ କୁଇଜ୍ ମହାକୁମ୍ଭ 'ମେଟଲ୍ ମିଟ୍-୨୦୧୯'ର ଗ୍ରାଣ୍ଡ୍ ଫିନାଲେ ରବିବାର ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଏହି ପ୍ରଥମ ଏବଂ ଏକମାତ୍ର ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଚଳିତବର୍ଷ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ଜୁନିୟର ବର୍ଗରେ ବାଜିମାରିଛି ଭୁବନେଶ୍ୱରର ମଦର୍ସ ପବ୍ଲିକ୍ ସ୍କୁଲ୍ ଏବଂ ସିନିୟର ବର୍ଗରେ ସରାଙ୍ଗସ୍ଥିତ ଇନ୍ଦିରାଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଜିଆଇଟି)। ଜୁନିୟରରେ ମଦର୍ସ ପବ୍ଲିକ୍ ସ୍କୁଲ ଲଗାତର ଦ୍ୱିତୀୟଥର ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସିନିୟରରେ ପ୍ରଥମ ସ୍ଥାନରେ ରହିଛି ଆଇଜିଆଇଟି। ଉଭୟ ବିଜେତାଙ୍କୁ ଓଡ଼ିଶା ପୋଷ୍ଟ ପକ୍ଷରୁ ୧ ଲକ୍ଷ ଟଙ୍କା ଲେଖାଁଏ ପୁରସ୍କାର ରାଶି ସହ ଚାମ୍ପିୟନ୍ସ ଟ୍ରଫି ପ୍ରଦାନ କରାଯାଇଛି। ସେହିଭଳି ଜୁନିୟର ବର୍ଗର ଦ୍ୱିତୀୟ ସ୍ଥାନରେ ରହି ଭୁବନେଶ୍ୱରର ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍ ଏଥର ପ୍ରଥମ ରନର୍ସଅପ୍ ହୋଇଥିବାବେଳେ କଟକ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ ୨ୟ ରନର୍ସଅପ୍ ହୋଇଛି। ଉଭୟ ଟିମ୍‌କୁ ଯଥାକ୍ରମେ ୫୦ ହଜାର ଏବଂ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସେହିଭଳି ସିନିୟରରେ ବିଜୟୀ ଟିମ୍‌କୁ କଡା ଟକ୍କର ଦେଇ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି) ରାଉରକେଲା ପ୍ରଥମ ରନର୍ସଅପ୍ ହୋଇଥିବାବେଳେ ୩ୟ ସ୍ଥାନରେ ରହିଛି ଏମ୍‌ସ ଭୁବନେଶ୍ୱର। ଅତିଥିଭାବେ ଓଡ଼ିଶା ପୋଷ୍ଟ ଓ ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ଭିନିଲ୍ କ୍ରିଷ୍ଣା ମଞ୍ଚରେ ଉପସ୍ଥିତ ରହି ବିଜେତାଙ୍କୁ ପୁରସ୍କୃତ କରିଥିଲେ।

ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ ବୌଦ୍ଧିକ ପ୍ରତିଯୋଗିତା ତଥା ବୁଦ୍ଧିର ମୁକାବିଲା ପାଇଁ ଏକ ଭଲ ପ୍ଲାଟଫର୍ମ ଯୋଗାଇଦେବା ଉଦ୍ଦେଶ୍ୟରେ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଆୟୋଜିତ ହେଉଥିବା 'ମେଟଲ୍ ମିଟ୍' ଚଳିତବର୍ଷ ଆହୁରି ଆକର୍ଷଣୀୟ ଏବଂ ବୃହତ୍ ଆକାରରେ ହୋଇଥିଲା। ପ୍ରତିଯୋଗିତାରେ ଏଥର ମୋଟ ୮୦ଟି ଶିକ୍ଷାନୁଷ୍ଠାନର ୮୮ଟି ଟିମ୍ ଏବଂ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶନିବାର ଅନୁଷ୍ଠିତ ପ୍ରିଲିମ୍ସ ରାଉଣ୍ଡରେ ଜୁନିୟର ଏବଂ ସିନିୟରରେ ଶ୍ରେଷ୍ଠ ବିବେଚିତ ହୋଇ ୧୬ଟି ଟିମ୍ ଫାଇନାଲକୁ ଆସିଥିଲେ। ମୋଟ ୧୬ଟି ଟିମ୍‌ର ୬୪ ପ୍ରତିଯୋଗୀଙ୍କୁ ନେଇ ଗ୍ରାଣ୍ଡ୍ ଫିନାଲେ ଅନୁଷ୍ଠିତ ହୋଇଥିବାବେଳେ କୁଇଜ୍ ରାଉଣ୍ଡକୁ ପରିଚାଳନା କରିଥିଲେ ଖ୍ୟାତନାମା କୁଇଜ୍ ମାଷ୍ଟର ଅଜୟ ପୁନିଆ। ରବିବାର ଅପରାହ୍ନରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ପ୍ରଥମେ ଜୁନିୟର ବର୍ଗର ଫାଇନାଲ ଅନୁଷ୍ଠିତ ହୋଇଥିଲା। ପ୍ରିଲିମ୍ସରେ ଭଲ ପ୍ରଦର୍ଶନ କରିଥିବା ସ୍କୁଲ୍ ଓ ଜୁନିୟର କଲେଜର ୮ଟି ଟିମ୍ ମଧ୍ୟରେ ଏଥର କଡା ଟକ୍କର ଦେଖିବାକୁ ମିଳିଥିଲା। ସେହିଭଳି ସିନିୟର ରାଉଣ୍ଡରେ ଶ୍ରେଷ୍ଠ ବୈଷୟିକ ଓ ମେଡିକାଲ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ କଡା ପ୍ରତିଯୋଗିତା ହୋଇଥିଲା। ମୋଟ ୫ଟି ରାଉଣ୍ଡରେ ପୁନିଆ ପଚାରିଥିବା କ୍ରୀଡ଼ା, ବିଜ୍ଞାନ, ସାହିତ୍ୟ, ସିନେମା, ଇତିହାସ, ସାଧାରଣ ଜ୍ଞାନ, ଭୂଗୋଳ, କଳା, ସଂସ୍କୃତି ଓ ପର୍ଯ୍ୟଟନ ସମ୍ବନ୍ଧିତ ପ୍ରଶ୍ନର ଚତୁରତାର ସହ ଉତ୍ତର ଦେଇଥିଲେ ପ୍ରତିଯୋଗୀ। ଓଡ଼ିଶାର ଆଗଧାଡ଼ିର ପ୍ରମୁଖ ସ୍କୁଲ୍, କଲେଜ, ବୈଷୟିକ ଏବଂ ମେଡିକାଲ ଶିକ୍ଷାନୁଷ୍ଠାନ ଏଥର ଫାଇନାଲରେ ପ୍ରବେଶ କରିଥିବାରୁ ଟିମ୍‌ଗୁଡ଼ିକ ମଧ୍ୟରେ କଡା ମୁକାବିଲା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି କୁଇଜ୍‌ର ମଜା ନେଇଥିଲେ। ମେଟଲ୍ ମିଟ୍ ୪ର୍ଥ ସଂସ୍କରଣର ଏହି ଗ୍ରାଣ୍ଡ୍ ଫିନାଲେ ପ୍ରତିଯୋଗୀଙ୍କ ପାଇଁ ଯେତିକି ଚ୍ୟାଲେଞ୍ଜିଂ ଥିଲା ଦର୍ଶକଙ୍କ ପାଇଁ ସେତିକି ଉତ୍ସାହଜନକ ଥିଲା। ଉପସ୍ଥାପିକା ଶୋଭନା ମିଶ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।




ଜୁନିୟର ବର୍ଗର ଫାଇନାଲ ପ୍ରତିଯୋଗୀଙ୍କୁ ପଚରାଯାଇଥିବା ଏକ ପ୍ରଶ୍ନ।

## ୨୦୨୦ରେ ହାଟ୍ରିକ୍ କରିବୁ

ଗତବର୍ଷ ପ୍ରଶ୍ନ ଅଧିକ କଷ୍ଟ ଥିଲା। କିନ୍ତୁ ଏବର୍ଷ ଟିକେ ସହଜ ରହିଥିଲା। ଆମେ ଭଲଭାବେ ପ୍ରସ୍ତୁତ ଥିଲୁ ଓ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇଛୁ ବୋଲି ଭାବୁଛୁ। 'ମେଟଲ୍ ମିଟ୍'କୁ କେବେ ବି ଆମେ ସହଜ ପ୍ରତିଯୋଗିତା ଭାବିନାହୁଁ। ଆଶା, ୨୦୨୦ରେ ବି ଚାମ୍ପିୟନ ଟାଇଟଲ ଜିତି ହାଟ୍ରିକ୍ କରିବୁ। କୁଇଜ୍‌ର ବିଷୟ ନିଜ ନିଜ ଭିତରେ ଭାଗଭାଗ କରି ପଢ଼ିଛୁ। ୪ଜଣ ମିଶି ଅନେକ କୁଇଜ ସେଟ୍‌ର ସମାଧାନ କରିଛୁ। କରେଣ୍ଟ ଆଫାୟାର୍ସ ଉପରେ ଅଧିକ ଫୋକସ୍ କରିଥିଲୁ ଓ କୁଇଜ୍ ମାଷ୍ଟର ଅଜୟ ପୁନିଆଙ୍କ ଉପରେ ଅଧିକ ରିସର୍ଚ୍ଚ କରିଥିଲୁ। ପୁନିଆ ସାର୍ ଯେହେତୁ ହେରିଟେଜ୍ କୁଇଜର, ତେଣୁ ତାହାକୁ ଗୁରୁତ୍ୱ ଦେଇ ଅଧିକ ପଢ଼ିଥିଲୁ। ଟିକ୍ ଟାକ୍ ଟୋ ରାଉଣ୍ଡ ଟିକେ ଅଧିକ କଷ୍ଟ ଥିଲା।

**– ମଦର୍ସ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର**

## ପ୍ରଥମଥର ପ୍ରଥମ ରନର୍ସଅପ୍ ହେଲୁ

ଆମେ ଏଥର ପ୍ରଥମଥର ମେଟଲ୍ ମିଟ୍‌ରେ ଭାଗନେଇଥିଲୁ। ଖୁସିଲାଗୁଛି ଯେ ପ୍ରଥମ ଚାନ୍ସରେ ପ୍ରଥମ ରନର୍ସଅପ୍ ହୋଇଛୁ। ହେଲେ ଆଶାଥିଲା ଆମେ ଚାମ୍ପିୟନ ହେବୁ। କୁଇଜ୍ ଫର୍ମାଟ୍ ଟିକେ କଷ୍ଟ ଥିଲା। ତେଣୁ କିଛି ବି ହୋଇପାରେ। ପ୍ରଶ୍ନ ବହୁତ ଲଜିକାଲ୍ ଥିଲା। ଅଧିକ ଭାବିବାକୁ ପଡ଼ିଲା, ଯାହାକି ଆମକୁ ଭଲଲାଗିଲା। ମେଟଲ୍ ମିଟ୍‌ର ପ୍ରଥମ ଅଭିଜ୍ଞତା ଆମ ପାଇଁ ବହୁତ ଭଲ ଥିଲା।

**– ଡିଏଭି ପବ୍ଲିକ୍ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର**

## ଏଥର ଫର୍ମାଟ୍ ଭିନ୍ନ ଥିଲା

ଗତବର୍ଷ ଆମେ ପ୍ରଥମ ରନର୍ସଅପ୍ ହୋଇଥିଲୁ। ଏଥର ଅଧିକ ଭଲ କରିବୁ ବୋଲି ଆଶା କରୁଥିଲୁ। ହେଲେ ଦ୍ୱିତୀୟ ରନର୍ସଅପ୍ ହୋଇଥିବାରୁ ଟିକେ ଦୁଃଖ ଲାଗୁଛି। କୁଇଜ ଟିକେ କଷ୍ଟ ଥିଲା। ଏଥର ଫର୍ମାଟ୍ ବି ଅଲଗା ଥିଲା। ତେଣୁ ଅନୁମାନ କରିବା କଷ୍ଟ ହେଲା। କୁଇଜ୍‌କୁ ପ୍ଲାନିଂ କରି ପଢ଼ା ଯାଏନା। ସବୁଦିନ ଟିକେଟିକେ କରି ପଢୁଥିଲୁ ଓ ଗ୍ରୁପ୍ ଡିସ୍‌କସନ କରିପଢୁଥିଲୁ। କୁଇଜ୍ ପାଇଁ କୌଣସି ପ୍ରିପାରେଶନ ଷ୍ଟ୍ରାଟେଜି ନ ଥାଏ। ସବୁଦିନ ଖବରକାଗଜ ପଢୁଥିଲୁ।

**– ଡିଏଭି ପବ୍ଲିକ୍‌ସ୍କୁଲ୍, ସିଡିଏ, କଟକ**

















ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ ହୋଟେଲରେ ରବିବାର ଆୟୋଜିତ ଓଡ଼ିଶା ପୋଷ୍ଟର ମେଟଲ୍ ମିଟ୍-୨୦୧୯ ଗ୍ରାଣ୍ଡ୍ ଫିନାଲେରେ ଯୋଗ ଦେଇଥିବା ଅତିଥି, ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଉତ୍ତର ପାଇଁ କସରତ












କୁଇଜ୍ ମାଷ୍ଟର ଅଜୟ ପୁନିଆ




କାର୍ଯ୍ୟକ୍ରମ ଅବସରରେ ସେଲ୍‌ଫି



ପୁରସ୍କୃତ ହେଇଥିବା ଡେଲି ୱିନର୍



"ସିଡବ୍ଲ୍ୟୁସି ପ୍ରଥମେ ଅନ୍ତରୀଣ ମୁଖ୍ୟ ନିଯୁକ୍ତ କରି ତା'ପରେ ଅଧ୍ୟକ୍ଷ ପଦ ଲାଗି ଦଳୀୟ ନିର୍ବାଚନ କରିବା ଉଚିତ।

-ଶଶୀ ଥରୁର୍,
ବରିଷ୍ଠ କଂଗ୍ରେସ ନେତା

# ଉପତ୍ୟକାରେ ଅନିଶ୍ଚିତତା

**ନୂଆଦିଲ୍ଲୀ, ୪।୮ (ପି.ଟି.)**

ଜମ୍ମୁ-କଶ୍ମୀରକୁ କେନ୍ଦ୍ର ସରକାର ଅତିରିକ୍ତ ୩୮ ହଜାର ସେନା ପ୍ରେରଣ କରିବା ପରେ ଏହାକୁ ନେଇ ଉପତ୍ୟକାରେ ଅନିଶ୍ଚିତତା ଜାରି ରହିଛି। ଆତଙ୍କବାଦୀ ଆକ୍ରମଣ ଆଶଙ୍କା ଥିବାରୁ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନଙ୍କୁ ଫେରିଯିବା ପାଇଁ ରାଜ୍ୟ ପ୍ରଶାସନ ପକ୍ଷରୁ ଆଡଭାଇଜରି ଜାରି ହେବା ପରେ ହଜାର ହଜାର ସଂଖ୍ୟାରେ ଲୋକ ଉପତ୍ୟକା ଛାଡିବାରେ ଲାଗିଛନ୍ତି। ରାଜ୍ୟରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଆତଙ୍କବାଦୀ ଆକ୍ରମଣ ଆଶଙ୍କାରେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ରବିବାର ବଢ଼ାଇ ଦିଆଯାଇଛି। ରାଜ୍ୟ ସଚିବାଳୟ, ପୋଲିସ ମୁଖ୍ୟାଳୟ, ବିମାନ ବନ୍ଦର ଏବଂ ସେଠାରେ ଥିବା କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟରେ ଅଧିକ ସୁରକ୍ଷାବଳଙ୍କୁ ମୁତୟନ କରାଯାଇଛି। ଶ୍ରୀନଗରର ପ୍ରବେଶ ଓ ପ୍ରସ୍ଥାନ ପଥ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ବାରିକେଡମାନ ନିର୍ମାଣ କରାଯାଇଛି। ଦଙ୍ଗା ନିୟନ୍ତ୍ରଣକାରୀ ଯାନଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। ନ୍ୟାଶନାଲ୍ କନ୍ଫରେନ୍ସ ନେତା ଫାରୁକ୍ ଅବଦୁଲ୍ଲାଙ୍କ ବାସଭବନରେ ବସିଥିବା ସର୍ବଦଳୀୟ ବୈଠକରେ କଶ୍ମୀର ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ ପାଇଁ ଉଦ୍ୟମ ହେଲେ ତାହା ବିରୋଧରେ ଲଢ଼ିବା ପାଇଁ ସର୍ବଦଳୀୟ ବୈଠକରେ ଆଞ୍ଚଳିକ ଦଳଗୁଡ଼ିକ ପକ୍ଷରୁ ପ୍ରସ୍ତାବ ଗୃହୀତ ହୋଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ କେନ୍ଦ୍ରୀୟ ନେତାମାନଙ୍କୁ ଭେଟିବା ଲାଗି ପ୍ରତିନିଧି ଦଳ ପଠାଇବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ପିଡିପି ନେତ୍ରୀ ମେହବୁବା ମୁଫତି, ଏନ୍ସି ନେତା ଓମାର ଅବ୍ଦୁଲ୍ଲା, କଂଗ୍ରେସରୁ ତାଜ୍ ମୋହିଉଦ୍ଦିନ୍, ପିପୁଲ୍ସ କନ୍ଫରେନ୍ସରୁ ସାଜାଦ ଲୋନେ ଓ ଇମ୍ରାନ ଅନ୍ସାରୀ ପ୍ରମୁଖ ଯୋଗ ଦେଇଥିଲେ।

ଜମ୍ମୁ-କଶ୍ମୀର ସ୍ଥିତି ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ରବିବାର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍ ଓ ସ୍ୱରାଷ୍ଟ୍ର ସଚିବ ରାଜୀବ ଗୌବାଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ଗୋଇନ୍ଦା ମୁଖ୍ୟ ଅରବିନ୍ଦ କୁମାର, 'ର' ମୁଖ୍ୟ ସାମନ୍ତ ଗୋଏଲ ଓ ଅନ୍ୟ ବରିଷ୍ଠ ସୁରକ୍ଷା ଅଧିକାରୀମାନେ ଯୋଗ ଦେଇଥିଲେ। ଜମ୍ମୁ-କଶ୍ମୀରର ସାମ୍ପ୍ରତିକ ସ୍ଥିତି ଓ ଏହାର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ସ୍ଥିତି ପରଖିବା ଲାଗି ପାର୍ଲାମେଣ୍ଟ ଅଧିବେଶନ ଶେଷହେବା ପରେ ଶାହ କଶ୍ମୀର ଯିବାର ସମ୍ଭାବନା ରହିଛି।

ଜମ୍ମୁ-କଶ୍ମୀରରେ ଧାରା ୩୫ଏ ଓ ୩୭୦କୁ ଉଠାଇବା ଲାଗି କେନ୍ଦ୍ର ପ୍ରୟାସ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ କଶ୍ମୀରବାସୀ ଆତଙ୍କିତ ହୋଇପଡ଼ିଛନ୍ତି। କେନ୍ଦ୍ର କିଛି ବଡ ପଦକ୍ଷେପ ନେଇ ରାଜ୍ୟରେ ସାମ୍ବିଧାନିକ ସଙ୍କଟ ସୃଷ୍ଟିକଲେ, ପରିସ୍ଥିତି ଭୟଙ୍କର ହେବ ବୋଲି କଶ୍ମୀର ନେତାମାନେ ଚେତାଇ ଦେଇଛନ୍ତି। ଏତଦ୍‌ବ୍ୟତୀତ ରାଜ୍ୟରୁ ରାଷ୍ଟ୍ରପତି ଶାସନ ହଟାଇ ବିଧାନସଭା ନିର୍ବାଚନ ବର୍ଷ ଶେଷ ବେଳକୁ କରିବା ଲାଗି ମଧ୍ୟ ଦାବି ହୋଇଛି।



ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାର ଏନ୍ଆଇଟି ଛାତ୍ରୀଛାତ୍ରଙ୍କୁ ନେଇ ଜମ୍ମୁ ରେଳ ଷ୍ଟେଶନରୁ ହାଇଦ୍ରାବାଦ ଅଭିମୁଖେ ଯାତ୍ରା ଆରମ୍ଭ କରୁଥିବାବେଳେ ସ୍ୱତନ୍ତ୍ର ଟ୍ରେନ୍ ନିକଟରେ ଛିଡ଼ା ହୋଇଛନ୍ତି ଜଣେ ସୁରକ୍ଷା କର୍ମୀ।

■ଶାହ-ଡୋଭାଲ ମନ୍ତ୍ରଣା

■ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ସୁରକ୍ଷା ବଢ଼ିଲା

■ସ୍ୱତନ୍ତ୍ର ସୁବିଧା ପ୍ରତ୍ୟାହାର ବିରୋଧରେ ଲଢ଼େଇ ପାଇଁ ସର୍ବଦଳୀୟ ବୈଠକରେ ନିଷ୍ପତ୍ତି

"କଶ୍ମୀରକୁ ନେଇ ଆଞ୍ଚଳିକ ବିବାଦ ବଢ଼ିପାରେ। ସ୍ଥିତିରେ ସ୍ଥିରତା ଆଣିବା ଲାଗି ତୃତୀୟ ପକ୍ଷର ହସ୍ତକ୍ଷେପ ଆବଶ୍ୟକ।

-ଇମ୍ରାନ ଖାନ୍,
ପାକିସ୍ତାନ ପ୍ରଧାନମନ୍ତ୍ରୀ



## ■ ରାହୁଲଙ୍କ ଉତ୍ତରାଧିକାରୀ ଖୋଜା

# ୧୦ରେ ସିଡବ୍ଲ୍ୟୁସି ବୈଠକ

**ନୂଆଦିଲ୍ଲୀ, ୪।୮ (ପି.ଟି.)**

କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକ ଅଗଷ୍ଟ ୧୦ରେ ବସିବାକୁ ଯାଉଛି। ଏହି ବୈଠକରେ ଦଳର ନେତା କିଏ ହେବ, ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ସାଧାରଣ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପରେ ଗତ ମେ ୨୫ରେ ଅଧ୍ୟକ୍ଷ ପଦରୁ ରାହୁଲ ଗାନ୍ଧୀ ଇସ୍ତଫା ଦେଇଥିଲେ। ସେବେଠାରୁ ଦଳର ନେତୃତ୍ୱ କାହାକୁ ଦିଆଯିବ, ସେ ସମ୍ପର୍କରେ ଦଳରେ ମାନସମନ୍ଥନ ଚାଲିଥିଲେ ହେଁ କିଛି ନିଷ୍ପତ୍ତି ନିଆଯାଇ ପାରିନାହିଁ। ଦଳରେ ନେତୃତ୍ୱ ସଙ୍କଟକୁ ନେଇ ବରିଷ୍ଠ ନେତା ଶଶୀ ଥରୁର୍, କରନ୍ ସିଂ, ଅମରିନ୍ଦର ସିଂ ପ୍ରମୁଖ ସ୍ୱର ଉଠାଇଥିଲେ ହେଁ କିଛି ସୁଫଳ ମିଳିପାରି ନାହିଁ। ୟୁପିଏ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଦଳର ଅଧ୍ୟକ୍ଷ ପଦ ଲଗି ଅନିଚ୍ଛା ପ୍ରକାଶ କରିଛନ୍ତି। ଗାନ୍ଧୀ ପରିବାରରୁ କେହି ଦଳର ଅଧ୍ୟକ୍ଷ ହେବେ ନାହିଁ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା କରନ୍ ସିଂ, ଶଶୀ ଥରୁର୍, ଅମରିନ୍ଦର ସିଂ ପ୍ରମୁଖ ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନାମ ଏହି ପଦ ଲାଗି ଉପଯୁକ୍ତ ବୋଲି ମତ ଦେଇଥିଲେ ହେଁ କିଛି ସୁଫଳ ମିଳିପାରି ନାହିଁ।

୧୦ ତାରିଖ ପୂର୍ବାହ୍ନ ୧୧ଟାରେ ସିଡବ୍ଲ୍ୟୁସି ବୈଠକ ଅନୁଷ୍ଠିତ ହେବ ବୋଲି ଦଳର ସାଙ୍ଗଠନିକ ସମ୍ପାଦକ କେ.ସି. ବେଣୁଗୋପାଳ ଟୁଇଟ୍ କରିଛନ୍ତି। ପାର୍ଲାମେଣ୍ଟ ଅଧିବେଶନ ୭ରେ ଶେଷ ହେବ। ତେଣୁ ୧୦ରେ ହେବାକୁ ଥିବା ବୈଠକରେ କଂଗ୍ରେସ ନେତୃତ୍ୱ କାହାକୁ ଦିଆଯିବ, ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ପ୍ରଥମେ ଦଳରେ ଜଣଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ବଛାଯାଇ ପରେ ନୂଆ ଅଧ୍ୟକ୍ଷ ପଦ ଲାଗି ନିର୍ବାଚନ କରାଯିବାର ସମ୍ଭାବନା ରହିଛି।

# ଆଜି କ୍ୟାବିନେଟ ବୈଠକ

**ନୂଆଦିଲ୍ଲୀ, ୪।୮ (ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୋମବାର ସକାଳେ କେନ୍ଦ୍ର କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଜମ୍ମୁ-କଶ୍ମୀର ସ୍ଥିତି ସମ୍ପର୍କରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। କିଛି ଗୋଟେ ବଡ଼ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ସାଧାରଣତଃ ସପ୍ତାହର ବୁଧବାର କ୍ୟାବିନେଟ ବୈଠକ ବସିଥାଏ। ଅସ୍ୱୀକୃତ ଭାବେ ସୋମବାର ଏହି ବୈଠକ ହଠାତ୍ ହେବାକୁ ଯାଉଛି। ଜମ୍ମୁ-କଶ୍ମୀରକୁ ଅତିରିକ୍ତ ସେନା ପଠାଯିବା, ଅମରନାଥ ଯାତ୍ରୀଙ୍କୁ ତୁରନ୍ତ ଫେରିଆସିବା ଲାଗି ନିର୍ଦ୍ଦେଶ ଦିଆଯିବା, ସୀମାରେ ପାକିସ୍ତାନ ଆତଙ୍କବାଦୀଙ୍କ ଆକ୍ରମଣ ଆଶଙ୍କା, ପାକିସ୍ତାନର ହାବଭାବକୁ ନେଇ କିଛି ବଡ଼ ନିଷ୍ପତ୍ତି ଗ୍ରହଣ କରାଯାଇପାରେ ବୋଲି କୁହାଯାଉଛି। ସମ୍ବିଧାନର ଅନୁଚ୍ଛେଦ ୩୫ଏ ଓ ୩୭୦ ଉଚ୍ଛେଦ କରାଯିବା ଆଶଙ୍କାକୁ ନେଇ ଜମ୍ମୁ-କଶ୍ମୀରବାସୀ ଚିନ୍ତାରେ ଥିବାବେଳେ ବିରୋଧୀ ଦଳଗୁଡ଼ିକ ମଧ୍ୟ ସରକାରଙ୍କୁ ସତର୍କ କରାଇଛନ୍ତି। ଶନିବାର କଂଗ୍ରେସର ବରିଷ୍ଠ ନେତା ପି. ଚିଦାମ୍ବରମ୍ କୌଣସି ଦୁଃସାହସିକ ପଦକ୍ଷେପ ଗ୍ରହଣ ନ କରିବା ଲାଗି କେନ୍ଦ୍ରକୁ ଚେତାଇ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଗୃହରେ ଏନେଇ ସ୍ପଷ୍ଟ କରିବା ଲାଗି ମଧ୍ୟ ସେ ଦାବି କରିଛନ୍ତି। ସରକାର କିନ୍ତୁ କଶ୍ମୀର କାର୍ଡ ନେଇ ଗୁପ୍ତ ଏଜେଣ୍ଡାରେ ବ୍ୟସ୍ତ ଅଛନ୍ତି। ଅଗଷ୍ଟ ୭ ପର୍ଯ୍ୟନ୍ତ ପାର୍ଲାମେଣ୍ଟ ଅଧିବେଶନକୁ ବଢାଇ ସରକାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଲ୍‌ଗୁଡ଼ିକୁ ପାସ୍ କରିବାକୁ ଚାହୁଁଛନ୍ତି। ତେଣୁ କଶ୍ମୀର ଉପରେ ସୋମବାର କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କେନ୍ଦ୍ର ସରକାର ନେବାର ସମ୍ଭାବନା ରହିଛି।

# ୩୦ ଓଡ଼ିଆ ଶ୍ରମିକ ଉଦ୍ଧାର


ବାୟୁସେନା ହେଲିକପ୍ଟରରେ ଓଡ଼ିଆ ଶ୍ରମିକଙ୍କୁ ସୁରଟ ନିଆଯାଉଛି।

## ଗୁଜରାଟର ନଭସାରୀରେ ବନ୍ୟାପାଣି ଘେରରେ ଫସିଥିଲେ

**ସୁରଟ, ୪।୮**

ପ୍ରବଳ ବର୍ଷା ଯୋଗୁ ତିନିଦିନ ହେଲା ଗୁଜରାଟର ନଭସାରୀ ଅଞ୍ଚଳରେ ଫସି ରହିଥିବା ୩୦ ଓଡ଼ିଆ ଶ୍ରମିକଙ୍କ ସମେତ ୩୨ ଜଣଙ୍କୁ ସ୍ଥାନୀୟ ପ୍ରଶାସନ ରବିବାର ଉଦ୍ଧାର କରିଛି। ଏହି ଲୋକମାନେ ଜଳବନ୍ଦୀ ମେନ୍ଧର ଗ୍ରାମରେ ଅଟକି ରହିଥିବା ନଭସାରୀ ଜିଲା ପ୍ରଶାସନ ଜାଣିବା ପରେ ସେମାନଙ୍କ ଉଦ୍ଧାର ଲାଗି ତୁରନ୍ତ ପଦକ୍ଷେପ ନେଇଥିଲା। ଉଦ୍ଧାର କାର୍ଯ୍ୟରେ ବାୟୁସେନାର ଦୁଇଟି ହେଲିକପ୍ଟରକୁ ନିୟୋଜିତ କରାଯାଇଥିଲା। ଉଦ୍ଧାର ହୋଇଥିବା ଓଡ଼ିଆ ଶ୍ରମିକଙ୍କୁ ସୁରଟ ବିମାନ ବନ୍ଦରକୁ ନିଆଯାଇଛି। ବୁଧବାରଠାରୁ ପ୍ରବଳ ବର୍ଷା ଲାଗି ରହିବା ଫଳରେ ଗୁଜରାଟର ବିଭିନ୍ନ ଜିଲାରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ଜଳାଶୟ ବୁଡିଯିବାରୁ କୁମ୍ଭୀର ରାସ୍ତାକୁ ଉଠିଆସିଛନ୍ତି। ଜଙ୍ଗଲ ବିଭାଗର କର୍ମଚାରୀ ରାସ୍ତାରୁ ଏକ କୁମ୍ଭୀରକୁ ଉଦ୍ଧାର କରିବାର ଫଟୋ ଭାଇରାଲ ହୋଇଛି। ବର୍ଷା କମିବା ପରେ ରାସ୍ତାରୁ ପାଣି ଛାଡ଼ିବା ଆରମ୍ଭ ହୋଇଛି।

## ■ ସୋନଭଦ୍ର ଗଣହତ୍ୟା ମାମଲା

# ଜିଲାପାଳ, ଏସ୍‌ପି ବିଦା

**ଲକ୍ଷ୍ନୌ, ୪।୮ (ପି.ଟି.):** ସୋନଭଦ୍ର ଗଣହତ୍ୟା ମାମଲାରେ ଉତ୍ତରପ୍ରଦେଶ ସରକାର ଜିଲାପାଳ ଏବଂ ସୋନଭଦ୍ର ଏସ୍‌ପିଙ୍କୁ ବିଦା କରିଛନ୍ତି। ଏହା ବ୍ୟତୀତ ଅନ୍ୟ ୧୩ ଜଣ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଗତମାସରେ ଏକ ଜମି ବିବାଦକୁ ନେଇ ଗୋଣ୍ଡ ସମ୍ପ୍ରଦାୟର ୧୦ ଜଣଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଆଦର୍ଶ କୃଷି ସହକାରୀ ସମିତିର ସଦସ୍ୟମାନଙ୍କ ସମେତ ଅନେକ ପୋଲିସ ଓ ପ୍ରଶାସନିକ ଅଧିକାରଙ୍କ ବିରୋଧରେ ମାମଲା ରୁଜୁ ହେବ। ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ମାମଲାର ତଦନ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି।

# ଜେଲ ଗଲେ ଆଇଏଏସ୍ ଅଫିସର

## ଦୁର୍ଘଟଣାରେ ସାମ୍ବାଦିକ ମୃତ୍ୟୁ ଘଟଣା

**ଥିରୁଭାନନ୍ତପୁରମ୍, ୪।୮ (ପି.ଟି.)**

ଆଇଏଏସ୍ ଅଫିସର ଶ୍ରୀରାମ ଭେଙ୍କିଟରମନ୍‌ଙ୍କ କାର୍ ଧକ୍କାରେ ସାମ୍ବାଦିକଙ୍କ ମୃତ୍ୟୁ ଘଟଣାରେ ତାଙ୍କୁ ଜେଲ୍ ପଠାଇଦିଆଯାଇଛି। ଗିରଫ ଆଇଏଏସ୍ ଅଫିସରଙ୍କୁ ଏକ ଘରୋଇ ହସ୍ପିଟାଲରେ ପଞ୍ଚତାରକା ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଥିବା ଅଭିଯୋଗ ହୋଇଥିଲା। ତେବେ ରିମାଣ୍ଡରେ ଥିବା ଜଣେ ଅଭିଯୁକ୍ତଙ୍କୁ ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ପ୍ରଶାସନ ଉପରେ ଚାପ ବଢ଼ିବାରୁ ତାଙ୍କୁ ରବିବାର ଜେଲ୍ ପଠାଇଦିଆଯାଇଛି। ଆଇଏଏସ୍ ଅଧିକାରୀ ଜଣକ ନିଶାସକ୍ତ ଅବସ୍ଥାରେ କାର ଚଳାଉଥିବାବେଳେ ମାଲାୟଲମ ଖବରକାଗଜ 'ସିରାଜ'ର ଥିରୁଭାନନ୍ତପୁରମ୍ ବ୍ୟୁରୋ ଚିଫ୍ କେ. ମହମ୍ମଦ ବଶିର୍ (୩୫)ଙ୍କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ବଶିରଙ୍କର ମୃତ୍ୟୁ ହୋଇଥିଲା। କିମ୍ସ ହସ୍ପିଟାଲର ଡିଲକ୍ସ ରୁମ୍‌ରେ ଚିକିତ୍ସିତ ହେଉଥିବା ଅଭିଯୁକ୍ତଙ୍କୁ ତୁରନ୍ତ ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉ ବୋଲି ବଶିରଙ୍କ ପରିବାର ପକ୍ଷରୁ ଦାବି ହୋଇଥିଲା।

## ଫୁର୍‌ସତ

# ଷ୍ଟ୍ରକ୍ଚରାଲ ଆୱାର୍ଡ ତାଲିକାରେ ଷ୍ଟାଚ୍ୟୁ ଅଫ୍ ୟୁନିଟି

**ଅହମ୍ମଦାବାଦ:** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତିରେ ଗୁଜରାଟର କେଭାଡିଆ ଟାଉନ୍‌ରେ ନିର୍ମିତ ଷ୍ଟାଚ୍ୟୁ ଅଫ୍ ୟୁନିଟି 'ଦି ଷ୍ଟ୍ରକ୍ଚରାଲ ଆୱାର୍ଡସ-୨୦୧୯'ର ମନୋନୟନ ତାଲିକାରେ ରହିଛି। ବ୍ରିଟେନ୍‌ର ଷ୍ଟ୍ରକ୍ଚରାଲ ଇଞ୍ଜିନିୟରଙ୍କୁ ନେଇ ଗଠିତ ଏକ ସଂସ୍ଥା ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଏ। ୧୮୨ମିଟର ଉଚ୍ଚତା ବିଶିଷ୍ଟ ଷ୍ଟାଚ୍ୟୁ ଅଫ୍ ୟୁନିଟିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ ଅକ୍ଟୋବର ୩୧ରେ ଲଞ୍ଚ୍ କରିଥିଲେ। ଉକ୍ତ ସମ୍ମାନ ପାଇଁ ମନୋନୟନ ତାଲିକାରେ ବିଶ୍ୱର ୪୯ଟି ଡାଞ୍ଚା ସ୍ଥାନ ପାଇଥିବା ପ୍ରତିଷ୍ଠାନର ୱେବ୍‌ସାଇଟ୍‌ରେ କୁହାଯାଇଛି। ନଭେମ୍ବର ୧୫ରେ ଲଣ୍ଡନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କାର ଘୋଷଣା କରାଯିବ।



# ଚନ୍ଦ୍ରୟାନ-୨ ଉଠାଇଥିବା ପୃଥିବୀର ପ୍ରଥମ ଫଟୋ ଜାରିକଲା ଇସ୍ରୋ

**ନୂଆଦିଲ୍ଲୀ:** ଚନ୍ଦ୍ରୟାନ-୨ ଦ୍ୱାରା ଉତ୍ତୋଳନ କରାଯାଇଥିବା ପୃଥିବୀର ପ୍ରଥମ ସେଟ୍ ଫଟୋକୁ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ରବିବାର ପ୍ରକାଶ କରିଛି। ଚନ୍ଦ୍ରୟାନରେ ସଂଲଗ୍ନ ଏଲ୍-୧୪ କ୍ୟାମେରା ଦ୍ୱାରା ପୃଥିବୀର ଫଟୋ ଉଠାଯାଇଛି। ଅଗଷ୍ଟ ୩ରେ ବିଭିନ୍ନ ସମୟାନ୍ତରରେ ପୃଥିବୀର ଫଟୋ ଉଠାଯାଇଥିବା ସୂଚନା ମିଳୁଛି। ଭାରତର ଦ୍ୱିତୀୟ ମୁନ୍ ମିଶନ୍‌ର ଅନ୍ୟତମ ଅଂଶ ରୋଭର ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରି ଅନୁସନ୍ଧାନ କାର୍ଯ୍ୟ ଜାରି ରଖିବ। ପ୍ରଥମ ମୁନ୍ ମିଶନ୍ ଚନ୍ଦ୍ରୟାନ-୧ର ସଫଳତା ପରେ ଦୀର୍ଘ ୧୧ବର୍ଷ ପରେ ଭାରତ ଦ୍ୱିତୀୟ ଚନ୍ଦ୍ରଯାନ ଜୁଲାଇ ୨୨ରେ ଲଞ୍ଚ୍ କରିଥିଲା। ଅର୍ବିଟର, ଲ୍ୟାଣ୍ଡର ଏବଂ ରୋଭରକୁ ନେଇ ଗଠିତ ଚନ୍ଦ୍ରୟାନ-୨ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଚନ୍ଦ୍ରରେ ଅବତରଣ କରିବା ଆଶା କରାଯାଉଛି। ଇସ୍ରୋ ଗଠନ ହେବା ପରଠାରୁ ଚନ୍ଦ୍ରୟାନ-୨ ହେଉଛି ସବୁଠୁ ଅଧିକ ଜଟିଳ ଓ ସମ୍ମାନଜନକ ମିଶନ୍। ରୁଷିଆ, ଆମେରିକା ଓ ଚାଇନା ପରେ ଭାରତ ହେବ ଚତୁର୍ଥ ରାଷ୍ଟ୍ର ଯାହାର ଚନ୍ଦ୍ରଯାନ ଚନ୍ଦ୍ରର ଦକ୍ଷିଣ ମେରୁରେ ମୃଦୁ ଅବତରଣ କରିବାକୁ ଯାଉଛି।



## [ଇତିହାସର ଆଇନାରେ]

## ଅଗଷ୍ଟ ୫ର ପ୍ରମୁଖ ଘଟଣା

୧୯୭୩ ଅଗଷ୍ଟ ୫ରେ ରୁଷିଆରୁ ମାର୍ସ ୬ ଚନ୍ଦ୍ର ଅଭିମୁଖେ ଲଞ୍ଚ୍ କରାଯାଇଥିଲା। ଏହା ଏକ ସୋଭିଏଟ୍ ସ୍ପେସ୍‌କ୍ରାଫ୍ଟ ଯାହା ମଙ୍ଗଳରେ ଜଳ ଓ ଜୀବଜଗତ ଅନୁସନ୍ଧାନ ପାଇଁ ଉତ୍‌କ୍ଷେପଣ କରାଯାଇଥିଲା। ଏହା ଲ୍ୟାଣ୍ଡର ଏବଂ ବିଭିନ୍ନ ଉପକରଣ ଥିବା କୋଷ୍ଟ ଷ୍ଟେଜ୍‌କୁ ନେଇ ଗଠିତ। କୋଷ୍ଟ ଷ୍ଟେଜ୍ ଉଡିବା ସମୟରେ ମଧ୍ୟ ମଙ୍ଗଳ କ୍ଷେତ୍ର ଅନୁସନ୍ଧାନ କରିବାର କ୍ଷମତା ରଖିଥିଲା।

୧୯୮୪ ଅଗଷ୍ଟ ୫ରେ ବାଂଲାଦେଶ ଏୟାରଲାଇନ୍ସ ଫକ୍କର ଏଫ୍୨୭ ବିମାନ ଢାକାର ଜିଆ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ୪୯ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଜିଆ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ ହେଉଛି ବାଂଲାଦେଶର ସବୁଠୁ ବୃହତ୍ତମ ଏୟାରପୋର୍ଟ। ଏହି ବିମାନବନ୍ଦର ୧୯୮୧ ଏକର ପରିମିତ କ୍ଷେତ୍ରରେ ଅବସ୍ଥିତ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୪.୬ |
| ଚାନ୍ଦବାଲି | ୩୩.୩ | ୨୫.୮ |
| କଟକ | ୩୧.୨ | ୨୩.୦ |
| ପାରାଦ୍ୱୀପ | ୩୧.୪ | ୨୬.୬ |
| ଭୁବନେଶ୍ୱର | ୩୧.୪ | ୨୪.୮ |
| ଗୋପାଳପୁର | ୩୦.୦ | ୨୫.୩ |
| ପୁରୀ | ୩୧.୬ | ୨୬.୦ |
| ଅନୁଗୋଳ | ୨୯.୭ | ୨୧.୦ |
| ବାରିପଦା | ୩୫.୦ | ୨୬.୪ |
| ଝାରସୁଗୁଡ଼ା | ୨୮.୪ | ୨୪.୬ |
| କେନ୍ଦୁଝର | ୩୦.୦ | ୨୪.୨ |
| ସମ୍ବଲପୁର | ୨୯.୦ | ୨୩.୬ |
| ସୁନ୍ଦରଗଡ଼ | ୨୮.୦ | ୨୦.୦ |
| ହୀରାକୁଦ | ୨୮.୧ | ୨୪.୩ |
| ତାଲଚେର | ୩୧.୬ | ୨୫.୩ |
| ଭବାନୀପାଟଣା | ୨୮.୫ | ୨୩.୫ |
| ବଲାଙ୍ଗୀର | ୨୯.୦ | ୨୪.୪ |
| କୋରାପୁଟ | ୨୩.୦ | ୧୯.୬ |
| ଫୁଲବାଣୀ | ୨୭.୫ | --- |
| ଟିଟିଲାଗଡ଼ | ୨୯.୦ | ୨୦.୦ |
| ମାଲକାନଗିରି | ୨୬.୦ | ୨୦.୦ |
| ସୋନପୁର | ୨୮.୨ | ୨୦.୬ |
| ଦାରିଙ୍ଗିବାଡ଼ି | ୨୪.୫ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

# 'ସାରେ ଜହାଁ ସେ ଅଚ୍ଛା'ରେ ଆମିର, ଶାହରୁଖ୍

**ମୁମ୍ବାଇ**

ସୁପରଷ୍ଟାର ଆମିର ଖାନ୍ ଏବଂ ଶାହରୁଖ୍ ଖାନ୍ 'ସାରେ ଜହାଁ ସେ ଅଚ୍ଛା' ଫିଲ୍ମରେ ଅଭିନୟ କରିବାକୁ ଆଗ୍ରହୀ ଥିବା ପ୍ରଯୋଜନା ସୂତ୍ରରୁ ଜାଣିବାକୁ ମିଳିଛି। ଉକ୍ତ ଫିଲ୍ମ ମହାକାଶଚାରୀ ରାକେଶ ଶର୍ମାଙ୍କ ଜୀବନୀକୁ ନେଇ ନିର୍ମାଣ ହେବାକୁ ଯାଉଥିବାବେଳେ ଏହାର କାହାଣୀ ରଚନା କରିଛନ୍ତି ଲେଖକ ଅଞ୍ଜୁମ ରାଜାବଳୀ। ଉକ୍ତ ଫିଲ୍ମର କାହାଣୀ ଦୁଇ ଷ୍ଟାରଙ୍କୁ ପଢ଼ିବାକୁ ଦିଆଯାଇଥିଲା। ତେବେ ସେମାନେ ଏହାକୁ ପାଠକରି ଫିଲ୍ମ କରିବାକୁ ଅଙ୍ଗୀକାରବଦ୍ଧ ଥିବା ପ୍ରକାଶ କରିଛନ୍ତି। ଏହା ଏକ ବଡ ବଜେଟ୍‌ର ଫିଲ୍ମ। ତେଣୁ କଳାକାରମାନେ ଏକାଠି ହେବା ଏବଂ ଏହାର ଶୁଟିଂ ଆରମ୍ଭ ହେବାକୁ ଆଉ କିଛିଦିନ ସମୟ ଲାଗିବ। ଆହୁରି ମଧ୍ୟ ଶୁଣିବାକୁ ମିଳୁଛି ଯେ, ନିର୍ମାତାମାନେ ମୁଖ୍ୟ ଭୂମିକା ନେବାକୁ ଭିକି କୌଶଲ ଏବଂ ରଣବୀର କପୁରଙ୍କୁ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ଏ ସମ୍ପର୍କରେ କୌଣସି ସ୍ଥିର ନିଷ୍ପତ୍ତି ହୋଇପାରି ନାହିଁ। ବର୍ତ୍ତମାନ ଫିଲ୍ମ ନିର୍ମାଣ ପାଇଁ ପ୍ରକ୍ରିୟା ଚାଲିଥିବାରୁ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେବା ଠିକ୍ ସମୟ ନୁହେଁ ବୋଲି ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି।





ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ନିଖୋଜ ନାବାଳିକାଙ୍କୁ ଉଦ୍ଧାର କଲା ପୋଲିସ

**ସମ୍ବଲପୁର,୪।୮(ବ୍ୟୁରୋ)-** ସମ୍ବଲପୁର ଧନୁପାଲି ଥାନା ଅଞ୍ଚଳରୁ ନିଖୋଜ ଜଣେ ନାବାଳିକାଙ୍କୁ ପୋଲିସ ବୀରମହାରାଜପୁରରୁ ଉଦ୍ଧାର କରିଛି। ସ୍ୱାସ୍ଥ୍ୟ ପରୀକ୍ଷା କରାଇ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଜୁଲାଇ ୨୩ରୁ ସେ ନିଖୋଜ ହୋଇଯାଇଥିଲେ ବୋଲି ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା।

### ହିନ୍ଦୀ ଶିକ୍ଷକ ନବୀକରଣ କାର୍ଯ୍ୟକ୍ରମ

**ସମ୍ବଲପୁର, ୪।୮ (ବ୍ୟୁରୋ)-** ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ସଭା କକ୍ଷରେ ହିନ୍ଦୀ ଶିକ୍ଷକ ନବୀକରଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ୧୨ଦିନ ଧରି ଚାଲିଥିବା ଏହି ତାଲିମ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାର ୫୮ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଭାଗ ନେଇଥିଲେ । ଭୁବନେଶ୍ୱର ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡା. ସତବୀର ସିଂ, ପ୍ରଫେସର ଯୋଗେନ୍ଦ୍ର ମିଶ୍ର, ଡ. ରଞ୍ଜନ ଦାସ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ହିନ୍ଦୀ ଭାଷାର ଶୁଦ୍ଧତା ଓ ଗୁଣବତ୍ତାକୁ କିପରି ବଜାୟ ରଖାଯିବ ସେ ନେଇ ଆଲୋଚନା କରାଯାଇଥିଲା। ବୁଢ଼ାରଜା ସରକାରୀ ହାଇସ୍କୁଲ ହିନ୍ଦୀ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ । କ୍ଷୀରୋଦ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁର୍ଘଟଣାରେ ଜଣେ ମୃତ

**ବରଗଡ଼ ଅଫିସ୍,୪।୮-** ବରଗଡ଼ ସହରର ବାନ୍ଧୁଟିକ୍ରା ଛକ ନିକଟରେ ରବିବାର ପୂର୍ବାହ୍ନରେ ଏକ ସଡ଼କ ଦୁର୍ଘଟଣା ହୋଇଥିଲା । କାର୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ବାଇକ୍ ଆରୋହୀ ବନବାସପାଲି ନିବାସୀ ସାଗର ଶିକା ଗୁରୁତର ଆହତ ହୋଇଥିଲେ । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

ଗ୍ରୀନ୍ ଟ୍ରିବ୍ୟୁନାଲର ସ୍କାନରରେ ଶ୍ୟାମ ମେଟାଲିକ୍ସ

# ଅଭିଯୋଗକାରିଣୀଙ୍କୁ କମ୍ପାନୀର ନାଲିଆଖି

**ସମ୍ବଲପୁର,୪।୮(ବ୍ୟୁରୋ)**

**ଅଧିକ ଅନୁକମ୍ପା ଦେଖାଉଛି ଜିଲା ପ୍ରଶାସନ**
- ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କଲା
- ଜଙ୍ଗଲ ଜମିରେ ମନଇଚ୍ଛା ଏଣେତେଣେ ପାଉଁଶ ପକାଉଛି
- ଗଛ କାଟି ପଦା କରୁଛି, ଅଧୀନକୁ ନେଲାଣି ସରକାରୀ ଜମି
- ସବୁ ଜାଣି ବି ଚୁପ୍ ରହୁଛି ପ୍ରଦୂଷଣ ବିଭାଗ

ସମ୍ବଲପୁର ରେଙ୍ଗାଲି ପଣ୍ଡଲୋଇରେ ଶ୍ୟାମ ମେଟାଲିକ୍ସ କମ୍ପାନୀ ରହିଛି। ଏହି କମ୍ପାନୀ ବେଆଇନ ଭାବେ ଜଙ୍ଗଲ ଜମିକୁ ନିଜ ଅଧୀନକୁ ନେଉଛି। ପ୍ରଦୂଷଣ ନିୟମ ପାଳନ କରୁନି। ଜଙ୍ଗଲ ପଦା କରି ସେଠାରେ ପାଉଁଶ ଗଦା କରୁଛି । କମ୍ପାନୀ ବିରୋଧରେ ଏଭଳି ସଙ୍ଗିନ ଅଭିଯୋଗ ଗ୍ରୀନ ଟ୍ରିବ୍ୟୁନାଲରେ ପହଞ୍ଚିଛି। ଏବେ ଟ୍ରିବ୍ୟୁନାଲର ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ଗତ ଶୁକ୍ରବାର ପାଉଁଶଗଦା ସ୍ଥଳର ତଦନ୍ତ କରିଛି। ହେଲେ ଗ୍ରୀନ ଟ୍ରିବ୍ୟୁନାଲରେ ଅଭିଯୋଗ କରିଥିବା ମହିଳା ସୈରେନ୍ଦ୍ରୀ ଦେହୁରୀଙ୍କୁ କମ୍ପାନୀ ଧମକ ଚମକ ଦେଇଥିବା ରେଙ୍ଗାଲି ଥାନାରେ ରବିବାର ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ କମ୍ପାନୀର ଦୁଇଜଣ ଅଧିକାରୀ ଗ୍ରୀନ ଟ୍ରିବ୍ୟୁନାଲରୁ ମାମଲା ପ୍ରତ୍ୟାହାର କରିବାକୁ ତାଙ୍କ ଉପରେ ଚାପ ପକାଉଛନ୍ତି । ଯଦି ମାମଲା ଆଗକୁ ବଢେ ତାହା ହେଲେ ପରିବାର ବର୍ଗଙ୍କୁ ମାରି ଦିଆଯିବ ବୋଲି ଧମକ ଦେଇଛନ୍ତି। ଗାଳିଗୁଲଜ କରି ଜାତିଆଣ ଆକ୍ଷେପ କରିଥିଲେ ବୋଲି ମଧ ଅଭିଯୋଗ ହୋଇଛି । ଏ ନେଇ ରେଙ୍ଗାଲି ଥାନାରେ ଏକ ମାମଲା (ନଂ. ୧୧୮/୧୯) ରୁଜୁ କରି ପୋଲିସ ତଦନ୍ତ କରୁଛି । ସୂଚନାଯୋଗ୍ୟ, ରେଙ୍ଗାଲି ତହସିଲ ଅଧୀନ ବାବୁ ଚକଳି ଗ୍ରାମ ନିକଟରେ ଥିବା ଜଙ୍ଗଲ ଜମିରେ ବର୍ଷ ବର୍ଷ ଧରି ଶ୍ୟାମ ମେଟାଲିକ୍ସରୁ ପାଉଁଶ ଗଦା ହେଉଛି। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନ ପାଖରେ ଅଭିଯୋଗ କରିଥିଲେ । ହେଲେ କମ୍ପାନୀ ପ୍ରୀତି ଦେଖାଇ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ। ଶେଷରେ ରେଙ୍ଗାଲି ଗ୍ରାମର ସୈରେନ୍ଦ୍ରୀ ଗତ ଏପ୍ରିଲରେ ଏ ନେଇ ଗ୍ରୀନ ଟ୍ରିବ୍ୟୁନାଲ କଲିକତା ଶାଖାରେ ଅଭିଯୋଗ କଲେ ଯେ, କମ୍ପାନୀ ଜଙ୍ଗଲ ଜମିରେ ପାଉଁଶ ଗଦା କରୁଛି । ଏଥିପାଇଁ ହଜାର ହଜାର ଗଛ କଟାଯାଉଛି । ପ୍ରାୟ ୪୫୦ ଏକର ଜଙ୍ଗଲ ଜମି ନିଜ ଅଧୀନରେ କମ୍ପାନୀ ବେଆଇନ ଭାବେ ନେଇ ସାରିଛି। ପ୍ରତିଦିନ ଧୂଆଁ ଓ ପାଉଁଶ ଗୁଣ୍ଡରେ ସାଧାରଣ ଲୋକ ରୁଦ୍ଧି ହୋଇ ଯାଉଛନ୍ତି। ଜିଲା ପ୍ରଶାସନ ଓ ପ୍ରଦୂଷଣ ବିଭାଗ ଆଖି ବନ୍ଦ କରି ରହିଛି ବୋଲି ସେ ଟ୍ରିବ୍ୟୁନାଲ ନିକଟରେ ଅଭିଯୋଗ କରିବା ପରେ ଏହାର ତଦନ୍ତ କରିବାକୁ ଟ୍ରିବ୍ୟୁନାଲ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛି। ହେଲେ ଉପରଠାଉରିଆ ଭାବେ କମ୍ପାନୀକୁ ସୁହାଇଲା ଭଳି ଏବେ ତଦନ୍ତ ରିପୋର୍ଟ ଦେବାକୁ ଜିଲା ପ୍ରଶାସନ ସବୁ ପ୍ରକାର ଉଦ୍ୟମ ଚଳାଇଛି। କିଭଳି ରିପୋର୍ଟ ଦେଲେ କମ୍ପାନୀକୁ ସୁହାଇବ ତାହାର ଗଳା ବାଟ ବାହାର କରିବାରେ ପୂରା ପ୍ରଶାସନ ଲାଗି ପଡିଛି। ଜିଲା ପ୍ରଶାସନର ତଳଠୁ ଉପର ପର୍ଯ୍ୟନ୍ତ ବାବୁମାନେ କମ୍ପାନୀଠାରୁ ସାହାଯ୍ୟ, ସହଯୋଗ, ଆତିଥ୍ୟତା ନେଉଛନ୍ତି। ଏଣୁ ଏଭଳି ବିପଦପୂର୍ଣ୍ଣ ପରିସ୍ଥିତିରେ କମ୍ପାନୀ ପଛରେ ଠିଆ ନ ହେଲେ ଜିଲା ପ୍ରଶାସନର ଇଜ୍ଜତ ବି ଯିବ। ସେହି ଦୃଷ୍ଟିରୁ ପୂରା ଜିଲା ପ୍ରଶାସନର ସରକାରୀ କଳ ଏବେ କମ୍ପାନୀକୁ ସୁରକ୍ଷା ଦେବାକୁ ଲାଗି ପଡିଛନ୍ତି।

### ବୃଦ୍ଧାଙ୍କୁ ବଳାତ୍କାର ଘଟଣା ୧୭ ଦିନ ଚିକିତ୍ସା ପରେ ଆଖି ବୁଜିଲେ

**ସମ୍ବଲପୁର,୪।୮(ବ୍ୟୁରୋ)**

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଧୀନରେ ଥିବା ଏକ ଗାଁରେ ଗତ ୧୮ ତାରିଖ ଜଣେ ବୃଦ୍ଧା ବଳାତ୍କାରର ଶିକାର ହୋଇଥିଲେ। ବୁର୍ଲା ଭିମସାରରେ ସେ ୧୭ ଦିନ ଧରି ଚିକିତ୍ସିତ ହେବା ପରେ ଶେଷରେ ଆଖି ବୁଜିଛନ୍ତି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଥିଲା। ପୋଲିସ କହିଛି ଯେ, ଏହି ମାମଲାରେ କିଭଳି ନ୍ୟାୟ ମିଳିବ ଓ ଗିରଫ ଅଭିଯୁକ୍ତ ଅଭିଯୁକ୍ତ ଜଗଦୀଶ ବାଦୀ (୪୭)ଙ୍କୁ କଠୋର ଦଣ୍ଡ ମିଳିବ ସେ ଦିଗରେ କୋର୍ଟରେ ପ୍ରମାଣ ଦାଖଲ କରାଯାଇଛି। କ୍ଷତିପୂରଣ ଓ ଅନ୍ୟ ଦିଗରେ ମଧ ପରିବାର ବର୍ଗଙ୍କୁ ସହଯୋଗ କରାଯାଉଛି।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୪।୮ (ବ୍ୟୁରୋ)**

ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଶୁଭମ ସକସେନାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହେବା ସହ ବିଭିନ୍ନ ପ୍ରତିଯୋଗିତା କରିବାକୁ ସ୍ଥିର କରାଯାଇଛି । ଅଗଷ୍ଟ ୧୫ ତାରିଖ ପ୍ରାତଃରେ ରାମଧୁନ୍ ସହ ମହାନଗର ନିଗମ ଅଞ୍ଚଳରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ୮ଟାରେ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକରେ ଜାତୀୟ ପତାକା ଉତ୍ତୋଳନ ଓ ପ୍ରଭାତ ଫେରି କରାଯିବ। ପୂର୍ବାହ୍ନ ୯ଟା ୧୫ରେ ନେଲସନ ମଣ୍ଡେଲା ଛକ ସଂଲଗ୍ନ ରାସ୍ତାରେ ଉତ୍ସବ ଅନୁଷ୍ଠିତ ହେବ । ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ପରେଡର ଅଭିବାଦନ ଗ୍ରହଣ କରିବେ । ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ, ମହାନଗର ନିଗମ କମିଶନର ତ୍ରିଲୋଚନ ମାଝୀ, ସଦର ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟ ପ୍ରସ୍ତୁତି ବୈଠକର ସଂଯୋଜନା କରିଥିଲେ । ଏଥିରେ ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ, ବରିଷ୍ଠ ନାଗରିକ, ଶିକ୍ଷାବିତ, ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।



ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।






ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ସାଧାରଣ ସଭାରେ ଯୋଗଦେଇଥିବା ପ୍ରତିନିଧିମାନେ (ବାମ) । ସଂଘ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ବକ୍ତବ୍ୟ ଦେଉଛନ୍ତି ।

ଏସ୍‌ୟୁ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସଭା

# ପେନସନରେ ବିଳମ୍ବ, ଅସଙ୍ଗତି ହେଉଛି

**ସମ୍ବଲପୁର,୪।୮(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସଭା ରବିବାର ସମଲେଶ୍ୱରୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ଦାବି ଉପରେ ଉପସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କ ସହିତ ସଂଘ ଆଲୋଚନା କରିବାକୁ ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କୁ ସପ୍ତମବେତନ କମିଶନ ଆଧାରରେ ପେନସନ ପ୍ରଦାନ କରିବା, ପେନସନ କାର୍ଯ୍ୟ ଖୁବଶୀଘ୍ର ସାରିବାକୁ ସରକାରଙ୍କ ପକ୍ଷରୁ ଅବସର ନେଇଥିବା ୨ଜଣ ଅଡିଟରଙ୍କୁ ଅସ୍ଥାୟୀ ନିଯୁକ୍ତି ଦେବା ବିଷୟରେ ଆଲୋଚନା ହୋଇଥିଲା। ସଂଘ ସାଧାରଣ ସମ୍ପାଦକ ନୀଳକଣ୍ଠ ମହାପାତ୍ର ସୂଚନା ଦେଇ କହିଥିଲେ ଯେ, ବର୍ତ୍ତମାନ ପେନସନ ପ୍ରଦାନରେ ଅହେତୁକ ବିଳମ୍ବ ଓ ଅସଙ୍ଗତି ହେଉଛି।

ଏହା ଦ୍ୱାରା ପେନସନ ଭୋଗୀ ଆର୍ଥିକ ଓ ମାନସିକ ସ୍ତରରେ ନିର୍ଯାତିତ ହେଉଛନ୍ତି । ତେଣୁ ରାଜ୍ୟ ସରକାର ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରିଥିଲେ । ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ପ୍ରଫେସର କୁମୁଦରଞ୍ଜନ ପାଣିଗ୍ରାହୀ, ଦିଲୀପ ପଣ୍ଡା, ମହାଦେବ ତ୍ରିପାଠୀ, ଭବାନୀ ପ୍ରସାଦ ସିଂ, ଭବାନୀ ଶଙ୍କର ହୋତା ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ପଦ୍ମଭୂଷଣ ପୃଷେଠ ଧନ୍ୟବାଦ ଅର୍ପଣ କରିଥିଲେ ।

ରୋଟାରୀ କ୍ଲବର ପ୍ରତିଷ୍ଠା ଦିବସ

# ଶପଥ ନେଲେ ନୂତନ କର୍ମକର୍ତ୍ତା

**ସମ୍ବଲପୁର, ୪।୮ (ବ୍ୟୁରୋ)**




ରବିବାର ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ଦୀପ ଜାଳି ଶୁଭାରମ୍ଭ କରୁଛନ୍ତି ।

ରୋଟାରୀ କ୍ଲବ ଅଫ୍ ସମ୍ବଲପୁରର ପ୍ରତିଷ୍ଠା ଦିବସ ତଥା ଶପଥ ଗ୍ରହଣ ସମାରୋହ ରବିବାର ରାତିରେ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରଞ୍ଜିତ ସିଂ ସାଇନି ମୁଖ୍ୟଅତିଥି ଭାବେ ଯୋଗଦେଇ ୨୦୧୯-୨୦ ବର୍ଷର ସଭାପତି ପ୍ରଫେସର ଅଶୋକ କୁମାର ଶତପଥୀ ଓ ସମ୍ପାଦକ ଚିନ୍ମୟ ଶତପଥୀଙ୍କୁ ଶପଥ ପାଠ କରାଇଥିଲେ । ସୁଜିତ କୁମାର ପାଣିଗ୍ରାହୀ, ବିକ୍ରମ ସେନାପତି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅତନୁ କୁମାର ପତି, କ୍ଲବର ଆସିଷ୍ଟାଣ୍ଟ ଗଭର୍ଣ୍ଣର ଆନନ୍ଦ ମିଶ୍ର ସମ୍ମାନୀତ ଅତିଥି ଓ ହରଜିତ ସିଂ ହୁରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଡ. ମୁରଲୀଧର ପ୍ରେମନାଥ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଆଲେଖିକା ପାଣି, ସୁଜାତା ପାଣିଗ୍ରାହୀ ଅତିଥି ସ୍ୱାଗତ କରିଥିଲେ । ଅମିଷା ପଣ୍ଡା, ସୋନି ପଟେଲ, ଶ୍ରେୟା ଘୋଷ, ନିଶା ପଣ୍ଡା, ଗୌରବ ସିଂ, ଜିତେନ୍ଦ୍ରୀୟ ପ୍ରଧାନ, ଅମିଷା ପଟେଲ, ମୋନାଲିସା ଗଛାୟତ, ପ୍ରତିଭା ପଟେଲ ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଅତିଥିମାନେ କ୍ଲବର ସ୍ମରଣିକା 'ହୀରା ଚକ୍ର' ଉନ୍ମୋଚନ କରିଥିଲେ ।

# ଶିଶୁଙ୍କୁ ସ୍ତନ୍ୟପାନ କରାଇବାର ଉପକାରିତା ଉପରେ ଆଲୋଚନା

**ଚିପିଲିମା, ୪।୮ (ଡି.ଏନ.ଏ.)**

ଧନକଉଡା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ବିଶାଳଖଣ୍ଡା ଗ୍ରାମରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା । ସିଡିପିଓ ପୁଷ୍ପାଞ୍ଜଳି ମିଶ୍ରଙ୍କ ତତ୍ତ୍ୱାବଧାନରେ ଗ୍ରାମର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଅଙ୍ଗନୱାଡି କର୍ମୀ, ସହାୟିକାମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସଚେତନତା ସଭାରେ ବିଶାଳଖଣ୍ଡା ସରପଞ୍ଚ ସୁଶୀଲ କୁମାର ବିଶ୍ୱାଳ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ (ଡିଏସଡବ୍ଲୁଓ) ଗୀତାଞ୍ଜଳି ମହାପାତ୍ର, ପିଓ ସବିତା ଦାସ, ଏନଓପି ମ୍ୟାନେଜର ବିଚିତ୍ରାନନ୍ଦ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ।



ସଚେତନତା ସଭାରେ ଜଣେ ମହିଳାଙ୍କୁ ପୁରସ୍କୃତ କରାଯାଉଛି।

ନବଜାତ ଶିଶୁମାନଙ୍କୁ ମା' କ୍ଷୀରର ଆବଶ୍ୟକତା ଥିବାବେଳେ ଏହାର ଉପକାରିତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟର ଯତ୍ନ, ନବଜାତ ଶିଶୁର ଯତ୍ନ ସମ୍ପର୍କରେ ଉପସ୍ଥିତ ମହିଳାମାନଙ୍କୁ ଅତିଥିମାନେ ସଚେତନ କରିଥିଲେ । ୭ ମାସରୁ ୩ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅନୁପମା ଦାସ, ମହାନକା ବେଗମ, ସୁବାଶିନୀ ପଟେଲ, ଯଶୋଦା ସାହୁ ପ୍ରମୁଖଙ୍କ ସମେତ ସମସ୍ତ ଅଙ୍ଗନୱାଡି କର୍ମୀ, ସହାୟିକା ସହଯୋଗ କରିଥିଲେ।

## ଫଟୋରେ ଖବର



ବୁର୍ଲା କଣ୍ଟ୍ରାକ୍ଟର୍ସ କଲୋନୀଠାରେ ଭାଜପା ସଦସ୍ୟତା ସଂଗ୍ରହ ଅଭିଯାନରେ ସଦସ୍ୟମାନେ।



ଚିପିଲିମା ପାୱାର ହାଉସ ରାସ୍ତାକଡରେ ଏକ ବ୍ୟାୟାମଶାଳା ଉଦ୍‌ଘାଟନ କରାଯାଉଛି।




ସମ୍ବଲପୁର ଦୁର୍ଗାପାଲି କୁଷ୍ଠାଶ୍ରମରେ ହୀରାକୁଦ ଲାୟନ୍ସ କ୍ଲବ ରୟାଲ୍ସ ପକ୍ଷରୁ ବସ୍ତ୍ର ବଣ୍ଟନ କରାଯାଉଛି।



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
-ନେତାଜୀ ସୁଭାଷ ବୋଷ



**ସଂକ୍ଷେପରେ**

## ଦେବଗଡ଼ରେ ଜଡିବୁଟି ଦିବସ

ଦେବଗଡ, ୪।୮(ଡି.ଏନ.ଏ)-ସ୍ଥାନୀୟ ବିଶ୍ୱ ସ୍ରଷ୍ଟା ଗଠନ ଭବନଠାରେ ପତଞ୍ଜଳୀ ଯୋଗ ସମିତି, ଭାରତ ସ୍ୱାଭିମାନ ଟ୍ରଷ୍ଟ ଓ ବାମଣ୍ଡା ବନୌଷଧି ଓ ବୈଦ୍ୟ ବିକାଶ ସଂଘର ମିଳିତ ଆନୁକୂଲ୍ୟରେ ରବିବାର ଜଡିବୁଟି ଦିବସ ପାଳିତ ହୋଇଯାଇଛି। ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଜନ୍ମଦିବସ ଅବସରରେ ପାଳିତ ହେଉଥିବା ଏହି ଜଡିବୁଟି ଦିବସ ଅବସରରେ ଆୟୋଜିତ ସଭାରେ ପତଞ୍ଜଳି ଯୋଗ ସମିତିର ମୁଖ୍ୟ ସଂରକ୍ଷକ ଅର୍ଜୁନ ମୋହନ ସାହୁ ଅତିଥି ମାନଙ୍କର ପରିଚୟ ପ୍ରଦାନ ସହ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଜନ୍ମବୃହାନ୍ତ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ପ୍ରଭାରୀ ଅକୃର ମାର୍ଥା ଯୋଗଦେଇ ଏହି ଦବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭ୍ରାତୃଦେବ ଭ୍ରାତୃ କୁମାର ପ୍ରଫୁଲ୍ଲ ଯୋଗଦେଇ ଜଡିବୁଟିର ମହିମା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ଚନ୍ଦ୍ର ଶଥପଥି , ଭାସ୍କର ଚନ୍ଦ୍ର ନାଥ, ବୈଦ୍ୟ ଧର୍ମେନ୍ଦ୍ର ନାୟକ, ମହାଦେବ ସାହୁ ଓ ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଜଡିବୁଟି ସମ୍ପର୍କୀତ ନିଜସ୍ୱ ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ ଗଠନ ଭବନ ପରିସରରେ ଏକ 'ଶ୍ୱେତ ଅଶୋକ'ବୃକ୍ଷ ରୋପଣ କରାଯିବା ସହ ଉପସ୍ଥିତ ବୈଦ୍ୟମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଦିଲ୍ଲୀପ ଦେବ, ମନୋଜ ସାହୁ, କିଶୋର ସାମଲ, ଜୟନ୍ତୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# 'ମୋ ସ୍ୱାମୀଙ୍କୁ ବଞ୍ଚାଇଦିଅ'

ଲଇକେରା,୪।୮(ଡି.ଏନ୍.ଏ.)

ମୋ ସ୍ୱାମୀଙ୍କୁ ବଞ୍ଚାଇଦିଅ। ତାଙ୍କୁ ଚିକିତ୍ସା ଦରକାର। ହେଲେ ଚିକିତ୍ସା ପାଇଁ ମୋ ପାଖରେ ଟଙ୍କା ନାହିଁ। ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ପାକେଲପଡ଼ା ଗ୍ରାମର ଗଜେନ୍ଦ୍ର ଚାରଦିଆ (୫୦)ଙ୍କ ସ୍ତ୍ରୀ ନବୀନା ଏପରି ଆକୁଳ ନିବେଦନ କରିଛନ୍ତି। ଘରେ କୋମା ଅବସ୍ଥାରେ ପଡ଼ିରହିଛନ୍ତି ଗଜେନ୍ଦ୍ର। ଜମିବାଡ଼ି ବନ୍ଧା ପକାଇ ଗଜେନ୍ଦ୍ରଙ୍କ ଚିକିତ୍ସା କରିଥିଲେ ହେଁ ଆହୁରି ଅଧିକ ଚିକିତ୍ସାର ଆବଶ୍ୟକତା ରହିଛି। ଏବେ ନବୀନା ନିଃସ୍ୱ। ଜଡ଼ ପ୍ରାୟ ବିଛଣାରେ ପଡ଼ି ରହିଥିବା ସ୍ୱାମୀଙ୍କ ମୁହଁକୁ ଚାହିଁ ଦିନ କାଟିବା ଛଡ଼ା ତାଙ୍କ ପାଖରେ ଆଉ କୌଣସି ଉପାୟ ନାହିଁ। ରୋଜଗାର ନ ଥିବାବେଳେ ମୂଲମଜୁରି ଲାଗି ପେଟକୁ ଦାନା ଗଣ୍ଡେ ଯୋଗାଡ଼ କରୁଛନ୍ତି ନବୀନା।

ଗତ ମାର୍ଚ୍ଚ ୭ ତାରିଖ ସକାଳ ପ୍ରାୟ ୮ଟାରେ ଗଜେନ୍ଦ୍ର ନିଜ ବାଇକ୍‌ରେ ଝାରସୁଗୁଡାକୁ କାମ କରିବାକୁ ଯାଉଥିବା ବେଳେ ସାହାସପୁର-ପତ୍ରାପାଲି ରାସ୍ତାରେ ଏକ ଟ୍ରକ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବାମରା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ଼ ଏବଂ ପରେ ବୁର୍ଲା



କୋମା ଅବସ୍ଥାରେ ଘରେ ପଡ଼ିରହିଛନ୍ତି ଗଜେନ୍ଦ୍ର।

ବଡ଼ ମେଡିକାଲ ନିଆଯାଇଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ସେ କୋମା ଅବସ୍ଥାକୁ ଚାଲିଯାଇଥିଲେ। ବୁର୍ଲାରେ ୨୩ ଦିନ ଚିକିତ୍ସା ପରେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ କଟକ ନେବାକୁ ଡାକ୍ତର ପରାମର୍ଶ ଦେଲେ। ହେଲେ ଏଥିପାଇଁ ଆବଶ୍ୟକ ଟଙ୍କା ନ ଥିବାରୁ ପରିବାର ଲୋକେ ବାଧ୍ୟ ହୋଇ ତାଙ୍କୁ ଘରକୁ ଫେରାଇ ଆଣିଥିଲେ। ମୁହଁ ଓ ନାକରେ ପାଇପ୍ ସେହିପରି ଲାଗିରହିଛି। ସେଥିରେ ଔଷଧ ଦିଆଯାଉଛି। ଅଳ୍ପ କିଛି ଥିବା ଜମିବାଡ଼ି ବନ୍ଧା ପକାଇ ନବୀନା ଗଜେନ୍ଦ୍ରଙ୍କ ପାଇଁ ଆବଶ୍ୟକ ମେଡିକାଲ ଖର୍ଚ୍ଚ ତୁଲାଇଥିଲେ। ଏବେ ଔଷଧ କିଣିବାକୁ ମଧ୍ୟ ପାଖରେ ପଇସା ନାହିଁ। ଗଜେନ୍ଦ୍ର ଜଣେ ଦିନ ମଜୁରିଆ। ତାଙ୍କର ୨୩ ଓ ୧୮ ବର୍ଷ ବୟସ୍କ ୨ ପୁଅ ଓ ୨୧ ବର୍ଷର ଜଣେ ଝିଅ ଅଛନ୍ତି। ବୃଦ୍ଧ ବାପା ମଧ୍ୟ ଅଛନ୍ତି। ୩ ପୁଅଝିଅ, ସ୍ତ୍ରୀ ଏବଂ ବାପାଙ୍କୁ ନେଇ ଚାଲିଥିବା ପରିବାର ଏବେ ରୋଜଗାର ବିନା ଅସହାୟ ହୋଇପଡ଼ିଛି। କିଛିଦିନ ପୂର୍ବେ ଲଇକେରା ବିଡିଓ ପ୍ରସନ୍ନ କୁମାର ପାଣ୍ଡେ ତାଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ଦେଇଥିବା ପରିବାର ପକ୍ଷରୁ କୁହାଯାଇଛି। ସରକାରୀ ସହାୟତା ସହ ଚିକିତ୍ସା ପାଇଁ ପଦକ୍ଷେପ ନିଆଗଲେ ଗଜେନ୍ଦ୍ର ସୁସ୍ଥ ହୋଇପାରନ୍ତେ ବୋଲି ଗ୍ରାମବାସୀ କହିଛନ୍ତି। ଗାଁଟି ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ନିର୍ବାଚନ ମଣ୍ଡଳୀରେ ରହିଥିବା ବେଳେ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ରେଳଲାଇନ ସଂଯୋଗ ପାଇଁ ଆଲୋଚନା ବୈଠକ

ଦେବଗଡ଼, ୪।୮(ଡି.ଏନ.ଏ)

ଦେବଗଡ ଜିଲାକୁ ରେଳଲାଇନ ସଂଯୋଗ ପାଇଁ ପ୍ରଧାନପାଟ ସ୍ଥିତ ସାଇଧାମଠାରେ ରବିବାର ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । କୁମୁଦ ଚନ୍ଦ୍ର ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଝାରସୁଗୁଡାରୁ କୋଲାବିରା, କୁଚିଣ୍ଡା, ତିଲଇବେଣି, ଦେବଗଡ, କଣ୍ଢେଇ, ବାରକୋଟ, ପାଲଲହଡା, ଜଗମୋହନପୁର ଓ କେନ୍ଦୁଝର ଜିଲାର ତେଲକୋଇ ଓ ନରଣପୁରକୁ ରେଳପଥ ସଂଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଏନେଇ ଭାରତର ରେଳମନ୍ତ୍ରଣାଳୟ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦାବି ଜଣାଇବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଛି। ଏଥିପାଇଁ ରାମଚନ୍ଦ୍ର ମହାପାତ୍ର, ଶୁଭ୍ରାଂଶୁ ଶେଖର ଗୁରୁ, ସିଦ୍ଧାର୍ଥ ଗୁରୁ, ଆଲୋକ କୁମାର ମିଶ୍ର ଓ କୁମୁଦ ଚନ୍ଦ୍ର ଶଥପଥିଙ୍କୁ ନେଇ ଏକ ଡ୍ରାଫ୍ଟ କମିଟି ଗଠନ କରାଯାଇଥିଲା। ଏଥିସହ ଏକ ଡିପିଆର୍, ପିପିଟି, ୟୁଟୁବ ପ୍ରସ୍ତୁତି ପାଇଁ ଅଜିତ ନନ୍ଦଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ଜିଲା ଓକିଲ ସଂଘ ପକ୍ଷରୁ ଏନେଇ ଏକ ଦାବି ଉପସ୍ଥାପନ କରିବାକୁ ସଂଘର ସମ୍ପାଦକ ତରଣୀକାନ୍ତ ଦାଶଙ୍କୁ ଅନୁରୋଧ କରାଯାଇଥିଲା । ଆଗାମୀ ଦିନରେ ରେଳପଥ ସଂଯୋଗ ପାଇଁ ପ୍ରସ୍ତାବିତ ଝାରସୁଗୁଡା, କୋଲାବିରା, କୁଚିଣ୍ଡା, ତିଲଇବେଣି, ଦେବଗଡ, କଣ୍ଢେଇ, ବାରକୋଟ, ପାଲଲହଡା, ଜଗମୋହନପୁର ଓ କେନ୍ଦୁଝର ଜିଲାର ତେଲକୋଇ ଓ ନରଣପୁର ଅଞ୍ଚଳର ଲୋକ ପ୍ରତିନିଧି ଓ ଜନସାଧାରଣଙ୍କୁ ନେଇ ଏକ କମିଟି ଗଠନ କରାଯିବାକୁ ଏହି ଅବସରରେ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା । ଶେଷରେ ବରିଷ୍ଠ ମିତ୍ରଭାନୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପୁସ୍ତକ 'ନିଃସଙ୍ଗ' ଉନ୍ମୋଚିତ

ସମ୍ବଲପୁର, ୪।୮ (ବ୍ୟୁରୋ)

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭା କକ୍ଷରେ ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ଗଳ୍ପ ସଂକଳନ 'ନିଃସଙ୍ଗ' ପୁସ୍ତକ ଉନ୍ମୋଚିତ ହୋଇଛି । ଗୋପିନାଥ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ମୀନକେତନ ପୁରୋହିତ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଶାସକ ରଘୁନାଥ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଜନ୍ମେଜୟ ବାବୁଙ୍କ ରଚିତ ଏହି ପୁସ୍ତକ ଉନ୍ମୋଚନ କରିଥିଲେ । ସାହିତ୍ୟକ ଡ. ଗୌରିଦାସ ପ୍ରଧାନ ସମୀକ୍ଷକ ଭାବେ ଯୋଗ ଦେଇଥିଲେ । କବି ଲକ୍ଷ୍ମୀନାରାୟଣ ହୋତା, ପ୍ରଫେସର ଗିରୀଜାଶଙ୍କର ଶର୍ମା ଆଲୋଚନା ଥିଲେ । ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋଟିଏ ଗଛର ଯତ୍ନ ନେବାକୁ ଆହ୍ୱାନ




ରବିବାର ସମ୍ବଲପୁର ସ୍କାନର ପ୍ରତିଷ୍ଠା ଦିବସ ଉତ୍ସବରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ।

ସମ୍ବଲପୁର, ୪।୮ (ବ୍ୟୁରୋ)

ବିଶ୍ୱରେ ଦ୍ରୁତ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି । ଫଳରେ ତାପମାତ୍ରା ବୃଦ୍ଧି ପାଉଛି । ତେଣୁ ପ୍ରତିବର୍ଷ ଜଣେ ବ୍ୟକ୍ତି ଗୋଟିଏ ବୃକ୍ଷଚାରା ରୋପଣ କରି ତାହାର ଯତ୍ନ ନେବାର ଆବଶ୍ୟକତା ରହିଛି । ଏହା ଦ୍ୱାରା ବିଶ୍ୱ ସବୁଜିମା ହେବା ସହ ତାପମାତ୍ରା ହ୍ରାସ ହେବ । ରବିବାର ଦାନୀପାଲି ରାମଚଣ୍ଡୀ ସେବା ସଦନରେ ଆୟୋଜିତ ସ୍କାନର ୪ର୍ଥ ପ୍ରତିଷ୍ଠା ଦିବସ ଉତ୍ସବରେ ବକ୍ତାମାନେ ଏହା କହିଛନ୍ତି । ଅଧ୍ୟକ୍ଷ ସୁଧାଂଶୁଶେଖର ମହାରଣାଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁରର ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ, ମହାନଗର ନିଗମ ଉପାୟୁକ୍ତ ଶୁଭଙ୍କର ମହାନ୍ତି, ସାହିତ୍ୟକ ଗଣେଶରାମ ନାହାକ, ଶିକ୍ଷାବିତ ଡ. ବାଲ୍ମୀକି ଦାସ, ନୃତ୍ୟଗୁରୁ ଅସୀମ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ କୁଳଶେଖର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ । ସରୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଧନକଉଡା ବ୍ଲକ ଅନ୍ତର୍ଗତ ହାଇସ୍କୁଲସ୍ତରୀୟ ବିଜ୍ଞାନ ନାଟକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ନୟାପଡା ହିନ୍ଦୀ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସାଇଶିକ୍ଷା ପରିଷଦ ପ୍ରଶିକ୍ଷାର୍ଥୀମାନେ ଓଡିଶୀ, ଡାଲଖାଇ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ୧୬୦ଜଣଙ୍କୁ ଅତିଥିମାନେ ବୃକ୍ଷଚାରା ବଣ୍ଟନ କରିଥିଲେ ।

## ସଡ଼କ ଦୁର୍ଘଟଣା, ବୃଦ୍ଧା ମୃତ

ରିଆମାଳ,୪।୮(ଡି.ଏନ୍.ଏ)

ଦେବଗଡ ଜିଲା ରିଆମାଳ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନଂ.୫୩ର ବୁଡିଦୋ ହାଇସ୍କୁଲ ନିକଟରେ ରବିବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ତାଙ୍କ ସହ ଚାଲିଚାଲି ଯାଉଥିବା ଅନ୍ୟ ଜଣେ ଯୁବକ ଏଥିରେ ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଛତାବର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଛତାବର ମେଡିକାଲର ଡାକ୍ତର ଝସକେତନ ପଧାନ କହିଛନ୍ତି। ରିଆମାଳ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ରାତିରେ ବୃଦ୍ଧା ଓ ସମ୍ପୃକ୍ତ ଯୁବକ ଜଣକ ଚାଲିଚାଲି ବୁଡିଦୋ ହାଇସ୍କୁଲ ଆଡକୁ ଯାଉଥିଲେ। ଏହି ସମୟରେ ଏକ ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ସମ୍ପୃକ୍ତ ଗାଡିକୁ ନେଇ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଉଭଙ୍କୁ ଉଦ୍ଧାର କରି ଛତାବର ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଡାକ୍ତର ବୃଦ୍ଧାଙ୍କୁ ମୃତ ଘୋଷଣା କରିଥିଲେ। ଉଭୟ ମୃତା ଓ ଆହତଙ୍କ ପରିଚୟ ମିଳି ପାରିନାହିଁ।

ଜ୍ୟୋତିର୍ମୟ ପତ୍ରିକାର ବାର୍ଷିକୋତ୍ସବ

## ଶିଶୁ ସାହିତ୍ୟିକ ପ୍ରହଲ୍ଲାଦ ଦାଶ ସମ୍ମାନିତ

ସମ୍ବଲପୁର,୪।୮(ବ୍ୟୁରୋ)

ଜ୍ୟୋତିର୍ମୟ ପତ୍ରିକାର ବାର୍ଷିକ ଉତ୍ସବ ରବିବାର ଜ୍ୟୋତି ସଭା କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଡ. ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିଶୁ ସାହିତ୍ୟିକ ତଥା ସମ୍ବଲ ଭୂମିର ପ୍ରତିଷ୍ଠାତା ପ୍ରହଲ୍ଲାଦ ଦାଶଙ୍କୁ ଉପଢୌକନ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଭବାନୀଶଙ୍କର ଭୋଇ ଆଲୋଚକ ଭାବେ ଯୋଗ ଦେଇଥିଲେ । ପରିଚାଳନା ସମ୍ପାଦକ ରତ୍ନଭୂଷଣ ପୃଷ୍ଟେଠ ସ୍ୱାଗତ ଭାଷଣ ଦେଇଥିବାବେଳେ ଶଙ୍କର ପଣ୍ଡା ମାନପତ୍ର ପାଠ କରିଥିଲେ। ଶେଷରେ କଳ୍ପନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ସ୍ୱାଗତ ମହାପାତ୍ର ଓ ସୁପ୍ରୀତି ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ।




ରବିବାର ସମ୍ବଲପୁର ଜ୍ୟୋତିର୍ମୟ ପତ୍ରିକାର ବାର୍ଷିକ ଉତ୍ସବରେ ଶିଶୁ ସାହିତ୍ୟିକ ପ୍ରହଲ୍ଲାଦ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ନାଟ୍ୟକଳା ପରିଷଦ ବୈଠକ



ରବିବାର ସମ୍ବଲପୁର ନାଟ୍ୟକଳା ପରିଷଦ ବୈଠକରେ କର୍ମକର୍ତ୍ତା ଓ ସଭ୍ୟମାନେ ।

ସମ୍ବଲପୁର, ୪।୮ (ବ୍ୟୁରୋ)

ସମ୍ବଲପୁର ନାଟ୍ୟକଳା ପରିଷଦର ବୈଠକ ରବିବାର ଝାଡୁଆପଡାଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ପରିଚାଳନାରେ ସଭା ହୋଇଥିଲା । ଓଡିଆ ଓ ସମ୍ବଲପୁରୀ ନାଟକ ବିଷୟରେ ଆଲୋଚନା ହୋଇଥିଲା । ସେପ୍ଟେମ୍ବର ମାସରେ କଳାକାରମାନେ ନାଟକ ମଞ୍ଚସ୍ଥ କରିବାକୁ ସ୍ଥିର କରିଥିଲେ । ଭବାନୀଶଙ୍କର ଦାସ, ସନ୍ତୋଷ କୁମାର ଦାସ, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ଡ. ପଞ୍ଚାନନ ମିଶ୍ର, ଅଶୋକ ମିଶ୍ର, ସୂଯର୍ୟ ପାଣିଗ୍ରାହୀ, ପ୍ରଶାନ୍ତ ମହାରଣା, ପୂର୍ଣ୍ଣ ଚନ୍ଦ୍ର ଦାସ, ସଂଯୁକ୍ତା ପଣ୍ଡା, ଆଙ୍କାକ୍ଷା ମିଶ୍ର, ସନ୍ତୋଷ ମିଶ୍ର, ବୀରୁପାକ୍ଷ ପ୍ରଧାନ, ନରେନ୍ଦ୍ର ବେହେରା, ସତ୍ୟନାରାୟଣ ଠାକୁର, ଦିଲୀପ କୁମାର ପୃଷ୍ଟି, ସୁଶାନ୍ତ କୁମାର ସାହୁ ଆଲୋଚନାରେ ଭାଗ ନେଇଥିଲେ ।

# ଅଳିଆ ଆବର୍ଜନାରେ ଭର୍ତ୍ତି, ନିରବ ପଞ୍ଚାୟତ

ଜମନକିରା, ୪।୮ (ଡି.ଏନ୍.ଏ)

ଜମନକିରାର ଚାରିଆଡ଼େ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଛି। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ବରଂ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଲୋକେ ଅଭିଯୋଗ କରୁଛନ୍ତି। ଜମନକିରା ପଞ୍ଚାୟତ ଅଧୀନରେ ଥିବା ୧୫ଟି ୱାର୍ଡ଼ରୁ ସଦର ମହକୁମାର ୫ଟି ୱାର୍ଡ଼ର ସଫେଇ କାମକୁ ପଞ୍ଚାୟତ ତୁଲାଇବା



ଜମନକିରା ଅଞ୍ଚଳରେ ଅଳିଆ ଆବର୍ଜନା ସଫା କରାଯାଉନାହିଁ।

କଥା। ମାତ୍ର କର୍ତ୍ତୃପକ୍ଷ ତଥା ସରପଞ୍ଚଙ୍କ ଉଦାସୀନତା ଯୋଗୁ ସଫେଇ କାର୍ଯ୍ୟ ଆଦୌ ହେଉ ନ ଥିବା ଅଭିଯୋଗ ହେଉଛି। ମାସ ମାସ ଧରି ସଫେଇ କାର୍ଯ୍ୟ ହେଉ ନ ଥିବାରୁ ପୁତିଗନ୍ଧମୟ ଯୁକ୍ତ ପରିବେଶ ସୃଷ୍ଟି ହେଉଛି। ଏଥିପାଇଁ ଲୋକେ ରୋଗ ସଂକ୍ରମଣର ଶିକାର ହେଉଥିବା ଦେଖା ଦେଇଛି। ଗ୍ରାମବାସୀ ଏ ନେଇ ପଲ୍ଲିସଭା ତଥା ଗ୍ରାମସଭାରେ ପ୍ରସ୍ତାବ ରଖୁଥିବା ବେଳେ କେବଳ ନଥିପତ୍ରରେ ଲିପିବଦ୍ଧ ହୋଇ ରହୁଥିବା ଅଭିଯୋଗ ହେଉଛି। ସଫେଇ କାର୍ଯ୍ୟରେ ନିୟୋଜିତ ଥିବା ଚତୁର୍ଥ କର୍ମଚାରୀ ଅଳିଆ ଆବର୍ଜନାକୁ ସଫା କରାଯାଉଛି କହି ଠିକ୍ ସମୟରେ ଦରମା ଉଠେଇ ନେଉଛନ୍ତି। ବାସ୍ତବରେ କିନ୍ତୁ ସଫା ହେଉନି। ଏ ନେଇ ଯେତେ ଅଭିଯୋଗ କଲେ ସୁଦ୍ଧା ପ୍ରତିକାର କରାଯାଉନାହିଁ। ଟାଳଟୁଳ କରି କେବଳ ସମୟ ଗଡ଼େଇ ଦିଆ ଯାଉଛି। ଏ ସଂକ୍ରାନ୍ତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ କ୍ଷୀରୋଦଚନ୍ଦ୍ର ଖାଡ଼ିଆଙ୍କୁ ପଚାରିବାରୁ ଶ୍ରମିକ ମିଳୁ ନ ଥିବା କହିଛନ୍ତି। ସରପଞ୍ଚ ଭାସ୍କରଚନ୍ଦ୍ର ଭୋଇଙ୍କୁ ପଚାରିବାରୁ ସଫା କରାଯିବ ବୋଲି କହିଥିଲେ।

**ଫଟୋରେ ଖବର**





ପଡିଆବାହାଲ ନିକଟ ନୂଆଁବରଙ୍ଗାମାଲ ପଞ୍ଚାୟତର ଚାଷୀମାନଙ୍କୁ ନେଇ କୁଲସର ବଜାର ପ୍ରାଙ୍ଗଣଠାରେ ଶନିବାର ଅନୁଷ୍ଠିତ ଚାଷୀ ସଂଗଠନର କର୍ମକର୍ତ୍ତା ଚୟନରେ ଭାଗ ନେଇଥିବା ଚାଷୀମାନେ (ବାମ)। ସମ୍ବଲପୁର ଭୁତାପଡା ଓ ଚେରୁଆପଡା ସ୍କୁଲ ପରିସରରେ ଚାରା ରୋପଣ ପାଇଁ ପ୍ରସ୍ତୁତି।

## ସେଲ୍ଫି କର୍ଣ୍ଣର



@ ଅଚ୍ୟୁତ୍



@ ଅଭି



@ ଅଜିତ୍



@ ଅନ୍ତର୍ଯାମୀ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ତାମିଲନାଡୁରେ ଓଡ଼ିଆ ଦାଦନ ଶ୍ରମିକ ମୃତ

ଜୁନାଗଡ,୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡ ପଞ୍ଚାୟତ ସାନଫୁର୍ଲା ଗ୍ରାମର ମୋହନ ନାଏକ(୨୬) ଦାଦନ ଖଟିବାକୁ ଯାଇ ଶନିବାର ତାମିଲନାଡୁରେ ପ୍ରାଣ ହରାଇଛନ୍ତି। ତାଙ୍କ ମୃତ୍ୟୁ ଖବର ଶୁଣି ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ପରିବାରର ଆର୍ôଥିକ ସ୍ଥିତି ଠିକ୍ ନ ଥିଲା । ସାନ ଭଉଣୀଙ୍କ ବିବାହ ପାଇଁ ଟଙ୍କା ଆବଶ୍ୟକ ଯୋଗୁ ମୋହନ ଗତ ୬ ମାସ ତଳେ ଗ୍ରାମର କେତେଜଣ ସମ୍ପର୍କୀୟଙ୍କ ସହ ଦାଦନ ଖଟିବାକୁ କେରଳ ଯାଇଥିଲେ। ସେଠାରେ ସେମାନେ ଡଲଫିନ ରବର ଇଣ୍ଡଷ୍ଟ୍ରିରେ ଶ୍ରମିକ ଭାବେ କାମ କରୁଥିଲେ। ଗତ କିଛିଦିନ ହେବ ତାଙ୍କୁ ଜ୍ୱର ହୋଇଥିଲା। ଏହା ଜାଣି ପରିବାର ଲୋକେ ତାଙ୍କୁ ଗାଁକୁ ଆସିବାକୁ କହିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ମୋହନ ଓ ତାଙ୍କ ସହ କାମ କରୁଥିବା ଗ୍ରାମର ୨ ସମ୍ପର୍କୀୟ ଟ୍ରେନ୍ ଯୋଗେ ଗାଁକୁ ଫେରୁଥିଲେ। ଶନିବାର ମଧ୍ୟାହ୍ନରେ ମୋହନଙ୍କ ସ୍ୱାସ୍ଥ୍ୟାବସ୍ଥା ତାମିଲନାଡୁର ଜୁଲାପେଡ ଷ୍ଟେଶନଠାରେ ଗୁରୁତର ହୋଇଥିଲା। ଟ୍ରେନ୍‌ରେ ଟିଟିଆଇ ଏହାଦେଖି ସେମାନଙ୍କୁ ଓହ୍ଲାଇବାକୁ କହିବା ସହ ଡାକ୍ତରଖାନା ଯିବାକୁ ପରାମର୍ଶ ଦେଇଥିଲେ। ସେମାନେ ଟ୍ରେନରୁ ଓହ୍ଲାଇ ନିକଟସ୍ଥ ଡାକ୍ତରଖାନା ଯିବାକୁ ବାହାରୁଥିବା ବେଳେ ମୋହନଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ରେଳୱେ ପୋଲିସ ମୃତଦେହକୁ ଜବତ କରି ଭେଲୋରସ୍ଥିତ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।



ମୋହନ ନାଏକ ।

### ଭଉଣୀ ବିବାହ ସ୍ୱପ୍ନ ଅଧା ରହିଲା

ରବିବାର ଅପରାହ୍ନରେ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଏହାପରେ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ଗାଁକୁ ଅଣାଯାଉଥିବା ଜଣାପଡିଛି।

ସୋମବାର ମୋହନଙ୍କ ମୃତଦେହ ଗାଁକୁ ପହଞ୍ଚିବ। ମୋହନ ବାପା କେଶରୀ ଓ ମା' ପ୍ରମିଳାଙ୍କ ଗୋଟିଏ ବୋଲି ପୁଅ । ଏହାସହ ଘରେ ତାଙ୍କର ଜଣେ ଅବିବାହିତା ସାନ ଭଉଣୀ ଅଛନ୍ତି। ଭଉଣୀଙ୍କ ବିବାହ ପାଇଁ ଟଙ୍କା ଦରକାର ଥିବାରୁ ମୋହନ ଗତ କିଛି ମାସ ତଳେ ଦାଦନ ଖଟିବାକୁ କେରଳ ଯାଇଥିଲେ। ଏକମାତ୍ର ରୋଜଗାରକ୍ଷମ ପୁଅଙ୍କୁ ହରାଇ ମା', ବାପା ଏବେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଏପରି ଏକ ଅସହାୟ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଧର୍ମଗଡ ଅତିରିକ୍ତ ଶ୍ରମ ଅଧିକାରୀ ଜୟନ୍ତ କୁମାର ପଣ୍ଡାଙ୍କୁ ପଚାରିବାରୁ ସରକାରୀସ୍ତରରେ ଯାହାକିଛି ସୁବିଧା ହୋଇପାରିବ ତାହା ନିଶ୍ଚିତ ଭାବେ ମୃତକଙ୍କ ପରିବାରକୁ ପ୍ରଦାନ କରାଯିବ ବୋଲି କହିଛନ୍ତି ।

# ଦୃଢ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ ଜଗନ୍ନାଥଙ୍କୁ କରିଛି ସକ୍ଷମ

ସୋନପୁର,୪।୮(ନି.ପ୍ର)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଦଶରାଜପୁର ଗାଁର ଜଗନ୍ନାଥ ଦାସ(୪୬)। ଆଖିକୁ ଭଲ ଦେଖା ଯାଉନି। ଗୋଡ ଓ ହାତ ଥରୁଛି। ତଳେ ଗୋଡ ଭଲ ଭାବେ ଲାଗୁନି। କିନ୍ତୁ ଦୃଢ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ବଳରେ ଦିବ୍ୟାଙ୍ଗ ଜଗନ୍ନାଥ ନିଜକୁ ସକ୍ଷମ ବୋଲି ସମାଜରେ ପ୍ରମାଣିତ କରି ପାରିଛନ୍ତି। ନିଜସ୍ୱ ଉଦ୍ୟମରେ ସେ ରୋଜଗାରକ୍ଷମ ହୋଇ ପାରିଛନ୍ତି। ନିମ୍ନା ଛକରେ ସାଇକେଲ ଦୋକାନଟିଏ କରିଛନ୍ତି। ସାଇକେଲ ମରାମତି କରି ଓ ପାର୍ଟ୍ସ ବିକି ସେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଜଣେ ଦିବ୍ୟାଙ୍ଗ ହୋଇ ସାଧାରଣ ଲୋକଙ୍କ ପାଇଁ ସେ ଉଦାହରଣ ହୋଇଛନ୍ତି।



ଦିବ୍ୟାଙ୍ଗ ଜଗନ୍ନାଥ ସାଇକେଲ ମରାମତି କରୁଛନ୍ତି ।

ଜନ୍ମରୁ ଜଗନ୍ନାଥ ଠିକ୍ ଥିଲେ। ପାଠ ପଢିବା ସମୟରେ ସାଧାରଣ ପିଲାଙ୍କ ଭଳି ସବୁ କାମ କରି ପାରୁଥିଲେ। ପ୍ରତିଦିନ ନିଜ ଗାଁରୁ ଉଲୁଣ୍ଡାକୁ ସାଇକେଲରେ ପାଠ ପଢିବାକୁ ଯାଉଥିଲେ। ହେଲେ ମାଟ୍ରିକ୍ ପଢୁଥିବା ସମୟରେ ୧୬ବର୍ଷ ବୟସରେ ସଡ଼କ ଦୁର୍ଘଟଣା ତାଙ୍କ ଜୀବନର ଗତିପଥ ବଦଳାଇ ଦେଲା। ସେ ଦିବ୍ୟାଙ୍ଗ ହୋଇଗଲେ। ତାଙ୍କ ପାଠପଢାରେ ଡୋରି ବନ୍ଧା ହେଲା। କିଛି ଦିନ ପରେ ନିଜ ମନକୁ ସେ ଦୃଢ କଲେ। ନିମ୍ନାରେ ଜଣେ ବ୍ୟକ୍ତିଙ୍କ ଘର କାନ୍ଥରେ ଛାଉଣି କରି ସାଇକେଲ ମରାମତି କାମ ଆରମ୍ଭ କଲେ। ଏ ପର୍ଯ୍ୟନ୍ତ ସେହି କାର୍ଯ୍ୟକୁ ହିଁ ସେ ଆଦରି ନେଇଛନ୍ତି। ଜଗନ୍ନାଥ ଅବିବାହିତ। ଇତିମଧ୍ୟରେ ତାଙ୍କ ମା ଓ ବାପାଙ୍କ ଦେହାନ୍ତ ହୋଇଛି। ସେ ନିଜ ବଡ ଭାଇଙ୍କ ଘରେ ରହୁଛନ୍ତି। ସରକାରୀ ସହାୟତା ବୋଲି କେବଳ ମାସିକ ଭିନ୍ନକ୍ଷମ ଭତ୍ତା ମିଳୁଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କିମ୍ବା ବ୍ୟବସାୟ ପାଇଁ ସହାୟତା ମିଳିନି। ଏହି ଯୋଜନା ଉଦ୍ୟମୀ ଦିବ୍ୟାଙ୍ଗଙ୍କ ପାଇଁ ଅପହଞ୍ଚ ହୋଇପଡିଛି। ଜଗନ୍ନାଥ କୁହନ୍ତି, ପୂର୍ବରୁ ଦୋକାନ ଭଲ ଚାଲୁଥିଲା। ଜଣେ ସହାୟକ ରଖି ସାଇକେଲ ମରାମତି କରୁଥିଲେ। ଭଲ ରୋଜଗାର ହେଉଥିଲା। ଏବେ ବ୍ୟବସାୟ ମାନ୍ଦା। ସହାୟକଙ୍କୁ ଦରମା ଦେଇପାରୁନି, କି ପାର୍ଟ୍ସ କିଣି ପାରୁନି । ଅର୍ଥାଭାବରୁ ଚଳିବା କଷ୍ଟକର ହେଉଛି। ବ୍ୟବସାୟ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ରାଶି ମିଳିଲେ ମୁଁ ସ୍ୱାବଲମ୍ବୀ ହୋଇପାରନ୍ତି। ଏ ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ଥାଟି କୁହନ୍ତି, ନିଜସ୍ୱ ଉଦ୍ୟମରେ ଜଗନ୍ନାଥ ରୋଜଗାରକ୍ଷମ ହୋଇପାରିବା ଖୁବ୍ ବଡ କଥା। ସେ ସରକାରୀ ସହାୟତା ପାଇଁ ଆବେଦନ କରନ୍ତୁ। ପ୍ରଶାସନ ତାଙ୍କୁ ନିଶ୍ଚିତ ସହାୟତା ଯୋଗାଇ ଦେବ।

### ଚୋରା ଚାଲାଣ ବେଳେ ବନ ବିଭାଗର ଚଢ଼ାଉ

# ଗାଡ଼ି ସହ ୪୨ ଚୌକାଠ ଜବତ, ୨ ଗିରଫ

ରେଢାଖୋଲ,୪।୮(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ନିକଟ ହାତୀଧରା ସଂରକ୍ଷିତ ଜଙ୍ଗଲରୁ ଶନିବାର ବିଳମ୍ବିତ ରାତିରେ ଏକ ବୋଲେରୋ (ନଂ. ଓଡି ୧୯ ଏ ୯୨୧୫)ରେ ୪୨ ଖଣ୍ଡ ଶାଳ ଚୌକାଠ ଚୋରା ଚାଲାଣ ହେଉଥିଲା । ବନ ବିଭାଗ ଦଲକି ଗ୍ରାମ ନିକଟରୁ ସେହି କାଠ ଓ ଗାଡ଼ି ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଲୁହାପଙ୍କ ଗ୍ରାମର ଦେବାନନ୍ଦ ଦେହୁରୀ (୨୯) ଓ ଦଲକି ଗ୍ରାମର ଭୀଷ୍ମ ପଲେଇ (୨୧)। ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ କହିଛନ୍ତି, ସୋମବାର ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବ। ଫରେଷ୍ଟର ପ୍ରିୟଦର୍ଶୀ ପ୍ରଧାନ, ଫରେଷ୍ଟ ଗାର୍ଡ କିଶୋରଚନ୍ଦ୍ର ପ୍ରଧାନ, ଯତୀନ୍ଦ୍ର ରଣା, ବିକ୍ରମ ପ୍ରଧାନ ପ୍ରମୁଖ ଚଢାଉ କରିଥିଲେ। ପ୍ରକାଶଯୋଗ୍ୟ, ରେଢାଖୋଲ ବନଖଣ୍ଡର ରାମପୁର ରେଞ୍ଜ ଅଧୀନ ଲୁହାପଙ୍କ ଫରେଷ୍ଟ ସେକ୍ସନ ଅଧୀନରେ ଥିବା ହାତୀଧରା ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ଚୋରା ଚାଲାଣ ହେବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। କାଠ ଚୋରମାନେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଜଙ୍ଗଲରୁ ଗଛ କାଟି ଅନୁଗୋଳ, ବୌଦ୍ଧ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଚୋରା ଚାଲାଣ କରୁଛନ୍ତ। କେବେ କେମିତି ବନ ବିଭାଗ ହାବୁଡରେ ପଡି ଗିରଫ ହେଉଛନ୍ତି। ହେଲେ ଜେଲରୁ ବାହାରିବା ପରେ ପୁଣି କାଠ ଚୋରା ଚାଲାଣ କରୁଥିବା ନଜିର ରହିଛି । ବନ ବିଭାଗ ତନଖି ଫାଟକକୁ ସରକାର ଉଠାଇ ଦେବାପରେ ଏବେ ଖୋଲାଖୋଲି ଭାବେ କାଠ ଚୋରା ଚାଲାଣ ଚାଲିଥିବା ଅଭିଯୋଗ ହୋଇଛି ।



ଗିରଫ ଦୁଇ ଅଭିଯୁକ୍ତ।



ଜବତ ହୋଇଥିବା କାଠ।

# ଛତୁ ଖାଇ ଗୋଟିଏ ପରିବାରର ୩ ଅସୁସ୍ଥ

ଜୁନାଗଡ,୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁ ସିର୍ଲିପଡାରେ ଛତୁ ଖାଇ ଗୋଟିଏ ପରିବାରର ୩ ଜଣ ଅସୁସ୍ଥ ହୋଇପଡିଛନ୍ତି । ସେମାନେ ହେଲେ କାହ୍ନୁଚରଣ ବେମାଲ(୧୫), ରବି ବେମାଲ(୫୮) ଓ ରଶ୍ମିତା ବେମାଲ (୩୦)। ଶନିବାର ମଧ୍ୟାହ୍ନରେ ଏହି ପରିବାରର ଲୋକ ନିଜ କ୍ଷେତରେ ଥିବା ଏକ ପାଳଗଦାର ଛତୁକୁ ରୋଷେଇ କରି ଖାଇଥିଲେ। ଖାଇବା କିଛି ସମୟ ପରେ ସମସ୍ତଙ୍କୁ ବାନ୍ତି ହୋଇଥିଲା। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଆମ୍ବୁଲାନ୍ସରେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ସେମାନେ ଏବେ ଚିକିତ୍ସାଧୀନ ଅଛନ୍ତି। ଏବେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲଥିବା ଡାକ୍ତର ବିବେକାନନ୍ଦ ମହାନନ୍ଦ କହିଛନ୍ତି।



ଡାକ୍ତର ଅସୁସ୍ଥ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

# ସଡ଼କ ଦୁର୍ଘଟଣାରେ ପୂଜକ ମୃତ

ହାଟଡିହି,୪।୮(ଡି.ଏନ୍.ଏ.)

କେନ୍ଦୁଝର ଜିଲା ନନ୍ଦିପଦା ଥାନା କଳିଗାଁ ଗ୍ରାମ ରାସ୍ତାରେ ଏକ ଗାଡି ଚଢ଼ିଯାଇ ଗଣେଶ ପାତ୍ର (୬୦) ନାମକ ଜଣେ ପୂଜକଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗିରହିଛି। ଆନନ୍ଦପୁର ଡିଏସପି ବିଦ୍ୟୁତ୍ କୁମାର ପଣ୍ଡାଙ୍କ ନିର୍ଦ୍ଦେଶରେ ଘଟଣାସ୍ଥଳରେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। କଳିଗାଁ ଗ୍ରାମର ଗଣେଶ ପାତ୍ର କଇଥଗଡିଆ ଶିବ ମନ୍ଦିରରେ ପୂଜକ ଅଟନ୍ତି।


**Tender Call Notice for printing and supply of MAMATA Register**

**Notice No. 1414** **Date: 02.08.2019**

Sealed applications are invited from Printing Press / Agency to print & supply of MAMATA register for 1654 AWCs of Angul District. Details of eligibility criteria, selection procedure and application form is available in Angul District website www.angul.nic.in. The application complete in all respect should be reached to the office of the District Social Welfare Officer, Angul on or before 28.08.2019 by 1.00 PM through Speed Post/ Registered Post only.

**Sd./-**
**Collector, Angul**


### ଟାଙ୍ଗିଆରେ ହାଣି ଯୁବକଙ୍କୁ ହତ୍ୟା ଘଟଣା

# ଫେରାର ଅଭିଯୁକ୍ତ ଗିରଫ

ନାକଟିଦେଉଳ,୪।୮(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ବଡ଼ବାହାଲ ଗ୍ରାମର ବିଶ୍ୱାମିତ୍ର ଶବରଙ୍କ ହତ୍ୟା ଘଟଣାରେ କିସିଣ୍ଡା ପୋଲିସ ରବିବାର ପୋଡ଼ାମାଳ ରୁଗୁଡ଼ି ସାହିର ମନସିଦ ଜଜୋଙ୍କୁ ଗିରଫ କରିଛି । ଏ ନେଇ ଏକ ହତ୍ୟା ମାମଲା (ନଂ ୪୬/୧୯) ରୁଜୁ କରାଯାଇଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଢାଖୋଲ ଏସ୍‌ଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ ସୂଚନା ଦେଇଛନ୍ତି । ଅପରପକ୍ଷେ କିସିଣ୍ଡା ପୋଲିସ ରବିବାର ସକାଳୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଇଛି।

ଶନିବାର ବିଶ୍ୱାମିତ୍ର ମନସିଦଙ୍କ ସ୍ତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ମନସିଦଙ୍କ ସ୍ତ୍ରୀ ଏହାକୁ ବିରୋଧ କରିଥିଲେ । ଠିକ୍ ଏତିକି ବେଳେ ମନସିଦ ଘରକୁ ଆସିବାରୁ ସ୍ତ୍ରୀ ତାଙ୍କୁ ସବୁ କଥା କହିଥିଲେ। ଏହାପରେ ବିଶ୍ୱାମିତ୍ର ଏବଂ ମନସିଦଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏହି ସୁଯୋଗରେ ବିଶ୍ୱାମିତ୍ର ସେଠାରୁ ସାଇକେଲ ଚଳାଇ ଖସିଯିବାକୁ ବସିଥିବା ବେଳେ ମନସିଦ ବିଶ୍ୱାମିତ୍ରଙ୍କ ବେକକୁ ଟାଙ୍ଗିଆରେ ଚୋଟ ମାରିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ସମୟରେ ରାସ୍ତା ଶୂନଶାନ ଥିବାରୁ ମନସିଦ ବିଶ୍ୱାମିତ୍ରଙ୍କ ମୃତଦେହକୁ କିଛି ବାଟ ଘୋଷାଡ଼ି ନେଇ ଜଙ୍ଗଲ ଭିତରେ ପକାଇ ସେଠାରୁ ଫେରାର ହୋଇଯାଇଥିଲେ। ଅପରାହ୍ନରେ ସ୍କୁଲ ଛୁଟିପରେ ପୋଡ଼ାମାଳରୁ ବଡ଼ବାହାଲ ଫେରୁଥିବା କେତେଜଣ ଛାତ୍ରୀଛାତ୍ର ରାସ୍ତାରେ ରକ୍ତ ପଡ଼ିଥିବା ଦେଖି ଗାଁ ଲୋକଙ୍କୁ କହିଥିଲେ । ଗାଁ ଲୋକେ ସେଠାରେ ପହଞ୍ଚି ପାଖଆଖରେ ଖୋଜିବାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିଶ୍ୱାମିତ୍ରଙ୍କ ମୃତଦେହ ଦେଖି ପୋଲିସକୁ ସନ୍ଧ୍ୟାରେ ଖବର ଦେଇଥିଲେ। ହେଲେ ରାତି ହୋଇ ଯାଇଥିବାରୁ ପୋଲିସ ମୃତଦେହ ଜବତ କରି ପାରି ନ ଥିଲା। ଘଟଣାସ୍ଥଳରେ ପୋଲିସ ମୃତଦେହକୁ ରାତି ସାରା ଜଗି ରହିଥିଲା। ରବିବାର ସକାଳୁ ମୃତଦେହ ଜବତ କରାଯାଇଛି।


**ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୃଷ୍ଣପ୍ରସାଦ**

Email ID: ori-krushnaprasad@nic.in, Ph. No. 06756-261130

ପତ୍ର ନଂ. ୧୧୩୬, ତାରିଖ: ୨୬।୦୭।୨୦୧୯

ଏତଦ୍ୱାରା କୃଷ୍ଣପ୍ରସାଦ ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ ୨୦୧୯-୨୦ ଆର୍ଥିକ ବର୍ଷର (1st April 2018 to 31st March 2019) ପଞ୍ଚାୟତ ସମିତି ତଥା ସମସ୍ତ ଗ୍ରାମପଞ୍ଚାୟତ ଓ ଅନ୍ୟାନ୍ୟ ବିଭାଗମାନଙ୍କ ଦ୍ୱାରା ସମ୍ପାଦିତ ପ୍ରକଳ୍ପ ନିମନ୍ତେ ଶତପ୍ରତିଶତ ମଷ୍ଟରରୋଲ ତନଖି କରାଯିବା ସହିତ ସମସ୍ତ ପେନ୍‌ସନ ଯୋଜନାର (NSAP) ସାମାଜିକ ସମୀକ୍ଷା ନିମ୍ନ କାର୍ଯ୍ୟସୂଚୀ ପ୍ରକାରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଗ୍ରାମସଭା ମାଧ୍ୟମରେ ଅନୁଷ୍ଠିତ ହେବ। ଏହି ସଭାରେ ନିମ୍ନ କାର୍ଯ୍ୟସୂଚୀ ପ୍ରକାରେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଗ୍ରାମ ରୋଜଗାର ସେବକ ଉପସ୍ଥିତ ରହି ସବିଶେଷ ଆଲୋଚନା କରିବେ ଓ ଉକ୍ତ ସଭାରେ ସମସ୍ତ ସର୍ବସାଧାରଣ ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗ୍ରାମ ସଂଯୋଜକ (MATE) ଓ ସମସ୍ତ କାର୍ଯ୍ୟପତ୍ରଧାରୀ ଶ୍ରମିକ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ପ୍ରକଳ୍ପ ସମ୍ପାଦନ କରିବାକୁ ତଥା ମଷ୍ଟରରୋଲ ତନଖି ବାବଦକୁ ସତ୍ୟାସତ୍ୟ ପ୍ରତିପାଦନ ପୂର୍ବକ ନିଜର ମତାମତ ପ୍ରଦାନ କରିବାକୁ ଅନୁରୋଧ। ନିମ୍ନ କାର୍ଯ୍ୟସୂଚୀ ପ୍ରକାରେ ସମସ୍ତ ଗ୍ରାମପଞ୍ଚାୟତ ସରପଞ୍ଚମାନଙ୍କୁ ପରାମର୍ଶ ଦିଆଗଲା ଯେ, ନୋଟିସ୍ ଓ ଢେଙ୍ଗୁରା ମାଧ୍ୟମରେ ଜନସାଧାରଣଙ୍କ ଅବଗତି ନିମନ୍ତେ ବହୁଳ ପ୍ରଚାର ଓ ପ୍ରସାର କରିବେ।

**କାର୍ଯ୍ୟସୂଚୀ: ଗ୍ରାମସଭା ହେବାର ସ୍ଥାନ, ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୧୦ ଘଟିକା**

| କ୍ର. ନଂ. | ଗ୍ରା.ପ.ର ନାମ | ଦଳର ନମ୍ବର | ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA) | ଗ୍ରାମପଞ୍ଚାୟତର ଜନଶୁଣାଣି / ସାମାଜିକ ସମୀକ୍ଷା | ଗ୍ରାମସଭାରେ ଯୋଗଦାନ କରିବାକୁ ଥିବା ପ୍ରାଧିକୃତ ସରକାରୀ ଅଧିକାରୀଙ୍କ ପଦବୀ |
|---|---|---|---|---|---|---|
| ୧ | ଗମ୍ଭାରୀ | ୧ | ୧୭।୦୮।୧୯ ଠାରୁ ୨୦।୦୮।୧୯ | ୨୧।୦୮।୧୯ ଠାରୁ ୨୬।୦୮।୧୯ | ୨୭।୦୮।୧୯ | AE |
| ୨ | ମାଲୁଦ | ୨ | ୧୩।୦୮।୧୯ ଠାରୁ ୧୬।୦୮।୧୯ | ୧୭।୦୮।୧୯ ଠାରୁ ୨୬।୦୮।୧୯ | ୨୭।୦୮।୧୯ | APO |
| ୩ | କୃଷ୍ଣପ୍ରସାଦ | ୩ | ୧୩।୦୮।୧୯ ଠାରୁ ୧୬।୦୮।୧୯ | ୧୭।୦୮।୧୯ ଠାରୁ ୨୬।୦୮।୧୯ | ୨୭।୦୮।୧୯ | GPEO |
| ୪ | ସିଆଳ | ୪ | ୧୩।୦୮।୧୯ ଠାରୁ ୧୬।୦୮।୧୯ | ୧୭।୦୮।୧୯ ଠାରୁ ୨୬।୦୮।୧୯ | ୨୭।୦୮।୧୯ | JE-RWSS |
| ୫ | ବ୍ରହ୍ମପୁର | ୫ | ୧୩।୦୮।୧୯ ଠାରୁ ୧୬।୦୮।୧୯ | ୧୭।୦୮।୧୯ ଠାରୁ ୨୬।୦୮।୧୯ | ୨୭।୦୮।୧୯ | BLC-I (Sabita Rani Tarei) |
| ୬ | ଅଲଣ୍ଡା | ୬ | ୧୩।୦୮।୧୯ ଠାରୁ ୧୬।୦୮।୧୯ | ୧୭।୦୮।୧୯ ଠାରୁ ୨୬।୦୮।୧୯ | ୨୭।୦୮।୧୯ | BLC-II (Umakanta Mishra) |
| ୭ | ସାତପଡ଼ା | ୭ | ୧୩।୦୮।୧୯ ଠାରୁ ୧୬।୦୮।୧୯ | ୧୭।୦୮।୧୯ ଠାରୁ ୨୬।୦୮।୧୯ | ୨୭।୦୮।୧୯ | SDC |
| ୮ | ପିରିଜିପୁର | ୧ | ୩୦।୦୮।୧୯ ଠାରୁ ୦୨।୦୯।୧୯ | ୦୩।୦୯।୧୯ ଠାରୁ ୧୨।୦୯।୧୯ | ୧୩।୦୯।୧୯ | AE |
| ୯ | ସିଆଣ୍ଡି | ୨ | ୩୦।୦୮।୧୯ ଠାରୁ ୦୨।୦୯।୧୯ | ୦୩।୦୯।୧୯ ଠାରୁ ୧୨।୦୯।୧୯ | ୧୩।୦୯।୧୯ | APO |
| ୧୦ | ପଣସପଦା | ୩ | ୩୦।୦୮।୧୯ ଠାରୁ ୦୨।୦୯।୧୯ | ୦୩।୦୯।୧୯ ଠାରୁ ୧୨।୦୯।୧୯ | ୧୩।୦୯।୧୯ | GPEO |
| ୧୧ | ରାମଲେଙ୍କା | ୪ | ୩୦।୦୮।୧୯ ଠାରୁ ୦୨।୦୯।୧୯ | ୦୩।୦୯।୧୯ ଠାରୁ ୧୨।୦୯।୧୯ | ୧୩।୦୯।୧୯ | JE-RWSS |
| ୧୨ | ବଡ଼ଅଂକ | ୫ | ୩୦।୦୮।୧୯ ଠାରୁ ୦୨।୦୯।୧୯ | ୦୩।୦୯।୧୯ ଠାରୁ ୧୨।୦୯।୧୯ | ୧୩।୦୯।୧୯ | BLC-I (Sabita Rani Tarei) |
| ୧୩ | ବଡ଼ଖାଡ଼ | ୬ | ୩୦।୦୮।୧୯ ଠାରୁ ୦୨।୦୯।୧୯ | ୦୩।୦୯।୧୯ ଠାରୁ ୧୨।୦୯।୧୯ | ୧୩।୦୯।୧୯ | BLC-II (Umakanta Mishra) |
| ୧୪ | ଗୋମୁଣ୍ଡିଆ | ୭ | ୩୦।୦୮।୧୯ ଠାରୁ ୦୨।୦୯।୧୯ | ୦୩।୦୯।୧୯ ଠାରୁ ୧୨।୦୯।୧୯ | ୧୩।୦୯।୧୯ | SDC |
| ୧୫ | ତିତିପ | ୧ | ୧୬।୦୯।୧୯ ଠାରୁ ୧୯।୦୯।୧୯ | ୨୦।୦୯।୧୯ ଠାରୁ ୨୯।୦୯।୧୯ | ୩୦।୦୯।୧୯ | AE |
| ୧୬ | ନୂଆପଡ଼ା | ୨ | ୧୬।୦୯।୧୯ ଠାରୁ ୧୯।୦୯।୧୯ | ୨୦।୦୯।୧୯ ଠାରୁ ୨୯।୦୯।୧୯ | ୩୦।୦୯।୧୯ | APO |
| ୧୭ | ମାଣିକା | ୩ | ୧୬।୦୯।୧୯ ଠାରୁ ୧୯।୦୯।୧୯ | ୨୦।୦୯।୧୯ ଠାରୁ ୨୯।୦୯।୧୯ | ୩୦।୦୯।୧୯ | GPEO |
| ୧୮ | ଅରଖକୁଦା | ୪ | ୧୬।୦୯।୧୯ ଠାରୁ ୧୯।୦୯।୧୯ | ୨୦।୦୯।୧୯ ଠାରୁ ୨୯।୦୯।୧୯ | ୩୦।୦୯।୧୯ | JE-RWSS |
| ୧୯ | ବଜ୍ରକୋଟ | ୫ | ୧୬।୦୯।୧୯ ଠାରୁ ୧୯।୦୯।୧୯ | ୨୦।୦୯।୧୯ ଠାରୁ ୨୯।୦୯।୧୯ | ୩୦।୦୯।୧୯ | BLC-I (Sabita Rani Tarei) |
| ୨୦ | ବୁଦ୍ଧିବର | ୬ | ୧୬।୦୯।୧୯ ଠାରୁ ୧୯।୦୯।୧୯ | ୨୦।୦୯।୧୯ ଠାରୁ ୨୯।୦୯।୧୯ | ୩୦।୦୯।୧୯ | BLC-II (Umakanta Mishra) |
| ୨୧ | ଗୋପୀନାଥପୁର | ୭ | ୧୬।୦୯।୧୯ ଠାରୁ ୧୯।୦୯।୧୯ | ୨୦।୦୯।୧୯ ଠାରୁ ୨୯।୦୯।୧୯ | ୩୦।୦୯।୧୯ | SDC |

ସ୍ୱା./– ପ୍ରୋଗ୍ରାମ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୃଷ୍ଣପ୍ରସାଦ



**KASTURBA GANDHI BALIKA VIDYALAYA, PATHARA, KHALLIKOTE**

Lt. No.-21 **TENDER CALL NOTICE** 02.08.2019

Sealed tenders are invited from the registered / reputed firms and manufacturer for supply of the following items like Grocery, Dress materials and Bedding items, Cosmetic & Toilet items, Office & Students stationaries, Slipper & Sports Shoes to the Kasturba Gandhi Balika Vidyalaya, Pathara, Khallikote District- Ganjam for the Year 2019-20. The tender form with other particulars and list of items can be obtained from the Office of the KGBV Pathara from 10.00AM to 4.00PM in all working day w.e.f. 06.08.2019 to 12.08.2019 on payment of 500/- (Five Hundred only) non refundable in cash or Bank Draft payable at State Bank of India, Langaleswar, Khallikote, Ganjam District. The tenders completed in all respect along with requisite documents and Earnest Money (Refundable) in shape of Bank Draft in favour of the Head Master and SMC Chairperson, KGBV, Pathara payable at State Bank of India, Branch- Langaleswar would only be received upto 4.00PM of dt.12.08.2019. The tender forms along with other particulars, the list of items and detail instruction can also be downloaded from the district website www.ganjam.nic.in. Tender form should be submitted without EMD will be summarily rejected. Last date of receipt of tender form is upto 4.00PM of dated 12.08.2019. The KGBV Level Purchase Committee meeting will be held on dt.13.08.2019 at 11.00AM in this KGBV for opening of the tender. The KGBV Purchase Committee reserves the right to accept or reject the tender in whole or in part without assigning any reason thereof.

***HEADMISTRESS, KGBV, Pathara, Khallikote***



## ସ୍ୱାସ୍ଥ୍ୟ ସୂଚନା

- ଅଳ୍ପ ଉଷୁମ ପାଣିରେ ଏକ ଚାମଚ ମହୁ ଏବଂ ଫାଳେ ଲେମ୍ବୁ ଚିପୁଡି ପିଅନ୍ତୁ। ଏହା ଓଜନ କମାଇବାରେ ଅନେକାଂଶରେ ସହାୟକ ହୋଇଥାଏ।
- ପ୍ରତିଦିନ ସକାଳେ ବିଛଣାରୁ ଉଠିବା ପରେ ଷ୍ଟ୍ରେଚିଂ ଏକ୍ସରସାଇଜ କରନ୍ତୁ। ଏହାଦ୍ୱାରା ରକ୍ତ ସଂଚାଳନ ସକ୍ରିୟ ରହିଥାଏ।
- ଦୈନନ୍ଦିନ ଜୀବନ ତାଲିକାରେ ନିଜ ଶରୀର ରୁଟିନ୍ ଚେକ୍ଅପକୁ ସାମିଲ କରନ୍ତୁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହା କରାଇ ନେଲେ ଆପଣ ଅନେକାଂଶରେ ସୁସ୍ଥ ରହିବେ।
- ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ। ଏହି ତାଲିକାରେ ଯୋଗ, ପ୍ରାଣାୟାମ ସାମିଲ କରନ୍ତୁ।
- ପ୍ରତିଦିନ ସକାଳ ଜଳଖିଆରେ ଗୋଟିଏ କିମ୍ବା ଦୁଇଟି ଟମାଟୋ ସାମିଲ କରନ୍ତୁ। ଏହାକୁ ଖାଇବା ଦ୍ୱାରା ଶରୀରର ଚର୍ବି ଅଂଶ କମିଥାଏ।

## ସୁନିଦ୍ରା ଅନ୍ତରାଳେ..



ପ୍ରତିଦିନ ଆମେ ଯଦି ଆବଶ୍ୟକ ମୁତାବକ ନ ଶୋଇବା ତେବେ ନିଦ୍ରାଜନିତ ସମସ୍ୟାର ସମ୍ମୁଖୀନ ହେବା। କେବଳ ସେତିକି ନୁହେଁ ଏହା ପରୋକ୍ଷରେ କେତେକ ରୋଗକୁ ଡାକିଆଣେ। ତେବେ କେତୋଟି ବିଷୟ ପ୍ରତି ଧ୍ୟାନ ଦେଲେ ଆମେ ଆରାମରେ ଶୋଇପାରିବା। ପ୍ରଥମତଃ ଜଣେ ବ୍ୟକ୍ତି ଦିନକୁ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ଦରକାର। ଶୋଇବା ପୂର୍ବରୁ ବେଡ୍‌ରୁମ ପରିବେଶ ଶାନ୍ତ ଅଛି କି ନାହିଁ ଦେଖି ନିଅନ୍ତୁ। ଆଉ ଏକ ଖାସ୍ କଥା ହେଲା, ଶୋଇବାର ଦୁଇ ଘଣ୍ଟା ପୂର୍ବରୁ ରାତ୍ରିଭୋଜନ କରିବାକୁ ଭୁଲନ୍ତୁ ନାହିଁ। ଶୋଇବାର କିଛି ସମୟ ପୂର୍ବରୁ କିମ୍ବା ସମୟରେ ଆଦୌ ଟିଭି କିମ୍ବା ମୋବାଇଲ୍ ଦେଖନ୍ତୁ ନାହିଁ। ଯଦି ନିଦ୍ରାଜନିତ ସମସ୍ୟାରୁ ମୁକୁଳି ପାରୁ ନାହାନ୍ତି ତେବେ ବିଳମ୍ବ ନ କରି ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



ଡା. ନିତ୍ୟାନନ୍ଦ ସ୍ୱାଇଁ





"ଭାରତକୁ ବିଶ୍ୱର ସାପ କାମୁଡା ରାଜଧାନୀ ବୋଲି କୁହାଯାଉଛି। କାରଣ ଅନ୍ୟ ଦେଶଗୁଡିକ ତୁଳନାରେ ପ୍ରତିବର୍ଷ ଏଠାରେ ମୃତ୍ୟୁବରଣ କରିଥାନ୍ତି ସର୍ବାଧିକ ବ୍ୟକ୍ତି। ଏକ ସମୀକ୍ଷା ଅନୁଯାୟୀ ଭାରତରେ ପ୍ରତିବର୍ଷ ସାପକାମୁଡାରେ ଆକ୍ରାନ୍ତ ହୋଇଥାନ୍ତି ପାଖାପାଖି ୮୧ ହଜାର ଲୋକ ଓ ସେମାନଙ୍କ ମଧ୍ୟରୁ ୧୧ହଜାରରୁ ବେଶି ରୋଗୀ ମୃତ୍ୟୁମୁଖରେ ପଡିଥାନ୍ତି। ମାତ୍ର ସାପ କାମୁଡାରେ ବାର୍ଷିକ ମୃତ୍ୟୁସଂଖ୍ୟା ୫୦,୦୦୦ ପାଖାପାଖି ବୋଲି ମତ ପ୍ରକାଶ ପାଉଛି।"

# ଭାରତ: ବିଶ୍ୱର ସାପକାମୁଡ଼ା ରାଜଧାନୀ

ସାପ କାମୁଡ଼ିବା ଏକ ଦୁର୍ଘଟଣା, ଏହା ଏକ ଦୁର୍ଭାଗ୍ୟ ନୁହେଁ। କିନ୍ତୁ ଆମ ଦେଶର ଗ୍ରାମାଞ୍ଚଳରେ ସାପ କାମୁଡା ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା। କାରଣ ଗ୍ରାମାଞ୍ଚଳରେ ସାପମାନେ ରହିବା ପାଇଁ ଅନୁକୂଳ ପରିବେଶ ମିଳିଥାଏ। ସେଠାରେ ଚିକିତ୍ସା ସେବା ତୁରନ୍ତ ମିଳି ପାରୁ ନ ଥିବାରୁ ଚିକିତ୍ସାରେ ବିଳମ୍ବ ଘଟିବା ସ୍ୱାଭାବିକ। ପରିବହନର ସୁବିଧା ନ ଥିବାରୁ ରୋଗୀକୁ ଶୀଘ୍ର ଡାକ୍ତରଖାନାକୁ ନେଇ ହୁଏ ନାହିଁ। ପୁଣି ରୋଗୀକୁ ଝଡାଫୁଙ୍କା ମନ୍ତୁରା ପାଣି ଇତ୍ୟାଦି ଦ୍ୱାରା ଚିକିତ୍ସା କରିବା ଫଳରେ ରୋଗୀ ଆଧୁନିକ ଚିକିତ୍ସା ସେବାରୁ ବଞ୍ଚିତ ହୋଇପଡ଼େ।

ଭାରତକୁ ବିଶ୍ୱର ସାପ କାମୁଡା ରାଜଧାନୀ ବୋଲି କୁହାଯାଉଛି। କାରଣ ଅନ୍ୟ ଦେଶଗୁଡିକ ତୁଳନାରେ ପ୍ରତିବର୍ଷ ଏଠାରେ ମୃତ୍ୟୁବରଣ କରିଥାନ୍ତି ସର୍ବାଧିକ ବ୍ୟକ୍ତି। ଏକ ସମୀକ୍ଷା ଅନୁଯାୟୀ ଭାରତରେ ପ୍ରତିବର୍ଷ ସାପକାମୁଡାରେ ଆକ୍ରାନ୍ତ ହୋଇଥାନ୍ତି ପାଖାପାଖି ୮୧ ହଜାର ଲୋକ ଓ ସେମାନଙ୍କ ମଧ୍ୟରୁ ୧୧ହଜାରରୁ ବେଶି ରୋଗୀ ମୃତ୍ୟୁମୁଖରେ ପଡିଥାନ୍ତି। ମାତ୍ର ସାପ କାମୁଡାରେ ବାର୍ଷିକ ମୃତ୍ୟୁସଂଖ୍ୟା ୫୦,୦୦୦ ପାଖାପାଖି ବୋଲି ମତ ପ୍ରକାଶ ପାଉଛି। ଏଠାରେ ମୃତ୍ୟୁସଂଖ୍ୟା ଅଧିକ ହେବାର କାରଣ ହେଲା, ରୋଗୀ ଚିକିତ୍ସା ପାଇବାରେ ଯେତେ ବିଳମ୍ବ ହୁଏ, ସାପ ବିଷ ବେଶି ବେଶି ଶରୀରର ତନ୍ତୁ କୋଷଗୁଡିକ ସହ ସଂଯୁକ୍ତ ହୋଇଯାଏ। ଫଳରେ ବିଷକୁ ଅକାମୀ କରିଦେଉଥିବା ଆଣ୍ଟିସ୍ନେକଭେନମ ବା ପ୍ରତିସାପବିଷ ବିଶେଷ ଫଳବତୀ ହୋଇପାରେନାହିଁ।

**ଭାରତରେ କେତେ ଜାତିର ସାପ:** ମୋଟାମୋଟି ଭାବରେ ଦେଖିଲେ ପୃଥିବୀରେ ରହିଛନ୍ତି ସାଢେ ତିନି ହଜାରରୁ ବେଶି ଜାତିର ସାପ। ଭାରତରେ ପାଖାପାଖି ୨୧୬ ପ୍ରଜାତିର ସାପ ଦେଖାଯାଉଥିବା ବେଳେ ସେଗୁଡିକ ମଧ୍ୟରୁ ୬୦ରୁ ଊର୍ଦ୍ଧ୍ୱ ଜାତିର ସାପ ବିଷଧର। ବିଷଧର ସାପଗୁଡିକ ମଧ୍ୟରେ ଅହିରାଜ, ନାଗ, ତମ୍ପ, ଚିତି, ରଣା, ବୋଡା ଓ ସାମୁଦ୍ରିକ ସାପ ପ୍ରଧାନ। ସମୁଦ୍ରରେ ବାସ କରୁଥିବା ସବୁ ସାପଙ୍କଠାରେ ବିଷ ଥାଏ।

ଜଳ ଓ ସ୍ଥଳ ଉଭୟ ସ୍ଥାନରେ ବିଷଧର ଓ ବିଷହୀନ ସାପମାନଙ୍କୁ ଦେଖିବା ପାଇଁ ମିଳେ। ଏହି ଉଭୟ ପ୍ରକାରର ସାପ ମଣିଷମାନଙ୍କୁ କାମୁଡିଥାନ୍ତି। କିନ୍ତୁ କାହାକୁ ସାପ କାମୁଡିଥିଲେ ତାକୁ ବିଷଧର ସାପ ହିଁ କାମୁଡିଛି ବୋଲି ଆମେ ଧରିନେଉ। ମାତ୍ର ବିଷ ନ ଥିବା ସାପଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ହୋଇଥିବାରୁ ଏଇମାନେ ହିଁ ଅଧିକାଂଶ ସମୟରେ କାମୁଡିବାର ସମ୍ଭାବନା ବେଶି।

ସାପର ମୁଣ୍ଡ, ପିଠି ଓ ପେଟର କାତିର ଆକାର, ଆକୃତି ଏବଂ ଅବସ୍ଥିତିକୁ ପରୀକ୍ଷା କରି ତାହା ବିଷଧର କି ନା ଜାଣିହୁଏ। ବଡ ଫଣା ଥିବା ସାପମାନେ ମଧ୍ୟ ବିଷଧର। ସାପର ଦାନ୍ତକୁ ପରୀକ୍ଷା କରି ମଧ୍ୟ ସାପ ବିଷଧର କି ବିଷହୀନ, ତାହା ଜଣାପଡ଼େ।

**ସାପଦାନ୍ତ ଓ ବିଷଥଳୀ:** ବିଷଧର ସାପର ଉପର ମାଢ଼ିରେ ଥାଏ ଦୁଇଟି ବିଷ ଦାନ୍ତ। ବିଷ ଦାନ୍ତର ଆକାର ବଡ଼ ଓ ଏହା ବଙ୍କା। ଏହାଛଡା ଉଭୟ ଜାତିର ସାପଙ୍କ ପାଟିରେ ଛୋଟ ଛୋଟ ଦାନ୍ତମାନ ରହିଥାଏ। ବିଷଦାନ୍ତ ଦୁଇଟି ବେଶି ମୁନିଆ। କେଉଁ ଜାତି ସାପର ବିଷ ଦାନ୍ତ ଇଞ୍ଜେକସନ ଛୁଞ୍ଚି ଭଳି ପୋଲା ତ ଆଉ କେଉଁ ଜାତି ସାପର ବିଷଦାନ୍ତର କଡପଟ ଖାଲୁଆ। ବିଷ ଦାନ୍ତର ସେହି ପୋଲା କିମ୍ବା ଖାଲୁଆ ବାଟ ଦେଇ ବିଷ ପିଚିକି ଆସିଥାଏ। ବିଷହୀନ ସାପର ଦାନ୍ତଗୁଡିକ ନିଦା ଓ ଛୋଟ।

ଆମ ପାଟିର ଦୁଇପଟେ ଯେପରି ଲାଳ ତିଆର ବ୍ୟବସ୍ଥା ଅଛି, ସାପମାନଙ୍କ ପାଟିରେ ମଧ୍ୟ ସେହିପରି ଲାଳ ତିଆରିର ବ୍ୟବସ୍ଥା ଅଛି। ସେହି ଲାଳ ଆସି ଲାଳ ଥଳିରେ ଜମା ହୁଏ ଓ ଖାଦ୍ୟ ହଜମରେ ସାହାଯ୍ୟ କରେ। ସାପର ଆଖି ପଛପଟେ ଉପର ପାଟିର ଦୁଇକଡରେ ରହିଥାଏ ଲାଳ ଥଳି। ବିଷଧର ସାପମାନଙ୍କ ଲାଳରେ ବିଷ ରହିଥିବା ବେଳେ ବିଷହୀନ ସାପଙ୍କ ଲାଳରେ ବିଷ ନ ଥାଏ। ବିଷଧର ସାପଙ୍କଠାରେ ଥିବା ଲାଳ ଥଳି ହିଁ ସେମାନଙ୍କର ବିଷ ଥଳି।

ବିଷଧର ସାପ କାମୁଡିଥିଲେ କ୍ଷତ ସ୍ଥାନରେ ବେଳେ ବେଳେ ଦୁଇଟି ଦାନ୍ତ ଚିହ୍ନ ଦେଖିବାକୁ ମିଳେ। ଏହି ଚିହ୍ନ ଦୁଇଟି ଅପେକ୍ଷାକୃତ ଗହୀରିଆ ଓ ରହିଥାଏ ପାଖାପାଖି। ତା' ସାଙ୍ଗକୁ ଦେଖିହୁଏ ଅନ୍ୟ ଛୋଟ ଛୋଟ ଦାନ୍ତ ଚିହ୍ନ। ବିଷହୀନ ସାପ କାମୁଡିଥିଲେ ଦାନ୍ତ ଚିହ୍ନ ଗହୀରିଆ ହୋଇ ନ ଥାଏ। ତେବେ ଦାନ୍ତ ଚିହ୍ନ ବାରି ନ ହେଲେ ବିଷଧର ସାପ କାମୁଡିନାହିଁ ବୋଲି ଧାରଣା କରିନେବା ଉଚିତ ନୁହେଁ। ବରଂ ରୋଗୀକୁ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଖିବା ହିଁ ନିରାପଦ।

ବିଷଧର ସାପ କାମୁଡିଲେ ତା' ମୁଣ୍ଡର ପେଶୀଗୁଡିକ ସଂକୁଚିତ ହୋଇ ବିଷଥଳି ଜୋରରେ ଚିପି ହୋଇଯାଏ। ବିଷଥଳି ଚିପି ହୋଇଯିବାରୁ ଥଳି ଭିତରୁ ବିଷ ଥିବା ଲାଳ ପିଚିକି ଆସେ ଏବଂ ବିଷଦାନ୍ତର କଣା କିମ୍ବା ନାଳି ଦେଇ ଦେହ ଭିତରକୁ ପ୍ରବେଶ କରିଥାଏ। ଏହା ପରେ ବିଷ ଧୀରେ ଧୀରେ ଦେହର ଚାରିଆଡେ ଚରିଯାଏ। ଚରିଯାଏ ଲସିକା ବା ଲିମ୍ଫବାଟେ ଓ ରକ୍ତ ବାଟେ।

### ବିଷରେ ରହିଥିବା ଉପାଦାନ

ସାପ ବିଷ ଦେଖିବାକୁ ସ୍ୱଚ୍ଛ ଓ ଏହା ଈଷତ ହଳଦିଆ ଏକ ତରଳ ପଦାର୍ଥ। କିନ୍ତୁ ବିଷ ଶୁଖିଗଲେ ତାହା ହଳଦିଆ ରଙ୍ଗର ଦାନା ପାଲଟିଯାଏ। ଦାନା ବାନ୍ଧି ଯାଉଥିଲେ ମଧ୍ୟ ଏହାର ବିଷକ୍ରିୟା ଅକ୍ଷୁଣ୍ଣ ରହିଥାଏ ବର୍ଷ ବର୍ଷ ଧରି।

ଅହିରାଜ, ଗୋଖର, ଚିତି ଓ ରଣା ଜାତୀୟ ସାପର ଲାଳରେ ଥାଏ ସ୍ନାୟୁବିଷ। ଏହି ସ୍ନାୟୁବିଷ ମଧ୍ୟରେ ନ୍ୟୁରୋଟକ୍ସିନ ଓ କୋଲିନଏଷ୍ଟରେଜ ନାମକ ଉପାଦାନ ପ୍ରଧାନ। ଏହି ସ୍ନାୟୁ ବିଷ ସ୍ନାୟୁଗୁଡିକର କ୍ରିୟାକୁ ବ୍ୟାହତ କରିପକାଏ। ଫଳରେ ମାଂସପେଶୀମାନ ସେମାନଙ୍କ କାର୍ଯ୍ୟ କରିବା ନିମନ୍ତେ ଅକ୍ଷମ ହୋଇପଡନ୍ତି। କିନ୍ତୁ ବୋଡା ସାପର ବିଷରେ ରକ୍ତ ଓ ତନ୍ତୁ ଉପରେ କ୍ଷତିକର ପ୍ରଭାବ ପକାଉଥିବା ଉପାଦାନଗୁଡିକର ପରିଣାମ ବେଶି। ଏଥିରେ ରହିଥିବା ହେମୋଲାଇସିନ ଓ ଥ୍ରମ୍ବୋପ୍ଲାଷ୍ଟିନ ଆଦି ଉପାଦାନର ପ୍ରଭାବରେ ରକ୍ତନଳୀର ଆବରଣ ନଷ୍ଟ ହୋଇଯାଏ। ରକ୍ତରେ ଥିବା ଲୋହିତ କୋଷିକାମାନ ବା ଆରବିସିଗୁଡିକ ଫାଟିଯାଆନ୍ତି। ଫଳରେ ରକ୍ତ ଜମାଟ ବାନ୍ଧିବା ପ୍ରକ୍ରିୟା ବାଧାପ୍ରାପ୍ତ ହୋଇପଡ଼େ। ବୋଡା ଲାଳରେ ଥାଏ ରକ୍ତ ବିଷ।

ତେବେ ସ୍ନାୟୁବିଷ ଓ ରକ୍ତବିଷକୁ ଛାଡିଦେଲେ ଶରୀରର ତନ୍ତୁ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ଆହୁରି କେତେକ ବିଷାକ୍ତ ଉପାଦାନ ମଧ୍ୟ ସାପ ବିଷରେ ରହିଥାଏ। କେତେକ ବିଷାକ୍ତ ଉପାଦାନ ମଧ୍ୟ ଅନିଷ୍ଟକର ପ୍ରଭାବ ପକେଇଥାଏ ହୃତ୍‌ପିଣ୍ଡ ଉପରେ।

**ବିଷଧର ସାପ କାମୁଡିଥିବାର ଲକ୍ଷଣ :** ଅଧିକାଂଶ ଜାତିର ସାପଙ୍କଠାରେ ବିଷ ନ ଥାଏ। ତେଣୁ ସାପ କାମୁଡିଲେ ସେହି ସାପ ବିଷହୀନ ହୋଇଥିବାର ସମ୍ଭାବନା ବେଶୀ। ତଥାପି ସାପ ପ୍ରତି ଆମର ଏତେ ଭୟ ଯେ ସାପ କାମୁଡିଥିଲେ ତାହା ନିଶ୍ଚୟ ବିଷଧର ହୋଇଥିବ ବୋଲି ଭାବିନେଇ ରୋଗୀ ଖୁବ୍ ଛାନିଆ ହୋଇପଡେ। ଏହି ଛାନିଆ ହୋଇପଡିବା କାରଣରୁ ହିଁ ତାହାର ମୃତ୍ୟୁ ହୋଇ ଯାଇପାରେ। ତଥାପି ସାପ କାମୁଡିଥିଲେ ତାହା ବିଷଧର ଭାବି ରୋଗୀକୁ ତୁରନ୍ତ ଡାକ୍ତରଖାନା ନେବା ଉଚିତ। ବିଷଧର ସାପ କାମୁଡିବାର ୧୫-୩୦ମିନିଟ୍ ମଧ୍ୟରେ ଲକ୍ଷଣମାନ ପ୍ରକାଶ ପାଏ। ସେଗୁଡିକ ହେଲା

-ସାପ କାମୁଡିଥିବା ସ୍ଥାନରେ ଯନ୍ତ୍ରଣା ହୁଏ ଏବଂ ସେହି ସ୍ଥାନଟି ଫୁଲିଯାଏ।

-ବୋଡା ସାପ କାମୁଡିଥିଲେ ପୋଡା ଏବଂ ଯନ୍ତ୍ରଣା ଅଧିକ ହୁଏ।

-କ୍ଷତ ସ୍ଥାନରୁ ରକ୍ତ ଝରିପାରେ।

-କାମୁଡା ଜାଗା ନୀଳ ପଡିଯାଏ।

-ପରେ ଏହି ଜାଗାରେ ପ୍ରଦାହ ଜାତ ହୋଇ ତାହା ପୂଜେଇ ଯାଇପାରେ।

-ବାନ୍ତି ହୋଇପାରେ ଏବଂ ପାଟିରୁ ଲାଳ ଗଡିପାରେ।

-'ଅଭୀପ୍ସା', ସେକ୍ଟର-୬,
ପ୍ଲଟ୍ ନଂ. ୧୧୩୧, ଅଭିନବ ବିଡ଼ାନାସୀ,
କଟକ। ମୋ : ୯୪୩୭୭୬୬୧୧୭

## ନିଃସଙ୍ଗତା ଦୂର କରିବ ରୋବୋ



ରୋବୋର ବ୍ୟବହାର ଦିନକୁ ଦିନ ବଢ଼ିଚାଲିଛି। ଏଣିକି ଏହାକୁ ନିଃସଙ୍ଗତା ଦୂର କରିବା ପାଇଁ ବ୍ୟବହାର କରାଯାଇପାରିବ। ଜାପାନର ବୈଜ୍ଞାନିକମାନେ ଏପରି ଏକ ଅତ୍ୟାଧୁନିକ ଜ୍ଞାନକୌଶଳ ବିଶିଷ୍ଟ ରୋବୋ ପ୍ରସ୍ତୁତ କରିଛନ୍ତି। ନିଃସଙ୍ଗତା ପରି ସମସ୍ୟା ସହ ଜଡିତ ଥିଲେ ଏହି ରୋବୋ ସଂପୃକ୍ତ ବ୍ୟକ୍ତିଙ୍କ ମନରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି କରିବାରେ ଅନେକାଂଶରେ ସହାୟକ ହୋଇପାରିବ। ପରୀକ୍ଷାମୂଳକ ଭାବେ ଏହାକୁ ବ୍ୟବହାର କରାଯାଇ ସଫଳତା ମିଳିଛି ବୋଲି ପ୍ରସ୍ତୁତକାରୀ ବୈଜ୍ଞାନିକମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। କେବଳ ସେତିକି ନୁହେଁ, ନିଃସଙ୍ଗତାରୁ ନିଜକୁ ଦୂରେଇ ରଖିବା ପାଇଁ ଜଣେ ବ୍ୟକ୍ତି ଏହି ରୋବୋ ସହାୟତାରେ ମନ ପସନ୍ଦର ଗୀତ ମଧ୍ୟ ଶୁଣିପାରିବ।



## ହୃଦ୍‌ରୋଗୀ ଓ ଖାଦ୍ୟ

ହୃଦ୍‌ରୋଗରେ ଆକ୍ରାନ୍ତ ହେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବାକୁ ପଡ଼ିଥାଏ। ତା'ସହ ନିୟମିତ ସମୟ ଅନ୍ତରାଳରେ ଚେକ୍ଅପ୍ ପ୍ରତି ନଜର ଦେବାକୁ ପଡ଼େ। ଏହାବ୍ୟତୀତ ଜଣେ ହୃଦ୍‌ରୋଗୀ ନିଜର ଖାଦ୍ୟପେୟ ପ୍ରତି ଯଥେଷ୍ଟ ସଚେତନ ରହିବା ଆବଶ୍ୟକ। ବିଶେଷଭାବେ ଲହୁଣି, ଘିଅ, ବନସ୍ପତି, କଲିଜା, ଚର୍ବି, ଚର୍ମ ଲାଗିଥିବା କୁକୁଡା ମାଂସ ଓ ଚର୍ବିଯୁକ୍ତ ଛେଳି ମାଂସ ଠାରୁ ହୃଦ୍‌ରୋଗୀ ଦୂରେଇ ରହିବା ବହୁତ ଭଲ। ଅପରପକ୍ଷରେ ଅଣ୍ଡା କେଶର, ଚିଙ୍ଗୁଡି, କଙ୍କଡ଼ା, ଲହୁଣି, ଘିଅ ଇତ୍ୟାଦିରୁ ମିଳୁଥିବା କୋଲେଷ୍ଟରଲ ହାର୍ଟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଅଧିକ ଲବଣଜାତୀୟ ଖାଦ୍ୟ, ଫାଷ୍ଟ୍ ଫୁଡ୍, ଜଙ୍କ୍ ଫୁଡ୍ ଆଦୌ ନ ଖାଇବା ସେମାନଙ୍କ ପାଇଁ ଭଲ। ତେବେ ଏହି ରୋଗୀ କେଉଁ ଖାଦ୍ୟ ଖାଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଉପକାରୀ ତାହା ମଧ୍ୟ ଜାଣିବା ନିହାତି ଦରକାର। ଖାଦ୍ୟ ତାଲିକାରେ ତଟକା ଫଳମୂଳ, ଶାଗ ଓ ପନିପରିବା ସାମିଲ କରନ୍ତୁ। କାକୁଡି, ଟମାଟୋ, ଗାଜର, ମୂଳା, ଧନିଆପତ୍ର ଓ ଲେମ୍ବୁର ସାଲାଡ଼ ସେମାନଙ୍କ ପାଇଁ ବେଶ୍ ଉପକାରୀ। ଲେମ୍ବୁ, ଟମାଟୋ, କଞ୍ଚାଲଙ୍କା, ବନ୍ଧାକୋବି, ଫୁଲକୋବି, ଶାଗ ଓ ପିଜୁଳିରୁ ଭିଟାମିନ୍ 'ସି' ଭରିରହିଛି, ଯାହା ହୃତ୍‌ପିଣ୍ଡ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ।





## ଦାନ୍ତ ଘଷା : କିଛି କଥା

ଦାନ୍ତ ଘଷିବା ଆମର ଏକ ଅଭ୍ୟାସ। ହେଲେ ଏହା ପଛରେ ଏପରି କେତୋଟି କଥା ରହିଛି ଯାହା ଜାଣିବା ଆବଶ୍ୟକ।

- ପ୍ରତିଦିନ ଦୁଇ ଥର-ସକାଳେ ଏବଂ ରାତ୍ରି ଭୋଜନ ପରେ ଦାନ୍ତ ଘଷନ୍ତୁ।
- ଦାନ୍ତ ଘଷିବା ପାଇଁ ଫ୍ଲୋରାଇଡେଟେଡ ଟୁଥ୍‌ପେଷ୍ଟ ବ୍ୟବହାର କରନ୍ତୁ।
- ଚଟାପଟ ଦାନ୍ତଘଷିବା କାମ ସାରି ଦିଅନ୍ତୁ ନାହିଁ। ଅତିକମ୍‌ରେ ୨-୩ମିନିଟ୍ ପର୍ଯ୍ୟନ୍ତ ଦାନ୍ତ ଘଷନ୍ତୁ।
- ଧୀରେ ଧୀରେ ଦାନ୍ତ ଘଷନ୍ତୁ। ଦାନ୍ତ ଉପରେ ଅଧିକ ଚାପ ଦେଇ ଦାନ୍ତ ଘଷନ୍ତୁ ନାହିଁ।
- ଅତିକମ୍‌ରେ ଛଅ ମାସରେ ଥରେ ଅଭିଜ୍ଞ ଦନ୍ତ ଚିକିତ୍ସକଙ୍କ ନିକଟରେ ଆପଣଙ୍କ ଦାନ୍ତର ଅବସ୍ଥା କିପରି ଅଛି ପରୀକ୍ଷା କରାଇ ନିଅନ୍ତୁ।
- ଦାନ୍ତ ଜନିତ ସମସ୍ୟା ହେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଟୁଥ୍‌ପେଷ୍ଟ ବ୍ୟବହାର କରନ୍ତୁ।
- ଦାନ୍ତ ଘଷିବା ପରେ ଭଲ ଭାବରେ କୁଳି କରନ୍ତୁ। ଏହାଦ୍ୱାରା ଟୁଥ୍‌ପେଷ୍ଟ ଫେଣ ଦାନ୍ତ ସନ୍ଧିରୁ ବାହାରି ଯାଇଥାଏ।
- ଆମେ ଖାଦ୍ୟ ଖାଇବା ପରେ ଏହାର ଅବଶିଷ୍ଟାଂଶ ଦାନ୍ତ ସନ୍ଧିରେ ରହିଯାଇଥାଏ। ତେଣୁ ଖାଇବା ପରେ ଏବଂ ଦାନ୍ତ ଘଷିବା ସମୟରେ ଏଥିପ୍ରତି ନଜର ଦିଅନ୍ତୁ।

## ସଂକ୍ଷେପରେ

### ଶ୍ରୀନଗର-ଦିଲ୍ଲୀ ବିମାନ ଭଡା
### ଏୟାର ଇଣ୍ଡିଆ ସୀମା ଧାର୍ଯ୍ୟ କଲା

**ନୂଆଦିଲ୍ଲୀ,୪-୮:** ସୁରକ୍ଷା କାରଣରୁ ଜମ୍ମୁ-କଶ୍ମୀରରୁ ଅମରନାଥ ତୀର୍ଥଯାତ୍ରୀ ତଥା ଅନ୍ୟ ପର୍ଯ୍ୟଟକଙ୍କୁ ଫେରି ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ବିମାନ ସେବା ଉପଲବ୍ଧ କରାଇବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ବିମାନ କମ୍ପାନୀଙ୍କୁ କୁହାଯାଇଛି। ତେବେ ଚାହିଦା ବୃଦ୍ଧି କାରଣରୁ ବିମାନ ଭଡ଼ା ଚଢ଼ା ହୋଇଛି। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ ଏବଂ ଘରୋଇ କମ୍ପାନୀ ଗୋଏୟାର ଶ୍ରୀନଗର-ଦିଲ୍ଲୀ ଫ୍ଲାଇଟ୍‌ର ସର୍ବାଧିକ ବିମାନ ଭଡା ହ୍ରାସ ଘୋଷଣା କରିଛନ୍ତି। ଅଗଷ୍ଟ ୧୫ ପର୍ଯ୍ୟନ୍ତ ଏୟାର ଇଣ୍ଡିଆ ଭଡ଼ା ସର୍ବାଧିକ ୬୭୧୫ ଟଙ୍କା ରଖାଯାଇଛି। ତେବେ ଦିଲ୍ଲୀ-ଶ୍ରୀନଗର ବିମାନ ଭଡା ସର୍ବାଧିକ ୬୮୯୯ ଟଙ୍କାରେ ସୀମିତ ରହିବ ବୋଲି ଏହାର ମୁଖପାତ୍ର ଧନଞ୍ଜୟ କୁମାର ପ୍ରକାଶ କରିଛନ୍ତି। ସେହିପରି ଅଗଷ୍ଟ ୧୫ ପର୍ଯ୍ୟନ୍ତ ଗୋଏୟାର ଏହାର ବିମାନ ଭଡ଼ା ୧୦ହଜାର ଟଙ୍କାରେ ସୀମିତ ରଖିଛି। ତେବେ ଅନ୍ୟ ବିମାନ କମ୍ପାନୀ ଇଣ୍ଡିଗୋ, ସ୍ପାଇସ୍‌ଜେଟ୍, ଭିଷ୍ଟାରା ଏବଂ ଏୟାରଏସିଆ ଇଣ୍ଡିଆ ଅଦ୍ୟାବଧି ସେମାନଙ୍କ ଭଡ଼ା ହ୍ରାସ ନେଇ ଘୋଷଣା କରିନାହାନ୍ତି। ସୂଚନାଥାଉ କି, ଅମରନାଥ ଯାତ୍ରୀଙ୍କୁ ତୁରନ୍ତ ଉପତ୍ୟକା ଛାଡ଼ିବା ଲାଗି ଜମ୍ମୁ-କଶ୍ମୀର ସରକାର ଶୁକ୍ରବାର ନିର୍ଦ୍ଦେଶ ଦେବା ପରେ ବିମାନ ଭଡ଼ା ଅଚାନକ ବୃଦ୍ଧି ପାଇଥିଲା। ତେବେ ଭଡ଼ା କମାଇବା ଲାଗି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗୋଏୟାର ମୁଖପାତ୍ର କହିଛନ୍ତି ଯେ, ବିମାନ ଚଳାଚଳ ମନ୍ତ୍ରଣାଳୟର ଆହ୍ୱାନକୁ କମ୍ପାନୀ ସର୍ବଦା ଗୁରୁତ୍ୱ ଦେଇଛି। କେରଳ ବନ୍ୟା, ଓଡ଼ିଶାରେ ଫନୀ ବାତ୍ୟା, ବାଲାକୋଟ ବିମାନ ଆକ୍ରମଣ ବେଳେ କମ୍ପାନୀ ଯାତ୍ରୀଙ୍କୁ ବିମାନ ସେବା ଯୋଗାଇବା ସହ ଭଡାକୁ ନିୟନ୍ତ୍ରଣରେ ରଖିଛି।

### ଆଉ ଛପା ହେବନି ୧୦୦୦ ଟଙ୍କିଆ ନୋଟ୍
### ରଦ୍ଦ ହେଲା ଆଇନ

**ନୂଆଦିଲ୍ଲୀ,୪-୮:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ୧ହଜାର ଟଙ୍କିଆ ନୋଟ୍ ଛାପିବା ପାଇଁ ଅନୁମତି ଦେଉଥିବା ୧୯୯୮ର ଉଚ୍ଚ ମୂଲ୍ୟର ସଂଶୋଧିତ ଆଇନକୁ ପାର୍ଲାମେଣ୍ଟ ରଦ୍ଦ କରିଦେଇଛି। ଅର୍ଥନୀତିରେ ନଗଦ ସଙ୍କଟ ଦୂର କରିବା ଲାଗି ସେତେବେଳେ କେନ୍ଦ୍ର ସରକାର ଏହି ଆଇନ ପ୍ରଣୟନ କରିଥିଲେ। ଏଥିସହ ବେକାର ହୋଇଯାଇଥିବା ୫୮ ପୁରୁଣା ଆଇନକୁ ରଦ୍ଦ କରିବାକୁ ଗତ ସପ୍ତାହରେ ପାର୍ଲାମେଣ୍ଟ ଅନୁମୋଦନ କରିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ଯଶୋବନ୍ତ ସିହ୍ନା ଏହି ସଂଶୋଧନ ବିଲ୍‌କୁ ୧୯୯୮ ଡିସେମ୍ବରରେ ପାର୍ଲାମେଣ୍ଟରେ ଉପସ୍ଥାପନ କରିଥିଲେ। ଏହା ଅନୁମୋଦନ ଲାଭ କରିବା ପରେ ଆର୍‌ବିଆଇ ୧୦୦୦ ଟଙ୍କିଆ ନୋଟ୍ ଛାପିବା ଆରମ୍ଭ କରିଥିଲା। ଉଲ୍ଲେଖଥାଉ କି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ଡିଏର ପ୍ରଥମ ଶାସନ କାଳରେ ୨୦୧୬ ନଭେମ୍ବରରେ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦେଇଥିଲେ। ଏଥିସହିତ ସେ ନୂଆ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନ ଘୋଷଣା କରିଥିଲେ। ବଜାରରେ ଅନ୍ୟ ମୂଲ୍ୟର ନୋଟ୍ ଉପରେ ଚାପ କମାଇବା ଲାଗି ସରକାର ସେତେବେଳେ ହଜାରେ ଟଙ୍କିଆ ନୋଟ୍ ପ୍ରଚଳନ କରିଥିଲେ।

### ୦.୨୫% କମିପାରେ ରେପୋ ରେଟ୍

**ନୂଆଦିଲ୍ଲୀ,୪-୮:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୁଧବାର ଚଳିତ ଆର୍ଥିକ ବର୍ଷର ତୃତୀୟ ଦ୍ୱିମାସିକ ମୁଦ୍ରାନୀତି ଘୋଷଣା କରିବ। କ୍ରମାଗତ ଚତୁର୍ଥ ଥର ପାଇଁ ଏହା ରେପୋ ରେଟ୍ ୦.୨୫% ହ୍ରାସ କରିବା ସମ୍ଭାବନା ରହିଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ଅର୍ଥନୀତି ଧିମା ହୋଇଥିବା ବେଳେ ଏହାକୁ ଦ୍ରୁତତର କରିବା ପାଇଁ ଆର୍‌ବିଆଇ ସୁଧ ହାର ପୁନର୍ବାର ହ୍ରାସ ଘୋଷଣା କରିପାରନ୍ତି। ସୂଚନାଥାଉ କି ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧକ୍ଷତାରେ ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକ ଆସନ୍ତା ୫ରୁ ୭ଯାଏ ଚାଲିବ। ବର୍ତ୍ତମାନ ରେପୋ ରେଟ ୫.୭୫% ରହିଛି। ବର୍ତ୍ତମାନ ରେପୋ ରେଟ ୫.୭୫% ରହିଥିବା ବେଳେ ରିଭର୍ସ ରେପୋ ରେଟ୍ ୫.୫% ରହିଛି।



> ଭାରତକୁ ୫ ଲକ୍ଷ କୋଟି ଡଲାର ଅର୍ଥନୀତିରେ ପହଞ୍ଚିବାକୁ ହେଲେ ରପ୍ତାନି ବୃଦ୍ଧି କରିବାକୁ ହେବ। ଏଥିଲାଗି ବିମାନ ବନ୍ଦରରେ ପର୍ଯ୍ୟାପ୍ତ ସୁବିଧା ଦେବା ଦରକାର।
> **– ଆର୍.ଏସ୍.ସୁବ୍ରମଣ୍ୟନ, ଡିଏଚ୍‌ଏଲ୍ ଏକ୍ସପ୍ରେସ ଏମ୍‌ଡି**



> ଭାରତରେ କେୟାର୍ନ ଏନର୍ଜି ପୁନର୍ବାର ନିବେଶ କରିବାକୁ ଇଚ୍ଛୁକ। ତେବେ ରେଟ୍ରୋସ୍ପେକ୍ଟିଭ ଟିକସ ବ୍ୟବସ୍ଥା ପ୍ରତ୍ୟାହାର ହେବା ଦରକାର।
> **– ସିମୋନ ଥମ୍ପସନ, କେୟାର୍ନ ଏନର୍ଜି ସିଇଓ**

# ମାଡ଼ି ଆସୁଛି ମାନ୍ଦାବସ୍ଥା

**ନୂଆଦିଲ୍ଲୀ, ୪-୮**

ଭାରତର ଅର୍ଥନୀତି ଏବେ ମଝି ଆକାଶରେ ଖସି ପଡୁଥିବା ବିମାନ ଭଳି ହେଲାଣି। ଦୁର୍ଘଟଣାର ସମ୍ମୁଖୀନ ହେବାକୁ ଯାଉଥିବା ବିମାନଟିର ସମସ୍ତ କାର୍ଯ୍ୟକଳାପ ଯେପରି ଅକାମୀ ହୋଇଯାଏ, ଠିକ୍ ସେପରି ଭାରତର ଅର୍ଥନୀତି ଏବେ ବିଭିନ୍ନ ଦୃଷ୍ଟିରୁ ପ୍ରାୟ ସମସ୍ତ ମାନଦଣ୍ଡରେ ତଳକୁ ଖସିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଅର୍ଥନୀତିକୁ ୫ ଲକ୍ଷ କୋଟି ଡଲାରରେ ପହଞ୍ଚାଇବାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। କିନ୍ତୁ ସମସ୍ତ ସଙ୍କେତକୁ ଦେଖିଲେ ଏହା ପୂରଣ ହେବା ସମ୍ଭବ ବୋଲି ମନେ ହେଉନାହିଁ। ଅର୍ଥନୀତିର ସମସ୍ତ ସେକ୍ଟର ଏବେ ଧିମା ହୋଇଚାଲିଛି। ଏହା କେଉଁଠି ସ୍ଥିର ହେବ କେହି କହିପାରୁନାହାନ୍ତି। ମାନ୍ଦାବସ୍ଥା ମାଡ଼ି ଆସୁଛି ବୋଲି ଅର୍ଥନୀତିଜ୍ଞମାନେ ଚେତାଇଲେଣି। କଂଗ୍ରେସର ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧୀ ଏହାକୁ ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସତର୍କ କରିସାରିଲେଣି। ପ୍ରକୃତରେ ଦେଖିବାକୁ ଗଲେ ରାହୁଲଙ୍କ ଅଭିଯୋଗ ଅକାରଣ ନୁହେଁ। ଅର୍ଥନୀତିରେ ମାନ୍ଦାବସ୍ଥା ପାଇଁ ଦାୟୀ ଥିବା ବିଭିନ୍ନ କାରଣ...

## ଅର୍ଥନୀତି ବାଟ ହୁଡିଛି: ରାହୁଲ



ଦେଶର ଅର୍ଥନୀତି ବାଟ ହୁଡିଛି, ମାନ୍ଦାବସ୍ଥାର ରେଳ ଅତି ଦ୍ରୁତଗତିରେ ଦେଶ ଆଡକୁ ମାଡି ଆସୁଛି ବୋଲି କଂଗ୍ରେସର ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧୀ ଟୁଇଟ୍ କରି ଚେତାଇଛନ୍ତି। ଅନ୍ଧକାରମୟ ସୁଡଙ୍ଗରେ ଆଲୋକର ଚିହ୍ନ ଦେଖାଯାଉ ନାହିଁ। ଏଥିପୂର୍ବରୁ ସେ ଜିଏସ୍‌ଟି ଓ ବିମୁଦ୍ରୀକରଣକୁ ନେଇ ମୋଦି ସରକାରଙ୍କୁ ଘେରିଥିଲେ। ଏହି ଦୁଇଟି ପଦକ୍ଷେପ ଯୋଗୁ ଦେଶର ଅର୍ଥନୀତିର ବାର ବାଜି ଗଲାଣି। ଜିଏସ୍‌ଟି ଓ ବିମୁଦ୍ରୀକରଣ ଭଳି ପଦକ୍ଷେପ ମୋଦି ସରକାରଙ୍କ ଅକୁଶଳତା ଓ ଚିନ୍ତାଧାରାରେ ତ୍ରୁଟିକୁ ଦର୍ଶାଉଛି।

## ଆର୍ଥିକ ସ୍ଥିତି ଧିମା: ଜଲାନ



ଦେଶର ଅର୍ଥନୀତି ଏବେ ଧିମା ରହିଛି। ତେବେ ଆସନ୍ତା ବର୍ଷେ କିମ୍ବା ୨ ବର୍ଷ ଭିତରେ ଏହା ପୁଣି ଦ୍ରୁତତର ହେବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ବିମଳ ଜଲାନ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ଦେଶର ଅର୍ଥନୀତି ଧିମା ହେବାକୁ ଆବର୍ତ୍ତନୀୟ କୁହାଯାଇପାରେ। କେନ୍ଦ୍ର ସରକାର ଅନେକ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତେବେ ଏହାର କ୍ରିୟାନ୍ୱୟନକୁ ନେଇ ଆଗକୁ ବଢ଼ିବାକୁ ହେବ। ବିଶେଷକରି ନିବେଶ ପ୍ରତି ଅଧିକ ଦୃଷ୍ଟି ଦେବାକୁ ହେବ। ଘରୋଇ ନିବେଶ ବଢୁନି କାହିଁକି ବୋଲି ପ୍ରଶ୍ନ ହେବାରୁ ସେ କହିଛନ୍ତି ଯେ, ବିମୁଦ୍ରୀକରଣ ପ୍ରଭାବରୁ ଏହା ହୋଇଥାଇପାରେ। ଏହା ମଧ୍ୟ କୁହାଯାଇପାରେ ଯେ, ନିବେଶକ ଲୋକ ସଭା ନିର୍ବାଚନ ଫଳାଫଳକୁ ଅପେକ୍ଷା କରିଥିଲେ। ଆର୍ଥିକ ଅଭିବୃଦ୍ଧି ବର୍ତ୍ତମାନ ଧିମା ରହିଛି ଏହା ସ୍ୱୀକାର କରିବାକୁ ହେବ ବୋଲି ଜଲାନ ପ୍ରକାଶ କରିଛନ୍ତି।

## ଅଟୋ ସେକ୍ଟରରେ ଚାକିରି ହରାଇଲେ ୨ଲକ୍ଷ




ଦେଶରେ ମାନ୍ଦାବସ୍ଥା ମାଡି ଆସୁଛି। ଏହାର ସବୁଠୁ ବେଶି ପ୍ରଭାବ ଅଟୋ ସେକ୍ଟର ଉପରେ ପଡିଛି। କାର୍, ବାଇକ ବିକ୍ରି ହ୍ରାସ ପାଇବା କାରଣରୁ ସାରା ଦେଶରେ ଅଟୋ ଡିଲର ନିଜର କର୍ମଚାରୀ ସଂଖ୍ୟା କମାଇବାରେ ଲାଗିପଡିଛନ୍ତି। ଉଦ୍ୟୋଗ ସଂଗଠନ ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଫାଡା) ପକ୍ଷରୁ କୁହାଯାଇଛି ଯେ,ଗତ ୩ ମାସ ହେବ ଗାଡ଼ି ବିକ୍ରି ହ୍ରାସ ପାଇ ଚାଲିଛି। ଏହି କାରଣରୁ ଡିଲରମାନେ ଏହି ସମୟ ମଧ୍ୟରେ ପ୍ରାୟ ୨ ଲକ୍ଷ କର୍ମଚାରୀଙ୍କୁ ଛଟେଇ କରିସାରିଲେଣି। ନିକଟ ଭବିଷ୍ୟତରେ ସ୍ଥିତିରେ ସୁଧାର ହେବାର ସମ୍ଭାବନା ନାହିଁ। ଏହି କାରଣରୁ ଶୋ'ରୁମ୍ ସବୁ ବନ୍ଦ ହେବାରେ ଲାଗିଛି। ଏହି କାରଣରୁ ଛଟେଇ ପ୍ରକ୍ରିୟା ଜାରି ରହିବାର ସମ୍ଭାବନା ରହିଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଜୁନ ତ୍ରୈମାସରେ ସମସ୍ତ ସେଗମେଣ୍ଟରେ ଗାଡ଼ି ବିକ୍ରି ୧୨.୩୫% ହ୍ରାସ ପାଇ ୬୦,୮୫,୪୦୬ ୟୁନିଟ ହୋଇଛି। ଫାଡା ଅଧକ୍ଷ ଆଶିଷ ହର୍ଷରାଜ କାଲେ କହିଛନ୍ତି ଯେ, ସାରା ଦେଶରେ ୧୫ ହଜାର ଡିଲର ଦ୍ୱାରା ପରିଚାଳିତ ୨୬ ହଜାର ଗାଡ଼ି ସୋ'ରୁମ୍‌ରେ ପ୍ରାୟ ୨୫ ଲକ୍ଷ ଲୋକଙ୍କୁ ପ୍ରତ୍ୟକ୍ଷ ରୂପରେ ଚାକିରି ମିଳିଛି। ସେହିପରି ସମସଂଖ୍ୟକ ଲୋକ ଅପ୍ରତ୍ୟକ୍ଷ ରୂପେ ରୋଜଗାର ପାଉଛନ୍ତି। ଚଳିତ ବର୍ଷ ଏପ୍ରିଲ ସୁଦ୍ଧା ୧୮ ମାସ ମଧ୍ୟରେ ଦେଶରେ ୨୭୧ ସହରରେ ୨୮୬ ଗାଡି ଶୋ'ରୁମ୍ ବନ୍ଦ ହୋଇଗଲାଣି। ଫଳରେ ୩୨ ହଜାର ଲୋକ ନିଯୁକ୍ତି ହରାଇଛନ୍ତି। ଏଥିସହିତ ଅତିରିକ୍ତ ଭାବେ ୨ ଲକ୍ଷ ଲୋକଙ୍କୁ ଚାକିରିରୁ ବିଦା କରାଯାଇଛି ବୋଲି କାଲେ କହିଛନ୍ତି।

## ସଙ୍କଟରେ ଆର୍ଥିକ କ୍ଷେତ୍ର

ପୂର୍ବର ୟୁପିଏ ସରକାରଙ୍କ ଦ୍ୱିତୀୟ ପାଳିରେ ଅନାଦାୟ ଋଣ ସମସ୍ୟା ଉତ୍କଟ ହୋଇଥିଲା। ପରେ ଏହା ବଢିବାରୁ ଘରୋଇ ବଜାର ଉପରେ ଏହାର ନକାରାତ୍ମକ ପ୍ରଭାବ ଦେଖାଯାଇଛି। ମାତ୍ର ୨୦୧୯ରେ ଏନ୍‌ପିଏ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇଛି। ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନଗୁଡିକରେ ନୂଆ କରି ସମସ୍ୟା ଦେଖାଯାଇଛି। ଏହି କ୍ଷେତ୍ର ପ୍ରତ୍ୟକ୍ଷ ଭାବେ ମ୍ୟୁଚୁଆଲ ଫଣ୍ଡ, ବ୍ୟାଙ୍କ ଏବଂ କର୍ପୋରେଟ ସହ ଜଡିତ ଥିବାରୁ ବ୍ୟାଙ୍କ ତୁଳନାରେ ଏହା ଅଧିକ ପ୍ରଭାବିତ ହେଉଥିବା ଦେଖାଯାଉଛି। ୨୦୧୪ରେ ପ୍ରଦାନ କରାଯାଇଥିବା ମୋଟ ଋଣର ୧୧.୪% ଏନ୍‌ପିଏ ହୋଇଥିଲା। ଏହା ୨୦୧୫ରେ ୯.୩%, ୨୦୧୬ରେ ୭.୫%, ୨୦୧୭ରେ ୪.୩% ଏବଂ ୨୦୧୮ରେ ମୋଟ ଋଣର ୩.୮% ଏନ୍‌ପିଏ ହୋଇଥିବା ଜଣାପଡିଛି। ଏନ୍‌ପିଏ ସମସ୍ୟା ଯୋଗୁ ବଜାରରେ ପୁଞ୍ଜି ଯୋଗାଣ ନେଇ ବ୍ୟାଙ୍କଗୁଡିକ ସମସ୍ୟା ସାମ୍ନା କରୁଛନ୍ତି। ଯାହା ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ସକ୍ଷମ ହେଉନି।

## ସଂସ୍କାର ଧାରାର ପ୍ରଭାବ

ସରକାରଙ୍କ ବିଭିନ୍ନ ସଂସ୍କାର ଧାରା ଯୋଗୁ ଅର୍ଥନୀତି ଉପରେ ନିରନ୍ତର ନକାରାତ୍ମକ ପ୍ରଭାବ ପଡୁଛି। ୨୦୧୬ ନଭେମ୍ବରରେ ଗ୍ରହଣ କରାଯାଇଥିବା ବିମୁଦ୍ରୀକରଣ ଯୋଗୁ ଚାହିଦା କମ୍ ହେବା, ନିଯୁକ୍ତି ହ୍ରାସ, ଲୋକଙ୍କ ଆୟ ହ୍ରାସ ହୋଇଥିଲା। ସେହିଭଳି ୨୦୧୭ରେ ଜିଏସ୍‌ଟି ଆରମ୍ଭ ପରେ ଏହା ରପ୍ତାନି ଅଭିବୃଦ୍ଧି ଉପରେ ମାଡ କରିଛି। ଅନେକ କ୍ଷୁଦ୍ର ଶିଳ୍ପ ଏହା ଦ୍ୱାରା ବନ୍ଦ ହେବା ସହ ରପ୍ତାନିକାରୀମାନେ ଠିକ୍ ସମୟରେ ରିଫଣ୍ଡ୍ ପାଉ ନ ଥିବାରୁ ସେମାନଙ୍କ ବ୍ୟବସାୟ ପରିଚାଳନାରେ ବାଧା ଉପୁଜୁଛି। ଜିଏସ୍‌ଟି ଠିକ୍ ଭାବେ ଲାଗୁ କରା ନ ଯିବା ଯୋଗୁ ବଜାରରେ ବିଭିନ୍ନ ଅସୁବିଧା ଦେଖାଯାଉଛି। ଏଥିରେ ପ୍ରାୟ ୩୦୦ରୁ ଅଧିକ ପରିବର୍ତ୍ତନ କରାଗଲାଣି। ସେହିଭଳି ଆଇଏଲଏଫ୍ ଆଣ୍ଡ ଏସ୍ ଠକେଇ ଅଣବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ (ଏନ୍‌ବିଏଫ୍‌ସି) ଗୁଡିକର ସମସ୍ୟାକୁ ବହୁଗୁଣିତ କରିଛି। ୨୦୧୮ରେ ସଂସ୍ଥାଗୁଡିକ ଠିକ୍ ଭାବେ ପୁଞ୍ଜି ପାଇବାରେ ଅସୁବିଧା ସାମ୍ନା କରୁଛନ୍ତି।




## କଠୋର ମୁଦ୍ରା, ବିତ୍ତୀୟ ନୀତି

୨୦୧୬-୧୭ ଆର୍ଥିକ ବର୍ଷ ପରଠାରୁ ଦେଶର ମୁଦ୍ରା ନୀତି ମୁଖ୍ୟତଃ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଉପରେ ଗୁରୁତ୍ୱ ରଖୁଛି। ଫଳରେ ସୁଧହାର ଉପରେ କଠୋର ନୀତି ଗ୍ରହଣ କରାଯାଉଛି। କେନ୍ଦ୍ର ଏବଂ ରାଜ୍ୟଗୁଡିକର ମିଳିତ ବିତ୍ତୀୟ ନିଅଣ୍ଟ ଏବେ ଉଚ୍ଚରେ ରହିଛି। ବିତ୍ତୀୟ ନିଅଣ୍ଟ ହ୍ରାସ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହାବାଦ ସରକାର ଯୋଜନା ବାବଦକୁ ଅଧିକ ଖର୍ଚ୍ଚ କରିବାକୁ ଚାହୁଁ ନାହାନ୍ତି। ସରକାରୀ ଖର୍ଚ୍ଚ ନ ବଢିବାରୁ ଅର୍ଥନୀତି ଧିମା ହେଉଛି। ସୂଚନାଯୋଗ୍ୟ, ୨୦୧୪ ତୁଳନାରେ ଖାଉଟି ମୂଲ୍ୟ ସୂଚୀ ଅନୁଯାୟୀ ମୁଦ୍ରାସ୍ଫୀତି ବର୍ତ୍ତମାନ ୩.୪% ସ୍ତରରେ ରହିଛି। ସେହିଭଳି ରେପୋ ରେଟ୍ ବର୍ତ୍ତମାନ ୫.୭୫% ସ୍ତରରେ ରହିଛି। ୨୦୧୩-୧୪ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ୪.୫% ସ୍ତରରେ ଥିବା ବେଳେ ଏହା ୨୦୧୮-୧୯ରେ ୩.୪% ରହିଛି। ଚଳିତ ଆର୍ଥିକ ବର୍ଷ ବଜେଟରେ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ୩.୩% ଧାର୍ଯ୍ୟ ହୋଇଛି।

## ପ୍ରଭାବିତ ବିଶ୍ୱ ବାଣିଜ୍ୟ ସ୍ଥିତି



ଆମେରିକା ଚାଇନା ବାଣିଜ୍ୟ ଯୁଦ୍ଧ ସାରା ବିଶ୍ୱର ଅର୍ଥ ବ୍ୟବସ୍ଥାକୁ ପ୍ରଭାବିତ କରିଛି। ରପ୍ତାନି ଜନିତ ଅଭିବୃଦ୍ଧି ଏହା ଦ୍ୱାରା ଗଭୀର ଭାବେ ହ୍ରାସ ପାଇଛି। ଏହାବାଦ ବ୍ରେକଜିଟ୍ ଅର୍ଥନୈତିକ ଦୃଶ୍ୟପଟ ଆଶଙ୍କାଗ୍ରସ୍ତ କରିଛି। ମୋଦି ସରକାରଙ୍କ ପ୍ରଥମ ପାଳିରେ ଅଶୋଧିତ ତୈଳ ଦର ସାମାନ୍ୟ ରହିବାରୁ ସରକାରଙ୍କୁ ଏହା ସହାୟତା କରିଥିଲା। ମାତ୍ର ଏହା ପରେ ତେଲ ଦର ବଢିବା ଯୋଗୁ ମୁଦ୍ରାସ୍ଫୀତି ପ୍ରଭାବିତ ହୋଇଛି। ୨୦୧୩-୧୪ରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବ୍ୟାରେଲ୍ ପିଛା ୧୦୭.୫ ଡଲାର ରହିଥିଲା। ଏହା ୨୦୧୬ରେ ସର୍ବନିମ୍ନ ସ୍ତର ୪୭.୪ ଡଲାର ଛୁଇଁଥିଲା। ୨୦୧୮-୧୯ରେ ଏହି ଦର ୭୦.୧% ଡଲାରକୁ ବୃଦ୍ଧି ଘଟିଛି।

## କୃଷି କ୍ଷେତ୍ରରେ ସମସ୍ୟା



ଗତ ଦୁଇ ବର୍ଷରେ ଅଣ ଖାଦ୍ୟ ସାମଗ୍ରୀ କ୍ଷେତ୍ରରେ ମୁଦ୍ରାସ୍ଫୀତି ଖାଦ୍ୟ ସାମଗ୍ରୀ ମୁଦ୍ରାସ୍ଫୀତି ତୁଳନାରେ ଅଧିକ ରହିଛି। ଏହା ଫଳରେ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଆୟ ଅଧିକ ରହିଛି। ଗ୍ରାମାଞ୍ଚଳର ମଜୁରି ଅଭିବୃଦ୍ଧି ତଥ୍ୟକୁ ବିଚାରକୁ ନେଲେ ଜଣାଯିବ ଯେ, ଏଥିରେ ହ୍ରାସ ଦେଖାଯାଇଛି। ଏହା ୨୦୧୩-୧୪ରେ ୨୮% ଥିବା ବେଳେ ୨୦୧୪-୧୫ରେ ୧୦.୯%କୁ ହ୍ରାସ ଘଟିଥିଲା। ୨୦୧୫-୧୬ରେ ଏହା ୪.୮%, ୨୦୧୬-୧୭ରେ ୬%, ୨୦୧୭-୧୮ରେ ୪.୩% ଏବଂ ୨୦୧୮-୧୯ରେ ୩.୭%କୁ କମିଛି। ଫଳରେ ଗ୍ରାମାଞ୍ଚଳରେ ଖର୍ଚ୍ଚ ଲୋକଙ୍କ ପାଖରେ ଅର୍ଥ ନାହିଁ। ଯାହାର ପ୍ରଭାବରେ ଗ୍ରାମାଞ୍ଚଳରେ ଚାହିଦା କମିବାରେ ଲାଗିଛି। ଏହା ଅର୍ଥନୀତି ଧିମେଇବାର ଏକ ମୁଖ୍ୟ କାରଣ ହୋଇଛି।

## ହ୍ରାସ ପାଇଛି ଘରୋଇ ଚାହିଦା

ନଗଦ ସଙ୍କଟ କାରଣରୁ ଘରୋଇ କ୍ଷେତ୍ର ଚାହିଦା ମଧ୍ୟ ଗଭୀର ଭାବେ ପ୍ରଭାବିତ ହୋଇଛି। ୨୦୧୬-୧୭ ଆର୍ଥିକ ବର୍ଷରେ ଏହା ୮.୨% ରହିଥିବା ବେଳେ ବିମୁଦ୍ରୀକରଣ ପରେ ୨୦୧୭-୧୮ରେ ୭.୪%କୁ ହ୍ରାସ ହୋଇଥିଲା। ଜିଏସ୍‌ଟି ଲାଗୁ ପରେ ଏହା ୭.୩%କୁ କମିଥିଲା। ୨୦୧୮-୧୯ ଆର୍ଥିକ ବର୍ଷର ୪ ତ୍ରୈମାସରେ ଏହା ଯଥାକ୍ରମେ ୭.୩%, ୯.୮%, ୮.୧% ଏବଂ ୭.୨% ସ୍ତରରେ ରହିଛି।

## ପ୍ରମୁଖ କ୍ଷେତ୍ର ଉତ୍ପାଦନ କମିଲା

ଦେଶର କୋର୍ ସେକ୍ଟର ଉତ୍ପାଦନ କ୍ରମାଗତ ଭାବେ ହ୍ରାସ ପାଇ ଚାଲିଛି। ଏହି କ୍ରମରେ ପାସେଞ୍ଜର କାର ଅଭିବୃଦ୍ଧିରେ ୧୬.୩% ହ୍ରାସ ଘଟିଥିବା ବେଳେ ବାଣିଜ୍ୟିକ ଯାନ ୨୩.୩%, ମୋଟର ସାଇକେଲ ୭.୫%, ସ୍କୁଟର ୧୬.୩%, କୋଇଲା ୦.୫%, ତାପଜ ବିଦ୍ୟୁତ ୮.୭%, ଜଳବିଦ୍ୟୁତ ଉତ୍ପାଦନ ୭.୯% କମିଛି। ଏହାବାଦ ଅଣତୈଳ ରପ୍ତାନି ୫.୭% ହ୍ରାସ ଘଟିଛି। ସେହିଭଳି ବନ୍ଦର ମାଲ ପରିବହନ କ୍ଷେତ୍ରରେ ୦.୬%, ବିମାନ ଇନ୍ଧନ କ୍ଷେତ୍ରରେ ୦.୪%, ପେଟ୍ରୋଲ ୧୦.୮%, ଡିଜେଲ ୧.୪%, ବ୍ୟାଙ୍କ ଜମା ୧୦.୩% ସହ ଅନ୍ୟ କ୍ଷେତ୍ରରେ ଅଭିବୃଦ୍ଧି କମିଥିବା ଜଣା ପଡିଛି।

## ଷ୍ଟକ୍ ବଜାର



ବଜେଟ ସହାୟତା ଏବଂ ଚାହିଦା ହ୍ରାସ ଯୋଗୁ ସେନସେକ୍ସରେ ବର୍ତ୍ତମାନ ୪.୮% ହ୍ରାସ ଘଟିଲାଣି। ଅତି ଧନୀ ଓ ଫରେନ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ଙ୍କ ଉପରେ ସରଚାର୍ଜ ଲାଗୁ ହେବା ଫଳରେ ବଜାର ଉପରେ ପ୍ରଭାବ ପଡିଛି। ଏଭଳି ବିଭିନ୍ନ ପ୍ରସଙ୍ଗ ଯୋଗୁ ବିଦେଶୀ ନିବେଶକ ପୁଞ୍ଜିବଜାରରୁ ମୁହଁ ମୋଡୁଛନ୍ତି। ଜୁଲାଇରେ ଏମାନେ ୧୨,୦୦୦ କୋଟି ଟଙ୍କା ପ୍ରତ୍ୟାହାର କରିଥିବା ବେଳେ ଗତ ବର୍ଷ ଅକ୍ଟୋବରରେ ୨୯,୦୦୦ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ।

## ଏଫ୍‌ଏମ୍‌ସିଜି

ଦେଶର ସର୍ବବୃହତ କଞ୍ଜ୍ୟୁମର ଗୁଡ୍ସ ନିର୍ମାତା ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ, ଆଇଟିସି, ଗୋଡରେଜ ଆଦି କମ୍ପାନୀଙ୍କ ସାମଗ୍ରୀ ବିକ୍ରି ହ୍ରାସରୁ ଏହା ସହଜେ ଅନୁମେୟ। ଗ୍ରାମାଞ୍ଚଳରେ ବିକ୍ରି ବଢ଼ାଇବାକୁ ଯାଇ ସରକାର ଖାଦ୍ୟଶସ୍ୟର ଏମ୍‌ଏସ୍‌ପି ବୃଦ୍ଧି କରିବା ସହ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କଲେ। ତାହା ମଧ୍ୟ ବ୍ୟୟ ବୃଦ୍ଧି କଲା ନାହିଁ।

## ବୃହତ୍ ଅର୍ଥନୀତି ର୍‍ୟାଙ୍କିଙ୍ଗରେ ହ୍ରାସ



ଅର୍ଥନୀତିରେ ଧିମାବସ୍ଥା ଯୋଗୁ ଭାରତ ବର୍ତ୍ତମାନ ବିଶ୍ୱର ୫ ବୃହତ ଅର୍ଥନୀତିରୁ ଖସି ୭ ସ୍ଥାନରେ ପହଞ୍ଚିଛି। ଇଂଲଣ୍ଡ ଏବଂ ଫ୍ରାନ୍ସ ଭାରତ ତୁଳନାରେ ତ୍ୱରିତ ହାରରେ ଅଭିବୃଦ୍ଧି ହାସଲ କରୁଥିବା ବିଶ୍ୱ ବ୍ୟାଙ୍କ ଏହାର ରିପୋର୍ଟରେ ଉଲ୍ଲେଖ କରିଛି।

## ରେଟିଂ କମାଇଲା କ୍ରିସିଲ୍

କ୍ରେଡିଟ୍ ରେଟିଂ ଏଜେନ୍ସି କ୍ରିସିଲ୍ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଘରୋଇ ବଜାରର ଜିଡ଼ିପି ଅଭିବୃଦ୍ଧି ଆକଳନକୁ ୨୦ ବେସିସ୍ ପଏଣ୍ଟ କମ୍ କରିଛି। ଏହି ସମୟରେ ଅଭିବୃଦ୍ଧି ୬.୯% ରହିବ ବୋଲି ଏହା ପ୍ରକାଶ କରିଛି। ଦୁର୍ବଳ ମୌସୁମୀ ଏବଂ ବିଶ୍ୱ ବଜାରର ମାନ୍ଦାବସ୍ଥା ଦ୍ୱାରା ଭାରତ ପ୍ରଭାବିତ ହେବାରୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡିଛି। କ୍ରିସିଲ୍‌ର ଉକ୍ତ ଅଭିବୃଦ୍ଧି ଅନୁମାନ ଗତ ବର୍ଷ ୬.୮%ଠାରୁ ଉନ୍ନତ ଥିବା ବେଳେ ୧୪ ବର୍ଷର ହାରାହାରି ୭% ଅଭିବୃଦ୍ଧିଠାରୁ କମ୍ ରହିଛି।

## ଆଶଙ୍କା ପ୍ରକଟ କଲା ଇକ୍ରା

ଗତ ଗୋଟିଏ ବର୍ଷ ମଧ୍ୟରେ ୧୬ ପ୍ରମୁଖ ଶୃଙ୍ଖଳାରେ ପ୍ରଭାବ ଆସିଥିବାରୁ ଏହାକୁ ନେଇ ରେଟିଂ ଏଜେନ୍ସି ଇକ୍ରା ଆଶଙ୍କା ପ୍ରକଟ କରିଛି। ଏହାର ପ୍ରମୁଖ ଅର୍ଥନୀତିଜ୍ଞ ଆଦିତି ନାୟାର କହିଛନ୍ତି, ବାର୍ଷିକ ଅଭିବୃଦ୍ଧିକୁ ଏହି କାରକ ଗୁଡିକ ପ୍ରଭାବିତ କରୁଛନ୍ତି। ଏହା ଶିଳ୍ପ ଅଭିବୃଦ୍ଧିକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରୁଥିବା ନାୟାର କହିଛନ୍ତି।

# ୫ ଲକ୍ଷ କୋଟି ଡଲାର ଅର୍ଥନୀତି: ୯% ଅଭିବୃଦ୍ଧି ଆବଶ୍ୟକ

**ନୂଆଦିଲ୍ଲୀ,୪-୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଅର୍ଥନୀତିକୁ ୫ ଲକ୍ଷ କୋଟି ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ତେବେ ଏଥିପାଇଁ କ୍ରମାଗତ ୯ ପ୍ରତିଶତ ହାରରେ ବାର୍ଷିକ ଅଭିବୃଦ୍ଧି ଆବଶ୍ୟକ ହେବ। ଏଥିସହିତ ନିବେଶର ମୋଟ ହାରକୁ ଜିଡିପିର ୩୮ ପ୍ରତିଶତରେ ପହଞ୍ଚାଇବାକୁ ପଡିବ ବୋଲି ୟର୍ନେଷ୍ଟ ଆଣ୍ଡ ୟଙ୍ଗ(ଇ ଆଣ୍ଡ ୱାଇ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି।

ଇ ଆଣ୍ଡ ୱାଇର 'ଇକୋନୋମୀ ୱାଚ୍' ରିପୋର୍ଟରେ କୁହାଯାଇଛି ଯେ, ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହେଉଥିବା ଆର୍ଥିକ ବର୍ଷରେ ଭାରତର ଅର୍ଥନୀତି ଯଦି ୭ ପ୍ରତିଶତ ଅଭିବୃଦ୍ଧି ହାସଲ କରେ, ତେବେ ଦେଶର ଅର୍ଥନୀତିର ଆକାର ୨.୭ ଲକ୍ଷ କୋଟି ଡଲାରରୁ ବୃଦ୍ଧି ପାଇ ୩ ଲକ୍ଷ କୋଟି ଡଲାରରେ ପହଞ୍ଚିଯିବ। ରିପୋର୍ଟରେ କୁହାଯାଇଛି ଯେ, ଭାରତର ଆର୍ଥିକ ଅଭିବୃଦ୍ଧି ହାର କ୍ରମାଗତ ୫ ବର୍ଷ ଧରି ୯ ପ୍ରତିଶତ ହାରରେ ବଢ଼େ, ତେବେ ୨୦୨୦-୨୧ରେ ଏହାର ଆକାର ୩.୩ ଲକ୍ଷ କୋଟି ଡଲାର, ୨୦୨୧-୨୨ରେ ଏହା ୩.୬ ଲକ୍ଷ କୋଟି ଡଲାର, ୨୦୨୨-୨୩ରେ ୪.୧ ଲକ୍ଷ କୋଟି ଡଲାର, ୨୦୨୩-୨୪ରେ ୪.୫ ଲକ୍ଷ କୋଟି ଡଲାର ଏବଂ ୨୦୨୪-୨୫ରେ ୫ ଲକ୍ଷ କୋଟି ଡଲାର ହୋଇଯିବ। ଏଥିପାଇଁ ୨୦୨୪-୨୫ ପର୍ଯ୍ୟନ୍ତ ମୁଦ୍ରାସ୍ଫୀତି ହାର ୪ ପ୍ରତିଶତ ରହିବାକୁ ହେବ। ରିପୋର୍ଟରେ କୁହାଯାଇଛି ଯେ, ୨୦୨୦-୨୧ରେ ଅଭିବୃଦ୍ଧି ହାରକୁ ୯%ରେ ପହଞ୍ଚାଇବାକୁ ହେଲେ ନିବେଶ ହାରକୁ ମୋଟ ଘରୋଇ ଉତ୍ପାଦନ(ଜିଡିପି)ର ୩୮ ପ୍ରତିଶତରେ ପହଞ୍ଚାଇବାକୁ ହେବ, ଯାହା କି ୨୦୧୮-୧୯ରେ ୩୧.୩ ପ୍ରତିଶତ ରହିଥିଲା। ଆର୍ଥିକ ବର୍ଷ ୨୦୧୮-୧୯ରେ ୩୧.୩ ପ୍ରତିଶତ ନିବେଶ ହାର ରହିଥିବା ବେଳେ ବାସ୍ତବିକ ବିକାଶ ହାର ୬.୮ ପ୍ରତିଶତ ରହିଥିଲା। ସୂଚନାଥାଉ କି, ଭାରତରେ ଏଥିପୂର୍ବରୁ ୨୦୧୧-୧୨ରେ ସର୍ବାଧିକ ନିବେଶ ହାର ୩୯.୬ ପ୍ରତିଶତ ରହିଥିଲା।

## ■ ମେକ୍ ଇନ୍ ଇଣ୍ଡିଆକୁ ପ୍ରୋତ୍ସାହନ
# ୨୫ହଜାର କୋଟିର ଟେଣ୍ଡରରେ ସଂଶୋଧନ

**ନୂଆଦିଲ୍ଲୀ,୪-୮**

ଉଦ୍ୟୋଗ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପରିଚାଳନା ବିଭାଗ(ଡିପିଆଇଆଇଟି)ର ହସ୍ତକ୍ଷେପ ପରେ କେନ୍ଦ୍ର ସରକାର ଜାରି କରିଥିବା ୨୫ ହଜାର କୋଟି ଟଙ୍କାର ଟେଣ୍ଡରକୁ ରଦ୍ଦ କରିବା ପରେ ସଂଶୋଧନ କରି ପୁନର୍ବାର ଜାରି କରିଛନ୍ତି। ମେକ୍ ଇନ୍ ଇଣ୍ଡିଆକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଜଣେ ଅଧିକାରୀ କହିଛନ୍ତି ଯେ, ଡିପିଆଇଆଇଟିର ହସ୍ତକ୍ଷେପ ପରେ ୮ ହଜାର କୋଟି ଟଙ୍କାର ଏକ ଟେଣ୍ଡରକୁ ପ୍ରତ୍ୟାହାର କରାଯାଇଥିଲା। ଏହାର ସର୍ତ୍ତରେ ପରିବର୍ତ୍ତନ କରାଯିବା ପରେ ପୁନର୍ବାର ଏହାକୁ ଲାଗୁ କରାଯାଇଛି। ୟୁରିଆ ଓ ଆମୋନିଆ ଗ୍ୟାସିଫିକେଶନ ପ୍ଲାଣ୍ଟ ନିର୍ମାଣ ନେଇ ଟେଣ୍ଡର ଦିଆଯାଇଥିଲା। ସେହିଭଳି ଟ୍ରେନ ସେଟ୍‌ର କୋଚ୍ କିଣିବା ଲାଗି ଟେଣ୍ଡର ଦିଆଯାଇଥିଲା। ଏହାର ପରିମାଣ ୫ ହଜାର କୋଟି ଟଙ୍କାର ଥିଲା।



ଭାରତ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ରେ ଆମ ଦଳ ପରିସ୍ଥିତିର ଆକଳନ କରିପାରି ନ ଥିଲା, ଯାହା ଫଳରେ ବ୍ୟାଟିଂର ବିପର୍ଯ୍ୟୟ ଘଟିଥିଲା ।–କାର୍ଲୋସ ବ୍ରାଥୱେଟ୍, ୱେଷ୍ଟଇଣ୍ଡିଜ ଅଧିନାୟକ



ଆଘାତପ୍ରାପ୍ତ ପଲ୍ ପୋଗ୍‌ବା ଆମ ଦଳ ଛାଡୁଛନ୍ତି ବୋଲି ଯାହା ଶୁଣାଯାଉଛି ତାହା ଗୁଜବ, ଆସନ୍ତା ସପ୍ତାହରେ ସେ ଦଳରେ ଯୋଗ ଦେବେ ।
–ଓଲେ ଗୁନାର ସୋଲ୍‌ସ୍କର୍, ମାଞ୍ଚେଷ୍ଟର ୟୁନାଇଟେଡ ମ୍ୟାନେଜର

## ସଂକ୍ଷେପରେ

### ଭିନେଶ ଜିତିଲେ କ୍ରମାଗତ ୩ୟ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୪।୮(ପି.ଟି.): ଦେଶର ଷ୍ଟାର ମହିଳା ରେସଲର ଭିନେଶ ଫୋଗଟ ପୋଲାଣ୍ଡର ୱାରସଠାରେ ଚାଲିଥିବା ପୋଲାଣ୍ଡ ଓପନ ରେସଲିଂ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ୫୩ କେଜି ବର୍ଗରେ ଏହା ତାଙ୍କର କ୍ରମାଗତ ତୃତୀୟ ଅନ୍ତର୍ଜାତୀୟ ସ୍ୱର୍ଣ୍ଣ। ୨୪ ବର୍ଷୀୟ କୁସ୍ତିଯୋଦ୍ଧା ୩-୨ ପଏଣ୍ଟରେ ଘରୋଇ ଯୋଦ୍ଧା ରୁକସାନାଙ୍କୁ ହରାଇ ଶୀର୍ଷ ସଫଳତା ପାଇଛନ୍ତି। ଏହି ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ସେ ରିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ସ୍ୱିଡେନର ସୋଫିଆ ମାଟ୍ଟସନଙ୍କୁ ହରାଇଥିଲେ। ଏହି ଇଭେଣ୍ଟ ପୂର୍ବରୁ ଭିନେଶ ଗ୍ରାଁ ପି ଅଫ୍ ସ୍ପେନ ଓ ଇସ୍ତାନବୁଲଠାରେ ୟାସାର ଡୋଗୁ ଇଣ୍ଟରନ୍ୟାଶନାଲ ଇଭେଣ୍ଟ ଜିତିଥିଲେ।

### ଇଂଲଣ୍ଡକୁ ହରାଇଲା ଭାରତ

ଚେମ୍ସଫୋର୍ଡ (ଇଂଲଣ୍ଡ) , ୪।୮: ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ତ୍ରିରାଷ୍ଟ୍ରୀୟ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତୀୟ ଦଳ ୧ ଉଇକେଟରେ ଇଂଲଣ୍ଡ ଦଳକୁ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ୪୯.୫ ଓଭରରେ ୨୦୪ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଭାରତ ୩୬.୩ ଓଭରରେ ୯ ଉଇକେଟ ବିନିମୟରେ ୨୦୫ ରନ କରି ମ୍ୟାଚ ଜିତି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

୧୯ ବର୍ଷରୁ କମ୍ ଇଂଲଣ୍ଡ ଦଳ: ୪୯.୫ ଓଭରରେ ୨୦୪/ଅଲଆଉଟ ( ଜର୍ଜ ହିଲ୍-୪୬, ନିକ୍ କିମ୍ବର-୩୭, ପୂର୍ଣ୍ଣକ ତ୍ୟାଗି-୫/୩୩, ସୁଶାନ୍ତ ମିଶ୍ର-୩/୩୮)।
୧୯ ବର୍ଷରୁ କମ୍ ଭାରତୀୟ ଦଳ: ୩୬.୩ ଓଭରରେ ୨୦୫/୯ (ଯଶସ୍ୱୀ ଜଇସ୍ୱାଲ-୭୮ ଦିବ୍ୟାଂଶ ସାକ୍‌ସେନା-୩୩, ହାମିଦୁଲ୍ଲା କାଦ୍ରି-୫/୬୧, ଜର୍ଜ ବଲ୍‌ଡରସନ-୨/୨୬, ନିକ୍ କିମ୍ବର-୨/୪୮)।

### ୱାଶିଂଟନ ଓପନ୍ ଫାଇନାଲରେ କିର୍ଗିଓସ୍



ୱାଶିଂଟନ,୪।୮(ଏଏଫ୍‌ପି): ଏଠାରେ ଚାଲିଥିବା ଏଟିପି ୱାଶିଂଟନ ଓପନ୍ ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆର ନିକ୍ କିର୍ଗିଓସ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ କିର୍ଗିଓସ ଟପ୍ ସିଡ୍ ଗ୍ରୀସ୍‌ର ଷ୍ଟିଫାନସ୍ ଟିସିତ୍‌ସିପାସ୍‌ଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୫୨ତମ ସ୍ଥାନରେ ଥିବା କିର୍ଗିୟସ ୬-୪, ୩-୬, ୭-୬ ସେଟ୍‌ରେ ଟିସିତ୍‌ସିପାସ୍‌ଙ୍କୁ ହରାଇ ଟାଇଟଲ ମୁକାବିଲା ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରଥମ ସେଟ୍‌ରେ କିର୍ଗିଓସ ବିଜୟୀ ହୋଇଥିଲେ ମଧ ଦ୍ୱିତୀୟ ସେଟ୍‌ରେ ପରାସ୍ତ ହୋଇଥିଲେ। ତେବେ ତୃତୀୟ ସେଟ୍ ଜିତିବାକୁ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡ଼ିଥିଲା। ଫାଇନାଲରେ ସେ ଦଶମ ର୍‍ୟାଙ୍କିଙ୍ଗ ଖେଳାଳି ରୁଷିଆର ଡାନିଲ ମେଦ୍‌ଭେଦେଭ୍‌ଙ୍କୁ ଭେଟିବେ। ମେଦ୍‌ଭେଦେଭ୍ ଅନ୍ୟ ଏକ ସେମିଫାଇନାଲ ମ୍ୟାଚ୍‌ରେ ଜର୍ମାନୀର ପିଟର ଗୋଜୋସିକଙ୍କୁ ୬-୨, ୬-୨ ସେଟ୍‌ରେ ହରାଇ ଫାଇନାଲକୁ ଉଠିଛନ୍ତି। ୨୪ ବର୍ଷୀୟ କିର୍ଗିଓସ ଚଳିତବର୍ଷ ରୋମ୍‌ରେ ମେଦ୍‌ଭେଦେଭ୍‌ଙ୍କୁ ପରାସ୍ତ କରିଥିଲେ। ଟାଇଟଲ ଜିତିଲେ କିର୍ଗିଓସ ୩୬୫, ୩୯୦ ଆମେରିକୀୟ ଡଲାର ପୁରସ୍କାର ରାଶି ହାସଲ କରିବେ। ନିଜ ପ୍ରଦର୍ଶନରେ କିର୍ଗିଓସ୍ ବେଶ୍ ଖୁସି ଜାହିର କରିଛନ୍ତି। ଚଳିତ ସପ୍ତାହରେ କ୍ୟାରିୟରରେ ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଥିବା ସେ କହିଛନ୍ତି।

### କ୍ରିକେଟ ଭାଷ୍ୟକାର ଅନନ୍ତ ସେଟଲ୍‌ଭାଡଙ୍କ ମୃତ୍ୟୁ

ମୁମ୍ବାଇ,୪।୮(ପି.ଟି.): ଇଂଲିଶ ଭାଷାରେ ଦକ୍ଷ କ୍ରିକେଟ ଭାଷ୍ୟକାର ଅନନ୍ତ ସେଟଲ୍‌ଭାଡଙ୍କ ଶନିବାର ରାତିରେ ମୃତ୍ୟୁ ଘଟିଛି। କ୍ରିକେଟ କ୍ଲବ ଅଫ୍ ଇଣ୍ଡିଆର ଦୀର୍ଘ ଦିନ ଧରି ସେ ସଦସ୍ୟ ଥିଲେ। ସେଟଲ୍‌ଭାଡ ପୂର୍ବତନ ଟେଷ୍ଟ ଓପନର ଓ ପୂର୍ବତନ ମୁଖ୍ୟ ଚୟନକର୍ତ୍ତା ବିଜୟ ମର୍ଚାଣ୍ଟଙ୍କ ସହ ଅଲ ଇଣ୍ଡିଆ ରେଡିଓରେ କମେଣ୍ଟ୍ରି କରିଥିଲେ। ପୂର୍ବତନ ମୁମ୍ବାଇ ସ୍ପିନର ମିଲିନ୍ଦ ରେଗେ କହିଛନ୍ତି, ସେଟଲ୍‌ଭାଡ କ୍ଲବ ସ୍ତରୀୟ କ୍ରିକେଟ ଖେଳିବା ସହ କ୍ଲବର ସମ୍ପାଦକ ଥିଲେ।

# ସ୍ମିଥ, ୱାଡେଙ୍କ ଶତକରେ ଅଷ୍ଟ୍ରେଲିଆ ଦୃଢ଼



ଶତକ ହାସଲ ପରେ ଷ୍ଟିଭ୍ ସ୍ମିଥ୍ ।

**ବର୍ମିଂହାମ, ୪।୮**

ଷ୍ଟିଭ୍ ସ୍ମିଥ ଓ ମାଥ୍ୟୁ ୱାଡେଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଆଶେସ କ୍ରିକେଟ ଟେଷ୍ଟରେ ନିଜ ସ୍ଥିତିକୁ ସୁଦୃଢ଼ କରିଛି। ରବିବାର ଅଷ୍ଟ୍ରେଲିଆ ଏହାର ଦ୍ୱିତୀୟ ଇନିଂସକୁ ୪୮୭/୭ରେ ଘୋଷଣା କରିଛି। ଫଳରେ ଇଂଲଣ୍ଡ ସମ୍ମୁଖରେ ୩୯୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ୪ର୍ଥ ଦିବସ ଖେଳ ଶେଷ ବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ କୌଣସି ଉଇକେଟ ନ ହରାଇ ୧୩ ରନ କରିଛି। ଫଳରେ ହାତରେ ପୂରା ୧୦ ଉଇକେଟ ଥାଇ ଇଂଲଣ୍ଡ ଆଉ ୩୮୫ ରନ ଆବଶ୍ୟକ କରୁଛି। ସୋମବାର ମ୍ୟାଚର ଅନ୍ତିମ ଦିବସ।

ତୃତୀୟ ଦିବସର ଅସମାପ୍ତ ସ୍କୋର ୧୨୪/୩ରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ସେତେବେଳେ କ୍ରିଜରେ ଥିବା ଦୁଇ ବ୍ୟାଟ୍ସମ୍ୟାନ ସ୍ମିଥ ଓ ଟ୍ରାଭିସ ହେଡ୍ ସତର୍କତାର ସହିତ ବ୍ୟାଟିଂ କରି ଦଳୀୟ ଇନିଂସକୁ ଆଗେଇ ନେଇଥିଲେ। ୪ର୍ଥ ଉଇକେଟରେ ୧୩୦ ରନ ଯୋଗ ହେବାପରେ ହେଡ୍ ଅର୍ଦ୍ଧଶତକ(୫୧ ରନ, ୧୧୬ ବଲ, ୭ ଚୌକା) ପୂରଣ କରି ଆଉଟ ହୋଇଥିଲେ। ସ୍ମିଥଙ୍କ ଚମତ୍କାର ଫର୍ମ କିନ୍ତୁ ଅବ୍ୟାହତ ରହିଥିଲା। ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ ମାଥ୍ୟୁ ୱାଡେ। ଉଭୟଙ୍କ ମଧ୍ୟରେ ଶତକୀୟ ଭାଗୀଦାରି ଅବସରରେ ସ୍ମିଥ

## ଇଂଲଣ୍ଡ ସମ୍ମୁଖରେ ୩୯୮ ବିଜୟ ଲକ୍ଷ୍ୟ

ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ମଧ ଶତକ ଅର୍ଜନ କରିଥିଲେ। ଆଶେସରେ ଏହାଥିଲା ତାଙ୍କର ୧୦ମ ଏବଂ ଓଭରଅଲ୍ ୨୫ତମ ଶତକ। ଶତକ ହାସଲ ପରେ ବଡ଼ ଶଟ୍ ଖେଳି ଆଗକୁ ବଢ଼ିଥିଲେ ସ୍ମିଥ। ତେବେ ୱାଡେଙ୍କ ସହ ୫ମ ଉଇକେଟ ଯୋଡ଼ିରେ ୧୨୬ ରନ ଯୋଗ ହେବାପରେ ସେ ବ୍ୟକ୍ତିଗତ ୧୪୨(୨୦୭ ବଲ, ୧୪ ଚୌକା) ରନ କରି ଆଉଟ ହୋଇ ଯାଇଥିଲେ। ଇନିଂସର ୮୫.୧ ଓଭରରେ ଇଂଲଣ୍ଡ ପାଇଁ ଏହି ବଡ଼ ସଫଳତା ଆଣିଥିଲେ କ୍ରିସ୍ ୱୋକ୍ସ। ଚା' ବିରତି ବେଳକୁ ଅଷ୍ଟ୍ରେଲିଆ ସ୍କୋର ୩୫୬/୫ ହୋଇଥିଲା। ପରେ ୱାଡେ ଶତକ ଆଡ଼କୁ ମୁହାଁଇଥିବାବେଳେ ଅନ୍ୟପଟରେ ଆତ୍ମବିଶ୍ୱାସର ସହିତ ଖେଳିଥିଲେ ଅଧିନାୟକ ଟିମ୍ ପେନ୍। ୧୩୧ ବଲ୍‌ରୁ ୧୫ ଚୌକା ସହାୟତାରେ ଶତକ ପୂରଣ କରିଥିଲେ ୱାଡେ। ଏହାଥିଲା ତାଙ୍କ ଟେଷ୍ଟ କ୍ୟାରିୟରର ୩ୟ ଶତକ। ୱାଡେ ୧୭୩ ବଲ୍‌ରୁ ୧୭ ଚୌକା ସହାୟତାରେ ୧୧୦ ଓ ପେନ୍ ୪୪ ବଲ୍‌ରୁ ୩୪(୨ ଚୌକା, ୧ ଛକା) ରନ କରି ଆଉଟ ହୋଇଥିବାବେଳେ ଜେମ୍ସ ପ୍ୟାଟିନସନ(୪୭) ଓ ପ୍ୟାଟ୍ କୁମିନ୍ସ(୨୬) ଅପରାଜିତ ରହି ଅଷ୍ଟ୍ରେଲିଆ ସ୍କୋରକୁ ୪୮୭ରେ ପହଞ୍ଚାଇବାପରେ ଅଧିନାୟକ ଇନିଂସ ଘୋଷଣା କରିଥିଲେ। ଅସମାପ୍ତ ୮ମ ଉଇକେଟରେ ଏ ଦୁହେଁ ୭୮ ରନର ଭାଗୀଦାରି ଗଢ଼ିଥିଲେ। ଇଂଲଣ୍ଡ ପକ୍ଷରୁ ବେନ୍ ଷ୍ଟୋକ୍ସ ୩ଟି, ମୋଇନ ଅଲୀ ୨ଟି ଏବଂ ଷ୍ଟୁଆର୍ଟ ବ୍ରଡ୍ ଓ କ୍ରିସ୍ ୱୋକ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ରେକର୍ଡ ବୁକ୍‌ରେ ସ୍ମିଥ

ଆଶେସ ସିରିଜର ଉଭୟ ଇନିଂସରେ ଶତକ ହାସଲ କରିବାରେ ସ୍ମିଥ ହେଉଛନ୍ତି ୮ମ କ୍ରିକେଟର। ୧୯୦୯ରେ ଅଷ୍ଟ୍ରେଲିଆର ୱାରେନ ବାର୍ଡସ୍ଲେ ପ୍ରଥମ କ୍ରିକେଟରଭାବେ ଏହି ସଫଳତା ପାଇଥିଲେ। କମ୍ ଇନିଂସରେ ଅତିକମ୍‌ରେ ୨୫ ଟେଷ୍ଟ ଶତକ ହାସଲ କରିବାରେ ସ୍ମିଥ ବିଶ୍ୱର ଦ୍ୱିତୀୟ ବ୍ୟାଟ୍ସମ୍ୟାନ ହୋଇ ଯାଇଛନ୍ତି। ସେ ୧୧୯ ଇନିଂସରେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ଏ କ୍ଷେତ୍ରରେ ସେ ଭାରତର ବିରାଟ କୋହଲି(୧୨୭ ଇନିଂସ)ଙ୍କୁ ପଛରେ ପକାଇ ଦେଇଛନ୍ତି। ଆଶେସରେ ସର୍ବାଧିକ ଶତକ ହାସଲ ତାଲିକାର ତୃତୀୟ ସ୍ଥାନରେ ପହଞ୍ଚି ଯାଇଛନ୍ତି ଏହି ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ। ଡନ୍ ବ୍ରାଡ୍‌ମ୍ୟାନ ସର୍ବାଧିକ ୧୯ ଓ ଜ୍ୟାକ୍ ହବ୍ସ ୧୨ ଶତକ ସହ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଷ୍ଟିଭ୍ ୱ୍ ଏବଂ ସ୍ମିଥ ୧୦ଟି ଲେଖାଏ ଶତକ ଅର୍ଜନ କରି ଯୁଗ୍ମଭାବେ ତୃତୀୟ ସ୍ଥାନରେ ରହିଛନ୍ତି।

### କମ୍ ଇନିଂସରେ ୨୫ ଟେଷ୍ଟ ଶତକ

୬୮: ଡନ୍ ବ୍ରାଡ୍‌ମ୍ୟାନ
୧୧୯: ଷ୍ଟିଭ୍ ସ୍ମିଥ
୧୨୭: ବିରାଟ କୋହଲି
୧୩୦: ସଚିନ ତେନ୍ଦୁଲକର
୧୩୮: ସୁନୀଲ ଗାଭାସ୍କର
୧୩୯: ମାଥ୍ୟୁ ହେଡେନ
୧୪୭: ଗ୍ୟାରୀ ସୋବର୍ସ

### ସଂକ୍ଷିପ୍ତ ସ୍କୋର

- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୮୪।
- ଇଂଲଣ୍ଡ ପ୍ରଥମ ଇନିଂସ: ୩୭୪।
- ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୪୮୭/୭/ଘୋଷଣା (ଷ୍ଟିଭ୍ ସ୍ମିଥ-୧୪୨, ୱାଡେ-୧୧୦, ଟ୍ରାଭିସ ହେଡ୍-୫୧, ଜେମ୍ସ ପ୍ୟାଟିନସନ-୪୭*, ଉସମାନ ଖ୍ୱାଜା-୪୦, ଟିମ୍ ପେନ୍-୩୪, ବେନ୍ ଷ୍ଟୋକ୍ସ-୩/୮୫, ମୋଇନ ଅଲୀ-୨/୧୩୦, ଷ୍ଟୁଆର୍ଟ ବ୍ରଡ୍-୧/୯୧, କ୍ରିସ୍ ୱୋକ୍ସ-୧/୪୬)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୩/୦(ରୋରି ବର୍ନ୍ସ-୭*, ଜାସନ ରୟ-୬*)।

### ଆଶେସର ଉଭୟ ଇନିଂସରେ ଶତକ

ୱାରେନ ବାର୍ଡସ୍ଲେ-୧୯୦୯
ହର୍ବର୍ଟ ସୁଟକ୍ଲିଫ-୧୯୨୫
ୱାଲି ହାମଣ୍ଡ-୧୯୨୯
ଡେନିସ କମ୍ପଟନ-୧୯୪୭
ଆର୍ଥର ମୋରିସ-୧୯୪୭
ଷ୍ଟିଭ ୱ୍-୧୯୯୭
ମାଥ୍ୟୁ ହେଡେନ-୨୦୦୨
ଷ୍ଟିଭ ସ୍ମିଥ-୨୦୧୯

### ସର୍ବାଧିକ ଶତକ

୧୯: ଡନ୍ ବ୍ରାଡ୍‌ମ୍ୟାନ
୧୨: ଜ୍ୟାକ୍ ହବ୍ସ
୧୦: ଷ୍ଟିଭ ୱ୍, ଷ୍ଟିଭ୍ ସ୍ମିଥ*
୯: ୱାଲି ହାମଣ୍ଡ, ଡେଭିଡ ଗାୱାର



ଶତକୀୟ ଇନିଂସ ଅବସରରେ ମାଥ୍ୟୁ ୱାଡେ।

# ହାମିଲଟନ ଜିତିଲେ ହଙ୍ଗେରିଆନ ଗ୍ରାଁ ପ୍ରି

**ହଙ୍ଗାରୋରିଂ (ହଙ୍ଗେରୀ), ୪।୮**

ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ହଙ୍ଗେରିଆନ ଫର୍ମୁଲା ୱାନ କାର୍ ରେସ୍ ଜିତିଛନ୍ତି। ରବିବାର ତୃତୀୟରୁ ଆରମ୍ଭ କରିଥିବା ହାମିଲଟନଙ୍କ ଏହା ହେଉଛି କ୍ୟାରିୟରର ୮୧ତମ ଏବଂ ସିଜନର ୮ମ ଟାଇଟଲ। ମାଇକେଲ ସୁମାକରଙ୍କ ସର୍ବକାଳୀନ କ୍ୟାରିୟର ରେକର୍ଡ ୯୧ ଟାଇଟଲର କ୍ରମେ ନିକଟତର ହେଉଛନ୍ତି। ହଙ୍ଗେରୀରେ ହାମିଲଟନଙ୍କ ଏହା ୭ମ ବିଜୟ ହୋଇଥିବାବେଳେ ସୁମାକର ଏଠାରେ ୪ଥର ଟାଇଟଲ ଜିତିବାରେ ସମର୍ଥ ହୋଇଥିଲେ। ରବିବାର ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ଲାଗି ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଓ ହାମିଲଟନଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଶନିବାର କ୍ୱାଲିଫାଇଙ୍ଗ ରେସ୍‌ରେ ପୋଲ ପୋଜିଶନ ହାସଲ କରିଥିବା ଭର୍ଷ୍ଟାପେନ୍ ଶେଷରେ ମର୍ସିଡିଜ ଡ୍ରାଇଭରଙ୍କଠାରୁ ୧୭.୭ ସେକେଣ୍ଡ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେବାଷ୍ଟିଆନ ଭେଟେଲ ତାଙ୍କ ଫେରାରି ଟିମ୍‌ମେଟ୍ ଚାର୍ଲସ ଲେକ୍‌ରେକଙ୍କଠାରୁ ଆଗରେ ତୃତୀୟ ହୋଇଥିଲେ। ତେବେ ରେସ୍ ବିଜେତାଙ୍କଠାରୁ ତାଙ୍କ ଟାଇମିଂ ବ୍ୟବଧାନ ୬୧.୪ ସେକେଣ୍ଡ ରହିଥିଲା। ଟପ୍ ୧୦ରେ ୫ମ ରୁ ୧୦ମ ସ୍ଥାନ ଅଧିକାର କରିଥିବା ଅନ୍ୟ ଡ୍ରାଇଭରମାନେ ଯଥାକ୍ରମେ ହେଲେ କାର୍ଲୋସ ସେଞ୍ଜ୍ ଜୁନିୟର (ମ୍ୟାକଲରେନ), ପିଏରେ ଗାସ୍‌ଲି (ରେଡ୍‌ବୁଲ), କିମି ରାଇକୋନେନ (ଆଲ୍‌ଫା ରୋମିଓ), ଭାଲଟେରୀ ବୋଟାସ (ମର୍ସିଡିଜ), ଲାଣ୍ଡୋ ନୋରିସ (ମ୍ୟାକଲରେନ) ଏବଂ ଆଲେଜାଣ୍ଡର ଆଲ୍‌ବନ (ଟୋରୋ ରୋସୋ)।



# କୋକୋ ଗଫ୍‌ଙ୍କୁ ପ୍ରଥମ ଡବ୍ଲ୍ୟୁଟିଏ ଟ୍ରଫି

**ୱାଶିଂଟନ, ୪।୮**

ଚଳିତ ୱାଶିଂଟନ ଓପନ୍ ଟେନିସ ମହିଳା ଡବଲ୍ସରେ ଆମେରିକାର ସ୍ୱଳ୍ପବୟସ୍କା କୋକୋ ଗଫ୍ ତାଙ୍କ ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଛନ୍ତି। ୱିମ୍ବଲଡନରେ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଏହି ୧୫ ବର୍ଷୀୟା ଖେଳାଳି ନିଜ ଦେଶର ୧୭ ବର୍ଷୀୟା କ୍ୟାଥରିନ୍ ମ୍ୟାକ୍‌ନାଲିଙ୍କୁ ସାଥୀ କରି ଏହି ସଫଳତା ପାଇଛନ୍ତି। ଏହି ଆମେରିକୀୟ ଯୋଡ଼ି ଫାଇନାଲରେ ହଙ୍ଗେରୀର ଫ୍ୟାନି ଷ୍ଟୋଲାର ଏବଂ ଆମେରିକାନ୍ ମାରିଆ ସାଞ୍ଚେଜଙ୍କୁ ୬–୨, ୬–୨ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୬୫ମିନିଟ ଧରି ଚାଲିଥିଲା। ୱିମ୍ବଲଡନ ପରେ କୌଣସି ଟୁର୍ନାମେଣ୍ଟର ମୁଖ୍ୟ ଡ୍ର'ରେ ସ୍ଥାନ ପାଇବା ଗଫ୍‌ଙ୍କ ପାଇଁ ଏହା ପ୍ରଥମ। ୱିମ୍ବଲଡନ ଓପନ ଟେନିସ ଟୁର୍ନାମେଣ୍ଟରେ ଗଫ୍ ଭେନସ ୱିଲିୟମ୍ସଙ୍କ ଭଳି ଖେଳାଳିଙ୍କୁ ପରାସ୍ତ କରିପାରିଥିଲେ। ୱାଶିଂଟନ ଓପନ୍‌ରେ ସେ ସିଙ୍ଗଲ୍ସ ବିଭାଗରେ ମଧ ଅଂଶଗ୍ରହଣ କରିଥିଲେ। ମାତ୍ର ସେ ପ୍ରଥମ ରାଉଣ୍ଡରେ କାଜାଖସ୍ତାନର ଜାରିନା ଦିୟାସଙ୍କଠାରୁ ହାରିଯାଇଥିଲେ। ମାତ୍ର ମ୍ୟାକନାଲି ସିଙ୍ଗଲ୍ସରେ ସେମିଫାଇନାଲ ପର୍ଯ୍ୟନ୍ତ ଉଠି ପାରିଥିଲେ। କିନ୍ତୁ ସେ ଏହି ପର୍ଯ୍ୟାୟରେ ଇଟାଲୀର କାମିଲା ଗିଓର୍ଗିଙ୍କ ନିକଟରୁ ୭–୬ (୭–୬), ୬–୨ ସେଟ୍‌ରେ ପରାଜିତ ହୋଇଯାଇଥିଲେ।



ଟ୍ରଫି ସହ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀ ।

■ ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ

# ସାତ୍ୱିକ୍–ଚିରାଗଙ୍କୁ ରେକର୍ଡ ଟାଇଟଲ

**ବ୍ୟାଙ୍କକ୍,୪।୮**

ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀ ଡବଲ୍ସ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ପ୍ରଥମ ଭାରତୀୟ ଯୋଡି ଭାବେ ଏହି ଦୁଇ ଖେଳାଳି ଏକ ବିଡବ୍ଲ୍ୟୁଏଫ୍ ସୁପର ୫୦୦ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଏହି ଦୁଇ ଭାରତୀୟ ଖେଳାଳି ୨୧–୧୯, ୧୮–୨୧, ୨୧– ୧୮ରେ ତୃତୀୟ ସିଡ୍ ଚାଇନାର ଲି ଜୁନ ହୁଇ– ଲିୟୁ ୟୁ ଚେନ୍‌ଙ୍କୁ ପରାସ୍ତ କରି ଚାମ୍ପିୟନ ହେବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲ ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମ ଗେମ୍‌ରେ ଜିତିବା ପରେ ସାତ୍ୱିକ ଓ ଚିରାଗ ଦ୍ୱିତୀୟ ସେଟରେ ପରାସ୍ତ ହୋଇଥିଲେ। ତେବେ ତୃତୀୟ ସେଟ୍‌ରେ କୌଣସି ତ୍ରୁଟି ନ କରି ଏହି ଯୋଡି ବିଜୟୀ ହେବା ସହ ମ୍ୟାଚ୍ ହାତେଇ ନେଇଥିଲେ। ବିଜୟୀ ହେବା ପାଇଁ ଏହି ଯୋଡି ଏକ ଘଣ୍ଟା ୨ ମିନିଟ ସମୟ ଆବଶ୍ୟକ କରିଥିଲେ। ଚଳିତ ସେସନରେ ଏମାନଙ୍କ ପାଇଁ ଏହା ପ୍ରଥମ ଫାଇନାଲ ମ୍ୟାଚ୍ ଥିଲା। ଉଲ୍ଲେଖଥାଉ କି, ବିଶ୍ୱର ୧୬ ନମ୍ବର ଯୋଡି ସାତ୍ୱିକ ଓ ଶେଟ୍ଟୀ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପୁରୁଷ ଡବଲ୍ସ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥିଲେ। ଶନିବାର ଏହି ଯୋଡି ସେମିଫାଇନାଲରେ ଦକ୍ଷିଣ କୋରିଆର ପୂର୍ବତନ ବିଶ୍ୱ ଚାମ୍ପିୟନ କୋ ସଙ୍ଗ ହ୍ୟୁନ ଓ ଶିନ ବାଏକ ଚେଓଲଙ୍କୁ ୨୨–୨୦, ୨୨–୨୪, ୨୧–୯ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

■ କୋଟିଫ୍ କପ୍ ମହିଳା ଫୁଟବଲ

# ବଲିଭିଆକୁ ହରାଇଲା ଭାରତ

**ନୂଆଦିଲ୍ଲୀ,୪।୮(ପି.ଟି.)**

ସ୍ପେନ୍‌ରେ ଚାଲିଥିବା କୋଟିଫ୍ କପ୍ ଫୁଟବଲ୍ ଟୁର୍ନାମେଣ୍ଟରେ ଭାରତୀୟ ମହିଳା ଫୁଟବଲ ଦଳ ଏକ ବଡ଼ ବିପର୍ଯ୍ୟୟ ଘଟାଇଛି। ଭାରତ ୩–୧ ଗୋଲ୍‌ରେ ଶକ୍ତିଶାଳୀ ବଲିଭିଆକୁ ହରାଇଛି। ଭାରତ ତରଫରୁ ରତ୍ନବାଳା ଦେବୀ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ବାଲା ଦେବୀ ଗୋଟିଏ ଗୋଲ ଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଭାରତ ସ୍ପାନିଶ କ୍ଲବ ଭିଲେରିଏଲ ସିଏଫ୍‌ଠାରୁ ପରାସ୍ତ ହୋଇଥିଲା। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ଭାରତର ସୁଇଟି ଦେବୀ ନିଜ ଗୋଲ ପୋଷ୍ଟକୁ ବଲ୍ ମାରି ଆତ୍ମଘାତୀ ଗୋଲ ଦେବା ଫଳରେ ବଲଭିଆ ୧–୦ରେ ଅଗ୍ରଣୀ ହାସଲ କରିଥିଲା। ତେବେ ଏହା ପରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲା। ପଞ୍ଚମ ମିନିଟ୍‌ରେ ବାଲା ଦେବୀ ଗୋଲ ଦେଇଥିଲେ। ଏହାପରେ ୩୬ତମ ମିନିଟ୍‌ରେ ରତ୍ନବାଳା ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଏହାର କିଛି ସମୟ ପରେ ରତ୍ନବାଳା ଦେବୀ ଦ୍ୱିତୀୟ ଗୋଲ ସ୍କୋର କରି ଭାରତକୁ ୩–୧ରେ ଅଗ୍ରଣୀ କରାଇଥିଲେ। ତେବେ ଏହାପରେ ଗୋଲ ନ ହେବାରୁ ଭାରତ ବିଜୟୀ ହୋଇଥିଲା।

ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ରେ ମୋତେ ଭାରତୀୟ ଦଳରେ ସ୍ଥାନ ମିଳିବ, ଏହା ମୋ କଳ୍ପନା ବାହାରେ ଥିଲା। –ନବଦୀପ ସଇନି, ଭାରତୀୟ ପେସ୍ ବୋଲର



ନବଦୀପ ସଇନିଙ୍କ ଭଳି ଯୁବ ଖେଳାଳି ଯେତେବେଳେ ଜାତୀୟ ଦଳକୁ ଆସନ୍ତି ସେମାନଙ୍କୁ ଦିଗଦର୍ଶନ ଦେବାଲାଗି ମୁଁ ସବୁବେଳେ ପ୍ରସ୍ତୁତ। –ଭୁବନେଶ୍ୱର କୁମାର, ପେସ୍ ବୋଲର



# ଭାରତ ସିରିଜ ବିଜୟୀ

**ଲଡରହିଲ, ୪।୮**

ରବିବାର ଏଠାରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତ ୨୨ ରନରେ ୱେଷ୍ଟଇଣ୍ଡିଜକୁ ହରାଇ ଦେଇଛି। ଏଥିସହ ଭାରତ ୨–୦ରେ ଅଗ୍ରଣୀ ରହି ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତି ନେଇଛି। ଭାରତ ପକ୍ଷରୁ ଧାର୍ଯ୍ୟ ୧୬୮ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ୱେଷ୍ଟଇଣ୍ଡିଜ ୧୫.୩ ଓଭରରେ ୪ ଉଇକେଟ ହରାଇ ୯୮ ରନ କରିଥିବାବେଳେ ବର୍ଷା ହୋଇଥିଲା। ଖେଳ ଆଉ ସମ୍ଭବ ନ ହେବାରୁ ଡକୱର୍ଥ ଲିୱିସ ନିୟମ ଅନୁସାରେ ଭାରତକୁ ବିଜୟୀ ଘୋଷଣା କରାଯାଇଥିଲା।

V-GUARD
High-pressure pumps for low-stress water solutions.
Pump
Contact : 9937038335

ୱେଷ୍ଟଇଣ୍ଡିଜ ୮ ରନରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇଭିନ ଲିୱିସ ଖାତା ଖୋଲିବା ପୂର୍ବରୁ ଭୁବନେଶ୍ୱର କୁମାରଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇଥିବାବେଳେ ସୁନୀଲ ନାରିନ ମାତ୍ର ୪ ରନ କରି ୱାଶିଂଟନ ସୁନ୍ଦରଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ନିକୋଲାସ ପୁରନ ଓ ରୋଭମାନ ପଓ୍ୱେଲ ୩ୟ ଉଇକେଟ ଯୋଡ଼ିରେ ୭୬ ରନ ଯୋଗ କରି ୱେଷ୍ଟଇଣ୍ଡିଜ ପାଇଁ ଆଶା ସୃଷ୍ଟି କରିଥିଲେ। ମାତ୍ର ୧୪ତମ ଓଭରର ଦ୍ୱିତୀୟ ବଲ୍‌ରେ ପୁରନଙ୍କୁ ଆଉଟ କରି କ୍ରୁନାଲ ପାଣ୍ଡ୍ୟା ଯୋଡ଼ି ଭାଙ୍ଗି ଦେଇଥିଲେ। ପୁରନ ୧୯ ରନ କରିବାକୁ ସକ୍ଷମ ହୋଇଥିଲେ। ଆକ୍ରମଣାତ୍ମକ ଖେଳିଥିବା ପୁରନ ୩୪ ବଲ୍‌ରୁ ୫୪ (୬ ଚୌକା, ୩ ଛକା)ରନ କରିଥିବାବେଳେ କ୍ରୁନାଲଙ୍କ ଦ୍ୱାରା ଏଲବିଡବଲ୍ୟୁ ହୋଇଥିଲେ। ପୁରନ ଡିଆରଏସର ସହାୟତା ନେଇଥିଲେ ହେଁ ତାହା ବେକାର ଯାଇଥିଲା। ୱେଷ୍ଟଇଣ୍ଡିଜ ୧୫.୩ ଓଭରରେ ୪ ଉଇକେଟ ହରାଇ ୯୮ ରନ କରିଥିବାବେଳେ ବର୍ଷା ଆରମ୍ଭ ହୋଇଥିଲା। ଭାରତ ପକ୍ଷରୁ କ୍ରୁନାଲ ୨ଟି ଏବଂ ୱାଶିଂଟନ ସୁନ୍ଦର ଓ ଭୁବନେଶ୍ୱର କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ବଡ ଶଟ୍ ଖେଳୁଛନ୍ତି ରୋହିତ ଶର୍ମା ।

**ଟି୨୦ରେ ସର୍ବାଧିକ ଛକା**

୧୦୭: ରୋହିତ ଶର୍ମା
୧୦୫: କ୍ରିସ୍ ଗେଲ୍
୧୦୩: ମାର୍ଟିନ ଗୁପଟିଲ
୯୨: କଲିନ ମୁନ୍‌ରୋ
୯୧: ବ୍ରେଣ୍ଡନ ମ୍ୟାକକୁଲମ

## ରୋହିତଙ୍କ ଛକା ରେକର୍ଡ

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଭାରତ। ପିଚ୍‌ରୁ ଫାଇଦା ଉଠାଇ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲେ ଓପନର ରୋହିତ ଶର୍ମା। ଏକ ଚୌକା ସହ ଭାରତ ଇନିଂସ ଆରମ୍ଭ କରିଥିବା ରୋହିତ ସମ୍ପୂର୍ଣ୍ଣ ଷ୍ଟାଇଲରେ ହାସଲ କରିଥିଲେ କ୍ୟାରିୟରର ୧୭ତମ ଟି୨୦ ଅର୍ଦ୍ଧଶତକ। ଏହି ଅବସରରେ ସେ ଟି୨୦ ଅନ୍ତର୍ଜାତୀୟରେ ସର୍ବାଧିକ ଛକା ମାରିବା ରେକର୍ଡର ଅଧିକାରୀ ମଧ୍ୟ ହୋଇଥିଲେ। ଏ କ୍ଷେତ୍ରରେ ସେ ୱେଷ୍ଟଇଣ୍ଡିଜର ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍‌ଙ୍କୁ ପଛରେ ପକାଇ ଦେଇଥିଲେ। ଗେଲ୍ ୧୦୫ ଛକା ମାରିଥିବାବେଳେ ରୋହିତ ଏଠାରେ ନିଜର ଛକା ସଂଖ୍ୟାକୁ ୧୦୭ରେ ପହଞ୍ଚାଇ ଦେଇଥିଲେ। ଓପନିଂ ଯୋଡ଼ିରେ ୪୭ ବଲ୍‌ରୁ ୬୭ ରନ ଯୋଗ ହେବାପରେ ଅନ୍ୟତମ ଓପନର ଶିଖର ଧାୱନ ବ୍ୟକ୍ତିଗତ ୨୩(୧୬ ବଲ, ୩ ଚୌକା) ରନ କରି ଆଉଟ ହୋଇଥିଲେ। ୪୦ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିବା ରୋହିତ ୫୧ ବଲ୍‌ରୁ ୬ ଚୌକା ଓ ୩ ଛକା ସହାୟତାରେ ୬୭ ରନ କରି ପ୍ୟାଭିଲିୟନ ଫେରିଥିଲେ। ରୋହିତଙ୍କ ପ୍ରାଇଜ୍ ଉଇକେଟ ହାସଲ କରିଥିଲେ ଦ୍ରୁତ ବୋଲର ଓଶାନେ ଥୋମାସ।

ପ୍ରଥମ ମ୍ୟାଚ ପରି ଏଠାରେ ମଧ୍ୟ ଫେଲ୍ ମାରିଥିଲେ ଯୁବ ଉଇକେଟ କିପର ରିଷଭ ପନ୍ତ। ସେ ମାତ୍ର ୪ ରନ କରିଥିବାବେଳେ ଥୋମାସଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଭଲ ଆରମ୍ଭ କରିଥିଲେ ହେଁ ଅଧିନାୟକ ବିରାଟ କୋହଲି ତାହାକୁ ବଡ଼ ସ୍କୋରରେ ପରିଣତ କରିବାରେ ବିଫଳ ହୋଇଥିଲେ। ସେ ୨୩ ବଲ୍‌ରୁ ୧ ଚୌକା ଓ ୧ ଛକା ସହ ୨୮ ରନ କରି ଆଉଟ ହେବାରୁ ୧୬.୨ ଓଭର ବେଳକୁ ଭାରତ ସ୍କୋର ୧୩୨/୪ ହୋଇ ଯାଇଥିଲା। ମିଡଲ ଅର୍ଡରରେ ମନୀଷ ପାଣ୍ଡେ ବଡ଼ ଶଟ୍ ଖେଳିବାରେ ବିଫଳ ହୋଇ ମାତ୍ର ୬ ରନରେ ଆଉଟ ହୋଇଥିଲେ। ୱେଷ୍ଟଇଣ୍ଡିଜ ବୋଲରମାନେ ଟାଇଟ୍ ବୋଲିଂ କରିବାରୁ ୧୯ତମ ବେଳକୁ ଭାରତ ସ୍କୋର ୧୪୭/୫ ହୋଇଥିଲା। ମାତ୍ର କିମୋ ପଲ୍‌ଙ୍କ ଶେଷ ଓଭରରୁ କ୍ରୁନାଲ ପାଣ୍ଡ୍ୟା ଓ ରବୀନ୍ଦ୍ର ଜାଡେଜା ୨୦ ରନ ସଂଗ୍ରହ କରିବାରୁ ୨୦ ଓଭରରେ ଦଳ ୧୬୭ ରନ କରିବାକୁ ସକ୍ଷମ ହୋଇଥିଲା। ଏହି ଓଭରରେ କ୍ରୁନାଲ ୨ଟି ଓ ଜାଡେଜା ଗୋଟିଏ ଛକା ମାରି ଭାରତୀୟ ସମର୍ଥକଙ୍କୁ ଉଲ୍ଲସିତ କରିଥିଲେ। ୱେଷ୍ଟଇଣ୍ଡିଜ ବୋଲରଙ୍କ ମଧ୍ୟରେ ଓଶାନେ ଥୋମାସ ଓ ଶେଲଡନ କୋଟ୍ରେଲ ୨ଟି ଲେଖାଏ ଏବଂ କେମୋ ପଲ୍ ଗୋଟିଏ ଉଇକେଟ ନେଇଥିଲେ।

**ସ୍କୋର ବୋର୍ଡ**

■ ଭାରତ ଇନିଂସ
ରୋହିତ-କ-ହେଟମେର-ବୋ-ଥୋମାସ-୬୭
ଧାୱନ-ବୋ-କିମୋ ପଲ୍-୨୩
କୋହଲି-ବୋ-କୋଟ୍ରେଲ-୨୮
ରିଷଭ-କ-ପୋଲାର୍ଡ-ବୋ-ଥୋମାସ-୪
ମନୀଷ-କ-ପୁରନ-ବୋ-କୋଟ୍ରେଲ-୬
କ୍ରୁନାଲ-ନଟଆଉଟ-୨୦
ଜାଡେଜା-ନଟଆଉଟ-୯
ଅତିରିକ୍ତ-୧୦
ମୋଟ: (୨୦ ଓଭର, ୫ ଉଇକେଟ)-୧୬୭।
ଉଇକେଟ ପତନ: ୧/୬୭, ୨/୧୧୫, ୩/୧୨୬, ୪/୧୩୨, ୫/୧୪୩।
ବୋଲିଂ (ୱେଷ୍ଟଇଣ୍ଡିଜ)
ଓଶାନେ ଥୋମାସ ୪-୦-୨୭-୨
ଶେଲଡନ କୋଟ୍ରେଲ ୪-୦-୨୫-୨
ସୁନୀଲ ନାରିନ ୪-୦-୨୮-୦
କିମୋ ପଲ୍ ୪-୦-୪୬-୧
କାର୍ଲୋସ ବ୍ରାଥୱେଟ୍ ୨-୦-୨୨-୦
ଖାରି ପିଏରେ ୨-୦-୧୬-୦।

■ ୱେଷ୍ଟଇଣ୍ଡିଜ ଇନିଂସ
ସୁନୀଲ ନାରିନ-ବୋ-ୱାଶିଂଟନ ସୁନ୍ଦର-୪
ଏଭିନ ଲିୱିସ-କ ଆଣ୍ଡ ବୋ-ଭୁବନେଶ୍ୱର-୦
ନିକୋଲାସ ପୁରନ-କ-ମନୀଷ-ବୋ-କ୍ରୁନାଲ-୧୯
ରୋଭମ୍ୟାନ ପାୱେଲ-ଏଲ୍‌ବିଡବ୍ଲ୍ୟୁ-କ୍ରୁନାଲ-୫୪
କିରନ ପୋଲାର୍ଡ-ନଟଆଉଟ-୮
ଶିମରନ ହେଟମେର-ନଟଆଉଟ-୬
ଅତିରିକ୍ତ-୭
ମୋଟ: (୧୫.୩ ଓଭର, ୪ ଉଇକେଟ) ୯୮।
ଉଇକେଟ ପତନ: ୧/୨, ୨/୮, ୩/୮୪, ୪/୮୫।
ବୋଲିଂ (ଭାରତ)
ୱାଶିଂଟନ ସୁନ୍ଦର ୩-୧-୧୨-୧
ଭୁବନେଶ୍ୱର କୁମାର ୨-୦-୭-୧
କେ. ଖଲିଲ ଅହମ୍ମଦ ୩-୦-୨୨-୦
ନବଦୀପ ସଇନି ୩-୦-୨୭-୦
କ୍ରୁନାଲ ପାଣ୍ଡ୍ୟା ୩.୩-୦-୨୩-୨
ରବୀନ୍ଦ୍ର ଜାଡେଜା ୧-୦-୬-୦

## ସଂକ୍ଷେପରେ

### ଦକ୍ଷିଣ ଆଫ୍ରିକା କୋଚ୍ ପଦରୁ ଗିବସନ ବିଦା



**ଜୋହାନ୍ସବର୍ଗ,୪।୭:** ଦକ୍ଷିଣ ଆଫ୍ରିକା ଦଳର ମୁଖ୍ୟ କୋଚ୍ ଓଟିସ ଗିବସନଙ୍କ ସମେତ ପୂରା କୋଚିଂ ଟିମ୍ ଓ ମ୍ୟାନେଜମେଣ୍ଟ ଷ୍ଟାଫଙ୍କୁ ବିଦା କରିଥିବା କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍ଏ) ରବିବାର ଘୋଷଣା କରିଛି। ନିକଟରେ ଶେଷ ହୋଇଥିବା ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ଦଳ ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିବା ପରେ ଗତ ସପ୍ତାହରେ ବସିଥିବା କାର୍ଯ୍ୟକାରୀ ସଦସ୍ୟଙ୍କ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଦଳ ତା'ର ପରବର୍ତ୍ତୀ ସିଜନ ଭାରତ ଗସ୍ତରୁ ଆରମ୍ଭ କରିବ। ଭାରତରେ ଦକ୍ଷିଣ ଆଫ୍ରିକା ୩ ଟେଷ୍ଟ ଖେଳିବ, ଯାହାକି ନୂଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ଅଂଶବିଶେଷ। ଏକ ବିଜ୍ଞପ୍ତିରେ ସିଏସ୍ଏ ପକ୍ଷରୁ କୁହାଯାଇଛି, ଫୁଟ୍‌ବଲ ଷ୍ଟାଇଲରେ ଦଳ ପାଇଁ ମ୍ୟାନେଜର ନିଯୁକ୍ତ କରାଯିବ। ସେ ସମସ୍ତ ଫର୍ମାଟରେ ଜାତୀୟ ଦଳର ଦାୟିତ୍ୱ ସମ୍ଭାଳିବେ। ତାଙ୍କ ବ୍ୟତୀତ କୋଚିଂ ଷ୍ଟାଫ, ମେଡିକାଲ ଓ ପ୍ରଶାସନିକ ବ୍ୟକ୍ତିଙ୍କୁ ମଧ୍ୟ ନିଯୁକ୍ତ କରାଯିବ। ଟିମ୍ ମ୍ୟାନେଜର ସିଧାସଳଖ ଡିରେକ୍ଟର ଅଫ୍ କ୍ରିକେଟକୁ ରିପୋର୍ଟ କରିବେ। ଏହି ନୂଆ ପଦ ଲାଗି ନିର୍ବାଚନ ହେବା ପର୍ଯ୍ୟନ୍ତ ପୂର୍ବତନ ଖେଳାଳି କୋରି ଭାନ ଜିଲ ଡିରେକ୍ଟର ଅଫ୍ କ୍ରିକେଟ ପଦରେ ରହିବେ। ଭାରତ ଗସ୍ତ ପୂର୍ବରୁ ଭାନ ଜିଲ ଓ ସିଏସ୍ଏ କାର୍ଯ୍ୟକାରୀ ମୁଖ୍ୟ ଥବଙ୍ଗ ମୋରେ ଦଳ ଲାଗି ଅନ୍ତରୀଣ ମ୍ୟାନେଜମେଣ୍ଟ ଟିମ୍ ଓ ଚୟନ କମିଟି ନିଯୁକ୍ତ କରିବେ ବୋଲି କୁହାଯାଇଛି।

### ଡୁ'ପ୍ଲେସି ବର୍ଷର ଶ୍ରେଷ୍ଠ ଦକ୍ଷିଣ ଆଫ୍ରିକା କ୍ରିକେଟର



**ପ୍ରିଟୋରିଆ,୪।୮:** ଚଳିତ ବର୍ଷ ଚମତ୍କାର ପ୍ରଦର୍ଶନ ଲାଗି ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ଫାଫ ଡୁ'ପ୍ଲେସିଙ୍କୁ ପୁରସ୍କୃତ କରାଯାଇଛି। ପ୍ରିଟୋରିଆଠାରେ ଆୟୋଜିତ ବାର୍ଷିକ ଉତ୍ସବରେ କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍ଏ) ପକ୍ଷରୁ ତାଙ୍କୁ ୨୦୧୯ ବର୍ଷର ଶ୍ରେଷ୍ଠ କ୍ରିକେଟର ଭାବେ ବିବେଚିତ କରାଯାଇଛି। ଏହି ସମ୍ମାନ ପାଇବାରେ ୩୫ ବର୍ଷୀୟ ଅଧିନାୟକ ଦେଶର ୧୧ତମ କ୍ରିକେଟର। ପୂର୍ବତନ ଅଧିନାୟକ ଗ୍ରେମ ସ୍ମିଥ, ଏବି ଡି'ଭିଲିୟର୍ସ, ଦ୍ରୁତ ବୋଲର ମାଖାୟା ଏନ୍‌ଟିନି, ଡେଲ ଷ୍ଟେଇନ, ଅଲରାଉଣ୍ଡର ସନ ପୋଲକ ଓ ଜ୍ୟାକ୍ସ କ୍ୟାଲିସ ଏହି ସମ୍ମାନ ପାଇଥିଲେ। ଅନ୍ୟପକ୍ଷରେ ଡେନ ଭାନ ନିକର୍କ ପୁଣି ଥରେ ମହିଳା କ୍ରିକେଟର ଅଫ୍ ଦ ଇୟର ପୁରସ୍କାର ପାଇଛନ୍ତି। ଗତ ୪ ବର୍ଷ ମଧ୍ୟରେ ୩ୟ ଥର ପାଇଁ ସେ ଏହି ସମ୍ମାନ ପାଇଛନ୍ତି। ଉଇକେଟକିପର ବ୍ୟାଟ୍ସମ୍ୟାନ କୁଇଣ୍ଟନ ଡି'କକ୍ ବର୍ଷର ଶ୍ରେଷ୍ଠ ଟେଷ୍ଟ ଖେଳାଳି ଓ ଡେଭିଡ୍ ମିଲରଙ୍କୁ ଶ୍ରେଷ୍ଠ ଟି୨୦ ଖେଳାଳି ଚୟନ କରାଯାଇଛି।

### ଝେଙ୍ଗ-ସାବାଲେଙ୍କା ଫାଇନାଲ

**କାର୍ଲିଫର୍ନିଆ,୪।୮:** ଏଠାରେ ଚାଲିଥିବା ସିଲିକନ ଭ୍ୟାଲି ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟରେ ଚାଇନାର ଝେଙ୍ଗ ସାଇସାଇ ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ଏହି ୫୫ ନମ୍ବର ଅଣସିଡ ଖେଳାଳି ଶନିବାର ସେମିଫାଇନାଲରେ ଗ୍ରୀସ୍‌ର ସପ୍ତମ ସିଡ ଖେଳାଳି ମାରିଆ ସାକାରିଙ୍କୁ ୭-୬, ୬-୨ ସେଟରେ ପରାସ୍ତ କରି ବିପର୍ଯ୍ୟୟ ଘଟାଇବା ସହ ଫାଇନାଲକୁ ଉଠିଛନ୍ତି। ଏହାପୂର୍ବରୁ ସେ ଆମେରିକାର ଚତୁର୍ଥ ସିଡ ଖେଳାଳି ଅମଣ୍ଡା ଅନିସିମୋଭାଙ୍କୁ ପରାସ୍ତ କରିଥିଲେ।

## ନମ୍ବର ୪ ମୋ ଫେଭରାଇଟ୍: ରାହାନେ

**କୋଲକାତା, ୪।୮(ପି.ଟି.)**

ବିଶ୍ୱକପ୍ ପାଇଁ ଚୟନକର୍ତ୍ତାଙ୍କ ଦ୍ୱାରା ଅଣଦେଖାର ଶିକାର ହୋଇଥିବା ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରହାନେ ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବେ। ଗତ ମେ ଓ ଜୁଲାଇରେ ୮ଟି କାଉଣ୍ଟି ଚାମ୍ପିୟନଶିପ୍ ମ୍ୟାଚ୍ ଖେଳିଥିବା ରାହାନେ ବ୍ୟାଟିଂ କ୍ରମର ୪ ନମ୍ବର ସ୍ଥାନ ତାଙ୍କର ଫେଭରାଇଟ ବୋଲି କହିଛନ୍ତି। ଟେଷ୍ଟ ଦଳର ଉପ–ଅଧିନାୟକ ଭାବେ ନିଯୁକ୍ତ ହୋଇଥିବା ରାହାନେ ୱେଷ୍ଟଇଣ୍ଡିଜ୍ ଗସ୍ତ କରିବା ପୂର୍ବରୁ ରାହୁଲ ଦ୍ରାବିଡଙ୍କ ତତ୍ତ୍ୱାବଧାନରେ ବେଙ୍ଗାଲୁରୁ ସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ପ୍ରସ୍ତୁତି ଚଳାଇଛନ୍ତି। ମୁମ୍ବାଇରେ ପ୍ରବଳ ବର୍ଷା ହେଉଥିବାରୁ ବେଙ୍ଗାଲୁରୁରେ ସେ ଫିଟ୍‌ନେସ୍ ନେଇ ପ୍ରସ୍ତୁତି ଜାରି ରଖିଛନ୍ତି।

## ଯୁବରାଜଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବୃଥା

**ଓଣ୍ଟାରିଓ (କାନାଡା), ୪।୮**

ଏଠାରେ ଚାଲିଥିବା ଗ୍ଲୋବାଲ ଟି୨୦ କାନାଡା ଲିଗ୍‌ରେ ଏକ ମ୍ୟାଚ୍‌ରେ ପୂର୍ବତନ ଷ୍ଟାର୍ ଭାରତୀୟ ବ୍ୟାଟ୍ସମ୍ୟାନ ଯୁବରାଜ ସିଂଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସତ୍ତ୍ୱେ ତାଙ୍କ ଦଳ ଟରୋଣ୍ଟୋ ନ୍ୟାଶନାଲ ୧୧ ରନରେ ପ୍ରତିପକ୍ଷ ବ୍ରାମ୍ପଟନ ୱଲଭ୍ସ ନିକଟରୁ ପରାସ୍ତ ହୋଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବ୍ରାମ୍ପଟନ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୨୨୨ ରନ କରିଥିଲା। ଜବାବରେ ଅଧିନାୟକ ଯୁବରାଜଙ୍କ ୫୧ ରନର ବିସ୍ଫୋରକ ଇନିଂସ ସତ୍ତ୍ୱେ ଟରୋଣ୍ଟୋ ନ୍ୟାଶନାଲ ୭ ଉଇକେଟ୍ ବିନିମୟରେ ୨୧୧ ରନ କରିବାକୁ ସକ୍ଷମ ହୋଇଥିଲା। ୨୨ ବଲର ଇନିଂସ ମଧ୍ୟରେ ଯୁବରାଜ ୫ ଛକା ଓ ୩ ଚୌକା ମାରିଥିଲେ।

## ଇର୍ଫାନଙ୍କ ସହ ୧୦୦ କ୍ରିକେଟରଙ୍କୁ ଜମ୍ମୁ–କଶ୍ମୀର ଛାଡିଯିବାକୁ କୁହାଗଲା

**ନୂଆଦିଲ୍ଲୀ, ୪।୮**

ଭାରତୀୟ ଅଲରାଉଣ୍ଡର ଇର୍ଫାନ ପଠାନ ଓ ୧୦୦ ଅନ୍ୟ କ୍ରିକେଟରଙ୍କୁ ଜମ୍ମୁ–କଶ୍ମୀର ଯଥାଶୀଘ୍ର ଛାଡିଯିବାକୁ କୁହାଯାଇଛି। କଶ୍ମୀର ଉପତ୍ୟାକାରେ ଦେଖାଦେଇଥିବା ହିଂସାଜନିତ ଅସ୍ଥିରତାକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ତରଫରୁ ସିକ୍ୟୁରିଟି ଆଡଭାଇଜରୀ ବା ସୁରକ୍ଷାଜନିତ ପରାମର୍ଶ ଜାରି କରାଯିବା ପରେ ଜମ୍ମୁ–କଶ୍ମୀର କ୍ରିକେଟ ଆସୋସିଏଶନ (ଜେକେସିଏ) ତରଫରୁ ଇର୍ଫାନ ଓ ଅନ୍ୟମାନଙ୍କୁ ରାଜ୍ୟ ଛାଡିଯିବାକୁ ଅନୁରୋଧ କରାଯାଇଛି। ଇର୍ଫାନ ଜମ୍ମୁ–କଶ୍ମୀର ଦଳରେ ଜଣେ ଖେଳାଳି ଓ ପରାମର୍ଶ ଦାତା ରୂପେ ସାମିଲ ହୋଇଛନ୍ତି। କୋଚ୍ ମିଲାପ ମେଓ୍ୱାଡ଼ା ଓ ଟ୍ରେନର ସୁଦର୍ଶନ ଭିପିଙ୍କୁ ରବିବାର ସୁଦ୍ଧା ରାଜ୍ୟ ଛାଡିଯିବେ ବୋଲି ଆଶା କରାଯାଉଛି। ସମସ୍ତଙ୍କୁ ନିଜନିଜ ସ୍ଥାନକୁ ଫେରିବାକୁ କୁହାଯାଇଛି ବୋଲି ଜେକେସିଏ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୟଦ ଆଶିକ ହୁସେନ ବୁଖାରୀ କହିଛନ୍ତି। କେବଳ ସେତିକି ନୁହଁ ଜେକେସିଏ ତା'ର ସବୁ ପ୍ରକାର କ୍ରିକେଟ ଜନିତ କାର୍ଯ୍ୟକଳାପକୁ ବାତିଲ କରିଛି। ବିଭିନ୍ନ ବୟସ ବର୍ଗର ୧୦୦ରୁ ଉର୍ଦ୍ଧ୍ୱ କ୍ରିକେଟରଙ୍କୁ ଶ୍ରୀନଗର ସ୍ଥିତ ଶେର–ଇ–କଶ୍ମୀର ଷ୍ଟାଡିୟମ ଛାଡିଯିବାକୁ କୁହାଯାଇଛି। ଷ୍ଟାଡିୟମରେ ଏହି କ୍ରିକେଟରମାନେ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ଆଗକୁ ଦେଶର ଘରୋଇ କ୍ରିକେଟ ସେସନ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏଭଳି ପରିସ୍ଥିତିରେ ଜାମ୍ମୁକଶ୍ମୀର କ୍ରିକେଟ କ୍ଷତି ସହିବ ବୋଲି ଆଶଙ୍କା କରାଯାଉଛି। ଆସନ୍ତା ୧୭ ତାରିଖରୁ ଦୁଲୀପ ଟ୍ରଫି ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ବିଜୟ ହଜାରେ ଟ୍ରଫି ଆରମ୍ଭ ହେବ। ପୁଣି ଡିସେମ୍ବର ୯ ତାରିଖରୁ ରଣଜୀ ଟ୍ରଫି ଲିଗ୍ ରାଉଣ୍ଡ ଆରମ୍ଭ ହେବ। ଏନେଇ କଶ୍ମୀରବାସି ଆଶଙ୍କାରେ ରହିଛନ୍ତି।



## ଭାରତ ପକ୍ଷରୁ ଖେଳିବା ମୋ ପାଇଁ ସ୍ୱପ୍ନ ଥିଲା: ସଇନି

**ଲଡ୍‌ରହିଲ (ଆମେରିକା), ୪।୮(ପି.ଟି.):**

ଭାରତ ପାଇଁ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ବେଶ୍ ଚମତ୍କାର ପ୍ରଦର୍ଶନ କରିଥିବା ଯୁବ ଦ୍ରୁତ ବୋଲର ନବଦୀପ ସଇନି ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶନିବାର ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ପଦାର୍ପଣ କରି ୨୬ ବର୍ଷୀୟ ସଇନି ମାତ୍ର ୧୭ ରନ୍ ବ୍ୟୟ କରି ୩ ଉଇକେଟ ନେବା ସହ ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ତେବେ ସେ ଭାରତ ପାଇଁ ଖେଳିବେ ବୋଲି କେବେ ଭାବି ନ ଥିବା କହିଛନ୍ତି। ଯେତେବେଳେ ଭାରତ କ୍ୟାପ୍ ଗ୍ରହଣ କରିଥିଲି, ତାହା ମୋ ପାଇଁ ସ୍ୱପ୍ନ ସଦୃଶ ଥିଲା। ଏହି ଦିନକୁ ମୁଁ ଅପେକ୍ଷା କରିଆସୁଥିଲେ ମଧ୍ୟ ବିଶ୍ୱାସ କରିପାରି ନ ଥିଲି। ସାଥୀ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କୁ ସାକ୍ଷାତ୍‌କାର ଦେବା ଅବସରରେ ସେ ଏହି କଥା କହିଛନ୍ତି। ବିସିସିଆଇ ଟୁଇଟର ହ୍ୟାଣ୍ଡେଲରେ ଏହି ସାକ୍ଷାତ୍‌କାର ପୋଷ୍ଟ କରାଯାଇଛି। ବାମହାତରେ ଏକ ଗଧିଆର ଟାଟୁ କରିବା ନେଇ ସେ ପିଲାବେଳର କଥା ଶୁଣାଇଥିଲେ। ପିଲାବେଳେ ଭାଇ ସହ ଗଧିଆକୁ ନେଇ ବହୁ ମୁଭି ଦେଖିଥିଲି।

## ବେଦୀ, ଚୌହାନଙ୍କୁ ଗମ୍ଭୀରଙ୍କ ସମାଲୋଚନା

**ନୂଆଦିଲ୍ଲୀ, ୪।୮ (ପି.ଟି.)**

ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ଭାରତ ପକ୍ଷରୁ ପଦାର୍ପଣ କରିଥିବା ଦ୍ରୁତ ବୋଲର ନବଦୀପ ସଇନି ଚମତ୍କାର ପ୍ରଦର୍ଶନ କରିଥିଲେ। ଏହି ମ୍ୟାଚ୍‌ରେ ସେ ୧୭ ରନ ବିନିମୟରେ ୩ ଉଇକେଟ୍ ଅକ୍ତିଆର କରିବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ହାସଲ କରିଥିଲେ। ୨୬ ବର୍ଷୀୟ ସଇନିଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପରେ ଗୌତମ ଗମ୍ଭୀର ପୂର୍ବତନ ଭାରତୀୟ ଅଧିନାୟକ ବିଶେନ ସିଂ ବେଦୀ ଓ ଚେତନ ଚୌହାନଙ୍କୁ ଟୁଇଟର୍ ଜରିଆରେ ସମାଲୋଚନା କରିଥିବା ଦେଖିବାକୁ ମିଳିଛି। ରିପୋର୍ଟ ମୁତାବକ କିଛି ବର୍ଷ ତଳେ ଦିଲ୍ଲୀ ରଣ୍‌ଜୀ ଦଳ ଚୟନବେଳେ ସଇନିଙ୍କୁ ସ୍ଥାନ ନ ଦେବା ସପକ୍ଷରେ ଥିଲେ। ତେବେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ସଇନିଙ୍କ ଦମ୍‌ଦାର ବୋଲିଂ ପରେ ଦୁଇ ପ୍ରାକ୍ତନ ଖେଳାଳିଙ୍କୁ ସମାଲୋଚନା କରିବା ପାଇଁ ଗମ୍ଭୀରଙ୍କୁ ସୁଯୋଗ ମିଳିଯାଇଥିଲା। 'ଭାରତୀୟ ଦଳ ପକ୍ଷରୁ ପଦାର୍ପଣ ପରେ ତୁମକୁ ଅଭିନନ୍ଦନ। ତୁମେ ବୋଲିଂ କରିବା ପୂର୍ବରୁ ବିଶେନ ସିଂ ବେଦୀ ଓ ଚେତନ ଚୌହାନଙ୍କ ରୂପରେ ୨ଟି ଉଇକେଟ୍ ଅକ୍ତିଆର କରିସାରିଛ। ଜଣେ ଖେଳାଳି ପଡ଼ିଆରେ ପାଦ ଥାପିବା ପୂର୍ବରୁ ତା'ର କ୍ରିକେଟ୍ କ୍ୟାରିୟରକୁ କବର ଦିଆଯିବା ପାଇଁ ଗାତ ଖୋଳାଯାଇ ସାରିଥିଲା। ସେହି ଖେଳାଳିର ଏଭଳି ପଦାର୍ପଣ ଦେଖି ସେମାନଙ୍କ ମିଡ୍‌ଲ ଷ୍ଟମ୍ପ ତୁମେ ଉପାଡ଼ି ଦେଇଛ। ଲଜ୍ଜାଜନକ ଘଟଣା' ବୋଲି ଗମ୍ଭୀର ତାଙ୍କୁ ଟୁଇଟର୍ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି। ଏଠାରେ ସ୍ମରଣଯୋଗ୍ୟ, ୨୦୧୩ରେ ଗମ୍ଭୀର ଦିଲ୍ଲୀ ଦଳର ଅଧିନାୟକ ରହିଥିବାବେଳେ ହରିୟାଣ ସଇନିଙ୍କୁ ତାଙ୍କ ଦଳରେ ନେବାକୁ ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ସେତେବେଳେ ଦିଲ୍ଲୀ ଆଣ୍ଡ ଡିଷ୍ଟ୍ରିକ୍ଟ କ୍ରିକେଟ୍ ଆସୋସିଏଶନ (ଡିଡିସିଏ) ସଦସ୍ୟ ଥିବା ବେଦୀ ଓ ଚୌହାନ ଏହାକୁ ଦୃଢ଼ ବିରୋଧ କରିଥିଲେ। ରାଜ୍ୟ ବାହାର ଖେଳାଳିଙ୍କୁ କାହିଁକି ଦିଲ୍ଲୀ ଦଳରେ ସାମିଲ କରାଯିବ ବୋଲି ପ୍ରଶ୍ନ ଉଠାଇଥିଲେ। ବିରୋଧ ସତ୍ତ୍ୱେ ଗମ୍ଭୀର ବିଦର୍ଭ ବିପକ୍ଷ ମ୍ୟାଚ୍ ଲାଗି ସଇନିଙ୍କୁ ଦିଲ୍ଲୀ ଦଳରେ ନେଇଥିଲେ। ଏହାପରେ ସଇନି ଆଉ ପଛକୁ ଫେରି ଚାହିଁନାହାନ୍ତି। ଗମ୍ଭୀରଙ୍କ ସମାଲୋଚନା ପରେ ବେଦୀ ମଧ୍ୟ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। 'ମୁଁ କିଏ ? ଡିଡିସିଏର କୌଣସି ପୋଜିସନରେ ମୁଁ ଜଡ଼ିତ ନ ଥିଲି। ମୁଁ ଦେଖୁଛି ଏମ୍‌ପି ହେଲା ପରେ ମଧ୍ୟ ତାଙ୍କର (ଗୌତମ ଗମ୍ଭୀର) କୌଣସି ପରିବର୍ତ୍ତନ ହୋଇନାହିଁ' ବୋଲି ବେଦୀ କହିଛନ୍ତି।



ଗୌତମ ଗମ୍ଭୀର



ବିଶେନ ସିଂ ବେଦୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଅଗଷ୍ଟ ୫/୨୦୧୯ Sambalpur, Monday, August 5 / 2019




■ବଢ଼ି ଚାଲିଛି ଅପରାଧ

# ଅପରାଧୀଙ୍କୁ ଧରିବାରେ ପୋଲିସ ବିଫଳ

**ବିନିକା,୪।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅଞ୍ଚଳ ଏବେ ଅପରାଧୀଙ୍କ ଚରାଭୂମି ପାଲଟିଛି। ଚୋରି, ଡକାୟତି, ରାହାଜାନି, ନାବାଳିକା ଅପହରଣ ଏବଂ ହତ୍ୟା ଭଳି ଘଟଣା ଘଟି ଚାଲିଥିଲେ ମଧ୍ୟ ପୋଲିସ ହାତବାନ୍ଧି ବସିଛି। କେତେକ ଛୋଟ ଛୋଟ ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅଧିକାଂଶ ମାମଲାର ତଦନ୍ତ ଆଗେଇ ପାରୁନାହିଁ। ଅପରାଧୀଙ୍କୁ ଗିରଫ କରିବାରେ ବି ପୋଲିସ ପଛରେ ପଡିଛି। ଏହାକୁ ନେଇ ଜନ ଅସନ୍ତୋଷ ଉଗ୍ର ହେବାରେ ଲାଗିଛି।

ବିଗତ ଦିନରେ ଘଟିଥିବା କେତୋଟି ପ୍ରମୁଖ ଆପରାଧିକ ଘଟଣାକୁ ବିଶ୍ଳେଷଣ କଲେ ପୋଲିସର ଅବହେଳା ସ୍ପଷ୍ଟ ହୋଇଛି । ୨୦୧୯ ଜାନୁୟାରୀ ୩୧ରେ ବିନିକା-ସିଂଘିଯୁବା ମଧ୍ୟବର୍ତ୍ତୀ ଉମା ବିଷ୍ଣୁ ରାଇସ୍ ମିଲ୍ ସାମନାରେ ଦିନଦ୍ୱିପ୍ରହରରେ ୨ଦୁର୍ବୃତ୍ତ ଲିଙ୍ଗରାଜ ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ମାରାଣାସ୍ତ୍ର ଦେଖାଇ ଲକ୍ଷାଧିକ ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ । ଇତିମଧ୍ୟରେ ୬ମାସ ବିତିଛି । ହେଲେ ଉପରୋକ୍ତ ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କ ପାଖରେ ପୋଲିସ ପହଞ୍ଚି ପାରିନାହିଁ । ସେହିପରି ଚଳିତବର୍ଷ ଏପ୍ରିଲ ୧୧ରେ ବିନିକା ବ୍ଲକ ମେଘଲା ଗ୍ରାମ ମନ୍ଦିର ସମ୍ମୁଖରେ ବିଳମ୍ବିତ ରାତିରେ ଜଣେ ଆଦିବାସୀଙ୍କୁ ହତ୍ୟା କରାଯାଇଥିଲା। ମୃତକଙ୍କ ଭାଇ ମୁନୁ ପୁଟ୍ଟା ଏନେଇ ବିନିକା ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ. ୬୫/୧୯) ରୁଜୁ କରି ତନାଘନା ଚଳାଇଥିଲା। ମାତ୍ର ଏଯାଏଁ ପୋଲିସ ହତ୍ୟାକାରୀଙ୍କୁ ଧରିବାରେ ବିଫଳ ହୋଇଛି। ସେହିମାସ ୨୪ତାରିଖରେ ବିନିକା ସହରସ୍ଥିତ ଏକ ବିୟର ପାର୍ଲରରେ ପୂର୍ବାହ୍ନ ସାଢେ ୧୦ଟାରେ ବିନିକା ଅଗ୍ନିଶମ ବିଭାଗର ଜଣେ ଫାୟାରମ୍ୟାନ୍‌ଙ୍କୁ ହତ୍ୟା କରାଗଲା । ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଥିଲେ ବି ଏହା ପଛର ପ୍ରକୃତ ରହସ୍ୟକୁ ପୋଲିସ ଖୋଜି ପାଇପାରିନାହିଁ। ଫଳରେ ପୋଲିସ ତଦନ୍ତକୁ ନେଇ ପ୍ରଶ୍ନ ଉଠିଛି। ଗତ ମେ ୨୫ତାରିଖରେ ବିନିକା ବ୍ଲକ୍ ସିନ୍ଦୂରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଲାରଙ୍ଗା ଝୁପୁଡିପଡାରେ ଜଣେ ୧୫ବର୍ଷୀୟ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଥାନାରେ ଅଭିଯୋଗ ପରେ ମଧ୍ୟ ଏଯାଏ ଅପହୃତାଙ୍କ ପତ୍ତା ପୋଲିସ ପାଇପାରିନାହିଁ। ଜୁଲାଇ ୧୭ତାରିଖରେ ବିନିକା କୃଷି ସମବାୟ ଗୋଦାମରୁ ୧୯୫ବସ୍ତା ସାର ଚୋରମାନେ ଶଟର ତାଲା ଭାଙ୍ଗି ନେଇଯାଇଥିଲେ। ପ୍ୟାକ୍ସ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ ପରେ ପୋଲିସ ଚୋରି ଘଟଣାରେ ବ୍ୟବହୃତ ଗାଡି, ୭୮ବସ୍ତା ସାର ଜବତ କରିଥିଲା । ପୋଲିସ ୩ ଜଣଙ୍କୁ ଗିରଫ କଲା। ଅନ୍ୟ ଅପରାଧୀମାନଙ୍କୁ ପୋଲିସ ଏ ଯାଏ ଗିରଫ କରିପାରି ନ ଥିବା ବେଳେ ଅବଶିଷ୍ଟ ସାର ଜବତ ହୋଇନାହିଁ । ଏହି ପରିପ୍ରେକ୍ଷୀରେ ପୋଲିସକୁ କୌଣସି ଘଟଣା ସମ୍ପର୍କରେ ପ୍ରଶ୍ନ କରାଗଲା ଗତାନୁଗତିକ ଉତ୍ତର ମିଳୁଛି। ତଦନ୍ତ ଚାଲିଛି, ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ । ପୋଲିସର ଏପରି ଉତ୍ତରରେ ଅପରାଧୀମାନେ ଅଧିକ ଉତ୍ସାହିତ ହୋଇ ସେମାନଙ୍କ ଆପରାଧିକ ସୀମାରେଖାକୁ ବଢ଼ାଇ ଚାଲିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିନିକା ଥାନା ଅଧିକାରୀ ରାଜେନ୍ଦ୍ର ସାମରିଆ କହିଛନ୍ତି, ରୁଜୁ ହୋଇଥିବା ସବୁ ମାମଲାକୁ ପୋଲିସ ଗୁରୁତର ସହ ନେଇ ତଦନ୍ତ ଚଳାଇଛି । ଅଭିଯୁକ୍ତଙ୍କୁ ଧରିବା ଦିଗରେ ପୋଲିସ ଉଦ୍ୟମ ଜାରି ରଖିଛି ।

# ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର କୁଟୁରା ମୃତ

**ନାକଟିଦେଉଳ,୪।୮(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଶିମିଳିପାଳ ପଞ୍ଚାୟତର ଶରଧାପୁର ଗ୍ରାମବାସୀ ରବିବାର ଉଦ୍ଧାର କରିଥିବା ଏକ କୁଟୁରାର ମୃତ୍ୟୁ ଘଟିଛି। ନାକଟିଦେଉଳ ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ବ୍ୟବଚ୍ଛେଦ ପରେ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ମୃତଦେହକୁ ପୋତି ଦିଆଯାଇଛି । ଏହି ଅଣ୍ଡିରା କୁଟୁରାର ବୟସ ୪ବର୍ଷ ହେବ ବୋଲି ବନ ବିଭାଗ କହିଛି ।



ସୂଚନାଯୋଗ୍ୟ, ରବିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଶରଧାପୁର ଗ୍ରାମର ଗୁଡ଼ିଘରେ କୁଟୁରାଟି ହାଲିଆ ହୋଇ ପଡି ରହିଥିଲା। ଗାଁ ଲୋକେ ଏ ନେଇ ତତ୍‌କ୍ଷଣାତ୍ ବନ ବିଭାଗକୁ ଖବର ଦେଇଥିଲେ। ଫରେଷ୍ଟର ପିସକା ଲାକ୍ରା, ଫରେଷ୍ଟ ଗାର୍ଡ଼ ପୁଷ୍ପାଞ୍ଜଳି ସାହୁ ଏବଂ ୱାଚର ଭାଗୀରଥି ରାଉତ ପ୍ରମୁଖ ଗାଁରେ ପହଞ୍ଚି ଥିଲେ । ସେଦିନ ଗାଁକୁ ଆସିଥିବା ଭ୍ରାମ୍ୟମାଣ ପ୍ରାଣୀଧନ ଚିକିତ୍ସକ ଦଳ କୁଟୁରାର ପ୍ରାଥମିକ ଚିକିତ୍ସା କରିଥିଲେ। ହେଲେ ଘଣ୍ଟାକ ପରେ କୁଟୁରାର ମୃତ୍ୟୁ ଘଟିଥିଲା। ଜଙ୍ଗଲରୁ ବାଟବଣା ହୋଇ କିମ୍ବା କୁକୁରମାନଙ୍କ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ କୁଟୁରାଟି ଦୌଡ଼ି ଦୌଡ଼ି ହାଲିଆ ହୋଇ ଶରଧାପୁର ଗାଁ ଭିତରକୁ ପଶି ଆସିଥିବା ଅନୁମାନ କରାଯାଉଛି।




*T&C apply. Ex-showroom price Odisha of TVS Radeon ES Mag BS IV Variant. Prices subject to change without prior notice. #For further details, please visit www.tvsradeon.com.
^5 year warranty without any additional charges. ##Finance at the sole discretion of the financer. TVS Showrooms are open on all Sundays.

TVS 5 YEAR WARRANTY ^ ବଢ଼ିଆ ମାଇଲେଜ୍

FOR ALL BULK/INSTITUTIONAL REQUIREMENTS PLEASE MAIL:corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Gurugobind TVS, Ph: 8260566699; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700734. Authorised Dealers: Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph : 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph : 9583860028; Dharmagarh, Gayatri Enterprises, Ph : 9938883405; Belpahar, Sova Automobiles, Ph.: 9238581791; Binka, Chandralata Motors, Ph : 7894255589; Attabira, Swati Auto, Ph : 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph : 9861265188 ; San Balichuan, Gayatri Motors, Ph : 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph : 9937452169 ; Bhatli, Saraswati Motors, Ph : 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph : 9437210599; Gaisilat, Akankshya Motors, Ph : 9937408645; Jaipatna, Kaveri Motors, Ph : 9178280401;Padampur, Alisha Motors, Ph : 9938110070; Sambalpur, Shakti Motors, Ph : 9337016000; Bamra, Regent Motors, Ph : 9437535172; Kuchinda, Jay Maa Automobiles, Ph : 9437058129; Tarbha : Deosar Motors, Ph : 9439135679 ; Redhakhol : Palak Trading Company, Ph : 7978349822; Saintala : Balaji Motors, Ph : 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph : 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph : 7326933067; Bheden, Mohit Automobiles, Ph : 7008024042; Bangamunda, Binod Auto Work, Ph : 9937526500; Tusura, Shree Laxmi Ganesh Motors, Ph : 9437890955, 9439581200; Bandhabahal, Maa Tarini Automobiles, Ph : 6371909005 ; Udanbandh, Vinit Automobiles, Ph : 7326042333, 7326042335.



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୫ ଅଗଷ୍ଟ, ୨୦୧୯



ଥରେ ଖ୍ୟାତି ଅର୍ଜନ କରିଗଲେ ତାକୁ ଜୀବନ ତମାମ ଧରି ରଖିବା ଭାରି କଷ୍ଟ। -ଭଲ୍‌ଟାୟର



## ସଂକ୍ଷେପରେ

### ଡାଙ୍ଗମୁଣ୍ଡା-କୁର୍ଡିପାଲି ରାସ୍ତା ଶୋଚନୀୟ

ମନମୁଣ୍ଡା, ୪।୮ (ଡି.ଏନ.ଏ)

କଣ୍ଟାମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତ ଡାଙ୍ଗମୁଣ୍ଡା-କୁର୍ଡିପାଲି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ରାସ୍ତାର ଉଭୟ ପାର୍ଶ୍ୱରେ ଚାଷୀମାନେ ମାଟି ଗଦା କରିଥିବା ବେଳେ ସାମାନ୍ୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଜମା ହୋଇ ରହୁଛି। ଲୋକମାନେ କାଦୁଅ ପାଣି ଦେଇ ଦୟନୀୟ ଭାବେ ଯା’ଆସ କରୁଛନ୍ତି । ବୃଦ୍ଧା, ବୃଦ୍ଧ, ଛାତ୍ରୀଛାତ୍ରମାନଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି । କୁର୍ଡିପାଲି, କଲତାପାଲି, ଡାଙ୍ଗମୁଣ୍ଡା, ଖଲିଆମୁଣ୍ଡା, ପଦ୍ମତୋଳି ଆଦି ଗ୍ରାମର ଲୋକମାନେ ଏହି ରାସ୍ତା ଦେଇ ମନମୁଣ୍ଡାକୁ ବିଭିନ୍ନ କାମରେ ଆସିଥାନ୍ତି ଏବଂ ଛାତ୍ରୀଛାତ୍ରମାନେ ପଢ଼ିବାକୁ ଆସିଥାନ୍ତି । ଏହି ରାସ୍ତାକୁ କଂକ୍ରିଟ ସହ ଡ୍ରେନେଜ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି ।

## ▪ ଶିକ୍ଷକ ଅଭାବରୁ କମ୍ପ୍ୟୁଟର ଶିକ୍ଷା ଠପ୍

# ଖତ ଖାଉଛି ଲକ୍ଷାଧିକ ଟଙ୍କାର ସାମଗ୍ରୀ

ବୌଦ୍ଧ,୪।୮(ସ୍ୱ.ପ୍ର)

କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତାକୁ ଉପଲବ୍ଧି କରି ସରକାର ପ୍ରତ୍ୟେକ ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ପାଇଁ ୨୦୧୪ ବର୍ଷିହାରେ ସରକାର କମ୍ପ୍ୟୁଟର ଶିକ୍ଷା ପ୍ରଚଳନ କରିଥିଲେ । ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପ୍ରତ୍ୟେକ ବିଦ୍ୟାଳୟରେ କମ୍ପ୍ୟୁଟର ଲାବ ନିର୍ମାଣ ସହିତ ବିଦ୍ୟୁତୀକରଣ ଓ କମ୍ପ୍ୟୁଟର ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଛାତ୍ରୀଛାତ୍ରମାନେ ବାହାରେ କମ୍ପ୍ୟୁଟର ଶିଖିବାର ସୁଯୋଗ ପାଉ ନ ଥିବାବେଳେ ବିଦ୍ୟାଳୟ ପାଠ୍ୟକ୍ରମରେ କମ୍ପ୍ୟୁଟର ଶିକ୍ଷା ପାଇବା ଯୋଗୁ ସେମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇପାରିଥିଲା। ଏହି ଯୋଜନାରେ ବୌଦ୍ଧ ଜିଲାର ୨୮ ସରକାରୀ ଉଚ୍ଚ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ଆରମ୍ଭ କରାଯାଇଥିଲା। ମାତ୍ର ଏବେ ସବୁ ବିଦ୍ୟାଳୟରୁ କମ୍ପ୍ୟୁଟର ଶିକ୍ଷକଙ୍କୁ ଛଟେଇ କରାଯିବାରୁ ବିଦ୍ୟାଳୟ ଗୁଡିକରେ କମ୍ପ୍ୟୁଟର ଶିକ୍ଷା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଶିକ୍ଷକ ନ ଥିବାରୁ ବୌଦ୍ଧ ଜିଲାରେ ଥିବା ୨୮ ଟି ସରକାରୀ ବିଦ୍ୟାଳୟରେ ଏବେ କମ୍ପ୍ୟୁଟର ଲ୍ୟାବରେ ତାଲା ପଡିଛି। ଫଳରେ ଛାତ୍ରୀଛାତ୍ର କମ୍ପ୍ୟୁଟର ଥାଇ ବି କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସେହିପରି କମ୍ପ୍ୟୁଟର, ଜେନେରେଟର, ପ୍ରୋଜେକ୍ଟର, ପ୍ରିଣ୍ଟର ଆଦି ଲ୍ୟାବରେ ଖତ ଖାଉଛି । ବିଦ୍ୟାଳୟ ଗୁଡିକରେ କମ୍ପ୍ୟୁଟର ଶିକ୍ଷା ପାଇଁ ସପ୍ତାହକୁ ୩ ଦିନ ପ୍ରାକ୍ଟିକାଲ ଓ ୩ ଦିନ ଥିଓରି କ୍ଲାସ ହେଉଥିଲା । ସେହିପରି ୬ ମାସରେ ଥରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କମ୍ପ୍ୟୁଟର ଜ୍ଞାନକୌଶଳ ପରୀକ୍ଷା ହେଉଥିଲା । ମାତ୍ର ଉକ୍ତ କମ୍ପ୍ୟୁଟର ଶିକ୍ଷକମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ମାର୍ଚ୍ଚ ୩୦ରେ ଛଟେଇ କରାଯାଇଥିବା ବେଳେ ଅନ୍ତିମ ପର୍ଯ୍ୟାୟରେ ଅଗଷ୍ଟ ୨୦ ସୁଦ୍ଧା ସମସ୍ତ ଶିକ୍ଷକଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତି ଶେଷ ହେଉଥିବା ଜଣାପଡିଛି । ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ସ୍କୁଲ ଖୋଲିଲା ପରେ କମ୍ପ୍ୟୁଟର ଶିଖି ପାରୁ ନ ଥିବା ସେମାନେ କହିଛନ୍ତି ।

ସୂଚନା ମୁତାବକ, ସରକାର ସର୍ଭିସ ପ୍ରୋଭାଇଡର ମାଧ୍ୟମରେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି କରିଥିଲେ । ମାତ୍ର ଉକ୍ତ କମ୍ପ୍ୟୁଟର ଶିକ୍ଷକମାନଙ୍କ ୫ ବର୍ଷର ଚୁକ୍ତିଭିତ୍ତିକ ନିଯୁକ୍ତି ଥିବାରୁ ସେମାନଙ୍କୁ ୨୦୧୯ ଏପ୍ରିଲରେ ଛଟେଇ କରିଦିଆଯାଇଥିଲା। ଫଳରେ ଗ୍ରୀଷ୍ମଛୁଟି ପରେ କମ୍ପ୍ୟୁଟର ଶିକ୍ଷକମାନଙ୍କ ଚୁକ୍ତିର ନବୀକରଣ କରାଯିବା କିମ୍ବା ତାଙ୍କ ସ୍ଥାନରେ ଅନ୍ୟ ନିଯୁକ୍ତି ଦିଆଯାଇ ନ ଥିବାରୁ ବିଦ୍ୟାଳୟମାନଙ୍କରେ ଦିଆଯାଇଥିବା କମ୍ପ୍ୟୁଟର ଏବେ ଖତ ଖାଉଛି । ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କୁ ପଚାରିବାରେ ସମସ୍ତ କମ୍ପ୍ୟୁଟର ଶିକ୍ଷକମାନଙ୍କୁ ଛଟେଇ କରାଯିବା କଥା ସ୍ୱୀକାର କରିଥିଲେ । ସେସବୁ ସ୍କୁଲର ଅନ୍ୟ ଶିକ୍ଷକ କମ୍ପ୍ୟୁଟର ପଢାଇବେ ବୋଲି କହିଥିଲେ । ତୁରନ୍ତ ବିଦ୍ୟାଳୟ ଗୁଡିକର କମ୍ପ୍ୟୁଟର ଶିକ୍ଷକ ପଦବୀ ପୂରଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି ।

## କାଦୁଅ ରାସ୍ତା, ଯାତାୟାତ ବନ୍ଦ

ମନମୁଣ୍ଡା, ୪।୮ (ଡି.ଏନ.ଏ)

ବୌଦ୍ଧ ଜିଲା ଶଗଡା ପଞ୍ଚାୟତ କନପାରୁ ରୁଗୁଡି କନପା ରାସ୍ତା ଶୋଚନୀୟ ହୋଇ ପଡିଥିବାରୁ ଯିବା ଆସିବାରେ ବାଧା ସୃଷ୍ଟି ହୋଇଛି । ଏହି ରାସ୍ତାକୁ ଠିକାଦାର ଅଧାପନ୍ତରିଆ ଭାବେ ପକାଇ ରଖିଛନ୍ତି। ବାଟରେ ପଡୁଥିବା ଏକ ପୋଲ କାମରେ ପ୍ରାୟ ୧.୫ ଫୁଟ ଖାଲ ହୋଇଛି । ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିବାରୁ ସେହି ରାସ୍ତାରେ ଯାତାୟାତ କଲେ ଅସୁବିଧା ହେଉଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।



ରାସ୍ତା କର୍ଦ୍ଦମାକ୍ତ ହୋଇପଡିଛି ।

## ଛାତ୍ର କ୍ୟାବିନେଟ୍‌ର ବୈଠକ

ମନମୁଣ୍ଡା, ୪।୮ (ଡି.ଏନ.ଏ)

କଣ୍ଟାମାଳ ବ୍ଲକ ଖଟଖଟିଆ ନୋଡାଲ ସ୍କୁଲର ଛାତ୍ରୀଛାତ୍ର କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟମନ୍ତ୍ରୀ ପ୍ରଭାତ ବାଘଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଧାନଶିକ୍ଷକ ସମୀର ପ୍ରଧାନ, ତତ୍ତ୍ୱାବଧାରକ ଶିକ୍ଷକ ରଞ୍ଜୁ ଅମାତ, ସୁରେନ୍ଦ୍ର କମ୍ପ ଯୋଗ ଦେଇଥିଲେ । ବିଦ୍ୟାଳୟକୁ ସ୍ୱଚ୍ଛ ଓ ସବୁଜ ରଖିବାକୁ ସଂକଳ୍ପ ଲିପିବଦ୍ଧ ହୋଇଥିବା ବେଳେ ବିଦ୍ୟାଳୟକୁ ତମାଖୁ ଓ ପ୍ଲାଷ୍ଟିକ ମୁକ୍ତ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ପ୍ରତି ମାସରେ ୨ଟି କ୍ୟାବିନେଟ ବୈଠକ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିଲେ । ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ଅମ୍ଭୋଜ ବାରିକ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ସତ୍ୟ ପାତ୍ର ସଂକଳ୍ପ ନାମା ପ୍ରକାଶ ପାଇଁ ପ୍ରସ୍ତାବ ଦେଇଥିଲେ । ମନ୍ତ୍ରୀ ମଣ୍ଡଳର ସମସ୍ତ ସଦସ୍ୟ ଏହି ପଦକ୍ଷେପକୁ ସ୍ୱାଗତ ଜଣାଇଥିଲେ ।

# ପ୍ରତିଶ୍ରୁତି ପରେ ପଞ୍ଚାୟତ ଅଫିସ୍‌ରୁ ତାଲା ଖୋଲିଲା

ବୌଦ୍ଧ/ଜହ୍ନାପଙ୍କ,୪।୮(ସ୍ୱ.ପ୍ର)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତରେ ସରପଞ୍ଚଙ୍କ ଦ୍ୱାରା ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣାର ତଦନ୍ତ କରି ସରପଞ୍ଚଙ୍କୁ ବହିଷ୍କାର କରିବାକୁ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟମାନେ ଶନିବାର ପଞ୍ଚାୟତ ଅଫିସ୍‌ରେ ତାଲା ପକାଇଥିଲେ । ଖବର ପାଇ ଜିଲାସ୍ତରୀୟ ଅଧିକାରୀ ଘଟଣାସ୍ଥଳକୁ ଯାଇ ପ୍ରତିଶ୍ରୁତ ଦେବା ପରେ ତାଲା ଖୋଲିଥିଲା । ତେବେ ଏ ନେଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଲଲାଟେନ୍ଦୁ ମିଶ୍ର ସୂଚନା ଦେଇଛନ୍ତି । ଅଭିଯୋଗକାରୀ ୱାର୍ଡ ସଭ୍ୟାସଭ୍ୟଙ୍କ ସୂଚନା ମୁତାବକ, ଖୁଣ୍ଟବନ୍ଧ ପଞ୍ଚାୟତର ସରପଞ୍ଚ ଦୀର୍ଘ ୯ ମାସ ହେଲା ପଞ୍ଚାୟତ ଅଫିସ୍‌କୁ ଆସୁନାହାନ୍ତି । ସେ ପଞ୍ଚାୟତକୁ ଆସୁଥିବା ପିଡିଏସ ସାମଗ୍ରୀ ହିତାଧିକାରୀଙ୍କୁ ନ ଦେଇ ହଡପ କରୁଛନ୍ତି । ଏହାସହିତ ଭତ୍ତା ଟଙ୍କା ହଡପ କରିବା ଓ ମିଥ୍ୟା କାଗଜପତ୍ର ପ୍ରସ୍ତୁତ କରି ପଞ୍ଚାୟତ ଉନ୍ନୟନ ପାଇଁ ଆସୁଥିବା ଅର୍ଥ ବାଟମାରଣା କରିବା ଭଳି ଅଭିଯୋଗ ଆଣିଛନ୍ତି ୱାର୍ଡ ସଭ୍ୟାସଭ୍ୟ । ସେହିପରି ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀଙ୍କ ଟଙ୍କା ନ ଦେଇ ହଡପ କରାଯାଉଛି । ବୁରକଟା ଠାରେ ଗ୍ରାମବାସୀ ନିଜେ ଟଙ୍କା ଖର୍ଚ୍ଚ କରି ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରିଥିବାବେଳେ ଉକ୍ତ କେନ୍ଦ୍ର ନାମରେ ଅର୍ଥ ଉଠାଯାଇଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ୱାର୍ଡସଭ୍ୟାସଭ୍ୟ ପଞ୍ଚାୟତ ଅଫିସ୍‌ରେ ତାଲା ପକାଇଥିଲେ । ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପଞ୍ଚାୟତ ଅଫିସ୍‌ରେ ତାଲା ପକାଇବାକୁ ୱାର୍ଡ ସଭ୍ୟାସଭ୍ୟ ଚନ୍ଦ୍ରକାନ୍ତି ପ୍ରଧାନ, ବୃନ୍ଦାବତୀ ମହାକୁଳ, ଗୀତାଞ୍ଜଳି ପ୍ରଧାନ, ତପସ୍ୟା ସୁନା, ଅଜିତ ଷାଣ୍ଢ, ସନ୍ତୋଷ ଅମାତ, ଆଲୋକ ପ୍ରଧାନ, ବିଶ୍ୱାମିତ୍ର ବାରିକ ଚେତାବନୀ ଦେଇଛନ୍ତି । ଏ ନେଇ ସମ୍ପୃକ୍ତ ସରପଞ୍ଚଙ୍କ ମତାମତ ମିଳିପାରିନାହିଁ ।

## ଜଡିବୁଟି ଦିବସ ପାଳିତ

ବୌଦ୍ଧ,୪।୮(ସ୍ୱ.ପ୍ର)

ଭାରତବର୍ଷରେ ଆୟୁର୍ବେଦିକ ଚିକିତ୍ସା ହ୍ରାସ ପାଉଥିବାବେଳେ ପତଞ୍ଜଳି ଯୋଗପୀଠର ଆୟୁର୍ବେଦ ଶିରୋମଣି ଆଚାର୍ଯ୍ୟ ବାଲକ୍ରିଷ୍ଣଙ୍କ ଦ୍ୱାରା ଜଡିବୁଟି ଔଷଧର ଗୁରୁତ୍ୱ ବୃଦ୍ଧିପାଇବାରେ ଲାଗିଛି। ରବିବାର ବୌଦ୍ଧ ଜିଲା ଭାରତ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଚନ୍ଦ୍ରଚୂଡ ମନ୍ଦିର ପରିସରରେ ଆଚାର୍ଯ୍ୟ ବାଲକ୍ରିଷ୍ଣ ଜନ୍ମ ଦିବସକୁ ଜଡିବୁଟି ଦିବସ ଭାବେ ପାଳନ କରାଯାଇଥିଲା। ଏହି ଅବସରରେ ସକାଳ ୫ଟା ସମୟରେ ବୁଟୁପାଲିଠାରେ ମହିଳା ପତଞ୍ଜଳି ଯୋଗ ସମିତି ପକ୍ଷରୁ ସ୍ୱତନ୍ତ୍ର ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗରଷି ସ୍ୱାମୀ ଓମ୍‌ଦେବଜୀ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଆୟୁର୍ବେଦ ଚିକିତ୍ସା ଉପରେ ଆଲୋକପାତ କରିଥିଲେ। ସଭାପତି ଦେବାଶିଷ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ ରଞ୍ଜନ ଦାସ ଅନ୍ୟତମ ଅତିଥି, ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ପ୍ରବୀର କୁମାର ଦାସ, ଉତ୍ସର୍ଗ ଅନୁଷ୍ଠାନର ଆବାହକ ସମ୍ପତ କୁମାର ଅଗ୍ରୱାଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଭୈରବୀ ମହାବିଦ୍ୟାଳୟର ଅଧକ୍ଷ ମନୋଜ କୁମାର ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଶ୍ରୀଚନ୍ଦ୍ରଚୂଡ ମନ୍ଦିର ପରିସରରେ ବୃକ୍ଷରୋପଣ ଏବଂ ଔଷଧୀୟ ଚାରା ବଣ୍ଟନ କରାଯାଇଥିଲା।

# ଜମିହରା ପ୍ରଜାଙ୍କୁ ମିଳୁନି ଉପଯୁକ୍ତ କ୍ଷତିପୂରଣ

## ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ପ୍ରସଙ୍ଗ

ପୁରୁଣାକଟକ,୪।୮(ଡି.ଏନ.ଏ)

ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲାରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି । ବିସ୍ଥାପିତକୁ ଉପଯୁକ୍ତ କ୍ଷତିପୂରଣ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ରେଳ ପ୍ରକଳ୍ପରେ କ୍ଷତିଗ୍ରସ୍ତ ବେସରକାରୀ ଜମି ବାବଦ କ୍ଷୟକ୍ଷତି ମୂଲ୍ୟ ସାମ୍ପ୍ରତିକ ବଜାର ଦର ଆଧାରରେ ନିର୍ଦ୍ଧାରଣ କରିବାକୁ ଦାବି କରି ଶନିବାର ରେଳ ପ୍ରକଳ୍ପ କ୍ଷତିଗ୍ରସ୍ତ ପ୍ରଜା ସଂଗ୍ରାମ ସମିତି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

ପ୍ରକାଶ ଯେ, ୨୦୦୬ ମସିହାରେ ବୌଦ୍ଧ ଜିଲାର ବିଭିନ୍ନ ରାଜସ୍ୱ ମୌଜାରେ ଜମିର ମୂଲ୍ୟ ଯାହା ଥିଲା ସେହି ଦର ଆଧାରରେ ଉଦ୍ଦିଷ୍ଟ ଦରର ୧୬୦.୩ ଶତାଂଶ ହିସାବ କରାଯାଇ କ୍ଷୟକ୍ଷତି ଜମିର ମୂଲ୍ୟାଙ୍କନ କରାଯାଉଛି । ଗତ ୧୪ ବର୍ଷ ଧରି ସମଗ୍ର ଜିଲାରେ ଯାହା ଜମି କିଣାବିକା ହୋଇଛି ସେସବୁର ମୂଲ୍ୟ ବର୍ତ୍ତମାନ ଜମିର ମୂଲ୍ୟଠାରୁ ନିମ୍ନରେ ରହିଥିଲା । ବର୍ତ୍ତମାନ ଜମି ଅଧିଗ୍ରହଣ ପ୍ରକ୍ରିୟା ଏବଂ କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ଥଇଥାନ ଆଇନ ୨୦୧୩ ଏବଂ ସଂଶୋଧିତ ଆଇନ ୨୦୧୬ ଆଧାରରେ କରାଯାଇଛି । ଏହି ଆଇନ ଅନୁସାରେ ଜାତୀୟ ରାଜପଥ ତଥା ଭାରତୀୟ ରେଳ ପ୍ରକଳ୍ପ ପାଇଁ ହେବାକୁ ଥିବା ଜମି ଅଧିଗ୍ରହଣ ପୂର୍ବରୁ ଜମିର ମୂଲ୍ୟାଙ୍କନ ସାମ୍ପ୍ରତିକ ବଜାରଦର ସମତୁଲ ଆଧାରରେ ସମ୍ପୃକ୍ତ ଜିଲାର ଜିଲାପାଳ ଜମିର ମୂଲ୍ୟ ପ୍ରଥମେ ଧାର୍ଯ୍ୟ କରି ସର୍ବସାଧାରଣଙ୍କୁ ଅବଗତ କରାଇବେ । ମାତ୍ର ପରିତାପର ବିଷୟ ରେଳ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା ୯୯ଟି ଗାଁର ଜନ ସାଧାରଣଙ୍କୁ ବର୍ତ୍ତମାନ ସୁଦ୍ଧା ଅନ୍ଧାରରେ ରଖାଯାଇଛି । ଫଳରେ ବୌଦ୍ଧ ଜିଲାରେ ହେଉଥିବା ଅଧିଗ୍ରହଣକୁ କ୍ଷତିଗ୍ରସ୍ତ ପ୍ରଜା ବିରୋଧ କରିଛନ୍ତି । ଶହ ଶହ ବର୍ଷର ନିଜ ଭିଟା ମାଟି ଓ ଚାଷ ଜମିକୁ ଶାଗ ମାଛ ଦରରେ ନେବାର ପ୍ରୟାସକୁ ବିରୋଧ କରାଯାଇଛି। ବର୍ତ୍ତମାନ ବଜାର ଦର ଅନୁସାରେ କ୍ଷୟକ୍ଷତିର ଆକଳନ ସହ କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ଦାବିକୁ ବିଚାର କରି ପଦକ୍ଷେପ ନେବାକୁ ଦାବି ହୋଇଛି । କ୍ଷତିଗ୍ରସ୍ତ ସଂଗ୍ରାମ ସମିତି ସଭାପତି ସଲିଳ ଭୋକ୍ତାଙ୍କ ନେତୃତ୍ୱରେ ସଦସ୍ୟ ପ୍ରଦୋଷ ମିଶ୍ର, ଜନ୍ମେଜୟ ପ୍ରଧାନ, ରବିଚନ୍ଦ୍ର ପ୍ରଧାନ ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ କରି ଦାବି ପତ୍ର ପ୍ରଦାନ କରିଥିଲେ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଲୋ ଛିଙ୍କୁଣି ମୁଣ୍ଡ ଉକୁଣି**
**ତତେ କିଏ ମୋର ଚାହୁଁଛି**
**ମୋହର ଘରଣୀ ତୋଠଉଁ ସୁନ୍ଦର**
**ଶାଶୁ କୋଳେ ଦିନ ଯାଉଛି ।**

ସୁଖୀ ଦାମ୍ପତ୍ୟ ପାଇଁ ପରସ୍ପରର ବିଶ୍ୱସ୍ତ ହେବା ବାଞ୍ଛନୀୟ। ଜୀବନସାଥୀ ପ୍ରତି ସ୍ନେହ ଶ୍ରଦ୍ଧା ସମ୍ମାନ ଭାବ ରଖୁଥିବା ବ୍ୟକ୍ତି କେବେ ବି ଅବୈଧ ସମ୍ପର୍କକୁ ପ୍ରଶ୍ରୟ ଦେଇ ନ ଥାନ୍ତି। ଦୈହିକ ସୁଖ ଲାଳସାରେ ମାତି ନିଜ ସୁନା ସଂସାରରେ ନିଆଁ ଲଗାଇବାକୁ ଉଚିତ ମଣି ନ ଥା’ନ୍ତି। ଏପରିସ୍ଥଳେ ନିଜ ପତ୍ନୀଙ୍କୁ ଜୀବନଠୁ ଅଧିକ ଭଲ ପାଉଥିବା ବ୍ୟକ୍ତି ପରକୀୟା ପ୍ରୀତିଠାରୁ ନିଜକୁ ଦୂରେଇ ରଖିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛାଡ଼ ପିତୃକାର୍ଯ୍ୟ**
**କର ରାଜକାର୍ଯ୍ୟ ।**

ପିତୃଋଣ ଶୁଝି ହୋଇ ନ ଥାଏ। ପ୍ରତ୍ୟେକ ବ୍ୟକ୍ତି ପାଇଁ ନିଜ ପିତାମାତା ତଥା ଘର ପରିବାର ପ୍ରତି କିଛି ଦାୟିତ୍ୱବୋଧ ରହିଥାଏ। କିନ୍ତୁ ଏହାଠାରୁ କାହିଁ କେତେଗୁଣ ଅଧିକ ଦାୟିତ୍ୱ ରହିଥାଏ ଦେଶ ପ୍ରତି। ଦେଶ ସେବାରେ ନିଜକୁ ନିୟୋଜିତ କରିବା ତଥା ଜୀବନକୁ ଉତ୍ସର୍ଗ କରିବା ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଅତି ଜରୁରୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାରଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09517415755
09598246628

BUSINESS

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ପ୍ରାଇଭେଟ୍ କମ୍ପାନୀ ପ୍ରତି ସାବଧାନ
GRAMIN FINANCE
ଦ୍ୱାରା ସବୁ ପ୍ରକାର ଋଣ ନିଅନ୍ତୁ କମ୍ ସୁଧ + Subsidy, No File Charge, No Guarantor, Only Bank fees -
ଏ ସବୁକିଛି ଋଣ ମଞ୍ଜୁର ହେବା ପରେ
Miss Call Alert:
09610759333
S/O Durvijay Singh, 549/328, Shanti Nagar, Vakola, Santacruz, Mumbai- 400055

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଇ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଇଣ୍ଡସ୍ ଫାଇନାନ୍ସ ଲି:
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
B-36/7, A-Block, Vijay Enclave, Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

See Color Display Classified on every Tuesday & Friday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ତୁମେ ଅନ୍ୟଠାରୁ ଯେଭଳି ବ୍ୟବହାର ଆଶା କରୁନାହଁ, ସେଭଳି ବ୍ୟବହାର ତୁମେ ଅନ୍ୟ ପ୍ରତି ନ କରିବା ଉଚିତ।
-କନଫୁସିୟସ



## ସଂକ୍ଷେପରେ

### କୁନି ବୈଜ୍ଞାନିକ ପ୍ରଦର୍ଶନ କଲେ ୧୫୩ ପ୍ରକଳ୍ପ

ବିଜେପୁର, ୪।୮ (ଡି.ଏନ.ଏ)

ବିଜେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଛି । ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ପ୍ରଦୀପ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏଥିରେ କୁନି ବୈଜ୍ଞାନିକଙ୍କ ଦ୍ୱାରା ୧୫୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଉଦଯାପନୀ ସମାରୋହରେ ବିଦ୍ୟୁତ ବିଭାଗର ସେକ୍ସନ ଅଫିସର ଇଂ. ବସନ୍ତ କୁମାର ଖଣ୍ଡା ମୁଖ୍ୟଅତିଥି, ଶିବବ୍ରତ ତ୍ରିପାଠୀ, ସମ୍ପାଦକ ତାପସ ଗଡତିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଘନଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ଗୁଡିକ ଆଗାମୀ ୨୪ତାରିଖରେ ଆୟୋଜିତ ହେବାକୁ ଥିବା ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହେବ ବୋଲି ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସୂଚନା ଦିଆଯାଇଛି ।

ଧରିତ୍ରୀ ପ୍ରଭାବ

### କାର୍ଯ୍ୟକ୍ଷମ ହେବ ଶୌଚାଳୟ

ବରପାଲି, ୪।୮ (ଡି.ଏନ.ଏ)

ଗତ ବିଜେପୁର ଉପନିର୍ବାଚନ ବେଳେ ଏନଏସି ପକ୍ଷରୁ ୩ଲକ୍ଷ ୯୫ ହଜାର ଟଙ୍କା ବ୍ୟୟ ଅଟକଳରେ ବରପାଲି ବସଷ୍ଟାଣ୍ଡ ନିକଟରେ ଏକ ଶୌଚାଳୟ ନିର୍ମାଣ କରାଯାଇଥିଲା । ମାତ୍ର ଏଯାଏ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ । ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ନୂତନ ଭାବେ ଯୋଗ ଦେଇଥିବା ଏନଏସି କାର୍ଯ୍ୟନିର୍ବାହୀ ପ୍ରମୋଦ କୁମାର ମେହେର ଉକ୍ତ ଶୌଚାଳୟକୁ ତୁରନ୍ତୁ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନେଇଛନ୍ତି। ଆବର୍ଜନାମୟ ଥିବା ଉକ୍ତ ଶୌଚାଳୟ ଓ ରାସ୍ତାକୁ ସଫା କରିବା ସହ ଲୋକଙ୍କ ସେବାରେ ଲାଗିବ ବୋଲି ଜଣାପଡିଛି ।

### ସୁତ ସମାଜ ଗଠିତ

ଜାମଟିକ୍ରା, ୪।୮ (ଡି.ଏନ.ଏ)

ଅତାବିରା ଏନଏସି ଅନ୍ତର୍ଗତ ରେଙ୍ଗାଲି କ୍ୟାମ୍ପଠାରେ ରବିବାର ପଶ୍ଚିମ ଓଡିଶା ଆଦିପୀଠ ସୁତ ସମାଜର ଏକ ବୈଠକ କିଶୋର ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଶ୍ଚିମ ଓଡିଶାର ୧୦ଟି ଜିଲାର ସୁତ ସମାଜର ସଭାପତି ଓ ସମ୍ପାଦକଙ୍କ ସହ ଛତିଶଗଡରୁ ମଧ ସମାଜର ଭାଇମାନେ ଯୋଗ ଦେଇଥିଲେ । ସମାଜର ଉନ୍ନତି ତଥା ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହେବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ କିଶୋର ଚନ୍ଦ୍ର ନାୟକ ସଭାପତି, ଅଶ୍ୱିନୀ ଚନ୍ଦ୍ର ନାୟକ ଉପସଭାପତି, ଜିତେନ୍ଦ୍ର ଦେହୁରୀ ସମ୍ପାଦକ, ଜୟରାମ ବେହେରା ସହ ସମ୍ପାଦକ, ଦୀନବନ୍ଧୁ ଭିତିରିଆ କୋଷାଧକ୍ଷ ମନୋନୀତ ହୋଇଛନ୍ତି । ଶେଷରେ ବିନୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

■ ପ୍ରଦୂଷଣ ବୋର୍ଡ଼ର ନିର୍ଦ୍ଦେଶକୁ ବେଖାତିର

# ରାଇସ୍ ମିଲ୍‌କୁ କାରଣ ଦର୍ଶାଅ ନୋଟିସ

ବରଗଡ଼ ଅଫିସ୍,୪।୮

ବରଗଡ଼ ଜିଲାରେ ଗଢ଼ିଉଠିଥିବା କେତେକ ରାଇସ ମିଲ୍ ଯୋଗୁ ପରିବେଶ ପ୍ରଦୂଷଣ ହେଉଛି। ଗତ କିଛିଦିନ ତଳେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ବରଗଡ଼ ସହର ଉପକଣ୍ଠ ନାଗେନପାଲିସ୍ଥିତ ଏକ ରାଇସ ମିଲକୁ ପ୍ରଦୂଷଣ ଯୋଗୁ କାରଣ ଦର୍ଶାଅ ନୋଟିସ କରିଥିଲା । ଏହାପରେ ଜିଲାର ରେମଣ୍ଡା ନିକଟ ଡୁଙ୍ଗୁରିପାଲିସ୍ଥିତ ଅନ୍ୟ ଏକ ରାଇସ୍ ମିଲ୍‌କୁ ଅନୁରୂପ ନୋଟିସ ଜାରି କରାଯାଇଛି । ଡୁଙ୍ଗୁରିପାଲିସ୍ଥିତ ଶ୍ରୀ ଧନଲକ୍ଷ୍ମୀ ରାଇସ ମିଲ୍‌କୁ ଏଭଳି ନୋଟିସ ଜାରି କରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ୧୫ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଛି । ନଚେତ୍ ଉକ୍ତ ରାଇସ୍ ମିଲ ବିରୋଧରେ ବନ୍ଦ ନୋଟିସ ଜାରି ହେବ ବୋଲି ନୋଟିସରେ କୁହାଯାଇଛି। ତେବେ ଲୋକ ଦେଖାଣିଆଭାବେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଗୋଟିଏ ପରେ ଗୋଟିଏ ଏଭଳି ଶିଳ୍ପାନୁଷ୍ଠାନକୁ ନୋଟିସ୍ ଜାରି କରୁଛି । ମାତ୍ର ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଯୋଗୁ ଏଥିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଭୂମିକାକୁ ନେଇ ମଧ୍ୟ ସାଧାରଣରେ ନାନା ସନ୍ଦେହ ଉପୁଜିବାରେ ଲାଗିଛି ।

ସୂଚନା ଅନୁସାରେ, ଶ୍ରୀ ଧନଲକ୍ଷ୍ମୀ ରାଇସ ମିଲ୍‌କୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଦେଇଥିବା ଅନୁମତିର ଅବଧି ୨୦୨୦ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ରହିଛି । ମାତ୍ର ଅନୁମତି ଦେବା ସମୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଯେଉଁ ସର୍ତ୍ତ ରଖିଥିଲା, ତାହା ସମ୍ପୃକ୍ତ ରାଇସ୍ ମିଲ୍ ଉଲ୍ଲଙ୍ଘନ କରିଥିବା ଜଣାପଡିଛି । ଉକ୍ତ ରାଇସ ମିଲ୍‌କୁ ଗତ ଜୁନ ୨୨ତାରିଖରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଡଃ ଏସ.ଏନ ନନ୍ଦଙ୍କ ନେତୃତ୍ୱରେ ଏକ ଟିମ୍ ଯାଞ୍ଚ ପାଇଁ ଯାଇଥିଲେ । ଯାଞ୍ଚବେଳେ ଉକ୍ତ ରାଇସ ମିଲରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କୌଣସି ଆବଶ୍ୟକ ବ୍ୟବସ୍ଥା ନିଆଯାଇ ନ ଥିବାରୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପ୍ରଦୂଷିତ ହେଉଥିବା ଦେଖିବାକୁ ମିଳିଥିଲା । ଫଳରେ ନୋଟିସ ଜାରି ହେବାର ୧୫ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ ନୋଟିସ (ନଂ.୩୬୧୨)ରେ ଉକ୍ତ ରାଇସ ମିଲ୍‌ର ମାଲିକ ଭି. ଆଦିନାରାୟଣ ରାଜୁଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।



Tel : 0663-2522305
Email :rospcb.sambalpur@ospcboard.org
Website : www.ospcboard.org

ODISHA

OFFICE OF THE REGIONAL OFFICE, SAMBALPUR
STATE POLLUTION CONTROL BOARD, ODISHA
[DEPARTMENT OF FOREST & ENVIRONMENT, GOVERNMENT OF ODISHA]
1070, Hospital Road, Modipara, Sambalpur-768002

No....3612......./ III-CON (Operate)24/2013-14 Date....................../

By Speed Post / Email

SHOW CAUSE NOTICE U/S. 31 A OF AIR (PREVENTION & CONTROL OF POLLUTION) ACT, 1981 AS AMENDED THEREOF

WHEREAS , you are operating a rice mill, At; Dunguripali, Po: Remunda, Dist: Bargarh in the name and style of M/s. Shree Dhanlaxmi Rice Mill with valid consent to operate granted up to 31.3.2020 for production of Boiled Rice : 816 TPM, Broken Rice- 8 TPM and Rice Bran: 60 TPM subject to strict compliance of consent conditions;

AND WHEREAS, during inspection of your unit on dtd. 22.06.2019 by the officials of Regional Office, SPC Board Sambalpur, it was observed that you have not provided any pollution control measures in your unit which is the main cause of creating air pollution in nearby vicinity. (Copy of the inspection report is enclosed for your ready reference).

AND WHEREAS, the above said non-compliances are gross violations of the consent conditions and provision of Air (PCP) Act, 1981.

In view of the above, you are directed to show cause within 15 days from the date of issue of this notice as to why direction of closure u/s 31 (A) of Air (PCP) Act, 1981 and Rules framed thereunder shall not be issued to your unit for the above mentioned violations. If no reply received within the stipulated time period or reply is found to be unsatisfactory, closure u/s 31 (A) of Air (PCP) Act, 1981 and Rules framed thereunder shall issued without further notice.

By order of the Board,

Encl: As above

REGIONAL OFFICER

To
Sri Vadapalli Adinarayan Raju, Partner
M/s. Shree Dhanlaxmi Rice Mill
At; Dunguripali, Po: Remunda, Dist: Bargarh

ରାଇସ ମିଲ ମାଲିକଙ୍କୁ କାରଣ ଦର୍ଶାଅ ନୋଟିସର ନକଲ ।

## ବନ୍ଧୁତା ଦିବସରେ ବୃକ୍ଷରୋପଣ

ସରଣ୍ଡା,୪।୮(ଡି.ଏନ୍.ଏ)

ଅତାବିରା ବ୍ଲକ ଗୋଡ଼ଭଗା ଦୁର୍ଗା ପୂଜା କମିଟି ପକ୍ଷରୁ ରବିବାର ବନ୍ଧୁତା ଦିବସ ଅବସରରେ ବୃକ୍ଷରୋପଣ କରାଯାଇଛି । କମିଟିର କର୍ମକର୍ତ୍ତା ଗୋଡ଼ଭଗା କ୍ୟାମ୍ପରୁ ଗଡ଼ତିଆପାଲି ରାସ୍ତାର ଉଭୟ ପାର୍ଶ୍ୱରେ ଚାକୁଣ୍ଡା, ଶିଶୁ, ୟୁକାଲସ୍‌ପଟାସ୍, ଅଁଳା ଆଦି ଶତାଧିକ ବୃକ୍ଷ ଚାରାରୋପଣ କରିଥିଲେ। ସଭାପତି ମଧୁସୁଦନ ଶର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପଦେଷ୍ଟା କମିଟିର କୁଳମଣି ପ୍ରଧାନ, ସୁରେଶ ଦାଶ, ମହେଶ ଶର୍ମା, ଅକ୍ଷୟ କର୍ଣ୍ଣ, ଅଶ୍ୱିନୀ ଦାଶ, ଉପ ସଭାପତି କେ. ଭାରାପ୍ରସାଦ, ରାଜେଶ ଯଶପାଲ, ସମ୍ପାଦକ ରମେଶ ଅଗ୍ରୱାଲ, ଲିପୁନ ରଥ, ଅନିରୁଦ୍ଧ ଖମାରୀ, ଅରୁଣ ପ୍ରଧାନ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ବୃକ୍ଷରୋପଣ କରିବା ସହ ତାର ଯତ୍ନ ନେବାକୁ ସଂକଳ୍ପ କରିଥିଲେ ।




ଗୋଡ଼ଭଗା ଦୁର୍ଗାପୂଜା କମିଟି ପକ୍ଷରୁ ବୃକ୍ଷରୋପଣ କରାଯାଉଛି ।

## ଭୋଟର ତାଲିକା ସଂଶୋଧନକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୪।୮

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ-୨୦୧୯ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହିସଭାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ। ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଆସନ୍ତା ୨୦୨୦ ମସିହା ଜାନୁୟାରୀ ୧ତାରିଖକୁ ଯୋଗ୍ୟତା ଭିତ୍ତିରେ ନୂତନ ଭୋଟରମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ଉପରେ ଜିଲାପାଳ ତ୍ରିପାଠୀ ଗୁରୁତ୍ୱାରୋପ କରିଥିବା ବେଳେ ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ସମସ୍ତ ପ୍ରକ୍ରିୟା ଉପରେ ଅବଗତ କରାଇଥିଲେ। ଏହାକୁ ସୂଚାରୁ ଭାବେ ସମ୍ପାଦନ କରିବା ପାଇଁ ସେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହଯୋଗ ଲୋଡ଼ିଥିଲେ। ଅନ୍ୟ ବିଭାଗୀୟ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ ।



ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଭୋଟର ତାଲିକା ସଂଶୋଧନ ବୈଠକ ।



ବୋଲବମ ଭକ୍ତମାନେ ପାଣି ଢାଳିବା ପାଇଁ ବରଗଡ଼ ସହର ଦେଇ ଶୈବାଳୟକୁ ପଦଯାତ୍ରା କରୁଛନ୍ତି ।

### ଦୁର୍ଘଟଣାରେ ଜଣେ ମୃତ

ବରଗଡ଼ ଅଫିସ୍,୪।୮

ବରଗଡ଼ ସହରର ବାନ୍ଧୁଟିକ୍ରା ଛକ ନିକଟରେ ରବିବାର ପୂର୍ବାହ୍ନରେ ଏକ ସଡ଼କ ଦୁର୍ଘଟଣା ହୋଇଥିଲା । କାର୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ବାଇକ୍ ଆରୋହୀ ବନବାସପାଲି ନିବାସୀ ସାଗର ଶିକା ଗୁରୁତର ଆହତ ହୋଇଥିଲେ । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

### ଚୋରାମଦ କାରବାର, ୨ ଅଭିଯୁକ୍ତ ଗିରଫ

ବରଗଡ଼ ଅଫିସ୍,୪।୮

ବରଗଡ଼ ଟାଉନ ଥାନା ପୋଲିସ ଚୋରାମଦ କାରବାର ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବିଜୟ ବେହେରା ଏବଂ ଜିତେନ୍ଦ୍ର ମେହେର । ସେମାନଙ୍କ ପାଖରୁ ୪୪ଟି ବିଦେଶୀ ମଦ ଜବତ ହୋଇଛି । ବରଗଡ଼ ହାଟପଦାରେ ଗିରଫ ଅଭିଯୁକ୍ତ ଚୋରାମଦ କାରବାର ଚଳାଇଥିବା ସୂଚନା ପାଇ ପୋଲିସ ସେଠାରେ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉରେ ପୋଲିସ ସେମାନଙ୍କୁ ଗିରଫ ସହିତ ତାଙ୍କ ପାଖରୁ ବିଦେଶୀ ମଦ ଜବତ କରିଥିଲା । ଏ ନେଇ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଛି ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ କହିଛନ୍ତି ।

## ଚୋରାମଦ କାରବାରରୁ ଚାପା ଉତ୍ତେଜନା



ବରଗଡ଼ ଟାଉନ ଥାନା ପୋଲିସକୁ ଫେରାଦ ହୋଇଥିବା ଗ୍ରାମବାସୀ ।

ବରଗଡ଼ ଅଫିସ୍,୪।୮

ବରଗଡ଼ ଜିଲାରେ ଚୋରାମଦ କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି । ଜିଲାର ଗାଁଠାରୁ ସହର ପର୍ଯ୍ୟନ୍ତ ଗଳିକନ୍ଦିରେ ଅବାଧରେ ଏହା ବିକ୍ରି ହେଉଛି । ଗ୍ରାମରେ ଏହାର କୁପ୍ରଭାବ ପଡ଼ିବା ସହିତ ନାନା ଅପରାଧ ଘଟୁଥିବା ଯୋଗୁ ଗ୍ରାମବାସୀ ତଥା ମହିଳାମାନେ ମଦ ବିରୋଧୀ ଅଭିଯାନରେ ବାହାରୁଛନ୍ତି । ଅନ୍ୟପଟେ ଲୋକ ଦେଖାଣିଆ ଚଢ଼ାଉ କରି ଅବକାରୀ ବିଭାଗ ହାତ ବାନ୍ଧି ବସିଥିବା ଅଭିଯୋଗ ହେଉଛି । ବରଗଡ଼ ସହର ଉପକଣ୍ଠ ଡାଙ୍ଗରେ ଚୋରା ମଦ କାରବାର ଯୋଗୁ ଚାପା ଉତ୍ତେଜନା ଲାଗି ରହିଥିବା ଜଣାପଡ଼ିଛି । ଏ ନେଇ ଗ୍ରାମବାସୀ ରବିବାର ସ୍ଥାନୀୟ ଟାଉନ ଥାନାକୁ ଆସି ଆଇଆଇସି ସଦାନନ୍ଦ ପୂଜାରୀଙ୍କୁ ଭେଟିବା ସହିତ ଗ୍ରାମରେ ଚାଲିଥିବା ଚୋରାମଦ କାରବାର ବନ୍ଦ କରିବା ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି।

ପ୍ରକାଶ ଯେ, ଗତ କିଛି ମାସ ତଳେ ଡାଙ୍ଗ ଗ୍ରାମବାସୀ ମଦ ବିରୋଧୀ ଅଭିଯାନରେ ବାହାରିବାରୁ ଗ୍ରାମରେ ଚୋରାମଦ କାରବାର ବନ୍ଦ ରହିଥିଲା । ମାତ୍ର ଏବେ ପୁଣି ମଦ ବେପାରୀମାନେ ପୁଣି ସେ ଅଞ୍ଚଳରେ ସକ୍ରିୟ ହୋଇ ପଡ଼ିଛନ୍ତି । ଗ୍ରାମବାସୀ ଚୋରାମଦ ବିକ୍ରି ବନ୍ଦ କରିବାକୁ ସମ୍ପୃକ୍ତ ମଦ ବେପାରୀଙ୍କୁ କହୁଛନ୍ତି। ମଦ ବେପାରୀ ଚୋରା କାରବାର ବନ୍ଦ କରିବା ବଦଳରେ ନାନା ଧମକଚମକ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଚୋରାମଦ କାରବାର ଯୋଗୁ ସମ୍ପୃକ୍ତ ଅଞ୍ଚଳର ଛାତ୍ରୀଛାତ୍ର ସ୍କୁଲ, କଲେଜ ଯିବାକୁ ଭୟ କରୁଥିବାବେଳେ ଗ୍ରାମର ମହିଳାମାନେ ମଧ୍ୟ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଫଳରେ ଅଞ୍ଚଳରେ ଚାଲିଥିବା ଚୋରାମଦ କାରବାରକୁ ବନ୍ଦ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ସାମାଜିକ କର୍ମୀ ଲିପସିତ୍ ମିଶ୍ରଙ୍କ ନେତୃତ୍ୱରେ ଗ୍ରାମବାସୀ ସ୍ଥାନୀୟ ଟାଉନ ଥାନାକୁ ଆସି ସେ ନେଇ ଆଇଆଇସି ପୂଜାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ଜ୍ଞାନବିଜ୍ଞାନ ମେଳାରେ ୧୬୫ ପ୍ରକଳ୍ପ ପ୍ରଦର୍ଶିତ

ଗଣ୍ଡତୁରୁମ, ୪।୮ (ଡି.ଏନ.ଏ)

ଭେଡେନ ବ୍ଲକ ମହୁଲପାଲି ସରସ୍ୱତୀ ଶିଶୁ ମନ୍ଦିରରେ ଶନିବାର ଅନୁଷ୍ଠିତ ଜ୍ଞାନବିଜ୍ଞାନ ମେଳାରେ ୧୬୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏଥିରେ ଉଦୟ ବର୍ଗରେ ୬୪, ଶିଶୁ ବର୍ଗରେ ୫୨ ଓ ବାଳ ବର୍ଗରେ ୪୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ଧରଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ଶିକ୍ଷକ ଚୋଳଗଙ୍ଗ ମେହେର, ଆନନ୍ଦ କର୍ଣ୍ଣ ଏବଂ ରାମେଶ୍ୱର ପ୍ରଧାନ ବିଚାରକ ଭାବେ ଯୋଗ ଦେଇଥିଲେ । ଶିଶୁ ମନ୍ଦିରର ଆଚାର୍ଯ୍ୟ ରୋହିତ ପ୍ରଧାନ, ସୁରେନ୍ଦ୍ର ବେହେରା, ଗୋପାଳକ୍ରିଷ୍ଣା ମହର୍ଣ୍ଣା, ବୁଦ୍ଧଦେବ ଭୋଇ, କୁଳମଣି ତ୍ରିପାଠୀ, ଆଚାର୍ଯ୍ୟା ଶୁଭସ୍ମିତା ନେପାକ, ଅନସୂୟା ପଧାନ, ଅପରାଜିତା ଭୁଏ, ସସ୍ମିତା ମହାକୁର, ସ୍ମୃତିପ୍ରଭା ମିଶ୍ର ଓ ଭାଗ୍ୟବତୀ କ୍ଷେତି ପ୍ରମୁଖ ସହଯୋଗ କରିଥିଲେ ।



ବିଚାରକମାନେ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରୁଛନ୍ତି ।

# ବର୍ଷା ପରେ ଜୋର୍ ଧରିଲା ଚାଷକାମ

ବରଗଡ଼ ଅଫିସ୍,୪।୮

ଖରିଫ ଚାଷକାର୍ଯ୍ୟ ଆରମ୍ଭରୁ ସ୍ୱଳ୍ପ ବୃଷ୍ଟିପାତ ଚାଷୀମାନଙ୍କୁ ଚିନ୍ତାରେ ପକାଇ ଦେଇଥିଲା। ବିଳମ୍ବିତ ମୌସୁମୀ ଯୋଗୁ ଚାଷକାର୍ଯ୍ୟ ମଧ୍ୟ ବିଳମ୍ବ ହୋଇଥିଲା। ଯେଭଳି ଭାବେ ବର୍ଷା ହୋଇଥିଲା ସେଥିରେ ଜମିରେ ହଳ କରିବା ମଧ୍ୟ ଚାଷୀଙ୍କ ପାଇଁ କଷ୍ଟସାଧ୍ୟ ହୋଇ ପଡ଼ିଥିଲା। ତେବେ ଜୁଲାଇର ବର୍ଷା ଜିଲାର ସ୍ୱାଭାବିକ ବୃଷ୍ଟିପାତକୁ ଟପିବା ପରେ ଗତ କିଛିଦିନ ହେଲା ଜିଲାରେ ଚାଷକାର୍ଯ୍ୟ ଜୋର୍ ଧରିଛି । ଚାଷୀମାନେ ଜମି ହଳ କରିବା ସହିତ ଧାନ ରୁଆ, ବିହୁଡ଼ା ଆରମ୍ଭ କରି ଦେଇଥିବା ଦେଖିବାକୁ ମିଳିଛି । ମାତ୍ର ଆଗକୁ ବର୍ଷା ନ ହେଲେ ଚାଷକାର୍ଯ୍ୟ ପୁଣି ପ୍ରଭାବିତ ହେବା ଆଶଙ୍କା ରହିଛି । ବରଗଡ଼ ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀ କହିଛନ୍ତି, ଏବେ ସୁଦ୍ଧା ଜିଲାର ପ୍ରତି ବ୍ଲକରେ ବୃଷ୍ଟିପାତ ଠିକ୍ ରହିଛି । ତଥାପି ଆହୁରି ୨/୩ଦିନ ବର୍ଷା ହେଲେ ତାହା ଚାଷକାର୍ଯ୍ୟ ପାଇଁ ଭଲ ହେବ । ରୁଆ, ବିହୁଡ଼ା ସରିବା ପର୍ଯ୍ୟନ୍ତ ବର୍ଷା ଲାଗି ରହିଲେ, ଚାଷକାର୍ଯ୍ୟ ସେଭଳି କିଛି ପ୍ରଭାବିତ ହେବନାହିଁ ।

ଜିଲାରେ ଜୁନ ମାସରୁ ଖରିଫ ଚାଷକାର୍ଯ୍ୟ ଆରମ୍ଭ ହୋଇଥାଏ । ମୌସୁମୀ ବିଳମ୍ବ ହେବାରୁ ଚାଷକାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଥିଲା । ଜୁନ ମାସର ବର୍ଷା ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣରୁ ବହୁପଛରେ ରହିଥିଲା । ଜୁନ ମାସରେ ବରଗଡ଼ ଜିଲାର ସ୍ୱାଭାବିକ ବୃଷ୍ଟିପାତ ୨୦୫.୬ ମି.ମି ରହିଛି । କିନ୍ତୁ ସେହି ମାସ ୧୩୫.୫୩ ମି.ମି ବର୍ଷା ରେକର୍ଡ଼ କରାଯାଇଥିଲା । ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷୀ ଚାଷକାର୍ଯ୍ୟ ଆରମ୍ଭ କରିପାରି ନ ଥିଲା । ଏପରିକି ଅଣଜଳସେଚିତ ଅଞ୍ଚଳରେ ମାଟି ଟାଣ ଥିବାରୁ ଜମି ହଳ କରିବା ମଧ୍ୟ ସମ୍ଭବ ହୋଇ ପାରି ନ ଥିଲା । ସେହିପରି ଉଠାଜଳସେଚନ ମାଧ୍ୟମରେ ଯେଉଁ କେତେକ ଚାଷୀ ଧାନ ବୁଣାବୁଣି କରିଥିଲେ, ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ତାହା ମଧ୍ୟ ଉଜୁଡ଼ିଥିଲା । ଏଭଳି ସ୍ଥଳେ ଚାଷୀମାନେ ବର୍ଷାକୁ ଅନାଇ ବସିଥିଲେ। ହେଲେ ଜୁଲାଇ ମାସ ଆରମ୍ଭରୁ ବର୍ଷା ଧରାଛୁଆଁ ଦେଇ ନ ଥିଲା । ଫଳରେ ଚାଷକାର୍ଯ୍ୟ ଆରମ୍ଭରୁ ଚାଷୀମାନଙ୍କୁ ପୁଣି ମରୁଡ଼ି ଚିନ୍ତା ଘାରିଥିଲା। ଜୁଲାଇ ମାସ ଶେଷ ପର୍ଯ୍ୟାୟରେ ଭଲ ଅସରାଏ ବର୍ଷା ହୋଇଥିଲା ଏବଂ ଏହି ମାସରେ ହୋଇଥିବା ବର୍ଷା ଜିଲାର ସ୍ୱାଭାବିକ ବୃଷ୍ଟିପାତକୁ ମଧ୍ୟ ଟପିଥିଲା ।

ଜୁଲାଇ ମାସରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୩୯୭.୨ମି.ମି ରହିଛି। କିନ୍ତୁ ଏହି ମାସ ଜିଲାରେ ତାଠାରୁ ଅଧିକ ଅର୍ଥାତ୍ ୪୧୨.୭୨ ମି.ମି ବୃଷ୍ଟିପାତ ହୋଇଥିବା ରେକର୍ଡ଼ କରାଯାଇଛି । ଜିଲାର ଅମ୍ବାଭୋନା ବ୍ଲକରେ ୩୫୪, ଅତାବିରା ୪୩୮, ବରଗଡ଼ ୫୦୭.୬, ବରପାଲି ୪୫୪.୬, ଭଟଲି ୪୮୨, ଭେଡ଼େନ ୪୬୨, ବିଜେପୁର ୩୧୮.୪, ଗାଇସିଲେଟ ୩୮୪.୧୧, ଝାରବନ୍ଧରେ ୩୯୬, ପଦ୍ମପୁର ୪୦୩.୨, ପାଇକମାଲ ୪୦୬ ଏବଂ ସୋହେଲାରେ ୩୪୬.୭ମି.ମି ବର୍ଷା ହୋଇଥିବା ରେକର୍ଡ଼ ହୋଇଛି । ତେବେ ଜିଲାରେ ଜୁଲାଇ ମାସର ବର୍ଷା ସ୍ୱାଭାବିକ ବୃଷ୍ଟିପାତ ପରିମାଣକୁ ଟପିଥିଲେ ହେଁ ଜିଲାର ଅତାବିରା, ବରଗଡ଼, ବରପାଲି, ଭେଡ଼େନ ଭଳି ଜଳସେଚିତ ଅଞ୍ଚଳ ତୁଳନାରେ ଅନ୍ୟ ଅଣଜଳସେଚିତ ଅଞ୍ଚଳରେ ବୃଷ୍ଟିପାତ କମ୍ ରହିଛି । ଫଳରେ ଏବେ ମଧ୍ୟ ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କୁ ମରୁଡ଼ି ଚିନ୍ତା ଘାରିଛି । ସେହିପରି ଅଗଷ୍ଟ ମାସରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୩୭୪.୪ମି.ମି ରହିଛି। ମାତ୍ର ଚଳିତମାସ ରବିବାର ସୁଦ୍ଧା ଜିଲାର ହାରାହାରି ବୃଷ୍ଟିପାତ ପରିମାଣ କେବଳ ୧୦.୯୬ ମି.ମି ରେକର୍ଡ଼ କରାଯାଇଛି । ଜିଲାର ବୃଷ୍ଟିପାତରେ ଏଭଳି ବ୍ୟବଧାନ ତଥା ତାରତମ୍ୟ ଯୋଗୁ ଆଗକୁ ବର୍ଷା ନ ହେଲେ ଏଥର ମଧ୍ୟ ଫସଲ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଥିବା ମତପ୍ରକାଶ ପାଇଛି ।



ଅତାବିରା ବ୍ଲକ ଦୁଲମପୁରରେ ଜଣେ ଛୋଟପିଲା ପାୱାର ଟ୍ରିଲରରେ ଜମି ହଳ କରୁଛନ୍ତି ।

- ■ ସ୍ୱାଭାବିକ ବୃଷ୍ଟିପାତ ପରିମାଣକୁ ଟପିଲା ଜୁଲାଇର ବୃଷ୍ଟିପାତ
- ■ ଜଳସେଚିତ ତୁଳନାରେ ଅଣଜଳସେଚିତ ଅଞ୍ଚଳରେ କମ୍ ବର୍ଷା
- ■ ଆଗକୁ ବର୍ଷା ନ ହେଲେ ମରୁଡ଼ିର ପୁନରାବୃତ୍ତି ଆଶଙ୍କା

## ସଂକ୍ଷେପରେ

### ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା, ଯୁବକ ଗିରଫ

ବିନିକା,୪।୮(ଡି.ଏନ୍.ଏ): ବିବାହର ପ୍ରଲୋଭନ ଦେଖାଇ ଜଣେକା ନାବାଳିକାଙ୍କୁ ପ୍ରତାରଣା କରିବା ଅଭିଯୋଗରେ ବିନିକା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଥାନା ଅନ୍ତର୍ଗତ ଭବାନୀପାଲି ଗ୍ରାମର ବସନ୍ତ ମହାନନ୍ଦ(୨୪)। ପୀଡିତା ନାବାଳିକାଙ୍କ ଅଭିଯୋଗ କ୍ରମେ ବିନିକା ଥାନା ପୋଲିସ ଅଭିଯୁକ୍ତଙ୍କ ନାଁରେ ଦଫା ୩୩୩, ୩୬୬, ୩୭୬, ୨ ଏନ୍ ଆଇପିସି ଓ ୬ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୧୨୫/୧୯) ରୁଜୁ କରିଛି। ପୋଲିସ୍ ସୂତ୍ରରୁ ପ୍ରକାଶ ଯେ, ବସନ୍ତ ବରଗଡ ଜିଲା ବିଜେପୁର ଥାନା ଅଞ୍ଚଳର ଏହି ୧୬ ବର୍ଷୀୟା ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ସମ୍ପର୍କ ସ୍ଥାପନ କରୁଥିଲେ। ହେଲେ ପରେ ବିବାହ କରିବାକୁ ମନା କରିଦେଇଥିଲେ।

### ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ଉଲୁଣ୍ଡା, ୪।୮(ଡି.ଏନ.ଏ.): ମା'କ୍ଷୀର ଅମୃତ। ଏଥିରୁ ବଞ୍ଚିତ ଶିଶୁ ପୁଷ୍ଟିହୀନତା ଆଦି ବିଭିନ୍ନ ପ୍ରକାର ରୋଗର ଶିକାର ହୋଇଥାଏ। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ଜନସ୍ୱାସ୍ଥ୍ୟ ଅଧିକାରୀ ମାଝିଗୌରି ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମେଡିକାଲ ଅଫିସର ଡ.ଆଶୁତୋଷ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ସ୍ତନ୍ୟପାନ ଦ୍ୱାରା କେବଳ ଶିଶୁର ସମସ୍ତ ପ୍ରକାର ଆବଶ୍ୟକତା ପୂରଣ ହେବା ସହ ମା' ହୃଦୟରେ ମଧ୍ୟ ଅପୂର୍ବ ଆନନ୍ଦ ସୃଷ୍ଟି ହୁଏ ବୋଲି ସେ କହିଥିଲେ। ଅନ୍ୟତମ ଅତିଥିଭାବେ ସ୍ୱାସ୍ଥ୍ୟ ପରିଦର୍ଶକ ଅକ୍ରୁର ହୋତା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିପିଏମ ମହେନ୍ଦ୍ର ମିଶ୍ର ପରିଚାଳନା କରିଥିବା ବେଳେ ଆଇସିଡିଏସ ସୁପରଭାଇଜରଙ୍କ ସମେତ ବ୍ଲକର ସମସ୍ତ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ବିଦ୍ୟାଳୟ କ୍ରୀଡା ପାଇଁ ପ୍ରସ୍ତୁତି

ଡୁଙ୍ଗୁରିପାଲି, ୪।୮(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ପ୍ରଧାନଶିକ୍ଷକ ନରେନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଜିଲାସ୍ତରୀୟ ବିଦ୍ୟାଳୟ କ୍ରୀଡା ସମ୍ବନ୍ଧ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତ୍ୟା ଯୋଗଦେଇଥିଲେ। ଦୁର୍ଯ୍ୟୋଧନ ରାଉତ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୁଞ୍ଜୁଲୁ ମିର୍ଦ୍ଧା ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ। ଅତିଥିମାନେ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରରେ କ୍ରୀଡା ପ୍ରତିଯୋଗିତାକୁ ଶାନ୍ତିଶୃଙ୍ଖଳାର ସହ କିପରି ସମାପନ କରାଯାଇ ପାରିବ ତାହା ଉପରେ ମତ ରଖିଥିଲେ। ଏହି ବୈଠକରେ ସହଲା, ଡୁଙ୍ଗୁରିପାଲି, ରାମପୁର ସମେତ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ, ବ୍ଲକର ସମସ୍ତ ସିଆର୍‌ସିସି ଓ ଖେଳ ଶିକ୍ଷକମାନେ ଯୋଗ ଦେଇଥିଲେ।

# ପଟ୍ଟା ମିଳିଛି, ଜମି ଚିହ୍ନଟ ହେଉନି

ଅମରପାଲି, ୪।୮(ଡି.ଏନ.ଏ)


ଚିଙ୍ଗିରାନାଲି ଗ୍ରାମର ଭୂମିହୀନ ପରିବାର।

- ବହଲପଦର ପଞ୍ଚାୟତର ଚିଙ୍ଗିରାନାଲି ଗାଁ
- ୧୫ ଭୂମିହୀନ ପରିବାରକୁ ୭ବର୍ଷ ପୂର୍ବରୁ ମିଳିଛି ପଟ୍ଟା
- ଜମି ଚିହ୍ନଟ ନ ହେଲେ ଆବାସ ଯୋଜନାରୁ ବାଦ୍ ପଡିବେ
- ଚିହ୍ନଟ ପାଇଁ ଆରଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି: ତହସିଲଦାର

ସରକାର ଭୂମିହୀନମାନଙ୍କୁ ଘରଡିହ ଯୋଗାଇ ଦେଇଛନ୍ତି। ଏପରିକି ଉକ୍ତ ପରିବାରମାନଙ୍କୁ ପଟ୍ଟା ବି ମିଳି ସାରିଛି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଦିଆଯାଇଥିବା ପଟ୍ଟା ଜମି ଚିହ୍ନଟକରଣ କରାଯାଉ ନାହିଁ। ଫଳରେ ଉକ୍ତ ଭୂମିହୀନ ପରିବାର ବିଭିନ୍ନ ସମୟରେ ହଇରାଣ ହରକତ ହେଉଥିବା ଦେଖାଯାଉଛି। ଏପରିକି ଅନେକ ସମୟରେ ବିଭିନ୍ନ ସରକାରୀ ଯୋଜନା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ କେଞ୍ଜିରିଆପାଲି ଆରଆଇ ଅଧିନ ବହଲପଦର ପଞ୍ଚାୟତର ଚିଙ୍ଗିରାନାଲି ଗ୍ରାମରେ। ଉକ୍ତ ଗ୍ରାମର ୧୫ଟି ଭୂମିହୀନ ପରିବାର ସରକାରଙ୍କଠାରୁ ଜମି ପଟ୍ଟା ପାଇଥିଲେ। ମାତ୍ର ଜମି ଚିହ୍ନଟ ହେଉ ନଥିବାରୁ ସବୁ ପ୍ରକାର ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଗ୍ରାମର ଲକ୍ଷ୍ମୀ ଚାଉଲିଆ, ସୁନାରତି ଚାଉଲିଆ, ଜେମା ପୋଢ଼, ସତ୍ୟଭାମା ଚାଉଲିଆ, ସୁଷମା ତମଲିଆ, ସୁମିତ୍ରା ଚାଉଲିଆ, ରବି ରାଏ, ଗୁଲାପି ସାହୁ, ମନ୍ଦଦରୀ ଛତ୍ରିଆ, ପାର୍ବତୀ ଛତ୍ରିଆଙ୍କ ପରିବାର କାହିଁ କେତେ ବର୍ଷରୁ ଚିଙ୍ଗିରାନାଲି ଗ୍ରାମରେ ରହି ଆସୁଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଅନୁସୂଚିତ ଜାତି ଶ୍ରେଣୀର। ଦୀର୍ଘଦିନ ହେଲା ସରକାରୀ ଜାଗାରେ ମାଟିଘର କରି ରହିଛନ୍ତି। କୁଲି ମଜୁରୀ ସହିତ ବାଉଁଶ କାମ କରି ପରିବାର ଚଳାଇଥାନ୍ତି। ଘରଡିହ ଖଣ୍ଡେ ପାଇଁ ଏମାନେ ସରକାରଙ୍କଠାରେ ଆବେଦନ କରିଥିଲେ। ଫଳସ୍ୱରୂପ ଉକ୍ତ ୧୫ ପରିବାରକୁ ୨୦୧୨ ମସିହା ଫେବୃୟାରୀ ୧୩ତାରିଖରେ ପ୍ରତ୍ୟେକଙ୍କୁ ୧୦୦ ଡିସମିଲ ଲେଖାଏଁ ଜମିର ପଟ୍ଟା ପ୍ରଦାନ କରାଯାଇଥିଲା। ମିଳିଥିବା ପଟ୍ଟାର ତଥ୍ୟମତେ ଲିଜ କେସ ନଂ. ୧୧୬/୧୨ ଅନୁଯାୟୀ ଖାତା ନଂ. ୪୮ ରୁ ଜମି ପ୍ରଦାନ କରାଯାଇଛି। ମାତ୍ର ଗ୍ରାମବାସୀ ଉକ୍ତ ପଟ୍ଟାକୁ ପାଇଥିଲେ ମଧ୍ୟ ଜମି ଚିହ୍ନଟ ହୋଇ ନ ଥିବାରୁ ଏହା କୌଣସି କାମରେ ଲାଗୁ ନାହିଁ। ଏବେ ଉକ୍ତ ପରିବାର ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରୁ ଘର ପାଇଛନ୍ତି। ଏନେଇ ସେମାନେ ପଞ୍ଚାୟତରେ ଆନୁସଙ୍ଗିକ କାଗଜପତ୍ର ମଧ୍ୟ ଦେଇ ସାରିଛନ୍ତି। ମାତ୍ର ଜମି ଚିହ୍ନଟ ହୋଇ ନ ଥିବାରୁ ସେମାନଙ୍କର ଜିଓ ଟ୍ୟାଗ୍ ମଧ୍ୟ ହେଉନାହିଁ। ଏପଟେ ସମୟ ମଧ୍ୟ ଗଡି ଯାଉଛି। ଯଦି ଜିଓ ଟ୍ୟାଗ୍ ନ ହେବ ତେବେ ଉକ୍ତ ପରିବାର ଆବାସ ଯୋଜନାରୁ ଘର ପାଇବେ ନାହିଁ। ଉକ୍ତ ପରିବାର ଏନେଇ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଏପରିକି ଗତ ଜୁଲାଇ ୧୫ତାରିଖରେ ସ୍ଥାନୀୟ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ତହସିଲଦାର ମଧ୍ୟ ଜମି ଚିହ୍ନଟ ହେବାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାଏ କୌଣସି ପଦକ୍ଷେପ ନିଆଗଲା ନାହିଁ। ଏ ନେଇ ତହସିଲଦାର ଖଦାଳ ପାତ୍ରଙ୍କୁ ପଚାରିବାରୁ ଆରଆଇଙ୍କୁ ଜମି ଚିହ୍ନଟ ପାଇଁ ଆଦେଶ ଦେଇଛି। ଖୁବଶୀଘ୍ର ଚିହ୍ନଟ କରାଯିବ ବୋଲି କହିଛନ୍ତି। ତେଣୁ ବିଭାଗ ତତ୍ପରତା ପ୍ରକାଶ କରି ଯଥାଶୀଘ୍ର ଉକ୍ତ ଜମି ଚିହ୍ନଟ କରିବାକୁ ଦାବୀ ହେଉଛି।



### ଅଙ୍ଗନଦୀ ସେତୁରେ ଫାଟ

ବିନିକା, ୪।୮(ଡି.ଏନ୍.ଏ.)

ସୋନପୁର ଓ ବିନିକାକୁ ସଂଯୋଗ କରୁଥିବା ସଂସାମୁରା ନିକଟବର୍ତ୍ତୀ ସର୍ବ ପୁରାତନ ଦେଢ କିମି ବିଶିଷ୍ଟ ଅଙ୍ଗନଦୀ ସେତୁର ମରାମତି ହେଉନାହିଁ। ଏଥିଯୋଗୁ ସେତୁ ଛାତରେ ଫାଟମାନ ସୃଷ୍ଟି ହୋଇଛି। ଛାତର ଯୋଡେଇ ସ୍ଥଳୀର ସିମେଣ୍ଟ ଓ ଲୁହାଛଡ୍ ଛାଡି ଗଲାଣି। ଫଳରେ ଏହି ସେତୁ ଦେଇ ବିନିକା-ସୋନପୁର ପଟକୁ ଦୈନିକ ଯାତାୟତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେତୁ ଛାତରେ ସୃଷ୍ଟି ହୋଇଥିବା ଫାଟ ତୁରନ୍ତ ମରାମତି କରିବାକୁ ଜିଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସ୍ୱାସ୍ଥ୍ୟ କର୍ମକର୍ତ୍ତା ନିଯୁକ୍ତି ପାଇଁ ଦାବି

ସୋନପୁର,୪।୮(ନି.ପ୍ର)

ସୁବର୍ଣ୍ଣପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ପକ୍ଷରୁ ପେ ପାଇଁ ବିଲ୍ ଅଭିଯାନ ମାଧ୍ୟମରେ ସ୍ୱାସ୍ଥ୍ୟ ସମ୍ପର୍କିତ ଚାର୍ଟର ସକାଶେ ସରକାରଙ୍କ ନିକଟରେ ଏକ ଦାବି ଉପସ୍ଥାପନ କରାଯାଇଛି। ପ୍ରାରମ୍ଭରେ ରେଆର ସମ୍ପାଦକ ଅନଙ୍ଗ ନେଗୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏହି ଦାବିର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, କେନ୍ଦ୍ରୀୟ ଷ୍ଟୋର ଫାର୍ମାଶିଷ୍ଟ ତାରିଣୀ ଚରଣ ପାତ୍ର ଯୋଗଦେଇ ଜିଲାରେ ଚାଲିଥିବା ମାଗଣା ଔଷଧ ବ୍ୟବସ୍ଥା(ନିରାମୟ) ଉପରେ ଆଲୋଚନା କରି ଏଥିପାଇଁ ଯୋଗାଣ ହେଉଥିବା ଔଷଧ କେଉଁମାନର ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ରେଆରର ସଭାପତି ଗୌରିଶ୍ୟାମ ପଣ୍ଡା ଯୋଗଦେଇ ଶିକ୍ଷା ଅଧିକାର ଭଳି ସ୍ୱାସ୍ଥ୍ୟ ମଧ୍ୟ ମଣିଷର ଏକ ଅଧିକାର ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରେଆର ଉପସଭାପତି ଅମ୍ବୁଜ ବିହାରୀ ଶତପଥୀ, ଆଇନଜୀବୀ ଶ୍ରୀକାନ୍ତ ଦାସ, ଦାସଦୀପ୍ତ ମହାପାତ୍ର, ଶମ୍ଭୁପ୍ରସାଦ ବିଶି, ହେମନ୍ତ ସା, ଗଦାଧର ନେଗୀ, ଦଶରଥ ମିଶ୍ର, ଶିକ୍ଷକ ଦୋଳଗୋବିନ୍ଦ ପଣ୍ଡା ଓ ଦର୍ଯ୍ୟୋଧନ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ମେଡିକାଲ କର୍ମଚାରୀ ନିଯୁକ୍ତି, ଡାକ୍ତର, ମହିଳା ସ୍ୱାସ୍ଥ୍ୟକର୍ମୀ ଜିଲା ମୁଖ୍ୟାଳୟରେ ରହିବା, ମାଗଣା ଔଷଧର ଶତପ୍ରତିଶତ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଓ ଜନ ଔଷଧି କେନ୍ଦ୍ର ସ୍ଥାପନ କରିବାକୁ ନିଜର ମତ ଉପସ୍ଥାପନ କରିଥିଲେ। ଫିଜିଓଥେରାପିଷ୍ଟ ଡାକ୍ତର ନନ୍ଦିନୀ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲାସ୍ତରୀୟ ପରାମର୍ଶ ବୈଠକରେ ଉପସ୍ଥିତ ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ।

## ଜମିବାଡି ବିବାଦ
## ମହିଳାଙ୍କ ତଣ୍ଟିକାଟି ହତ୍ୟା: ସ୍ୱାମୀ, ପୁଅ ଗୁରୁତର

ସୋନପୁର/ବିନିକା,୪।୮(ନି.ପ୍ର/ଡି.ଏନ.ଏ)

ଜମିବାଡି ବିବାଦକୁ କେନ୍ଦ୍ର କରି ସୁବର୍ଣ୍ଣପୁର ଜିଲା ବିନିକା ଥାନା ଘୋଡାଧାର ଗ୍ରାମରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ହରିଜନବସ୍ତିର ପାଞ୍ଚେଶ୍ୱରୀ ଲୁହା(୫୦)ଙ୍କୁ ତଣ୍ଟିକାଟି ହତ୍ୟା କରାଯାଇଛି। ପାଞ୍ଚେଶ୍ୱରୀଙ୍କ ସ୍ୱାମୀ କଣ୍ଟିଆ ଲୁହା(୫୫) ଓ ପୁଅ ବାଲେଶ୍ୱର ଲୁହା(୨୩) ଗୁରୁତର ଆହତ ହୋଇଛନ୍ତି। କଣ୍ଟିଆଙ୍କ ମୁଣ୍ଡ ଓ ବାଲେଶ୍ୱରଙ୍କ ଶରୀରର ବିଭିନ୍ନ ସ୍ଥାନରେ ଚୋଟ ଲାଗିଛି। ବାପା ଓ ପୁଅ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଛନ୍ତି। ପ୍ରକାଶ ଯେ, ସରକାରୀ ଜମିକୁ ନେଇ ବସ୍ତିର ଲୁହା ଓ ଭୋଇନା ପରିବାର ମଧରେ ଦୀର୍ଘ ବର୍ଷ ଧରି ବିବାଦ ଲାଗି ରହିଥିଲା। ଏହି ବିବାଦର ସମାଧାନ ପାଇଁ ମହାଦେବପାଲି ଫାଣ୍ଡି ଅଧିକାରୀ ବସନ୍ତ କୁମାର ରଥ ରବିବାର ସନ୍ଧ୍ୟାରେ ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରିଥିଲେ। ଫାଣ୍ଡିରୁ କଣ୍ଟିଆ ଲୁହା, ସ୍ତ୍ରୀ ପାଞ୍ଚେଶ୍ୱରୀ ଓ ପୁଅ ବାଲେଶ୍ୱର ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଘୋଡାଧାର ପ୍ରାଥମିକ ବିଦ୍ୟାଳୟ ନିକଟରେ ପୂର୍ବରୁ ଲୁଚି ରହିଥିବା ଭୋଇନା ପରିବାରର ଅନ୍ୟ ସଦସ୍ୟମାନେ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ପାଞ୍ଚେଶ୍ୱରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହି ହତ୍ୟାକାଣ୍ଡ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଅଭିଯୁକ୍ତମାନେ ଫେରାର ଅଛନ୍ତି।



ଶିବିରରେ ଡାକ୍ତର ଓ ଅତିଥି ବୃନ୍ଦ।

## ଗ୍ରହଣ ଖଣ୍ଡିଆ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର
# ୧୧ଶିଶୁଙ୍କ ଅସ୍ତ୍ରୋପଚାର କରାଯିବ

ସୋନପୁର,୪।୮(ନି.ପ୍ର)

ସୁବର୍ଣ୍ଣପୁର ବ୍ଲକ ଛକସ୍ଥିତ ପରିବର୍ତ୍ତନ କାର୍ଯ୍ୟାଳୟରେ ଗ୍ରହଣ ଖଣ୍ଡିଆ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଇଙ୍ଗା ହେଲ୍‌ଥ ଫାଉଣ୍ଡେସନ ପକ୍ଷରୁ ଫ୍ୟୁଚର ଅଫ ସ୍ମାଇଲ ମିଶନ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅପରେଶନ ସ୍ମାଇଲ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଏବଂ ସୁବର୍ଣ୍ଣପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିବର୍ତ୍ତନ ସହଯୋଗରେ ଶିବିର ଅନୁଷ୍ଠିତ ହୋଇଥିଲା। ଜନ୍ମରୁ ଖଣ୍ଡିଆ ଥିବା ଶିଶୁ ଓ ବୟସ୍କଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଜନ୍ମରୁ ଗ୍ରହଣ ଖଣ୍ଡିଆ ଥିବା ମୋଟ ୧୧ଶିଶୁଙ୍କର ମାଗଣାରେ ଅସ୍ତ୍ରୋପଚାର କରାଯିବା ନେଇ ଚିହ୍ନଟ ହୋଇଛି। ଆସନ୍ତା ୨୫ତାରିଖରେ ଭୁବନେଶ୍ୱରରେ ଶିଶୁମାନଙ୍କ ଅସ୍ତ୍ରୋପଚାର କରାଯିବ। ଚିକିତ୍ସା ଖର୍ଚ୍ଚ ସମ୍ପୂର୍ଣ୍ଣ ମାଗଣା। ଯାତାୟତ ଖର୍ଚ୍ଚ, ଖାଦ୍ୟ ଓ ରହିବା ଖର୍ଚ୍ଚ ସଂସ୍ଥା ପକ୍ଷରୁ ବହନ କରାଯିବ ବୋଲି ଜଣାପଡିଛି। ଡାକ୍ତର ଅଭିଷେକ ଜଗଦୀଶ ଓ ଡାକ୍ତର ସୋମେଶ ସିଂ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସୋନପୁର ସ୍ପୋର୍ଟିଂ କ୍ଲବର ସଭାପତି ତଥା ଜନମୁରା ସରପଞ୍ଚ ଅରବିନ୍ଦ ବାରିକ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିବର୍ତ୍ତନର ସଭାପତି ବଳଦେବ ପ୍ରସାଦ ବେଦ୍‌ବାକ, ଯୁବ ସାମାଜିକ କର୍ମୀ ହିମାଂଶୁ ଗଡତିଆ ଉପସ୍ଥିତ ଥିଲେ। ପରିବର୍ତ୍ତନ ଅନୁଷ୍ଠାନର ସମ୍ପାଦକ ସୁନିଲ ଦ୍ୱାରି ଓ କୋଷାଧକ୍ଷ ସୁରେଶ ପାତ୍ର ସହଯୋଗ କରିଥିଲେ।

## ଜଡିବୁଟି ଦିବସରେ ବୃକ୍ଷରୋପଣ

ସୋନପୁର,୪।୮(ନି.ପ୍ର)

ଆୟୁର୍ବେଦ ଶିରୋମଣୀ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଜନ୍ମଦିବସକୁ ଜଡିବୁଟି ଦିବସ ରୂପରେ ସାରା ଦେଶରେ ପାଳନ କରାଯାଉଛି। ଏହି ଅବସରରେ ପତଞ୍ଜଳି ଯୁବ ଭାରତ ସଂଗଠନ ପକ୍ଷରୁ ସୋନପୁର ବ୍ଲକ ପିପିଲିପାଲିସ୍ଥିତ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନ ପରିସରରେ ରବିବାର ଜଡିବୁଟି ଦିବସ ପାଳିତ ହୋଇଯାଇଛି। ପତଞ୍ଜଳି ପରିବାର ସୁବର୍ଣ୍ଣପୁରର ଯୁବ ଭାରତ ପ୍ରଭାରୀ ସତ୍ୟବାନ ମିଶ୍ର ଓ ରାଜ୍ୟ ସଦସ୍ୟ ମନୋଜ କୁମାର ପଣ୍ଡା ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଜଡିବୁଟି ବିଷୟରେ ବୁଝାଇଥିଲେ। ଆୟୁର୍ବେଦ ଦ୍ୱାରା ହିଁ ପ୍ରତ୍ୟେକ ରୋଗର ନିଦାନ ସହିତ ରୋଗକୁ ମୂଳରୁ ନିପାତ କରି ହେବ ବୋଲି କହିଥିଲେ। ସଭା ପରେ ବିଦ୍ୟାଳୟ ପରିସରରେ ନିମ୍ବ, ବର ଓ ଗିଲୋୟ ଆଦି ଔଷଧୀୟ ବୃକ୍ଷରୋପଣ କରାଯାଇଥିଲା। ସହକାରୀ ଶିକ୍ଷକ ଜଗନ୍ନାଥ ଠେଲା ସହଯୋଗ କରିଥିଲା ବେଳେ ବିଦ୍ୟାଳୟର ନିର୍ଦ୍ଦେଶକ ଅକ୍ଷୟ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।


ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରୁଛନ୍ତି।

# ପହ୍ଲାଧାରୀକୁ ଦଳି ନଷ୍ଟ କଲେ ହାତୀପଲ

ଅମରପାଲି, ୪।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇରେ ହାତୀ ଉପଦ୍ରବ ଦେଖାଦେଇଛି। ସେମାନେ ପହ୍ଲାରେ ଥିବା ଧାନକୁ ଦଳିଚକଟି ନଷ୍ଟ କରିଦେଉଛନ୍ତି। ଚଳିତ ବର୍ଷ ବିଳମ୍ବିତ ବର୍ଷା ଓ ଆବଶ୍ୟକଠାରୁ କମ୍ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ବିଳମ୍ବିତ ହୋଇଥିଲା। ବିଳମ୍ବରେ ବର୍ଷା ହୋଇଥିଲେ ମଧ ଚାଷୀ ନିଜ ଜମିକୁ କର୍ଷଣକରି ଧାନ ବୁଣିଥିଲା। ପରେ ହଠାତ ବର୍ଷାର ଅଭାବ ହୋଇଯିବା ପରେ ଚାଷୀ ତଳିମଧ ପକାଇ ପାରି ନ ଥିଲା। ବିଳମ୍ବରେ ବର୍ଷା ହେବାରୁ ଚାଷୀ ମଧ ବିଳମ୍ବରେ ତଳି ପକାଇଥିଲା। ଏବେ ବର୍ଷା ହେବା ପରେ ଜମି ହଳ କରି ଧାନ ରୋଇବା ପାଇଁ ପ୍ରସ୍ତୁତ ହେଉଛି। ମାତ୍ର ଏବେ ହାତୀ ପ୍ରାଦୁର୍ଭାବ ଯୋଗୁଁ ଚାଷୀ ହତାଶ ହୋଇପଡିଛି। ଶନିବାର କୋଟସମଲାଇ ଗ୍ରାମକୁ ନିକଟସ୍ଥ ଜଙ୍ଗଲରୁ ଦନ୍ତାହାତୀ ଆସି ବ୍ୟାପକ ଧାନଗଛ ନଷ୍ଟ କରିଛନ୍ତି। ଗ୍ରାମର ଶୁଭାସିନୀ ମନ୍ତ୍ରୀ ଓ ସନ୍ତୋଷ ମେଣ୍ଡଲିଙ୍କ ୮ ଏକର, ଛବି ବନଛୁରଙ୍କର ୧ ଏକର ଓ ପଞ୍ଚାନନ ମନ୍ତ୍ରୀଙ୍କର ୧ଏକର ଜମିରେ ଧାନ ଗଛ ଲଗାଇବା ପାଇଁ ତଳି ପକାଇଥିଲେ। ହାତୀ ଆସି ତଳି ପକାଯାଇଥିବା ସବୁ ଧାନ ଗଛ ଦଳି ଚକଟି ନଷ୍ଟ କରି ଦେଇଛି। ଫଳରେ ଏବେ ଆଉ ଉକ୍ତ ଜମିରେ ଧାନ ଗଛ ଲଗାଇବା ସମ୍ଭବ ହୋଇ ପାରିବ ନାହିଁ। ଚାଷ ବିଳମ୍ବ ହେତୁ ଚାଷୀମାନେ ଆଉ ତଳି ପକାଇ ଧାନ ଗଛ ରୋଇ ପାରିବ ନାହିଁ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। କୋଟସମଲାଇରେ ଏକ ଫରେଷ୍ଟ ବିଟ ଥିବା ବେଳେ ସେଠାରେ କାର୍ଯ୍ୟରତ ବନ ବିଭାଗୀୟ କର୍ମଚାରୀ ପ୍ରାୟତଃ ରହୁ ନ ଥିବାରୁ ହାତୀ ଘଉଡାଇବା ସହିତ ବିଭାଗୀୟ ଅଧିକାରୀଙ୍କୁ ମଧ ଖବର ଦିଆଯାଇ ପାରୁ ନାହିଁ। ଫଳରେ ଲୋକେ ବିଭିନ୍ନ ସମୟରେ କ୍ଷତିପୂରଣ ମଧ ପାଇ ପାରୁ ନାହାନ୍ତି। ଏ ନେଇ ଉଲୁଣ୍ଡା ରେଞ୍ଜ ଅଫିସର ଶିବ ପ୍ରସାଦ ନାଏକଙ୍କୁ ପଚାରିବାରୁ ସେ କହିଲେ ଯେ, ବନବିଭାଗ ପକ୍ଷରୁ ଉକ୍ତ ସ୍ଥାନକୁ ଯାଇ କ୍ଷୟକ୍ଷତିର ଆକଳନ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ।


କୋଟସମଲାଇରେ ତଳି ପକାଯାଇଥିବା ଧାନ ଗଛକୁ ହାତୀ ପଲ ନଷ୍ଟ କରିଛନ୍ତି।



"ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବ୍ୟାପକ ଜାଲିଆତି ଅଭିଯୋଗ ଘଟଣା

# ତଦନ୍ତର ଅଢ଼େଇମାସ ପରେ କାର୍ଯ୍ୟାନୁଷ୍ଠାନ ଶୂନ

**ସିନାପାଲି ସଦର ଗ୍ରାମପଞ୍ଚାୟତ**

- ପ୍ରଶାସନର ତଦନ୍ତର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ

ସିନାପାଲି,୪।୮ (ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ସିନାପାଲି ସଦର ଗ୍ରାମପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ ପାଣ୍ଠିରେ ବିନା କାଗଜାତରେ ଟଙ୍କା ହଡପ ଘଟଣା ନେଇ ପ୍ରଶାସନ ତଦନ୍ତ କରୁଛି। ହେଲେ ଆଜି ଯାଏଁ କାହାକୁ ଏଥିପାଇଁ ଦୋଷୀ ସାବ୍ୟସ୍ତ କରିପାରି ନାହିଁ। ଫଳରେ ପ୍ରଶାସନର ତଦନ୍ତର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ, ସିନାପାଲି ସଦର ଗ୍ରାମପଞ୍ଚାୟତରେ ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ୍ ପାଣ୍ଠିରେ କୌଣସି ହିତାଧିକାରୀଙ୍କୁ ଜମି ମରାମତି ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ନ ଥିଲା । କିନ୍ତୁ ଜାଲିଆତି କରି ୯ ଜଣ ହିତାଧିକାରୀଙ୍କ ନାମରେ ଜମି ମରାମତି କରାଯାଇଥିବା ଦର୍ଶାଇ ୩ ଲକ୍ଷ ୫୩ ହଜାର ୮୦ ଟଙ୍କା ହଡପ କରାଯାଇଛି । ଏହି ଘଟଣା ପରେ ମାର୍ଚ୍ଚ ୧୮ ତାରିଖରେ କୌଣସିମତେ ସୂଚନା ପାଇ ସରପଞ୍ଚ ସତ୍ୟବାନ ମେହେର ବିଡିଓଙ୍କୁ ଜଣାଇଥିଲେ। ପରେ ଏମ୍‌ଜିଏନ୍‌ଆରଇଜିଏସ୍ ଏପିଓ ଭର୍ଜିତା ବିଶ୍ୱାସ ଏସଂକ୍ରାନ୍ତରେ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ହେଲେ ଏମ୍‌ଜିଏନ୍‌ଆରଇଜିଏସ୍ ପାଣ୍ଠିର ସମସ୍ତ ଦାୟିତ୍ୱ ବୁଝୁଥିବା ଜଣେ ଅଧିକାରୀ ଦୀର୍ଘ ୬ ମାସ ଧରି ଏହି ଜାଲିଆତି ବିଷୟରେ କିପରି ଜାଣିପାରିଲେ ନାହିଁ ତାହା ତର୍ଜମାର ବିଷୟ । ସରପଞ୍ଚଙ୍କ ଅଭିଯୋଗ ପରେ ନିଜ ମୁଣ୍ଡରୁ ଦୋଷ ହଟାଇବା ପାଇଁ ଏପିଓ ଏବଂ ବିଡିଓ ଜିଲା ପ୍ରଶାସନକୁ ଜଣାଇଥିଲେ। ଏହାପରେ ନିର୍ବାଚନକୁ ଢାଳ କରି କୌଣସି ତଦନ୍ତ କରାଯାଇ ନ ଥିଲା । ପରେ ଗଣମାଧ୍ୟମରେ ବାରମ୍ବାର ଏ ସଂକ୍ରାନ୍ତରେ ଖବର ପ୍ରକାଶ ହେବା ପରେ ପ୍ରଶାସନ ତଦନ୍ତ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସନ୍ଦେହ ସୃଷ୍ଟି କରୁଛି। ଗତ ମେ ମାସ ୨୭ ତାରିଖରେ ଏସଂକ୍ରାନ୍ତରେ ନୂଆପଡା ଜିଲା ଏମ୍‌ଜିଏନ୍‌ଆରଇଜିଏସ୍ ପାଇଁ ନିଯୁକ୍ତ ଆମ୍ବୁଡ୍ସମ୍ୟାନ (ଲୋକପାଳ) ବିଜୟରାଜ ତଦନ୍ତ କରି ଫେରି ଯାଇଥିଲେ। ତଦନ୍ତ ହେବାର ଅଢେଇ ମାସ ବିତିଯାଇଥିଲେ ମଧ୍ୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଏହି ଘଟଣାକୁ ନେଇ ସିନାପାଲି ଅଞ୍ଚଳରେ ବିଭିନ୍ନ ଆଲୋଚନା ହେଉଛି । ସୂଚନାଯୋଗ୍ୟ ଯେ, ସିନାପାଲି ଗ୍ରାମପଞ୍ଚାୟତ ଅଧୀନ ସରୋଜ କୁମାର ମେହେର, ଟିକୁନୁ ମେହେର, ଦାମୋଦର ଦାଶ, ଦୈତାରୀ ଦାଶ, କିସୋର ଦାଶ, ହଲଧର ମସରା, ଦେବେନ୍ଦ୍ର ମସରା, ଅଚ୍ୟୁତାନନ୍ଦ ମେହେର ପ୍ରମୁଖ ହିତାଧିକାରୀଙ୍କୁ ଜମି ମରାମତି କାର୍ଯ୍ୟରେ ମିଥ୍ୟା ମଷ୍ଟରରୋଲ ବାହାର କରି ଏହି ପାଉଣା ହଡପ କରାଯାଇଥିବା ଜଣାପଡିଛି। ଏଥିରେ ଗୁପ୍ତ ପାସୱାଡ ଓ ସରପଞ୍ଚଙ୍କ ଡିଜିଟାଲ ଦସ୍ତଖତର ଦୁରୋପଯୋଗ କରାଯାଇଥିବା ଖୋଦ ଅସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର ବିଶ୍ୱାସ ଚିଠିରେ ଉଲ୍ଲେଖ କରିଛନ୍ତି । ଏହି ଘୋଟାଲାରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ନାମ ମଧ୍ୟ ସେ ଦେଇଥିବା ଚିଠିରେ ଉଲ୍ଲେଖ ରହିଛି। ଏ ସଂକ୍ରାନ୍ତରେ ତଦନ୍ତକାରୀ ଲୋକପାଳ ବିଜୟରାଜଙ୍କୁ ପଚାରିବାରୁ ମୁଁ ତଦନ୍ତ କରି ସାରିଛି। ରିପୋର୍ଟ ମଧ୍ୟ ଜିଲାପାଳଙ୍କୁ ପ୍ରଦାନ କରିସାରିଛି। ନିଶ୍ଚିତ ଭାବେ ଦୋଷୀ ବିରୋଧରେ ଦଣ୍ଡବିଧାନ କରାଯିବ ବୋଲି କହିଥିଲେ ।

# ଏନଏସିସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

ନୂଆପଡା ଅଫିସ/ ଖରିଆରରୋଡ, ୪।୮



ଏନଏସିସ୍ତରୀୟ ସମ୍ମିଳନୀରେ ଯୋଗଦେଇଥିବା ଶିକ୍ଷକ, ଅଧିକାରୀ ବୃନ୍ଦ ।

ସ୍ଥାନୀୟ ଖରିଆରରୋଡ ଏନଏସି ସଭାଗୃହରେ ଏନଏସିସ୍ତରୀୟ ପ୍ରଧାନଶିକ୍ଷକମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନଏସି ନିର୍ବାହୀ ଅଧିକାରୀ ଦେବେନ୍ଦ୍ର କୁମାର ମହାରଣା ସଭାପତିତ୍ୱ କରିଥିଲେ। ସହଗୋଷ୍ଠୀ ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ରାଧେଶ୍ୟାମ ମେହେର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆରସିସି) ସୁନୀତା ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଉଲ୍ଲାସ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଏନଏସିର ସମସ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକମାନେ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରିଥିଲେ। ସିଆରସିସି ବିଦ୍ୟାଳୟ ଗଡିକରେ ନିର୍ମାଣାଧୀନ କାର୍ଯ୍ୟଗୁଡିକୁ ତ୍ୱରିତ କରିବା ଉପରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଥିବା କହିଥିଲେ। ଏହିଭଳି ସହ ଶିକ୍ଷାଧିକାରୀ ମେହେର ବିଦ୍ୟାଳୟ ଶ୍ରେଣୀଗୃହଗୁଡିକ ମରାମତି, ଶୌଚାଳୟ ନିର୍ମାଣ, ବିଦ୍ୟୁତିକରଣ ଆଦି ଦାୟିତ୍ୱ ରାଜ୍ୟ ସରକାରଙ୍କ ଗଣ ଶିକ୍ଷା ବିଭାଗ ଗ୍ରାମାଞ୍ଚଳ ପାଇଁ ପଞ୍ଚାୟତିରାଜ ବିଭାଗ ଏବଂ ସହରାଞ୍ଚଳ ପାଇଁ ସହରାଞ୍ଚଳ ବିଭାଗକୁ (ପୌର ସଂସ୍ଥା) ଦେଇଥିବା ପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ ନିର୍ବାହୀ ଅଧିକାରୀ ମହାରଣା ସମସ୍ୟାଗୁଡିକର ଯଥାଶୀଘ୍ର ସମାଧାନ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଯେଉଁ ବିଦ୍ୟାଳୟଗୁଡିକର ମରାମତି ଆବଶ୍ୟକ ପଡୁଛି ସେଥିପାଇଁ ବିଦ୍ୟାଳୟ ପରିଚାଳନା କମିଟି ମାଧ୍ୟମରେ ପ୍ରସ୍ତାବ ଆଗତ କରି ଜିପିଏସ ଫଟୋ ଦାଖଲ କରିବାକୁ କହିଥିଲେ। ଏହା ଉପରେ ବ୍ୟୟ ଅଟକଳ ପ୍ରସ୍ତୁତ କରି ଜିଲାପାଳଙ୍କ ଅନୁମୋଦନ କରିବେ ବୋଲି କହିଥିଲେ। ଏହିଭଳି ସମସ୍ତ ବିଦ୍ୟାଳୟଗୁଡିକର ଭିତିଭୂମିକୁ ମଜଭୁତ କରିବାକୁ ରୂପରେଖ ପ୍ରସ୍ତୁତ ହୋଇଥିଲା। ବିଦ୍ୟାଳୟ ବିକାଶ ଆମର ଦାୟିତ୍ୱ ବୋଲି ନିର୍ବାହୀ ଅଧିକାରୀ ମହାରଣା କହିଥିଲେ। ସିଆରସିସି ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

# ମଦମୁକ୍ତି ପାଇଁ ୧୫ରେ ସପରିବାର ଆତ୍ମାହୁତି ଚେତାବନୀ

ଭବାନୀପାଟଣା,୪।୮ (ଡି.ଏନ.ଏ.)




ଜିଲାପାଳଙ୍କ କାର୍ଯ୍ୟାଳୟକୁ ଏକ ପରିବାର ଯାଉଛନ୍ତି ।

ରାଜ୍ୟ ସରକାର ଓଡିଶାକୁ ନିଶାମୁକ୍ତି ଓ ମଦମୁକ୍ତ ନ କରନ୍ତି ତେବେ ଆସନ୍ତା ଅଗଷ୍ଟ ୧୫ ତାରିଖରେ ଏକ ପରିବାର ସମୂହ ଆତ୍ମାହୁତି ଦେବେ ବୋଲି ଲିଖିତ ଭାବେ କଳାହାଣ୍ଡି ଜିଲାପାଳଙ୍କୁ ଜଣାଇବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ନୂଆପଡା ଜିଲା ସିନାପାଲି ବ୍ଲକ ଚଟିଆଗୁଡା ପଞ୍ଚାୟତ ମହୁଲପଡା ଗ୍ରାମର ଜିତେନ୍ଦ୍ର ବାଗ (୪୦), ସ୍ତ୍ରୀ ସବିତା ବାଗ (୩୫), ଝିଅ ତୁଳସୀ ବାଗ (୧୪) ଓ ପୁଅ ମକରନ୍ଦ ବାଗ (୨) ଭବାନୀପାଟଣା ସହରସ୍ଥିତ ୱାର୍ଡ ନଂ. ୧୧ର ଆଶାସାଗରପଡାରେ ଏକ ଭଡା ଘରେ ରହୁଛନ୍ତି। ଜିତେନ୍ଦ୍ର କୁଲି ମଜୁରି କରି ପରିବାର ପ୍ରତିପୋଷଣ କରନ୍ତି। ଜିତେନ୍ଦ୍ରଙ୍କ ସ୍ତ୍ରୀ ବାରମ୍ବାର ମଦ୍ୟପମାନଙ୍କ ଦ୍ୱାରା ମାରପିଟ ଏବଂ ବିଭିନ୍ନ ଅତ୍ୟାଚାରର ସମ୍ମୁଖୀନ ହେଉଥିବା ବେଳେ ଏ ନେଇ କେହି ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶେଷରେ ବାଧ ହୋଇ ଓଡିଶାରେ ମଦମୁକ୍ତି ପାଇଁ ଲଢେଇ କରିବାକୁ ଏହି ପରିବାର ଆଗେଇ ଆସିଛନ୍ତି। ଶନିବାର ସକାଳେ ପରିବାର ପକ୍ଷରୁ ଗାନ୍ଧୀଛକଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିକୁ ପାଣିରେ ଧୋଇଥିଲେ। ଲୁଗାରେ ପୋଛିଥିଲେ ଏବଂ ଗେଣ୍ଡୁଫୁଲ ହାର ଦେଇ ମୁଣ୍ଡିଆ ମାରିଥିଲେ। ନିସା ନିବାରଣର ସଂକଳ୍ପ ନେଇ ଏହି ପରିବାର ତ୍ରିରଙ୍ଗା ପତାକା ଓ ଚେତାବନୀ ବ୍ୟାନର ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଓଡିଶାକୁ ନିଶା ଓ ମଦମୁକ୍ତ କରା ନ ଗଲେ ଆସନ୍ତା ସ୍ୱାଧୀନତା ଦିବସ ଅଗଷ୍ଟ ୧୫ ତାରିଖରେ ତ୍ରିରଙ୍ଗା ପତାକା ସହିତ ପରିବାର ଆତ୍ମାହୁତି ଦେବେ ବୋଲି କହିଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାର ସମ୍ପୂର୍ଣ୍ଣ ରୂପେ ଦାୟି ରହିବେ ବୋଲି ସେ କଳାହାଣ୍ଡି ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ଘଟଣା ସାଧାରଣରେ ଏବେ ଆଲୋଡନ ସୃଷ୍ଟି ହୋଇଛି।

## ଆମ ପୋଲିସ ସମିତି ପକ୍ଷରୁ ଚାରାରୋପଣ

ସିନାପାଲି,୪।୮(ଡି.ଏନ.ଏ.)

ସିନାପାଲି ଥାନାରେ ଆମ ପୋଲିସ ସମିତି ପକ୍ଷରୁ ସାମୂହିକ ଚାରା ରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଥାନା ପରିସରରେ ବିଭିନ୍ନ ଚାରା ରୋପଣ କରାଯାଇଛି। ସିନାପାଲି ଥାନାଧିକାରୀ ଜୋତିରଞ୍ଜନ ଗୌଡଙ୍କ ସମେତ ବରିଷ୍ଠ ଆଇନଜୀବୀ ବୈଷ୍ଣାୟନ ମେହେର, ଜିଲା ପରିଷଦ ସଭ୍ୟ ପ୍ରିୟରଞ୍ଜନ ମେହେର, ଅରିଗନ ଯୋଷୀ, ମଧୁ କୁମାର ଜୈନ, ଉମ୍ବରୁଧର ମେହେର, ସରପଞ୍ଚ ସତ୍ୟବାନ ମେହେର, ରବୀନ୍ଦ୍ର ନାଥ ଯୋଷୀ, ବ୍ଲକ ଉପାଧ୍ୟକ୍ଷ ସୁବାଷ ଅଗ୍ରୱାଲ, ଏଏସଆଇ କୃଷ୍ଣବଲ୍ଲଭ ସାହା ପ୍ରମୁଖ ଯୋଗଦେଇଥିଲେ ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ) [ରୁଲ୍- ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶିରିଡି ସାଇ ଫ୍ଲାଏ ଆଶ୍ ବ୍ରିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ରଞ୍ଜିତ କୁମାର ଦାସ, ପିତା: ଶ୍ରୀ ରବିନ୍ଦ୍ରନାଥ ଦାସ, ସା/ପୋ.: ଅମନକୁଦ, ଭାୟା: ବନମାଳିପୁର, ଜିଲ୍ଲା: ଖୋର୍ଦ୍ଧା-୭୫୨୧୦୩ | ମେସର୍ସ ଶିରିଡି ସାଇ ଫ୍ଲାଏ ଆଶ୍ ବ୍ରିକ୍ସର ସ୍ୱତ୍ୱାଧିକାରୀ ଶ୍ରୀ ରଞ୍ଜିତ କୁମାର ଦାସ, ସା/ପୋ.: ଅମନକୁଦ, ଭାୟା: ବନମାଳିପୁର, ବ୍ଲକ୍: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା-୭୫୨୧୦୩ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅମନକୁଦ, ଥାନା: ବାଲିପାଟଣା, ଥାନା ନଂ.: ୩୫, ଏସ୍‌ଆରଓ: ବାଲିପାଟଣା, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୭୨୬, ପ୍ଲଟ୍ ନଂ.: ୧୬୨୨, କ୍ଷେତ୍ର: ଏକର୦.୧୬ଡିସିମିଲିରୁ ଏକର୦.୦୮ଡିସିମିଲି (ସମୁଦାୟ କ୍ଷେତ୍ର: ଏକର୦.୩୨ଡିସିମିଲି) | ତା.୩୧.୦୩.୨୦୧୯ ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ ଟ.୨୩,୩୦,୯୫୬/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୪.୨୦୧୯ / ୦୧.୦୮.୨୦୧୯ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୩.୦୮.୨୦୧୯ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ


# କୃଷି ବୀମା ପାଇଁ କୃଷି ଉପନିର୍ଦ୍ଦେଶକଙ୍କଠାରେ ଚାଷୀ ଫେରାଦ

ଭବାନୀପାଟଣା,୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ଉପଖଣ୍ଡ ଅନ୍ତର୍ଗତ କନାଗାଁ ପଞ୍ଚାୟତର ଚାଷୀମାନେ ଫସଲ ବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହି ପଞ୍ଚାୟତର ଚାଷୀମାନେ ଶନିବାର ଭବାନୀପାଟଣାଠାରେ କୃଷି ଉପନିର୍ଦ୍ଦେଶକଙ୍କଠାରେ ଫେରାଦ୍ ହୋଇ ଫସଲ ବୀମା ପ୍ରଦାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ପଞ୍ଚାୟତର ଋଣି ଚାଷୀ ଓ ଅଣଋଣି ଚାଷୀ ଗତ ୨୦୧୮ରେ ଫସଲ ବୀମା ବାବଦକୁ ପ୍ରିମିୟମ୍ ରାଶି ଜମା କରିଥିଲେ । ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଏହି ପଞ୍ଚାୟତରେ ଫସଲ ନଷ୍ଟ ହୋଇଥିଲା । ଏ ସମ୍ପର୍କରେ ରାଜସ୍ୱ ଓ କୃଷି ବିଭାଗର ଫସଲ କ୍ଷୟକ୍ଷତି ସମ୍ପର୍କରେ ସର୍ଭେ ମଧ କରାଯାଇଥିଲା । ତେବେ କନାଗାଁ ପଞ୍ଚାୟତର ଚାଷୀମାନଙ୍କୁ ଆଜି ପର୍ଯ୍ୟନ୍ତ ଫସଲ ବୀମା ବାବଦ ଅର୍ଥ ମିଳିନାହିଁ ବୋଲି ଚାଷୀମାନେ ଅଭିଯୋଗ କରି କୃଷି ଉପନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଚାଷୀମାନେ ଧର୍ମଗଡ଼ ଉପ ଜିଲାପାଳଙ୍କୁ ମଧ ଦାବିପତ୍ର ପ୍ରଦାନ କରିଛନ୍ତି ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପ ଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା(SARB) ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ୍:sbi.10027@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି । ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ **''ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ସେଠାରେ ଯାହା ଅଛି''** ଭିତ୍ତିରେ ଇ-ନିଲାମ୍ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି ।

**ଅମାନତ ଜମା କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ:**
**ତା.୦୫.୦୯.୨୦୧୯ ରିଖ ପୂର୍ବରୁ କିମ୍ବା ସେହିଦିନ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**
**ଇ-ନିଲାମ୍ ତାରିଖ ଏବଂ ସମୟ: ତା. ୦୬.୦୯.୨୦୧୯ରିଖ ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୩.୩୦ଘଟିକା ପର୍ଯ୍ୟନ୍ତ ଏବଂ ସ୍ୱତଃ ୫ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

**କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ପ୍ରଦୀପ୍ତ କୁମାର ଜେନା, ଇ-ମେଲ୍:pradeepta.jena@sbi.co.in, ମୋ: ୯୪୩୭୪୯୯୦୭୪**

| କ୍ର. ନଂ. | ଶାଖା/ଋଣଗ୍ରହୀତା(ମାନ)ଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ | ଜାମିନ୍‌ଦାର(ମାନ)ଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକମାନଙ୍କ ନାମ | ସମ୍ପତ୍ତିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|---|
| ୧. | ଜଗତପୁର ଶାଖା/ ଋଣଗ୍ରହୀତା: ମେସର୍ସ ମା ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରା.ଲିଃ., ସା/ପୋ: ସମିଆ କଳକଳା, ବରୀ, ଜିଲ୍ଲା: ଯାଜପୁର, ଓଡ଼ିଶା / ଆକାଉଣ୍ଟ ନଂ: ୩୧୯୬୫୭୧୨୮୨୯, ୩୧୬୮୪୯୦୯୩୦୨ | ଜାମିନ୍‌ଦାରମାନେ: (୧) ଶ୍ରୀମତୀ ବନଶ୍ରୀ ମହାପାତ୍ର, ସ୍ୱାମୀ: ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର (୨) ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର, ଉଭୟଙ୍କ ଠିକଣା-ପ୍ଲଟ ନଂ.: ୭୮/୧୬୫୪, ବିଡାନାସୀ, ବାସେଲିଗଡ଼ା, କଟକ-୭୫୩୦୧୪, (୩) ଶ୍ରୀମତୀ ସଂଘମିତ୍ରା ମହାପାତ୍ର, ଗାୟତ୍ରୀ ଭବନ, ଗୋପବନ୍ଧୁ ଲେନ୍, ଅରୁଣୋଦୟ ମାର୍କେଟ୍, କଟକ-୧୨ | ସମ୍ପତ୍ତି ମାଲିକଙ୍କ ନାମ: ମେସର୍ସ ମା ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ. | ମେସର୍ସ ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରା.ଲିଃ. ନାମରେ ଥିବା କଳକାରଖାନା ଏବଂ ଶିଳ୍ପଯନ୍ତ୍ର ସାମଗ୍ରୀ ସହିତ ଜମି ଏବଂ ଗୃହ ଯାହାର ମୌଜା: ସମିଆ, ଜିଲ୍ଲା: ଯାଜପୁର, ଖାତା ନଂ.: ୯୧୮/୭୨, ପ୍ଲଟ ନଂ.:୩୫୬୯/୪୫୪୫, କ୍ଷେତ୍ର: ଏକର୧.୪୬ ଡିସିମିଲ୍, ଏବଂ ଖାତା ନଂ.: ୯୧୮/୭୨, ପ୍ଲଟ୍ ନଂ.: ୬୧୧/୪୫୪୪, କ୍ଷେତ୍ର: ଏକର ୧.୫୪ ଡିସିମିଲ୍, ମୋଟ୍ କ୍ଷେତ୍ର: ଏକର ୩.୦୦ଡିସିମିଲ୍, ଏବଂ ଖାତା ନଂ.: ୯୧୮/୭୩, ପ୍ଲଟ୍ ନଂ.: ୩୫୬୯/୪୫୪୬, କ୍ଷେତ୍ର: ଏକର୫.୦୧୦ଡିସିମିଲ୍ ଏବଂ ଖାତା ନଂ.: ୯୧୮/୧୦୩, ପ୍ଲଟ୍ ନଂ.: ୩୫୬୯/୪୫୬୫, କ୍ଷେତ୍ର: ଏକର୦.୨୮୦ ଡିସିମିଲ୍, ମୋଟ୍ କ୍ଷେତ୍ର: ଏକର ୫.୨୯୦ ଡିସିମିଲ୍, (ସର୍ବମୋଟ୍ କ୍ଷେତ୍ର: ଏକର ୮.୨୯୦ଡିସିମିଲ୍, କିସମ: ଘରବାଡ଼ି) । | ତା୨୬.୦୭.୨୦୧୯ରିଖ ସୁଦ୍ଧା ଟ.୫,୬୯,୫୧,୧୧୨.୫୧ + ତତ୍‌ପରବର୍ତ୍ତୀ ସୁଧ + ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ / ୩୦.୦୩.୨୦୧୫ | ଟ.୪,୧୬,୪୦,୦୦୦/- / ଟ.୪୧,୬୪,୦୦୦/- / ଟ.୧,୦୦,୦୦୦ |
| ୨. | ବିଡାନାସୀ ଶାଖା/ ଋଣଗ୍ରହୀତା: ମେସର୍ସ ପ୍ରଧାନ ଆର୍ଥ ମୁଭର୍ସ ପ୍ରା.ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ପ୍ରଭାତ କୁମାର ପ୍ରଧାନ, ଖ୍ରୀଷ୍ଟିଆନ ସାହି, ସୂତାହାଟ, ପୋ.: ବକ୍ସିବଜାର, କଟକ ଏବଂ ନିର୍ଦ୍ଦେଶକ ଶ୍ରୀ ପ୍ରଶାନ୍ତ କୁମାର ପ୍ରଧାନ, ପ୍ଲଟ ନଂ: ବି/୬, ସେକ୍ଟର-୯, ସିଡିଏ, ବିଡାନାସୀ, ଜିଲ୍ଲା: କଟକ/ଆକାଉଣ୍ଟ ନଂ: ୩୦୭୪୧୦୮୩୩୨୩ | ଜାମିନ୍‌ଦାର: ଶ୍ରୀ ସିଦ୍ଧାର୍ଥ କୁମାର ନନ୍ଦ, ପିତା: ଶ୍ରୀ ବିନୋଦ ବିହାରୀ ନନ୍ଦ, ବାରବାଟି ହାଉସିଂ କଲୋନୀ, ତରୋଳ, ଜଗତପୁର, ଜିଲ୍ଲା: କଟକ । | ସମ୍ପତ୍ତି ମାଲିକମାନଙ୍କ ନାମ: (୧) ଶ୍ରୀ ସିଦ୍ଧାର୍ଥ କୁମାର ନନ୍ଦ,(୨) ମେସର୍ସ ପ୍ରଧାନ ଆର୍ଥ ମୁଭର୍ସ ପ୍ରା. ଲିଃ. ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ପ୍ରଭାତ କୁମାର ପ୍ରଧାନ | (୧) ଶ୍ରୀ ସିଦ୍ଧାର୍ଥ କୁମାର ନନ୍ଦଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା: ତରୋଳ, ତହସିଲ: ଟାଙ୍ଗୀ-ଚୌଦ୍ୱାର, ଥାନା: ଟାଙ୍ଗୀ, ଜିଲ୍ଲା: କଟକ, ଖାତା ନଂ.: ୬୨୦/୫୪୩, ପ୍ଲଟ ନଂ.:୨୦୬୦/୨୬୧୩, କ୍ଷେତ୍ର: ଏକର୦.୦୫୦ଡିସିମିଲ୍, କିସମ: ଘରବାଡ଼ି ଏବଂ ଖାତା ନଂ.: ୬୨୦/୫୫୬, ପ୍ଲଟ ନଂ.: ୨୦୫୯/୨୬୨୫, କ୍ଷେତ୍ର: ଏକର୦.୦୪୦ ଡିସିମିଲ୍, କିସମ: ଘରବାଡ଼ି, (୨) ମେସର୍ସ ପ୍ରଧାନ ଆର୍ଥ ମୁଭର୍ସ ପ୍ରା.ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ପ୍ରଭାତ କୁମାର ପ୍ରଧାନଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା: ଚାନ୍ଦମା, ଥାନା: କୋରେଇ, ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଖାତା ନଂ.: ୪୬୮, ପ୍ଲଟ ନଂ. : ୪୯୮/୨୨୩୮, କ୍ଷେତ୍ର: ଏକର୦.୧୬ ଡିସିମିଲ୍, କିସମ: ଘରବାଡି । | ତା୩୦.୦୬.୨୦୧୯ରିଖ ସୁଦ୍ଧା ଟ.୧,୧୮,୩୮,୯୧୮/- + ତତ୍‌ପରବର୍ତ୍ତୀ ସୁଧ + ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ / ୨୧.୦୮.୨୦୧୨ | ଟ.୨୧,୦୫,୦୦୦/- / ଟ.୨,୧୧.୦୦୦/- / ଟ.୫୦,୦୦୦/- ; ଟ.୧୬,୩୧,୦୦୦/- / ଟ.୧,୬୩.୦୦୦/- / ଟ.୫୦,୦୦୦/- |
| ୩. | କଟକ ସିଟି ଶାଖା/ ଋଣଗ୍ରହୀତାମାନେ: (୧) ମେସର୍ସ ମା ସାଇକେଲ୍ ଷ୍ଟୋର୍, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ପାଢୀ, ମାର୍ଫତ: ଗଣେଶ୍ୱର ପାଢୀ, (୨) ପ୍ରଦୀପ କୁମାର ପାଢୀ ଏବଂ ନିହାରିକା ପତି, ସମସ୍ତଙ୍କ ଠିକଣା: ସା: କେନ୍ଦୁଝର କଲୋନି, ପ୍ଲଟ ନଂ.: ୬୧/ଏ, ପୋ: ତୁଳସୀପୁର, ଥାନା: ଲାଲବାଗ, କଟକ- ୭୫୩୦୦୮ / ଆକାଉଣ୍ଟ ନଂ: ୩୦୦୬୫୮୬୨୬୦୩, ୩୦୦୪୦୨୭୨୮୪୮ | ଜାମିନ୍‌ଦାର: ଶ୍ରୀ ଗଣେଶ୍ୱର ପାଢୀ, ପିତା: ଶ୍ରୀ ଗଜେନ୍ଦ୍ର ପାଢୀ, ସା: ଦେବୀଦୋଳ, ବାଲିକୁଦା, କଟକ | ସମ୍ପତ୍ତି ମାଲିକଙ୍କ ନାମ: ଶ୍ରୀ ଗଣେଶ୍ୱର ପାଢୀ | ଶ୍ରୀ ଗଣେଶ୍ୱର ପାଢୀ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା କଟକ ସହର ୟୁନିଟ୍ ନଂ.: ୧୩, ଚାନ୍ଦିନୀ ଚୌକ, ଥାନା: ଲାଲବାଗ, ତହସିଲ: କଟକ ସଦର, ଜିଲ୍ଲା: କଟକ, ଖାତା ନଂ.: ୫୧୮, ପ୍ଲଟ ନଂ.: ୪୫୧, କ୍ଷେତ୍ର: ଏକର୦.୦୬୩ ଡିସିମିଲ, କିସମ: ଘରବାଡି, ଚୌହଦି: ପୂର୍ବ: ରାସ୍ତା, ପଶ୍ଚିମ: ବି.ସି. ମହାନ୍ତି, ଉତ୍ତର: ଶ୍ରୀମତୀ ମନ୍ଦାକିନୀ ସାମଲ, ଦକ୍ଷିଣ, ବଂଶୀଧର ଦାସ । | ତା୩୦.୦୬.୨୦୧୯ରିଖ ସୁଦ୍ଧା ଟ.୭୪,୮୭,୩୧୧.୬୮ + ତତ୍‌ପରବର୍ତ୍ତୀ ସୁଧ + ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ ୧୮.୧୧.୨୦୧୧ | ଟ.୧,୦୫,୦୩,୦୦୦/- / ଟ.୧୦,୫୦,୩୦୦/- / ଟ.୧,୦୦,୦୦୦/- |
| | **କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୂର୍ଯ୍ୟଜ୍ୟୋତି ପ୍ରଧାନ, ଇ-ମେଲ୍ suryajyoti.pradhan@sbi.co.in, ମୋ: ୮୫୯୯୦୦୨୭୦୩** | | | | | |
| ୪. | କମର୍ସିଆଲ ଶାଖା, କଟକ/ ଋଣଗ୍ରହୀତା: ମେସର୍ସ ଧବଳେଶ୍ୱର ରାଇସ୍ ମିଲ୍ , ସ୍ୱତ୍ୱାଧିକାରୀ: ଶ୍ରୀ ସତୀଶ କୁମାର ସାହୁ, ପିତା: ଶ୍ରୀ ବିଜୟ କୃଷ୍ଣ ସାହୁ, ଗଡିଝରିଆ, ପୋ: ଭିରୁଡ଼ା, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୨୪୬୦୩୭୧୪୨୮, ୩୨୪୫୮୪୦୯୨୩୨ | ଜାମିନ୍‌ଦାର: ଶ୍ରୀ ବିଜୟ କୃଷ୍ଣ ସାହୁ, ପିତା: ୰ ନିତ୍ୟାନନ୍ଦ ସାହୁ, ସା: ବଡ଼ହାଟ, ପୋ/ଜିଲ୍ଲା: କେନ୍ଦ୍ରାପଡ଼ା | ସମ୍ପତ୍ତି ମାଲିକଙ୍କ ନାମ: ଶ୍ରୀ ସତୀଶ କୁମାର ସାହୁ । | ଜମି ଆଦି ସମ୍ପତ୍ତି (ସମ୍ପତ୍ତି-୧): ମୌଜା: ବରାଲିଓ, ଖାତା ନଂ.: ୦୩, ପ୍ଲଟ୍ ନଂ.: ୫୭୫, କ୍ଷେତ୍ର: ଏକର୦.୯୬୬ଡିସିମିଲ୍, କିସମ: ଘରବାଡ଼ି, ଚୌହଦୀ: ଉତ୍ତର: କାଦ ନଳା ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୫୭୧, ପୂର୍ବ: କ୍ରେତା ଜମି, ପଶ୍ଚିମ: ବିକ୍ରେତାଙ୍କ ବଳକା ଜମି, (ସମ୍ପତ୍ତି-୨): ମୌଜା: ବରାଲିଓ, ଖାତା ନଂ.: ୨୪, ପ୍ଲଟ୍ ନଂ.: ୫୭୩, କ୍ଷେତ୍ର: ଏକର୦.୬୪୦ ଡିସିମିଲ୍, କିସମ: ଘରବାଡ଼ି, ଚୌହଦୀ: ଉତ୍ତର: ମୁଖ୍ୟ ଚକନାଳ, ଦକ୍ଷିଣ: ସୁକି ମଲ୍ଲିକ, ପୂର୍ବ: ପ୍ରଯୁଜ୍ୟ ନୁହେଁ, ପଶ୍ଚିମ: ପ୍ରଯୁଜ୍ୟ ନୁହେଁ, (ସମ୍ପତ୍ତି-୩): ମୌଜା: ବରାଲିଓ, ଖାତା ନଂ.: ୧୦୧, ପ୍ଲଟ୍ ନଂ.: ୫୭୨, କ୍ଷେତ୍ର: ଏକର୦.୫୫୦ଡିସିମିଲ୍, କିସମ: ଘରବାଡ଼ି, ଚୌହଦୀ: ଉତ୍ତର: ଚକ ରାସ୍ତା, ଦକ୍ଷିଣ: ରମେଶ ମଲ୍ଲିକ, ପୂର୍ବ ଗୋଚର ଜମି, ପଶ୍ଚିମ: କାହ୍ନୁ ଚରଣ କର (ସମସ୍ତ ସମ୍ପତ୍ତି ଶ୍ରୀ ସତୀଶ କୁମାର ସାହୁଙ୍କ ନାମରେ ଅଛି) | ତା୩୦.୦୬.୨୦୧୯ରିଖ ସୁଦ୍ଧା ଟ.୧,୧୮,୧୫,୦୫୦/- + ତତ୍‌ପରବର୍ତ୍ତୀ ସୁଧ + ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ / ୨୫.୦୨.୨୦୧୪ | ଟ.୧୪,୩୪,୦୦୦/- / ଟ.୧,୪୩,୪୦୦/- / ଟ.୧୦,୦୦୦/- |
| | **କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୁଧୀର କୁମାର ଲାକ୍ରା, ଇ-ମେଲ୍ sudhir.lakra@sbi.co.in, ମୋ: ୮୫୯୯୦୦୨୭୦୨** | | | | | |
| ୫. | ମାଲ୍‌ଗୋଦାମ୍ ଶାଖା, କଟକ/ ଋଣଗ୍ରହୀତା: ମେସର୍ସ ସ୍ୱସ୍ତିକ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଅଭୟ କୁମାର ପାତ୍ର, ପିତା: ଶ୍ରୀ ଅଶୋକ କୁମାର ପାତ୍ର, ସା: ଆଇସ୍ ଫ୍ୟାକ୍ଟ୍ରି ରୋଡ଼, କଲେଜ୍ ଛକ, କଟକ-୭୫୩୦୦୩ / ଆକାଉଣ୍ଟ ନଂ.: ୩୬୫୨୦୩୮୬୨୧୩ | ଜାମିନ୍‌ଦାର: ଶ୍ରୀ ଅଶୋକ କୁମାର ପାତ୍ର, ପିତା: ୰ ରସାନନ୍ଦ ପାତ୍ର ଆଲିଅସ ରମାନନ୍ଦ ପାତ୍ର, ସା: ଆଇସ୍ ଫ୍ୟାକ୍ଟ୍ରି ରୋଡ଼, କଲେଜ୍ ଛକ, କଟକ-୭୫୩୦୦୩ । | ସମ୍ପତ୍ତି ମାଲିକଙ୍କ ନାମ: ଶ୍ରୀ ଅଭୟ କୁମାର ପାତ୍ର ଏବଂ ଶ୍ରୀ ଅଶୋକ କୁମାର ପାତ୍ର । | (୧) ଶ୍ରୀ ଅଭୟ କୁମାର ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମସ୍ତ ସମ୍ପତ୍ତିର ଅଂଶବିଶେଷ ଯାହାର ମୌଜା: କଟକ ଟାଉନ୍, ୟୁନିଟ୍ ନଂ. ୨୪, କଲେଜ ଛକ, ଖାତା ନଂ.: ୩୪୦/୨୬୮, ପ୍ଲଟ ନଂ.: ୨୨୧୧/୨୯୬୩, କ୍ଷେତ୍ର: ଏକର୦.୦୨୨.୫ଡିସିମିଲ, କିସମ: ଘରବାଡ଼ି, (୨) ଶ୍ରୀ ଅଶୋକ କୁମାର ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମସ୍ତ ସମ୍ପତ୍ତିର ଅଂଶବିଶେଷ ଯାହାର ମୌଜା: କଟକ ଟାଉନ୍, ୟୁନିଟ୍ ନଂ. ୨୪, କଲେଜ ଛକ, ଖାତା ନଂ.: ୩୪୦/୨୩, ପ୍ଲଟ ନଂ.: ୮୩୦, କ୍ଷେତ୍ର: ଏକର୦.୦୨୧ଡିସିମିଲ, କିସମ: ଘରବାଡ଼ି, (୩) ଶ୍ରୀ ଅଭୟ କୁମାର ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମସ୍ତ ସମ୍ପତ୍ତିର ଅଂଶବିଶେଷ ଯାହାର ମୌଜା: କଟକ ଟାଉନ୍, ୟୁନିଟ୍ ନଂ. ୨୫, ଯୋବ୍ରା, ଖାତା ନଂ.: ୫୩୬/୨୩୫, ପ୍ଲଟ ନଂ.: ୧୦୫୬/୧୯୧୧୯, କ୍ଷେତ୍ର: ଏକର୦.୦୨୦ଡିସିମିଲ, କିସମ: ଘରବାଡ଼ି । | ତା୩୧.୦୧.୨୦୧୯ରିଖ ସୁଦ୍ଧା ଟ.୧,୬୯,୯୪,୮୨୩/- + ତତ୍‌ପରବର୍ତ୍ତୀ ସୁଧ + ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ / ୦୧.୦୨.୨୦୧୯ | ଟ.୬୨,୧୯,୦୦୦/- / ଟ.୬,୨୨,୦୦୦/- / ଟ.୫୦,୦୦୦/- ; ଟ.୬୮,୧୫,୦୦୦/- / ଟ.୬,୮୨,୦୦୦/- / ଟ.୫୦,୦୦୦/- ; ଟ.୪୭,୯୮,୦୦୦/- / ଟ.୪,୮୦,୦୦୦/- / ଟ.୫୦,୦୦୦/- |

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ୦୪.୦୯.୨୦୧୯ ପୂର୍ବାହ୍ନ ୧୦.୦୦ଘଟିକରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ **''ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ସେଠାରେ ଯାହା ଅଛି''** ଭିତ୍ତିରେ ଓ '' ଅନ୍‌ଲାଇନ୍ ମାଧ୍ୟମରେ ସମ୍ପନ୍ନ ହେବ । ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s. e-Procurement Technologies Limited, Ahmedabad**ରେ ୱେବ୍‌ସାଇଟ୍ **https://sbi.auctiontiger.net** ମାଧ୍ୟମରେ **ତା.୦୬.୦୯.୨୦୧୯ରିଖ**ରେ ସମ୍ପନ୍ନ ହେବ । ଇ-ନିଲାମ୍ ଟେଣ୍ଡର କାଗଜପତ୍ର ଯଥା: ଇ-ନିଲାମ୍ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ୍ ଇ-ନିଲାମ୍ ବିକ୍ରୟର ନିୟମ ଏବଂ ସର୍ତ୍ତାବାଳୀ ୱେବ୍‌ସାଇଟ୍ **https://sbi.auctiontiger.net** ରେ ଉପଲବ୍ଧ ।
୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡିକ ଉପରେ କୌଣସି ଏନକମ୍ବ୍ରାନ୍ସ ନାହିଁ । ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି. ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ ଅଧିକାର/ ଦେୟ ବିଷୟ ଯାଞ୍ଚ କରିବା ଉଚିତ୍ । ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ । ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ । କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ ।
୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **NEFT/RTGS** ମାଧ୍ୟମରେ **Account No. 30784275855, name of the A/C: SARB Cuttack Recovery Account, Name of the Beneficiary: State Bank of India, IFSC Code No.SBIN0009029** କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କ/ସିଡ୍ୟୁଲ୍ଡ ବ୍ୟାଙ୍କରୁ ଡ୍ର-କରି **''Asst. General Manager, State Bank of India, SARB Cuttack ''** ଙ୍କ ପକ୍ଷରୁ କଟକକୁ ଦେୟ ଦର୍ଶାଇ ପୈଠ କରିବେ ।
୪) ନିଲାମଧାରୀମାନେ ସଠିକ୍ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ୍ ଏବଂ ବୈଧ ଇ-ମେଲ୍ ଆଇଡିଧାରୀ ହେବା ଉଚିତ୍ ( ଇଚ୍ଛୁକ ନିଲାମଧାରୀଙ୍କ ଇ-ମେଲ୍ ଆଇଟି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସ୍‌ୱାର୍ଡ **M/s. e-Procurement Technologies Limited, Ahmedabad**ଙ୍କ ଦ୍ୱାରା ଇମେଲ୍ ମାଧ୍ୟମରେ ପାଇପାରିବେ) । ଯୋଗାଯୋଗ କରନ୍ତୁ **Ram Sharma-08000023297, Rakesh Nayak- 9937220319 / Land Line No.: 079-61200548, Toll Free No.: 18001035342, Email ID: orissa@auctiontiger.net, ramprasad@auctiontiger.net & Support@auctiontiger.net** (ଆମର ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ୍ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପରିବେ ।
୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣ ରେ ଅନୁରୋଧ ପତ୍ର ସହିତ-ସ୍ୱଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର (**KYC**), ଯଥା: ଭୋଟର ପରିଚୟ ପତ୍ର/ ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରଙ୍କ ପ୍ୟାନ୍ କାର୍ଡ, (ଘ) ବୈଧ ଇମେଲ୍ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ( ମୋବାଇଲ/ଲ୍ୟାଣ୍ଡ ଲାଇନ୍ ନମ୍ବର) ଇତ୍ୟାଦିର ନକଲ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସ୍‌ଡ୍ ଆସେଟ୍ ରିକଭରି ଶାଖା, କଟକଙ୍କ ଠାରେ ତା.୦୫.୦୯.୨୦୧୯ରିଖ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା** ପହଁଚିବା ଆବଶ୍ୟକ । ମୂଳ ପ୍ରମାଣପତ୍ରର ସ୍କାନ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇ-ମେଲ୍ ଆଇଡିରେ ମଧ ପଠାଇପାରିବେ ।
୬) ପୋର୍ଟାଲ୍ **https://sbi.auctiontiger.net**ରେ ଅନଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା, କଟକଙ୍କ ଦ୍ୱାରା ଚିହ୍ନଟ କରାଯିବ । **M/s. e-Procurement Technologies Limited, Ahmedabad**ଙ୍କ ଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପ୍ୟାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସ୍‌ୱାର୍ଡ ଯୋଗାଇ ଦିଆଯିବ ।
୭) ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ । ଯାଞ୍ଚ ପାଇଁ ଇଚ୍ଛୁକ ନିଲାମଧାରୀମାନେ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ: ସମ୍ପତ୍ତି କ.ନଂ.: ୧, ୨ ଏବଂ ୩ ନିମନ୍ତେ ମୋ: ୯୪୩୭୪୯୯୦୭୪, ସମ୍ପତ୍ତି କ୍ରନଂ.: ୪ ନିମନ୍ତେ ମୋ.: ୮୫୯୯୦୦୨୭୦୩ ଏବଂ ସମ୍ପତ୍ତି କ୍ରନଂ.: ୫ ନିମନ୍ତେ ମୋ.: ୮୫୯୯୦୦୨୭୦୨ରେ ଯୋଗାଯୋଗ କରିପାରିବେ ।**
୮) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିକ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ । ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସରେ ବୃଦ୍ଧି କରିପାରିବେ । ଇନିଲାମ ବନ୍ଦ ହେବାର ପୂର୍ବତ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଧ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ । ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ସ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇ ଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦ ସାପେକ୍ଷ ।
୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ବିବେଚନା କରାଯିବା ଏବଂ ସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ । ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ । ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର **୨୫%** ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ । ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କ ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ/ ଅଧିକାର ରହିବ ନାହିଁ ।
୧୦) ଯୋଗ୍ୟ ନିଲାମଧାରୀ ମାନେ ଇ-ନିଲାମ ତାରିଖ ପୂର୍ବରୁ **M/s. e-Procurement Technologies Limited, Ahmedabad**ଙ୍କ ଠାରୁ ଇ-ନିଲାମ ସମ୍ପର୍କୀୟ ଅନ୍‌ଲାଇନ୍ ତାଲିମ ପାଇପରିବେ । ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା**M/s. e-Procurement Technologies Limited, Ahmedabad** ଦାୟୀ ରହିବେ ନାହିଁ । ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକ୍‌ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବ ।
୧୧) ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ/ ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଜିଏସ୍‌ଟି, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ ।
୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ/ କୌଣସି ପ୍ରସ୍ତାବକୁ ଗ୍ରହଣ/ ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ / ବାତିଲ/ ବନ୍ଦ କରିବାର ଅଖଣ୍ଡ କ୍ଷମତା କରିବେ ।
୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ ।
୧୪) ବିକ୍ରୟ ସିକ୍ୟୁରିଟାଇଜେସନ୍ ଆଣ୍ଡ ରେକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ ।
୧୫) ସଫଳ ନିଲାମଧାରୀ/ କ୍ରେତା ଆୟକର ଆକ୍ଟ ୧୯୬୧ ର ଧାରା ୧୯୪ ଆଇ ଏ ଅନୁଯାୟୀ ଯେଉଁଠାରେ ବିଡ୍ ରାଶି **୫୦,୦୦,୦୦୦/-** ଟଙ୍କାରୁ ଅଧିକ ଥିବ ସେହି କ୍ଷେତ୍ରରେ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ ୨୬ କ୍ୟୁବି ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣପତ୍ରର ଅରିଜିନାଲ୍ ରସିଦ ବ୍ୟାଙ୍କରେ ଦାଖଲ କରିବେ ।
୧୬) **ସରଫେଶୀ ଆକ୍ଟ ୨୦୦୨ ର ସଂଶୋଧନ ଅନୁସାରେ ରୁଲ୬(୨) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ନିମନ୍ତେ ଏହା ଏକ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ ।**

**ସ୍ଥାନ : କଟକ, ତାରିଖ : ୦୩.୦୮.୨୦୧୯** — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି,
ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ପାତାଳେଶ୍ୱର ଶୈବପୀଠରେ ବୋଲବମ୍ ଭକ୍ତଙ୍କ ଭିଡ଼

**କୋମନା,୪।୮(ଡି.ଏନ.ଏ.)-** ଶ୍ରାବଣ ମାସର ତୃତୀୟ ସୋମବାର ଜଳାଭିଷେକ ପାଇଁ ବିଭିନ୍ନ ଶୈବପୀଠରେ ପ୍ରବଳ ଭିଡ ଦେଖିବାକୁ ମିଳିଛି। ଦେବଦେବ ମହାଦେବଙ୍କ ନିକଟରେ ଜଳଲାଗି ନିଜ ମନସ୍କାମନା ପୂରଣ କରିବା ପାଇଁ ବିଶେଷ କରି ଭକ୍ତମାନେ ଏବର୍ଷ ସୁଦୁର ହରିଶଙ୍କର, ନୃସିଂନାଥ, ପାତଳଗଙ୍ଗା, ରାଣିମୁହାଁସ ଓ ପତୋରା ଆଦି ତୀର୍ଥ ସ୍ଥାନରୁ ଶହ ଶହ ବୋଲବମ ଭକ୍ତ ଜଳ ଆଣୁଛନ୍ତି। ଭକ୍ତମାନେ ବିଭିନ୍ନ ବେଶଭୁଷାରେ ସଜ୍ଜିତ ହୋଇ ବୋଲବମ ଭାର ବୋହି ନାଚଗୀତ ସହ ରାସ୍ତାରେ ଆସୁଥିବା ଦେଖିବାକୁ ମିଳିଛି। ପୂର୍ବବର୍ଷ ଭଳି ଏବର୍ଷ ମଧ୍ୟ କୋମନା ବ୍ଲକ ପ୍ରାଚୀନ ଶୈବପୀଠ ବୁଢ଼ିକୋମନା ପାତାଳେଶ୍ୱର ଶିବ ମନ୍ଦିରରେ ଜଳାଭିଷେକ କରିବା ପାଇଁ ବିଭିନ୍ନ ଯାଗାରେ ବୋଲବମ ଭକ୍ତମାନେ ଆଶ୍ରୟ ନେଇଛନ୍ତି ।

### ରାଜୀବ ସେବା କେନ୍ଦ୍ରରେ ଏସ୍‌ଇଏମ୍ ସଂଘର ବୈଠକ

**କୋମନା,୪।୮(ଡି.ଏନ.ଏ.)-** ନୂଆପଡା ଜିଲା କୋମନା ବ୍ଲକସ୍ଥିତ ରାଜୀବ ସେବା କେନ୍ଦ୍ରରେ ଜିଲାରେ କାର୍ଯ୍ୟରତ ଏସ୍‌ଇଏମ୍ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୋମନା ଏସ୍‌ଇଏମ୍ ରାଜେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ୨୦୦୧ରୁ କୋମନା ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ୬୫ରୁ ଊର୍ଦ୍ଧ୍ୱ ଏସ୍‌ଇଏମ୍‌ଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏମାନେ କମ ଦରମାରେ ଖରା, ବର୍ଷା, ଶୀତରେ ଲୋକଙ୍କ ପାଇଁ ଅଚଳ ନଳକୂପ ମରାମତି କରି ପାନୀୟ ଜଳ ସୁବିଧା କରୁଥିବା ବେଳେ ଗାଁ ଗାଁରେ ପାଇପ ପ୍ରକଳ୍ପ ପରିଚାଳନା କରୁଛନ୍ତି। ଏତେ କାମ କରୁଥିବା ବେଳେ ଏମାନଙ୍କୁ ମାତ୍ର ୧୬୦୦ରୁ ୨୦୦୦ ଟଙ୍କା ପାରିଶ୍ରମିକ ଦେଇ ସମସ୍ତଙ୍କୁ ସରକାର ଅଣଦେଖା କରୁଛନ୍ତି। ଫଳରେ ସମସ୍ତଙ୍କୁ ସର୍ବନିମ୍ନ ମଜୁରୀ, ଚାକିରୀ ନିୟମିତ କରିବା ସହିତ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦେବାକୁ ସଂଘ ଦାବି କରିଛି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କୋମନା ବ୍ଲକ ସଭାପତି ଗଜାନନ ନାୟକ ଚେତାବନୀ ଦେଇଛନ୍ତି। ବୈଠକରେ ଅକ୍ଷୟ ପାଢ଼ୀ, ଦୁର୍ଯ୍ୟୋଧନ ମାଝି, ବିକ୍ରମ କୁମାର, ଅମୁଲ୍ୟ ନିଆଁଲ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷା ପାଇଁ ତରବୋଡ଼ ଗ୍ରାମବାସୀଙ୍କ ଇନ୍ଦ୍ରପୂଜା

**ନୂଆପଡା ଅଫିସ/ତରବୋଡ, ୪।୮ (ଡି.ଏନ.ଏ.)**

ନୂଆପଡା ଜିଲାରେ ଲାଗ ଲାଗ ମରୁଡି ପରିସ୍ଥିତି ଉପୁଜୁଛି । ଗତବର୍ଷ ଭଳି ଏଥର ମଧ୍ୟ ଜିଲାବ୍ୟାପି ମରୁଡି ସ୍ଥିତି ଆସିଥିବାବେଳେ ଚାଷୀକୂଳ ଇତସ୍ତତଃ ହୋଇପଡିଛନ୍ତି । ଅଗଷ୍ଟ ମାସ ଆସିଥିବାବେଳେ ଚାଷ କାର୍ଯ୍ୟ ଅଧୁରା ହୋଇପଡିଛି। ଧାନ ରୁଆ ହୋଇପାରୁ ନ ଥିବାବେଳେ ପଲା ମରିବାକୁ ବସିଛି । ବୁଣା ଧାନକୁ ବିହୁଡା ହୋଇପାରୁନାହିଁ। ଜମି ଫାଟି ଆଁ କରୁଛି। ଆକାଶରେ କଳା ବାଦଲ ଦେଖିବାକୁ ମିଳୁଛି। ପରେ ତାହା କୁଆଡେ ଉଭାନ ହୋଇଯାଉଛି। ରାଜ୍ୟ ପାଣିପାଗ ବିଭାଗ ବାରମ୍ବାର ନୂଆପଡାରେ ବର୍ଷା ହେବ ବୋଲି ପ୍ରାକ୍ ସୂଚନା ଦେଉଥିବାବେଳେ ତାହା ଫସର ଫାଟୁଛି। ବର୍ଷାର ନାଁ ଗନ୍ଧ ଦେଖିବାକୁ ମିଳୁ ନ ଥିବାରୁ ଚାଷୀଙ୍କ ଆଖିରୁ ନିଦ ହଜିଯାଉଛି । ଅନନ୍ୟୋପାୟ ହୋଇ ପୂଜାପାଠ କରିବାକୁ ବସିଲେଣି । ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ଗ୍ରାମବାସୀ ବର୍ଷା ପାଇଁ ଇନ୍ଦ୍ରପୂଜା କରି ବର୍ଷାକୁ ଆମନ୍ତ୍ରଣ କରିଥିବା ଦେଖିବାକୁ ମିଳିଛି। ଜିଲାର ସବୁଠାରୁ ବୃହତମ ଗାଁ ତାଲିକାରେ ତରବୋଡ ଅନ୍ୟତମ । ଏଠିକାର ନବେ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି । ଏଥିରେ ପୁଣି ଧାନ ଚାଷ ମୁଖ୍ୟ ରହିଥାଏ । ଆଜିକୁ ୩ ବର୍ଷ ଧରି ମରୁଡିର ଶୀକାର ହୋଇଥିଲେ ହେଁ ଚାଷୀଙ୍କୁ କୌଣସି ସରକାରୀ ସହାୟତା ମିଳିପାରିନାହିଁ। ଏଥର ପୁଣି ଥରେ ମରୁଡିର ପଦଧ୍ୱନୀ ଦେଉଥିବାରୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ରବିବାର ପୂର୍ବାହ୍ନ ୧୦ଟାରୁ ଗାଁ ମନ୍ଦିର ପୀଠରେ ସମସ୍ତ ପରିବାର ଲୋକ ଠୁଳ ହୋଇଥିଲେ। ଏଠାର ବିଧିବଦ୍ଧ ଭାବେ ପୂଜାପାଠ ଆରମ୍ଭ କରାଯାଇଥିଲା। ଏଥିରେ ପୂଜକ ଭାବେ ସୀମାଞ୍ଚଳ ଦାସ ଯୋଗଦେଇ ଦାୟିତ୍ୱ ତୁଲାଇଥିବାବେଳେ ଗାଁର ଝାଙ୍କର ଯୋଗେନ୍ଦ୍ର ନାଏକ କର୍ତ୍ତା ଭାବେ ବସିଥିଲେ । ସମସ୍ତଙ୍କ ଘରୁ ପୂଜା ସାମଗ୍ରୀ ଆସିଥିଲା । ଇନ୍ଦ୍ର ଦେବତାଙ୍କ ପୂଜା କରାଯାଇଥିଲା । ଏଥିରେ ବିଭିନ୍ନ ପ୍ରକାରେ ଆରାଧନା କରାଯାଇ ବର୍ଷାକୁ ଆମନ୍ତ୍ରଣ କରିଥିଲେ। ବର୍ଷାରାଣୀ ଶୀଘ୍ର ତାଙ୍କ ଉପରେ ଆଶୀର୍ବାଦ କରିବାକୁ ମନାସିଥିଲେ। ପୂଜାକୁ ଗାଁର ଚାଷୀ ଗଦା ଗହୀର, ପ୍ରକାଶ ପ୍ରଧାନ, ରାମପ୍ରସାଦ ମହରା, ଦୁର୍ଗା ପାଣିଗ୍ରାହୀ, ନଟବର ନାୟକ, ଓମପ୍ରକାଶ ପ୍ରଧାନ, ମକାରୁ ବେମାଲ, ଚିନ୍ତାରାମ ଅହୀର, ବୋଦକା ଶବର, ରାମ ମନୋହର ଦୁବେ, ମେଶରୁ ସେଠୀ, ରତନ ଦୁବେ ପ୍ରମୁଖ ପରିଚାଳନା କରିଥିଲେ।



ତରବୋଡ ଗାଁରେ ଇନ୍ଦ୍ର ପୂଜାରେ ଗ୍ରାମବାସୀ ବସି ଆରାଧନା କରୁଛନ୍ତି ।

# ଖଡ଼ିଆଲ ବସ୍‌ଷ୍ଟାଣ୍ଡର ଉନ୍ନତି ପାଇଁ ଦୃଷ୍ଟି ଦେଲା ଏନ୍‌ଏସି

**ଖଡିଆଲ,୪।୮ (ଡି.ଏନ.ଏ.)**

ନୂଆପଡା ଜିଲାର ପ୍ରମୁଖ ବ୍ୟବସାୟୀକ ସହର ଖଡିଆଲ ବସଷ୍ଟାଣ୍ଡବହୁ ଦୀର୍ଘ ଧରି ଅବ୍ୟବସ୍ଥାରେ ରହିଥିବାବେଳେ ଏହାକୁ ନେଇ ଧରିତ୍ରୀରେ ଖବର ପ୍ରକାଶ ହୋଇଥିଲା । ଶେଷରେ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ବସଷ୍ଟାଣ୍ଡ ଭିତରେ ଥିବା କାଦୁଅ ପଚପଚ ରାସ୍ତା ଉନ୍ନତିକରଣ ସକାଶେ କାର୍ଯ୍ୟ ଆରମ୍ଭ କରାଯାଇଛି। ରବିବାର ପଥରଗୁଣ୍ଡ, ବାଲି ଦେଇ ସମତୁଳ କରାଯାଇଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

ସୂଚନାଯୋଗ୍ୟ ଯେ, ଆଜକୁ ଦୀର୍ଘ ବର୍ଷ ଧରି ଖଡିଆଲ ସହର ମଧ୍ୟରେ ପୁରୁଣା ବସଷ୍ଟାଣ୍ଡ ରହିଥିଲା। ଏହାକୁ ୫ ବର୍ଷ ତଳେ ତତକାଳୀନ ଜିଲାପାଳ ଅନ୍ୟତ୍ୟ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ସରକାରୀ ଭାବେ ଥଇଥାନ କରାଯାଇ ନ ଥିବାବେଳେ ଏଠିକାର ପ୍ରାଥମିକ ବ୍ୟବସ୍ଥା ଲାଗି ମଧ୍ୟ ଧ୍ୟାନ ଦିଆଯାଇ ନ ଥିଲା । ବିଜୁଳି, ପାନୀୟ ଜଳ, ଯାତ୍ରୀଙ୍କ ସକାଶେ ବିଶ୍ରାମଗାର ଆଦି ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ଉପରେ ଖବର ପ୍ରକାଶନ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ କିଛିଦିନ ତଳେ ତତକାଳୀନ ଜିଲାପାଳ ଡା. ପୋମା ଟୁଡୁ, ପିଡି ଡିଆରଡିଏ ବୃଷଭ ଚନ୍ଦ୍ର ନାଏକ, ଏନଏସି ନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ପରିଦର୍ଶନରେ ଆସି ପ୍ରକୃତସ୍ଥିତି ଆକଳନ କରିଥିଲେ। ବର୍ତ୍ତମାନ ବର୍ଷା ଦିନ ହେତୁ ଝିପି ଝିପି ବର୍ଷାରେ ବସଷ୍ଟାଣ୍ଡର ସ୍ଥିତି ଦୟନୀୟ ହୋଇପଡିବାରୁ ପଥରଗୁଣ୍ଡ, ବାଲି ଆଦି ପକାଇବାର ବ୍ୟବସ୍ଥା କରାଯାଉଛି । ଦୀର୍ଘ ଦିନ ପରେ ଏନଏସି ତରଫରୁ ଏହା ପ୍ରଥମ କାମ କରାଯାଇଛି। ଏହା ଉପରେ ନିର୍ବାହୀ ଅଧିକାରୀ ସାହୁଙ୍କୁ ପଚାରିବାରେ ଏହା ବେସରକାରୀ ବସଷ୍ଟାଣ୍ଡ ହେତୁ ଯାତ୍ରୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାଥମିକ ଭାବେ ଏହି କାମ କରାଯାଉଛି । ଆଗକୁ ଏଠିକାର ପୁନରୁଦ୍ଧାର ସକାଶେ ବିଚାର କରାଯିବ ବୋଲି ଆମ ପ୍ରତିନିଧିଙ୍କୁ କହିଛନ୍ତି । ଏହି କାମ ରବିବାର ସକାଳୁ ସନ୍ଧ୍ୟା ଯାଏଁ ଚାଲିଥିଲା ।

ଧରିତ୍ରୀ ପ୍ରଭାବ



ପଥରଗୁଣ୍ଡ ପକାଇ ବସ୍‌ଷ୍ଟାଣ୍ଡ ସମତୁଲ କରାଯାଉଛି।

## ବିଶ୍ୱ ହିନ୍ଦୁପରିଷଦର ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ପ୍ରଦାନ

**ନୂଆପଡ଼ା ଅଫିସ, ୪।୮**

ସ୍ଥାନୀୟ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟାଳୟରେ ପୂର୍ବତନ ଜିଲା ସଭାପତି ଜ୍ଞାନସିଂଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାନ୍ତ କାର୍ଯ୍ୟାଳୟ ପ୍ରମୁଖ ଗଗନ ବିହାରୀ ଗଡନାୟକ ମୁଖ୍ୟଅତିଥି, ପ୍ରାନ୍ତ ସତସଙ୍ଗ ପ୍ରମୁଖ ସତ୍ୟନାରାୟଣ ଥନାପତି, ପ୍ରାନ୍ତ ଉପସଭାପତି ରାମେଶ୍ୱର ମୁଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପରିଷଦର ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏଥିରେ ବିଭୂତି ଭୂଷଣ ପାଣିଗ୍ରାହୀଙ୍କୁ ନୂତନ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଲୋକନାଥ ରଥ ଉପସଭାପତି, ଭାନୁପ୍ରତାପ ଦଣ୍ଡସେନା ସମ୍ପାଦକ, ମଳୟ ରଞ୍ଜନ ମଣ୍ଡଳ ଜିଲା ଗୋସେବା ପ୍ରମୁଖ, ଜିଲା ସତସଙ୍ଗ ପ୍ରମୁଖ ପରଦେଶୀ ଦେୱାଙ୍ଗନ, ମୃତ୍ୟୁଞ୍ଜୟ ପଣ୍ଡା ନୂଆପଡା ବ୍ଲକ ସଭାପତି, ଭବାନୀ ବଗର୍ତୀ ବ୍ଲକ ସମ୍ପାଦକ, ଜିଲା ବଜରଙ୍ଗ ଦଳ ସଂଯୋଜକ ଉଜ୍ଜ୍ୱଳ ତିୱାରୀ, ନରେନ୍ଦ୍ର କାନ୍ତ ସାହୁ ବଜରଙ୍ଗଦଳର ନୂଆପଡା ବ୍ଲକ ସଂଯୋଜକ, ସହସଂଯୋଜକ ଜିତେନ୍ଦ୍ର ଯାଦବ, ପିୟୁସ କୁମାର ଦୁବେ କୋମନା ବ୍ଲକ ବଜରଙ୍ଗ ଦଳ ସଂଯୋଜକ, ମୟଙ୍କ ଦୁବେ ତରବୋଡର ସଂଯୋଜକ ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଛି। ଆଗାମୀ ଦିନରେ ଜିଲାରେ ୫ହଜାର ହିନ୍ଦୁ ହିତ ଚିନ୍ତକ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଲୋ ଛିଙ୍କୁଣି ମୁଣ୍ଡ ଉକୁଣି
ତତେ କିଏ ମୋର ଚାହୁଁଛି
ମୋହର ଘରଣୀ ତୋଠଉଁ ସୁନ୍ଦର
ଶାଶୁ କୋଳେ ଦିନ ଯାଉଛି ।**

ସୁଖୀ ଦାମ୍ପତ୍ୟ ପାଇଁ ପରସ୍ପରର ବିଶ୍ୱସ୍ତ ହେବା ବାଞ୍ଛନୀୟ। ଜୀବନସାଥୀ ପ୍ରତି ସ୍ନେହ ଶ୍ରଦ୍ଧା ସମ୍ମାନ ଭାବ ରଖୁଥିବା ବ୍ୟକ୍ତି କେବେ ବି ଅବୈଧ ସମ୍ପର୍କକୁ ପ୍ରଶ୍ରୟ ଦେଇ ନ ଥାନ୍ତି। ଦୈହିକ ସୁଖ ଲାଳସାରେ ମାତି ନିଜ ସୁନା ସଂସାରରେ ନିଆଁ ଲଗାଇବାକୁ ଉଚିତ ମଣି ନ ଥା'ନ୍ତି। ଏପରିସ୍ଥଳେ ନିଜ ପତ୍ନୀଙ୍କୁ ଜୀବନଠୁ ଅଧିକ ଭଲ ପାଉଥିବା ବ୍ୟକ୍ତି ପରକୀୟା ପ୍ରୀତିଠାରୁ ନିଜକୁ ଦୂରେଇ ରଖିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛାଡ଼ ପିତୃକାର୍ଯ୍ୟ
କର ରାଜକାର୍ଯ୍ୟ ।**

ପିତୃଋଣ ଶୁଝି ହୋଇ ନ ଥାଏ। ପ୍ରତ୍ୟେକ ବ୍ୟକ୍ତି ପାଇଁ ନିଜ ପିତାମାତା ତଥା ଘର ପରିବାର ପ୍ରତି କିଛି ଦାୟିତ୍ୱବୋଧ ରହିଥାଏ। କିନ୍ତୁ ଏହାଠାରୁ କାହିଁ କେତେଗୁଣ ଅଧିକ ଦାୟିତ୍ୱ ରହିଥାଏ ଦେଶ ପ୍ରତି। ଦେଶ ସେବାରେ ନିଜକୁ ନିୟୋଜିତ କରିବା ତଥା ଜୀବନକୁ ଉତ୍ସର୍ଗ କରିବା ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଅତି ଜରୁରୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବିଶ୍ୱ ଜଡ଼ିବୁଟି ଦିବସ: ବ୍ରହ୍ମଚାରୀ ମୂଲ୍ୟବାନ ଚାରା ଲଗାଇଲେ

**ନୂଆପଡା ଅଫିସ,୪।୮**

ସ୍ଥାନୀୟ ହରିପୁରସ୍ଥିତ ଗୁରୁକୁଳରେ ଆଶ୍ରମ ମୁଖ୍ୟ ଆଚାର୍ଯ୍ୟ ସୁଦର୍ଶନ ଦେବ ଆର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱ ଜଡିବୁଟି ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲା ପତଞ୍ଜଳୀ ଯୋଗ ସମିତି ପ୍ରଭାରୀ ହେମନ୍ତ କୁମାର ଦଣ୍ଡସେନା ସଭାପତିତ୍ୱ କରିଥିବା ବେଳେ ସ୍ୱାଭିମାନ ଟ୍ରଷ୍ଟର ଜିଲା ପ୍ରଭାରୀ ଶରତ କୁମାର ପଣ୍ଡା, ମନୋଜ କୁମାର ପୁଞ୍ଜି, ଜିଲା କୃଷକ ପ୍ରଭାରୀ ରଜଉ ବେମାଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏହି ଦିବସ ପାଳନ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଉପରେ ଅତିଥିମାନେ ଉପସ୍ଥାପନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁକୁଳର ବ୍ରହ୍ମଚାରୀମାନେ ବିଭିନ୍ନ ମୂଲ୍ୟବାନ ଔଷଧୀୟ ଗୁଳ୍ମ ଲଗାଇଥିଲେ । ଖୁବଶୀଘ୍ର ଜିଲାସାରା ଜଡିବୁଟି ଜାତୀୟ ବୃକ୍ଷରୋପଣ କରି ଜିଲାରେ ଏକ ବିପ୍ଳବ ଅଣାଯିବ ବୋଲି ପତଞ୍ଜଳି ଯୋଗ ସମିତି ଜିଲା ପ୍ରଭାରୀ ଦଣ୍ଡସେନା କହିଛନ୍ତି ।



ବିଶ୍ୱଜଡିବୁଟି ଦିବସ ଅବସରେ ଅତିଥିମାନେ ଚାରା ରୋପଣ କରିବାକୁ ପ୍ରସ୍ତୁତି କରୁଛନ୍ତି ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ 25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାରଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09517415755
09598246628

BUSINESS — ASTROLOGY — FINANCE

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨୦,୦୦୦,୦୦/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ପ୍ରାଇଭେଟ୍ କମ୍ପାନୀ ପ୍ରତି ସାବଧାନ
GRAMIN FINANCE
ଦ୍ୱାରା ସବୁ ପ୍ରକାର ଋଣ ନିଅନ୍ତୁ କମ୍ ସୁଧ + Subsidy, No File Charge, No Guarantor, Only Bank fees -
ଏ ସବୁକିଛି ଋଣ ମଞ୍ଜୁର ହେବା ପରେ
Miss Call Alert:
09610759333
S/O Durvijay Singh, 549/328, Shanti Nagar, Vakola, Santacruz, Mumbai- 400055

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
B-36/7, A-Block, Vijay Enclave, Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

See Color Display Classified on every Tuesday & Friday


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ମହିଳାଙ୍କ ତଣ୍ଟିକାଟି ହତ୍ୟା: ସ୍ୱାମୀ, ପୁଅ ଗୁରୁତର

ସୋନପୁର/ବିନିକା,୪।୮ (ନି.ପ୍ର/ଡି.ଏନ.ଏ): ଜମିବାଡି ବିବାଦକୁ କେନ୍ଦ୍ର କରି ସୁବର୍ଣ୍ଣପୁର ଜିଲା ବିନିକା ଥାନା ଘୋଡାଧାର ଗ୍ରାମରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ହରିଜନବସ୍ତିର ପାଞ୍ଚେଶ୍ୱରୀ ଲୁହା(୫୦)ଙ୍କୁ ତଣ୍ଟିକାଟି ହତ୍ୟା କରାଯାଇଛି। ପାଞ୍ଚେଶ୍ୱରୀଙ୍କ ସ୍ୱାମୀ କଣ୍ଟିଆ ଲୁହା(୫୫) ଓ ପୁଅ ବାଲେଶ୍ୱର ଲୁହା(୨୩) ଗୁରୁତର ଆହତ ହୋଇଛନ୍ତି । କଣ୍ଟିଆଙ୍କ ମୁଣ୍ଡ ଓ ବାଲେଶ୍ୱରଙ୍କ ଶରୀରର ବିଭିନ୍ନ ସ୍ଥାନରେ ଚୋଟ ଲାଗିଛି। ବାପା ଓ ପୁଅ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଛନ୍ତି। ପ୍ରକାଶ ଯେ, ସରକାରୀ ଜମିକୁ ନେଇ ବସ୍ତିର ଲୁହା ଓ ଭୋଇନା ପରିବାର ମଧ୍ୟରେ ଦୀର୍ଘ ବର୍ଷ ଧରି ବିବାଦ ଲାଗି ରହିଥିଲା। ଏହି ବିବାଦର ସମାଧାନ ପାଇଁ ମହାଦେବପାଲି ଫାଣ୍ଡି ଅଧିକାରୀ ବସନ୍ତ କୁମାର ରଥ ରବିବାର ସନ୍ଧ୍ୟାରେ ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରିଥିଲେ। ଫାଣ୍ଡିରୁ କଣ୍ଟିଆ ଲୁହା, ସ୍ତ୍ରୀ ପାଞ୍ଚେଶ୍ୱରୀ ଓ ପୁଅ ବାଲେଶ୍ୱର ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଘୋଡାଧାର ପ୍ରାଥମିକ ବିଦ୍ୟାଳୟ ନିକଟରେ ପୂର୍ବରୁ ଲୁଚି ରହିଥିବା ଭୋଇନା ପରିବାରର ଅନ୍ୟ ସଦସ୍ୟମାନେ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ । ପାଞ୍ଚେଶ୍ୱରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଏହି ହତ୍ୟାକାଣ୍ଡ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି । ଅଭିଯୁକ୍ତମାନେ ଫେରାର ଅଛନ୍ତି ।

### ଭୀମଭୋଇ ସାହିତ୍ୟ ପରିଷଦର କାର୍ଯ୍ୟକର୍ତ୍ତା ଚୟନ

**ବଙ୍ଗୋମୁଣ୍ଡା, ୪।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ସତ୍ୟ ମହିମା ଆଶ୍ରମରେ ଭୀମଭୋଇ ସାହିତ୍ୟ ପରିଷଦର କାର୍ଯ୍ୟକର୍ତ୍ତା ଚୟନ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତିଭାବେ କପିଳେନ୍ଦ୍ର ବାବା, କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ସିଂଭୋଇ, ଉପସଭାପତି କିରାତ ଚନ୍ଦ୍ର ମହାକୁର, ସତ୍ୟନାରାୟଣ ଭୋଇ, ସାଧାରଣ ସମ୍ପାଦକ ପଣ୍ଡିତ ହେମରାଜ ଶାସ୍ତ୍ରୀ, ଯୁଗ୍ମ ସମ୍ପାଦକ ନୀଳାଞ୍ଚଳ ଥନାପତି, ଡ. ନାରାୟଣ ମିଶ୍ର, ସୁଧାକର ସାହୁ, ଡିଙ୍ଗର ଭୋଇ, କୋଷାଧକ୍ଷ ପଣ୍ଡିତ ଗିରିଧାରୀ ତ୍ୟାଗୀ, ସହକୋଷାଧକ୍ଷଭାବେ ଭାଗିରଥି ପୁଟେଲଙ୍କୁ ଚୟନ କରାଯାଇଛି।

■ ଜନସେବୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ୧୦୩ତମ ଜୟନ୍ତୀ ସମାରୋହ

# ଆନୁଷ୍ଠାନିକ ଅବକ୍ଷୟ ରୋକିବା ଉପରେ ଗୁରୁତ୍ୱ

ବଲାଙ୍ଗୀର ଅଫିସ, ୪।୮




ଜନସେବୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ୧୦୩ତମ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି ।

ବ୍ୟକ୍ତିର ଉପଲବ୍ଧିକୁ ତାର ସାମାଜିକ ଅବଦାନ ଦୃଷ୍ଟିରୁ ବିଚାର କରାଯିବା ଉଚିତ୍। ଏହି ଦୃଷ୍ଟିରୁ ବିଚାର କଲେ ପୂର୍ବତନ ସାଂସଦ ଜନସେବୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ଆମେ ସଫଳ ବ୍ୟକ୍ତିଜୀବନ କହିପାରିବା ବୋଲି ଅତିଥିମାନେ ତାଙ୍କର ୧୦୩ ତମ ଜୟନ୍ତୀ ସମାରୋହ ଅବସରରେ ମତପ୍ରକାଶ କରିଛନ୍ତି। କୃଷ୍ଣଚନ୍ଦ୍ର ପଣ୍ଡା ସ୍ମୃତି କମିଟି ଓ ଜିଲା ସାମ୍ବାଦିକ ସଂଘ ମିଳିତ ଆୟୋଜନରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ କୃଷ୍ଣଚନ୍ଦ୍ର ପଣ୍ଡା ଜୟନ୍ତୀ ସମାରୋହରେ ସ୍ମୃତି କମିଟି ସଭାପତି ଭାଗବତ ପ୍ରସାଦ ନନ୍ଦ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ, ସମ୍ମାନିତ ଅତିଥି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅବସରପ୍ରାପ୍ତ ଡିଜିଏମ୍ ଶଶାଙ୍କ ଶେଖର ପୁରୋହିତ ଓ ମୁଖ୍ୟବକ୍ତାଭାବେ ପ୍ରସାର ଭାରତୀର ଅବସରପ୍ରାପ୍ତ ଡିଜି ଅଭୟ କୁମାର ପାଢ଼ୀ ଯୋଗଦାନ କରିଥିଲେ । ସଭାରେ ସ୍ମୃତି କମିଟି ଆବାହକ ଲଳିତ କୁମାର ନାୟକ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅରବିନ୍ଦ ଦାସ ସଭା ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ପାଠୀ ଆନୁଷ୍ଠାନିକ ଅବକ୍ଷୟ କିଭଳି ଆମ ସାମାଜିକ ଜୀବନକୁ ବିପନ୍ନ କରୁଛି କହିଥିଲେ। ଜନସେବର ସ୍ୱର୍ଗତ ପଣ୍ଡା ତାଙ୍କ ଜୀବନ କାଳରେ ସମର୍ପିତ ହୋଇ ଅନ୍ୟ ସମଧର୍ମାଙ୍କ ସହ ମିଶି ଶିକ୍ଷାନୁଷ୍ଠାନ, ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଗଢ଼ି ଆମ ସମାଜକୁ ସମର୍ଥ କରିବାର ଚେଷ୍ଟା କରିଥିଲେ । ସେମାନଙ୍କ ଅବଦାନରୁ ଆମ ସମାଜ ସଙ୍ଗଠିକ ହୋଇପାରିଥିଲା । ଆଜି ସେହି ଅନୁଷ୍ଠାନଗୁଡିକ ଅବକ୍ଷୟମୁଖୀ ହୋଇପଡିଛି ଓ ଏହାର ପ୍ରତିଫଳନରୁ ହିଁ ସାମାଜିକ ଅବକ୍ଷୟ ମଧ୍ୟ ଦେଖାଯାଉଛି। ଏଭଳି ସମୟରେ ଆମର ପ୍ରମୁଖ ଅନୁଷ୍ଠାନ ଗୁଡିକର ଅବକ୍ଷୟମୁଖୀ ଧାରାକୁ ରୋକିବା ହିଁ ସ୍ୱର୍ଗତ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ବୋଲି ସେ କହିଥିଲେ। ଅନ୍ୟ ଅତିଥିମାନେ ସ୍ୱର୍ଗତ ପଣ୍ଡାଙ୍କ ରାଜନୈତିକ ଜୀବନ ଓ ସାମାଜିକ ଜୀବନ ଉପରେ ଆଲୋକପାତ କରିଥିଲେ। ସଭାପତୀୟ ଅଭିଭାଷଣରେ ସଭାପତି ନନ୍ଦ ସ୍ୱର୍ଗତ ପଣ୍ଡାଙ୍କ ଉତ୍ସର୍ଗୀକୃତ ମନୋଭାବରୁ ଆଜିର ଯୁବ ସମାଜ ଉଦ୍‌ବୁଦ୍ଧ ହେବା ଆବଶ୍ୟକ ବୋଲି କହିଥିଲେ । ସଭା ପ୍ରାରମ୍ଭରେ ମଞ୍ଚାସୀନ ଅତିଥିଙ୍କୁ ସ୍ମୃତି କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ ସଙ୍ଗଠକ ଯୋଗଦାନ କରିଥିଲେ। ଶେଷରେ ସନ୍ଦୀପ କୁମାର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

■ ସିଆଇଏସ୍‌ସିଇ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

# ରାଉରକେଲା ଜୋନ୍‌କୁ ୨, ଝାରସୁଗୁଡ଼ାକୁ ୩ ଟ୍ରଫି

ବେଲପାହାଡ଼,୪।୮(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ ଷ୍ଟାଡିୟମରେ ରବିବାର କାଉନସିଲ ଫର୍ ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏକ୍‌ଜାମିନେଶନ (ସିଆଇଏସ୍‌ସିଇ) ପକ୍ଷରୁ ରାଜ୍ୟସ୍ତରୀୟ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ଏଥିରେ ୧୭ ବର୍ଷରୁ କମ୍ ବାଳିକା ଖୋଖୋ, ୧୭ ବର୍ଷରୁ କମ୍ ବାଳକ ଭଲିବଲ, ୧୭ ଓ ୧୯ ବର୍ଷରୁ କମ୍ ବାଳିକା ଓ ବାଳକ ଥ୍ରୋ ବଲ୍ ଏବଂ ୧୯ ବର୍ଷରୁ କମ୍ ବାଳକ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଝାରସୁଗୁଡ଼ା, ରାଉରକେଲା, ବଲାଙ୍ଗୀର, ଭୁବନେଶ୍ୱର ଓ ବ୍ରହ୍ମପୁର ଆଦି ୫ ଜୋନ୍‌ର ୫୫ ଛାତ୍ର ଓ ୧୦୦ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ୧୭ ବର୍ଷରୁ କମ୍ ବାଳକ ଭଲିବଲ ପ୍ରତିଯୋଗିତାରେ ଝାରସୁଗୁଡ଼ା ଜୋନ୍ ୩-୦ ସେଟ୍‌ରେ ରାଉରକେଲା ଜୋନ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ୧୯ ବର୍ଷରୁ କମ୍ ବାଳକ ଭଲିବଲ ପ୍ରତିଯୋଗିତାରେ ରାଉରକେଲା ଜୋନ୍ ଝାରସୁଗୁଡ଼ା ଜୋନ୍‌କୁ ୩-୨ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିପରି ୧୭ ବର୍ଷରୁ କମ୍ ବାଳିକା ଖୋଖୋ ପ୍ରତିଯୋଗିତାରେ ରାଉରକେଲା ଜୋନ୍ ଚାମ୍ପିୟନ ହୋଇଥିବାବେଳେ ଉଭୟ ୧୭ ବର୍ଷ ଓ ୧୯ ବର୍ଷରୁ କମ୍ ବାଳିକା ଥ୍ରୋ ବଲ ପ୍ରତିଯୋଗିତାରେ ଝାରସୁଗୁଡ଼ା ଜୋନ୍ ଚାମ୍ପିୟନ ହୋଇଛି। ରାଉରକେଲା ଜୋନ୍ ୨ ଓ ଝାରସୁଗୁଡ଼ା ଜୋନ୍ ୩ଟି ଟ୍ରଫି ହାସଲ କରିଛି। ଆୟୋଜକ ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲର ଖେଳ ଶିକ୍ଷକ ହମିଦ୍ ମହାପାତ୍ର, ସୁମନ୍ତ ପଣ୍ଡା, ରେଖା ରାୟ, ମହମ୍ମଦ ସାହିଦ, ମନୋଜ ବିହାଣୀ, ରମେଶ ଚନ୍ଦ୍ର ପଟେଲ ଓ ବିଜୟ ଗୌଡ଼ଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଖେଳ ଶିକ୍ଷକ ଏଥିରେ ସହଯୋଗ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସିଆଇଏସ୍‌ସିଇ ବିଦ୍ୟାଳୟ ସମୂହ ସଭାପତି ରମା କାର୍ତ୍ତିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜର ବରିଷ୍ଠ ଉପସଭାପତି ହ୍ରିଦେଶ ସେହଗଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳଗୁଡ଼ିକୁ ଟ୍ରଫି ପ୍ରଦାନ କରିଥିଲେ।

# ମାରୱାଡି ମହିଳା ସମିତିର ଶ୍ରାବଣ ମହୋତ୍ସବ

ଟିଟିଲାଗଡ଼, ୪।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ମାରୱାଡି ମହିଳା ସମିତି ପକ୍ଷରୁ ମହାବୀର ପଞ୍ଚାୟତି ଧର୍ମଶାଳାଠାରେ ଶ୍ରାବଣ ମହୋତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସମିତି ଅଧକ୍ଷା ଆଶା ଅଗ୍ରୱାଲ, ଉପସଭାନେତ୍ରୀ ଉମା ଜୈନ, ସମ୍ପାଦିକା ସରୋଜ ଅଗ୍ରୱାଲ, ଯୁଗ୍ମ ସମ୍ପାଦିକା ଲତା ଅଗ୍ରୱାଲ, କୋଷାଧକ୍ଷା ସୁପ୍ରିୟା ଲାଠ, ଲଳିତା ଲାଠ, ମେମ ଜୈନ, ପୁଷ୍ପା ଅଗ୍ରୱାଲଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ନବବିବାହିତ ଝିଅ ଏହି ମାସରେ ନିଜ ମା' ଘରକୁ ଆସିଥାନ୍ତି। କାର୍ଯ୍ୟକ୍ରମରେ ନବବିବାହିତ ଝିଅମାନଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ ଝୁଲା ଝୁଲଣ, ସ୍ୱାଦିଷ୍ଟ ବ୍ୟଞ୍ଜନ ବିତରଣ ଆଦି କାର୍ଯ୍ୟକ୍ରମ ହୋଇଥିଲା।



ଶ୍ରାବଣ ମହୋତ୍ସବ ପାଳନ ଅବସରରେ ମହିଳାମାନେ।

### ଆଜି ବଲାଙ୍ଗୀର ଓକିଲ ସଂଘର ଦିଲ୍ଲୀ ଗସ୍ତ

ବଲାଙ୍ଗୀର ଅଫିସ, ୪।୮

ବଲାଙ୍ଗୀରରେ ପଶ୍ଚିମ ଓଡିଶାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଜିଲା ଓକିଲ ସଂଘ ପ୍ରତିନିଧି ମଣ୍ଡଳୀ ସୋମବାର ଦିଲ୍ଲୀ ଗସ୍ତ କରିବେ । ଦିଲ୍ଲୀ ଗସ୍ତ ସମୟରେ ଏହି ୪ଜଣିଆ ପ୍ରତିନିଧି କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଭେଟି ବହୁପ୍ରତୀକ୍ଷିତ ଦାବି ସମ୍ପର୍କରେ ଜଣାଇବା ସହ ସ୍ମାରକପତ୍ର ପ୍ରଦାନ କରିବେ । ଏହି ପ୍ରତିନିଧି ମଣ୍ଡଳୀରେ ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ, ସମ୍ପାଦକ ଅମନ ନାଗ, ଶଶୀଭୂଷଣ ପୁରୋହିତ ଓ ରାଜେନ୍ଦ୍ର ମିଶ୍ର ଦିଲ୍ଲୀ ଯିବେ । ଏମପି ସଙ୍ଗୀତା କୁମାରୀ ସିଂଦେଓ କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ସହ ଏ ନେଇ ଆଲୋଚନା କରି ସମୟ ନିର୍ଦ୍ଧାରିତ କରିଥିବା ଜଣାପଡିଛି । ଯଶବନ୍ତ ସିଂ କମିଶନ ସୁପାରିଶ ଆଧାରରେ ବଲାଙ୍ଗୀରରେ ହିଁ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ହେବାର ଯଥାର୍ଥତାକୁ ମନ୍ତ୍ରୀଙ୍କୁ ଅବଗତ କରି ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିନିଧି ମଣ୍ଡଳୀ ଆଲୋଚନା କରିବେ ବୋଲି ଓକିଲ ସଂଘ ସଭାପତି ତ୍ରିପାଠୀ ସୂଚନା ଦେଇଛନ୍ତି ।




ଶେମ୍‌ଫୋର୍ଡ ସ୍କୁଲ ଅଭିଭାବକ ଦିବସ ଉତ୍ସବ ଅବସରରେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ଶେମ୍‌ଫୋର୍ଡ ଫ୍ୟୁଚରିଷ୍ଟିକ ସ୍କୁଲ ପକ୍ଷରୁ ଅଭିଭାବକ ଦିବସ

ବଲାଙ୍ଗୀର ଅଫିସ, ୪।୮

ବଲାଙ୍ଗୀର ଟାଉନ୍‌ହଲଠାରେ ଶେମ୍‌ଫୋର୍ଡ ସ୍କୁଲ ପକ୍ଷରୁ ରବିବାର ଅଭିଭାବକ ଦିବସ ଉତ୍ସବ ପାଳନ କରାଯାଇଥିଲା। ସ୍କୁଲ ଡାଇରେକ୍ଟର ସଞ୍ଜୀବ କୁମାର ରଥ, ଆଶିଷ କୁମାର ରଥ, ନୀଲମ ରଥ ଓ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିରେଖା ଦାସ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ମ୍ୟାନେଜିଙ୍ଗ୍ କମିଟି ସଦସ୍ୟ ଅନୀଲ ନନ୍ଦ ଓ ରଞ୍ଜିତ ମିଶ୍ର ଛାତ୍ରୀଛାତ୍ର, ଅଭିଭାବକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଲିମ୍ପିଆଡ୍ ପ୍ରତିଯୋଗିତା ଗୁଡିକରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର, ନଗଦ ଅର୍ଥରାଶି ଓ ପଦକ ପ୍ରଦାନ କରାଯାଇଥିଲା। ଜୋନାଲ ସ୍ତରରେ ସୋଭିନ ରଥ, ଅଂଶୁମାନ ମିଶ୍ର, ଆଦ୍ୟାଶା ଭୁଇଁଆଙ୍କୁ ସ୍ୱର୍ଣ୍ଣ ପଦକ ସହ ନଗଦ ଅର୍ଥରାଶି ଦିଆଯାଇଥିଲା। ଆର୍ନ୍ତଜାତୀୟସ୍ତରରେ ପ୍ରିୟା ପ୍ରିୟଦର୍ଶନୀ ସାହୁ, ଶାଶ୍ୱତି ସାହୁ, ଯଦ୍ୱିର ସିଂଙ୍କୁ ପଦକ ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଆର୍ନ୍ତଜାତୀୟ ଫାଉଣ୍ଡେସନ ତରଫରୁ ସମୁଦାୟ ୧୨ଟି ପଦକ, ୧୩ଟି ଗିଫ୍ଟ ଭାଉଚର ସହ ନଗଦ ୨୩ ହଜାର ୫ ଶହ ଟଙ୍କା ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲର ଅଭିଭାବକ, ଶିକ୍ଷକ ଶିକ୍ଷୟତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

■ ବଲାଙ୍ଗୀରରେ ଜଡିବୁଟି ଦିବସ

# ଜଡିବୁଟି ଚିକିତ୍ସା ଆର୍ଥିକ ସମୃଦ୍ଧି ସହ ସୁସ୍ୱାସ୍ଥ୍ୟ ଆଣେ

ବଲାଙ୍ଗୀର ଅଫିସ, ୪।୮

ବଲାଙ୍ଗୀର ଆଇନ ମହାବିଦ୍ୟାଳୟ ପରିସରରେ ରବିବାର ଭାରତ ସ୍ୱାଭିମାନ ନ୍ୟାସ ଓ ପତଞ୍ଜଳି ଯୋଗ ଶିବିର ବଲାଙ୍ଗୀର ଶାଖାର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ଜଡିବୁଟି ଦିବସ ପାଳନ କରାଯାଇଥିଲା । ଆୟୁର୍ବେଦ ଶିରୋମଣି ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଜନ୍ମଦିନ ଅଗଷ୍ଟ ୪କୁ ଜଡିବୁଟି ଦିବସ ରୂପେ ପାଳନ କରାଯାଉଥିବା ସୂଚନା ଦିଆଯାଇଥିଲା। ଏହିଅବସରରେ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର ଛକରେ ବିଭିନ୍ନ ଔଷଧିୟ ବୃକ୍ଷଲତା ଚାରା ବିନା ମୂଲ୍ୟରେ ଅନୁଷ୍ଠାନ ତରଫରୁ ବଣ୍ଟନ କରାଯାଇଥିଲା। ଭାରତୀୟ ମୁନିଋଷିଙ୍କ ଦ୍ୱାରା ଆଦୃତ ଔଷଧିୟ ବୃକ୍ଷଲତାରୁ କିପରି ଅସାଧ ରୋଗକୁ ବିନା ମୂଲ୍ୟରେ ଏବଂ ସହଜରେ ଦୂର କରାଯାଇପାରିବ ସେନେଇ ସୂଚନା ଦିଆଯାଇଥିଲା । ଦେଶର ଆର୍ଥିକ ଉନ୍ନତି ଓ ଦେଶବାସୀଙ୍କ ସୁସ୍ୱାସ୍ଥ୍ୟ ପାଇଁ ଜଡିବୁଟି ହିଁ ଶ୍ରେୟସ୍କର ବୋଲି ସଚେତନତା ସୃଷ୍ଟି କରାଯାଇଥିଲା। ଭାରତ ସ୍ୱାଭିମାନ ବଲାଙ୍ଗୀର ଶାଖା ସଭାପତି ରଘୁନାଥ ଷଡଙ୍ଗୀଙ୍କ ସଭାପତିତ୍ୱରେ ଏକ ପଥପ୍ରାନ୍ତ ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ମନୋରଞ୍ଜନ ସାହୁ ସଭା ପରିଚାଳନା କରି ଅନ୍ତରାଷ୍ଟ୍ରୀୟ ଆୟୁର୍ବେଦ ଚିକିତ୍ସା କ୍ଷେତ୍ରରେ ଭାରତର ଭୂମିକା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ପ୍ରସାଦ ଅଗ୍ରୱାଲ, ପ୍ରସନ୍ନ କୁମାର କରଣ, ଅଚ୍ୟୁତାନନ୍ଦ ସାହୁ, ପ୍ରଶାନ୍ତ ଯୋଷୀ, ସୁଲକ୍ଷଣି ଦାଶ ଜଡିବୁଡି ଦିବସର ମହତ୍ୱ ଉପରେ କହିଥିଲେ। ସମସ୍ତ କାର୍ଯ୍ୟକ୍ରମର ଆୟୋଜନରେ ସୁରଜ କୁମାର ବକୁଲ, ତ୍ରିନାଥ ପଧାନ, ଦୁର୍ଗା ପ୍ରସାଦ ଜେନା, ବେଣୁପାଣି ବେହେରା, ଅଶୋକ ଅଗ୍ରୱାଲ, ପ୍ରମୋଦ ଲେଙ୍କା, ଦିପ୍ତିମୟୀ ମିଶ୍ର ଓ ନିହାରିକା ମିଶ୍ର ସହଯୋଗ କରିଥିଲେ।




ସମଲେଶ୍ୱରୀ ମନ୍ଦିର ଛକରେ ଜଡିବୁଟି ଉପରେ ସଚେତନତା ସୃଷ୍ଟି କରାଯାଉଛି ।

■ କୋସଲୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବି

# ଶୋଭାଯାତ୍ରା, ସଭାରେ ସାମିଲ ହେଲେ କୋସଲପ୍ରେମୀ

ବଲାଙ୍ଗୀର ଅଫିସ, ୪।୮

କୋସଲ ଭାଷାକେ ସାମ୍ବିଧାନିକ ମାନ୍ୟତା ଦାବି କରି କୋସଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରବିବାର ବଲାଙ୍ଗୀରରେ ବିରାଟ ଶୋଭାଯାତ୍ରା ଓ ସଭା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର, ବରଗଡ ଓ ସୁବର୍ଣ୍ଣପୁର ଜିଲାର ଶତାଧିକ କୋସଲ ପ୍ରେମୀ ଯୋଗଦାନ କରିଥିଲେ। ସମଗ୍ର କୋସଲାଞ୍ଚଳର ଭାଷାକୁ ତୁରନ୍ତ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ଦାବି କରିବା ସହ କୋସଲଞ୍ଚଳର ସଂସ୍କୃତି ଓ ପରମ୍ପରା ସୁରକ୍ଷା କରିବା ଦିଗରେ ସରକାର ତୁରନ୍ତ ବହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଥିଲା। କମିଟି ତରଫରୁ ସ୍ଥାନୀୟ ପାଟଣେଶ୍ୱରୀ ମନ୍ଦିର ସମ୍ମୁଖରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା ପୂର୍ବକ ଅମଲା ଭବନରେ ପହଞ୍ଚିଥିଲା। ଏହି ରାଲିଟି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ନାରାବାଜି କରି ସରକାର ବିରୋଧରେ ସ୍ଲୋଗାନ୍ ଦିଆଯାଇଥିଲା । କୋସଲାଞ୍ଚଳର ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା କୁହାଯାଇଥିଲା । ଏଦିଗରେ ଅଧିକ ଅବହେଳା କରାଗଲେ ପରିସ୍ଥିତି ସାଂଘାତିକ ହେବ ବୋଲି ଚେନାବନୀ ଦିଆଯାଇଥିଲା। ଏହାପରେ ଅମଲା ଭବନଠାରେ ଗୁରୁଶ୍ରୀ ଘାସିରାମ ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ କୋସଲପ୍ରେମୀ ତଥା ଭାଜପା ନେତା ଶାନ୍ତନୁ ନାଏକ, ବିଶ୍ୱଜିତ୍ ନାୟକ, ସାତେକ ଶ୍ରୀଭୂଷଣ ସାହୁ, ଦିଲୀପ ପଶାୟତ ମଞ୍ଚାସୀନ ହୋଇଥିଲେ। ପ୍ରାରମ୍ଭରେ କବି ସୁଶାନ୍ତ ବାଗ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହାପରେ ପ୍ରଫେସର ମଧୁସୂଦନ ପତି ବକ୍ତବ୍ୟ ଦେଇ ନିଜ ଅଞ୍ଚଳର ଭାଷା, ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା ଦେବା ସହ ଅନ୍ୟ ଅଞ୍ଚଳର ଉନ୍ନତ ଭାଷା ଓ ସଂସ୍କୃତିର ତୁଳନାତ୍ମକ ଅଭିବୃଦ୍ଧି ଉପରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କୌଣସି ଅଞ୍ଚଳର ଭାଷା, ସଂସ୍କୃତି ପ୍ରତି ଆକ୍ରୋଶଭାବ ନ ରଖି ସମସ୍ତଙ୍କଠାରୁ ଭଲ ଗୁଣ ଶିଖି ଅସ୍ମିତାସମ୍ପନ୍ନ ହେବାକୁ ପରାମର୍ଶ ଦେଇଥିଲେ। ଆମ ଅଞ୍ଚଳର ଭାଷା ଓ ସଂସ୍କୃତିକୁ ଆଗକୁ ନେବାରେ ଯୁବପିଢ଼ିର ଦାୟିତ୍ୱ ସମ୍ପର୍କରେ କହିଥିଲେ। କୋସଲୀ ଭାଷାକୁ ସାମ୍ବଧାନିକ ମାନ୍ୟତା ଦେବାକୁ ଅନ୍ୟ ଅତିଥିମାନେ ଦାବି କରିଥିଲେ। ଗୋଟିଏ ଅଞ୍ଚଳରେ ପରସ୍ପର ଭିତରେ ଘୃଣା ସୃଷ୍ଟି ନ କରି ଐତିହାସିକ ଭାଷା ସଂସ୍କୃତିକୁ ତୁରନ୍ତ ମାନ୍ୟତା ଦେଇ ଏହାର ସୁରକ୍ଷା କରିବାକୁ ଅତିଥିମାନେ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ନିମାଇଁ ଚରଣ ପାଣିଗ୍ରାହୀ, ରାମଭକ୍ତ ଫରିକାର, ବିକ୍ରମାନନ୍ଦ ବହିଦାର, ଗୋପୀନାଥ ଦଣ୍ଡସେନା, ବ୍ରହ୍ମାନନ୍ଦ ବନ୍‌ଛୋର, ରାଜେଶ ଦଣ୍ଡସେନା, ଅର୍ଜୁନ ସାହୁ, ଆନନ୍ଦ ସାହୁ, ସଞ୍ଜୟ ମିଶ୍ର, ଦେବେନ୍ଦ୍ର ନାଏକ, ଅନୁସୟା ମିଶ୍ର, କୃଷ୍ଣଚନ୍ଦ୍ର ବାରିକ, ଗୋବର୍ଦ୍ଧନ ପାଣ୍ଡିଆ, କପିଳେଶ୍ୱର ଖମାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।




କୋସଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବଲାଙ୍ଗୀର ସହରରେ ଶୋଭାଯାତ୍ରା କରାଯାଉଛି ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ମା’ ପାଟଖଣ୍ଡା ଦୁଗ୍ଧ ସମବାୟ ସମିତିରେ ଏନ୍‌ଡିପି କାର୍ଯ୍ୟକ୍ରମ

**ମଦନପୁର,୪।୮(ଡି.ଏନ.ଏ.)-** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ୍ ଅନ୍ତର୍ଗତ ମଦନପୁର ଦୁଗ୍ଧ ସମବାୟ ସମିତିର ଏନ୍‌ଡିପି କାର୍ଯ୍ୟକ୍ରମ ମଦନପୁର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ରାଜେଶ ଧଙ୍ଗଡାମାଝି, ଦେବବ୍ରତ ମିଶ୍ର କାର୍ଯ୍ୟ ନିର୍ବାହୀ ଦୁଗ୍ଧ ସମବାୟ ସମିତି, ସଭାପତି ରୁଦ୍ର ପ୍ରସାଦ ନାୟକ ଓ ଏଲ୍ଆଇ ଜିତେନ୍ଦ୍ର ନାଗ ମଞ୍ଚାସୀନ ଥିବା ବେଳେ ସମିତିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ମିଶ୍ର ସମିତିର ଉନ୍ନତି ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ଉପସ୍ଥିତ ସଭ୍ୟମାନଙ୍କୁ ଉତ୍ସାହିତ କରିଥିଲେ ଓ ନାଗ ଗାଈର ଯତ୍ନ ଓ ପାଳନ ବିଷୟରେ ସଚେତନ କରାଇଥିଲେ। ପ୍ରତ୍ୟେକ ଚାଷୀଙ୍କୁ ଟିସାର୍ଟ ବଣ୍ଟନ କରାଯାଇଥିଲା । ସମିତିର ଫାଉଣ୍ଡ ମେମ୍ବର ହରି ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



### ଉତ୍କେଲା ବିମାନ ବନ୍ଦରକୁ ଉଡାନ ଯୋଜନାରେ ସାମିଲ କରିବାକୁ ଦାବି

**ଭବାନୀପାଟଣା,୪।୮(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଉତ୍କେଲା ବିମାନ ବନ୍ଦରକୁ ଉଡାନ ଯୋଜନାରେ ସାମିଲ କରିବା ପାଇଁ ଶୁକ୍ରବାର କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା କେନ୍ଦ୍ର ନାଗରିକ ଉଡାନ ମନ୍ତ୍ରୀ ହରଦୀପ ସିଂ ପୁରୀଜୀଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଉତ୍କେଲା ବିମାନ ବନ୍ଦରକୁ ଉଡାନ ଯୋଜନାରେ ସାମିଲ କଲେ କଳାହାଣ୍ଡି ଓ ନୂଆପଡା ଜିଲା ତଥା ଆଖପାଖ ଜିଲାବାସୀ ଉପକୃତ ହୋଇ ପରିବେ। ସେହିପରି ଭୁବନେଶ୍ୱରରୁ ସୁରତ, ଅହମ୍ମଦାବାଦ ଓ ପୁନେକୁ ସିଧାସଳଖ ବିମାନ ଚଳାଚଳ କଲେ ଏହି ସହରଗୁଡିକରେ ବାସ କରୁଥିବା ଓଡିଶାର ଲୋକେ ଉପକୃତ ହୋଇ ପାରିବେ ବୋଲି ଏମ୍‌ପି ପଣ୍ଡା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

### କଳାହାଣ୍ଡିର ମଳୟ ରଞ୍ଜନ ନାଏକ ସମ୍ମାନିତ

**ଭବାନୀପାଟଣା,୪।୮(ଡି.ଏନ.ଏ.)-** ଏମ୍‌ବିଡି ଶିଶୁ ମନ୍ଦିର ସୁପର କମ୍ବୋ ବୁକ୍ସ ପ୍ରତିଯୋଗିତାରେ କଳାହାଣ୍ଡି ଜିଲ୍ଲାର ମୁଖିଗୁଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ମଳୟ ରଞ୍ଜନ ନାଏକ ଭାଗ ନେଇ ସମ୍ମାନୀତ ହୋଇଥିଲେ। ଏମ୍‌ବିଡି ତରଫରୁ ଶ୍ରୀ ନାଏକଙ୍କୁ ପୁରସ୍କାର ସ୍ୱରୁପ ଏକ ବାଇସାଇକେଲ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉକ୍ତ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ପଣ୍ଡା, ଏମ୍‌ବିଡି ଗୃପର ଏରିଆ ସେଲ୍ସ ମେନେଜର ଚନ୍ଦ୍ରକାନ୍ତ ମହାପାତ୍ର ଏବଂ ସେଲ୍ସ ଏକ୍‌ଜ୍ୟୁଟିଭ୍ ପ୍ରଶାନ୍ତ କୁମାର ବିଶ୍ୱାଳ ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

## ବିପଦସଙ୍କୁଳରେ କାନ୍ଧୁଲଡଙ୍ଗରୀ ପ୍ରାଥମିକ ସ୍କୁଲ

# ୨ କୋଠରିରେ ୫ ଶ୍ରେଣୀର ପିଲାଙ୍କ ପାଠପଢ଼ା

**ଭବାନୀପାଟଣା,୪।୮ (ଡି.ଏନ.ଏ.)**

ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ସରକାର ସର୍ବଶିକ୍ଷା ଅଭିଯାନ ପ୍ରଣୟନ କରିଛନ୍ତି। ଏହି ଅଭିଯାନ ଅନ୍ତର୍ଗତ ୬-୧୪ ବର୍ଷ ପିଲାଙ୍କ ପାଇଁ ଶିକ୍ଷା ବାଧ୍ୟତାମୂଳକ ରହିଛି। ଏହାବାଦ୍ ପିଲାଙ୍କୁ ସ୍କୁଲ ମୁହାଁ କରିବା ପାଇଁ ସରକାର ମଧ୍ୟାହ୍ନ ଭୋଜନ, ପୁସ୍ତକ, ପୋଷାକ, ଜୋତା ଆଦି ବ୍ୟବସ୍ଥା କରିଛନ୍ତି। ସରକାର ଏହି ବାବଦକୁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। ପିଲାଙ୍କ ସ୍କୁଲ ଗୃହ ମରାମତି ଠୁଁ ଆରମ୍ଭ କରି ନୂତନ ଗୃହ ନିର୍ମାଣ ପାଇଁ ମଧ୍ୟ ସ୍କୁଲଗୁଡିକୁ ଆବଶ୍ୟକ ଅନୁଦାନ ମିଳୁଛି। ଏହା ସତ୍ତ୍ୱେ ଅନେକ ସ୍ଥାନରେ ପିଲାମାନେ ବିପଦସଙ୍କୁଳ ଅବସ୍ଥାରେ ଥିବା ଗୃହରେ ଅଧ୍ୟୟନ କରୁଥିବା ଦେଖାଯାଉଛି। କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମାନଝରୀ ପଞ୍ଚାୟତ କାନ୍ଧୁଲଡଙ୍ଗରୀ ପ୍ରାଥମିକ ସ୍କୁଲ ଏହାର ଉଦାହରଣ। କାନ୍ଧୁଲଡଙ୍ଗରୀ ସ୍କୁଲରେ ମୋଟ ୬୯ ଜଣ ପିଲା ପଢନ୍ତି। ଏମାନଙ୍କ ପାଇଁ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ସମେତ ୨ ଜଣ ସହକାରୀ ଶିକ୍ଷକ ଅଛନ୍ତି। ସ୍କୁଲର ୩ଟି କୋଠରି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ପିଲାଙ୍କ ପଢିବା ପାଇଁ ରହିଛି ୨ଟି ଶ୍ରେଣୀ ଗୃହ ଓ ଶିକ୍ଷକମାନଙ୍କ ପାଇଁ ଗୋଟିଏ ଅଫିସ ଗୃହ ରହିଛି। ମାତ୍ର ୨ଟି କୋଠରିରେ ଚାଲିଛି ୫ଟି ଶେଣୀର ପିଲାଙ୍କ ପାଠପଢ଼ା। ସ୍କୁଲ ଛାତରୁ ସିମେଣ୍ଟ, ବାଲି, ଚିପ୍ ଝଡ଼ି ଲୁହା ରଡ ଦେଖାଗଲାଣି। କେତେବେଳେ ଘର ଛାତ ଗଳି ପଡି ଧନଜିବନ ହାନି ହେବ ତାହା କହିବା କଷ୍ଟକର ବୋଲି ସ୍ଥାନୀୟ ଲୋକେ କହନ୍ତି। ସ୍କୁଲର ଏପରି ଅବସ୍ଥା ଦେଖି କେତେକ ଅଭିଭାବକ ପିଲାଙ୍କୁ ସ୍କୁଲକୁ ପଠାଇବାକୁ ମଧ୍ୟ ଭୟ କରୁଛନ୍ତି। ଏପରିକି ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମଧ୍ୟ କୁଆଡେ ଶ୍ରେଣୀ ଗୃହକୁ ଅସୁରକ୍ଷିତ ବୋଲି ଘୋଷଣା କରି ସାରିଲେଣି। ନୂତନ ଗୃହ ସମ୍ପର୍କରେ ସ୍କୁଲ କମିଟି ସମେତ ଗ୍ରାମବାସୀ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗୋଲାମୁଣ୍ଡା ବିଇଓ ଜୀବନ୍ତ ମୁଣ୍ଡଙ୍କୁ ଯୋଗାଯୋଗ କରିବାରୁ ବର୍ତ୍ତମାନ ସ୍କୁଲ ଗୃହ ମରାମତି କରିବା ଦାୟିତ୍ୱ ସରକାର ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର କରିଛନ୍ତି, ଏଣୁ ଏହାର ମରାମତି ପଞ୍ଚାୟତ କରିବ ବୋଲି କହିଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।




ବିପଦସଙ୍କୁଳରେ ଥିବା କାନ୍ଧୁଲଡଙ୍ଗରୀ ପ୍ରାଥମିକ ସ୍କୁଲ ।

## କଳିଆକୁଣ୍ଡଲ ପାଇଖାନା ନିର୍ମାଣରେ ଅନିୟମିତତା ଘଟଣା

# ଖୋଲା ପାଇଖାନା ଟାଙ୍କିର ଢାଙ୍କୁଣି ଲଗାଗଲା

**ଜୁନାଗଡ,୪।୮ (ଡି.ଏନ.ଏ.)**

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଳିଆକୁଣ୍ଡଲ ଗ୍ରାମରେ ପାଇଖାନା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଦେଖିବାକୁ ମିଳିଥିଲା। ଜଣେ ଠିକାଦାର ଅର୍ଥ ଲାଳସାରେ ନିମ୍ନମାନର କାମ ସମ୍ପାଦନା କରିଥିବା ଜଣାପଡିଥିଲା। ଗ୍ରାମର ଘନଶ୍ୟାମ ରଣାଙ୍କ ପାଇଖାନା ଗତ ଖରା ମାସରେ ଶେଷ ହୋଇଥିବାବେଳେ ୩ ମାସରୁ ଉର୍ଦ୍ଧ୍ୱ ପରେ ପାଇଖାନା ଟାଙ୍କିର ଘୋଡଣିକୁ ଠିକାଦାର ଲଗାଉ ନ ଥିଲେ। ଫଳରେ ସେ ପାଇଖାନାକୁ ବ୍ୟବହାର କରିପାରୁ ନ ଥିଲେ। ଏହି ଘଟଣା ସମ୍ପର୍କରେ ଧରିତ୍ରୀରେ ପ୍ରକାଶ ପରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଚେତିଥିଲା। ବିଭାଗ ପକ୍ଷରୁ ଠିକାଦାରଙ୍କୁ ତାଗିଦ କରାଯିବା ପରେ ଘନଶ୍ୟାମଙ୍କ ଖୋଲା ପାଇଖାନା ଟାଙ୍କିର ଘୋଡଣୀ ଏବେ ଲଗାଯାଇଛି।



ଘନଶ୍ୟାମ ରଣାଙ୍କ ଖୋଲା ପାଇଖାନା ଟାଙ୍କିର ଢାଙ୍କୁଣୀ ଲଗାଯାଇଛି।

## କେଗାଁ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ

# କାର୍ଯ୍ୟକ୍ଷମ ହେଉନି, ପାଣି ପାଇବାରୁ ବଞ୍ଚିତ

**କେଗାଁ,୪।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁଠାରେ ଗତ ୨ ବର୍ଷ ତଳେ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ତରଫରୁ ବସୁଧା ଯୋଜନାରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଦୀର୍ଘ ୫ ମାସରୁ ଉର୍ଦ୍ଧ୍ୱ ହେଲା ଉକ୍ତ ପ୍ରକଳ୍ପ ଉଦ୍‌ଘାଟନ ଅପେକ୍ଷାରେ ଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଇଚ୍ଛା ଶକ୍ତିର ଅଭାବ ଯୋଗୁ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଫଳରେ ଲୋକେ ଉକ୍ତ ଯୋଜନାରେ ପାଣି ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। କେଗାଁ ଉଦନ୍ତୀ ନଦୀ ମଧ୍ୟରେ ଭୂତଳ ଜଳ ମାଧ୍ୟମରେ ପାଣି ଉଠାଇ ପମ୍ପହାସ ମାଧ୍ୟମରେ ଏକ ହଜାର ଟାଙ୍କି ଦ୍ୱାରା କେଗାଁ ଗ୍ରାମକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ହେବା କଥା । କିନ୍ତୁ ଉକ୍ତ ପ୍ରକଳ୍ପ କେଗାଁର ଜଣେ ବ୍ୟକ୍ତି ନିଜ ଯାଗାରେ ହୋଇଥିବାରୁ ପ୍ରକଳ୍ପ ସମାପନରେ ବାଧା ହେଉଥିବାରୁ ଗ୍ରାମବାସୀ ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ ସବୁ ଜାଣି ସୁଦ୍ଧା ଚୁପ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବେସରକାରୀ ଜମିରେ ଉକ୍ତ ପ୍ରକଳ୍ପ ବିଭାଗ ପକ୍ଷରୁ କିପରି କାର୍ଯ୍ୟ ହେଲା। ଯଦି ବିଭାଗୀୟ ଅଧିକାରୀମାନେ ସବୁ ଜାଣି ଏପରି କାର୍ଯ୍ୟ କରିଛନ୍ତି ତାହା ହେଲେ ଏଥିପାଇଁ ଦାୟୀ କିଏ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ଏ ସଂକ୍ରାନ୍ତରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଜିତ କୁମାର ସେଠୀଙ୍କୁ ଯୋଗାଯୋଗ କରିବାରୁ ପ୍ରକଳ୍ପ ଆରମ୍ଭ ସମୟରେ ଯେଉଁ କନିଷ୍ଠ ଯନ୍ତ୍ରୀ ଥିଲେ ତାଙ୍କର ଭୁଲ ଦର୍ଶାଇ ଥିବା ବେଳେ କେଗାଁ ଗ୍ରାମପଞ୍ଚାୟତକୁ ଉକ୍ତ ପ୍ରକଳ୍ପ ହସ୍ତାନ୍ତର ଦେବାକୁ ଚାହୁଁଥିଲେ ମଧ୍ୟ ଗ୍ରାମପଞ୍ଚାୟତ ପକ୍ଷରୁ ମନା କରାଯାଉଥିବାରୁ ସମାଧାନ ହୋଇ ପରୁ ନ ଥିବା କହି ନିଜ ଉପରୁ ସବୁ ଦୋଷ ଛଡାଇ ନେଇଥିଲେ। ଅପରପକ୍ଷରେ କେଗାଁ ଗ୍ରାମପଞ୍ଚାୟତ ପକ୍ଷରୁ ଉକ୍ତ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରି ପାଣି ଟେଷ୍ଟିଙ୍ଗ କରିବା ପରେ ଉକ୍ତ ପକଳ୍ପ ଦାୟିତ୍ୱ କେଗାଁ ଗ୍ରାମପଞ୍ଚାୟତ ନେବ ବୋଲି କେଗାଁ ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମରସିଂ ପୂଝାରୀ ପ୍ରକାଶ କରିଛନ୍ତି।




କେଗାଁ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ।



ଛାତ୍ର ପ୍ରତିନିଧି ଦଳ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟୁଛନ୍ତି ।

### ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରାବାସ ମରାମତି ପାଇଁ ଦାବି

**ଭବାନୀପାଟଣା,୪।୮ (ଡି.ଏନ.ଏ.)**

ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଭିନ୍ନ ବିଭାଗ ଓ ହଷ୍ଟେଲ ମରାମତି ପାଇଁ ଗତ ଶନିବାର ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ଅଜିତ୍ କୁମାର ବାବୁଙ୍କୁ ଛାତ୍ରନେତା କେ. ତରୁଣ କୁମାରଙ୍କ ନେତୃତ୍ୱରେ ଏକ ଛାତ୍ର ପ୍ରତିନିଧି ଦଳ ସାକ୍ଷାତ କରି ମରାମତି ପାଇଁ ଅନୁରୋଧ କରିଥିଲେ। ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସମସ୍ତ କୋଠା ପୂର୍ତ୍ତବିଭାଗ ଅଧୀନରେ ଥିବା ବେଳେ ପୂର୍ବ, ପଶ୍ଚିମ, ଉତ୍ତର ଛାତ୍ରାବାସ, ଛାତ୍ରୀ ନିବାସ, ଶିକ୍ଷା ବିଭାଗ, କଲେଜ କେଣ୍ଟିନ୍ ଓ କାଉଣ୍ଟର ଆଦି ମରାମତି ପାଇଁ ଦାବି କରିଛନ୍ତି। ଏ ନେଇ ଛାତ୍ରମାନେ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ସହକାରୀ ଯନ୍ତ୍ରୀ ଓ କନୀଷ୍ଠ ଯନ୍ତ୍ରୀଙ୍କୁ ପ୍ଲାନ୍ ଓ ଏଷ୍ଟିମେଟ୍ କରିବା ପାଇଁ ନିର୍ବାହୀ ଯନ୍ତ୍ରୀ ପଠାଇଥିଲେ। ସରକାର ଟଙ୍କା ନ ଦେଲେ କଲେଜ ଅର୍ଥ ଦେଲେ କଲେଜ ମରାମତି କାର୍ଯ୍ୟ ହୋଇପାରିବ ବୋଲି ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ସେହିପରି କଲେଜ ପଡିଆର ଉନ୍ନତିକରଣ କାର୍ଯ୍ୟ ଶୀଘ୍ର ସାରିବାକୁ ଛାତ୍ର ନେତା କେ. ପ୍ରବିଣ କୁମାର, ଆଶିସ ମହାପାତ୍ର, ଦେବାଶିଷ ସାହୁ, ରଜତ୍ ପ୍ରଧାନ, ପ୍ରଦୀପ ନାଏକ, ସୁନିଲ ନାଏକ ପ୍ରମୁଖ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଅନୁରୋଧ କରିଛନ୍ତି।



କର୍ଲାମୁଣ୍ଡା ଗ୍ରାମବାସୀ କେନାଲ ସଫେଇ କରୁଛନ୍ତି ।

## ଉଦେଇ ଜଳସେଚନ ବିଭାଗ ସାଜିଛି ନୀରବ ଦ୍ରଷ୍ଟା

# କେନାଲ ସଫେଇ କଲେ ଗ୍ରାମବାସୀ

**କର୍ଲାମୁଣ୍ଡା,୪।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର କର୍ଲାମୁଣ୍ଡା ପାଣି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଆସିଥିବା ଡୁକେରମାଲ କେନାଲ (ସବ୍‌ମାଇନର -୧)କୁ ରବିବାର ସ୍ୱେଚ୍ଛାକୃତ ଭାବେ କର୍ଲାମୁଣ୍ଡା ଗ୍ରାମବାସୀ ସଫେଇ କରିଥିଲେ। ଉଦେଇ ଜଳସେଚନ ବିଭାଗ ପକ୍ଷରୁ ଜୁନ୍ ଭିତରେ କେନାଲଗୁଡିକର ବେଡ ସଫେଇ କରିବା କଥା । ଯାହା ଦ୍ୱାରା ଚାଷୀଙ୍କ ଜମିରେ ଠିକ୍ ଭାବେ ପାଣି ପହଞ୍ଚି ଥାଏ। ତେବେ ବର୍ତ୍ତମାନ ସୁଦ୍ଧା ବିଭାଗ ପକ୍ଷରୁ କେନାଲଗୁଡିକର ବେଡ ସଫେଇ କରି ନ ଥିବାରୁ ପାଣି ଶେଷ ମୁଣ୍ଡକୁ ପହଞ୍ଚିବାରେ ସମସ୍ୟା ଦେଖାଦେଉଛି। ରବିବାର କର୍ଲାମୁଣ୍ଡା (ବସ୍ତି)ର ଚାଷୀ ନନ୍ଦି କିଶୋର ଭୋଇ, ପୁଷ୍ପବିନ୍ଦ ସାହୁ, ଆର୍ତ୍ତତ୍ରାଣ ସାହୁ, ଅଜୀତ ସାହୁ, ଜତୀନ ସାହୁ, ମଣ୍ଟୁ ନାଏକ, ଧନେଶ୍ୱର ସାହୁ, ବିପିନ ସାହୁ, ଜୟ ଶଙ୍କର ସାହୁ, ହିରାମଣୀ ସାହୁ ପ୍ରମୁଖ ୩୦ ଜଣ ଚାଷୀ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସି ଭିମାଗୁଡି ପର୍ଯ୍ୟନ୍ତ କେନାଲର ପ୍ରାୟ ୧୫୦୦ ମିଟର ସଫେଇ କରିଥିଲେ।

# ଗଛପଡ଼ି ମୁଖ୍ୟରାସ୍ତା ଅବରୋଧ, ଯାତାୟାତରେ ବାଧା

**ମୋହନଗିରି,୪।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିଠାରୁ ବାଲିଗୁଡାକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଏଠାରୁ ୩ କି.ମି. ଦୂର କାପକୁପାରେ ଏକ ବିରାଟକାୟ ମହୁଲ ଗଛ ଶନିବାର ରାତିରେ ପଡିଯାଇଯାଇଛି। ଏଥିଯୋଗୁ ବର୍ତ୍ତମାନ ଉକ୍ତ ରାସ୍ତାରେ ଯାତାୟାତ ବାଧା ସୃଷ୍ଟି ହେଉଛି। କଳାହାଣ୍ଡି ପୂର୍ତ୍ତ ବିଭାଗ ଅଧୀନରେ ଏହି ରାସ୍ତା ଥିବାବେଳେ ରାସ୍ତାରୁ ଗଛ ହଟାଇବା ପାଇଁ ଅଦ୍ୟାବଧି କୋଣସି ପଦକ୍ଷେପ ନିଆଯାଇନାହିଁ। ଶ୍ରବଣ ସୋମବାର ଥିବା ବେଳେ ମୋହନଗିରି ଶିବ ମନ୍ଦିରକୁ ଉକ୍ତ ରାସ୍ତା ଦେଇ ଆସୁଥିବା ଶହଶହ ବୋଲବମ ଭକ୍ତ ଓ ଜନସାଧାରଣ ଘୋର ଅସୁବିଧାରର ସମ୍ମୁଖିନ ହେଉଛନ୍ତି । ତୁରନ୍ତ ସମ୍ପୃକ୍ତ ବିଭାଗ ଏଥିପ୍ରତି ଧ୍ୟାନ ଦେଇ ରାସ୍ତାରୁ ଗଛ ହଟାଇବାକୁ ଜନସାଧାରଣ ଦାବି କରୁଛନ୍ତି ।



ମୋହନଗିରି-ବାଲିଗୁଡା ରାସ୍ତାରେ ଗଛ ପଡିଛି।

# ଖତ ଖାଉଛି କମ୍ପ୍ୟୁଟର, ଶିକ୍ଷାଦାନରୁ ବଞ୍ଚିତ ଛାତ୍ରୀଛାତ୍ର

**ଭବାନୀପାଟଣା,୪।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଇ-ବିଦ୍ୟାଳୟ ଯୋଜନା ବାଟବଣା ହେବାରେ ଲାଗିଛି। ଜିଲାର ୧୧୦ଟି ଆଇସିଟି ଲ୍ୟାବରେ କମ୍ପ୍ୟୁଟର ଖତ ଖାଉଥିବା ବେଳେ ଛାତ୍ରୀଛାତ୍ର ଶିକ୍ଷାଦାନରୁ ବଞ୍ଚିତ ହେବା ଘଟଣା ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଜିଲାରେ ବିଭିନ୍ନ ବ୍ଲକ, ଏନଏସି ଓ ଭବାନୀପାଟଣା ମ୍ୟୁନିସିପାଲଟିରେ ଇ-ବିଦ୍ୟାଳୟ ଯୋଜନାରେ ୧୧୦ଟି ଆଇସିଟି ଲ୍ୟାବ ରହିଛି। ଜିଲାର ଭବାନୀପାଟଣା ମ୍ୟୁନିସିପାଲିଟି ୫ଟି, ଭବାନୀପାଟଣା ସଦର ବ୍ଲକରେ ୮ଟି, କେସିଙ୍ଗା ଏନଏସିରେ ୨ଟି, କେସିଙ୍ଗା ବ୍ଲକରେ ୧୦ଟି ଲ୍ୟାବ ସ୍ଥାପନ ହୋଇଛି । ସେହିପରି ଧର୍ମଗଡ ଏନଏସିରେ ୨ଟି, ଧର୍ମଗଡ ବ୍ଲକରେ ୮ଟି, ଗୋଲାମୁଣ୍ଡା ବ୍ଲକରେ ୮ଟି, ଜୟପାଟଣା ବ୍ଲକରେ ୪ଟି, ଜୁନାଗଡ ବ୍ଲକରେ ୧୨ଟି ଓ ଏନଏସିରେ ୩ଟି ରହିଛି । କର୍ଲାମୁଣ୍ଡା ବ୍ଲକରେ ୭ଟି, କଳମପୁର ବ୍ଲକରେ ୪ଟି, କୋକସରା ବ୍ଲକରେ ୮ଟି, ଲାଞ୍ଜିଗଡ ବ୍ଲକରେ ୭ଟି , ମ. ରାମପୁର ବ୍ଲକରେ ୭ଟି, ନର୍ଲା ବ୍ଲକରେ ୯ଟି, ଥୁ. ରାମପୁର ବ୍ଲକରେ ୭ଟି ସମେତ ଜିଲାରେ ୧୧୦ଟି ଆଇସିସି ଲ୍ୟାବ ସ୍ଥାପନ ହୋଇଛି। ସ୍କୁଲ ପିଛା ୧୦ଟି ଲେଖାଏଁ କମ୍ପ୍ୟୁଟର, ଗୋଟିଏ ପ୍ରୋଜେକ୍ଟର, ସ୍ମାର୍ଟ ବୋର୍ଡ ଓ ଜେନେରେଟର ପ୍ରଦାନ କରାଯାଇଥିଲା। ଲ୍ୟାବ ପିଛା ସରକାର ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲା। କେସିଏଲ ସଂସ୍ଥା ଆଇସିଟି ଲ୍ୟାବର ସଂଯୋଜକ ଥିବା ବେଳେ ରାମସା ପକ୍ଷରୁ ଶିକ୍ଷକମାନଙ୍କ ତାଲିମ ପ୍ରଦାନ କରାଯାଇଥିଲା। କମ୍ପ୍ୟୁଟର ସଂଯୋଜକ ଅଭାବରୁ ସରକାରୀ ବିଦ୍ୟାଳୟଗୁଡିକରେ କମ୍ପ୍ୟୁଟର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ସ୍କୁଲଗୁଡିକରେ ପିଲାଙ୍କ କ୍ଲାସ ନେବା ସହିତ ଶିକ୍ଷକଙ୍କୁ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମକୁ ମଧ୍ୟ ସଫଳ କରିବା ପାଇଁ ଏହି ସଂଯୋଜକମାନେ ସହଯୋଗ କରୁଥିଲେ। ଅନଲାଇନ ଫର୍ମ ପୂରଣ, ନାମଲେଖା, ଏସଡିଆଇଏସ, ଏନଟିଏସ, ଏନଏମଏମଏସ ଏନାରଟିଏ, ପଠାଣି ସାମନ୍ତ ପରୀକ୍ଷା ନିମନ୍ତେ ଫର୍ମ ପୂରଣ, ସାଇକେଲ ଯୋଜନା, ଏଚଆଏମଏସ, ପାଇଖାନା କାର୍ଯ୍ୟକ୍ରମ, ମୋ ସ୍କୁଲ ଅଭିଯାନ, ପରୀକ୍ଷା ଫଳାଫଳ, ଏଡମିଟ କାର୍ଡ ସମେତ ବିଭିନ୍ନ ସ୍କୁଲ କାର୍ଯ୍ୟକ୍ରମ ନିମନ୍ତେ ଏହି ଇ-ବିଦ୍ୟାଳୟ ସହାୟକ ହେଉଥିଲା। ୨୦୧୪ ଏପ୍ରିଲ ୧ ତାରିଖଠାରୁ ସ୍କୁଲଗୁଡିକରେ ଆଇସିଟି ପ୍ରୋଜେକ୍ଟ ମାଧ୍ୟମରେ ସ୍କୁଲ ସଂଯୋଜକ ନିଯୁକ୍ତ ହୋଇଥିଲେ। ସ୍କୁଲ ସମସ୍ତ କାମ ସହ ଅଷ୍ଟମରୁ ଶିକ୍ଷା ପ୍ରଦାନ କରି ଆସୁଥିଲେ। ଗତ ମାର୍ଚ୍ଚ ୩୧ ତାରିଖଠାରୁ ସ୍କୁଲ ସଂଯୋଜକମାନଙ୍କ ୫ ବର୍ଷର କାର୍ଯ୍ୟକାଳ ଶେଷ ହୋଇଥିବା ଯୋଗୁ ସେମାନଙ୍କୁ ଛଟେଇ କରାଯାଇଛି। ଫଳରେ ଗତ ମାର୍ଚ୍ଚ ୩୧ ତାରିଖଠାରୁ ପିଲା ମାନଙ୍କର ନହେବା ଯୋଗୁ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ସହିତ ଅନ୍ୟାନ୍ୟ ଉପକରଣ ଖତ ଖାଉଛି। ସରକାର ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ଦେଖୁଥିବା ବେଳେ ପିଲା କମ୍ପ୍ୟୁଟର ଓ ପ୍ରଯୁକ୍ତି ବିଦ୍ୟା ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାର ଏ ନେଇ ତୁରନ୍ତ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହୋଇଛି।

## କନ୍ତେଶିର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ

# ୨ ବର୍ଷ ହେଲା ଭୂତକୋଠି ସାଜିଛି

**କେସିଙ୍ଗା,୪।୮ (ଡି.ଏନ.ଏ.)**

**କେସିଙ୍ଗା ବ୍ଲକ**

■ କମ୍ ପିଲା ଯୋଗୁ ଅନ୍ୟ ଏକ ସ୍କୁଲରେ ମିଶ୍ରଣ କରାଯାଇଛି

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କନ୍ତେଶିର ଗ୍ରାମପଞ୍ଚାୟତସ୍ଥିତ ମୁଖ୍ୟବସ୍ତିର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଗତ ୧୯୮୯ ଫେବୃୟାରୀ ୧୮ରେ ସ୍ଥାପିତ ହୋଇଥିଲା । ଏହି ବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ୨ ମହଲା ବିଶିଷ୍ଟ ଶ୍ରେଣୀ ଗୃହ ନିର୍ମାଣ ହୋଇଛି । ଏଠାରେ ପ୍ରଥମରୁ ୫ମ ୫ଟି ଶ୍ରେଣୀ ଥିଲା। ଦୀର୍ଘ ୨୮ ବର୍ଷ ଧରି ଠିକ ଭାବେ ଛାତ୍ରୀଛାତ୍ରମାନେ ଏଠାରେ ଅଧ୍ୟୟନ କରୁଥିଲେ। କିନ୍ତୁ ଗ୍ରାମାଞ୍ଚଳର ଲୋକେ ଏବେ ଛାତ୍ରୀଛାତ୍ରମାନଙ୍କୁ ଉନ୍ନତଧରଣର ଶିକ୍ଷା କରାଇବା ପାଇଁ ଘରୋଇ ମୁହାଁ ହୋଇ ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନରେ ପାଠ ପଢ଼ାଉଛନ୍ତି। ସରକାରୀ ବିଦ୍ୟାଳୟରେ ଠିକ ଭାବେ ଶିକ୍ଷାଦାନ ଦିଆଯାଉ ନ ଥିବାରୁ ଅଭିଭାବକମାନେ ନିଜର ପିଲାମାନଙ୍କୁ ଘରୋଇ ଶିକ୍ଷାନୁଷ୍ଠାନରେ ପାଠ ପଢ଼ାଇଛନ୍ତି। ଏହି ସ୍କୁଲରେ ୮ଜଣ ଛାତ୍ରୀଛାତ୍ର ଥିବାରୁ ଗତ ୨୦୧୭ରେ କନ୍ତେଶିର ଗ୍ରାମସ୍ଥିତ ୟୁଜିଏମଇ ସ୍କୁଲକୁ ସ୍ଥାନାନ୍ତରିତ କରାଯାଇଛି। ଏଣୁ ଏହି ସ୍କୁଲ ଆଜକୁ ୨ ବର୍ଷ ହେଲା ବନ୍ଦ ହୋଇପଡିଛି। ଏଠାରେ ନିଯୁକ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ମଧ୍ୟ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଫଳରେ ୨ବର୍ଷ ହେବ ଅକାମି ହୋଇ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଭୂତକୋଠିରେ ପରିଣତ ହୋଇ ପଡିରହିଛି । ସ୍କୁଲରେ କବାଟ ଓ ଝରକା ଖୋଲା ରହିଥିବାରୁ ବିଭିନ୍ନ ଅସାମାଜିକ କାର୍ଯ୍ୟ ମଧ୍ୟ ହେଉଛି । ନିକଟସ୍ଥ ଗ୍ରାମପଞ୍ଚାୟତକୁ ଶିକ୍ଷା ବିଭାଗ ପକ୍ଷରୁ ହସ୍ତାନ୍ତର କରାଗଲେ ମରାମତି କରି ଗେଷ୍ଟ ହାଉସ, କିମ୍ବା କମ୍ୟୁନିଟି ହଲ ନଚେତ ଗୋଦାମ ଗୃହ କରାଯାଇ ପାରନ୍ତା ବୋଲି ଗ୍ରାମବାସୀ ଦାବି ଜଣାଇଛନ୍ତି। ଏ ସଂକ୍ରାନ୍ତରେ ଏବିଓ ରାଘବ ମାଝିଙ୍କୁ ପଚାରିବାରୁ ଗ୍ରାମବାସୀ ତହା କହୁଛନ୍ତି, ତାହା ଆମ ହାତରେ ନାହିଁ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଯାହାବି କରାଯାଇ ପାରିବ ବୋଲି ପ୍ରକାଶ କରିଥିଲେ। ଏ ନେଇ ସ୍ଥାନୀୟ ସରପଞ୍ଚ ଜତୀନ୍ଦ୍ର ନାଥ ବ୍ରହ୍ମାଙ୍କୁ ପଚାରିବାରୁ ମୁଁ ବିଇଓ କେସିଙ୍ଗା ବିଡିଓଙ୍କୁ ବହୁବାର ଲିଖିତ ଭାବେ ହସ୍ତାନ୍ତର କରିବାକୁ ଲେଖି ଜଣାଇଛି । କିନ୍ତୁ ଆଜକୁ ୨ ବର୍ଷ ହେଲା କେହି ମୋ କଥାକୁ ଧ୍ୟାନ ଦେଉନାହାନ୍ତି। ଆମକୁ ହସ୍ତାନ୍ତର କଲେ ଏହାର ମରାମତି କରି ଯେକୌଣସି କାର୍ଯ୍ୟରେ ବିନିଯୋଗ କରାଯାଇ ପାରିବ ବୋଲି ପ୍ରକାଶ କରିଥିଲେ ।



୨ ବର୍ଷ ହେଲା ଅକାମି, ଭୂତକୋଠି ହୋଇପଡି ରହିଛି ।



"ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ

## ସଂକ୍ଷେପରେ

### ଶିଶୁ ମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

**ବେଲପଡା, ୪।୮ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ଶିଶୁ ମନ୍ଦିର ଶିଶୁ ବାଟିକା ବିଭାଗରେ ନୂତନ ଭାବେ ନାମ ଲେଖାଇଥିବା ଭଉଣୀ ଭାଇ ମାନଙ୍କ ଅଭିଭାବକ ଓ ଅଭିଭାବିକାମାନଙ୍କୁ ନେଇ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁ ବାଟିକା ବିଭାଗର ଭାଇ ଭଉଣୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଶିଶୁ ମାନଙ୍କ ମାନସିକ ବିକାଶ ପାଇଁ ନନ୍ଦିନୀ ମେହେର ଓ ବୌଦ୍ଧିକ ବିକାଶ ପାଇଁ ଜାନକୀ ଜେନା ଶିଶୁମାନଙ୍କୁ ନେଇ କ୍ରିୟାକଳାପ କରାଇଥିଲେ। ପାଲେଶିରା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତଥା କଣ୍ଟାବାଞ୍ଜି ସଙ୍କୁଳ ପ୍ରମୁଖ ଲୋହିତ କୁମାର ଗଡତ୍ୟା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରକାଶ କରିଥିଲେ। ଆଚାର୍ଯ୍ୟ ନୀଳାଚଳ ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ବୀରବଳ ପ୍ରସାଦ ଜୈନ, କୋଷାଧକ୍ଷ ହରିବନ୍ଧୁ ମେହେର, ସଭ୍ୟ ବୁଡୁ ତାଣ୍ଡି, ସଭ୍ୟା ବନବାସିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ରକ୍ତଦାନ ଶିବିର

**ଟିଟିଲାଗଡ଼, ୪।୮ (ଡି.ଏନ.ଏ):** ସାମାଜିକ ଅନୁଷ୍ଠାନ ପରିଡା ମେମୋରିଆଲ ପକ୍ଷରୁ ମହାବୀର ପଞ୍ଚାୟତି ଧର୍ମଶାଳା ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୩୧ଜଣ ରକ୍ତଦାନ କରିଥିଲେ। ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ସରକାରୀ ବାଳିକା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଉମେଶ ଚନ୍ଦ୍ର ଦାସ ସମ୍ମାନୀତ ଭାବେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଟିଟିଲାଗଡ ରେଡକ୍ରସ ରକ୍ତ ଭଣ୍ଡାର ପକ୍ଷରୁ ଡା. ଦିଲୀପ ପଟ୍ଟନାୟକ, ବିଶେଷଜ୍ଞ ଗଜେନ୍ଦ୍ରନାଥ ରାଉତ, ହରେନ୍ଦ୍ର ପଣ୍ଡା, ଜୟରାମ ମଚ୍ଛଖଣ୍ଡ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ସୁଧିର ରାୟ, ହରି ରାଓ, ଜିତେନ ମହାନ୍ତି, ରାଜକିଶୋର ରାଉତରାୟ, ଟ୍ରଷ୍ଟି ଦେବେନ୍ଦ୍ର ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

### ବିଶ୍ୱ ବନ୍ଧୁତା ଦିବସରେ ବୃକ୍ଷରୋପଣ

**ବଲାଙ୍ଗୀର ଅଫିସ, ୪।୮:** ବିଶ୍ୱ ବନ୍ଧୁତା ଦିବସ ଅବସରରେ ରବିବାର ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ମହିଳା ଶାଖା ପକ୍ଷରୁ ପୁଇଁନ୍ତଲା ବ୍ଲକ୍ ରଣ୍ଡା ଗାଁରେ ବୃକ୍ଷରୋପଣ କରାଯାଇଥିଲା । ସଙ୍ଗଠନ ମୁଖ୍ୟ ଉପଦେଷ୍ଟା ଲଳିତ କୁମାର ନାୟକଙ୍କ ନେତୃତ୍ୱରେ ମହିଳା ଶାଖାର ସଦସ୍ୟାମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟା ଅଂଶଗ୍ରହଣ କରି ବକ୍ଷରୋପଣ କରିବା ସହ ଗଛରେ ରାକ୍ଷୀ ବାନ୍ଧିଥିଲେ । ଏହି ଅବସରରେ ବୃକ୍ଷ ସୁରକ୍ଷା ଉପରେ ମଧ ଶପଥ ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ସମ୍ପାଦକ ବିବେକାନନ୍ଦ ପଟେଲ, ମହିଳା ଶାଖାର ଲିଲି ପଟେଲ, ତୃଷ୍ଣାମୟୀ ସିଂଦେଓ, ଦୀପ୍ତି ପଧାନ, ସିଜଲ ମିଶ୍ର, ଶତପଥୀ ନିନ୍ୟା, ଶୁଭଶ୍ରୀ ଗୌଡ, ନିକିତା ଭୋଇ, ନମିତା ଭୋଇ, ଦିବ୍ୟାରାଣୀ ଜେନା, ଅନୁସୟା ପ୍ରଧାନ ପ୍ରମୁକ ସାମିଲ ହୋଇଥିଲେ ।

■ ରାଜେନ୍ଦ୍ର ସ୍ୱୟଂଶାସିତ କଲେଜ ପ୍ଲାଟିନମ୍ ଜୁବୁଲି ପାଇଁ ପ୍ରସ୍ତୁତି

# ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ପାଇଁ ରଣନୀତି

**ବଲାଙ୍ଗୀର ଅଫିସ, ୪।୮**

ପଶ୍ଚିମ ଓଡିଶାର ସର୍ବପୁରାତନ ରାଜେନ୍ଦ୍ର ସ୍ୱୟଂଶାସିତ କଲେଜର ପ୍ଲାଟିନମ୍ ଜୁବୁଲି ପାଳନ ଓ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ରବିବାର କଲେଜର ପୁରାତନ ଛାତ୍ରସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ ଓ କଲେଜର ପୂର୍ବତନ ସଭାପତିମାନଙ୍କ ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସାମ୍ବାଦିକ ଭବନଠାରେ ପ୍ରଥମେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ପୁରାତନ ଛାତ୍ର ସଂଘ ସଭାପତି ଲଳିତ କୁମାର ନାୟକ ଓ ସମ୍ପାଦକ ଅରବିନ୍ଦ ଦାସ କଲେଜର ସାମ୍ପ୍ରତିକ ସ୍ଥିତି, ପ୍ଲାଟିନମ ଜୁବୁଲି ପାଳନ ଓ ଘୋଷିତ ବିଶ୍ୱବିଦ୍ୟାଳୟର ସ୍ଥିତିକୁ ନେଇ ସୂଚନା ଦେଇଥିଲେ। ଚଳିତବର୍ଷ ରାଜେନ୍ଦ୍ର କଲେଜ ପୁରାତନ ଛାତ୍ରସଂଘ ପକ୍ଷରୁ ସମାରୋହରେ ପ୍ଲାଟିନମ ଜୁବୁଲି ପାଳନ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ସୂଚନା ଦେଇଥିଲେ। ଚଳିତବର୍ଷ ଏହି କଲେଜକୁ ସରକାର ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରିଦେଇ ଏବେ କିଛି ପଦକ୍ଷେପ ନେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। କଲେଜର ଅଧ୍ୟାପକ ଅଭାବ ସମସ୍ୟା କାରଣରୁ ଅର୍ଥନୀତି ଏମ୍.ଫିଲ ପାଠ୍ୟକ୍ରମ ବନ୍ଦ ହୋଇଯାଇଥିବାରୁ କ୍ଷୋଭ ପ୍ରକାଶ କରାଯିବ ସହ ସରକାରଙ୍କୁ ଦାୟୀ କରାଯାଇଥିଲା। ଏ ବିଷୟରେ ଅଗଷ୍ଟ ୨୫ତାରିଖରେ ରାଜେନ୍ଦ୍ର କଲେଜରେ ସାଧାରଣ ପରିଷଦ ବୈଠକ ଡକାଯାଇଥିବା ସୂଚନା ଦିଆଯାଇଥିଲା। ଏହି ବୈଠକରେ କଲେଜ ସଂକ୍ରାନ୍ତରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ ବୋଲି ସଭାପତି ନାୟକ ଓ ସମ୍ପାଦକ ଦାସ କରିଥିଲେ। ରାଜେନ୍ଦ୍ର କଲେଜକୁ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ଯାହା ଆବଶ୍ୟକ ସେନେଇ ଆଲୋଚନା ହେବ ବୋଲି କହିଥିଲେ। ଆବଶ୍ୟକ ପଡିଲେ ଆନ୍ଦୋଳନ କରିବାକୁ ମଧ ବାହାରିବେ ବୋଲି ସୂଚନା ଦେଇଥିଲେ। କଲେଜର ଅଧାପକ ସମସ୍ୟା ଦୂରକରିବା ଓ ଅଡିଟୋରିୟମ ସହ ଭିତ୍ତିଭୂମିର ଉନ୍ନତି କରିବାକୁ ସରକାରଙ୍କୁ ଚାପ ପ୍ରୟୋଗ କରାଯିବ । ଗତ କିଛିଦିନ ତଳେ ପୁରାତନ ଛାତ୍ରସଂଘର ଏକ ୭ଜଣିଆ ପ୍ରତିନିଧିଦଳ ଭୁବନେଶ୍ୱର ଯାଇ ଉଚ୍ଚଶିକ୍ଷା ମନ୍ତ୍ରୀ, ସଚିବ ଓ ବଲାଙ୍ଗୀର ଜିଲାର ବିଭିନ୍ନ ବିଧାୟକଙ୍କୁ ଭେଟିଥିଲେ। ଅଧାପକ ସମସ୍ୟା ନେଇ ଆଲୋଚନା ବେଳେ ଏହାକୁ ଏତେ ଶୀଘ୍ର ସମାଧାନ କରାଯାଇ ପାରିବ ନାହିଁ ବୋଲି ସଚିବ କହିଥିଲେ। ଏହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ରାଜେନ୍ଦ୍ର କଲେଜକୁ ଏକକ ବିଶ୍ୱବିଦ୍ୟାଳୟ ବା ଆଫିଲିଏଟିଂ ବିଶ୍ୱବିଦ୍ୟାଳୟ କରାଯିବ ସେ ନେଇ ମଧ ଆଲୋଚନା କରାଯିବ ବୋଲି କହିଥିଲେ । ଏହାପରେ ରାଜେନ୍ଦ୍ର କଲେଜ ପୂର୍ବତନ ଛାତ୍ର ସଂସଦ ସଭାପତିମାନଙ୍କ ସହ ପୁରାତନ ଛାତ୍ର ସଂଘର ବୈଠକ ହୋଇଥିଲା। ପୁରାତନ ଛାତ୍ର ସଂଘ ସଭାପତି ଲଳିତ କୁମାର ନାୟକ, ସମ୍ପାଦକ ଅରବିନ୍ଦ ଦାସ, ପୂର୍ବତନ ସଭାପତି ଗୋପାଳ ନାଏକ, ନନ୍ଦକୁମାର ଚାନ୍ଦ, ଗୌରୀଶ୍ୟାମ ପଣ୍ଡା, ସୁଧୀର କୁମାର ଚାନ୍ଦ, ଜୟନ୍ତ ମହାନ୍ତି, ରତନ ମହାରଣା, ଗଗନ ମହାନ୍ତି, ପ୍ରମୋଦ କୁମାର ମିଶ୍ର, ହେମନ୍ତ ପଣ୍ଡା, ମଦନ ମିଶ୍ର, ଦେବାଶିଷ ବିଶ୍ୱାଳ, ଅନନ୍ତ ଦାସ, ସମୀର ସାହାଣୀ, ମନୀଷ ମିଶ୍ର, ପ୍ରଫୁଲ୍ଲ କୁମାର ମିଶ୍ର, ବ୍ୟାସଦେବ ନନ୍ଦ, ଗୋପାଳ ପାଢୀ ଯୋଗଦେଇ ମତାମତ ଦେଇଥିଲେ। ଆସନ୍ତା ଅଗଷ୍ଟ ୨୫ ତାରିଖରେ ସାଧାରଣ ପରିଷଦ ବୈଠକରେ ରାଜେନ୍ଦ୍ର କଲେଜର ପୂର୍ବ ଗୌରବ ଫେରାଇ ଆଣିବା ଓ ଆଗାମୀ ଦିନରେ ଦେଶର ଏକ ସୁନାମଧନ୍ୟ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ନିଷ୍ପତ୍ତି ନେଇଥିଲେ ।


ରାଜେନ୍ଦ୍ର ମହାବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତିମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ।

**୨୫ରେ ପୁରାତନ ଛାତ୍ର ସଂଘର ବୈଠକ**

## ଶ୍ରାବଣରେ ବର୍ଷାନାହିଁ, ଚାଷକାର୍ଯ୍ୟ ବ୍ୟାହତ

**ଦେଓଗାଁ, ୪।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଚଳିତବର୍ଷ ନିଅଣ୍ଟିଆ ବର୍ଷା ଚାଷୀକୁଳକୁ ଚିନ୍ତାରେ ପକାଇଛି । ଚାଷୀ ଜମି ପ୍ରସ୍ତୁତ କରି ବର୍ଷାକୁ ଚାତକ ପରି ଅନାଇ ବସିଥିବା ବେଳେ କେତେକ ଚାଷୀ ପାଣି ମହି ପହ୍ଳାକୁ ବଞ୍ଚାଇବାରେ ଲାଗିଥିବା ନଜରକୁ ଆସିଛି। ଶ୍ରାବଣରେ ଝଡିବରଷା ହେବା ସ୍ଥାନରେ ଦେଓଗାଁ ଅଞ୍ଚଳରେ ଶୁଖିଲା ପଡିବାରୁ ଚାଷକାର୍ଯ୍ୟ ବ୍ୟାହତ ହୋଇଛି । ବ୍ଲକରେ ଲଗାତାର ୨ବର୍ଷ ହେଲା ମରୁଡି, ପେଥାଇ ଜନିତକ୍ଷତି, ଚକଡା ପୋକ ଓ ଅଦିନିଆ ବର୍ଷାରେ ଚାଷ ନଷ୍ଟ ହୋଇଥିବା ବେଳେ ହାତଗଣତି କେତେକ ଗାଁକୁ ମରୁଡି ସହାୟତା ଘୋଷଣା ହୋଇଥିଲା। ମରୁଡି ଘୋଷିତ ଗାଁର ଚାଷୀଙ୍କୁ ମଧ ଏପର୍ଯ୍ୟନ୍ତ ସହାୟତା ରାଶି ମିଳିପାରିନାହିଁ। ସେହିପରି ବ୍ଲକର ଅର୍ଦ୍ଧାଧିକ ଚାଷୀଙ୍କୁ କାଳିଆ ସହାୟତା ମଧ ମିଳିପାରିନାହିଁ । ବର୍ତ୍ତମାନ ନିଅଣ୍ଟିଆ ବର୍ଷା ଓ ଚାଷ କାର୍ଯ୍ୟ ଆଗେଇ ନ ପାରିବା ଏଠାକାର ଚାଷୀଙ୍କୁ ଚିନ୍ତାରେ ପକାଇଛି। ବର୍ଷକର ଖାଦ୍ୟ କେଉଁଠୁ ଆସିବ, ଧାରକରଜ କିପରି ଶୁଝିବ ସେହି ଚିନ୍ତାରେ ଘାରି ହେଉଛି ଚାଷୀ। ଏ ନେଇ ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ କୁମାର ନାଏକଙ୍କୁ ପଚାରିବାରୁ ଚଳିତବର୍ଷ ଦେଓଗାଁ ବ୍ଲକରେ ୬୦ପ୍ରତିଶତରୁ ମଧ କମ୍ ବର୍ଷା ହୋଇଛି। ଫଳରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବିଭାଗ ତରଫରୁ ସମସ୍ତ ତଥ୍ୟ ସରକାରଙ୍କୁ ପଠାଯିବ ବୋଲି ସେ କହଛନ୍ତି।



ନୁନିଆଁପାଲିଠାରେ ଆୟୋଜିତ ବିଶ୍ୱସ୍ତନ୍ୟ ପାନ ସପ୍ତାହ ଉପଲକ୍ଷେ ସଚେତନତା ରାଲି।

## ବିଶ୍ୱ ସ୍ତନ୍ୟପାନ ସପ୍ତାହରେ ସଚେତନତା ଶୋଭାଯାତ୍ରା

**ଲୋଇସିଂହା, ୪।୮ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ନଅଗାଁ (ଖ) ପଲ୍ଲି ଆଲୋକ ପାଠାଗାର ଏବଂ ସିଡବ୍ଲୁଏସ ମିଳିତ ଆନୁକୂଲ୍ୟରେ ନୁନିଆଁପାଲି ଗ୍ରାମ ପଞ୍ଚାୟତର ଅମରାମୁଣ୍ଡା, ଖଲିଆପାଲି, ନୁନିଆଁପାଲିରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ରବିବାର ପାଳିତ ହୋଇଯାଇଛି। ପ୍ରତ୍ୟେକ ଗ୍ରାମରେ ଗର୍ଭବତୀ, ପ୍ରସୂତି ଓ ବୟୋଜ୍ୟେଷ୍ଠ ମହିଳାଙ୍କୁ ନେଇ ସ୍ତନ୍ୟପାନ ଉପରେ ଆଲୋଚନା କରାଯାଇ ସଚେତନତା ସୃଷ୍ଟ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ଗର୍ଭବତୀ ଏବଂ ପ୍ରସୂତୀମାଙ୍କ ମଧ୍ୟରେ ସ୍ତନ୍ୟପାନ ସମ୍ପର୍କିତ ଜଣାଅଜଣା କାର୍ଯ୍ୟକ୍ରମ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କ ପାଇଁ ପୁରସ୍କାର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମିଲ ଥିବା ଶାଶୁ ମାଙ୍କ ପାଇଁ ୧୦ଟି ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମ ରହିଥିଲା। ନୁନିଆଁପାଲି ପଞ୍ଚାୟତ ସଭାଗୃହଠାରେ ଅନୁଷ୍ଠିତ ସଭାରେ ସରପଞ୍ଚ ସହଦେବ ସାହୁ ଅଧ୍ୟକ୍ଷତାରେ କରିଥିଲେ। ପିଏପି ସଭାପତି ରମେଶଚନ୍ଦ୍ର ପଧାନ, ପହଲ୍ଲାଦ ପଧାନ, ଗୋବିନ୍ଦ ବିଶି ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ତନ୍ୟପାନର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶାନ୍ତ କୁଅଁର, ରଞ୍ଜନ ମହାଲିଙ୍ଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଅଙ୍ଗନୱାଡି, ଆଶାକର୍ମୀ, ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## କୃଷି ଉତ୍ପାଦନ ବୃଦ୍ଧି ସମ୍ପର୍କିତ କର୍ମଶାଳା

**ଖପ୍ରାଖୋଲ, ୪।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତି ସଭା ଗୃହରେ କୃଷି ଉତ୍ପାଦନ ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବିକଳ୍ପର ପ୍ରକଳ୍ପ ପରିଚାଳକ ସମୀର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଡିଓ ତରଣୀ ସୁନା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପାଟଣାଗଡ ସହ ଉଦ୍ୟାନ ଅଧିକାରୀ ସୌମ୍ୟ ରଞ୍ଜନ ସେଠୀ, ବ୍ଲକ ପ୍ରାଣୀଧନ ଅଧିକାରୀ ଡା.ସୁଜିତ କୁମାର ଶତପଥୀ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସତ୍ୟେନ୍ଦ୍ର ରାଇକା, ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇ, ସିଇଓ ସିଦ୍ଧାର୍ଥ ଶଙ୍କର ମିଶ୍ର, କୃଷି ଅଧିଦର୍ଶକ ରାଧାକାନ୍ତ ନାଗ ଯୋଗଦେଇଥିଲେ। ସମନ୍ୱିତ କୃଷି ଉତ୍ପାଦନ ପାଇଁ ସମସ୍ତେ ସଚେତନ ହେବାକୁ ଅତିଥିମାନେ କହିଥିଲେ। କୃଷି, ଉଦ୍ୟାନ, ଦୁଗ୍ଧ ଉତ୍ପାଦନ, ପଶୁ ପାଳନ, ମୃତ୍ତିକା ସଂରକ୍ଷଣ, ଜଳ ସଂରକ୍ଷଣ ଉପରେ ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରିଥିଲେ। ଚାଷୀର ଉତ୍ପାଦିତ ଦ୍ରବ୍ୟର ବଜାର ବ୍ୟବସ୍ଥା ପାଇଁ ଗୋଷ୍ଠୀଗତ କୃଷିକୁ ଗୁରୁତ୍ୱ ଦେବା ନେଇ ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିମ୍ବାଧର ରାଉତ, ଶଙ୍କର ମେହେର, ଗଣେଶ ପଧାନ, ଗୌରି ନନ୍ଦ, ସୁଜିତ କୁମାର ପଧାନ, ରାଧାକାନ୍ତ ଖମାରୀ, ସୁଦାମ ବାରିକ ପ୍ରମୁଖ କୃଷି, ଉଦ୍ୟାନ, ପ୍ରାଣୀଧନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

■ ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ଭେଟିଲେ ପ୍ରତିନିଧି ଦଳ

## ଯୁକ୍ତଦୁଇ କଲେଜ ଖୋଲିବାକୁ ଦାବି କଲେ

**ଟିଟିଲାଗଡ଼, ୪।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ପୌରାଞ୍ଚଳକୁ ବାଦ୍ ଦେଲେ ବ୍ଲକର ଅନ୍ୟ କୌଣସି ସ୍ଥାନରେ ଯୁକ୍ତ ଦୁଇ କଲେଜ ନାହିଁ। ଏଥିଯୋଗୁ ଗ୍ରାମାଞ୍ଚଳର ବିଶେଷ କରି ମହିଳାମାନେ ଅଧାରୁ ପାଠପଢାରେ ଡୋରି ବାନ୍ଧୁଛନ୍ତି। ଏହି ପରିପ୍ରେକ୍ଷୀରରେ ରାଜ୍ୟ ଓ ମହିଳା ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁଙ୍କଠାରେ ଏନେଇ ଦାବି ଉଠିଛି। ଚାଷୀନେତା ବାଳକୃଷ୍ଣ ଷାଣ୍ଢଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମନ୍ତ୍ରୀଙ୍କୁ ସାକ୍ଷାତ କରି ଏନେଇ ବ୍ୟାପକ ବିଚାର ବିମର୍ଶ କରିଛନ୍ତି। ଏହା ସହ ଚଳିତ ଖରିଫରେ ଚାଷୀ ଅଦ୍ୟାବଧି ରଆ ବିହୁଡା କାର୍ଯ୍ୟ ମଧ୍ୟ କରିପାରି ନାହାନ୍ତି। ବର୍ଷାଭାବ ନେଇ ନାଳ, ବାହାଲ ଶୁଖିଲା ପଡିଛି। ଏହାର ସ୍ଥାୟୀ ସମାଧାନ ନେଇ ତେଲନଦୀର ଲେସୁନବାହାଲି ଗୌଡତୁଲାଠାରେ ଏକ ବ୍ୟାରେଜ ନିର୍ମାଣ କଲେ ବ୍ୟାପକ ଜଳସେଚନ ବ୍ୟବସ୍ଥା ହେବା ସହ ବିସ୍ଥାପନ ସମସ୍ୟା ମଧ୍ୟ ନ ଥିବା ଷାଣ୍ଢ ମନ୍ତ୍ରୀଙ୍କୁ ଜଣାଇଥିଲେ। ଏହା ସହ ଟିଟିଲାଗଡ ନିର୍ବାଚନ ମଣ୍ଡଳୀରେ ସରକାରଙ୍କ ଦ୍ୱାରା ନିର୍ମିତ ୬ଟି ମେଗା ଉଠା ଜଳସେଚନ ପ୍ରକଳ୍ପରୁ ଅଧିକ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ପାଇଁ ଦୋଷ ତ୍ରୁଟି ସୁଧାରିବାକୁ ଚାଷୀ ନେତା ଅନୁରୋଧ କରିଥିଲେ। ଏହା ସହ ଟିଟିଲାଗଡ-କେସିଙ୍ଗା ରାସ୍ତାର ଉନ୍ନତିକରଣ ପାଇଁ ଦାବି ହୋଇଛି। ଏନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଆଲୋଚନା କାଳରେ ବରିଷ୍ଠ ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ହିଆଲ, ସନ୍ତୋଷ ବିଶି, ସୁରେନ୍ଦ୍ର ସାହା, ଫିରୋଜ ସାହା, ତ୍ରିଲୋଚନ ସାହୁ, ଟିକେମନ ବିଶି, ବୈବସ୍ୱତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ତେଲନଦୀରେ ବ୍ୟାରେଜ ନିର୍ମାଣ ପାଇଁ ଦେଲେ ଦାବିପତ୍ର**


ବାଲକୃଷ୍ଣ ଷାଣ୍ଢଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ସୁବ୍ରତୋ ମୁଖାର୍ଜୀ ଫୁଟବଲ ଟୁର୍ନାମେଣ୍ଟରେ ଭାଗନେବେ ଟାଉନ ହାଇସ୍କୁଲ ଛାତ୍ର

**ବଲାଙ୍ଗୀର ଅଫିସ, ୪।୮**

ସୁନ୍ଦରଗଡ ଜିଲା ବଣାଇସ୍ଥିତ ଆରଡିଡି ଉଚ୍ଚ ବିଦ୍ୟାଳୟଠାରେ ଆସନ୍ତା ୫ତାରିଖରୁ ଆରମ୍ଭ ହେବାକୁ ଥିବା ୧୭ ବର୍ଷରୁ କମ୍ ସୁବ୍ରତୋ ମୁଖାର୍ଜି ଫୁଟବଲ ଟୁର୍ନାମେଣ୍ଟରେ ବଲାଙ୍ଗୀର ଟାଉନ୍ ହାଇସ୍କୁଲର ଛାତ୍ର ଦଳ ଭାଗନେବେ। କୋଚ୍ ସଞ୍ଜିତ ମହାନ୍ତି, ମ୍ୟାନେଜର ରାଜେନ୍ଦ୍ର ସେଠଙ୍କ ନେତୃତ୍ୱରେ ସ୍ଥାନୀୟ ଟାଉନ ହାଇସ୍କୁଲର ଛାତ୍ର ପ୍ରସନ୍ନ ବର, ଲକ୍ଷ୍ମଣ କିସାନ, ସନ୍ତୋଷ ପୁଝାରୀ, ରଘୁନାଥ ଜରିକା, ଶଶିକାନ୍ତ ପ୍ରଧାନୀ, ଭୂଷଣ୍ଡ ଭୋଇ, ରହିମ ବଡ, ଭିକି ଓରାମ, ସିମଲ ମୁର୍ମୁ, ପିଣ୍ଟୁ ଓରାମ୍, ମହେଶ ସିଂ କୁଅଁର, ଅଜିତ କୁମାର ବିଭାର, ଅତିସ ଓରାମ୍, ରୋମି ଓରାମ, ଲୋକନାଥ ମୁଣ୍ଡା ଓ ପିଣ୍ଟୁ କୁମାର ଓରାମ୍ ଭାଗନେବେ ବୋଲି ଜଣାପଡିଛି। ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅଫିସିଆଲଭାବେ ନରସିଂହ ସ୍ୱାମୀ ନାଇଡୁ ଓ ସୁଶାନ୍ତ ନାଗ ଏହି ଦଳ ସହ ଯାତ୍ରା କରିବେ। ଦଳର ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ଓ ଜିଲା ଶିକ୍ଷା କ୍ରୀଡା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡା ଶୁଭ କାମନା ଜଣାଇଛନ୍ତି।


ବଲାଙ୍ଗୀର ଟାଉନ୍ ହାଇସ୍କୁଲର ଖେଳାଳିଙ୍କ ସହ ଶିକ୍ଷା ବିଭାଗ ଅଧିକାରୀ।

# ୫୦% କାମରେ ଆସୁନି ମେଗା ଉଠା ଜଳସେଚନ ପ୍ରକଳ୍ପ

■ ୮ ଦିନହେଲା ପାଣି ବନ୍ଦ
■ ଆନ୍ଦୋଳନ ପାଇଁ ଚାଷୀ ସଜବାଜ

**ଦେଓଗାଁ, ୪।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୧୩ନଂ ଜୋନ ତଥା ଗୁଡଭେଲା ବ୍ଲକ ଅଞ୍ଚଳର ଚାଷଜମିକୁ ଜଳସେଚନ ଉଦ୍ଦେଶ୍ୟରେ ତେଲନଦୀରେ ବସାଯାଇଛି ମେଗା ଉଠାଜଳସେଚନ ପ୍ରକଳ୍ପ । ଖରିଫ ଓ ରବି ଉଭୟ ଋତୁରେ ଏହି ଅଞ୍ଚଳର ପ୍ରାୟ ୮ଶହ ହେକ୍ଟର ଜମିରେ ଦୁଇ ଫସଲ ହେବାର ଆଶାରେ ଉତଫୁଲ୍ଲିତ ହୋଇଥିଲେ ଚାଷୀ। ଚଳିତବର୍ଷ ଖରିଫରେ ବ୍ଲକରେ ନିଅଣ୍ଟିଆ ବର୍ଷା ହେବାଦ୍ୱାରା ଏହି ପ୍ରକଳ୍ପରୁ ଲାଗୁଥିବା ପାଣିରେ ଚାଷକାର୍ଯ୍ୟ ବାଧା ହେବ ନାହିଁ ବୋଲି ଅଞ୍ଚଳବାସୀ ଆଶାବାନ୍ଧି ବସିଥିଲେ। ହଲେ ଏହି ପ୍ରକଳ୍ପରୁ ଜଳସେଚନ ପାଇଁ ଧାର୍ଯ୍ୟଥିବା ଚାଷଜମିମାନଙ୍କ ମଧ୍ୟରୁ ଏବେ ୫୦ପ୍ରତିଶତ ଜମିକୁ ପାଣି ମାଡୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଆଜକୁ ୮ ଦିନହେଲା ବଡବାହାଲ ପଞ୍ଚାୟତ ବରହାକନା ଗାଁର ଚାଷୀଙ୍କ ଜମିରେ ଲଗାଯାଇଥିବା ୮ଟି ଟାଙ୍କିକୁ ପ୍ରକଳ୍ପରୁ ଜଳସେଚନ ବନ୍ଦ କରି ଦିଆଯାଇଛି । ଫଳରେ ଏହି ଗାଁର ସମସ୍ତ ଚାଷଜମି ଏବେ ସୁଦ୍ଧା ପଡିଆ ପଡିଛି। ଧାନ ପହ୍ଳାଗୁଡିକ ଜଳାଭାବରୁ ମରିବାକୁ ବସିଥିବା ବେଳେ ଗାଁର ଚାଷଜମିକୁ ପ୍ରକଳ୍ପରୁ ପାଣି ବନ୍ଦ କରିବା ବିଭାଗୀୟ ଅବହେଳାକୁ ପଦାରେ ପକାଇଛି। ଧାର୍ଯ୍ୟ ସମସ୍ତ ଚାଷଜମିକୁ ଆବଶ୍ୟକ ଜଳସେଚନ କରିବା ଉଦ୍ଦେଶ୍ୟରେ ପ୍ରକଳ୍ପ ନିର୍ମାଣ ହୋଇଥିଲା । ହେଲେ ଏହି ପ୍ରକଳ୍ପ ଆରମ୍ଭରୁ ଫେଲମାରିବା ବିଭାଗୀୟ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଣୁ ଏହି ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ରାଜ୍ୟ ସରକାର ଉଚ୍ଚସ୍ତରୀୟ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବା ନିହାତି ଦରକାର ବୋଲି ଚାଷୀକୁଳ ଅଭିଯୋଗ କରିଛନ୍ତି। ତୁରନ୍ତ ଗାଁର ଚାଷଜମିକୁ ପ୍ରକଳ୍ପରୁ ପାଣି ଯୋଗାଇ ଦିଆ ନଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବୁ ବୋଲି ଗାଁର ଚାଷୀ ସନ୍ତୋଷ ରାଉତ, ଗରୀବ ପୋଢ଼, ଭଜ ରାଉତ, ପଞ୍ଚାନନ ରାଉତ, ଘନଶ୍ୟାମ ବିଶ୍ୱାଳ, ବଳଦେବ ବିଶ୍ୱାଳ, ଲଳିତ ରାଉତ, ରାମ ବାଗ, ଗୋପାଳ ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି। ସମସ୍ୟାକୁ ନେଇ ବିଭାଗୀୟ ଯନ୍ତ୍ରୀ ଅମରନାଥ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ଅନେକ ଚାଷଜମିରେ ପାଇପଗୁଡିକରେ ଲାଗିଥିବା ଭାଲ୍ଭକୁ କେହି ଖୋଲି ଦେଇଥିବାରୁ ପାଣି ଯୋଗାଇବା ସମ୍ଭବ ହୋଇ ନ ଥିଲା। ଏଣୁ କେତୋଟି ଗାଁକୁ ବାଧହୋଇ ଜଳସେଚନ ବନ୍ଦ କରିଥିଲୁ। ବରହାକନା ଗାଁକୁ ସୋମବାର ଜଳ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।


ବରହାକନାକୁ ମେଗା ଉଠାଜଳସେଚନ ପ୍ରକଳ୍ପରୁ ଜଳସେଚନ ବନ୍ଦ କରିବା ପ୍ରତିବାଦ କରୁଛନ୍ତି ଚାଷୀ।



ଦୁର୍ବଳମନା ଓ ଅସ୍ଥିରଚିତ୍ତ ବ୍ୟକ୍ତିମାନେ କୌଣସି କାର୍ଯ୍ୟକୁ ଠିକ୍‌ଭାବେ ଗ୍ରହଣ କରିପାରନ୍ତି ନାହିଁ।
-କୌଟିଲ୍ୟ ଚାଣକ୍ୟ



# 'ମୋ ସ୍ୱାମୀଙ୍କୁ ବଞ୍ଚାଇଦିଅ'

ଲଇକେରା,୪।୮(ଡି.ଏନ୍.ଏ.)

ମୋ ସ୍ୱାମୀଙ୍କୁ ବଞ୍ଚାଇଦିଅ। ତାଙ୍କୁ ଚିକିତ୍ସା ଦରକାର। ହେଲେ ଚିକିତ୍ସା ପାଇଁ ମୋ ପାଖରେ ଟଙ୍କା ନାହିଁ। ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ପାକେଲପଡ଼ା ଗ୍ରାମର ଗଜେନ୍ଦ୍ର ଚାରଦିଆ (୫୦)ଙ୍କ ସ୍ତ୍ରୀ ନବୀନା ଏପରି ଆକୁଳ ନିବେଦନ କରିଛନ୍ତି। ଘରେ କୋମା ଅବସ୍ଥାରେ ପଡ଼ିରହିଛନ୍ତି ଗଜେନ୍ଦ୍ର। ଜମିବାଡ଼ି ବନ୍ଧା ପକାଇ ଗଜେନ୍ଦ୍ରଙ୍କ ଚିକିତ୍ସା କରିଥିଲେ ହେଁ ଆହୁରି ଅଧିକ ଚିକିତ୍ସାର ଆବଶ୍ୟକତା ରହିଛି। ଏବେ ନବୀନା ନିଃସ୍ୱ। ଜଡ଼ ପ୍ରାୟ ବିଛଣାରେ ପଡ଼ି ରହିଥିବା ସ୍ୱାମୀଙ୍କ ମୁହଁକୁ ଚାହିଁ ଦିନ କାଟିବା ଛଡ଼ା ତାଙ୍କ ପାଖରେ ଆଉ କୌଣସି ଉପାୟ ନାହିଁ। ରୋଜଗାର ନ ଥିବାବେଳେ ମୂଲମଜୁରି ଲାଗି ପେଟକୁ ଦାନା ଗଣ୍ଡେ ଯୋଗାଡ଼ କରୁଛନ୍ତି ନବୀନା।

ଗତ ମାର୍ଚ୍ଚ ୭ ତାରିଖ ସକାଳ ପ୍ରାୟ ୮ଟାରେ ଗଜେନ୍ଦ୍ର ନିଜ ବାଇକ୍‌ରେ ଝାରସୁଗୁଡାକୁ କାମ କରିବାକୁ ଯାଉଥିବା ବେଳେ ସାହାସପୁର-ପତ୍ରାପାଲି ରାସ୍ତାରେ ଏକ ଟ୍ରକ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବାମରା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ଼ ଏବଂ ପରେ ବୁର୍ଲା ବଡ଼ ମେଡିକାଲ ନିଆଯାଇଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ସେ କୋମା ଅବସ୍ଥାକୁ ଚାଲିଯାଇଥିଲେ। ବୁର୍ଲାରେ ୨୩ ଦିନ ଚିକିତ୍ସା ପରେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ କଟକ ନେବାକୁ ଡାକ୍ତର ପରାମର୍ଶ ଦେଲେ। ହେଲେ ଏଥିପାଇଁ ଆବଶ୍ୟକ ଟଙ୍କା ନ ଥିବାରୁ ପରିବାର ଲୋକେ ବାଧ ହୋଇ ତାଙ୍କୁ ଘରକୁ ଫେରାଇ ଆଣିଥିଲେ। ମୁହଁ ଓ ନାକରେ ପାଇପ୍ ସେହିପରି ଲାଗିରହିଛି। ସେଥିରେ ଔଷଧ ଦିଆଯାଉଛି। ଅଳ୍ପ କିଛି ଥିବା ଜମିବାଡ଼ି ବନ୍ଧା ପକାଇ ନବୀନା ଗଜେନ୍ଦ୍ରଙ୍କ ପାଇଁ ଆବଶ୍ୟକ ମେଡିକାଲ ଖର୍ଚ୍ଚ ତୁଲାଇଥିଲେ। ଏବେ ଔଷଧ କିଣିବାକୁ ମଧ୍ୟ ପାଖରେ ପଇସା ନାହିଁ। ଗଜେନ୍ଦ୍ର ଜଣେ ଦିନ ମଜୁରିଆ। ତାଙ୍କର ୨୩ ଓ ୧୮ ବର୍ଷ ବୟସ୍କ ୨ ପୁଅ ଓ ୨୧ ବର୍ଷର ଜଣେ ଝିଅ ଅଛନ୍ତି। ବୃଦ୍ଧ ବାପା ମଧ୍ୟ ଅଛନ୍ତି। ୩ ପୁଅଝିଅ, ସ୍ତ୍ରୀ ଏବଂ ବାପାଙ୍କୁ ନେଇ ଚାଲିଥିବା ପରିବାର ଏବେ ରୋଜଗାର ବିନା ଅସହାୟ ହୋଇପଡ଼ିଛି। କିଛିଦିନ ପୂର୍ବେ ଲଇକେରା ବିଡିଓ ପ୍ରସନ୍ନ କୁମାର ପାଣ୍ଡେ ତାଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ଦେଇଥିବା ପରିବାର ପକ୍ଷରୁ କୁହାଯାଇଛି। ସରକାରୀ ସହାୟତା ସହ ଚିକିତ୍ସା ପାଇଁ ପଦକ୍ଷେପ ନିଆଗଲେ ଗଜେନ୍ଦ୍ର ସୁସ୍ଥ ହୋଇପାରନ୍ତେ ବୋଲି ଗ୍ରାମବାସୀ କହିଛନ୍ତି। ଗାଁଟି ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ନିର୍ବାଚନ ମଣ୍ଡଳୀରେ ରହିଥିବା ବେଳେ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।



କୋମା ଅବସ୍ଥାରେ ଘରେ ପଡ଼ିରହିଛନ୍ତି ଗଜେନ୍ଦ୍ର।

# ପାଇଖାନା ନିର୍ମାଣ ହୋଇଛି, ବିଲ୍ ମିଳୁନି

**ଜହ୍ନାପଙ୍କ, ୪।୮ (ଡି.ଏନ.ଏ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ପଦ୍ମନପୁର ପଞ୍ଚାୟତର ଦାମଦୋରପୁର ଗାଁର ଭକ୍ତ ସିଂହ ସରକାରୀ ଯୋଜନାରେ ପାଇଖାନା ନିର୍ମାଣ କରିବାର ବର୍ଷେ ପରେ ମଧ୍ୟ ଟଙ୍କା ପାଇ ନ ଥିବା ଜଣାଯାଇଛି। ୨୦୧୬-୧୭ ମସିହାରେ ସେ ବ୍ଲକ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେଘରପାଇଥିଲେ।ଏହାସହିତଏମ୍‌ଜିଏନଆରଇଜିଏସ୍‌ରେପାଇଖାନା ନିର୍ମାଣ ପାଇଁ ବି କାର୍ଯ୍ୟାଦେଶ ପାଇଥିଲେ। ପାଇଖାନା ନିର୍ମାଣ ନ କଲେ ଆବାସର ଶେଷ କିସ୍ତି ବିଲ୍ ମିଳିବ ନାହିଁ ବୋଲି ପରିଦର୍ଶନ ବେଳେ ତତ୍କାଳୀନ ବିଡିଓ କହିଥିଲେ। ଫଳରେ ହିତାଧିକାରୀ ଯୁଦ୍ଧକାଳୀନ ଭିତ୍ତିରେ ୨ ମାସ ମଧ୍ୟରେ ପାଇଖାନା ନିର୍ମାଣ ସମ୍ପୂର୍ଣ୍ଣ କରିଥିଲେ । ଫଳରେ ତାଙ୍କୁ ଆବାସ ଯୋଜନାର ସମ୍ପୂର୍ଣ୍ଣ ଅର୍ଥ ମିଳିଗଲା। ମାତ୍ର ପାଇଖାନା ବାବଦକୁ ୧୨ ହଜାର ଟଙ୍କା ଆଜି ପର୍ଯ୍ୟନ୍ତ ମିଳିନାହିଁ । ଏପରିକି ବିଲ୍ ପାଇଁ ବ୍ଲକ ଅଫିସକୁ ଦୌଡି ଦୌଡି ୪ଶହ ଟଙ୍କା ଖର୍ଚ୍ଚ କରିସାରିଥିବା କ୍ଷୋଭର ସହ ଭକ୍ତ କହିଥିଲେ । ଏ ସମ୍ପର୍କରେ ବୌଦ୍ଧ ବିଡିଓଙ୍କୁ ଯୋଗାଯୋଗ କରିବାରୁ ସଫ୍ଟୱେର ପ୍ରୋବ୍ଲେମ୍ ଥିଲା । ସଫ୍ଟୱେର ଅପଡେଟ୍ ହୋଇଗଲେ ମାସେ ମଧ୍ୟରେ ଟଙ୍କା ମିଳିଯିବ ବୋଲି କହିଥିଲେ ।


## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ — ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

ଚାପ ଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା(SARB) ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ୍:sbi.10027@sbi.co.in

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି । ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ **''ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ସେଠାରେ ଯାହା ଅଛି''** ଭିତ୍ତିରେ ଇ-ନିଲାମ୍ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି ।

**ଅମାନତ ଜମା କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ:**
**ତା.୦୫.୦୯.୨୦୧୯ ରିଖ ପୂର୍ବରୁ କିମ୍ବା ସେହିଦିନ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**
**ଇ-ନିଲାମ୍ ତାରିଖ ଏବଂ ସମୟ: ତା. ୦୬.୦୯.୨୦୧୯ରିଖ ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୩.୩୦ଘଟିକା ପର୍ଯ୍ୟନ୍ତ ଏବଂ ସ୍ୱତଃ ୫ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

**କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ପ୍ରଦୀପ୍ତ କୁମାର ଜେନା, ଇ-ମେଲ୍:pradeepta.jena@sbi.co.in, ମୋ: ୯୪୩୭୪୯୯୦୭୪**

| କ୍ର. ନଂ. | ଶାଖା/ଋଣଗ୍ରହୀତା(ମାନ)ଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ | ଜାମିନ୍‌ଦାର(ମାନ)ଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକମାନଙ୍କ ନାମ | ସମ୍ପତ୍ତିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|---|
| ୧. | **ଜଗତପୁର ଶାଖା/** **ଋଣଗ୍ରହୀତା: ମେସର୍ସ ମା ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରା.ଲିଃ., ସା/ପୋ:** ସମିଆ କଳକଳା, ବରୀ, ଜିଲ୍ଲା: ଯାଜପୁର, ଓଡ଼ିଶା / **ଆକାଉଣ୍ଟ ନଂ: ୩୧୯୬୫୭୧୨୮୨୯, ୩୧୬୮୪୯୦୯୩୦୨** | **ଜାମିନ୍‌ଦାରମାନେ: (୧) ଶ୍ରୀମତୀ ବନଶ୍ରୀ ମହାପାତ୍ର,** ସ୍ୱାମୀ: ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର **(୨) ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର,** ଉଭୟଙ୍କ ଠିକଣା-ପ୍ଲଟ ନଂ.: ୭୮/୧୬୫୪, ବିଡାନାସୀ, ବାସେଲିଗଡ଼ା, କଟକ-୭୫୩୦୧୪, **(୩) ଶ୍ରୀମତୀ ସଂଘମିତ୍ରା ମହାପାତ୍ର,** ଗାୟତ୍ରୀ ଭବନ, ଗୋପବନ୍ଧୁ ଲେନ୍, ଅରୁଣୋଦୟ ମାର୍କେଟ୍, କଟକ-୧୨ | **ସମ୍ପତ୍ତି ମାଲିକଙ୍କ ନାମ: ମେସର୍ସ ମା ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ.** | ମେସର୍ସ ଭଗବତୀ ରାଇସ୍ **ଇଣ୍ଡଷ୍ଟ୍ରିଜ୍ ପ୍ରା.ଲିଃ.** ନାମରେ ଥିବା କଳକାରଖାନା ଏବଂ ଶିଳ୍ପଯନ୍ତ୍ର ସାମଗ୍ରୀ ସହିତ ଜମି ଏବଂ ଗୃହ ଯାହାର ମୌଜା: ସମିଆ, ଜିଲ୍ଲା: ଯାଜପୁର, ଖାତା ନଂ.: ୯୯୮/୭୨, ପ୍ଲଟ ନଂ.:୩୫୬୯/୪୫୪୫, କ୍ଷେତ୍ର: ଏକର୧.୪୬ ଡିସିମିଲ୍, ଏବଂ ଖାତା ନଂ.: ୯୯୮/୭୨, ପ୍ଲଟ୍ ନଂ.: ୬୧୧/୪୫୪୪, କ୍ଷେତ୍ର: ଏକର ୧.୫୪ ଡିସିମିଲ୍, ମୋଟ୍ କ୍ଷେତ୍ର: **ଏକର ୩.୦୦ଡିସିମିଲ୍,** ଏବଂ ଖାତା ନଂ.: ୯୯୮/୭୩, ପ୍ଲଟ୍ ନଂ.: ୩୫୬୯/୪୫୪୬, କ୍ଷେତ୍ର: ଏକର୫.୦୧୦ଡିସିମିଲ୍ ଏବଂ ଖାତା ନଂ.: ୯୯୮/୧୦୩, ପ୍ଲଟ୍ ନଂ.: ୩୫୬୯/୪୫୬୫, କ୍ଷେତ୍ର: ଏକର୦.୨୮୦ ଡିସିମିଲ୍, ମୋଟ୍ କ୍ଷେତ୍ର: **ଏକର ୫.୨୯୦ ଡିସିମିଲ୍,** (**ସର୍ବମୋଟ୍ କ୍ଷେତ୍ର: ଏକର ୮.୨୯୦ଡିସିମିଲ୍,** କିସମ: ଘରବାଡ଼ି) । | ତା୨୬.୦୭.୨୦୧୯ରିଖ ସୁଦ୍ଧା **ଟ.୫,୬୯,୫୧,୧୧୨.୫୧** + ତତ୍‌ପରବର୍ତ୍ତୀ ସୁଧ + ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ / ୩୦.୦୩.୨୦୧୫ | ଟ.୪,୧୬,୪୦,୦୦୦/- / ଟ.୪୧,୬୪,୦୦୦/- / ଟ.୧,୦୦,୦୦୦ |
| ୨. | **ବିଡାନାସୀ ଶାଖା/** **ଋଣଗ୍ରହୀତା: ମେସର୍ସ ପ୍ରଧାନ ଆର୍ଥ ମୁଭର୍ସ ପ୍ରା.ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ପ୍ରଭାତ କୁମାର ପ୍ରଧାନ,** ଖ୍ରୀଷ୍ଟିଆନ ସାହି, ସୂତାହାଟ, ପୋ.: ବକ୍ସିବଜାର, କଟକ ଏବଂ **ନିର୍ଦ୍ଦେଶକ ଶ୍ରୀ ପ୍ରଶାନ୍ତ କୁମାର ପ୍ରଧାନ,** ପ୍ଲଟ ନଂ: ବି/୬, ସେକ୍ଟର-୯, ସିଡିଏ, ବିଡାନାସୀ, ଜିଲ୍ଲା: କଟକ/ଆକାଉଣ୍ଟ **ନଂ: ୩୦୭୪୧୦୮୩୩୨୩** | **ଜାମିନ୍‌ଦାର: ଶ୍ରୀ ସିଦ୍ଧାର୍ଥ କୁମାର ନନ୍ଦ,** ପିତା: ଶ୍ରୀ ବିନୋଦ ବିହାରୀ ନନ୍ଦ, ବାରବାଟି ହାଉସିଂ କଲୋନୀ, ତରୋଳ, ଜଗତପୁର, ଜିଲ୍ଲା: କଟକ । | **ସମ୍ପତ୍ତି ମାଲିକମାନଙ୍କ ନାମ: (୧) ଶ୍ରୀ ସିଦ୍ଧାର୍ଥ କୁମାର ନନ୍ଦ,(୨) ମେସର୍ସ ପ୍ରଧାନ ଆର୍ଥ ମୁଭର୍ସ ପ୍ରା. ଲିଃ. ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ପ୍ରଭାତ କୁମାର ପ୍ରଧାନ** | **(୧) ଶ୍ରୀ ସିଦ୍ଧାର୍ଥ କୁମାର ନନ୍ଦଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା: ତରୋଳ, ତହସିଲ: ଟାଙ୍ଗୀ-ଚୌଦ୍ୱାର, ଥାନା: ଟାଙ୍ଗୀ, ଜିଲ୍ଲା: କଟକ, ଖାତା ନଂ.: ୬୨୦/୫୪୩, ପ୍ଲଟ ନଂ.:୨୦୬୦/ ୨୬୧୩, କ୍ଷେତ୍ର: ଏକର୦.୦୫୦ଡିସିମିଲ୍, କିସମ: ଘରବାଡ଼ି ଏବଂ ଖାତା ନଂ.: ୬୨୦/୫୫୬, ପ୍ଲଟ ନଂ.: ୨୦୫୯/୨୬୨୫, କ୍ଷେତ୍ର: ଏକର୦.୦୪୦ ଡିସିମିଲ୍, କିସମ: ଘରବାଡ଼ି, **(୨) ମେସର୍ସ ପ୍ରଧାନ ଆର୍ଥ ମୁଭର୍ସ ପ୍ରା.ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ପ୍ରଭାତ କୁମାର ପ୍ରଧାନଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା: ଚାନ୍ଦମା, ଥାନା: କୋରେଇ, ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଖାତା ନଂ.: ୪୬୮, ପ୍ଲଟ ନଂ. : ୪୯୮/୨୨୩୮, କ୍ଷେତ୍ର: ଏକର୦.୧୬ ଡିସିମିଲ୍, କିସମ: ଘରବାଡି । | ତା୩୦.୦୬.୨୦୧୯ରିଖ ସୁଦ୍ଧା ଟ.୧,୧୮,୩୮,୯୧୮/- + ତତ୍‌ପରବର୍ତ୍ତୀ ସୁଧ + ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ / ୨୧.୦୮.୨୦୧୨ | ଟ.୨୧,୦୫,୦୦୦/- / ଟ.୨,୧୧.୦୦୦/- / ଟ.୫୦,୦୦୦/- ; ଟ.୧୬,୩୧,୦୦୦/- / ଟ.୧,୬୩.୦୦୦/- / ଟ.୫୦,୦୦୦/- |
| ୩. | **କଟକ ସିଟି ଶାଖା/** **ଋଣଗ୍ରହୀତାମାନେ: (୧) ମେସର୍ସ ମା ସାଇକେଲ୍ ଷ୍ଟୋର୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ପାଢ଼ୀ,** ମାର୍ଫତ: ଗଣେଶ୍ୱର ପାଢ଼ୀ, **(୨) ପ୍ରଦୀପ କୁମାର ପାଢ଼ୀ ଏବଂ ନିହାରିକା ପତି,** ସମସ୍ତଙ୍କ ଠିକଣା: ସା: କେନ୍ଦୁଝର କଲୋନି, ପ୍ଲଟ ନଂ.: ୬୧/ଏ, ପୋ: ତୁଳସୀପୁର, ଥାନା: ଲାଲବାଗ, କଟକ- ୭୫୩୦୦୮ / **ଆକାଉଣ୍ଟ ନଂ: ୩୦୦୬୫୮୬୨୬୦୩, ୩୦୦୪୦୨୭୨୮୪୮** | **ଜାମିନ୍‌ଦାର: ଶ୍ରୀ ଗଣେଶ୍ୱର ପାଢ଼ୀ,** ପିତା: ଶ୍ରୀ ଗଜେନ୍ଦ୍ର ପାଢ଼ୀ, ସା: ଦେବୀଦୋଳ, ବାଲିକୁଦା, କଟକ | **ସମ୍ପତ୍ତି ମାଲିକଙ୍କ ନାମ: ଶ୍ରୀ ଗଣେଶ୍ୱର ପାଢ଼ୀ** | **ଶ୍ରୀ ଗଣେଶ୍ୱର ପାଢ଼ୀ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା କଟକ ସହର ୟୁନିଟ୍ ନଂ.: ୧୩, ଚାନ୍ଦିନୀ ଚୌକ, ଥାନା: ଲାଲବାଗ, ତହସିଲ: କଟକ ସଦର, ଜିଲ୍ଲା: କଟକ, ଖାତା ନଂ.: ୫୯୮, ପ୍ଲଟ ନଂ.: ୪୫୧, କ୍ଷେତ୍ର: ଏକର୦.୦୬୩ ଡିସିମିଲ୍, କିସମ: ଘରବାଡ଼ି, ଚୌହଦି: ପୂର୍ବ: ରାସ୍ତା, ପଶ୍ଚିମ: ବି.ସି. ମହାନ୍ତି, ଉତ୍ତର: ଶ୍ରୀମତୀ ମନ୍ଦାକିନୀ ସାମଲ, ଦକ୍ଷିଣ, ବଂଶୀଧର ଦାସ । | ତା୩୦.୦୬.୨୦୧୯ରିଖ ସୁଦ୍ଧା ଟ.୭୪,୮୭,୩୧୧.୬୮ + ତତ୍‌ପରବର୍ତ୍ତୀ ସୁଧ + ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ ୧୮.୧୧.୨୦୧୧ | ଟ.୧,୦୫,୦୩,୦୦୦/- / ଟ.୧୦,୫୦,୩୦୦/- / ଟ.୧,୦୦,୦୦୦/- |
| | **କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୂର୍ଯ୍ୟଜ୍ୟୋତି ପ୍ରଧାନ, ଇ-ମେଲ୍ suryajyoti.pradhan@sbi.co.in, ମୋ: ୮୫୯୯୦୦୨୭୦୩** | | | | | |
| ୪. | **କମର୍ସିଆଲ ଶାଖା, କଟକ/** **ଋଣଗ୍ରହୀତା: ମେସର୍ସ ଧବଳେଶ୍ୱର ରାଇସ୍ ମିଲ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସତୀଶ କୁମାର ସାହୁ,** ପିତା: ଶ୍ରୀ ବିଜୟ କୃଷ୍ଣ ସାହୁ, ଗଡିଝରିଆ, ପୋ: ଭିରୁଡ଼ା, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.: ୩୨୪୬୦୩୭୧୪୨୮, ୩୨୪୫୮୪୦୯୨୩୨** | **ଜାମିନ୍‌ଦାର: ଶ୍ରୀ ବିଜୟ କୃଷ୍ଣ ସାହୁ,** ପିତା: ୰ ନିତ୍ୟାନନ୍ଦ ସାହୁ, ସା: ବଡ଼ହାଟ, ପୋ/ଜିଲ୍ଲା: କେନ୍ଦ୍ରାପଡ଼ା | **ସମ୍ପତ୍ତି ମାଲିକଙ୍କ ନାମ: ଶ୍ରୀ ସତୀଶ କୁମାର ସାହୁ ।** | ଜମି ଆଦି ସମ୍ପତ୍ତି (ସମ୍ପତ୍ତି-୧): ମୌଜା: ବରାଲିଓ, ଖାତା ନଂ.: ୦୩, ପ୍ଲଟ୍ ନଂ.: ୫୭୫, କ୍ଷେତ୍ର: ଏକର୦.୯୬୬ଡିସିମିଲ୍, କିସମ: ଘରବାଡ଼ି, ଚୌହଦୀ: ଉତ୍ତର: କାଦ ନଳା ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୫୭୧, ପୂର୍ବ: କ୍ରେତା ଜମି, ପଶ୍ଚିମ: ବିକ୍ରେତାଙ୍କ ବଳକା ଜମି, (ସମ୍ପତ୍ତି-୨): ମୌଜା: ବରାଲିଓ, ଖାତା ନଂ.: ୨୪, ପ୍ଲଟ୍ ନଂ.: ୫୭୩, କ୍ଷେତ୍ର: ଏକର୦.୬୪୦ ଡିସିମିଲ୍, କିସମ: ଘରବାଡ଼ି, ଚୌହଦୀ: ଉତ୍ତର: ମୁଖ୍ୟ ଚକନାଳ, ଦକ୍ଷିଣ: ସୁକି ମଲ୍ଲିକ, ପୂର୍ବ: ପ୍ରଯୁଜ୍ୟ ନୁହେଁ, ପଶ୍ଚିମ: ପ୍ରଯୁଜ୍ୟ ନୁହେଁ, (ସମ୍ପତ୍ତି-୩): ମୌଜା: ବରାଲିଓ, ଖାତା ନଂ.: ୧୦୧, ପ୍ଲଟ୍ ନଂ.: ୫୭୨, କ୍ଷେତ୍ର: ଏକର୦.୫୫୦ଡିସିମିଲ୍, କିସମ: ଘରବାଡ଼ି, ଚୌହଦୀ: ଉତ୍ତର: ଚକ ରାସ୍ତା, ଦକ୍ଷିଣ: ରମେଶ ମଲ୍ଲିକ, ପୂର୍ବ: ଗୋଚର ଜମି, ପଶ୍ଚିମ: କାହ୍ନୁ ଚରଣ କର **(ସମସ୍ତ ସମ୍ପତ୍ତି ଶ୍ରୀ ସତୀଶ କୁମାର ସାହୁଙ୍କ ନାମରେ ଅଛି)** | ତା୩୦.୦୬.୨୦୧୯ରିଖ ସୁଦ୍ଧା ଟ.୧,୧୮,୧୫,୦୫୦/- + ତତ୍‌ପରବର୍ତ୍ତୀ ସୁଧ + ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ / ୨୫.୦୨.୨୦୧୪ | ଟ.୧୪,୩୪,୦୦୦/- / ଟ.୧,୪୩,୪୦୦/- / ଟ.୧୦,୦୦୦/- |
| | **କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୁଧୀର କୁମାର ଲାକ୍ରା, ଇ-ମେଲ୍ sudhir.lakra@sbi.co.in, ମୋ: ୮୫୯୯୦୦୨୭୦୨** | | | | | |
| ୫. | **ମାଲଗୋଦାମ୍ ଶାଖା, କଟକ/** **ଋଣଗ୍ରହୀତା: ମେସର୍ସ ସ୍ୱସ୍ତିକ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅଭୟ କୁମାର ପାତ୍ର,** ପିତା: ଶ୍ରୀ ଅଶୋକ କୁମାର ପାତ୍ର, ସା: ଆଇସ୍ ଫ୍ୟାକ୍ଟ୍ରି ରୋଡ୍, କଲେଜ୍ ଛକ, କଟକ-୭୫୩୦୦୩ / **ଅକାଉଣ୍ଟ ନଂ.: ୩୬୫୨୦୩୮୬୨୧୩** | **ଜାମିନ୍‌ଦାର: ଶ୍ରୀ ଅଶୋକ କୁମାର ପାତ୍ର, ପିତା: ୰ ରସାନନ୍ଦ ପାତ୍ର ଆଲିଅସ ରମାନନ୍ଦ ପାତ୍ର,** ସା: ଆଇସ୍ ଫ୍ୟାକ୍ଟ୍ରି ରୋଡ୍, କଲେଜ୍ ଛକ, କଟକ-୭୫୩୦୦୩ । | **ସମ୍ପତ୍ତି ମାଲିକଙ୍କ ନାମ: ଶ୍ରୀ ଅଭୟ କୁମାର ପାତ୍ର ଏବଂ ଶ୍ରୀ ଅଶୋକ କୁମାର ପାତ୍ର ।** | (୧) **ଶ୍ରୀ ଅଭୟ କୁମାର ପାତ୍ର**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମସ୍ତ ସମ୍ପତ୍ତିର ଅଂଶବିଶେଷ ଯାହାର ମୌଜା: କଟକ ଟାଉନ୍, ୟୁନିଟ୍ ନଂ. ୨୪, କଲେଜ ଛକ, ଖାତା ନଂ.: ୩୪୦/୨୬୮, ପ୍ଲଟ ନଂ.: ୨୨୧୧/୨୯୬୩, କ୍ଷେତ୍ର: ଏକର୦.୦୨୨.୫ଡିସିମିଲ, କିସମ: ଘରବାଡ଼ି, (୨) **ଶ୍ରୀ ଅଶୋକ କୁମାର ପାତ୍ର**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମସ୍ତ ସମ୍ପତ୍ତିର ଅଂଶବିଶେଷ ଯାହାର ମୌଜା: କଟକ ଟାଉନ୍, ୟୁନିଟ୍ ନଂ. ୨୪, କଲେଜ ଛକ, ଖାତା ନଂ.: ୩୪୦/୨୩, ପ୍ଲଟ ନଂ.: ୮୩୦, କ୍ଷେତ୍ର: ଏକର୦.୦୨୧ଡିସିମିଲ, କିସମ: ଘରବାଡ଼ି, (୩) **ଶ୍ରୀ ଅଭୟ କୁମାର ପାତ୍ର**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମସ୍ତ ସମ୍ପତ୍ତିର ଅଂଶବିଶେଷ ଯାହାର ମୌଜା: କଟକ ଟାଉନ୍, ୟୁନିଟ୍ ନଂ. ୨୫, ଯୋବ୍ରା, ଖାତା ନଂ.: ୫୩୬/୨୩୫, ପ୍ଲଟ ନଂ.: ୧୦୫୬/୧୯୧୯, କ୍ଷେତ୍ର: ଏକର୦.୦୨୦ଡିସିମିଲ, କିସମ: ଘରବାଡ଼ି । | ତା୩୧.୦୧.୨୦୧୯ରିଖ ସୁଦ୍ଧା ଟ.୧,୬୯,୯୪,୮୨୩/- + ତତ୍‌ପରବର୍ତ୍ତୀ ସୁଧ + ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ / ୦୧.୦୨.୨୦୧୯ | ଟ.୬୨,୧୯,୦୦୦/- / ଟ.୬,୨୨,୦୦୦/- / ଟ.୫୦,୦୦୦/- ; ଟ.୬୮,୧୫,୦୦୦/- / ଟ.୬,୮୨,୦୦୦/- / ଟ.୫୦,୦୦୦/- ; ଟ.୪୭,୯୮,୦୦୦/- / ଟ.୪,୮୦,୦୦୦/- / ଟ.୫୦,୦୦୦/- |

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ୦୪.୦୯.୨୦୧୯ ପୂର୍ବାହ୍ନ ୧୦.୦୦ଘଟିକରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ **''ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ସେଠାରେ ଯାହା ଅଛି''** ଭିତ୍ତିରେ ଓ '' ଅନ୍‌ଲାଇନ୍ ମାଧ୍ୟମରେ ସମ୍ପନ୍ନ ହେବ । ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s. e-Procurement Technologies Limited, Ahmedabad**ରେ ୱେବ୍‌ସାଇଟ୍ **https://sbi.auctiontiger.net** ମାଧ୍ୟମରେ **ତା.୦୬.୦୯.୨୦୧୯ରିଖ**ରେ ସମ୍ପନ୍ନ ହେବ । ଇ-ନିଲାମ୍ ଟେଣ୍ଡର କାଗଜପତ୍ର ଯଥା: ଇ-ନିଲାମ୍ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ୍ ଇ-ନିଲାମ୍ ବିକ୍ରୟର ନିୟମ ଏବଂ ସର୍ତ୍ତାବାଳୀ ୱେବ୍‌ସାଇଟ୍ **https://sbi.auctiontiger.net** ରେ ଉପଲବ୍ଧ ।

୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡିକ ଉପରେ କୌଣସି ଏନକମ୍ବ୍ରାନ୍ସ ନାହିଁ । ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି. ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ ଅଧିକାର/ ଦେୟ ବିଷୟ ଯାଞ୍ଚ କରିବା ଉଚିତ୍ । ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ । ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ । କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ ।

୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **NEFT/RTGS** ମାଧ୍ୟମରେ **Account No. 30784275855, name of the A/C: SARB Cuttack Recovery Account, Name of the Beneficiary: State Bank of India, IFSC Code No.SBIN0009029** କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କ/ସିଡ୍ୟୁଲ୍ଡ ବ୍ୟାଙ୍କରୁ ଡ୍ର-କରି **''Asst. General Manager, State Bank of India, SARB Cuttack ''** ଙ୍କ ପକ୍ଷରୁ କଟକକୁ ଦେୟ ଦର୍ଶାଇ ପୈଠ କରିବେ ।

୪) ନିଲାମଧାରୀମାନେ ସଠିକ୍ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ୍ ଏବଂ ବୈଧ ଇ-ମେଲ୍ ଆଇଡିଧାରୀ ହେବା ଉଚିତ୍ ( ଇଚ୍ଛୁକ ନିଲାମଧାରୀଙ୍କ ଇ-ମେଲ୍ ଆଇଟି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ **M/s. e-Procurement Technologies Limited, Ahmedabad**ଙ୍କ ଦ୍ୱାରା ଇମେଲ୍ ମାଧ୍ୟମରେ ପାଇପାରିବେ) । ଯୋଗାଯୋଗ କରନ୍ତୁ **Ram Sharma-08000023297, Rakesh Nayak- 9937220319 / Land Line No.: 079-61200548, Toll Free No.: 18001035342, Email ID: orissa@auctiontiger.net, ramprasad@auctiontiger.net & Support@auctiontiger.net** (ଆମର ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ୍ ମାଧ୍ୟମରେ ଯୋଗ୍ୟ ନିଲାମଧରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପରିବେ ।

୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣ ରେ ଅନୁରୋଧ ପତ୍ର ସହିତ-ସ୍ୱଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର (**KYC**), ଯଥା: ଭୋଟର ପରିଚୟ ପତ୍ର/ ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରଙ୍କ ପ୍ୟାନ୍ କାର୍ଡ, (ଘ) ବୈଧ ଇମେଲ୍ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ( ମୋବାଇଲ/ଲ୍ୟାଣ୍ଡ ଲାଇନ୍ ନମ୍ବର) ଇତ୍ୟାଦିର ନକଲ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସ୍‌ଡ୍ ଆସେଟ୍ ରିକଭରି ଶାଖା, କଟକଙ୍କ ଠାରେ ତା.୦୫.୦୯.୨୦୧୯ରିଖ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା** ପହଁଚିବା ଆବଶ୍ୟକ । ମୂଳ ପ୍ରମାଣପତ୍ରର ସ୍କାନ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇ-ମେଲ୍ ଆଇଡିରେ ମଧ୍ୟ ପଠାଇପାରିବେ ।

୬) ପୋର୍ଟାଲ୍ **https://sbi.auctiontiger.net**ରେ ଅନଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା, କଟକଙ୍କ ଦ୍ୱାରା ଚିହ୍ନଟ କରାଯିବ । **M/s. e-Procurement Technologies Limited, Ahmedabad**ଙ୍କ ଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପ୍ୟାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ ।

୭) ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ । ଯାଞ୍ଚ ପାଇଁ ଇଚ୍ଛୁକ ନିଲାମଧାରୀମାନେ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ: ସମ୍ପତ୍ତି କ୍ର.ନଂ.: ୧, ୨ ଏବଂ ୩ ନିମନ୍ତେ ମୋ: ୯୪୩୭୪୯୯୦୭୪, ସମ୍ପତ୍ତି କ୍ରନଂ.: ୪ ନିମନ୍ତେ ମୋ.: ୮୫୯୯୦୦୨୭୦୩ ଏବଂ ସମ୍ପତ୍ତି କ୍ରନଂ.: ୫ ନିମନ୍ତେ ମୋ.: ୮୫୯୯୦୦୨୭୦୨ରେ ଯୋଗାଯୋଗ କରିପାରିବେ ।**

୮) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିକ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ । ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସରେ ବୃଦ୍ଧି କରିପାରିବେ । ଇନିଲାମ ବନ୍ଦ ହେବାର ପୂର୍ବରୁ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଧ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ । ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ସ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇ ଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦ ସାପେକ୍ଷ ।

୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ବିବେଚନା କରାଯିବା ଏବଂ ସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ । ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ । ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର **୨୫%** ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ । ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କ ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ/ ଅଧିକାର ରହିବ ନାହିଁ ।

୧୦) ଯୋଗ୍ୟ ନିଲାମଧାରୀ ମାନେ ଇ-ନିଲାମ ତାରିଖ ପୂର୍ବରୁ **M/s. e-Procurement Technologies Limited, Ahmedabad**ଙ୍କ ଠାରୁ ଇ-ନିଲାମ ସମ୍ପର୍କୀୟ ଅନ୍‌ଲାଇନ୍ ତାଲିମ ପାଇପରିବେ । ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା**M/s. e-Procurement Technologies Limited, Ahmedabad** ଦାୟୀ ରହିବେ ନାହିଁ । ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକ୍‌ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବ ।

୧୧) ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ/ ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଜିଏସ୍‌ଟି, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ ।

୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ/ କୌଣସି ପ୍ରସ୍ତାବକୁ ଗ୍ରହଣ/ ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ / ବାତିଲ/ ବନ୍ଦ କରିବାର ଅଖଣ୍ଡ କ୍ଷମତା କରିବେ ।

୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ ।

୧୪) ବିକ୍ରୟ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରେକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ ।

୧୫) ସଫଳ ନିଲାମଧାରୀ/ କ୍ରେତା ଆୟକର ଆକ୍ଟ ୧୯୬୧ ର ଧାରା ୧୯୪ ଆଇ ଏ ଅନୁଯାୟୀ ଯୋଉଁଠାରେ ବିଡ୍ ରାଶି **୫୦,୦୦,୦୦୦/-** ଟଙ୍କରୁ ଅଧିକ ଥିବ ସେହି କ୍ଷେତ୍ରରେ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ ୨୬ କ୍ୟୁବି ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣପତ୍ରର ଅରିଜିନାଲ୍ ରସିଦ ବ୍ୟାଙ୍କରେ ଦାଖଲ କରିବେ ।

୧୬) **ସରଫେଶୀ ଆକ୍ଟ ୨୦୦୨ ର ସଂଶୋଧନ ଅନୁସାରେ ରୁଲ୬(୨) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ନିମନ୍ତେ ଏହା ଏକ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ ।**

ସ୍ଥାନ : କଟକ, ତାରିଖ : ୦୩.୦୮.୨୦୧୯ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ


■ ରାଜଧାନୀରେ ପୋଲିସ-ଅପରାଧୀ ମୁହାଁମୁହିଁ

# ୨୯ ଘଣ୍ଟାରେ ୫ ଏନ୍‌କାଉଣ୍ଟର



ହରେକୃଷ୍ଣ



ସିପୁନ୍



ରବି ରାଓ

- ସିଲୁ, ହରି ଓ ରବିଙ୍କ ଗୋଡ଼ରେ ବାଜିଛି ଗୁଳି
- ବନ୍ଧୁକ, ଗୁଳି, ଖେଳନା ବନ୍ଧୁକ ସହ ୫୦ ହଜାର ଟଙ୍କା ଜବତ
- ରହୁଥିବା ଆପାର୍ଟମେଣ୍ଟରେ ଚଳାଇଥିଲେ ନକଲି ମଦ କାରଖାନା

ଭୁବନେଶ୍ୱର, ୪।୮(ବ୍ୟୁରୋ)

ଞ୍ଚେଶ୍ୱର ଥାନାଞ୍ଚଳରେ ସିରିଜ୍ ଲୁଟ୍ ପରେ କମିଶନରେଟ ପୋଲିସ ଆରମ୍ଭ କରିଛି ଅପରେଶନ ଏନ୍‌କାଉଣ୍ଟର। ୨୯ ଘଣ୍ଟାରେ ୫ ଏନ୍‌କାଉଣ୍ଟର କରିଛି। ଶନିବାର ଭୋର୍ ୪ଟାରେ ବାଲିଅନ୍ତା ଥାନା ଅନ୍ତର୍ଗତ ଟଙ୍କପାଣି ସେତୁ ନିକଟରେ ପୋଲିସ ଗୁଳିରେ ପୋଡା ଓରଫ ଅରୁଣ ମଲ୍ଲିକ ଓ ବିବେକ ଓରଫ ବିବେକାନନ୍ଦ ନାୟକ ଆହତ ହୋଇଥିବାବେଳେ ବିଳମ୍ବିତ ରାତିରେ ବଡ଼ଗଡ଼ ଥାନାଞ୍ଚଳରେ ଦ୍ୱିତୀୟଥର ଡବଲ୍ ଏନ୍‌କାଉଣ୍ଟର ହୋଇଛି। ଚିଲିପୋଖରୀ ନିକଟରେ ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ପୋଲିସ ଗୁଳିରେ ହରି ଓରଫ ହରେକୃଷ୍ଣ ସ୍ୱାଇଁ ଓ ସିଲୁ ଓରଫ ସିପୁନ କବିଙ୍କ ଗୋଡ଼ରେ ଗୁଳି ବାଜିଛି। ସେମାନଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ହରେକୃଷ୍ଣଙ୍କ ଘର କଟକ ଜିଲା ନିଆଳି ଅଞ୍ଚଳରେ ହୋଇଥିବାବେଳେ ସିପୁନଙ୍କ ଘର ଆଠଗଡ ରାଧାବଲ୍ଲଭପୁର ଗ୍ରାମରେ। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ବନ୍ଧୁକ, ଗୋଟିଏ ଗୁଳି, ଏକ ଖେଳନା ବନ୍ଧୁକ, ୩ ମୋବାଇଲ ଫୋନ୍, ଗୋଟିଏ ବାଇକ ଓ ନଗଦ ୫୦ ହଜାର ଟଙ୍କା ଜବତ କରିଛି। ସେହିଭଳି ରବିବାର ରାତି ପ୍ରାୟ ୯ଟାରେ ଭରତପୁର ଅଞ୍ଚଳରେ ପଞ୍ଚମ ଏନ୍‌କାଉଣ୍ଟର କରିଛି ପୋଲିସ। ଏଥିରେ ପୋଲିସ ଟାର୍ଗେଟରେ ଥିବା ରବି ରାଓ ଆହତ ହୋଇଛନ୍ତି। ତାଙ୍କର ବି ଗୋଡ଼ରେ ଗୁଳି ବାଜିଛି। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କଠାରୁ ଏକ କାର୍, ବୋମା ଓ ମାରଣାସ୍ତ୍ର ଜବତ କରାଯାଇଛି।

ବଡ଼ଗଡ଼ ଥାନାଞ୍ଚଳରେ ଘଟିଥିବା ଏନ୍‌କାଉଣ୍ଟର ଘଟଣାରେ ପୋଲିସ ଆଇପିସି ଦଫା ୩୦୭, ୩୫୩, ୩୪ ଏବଂ ୨୫, ୨୭, ୨୮ ଓ ୩୫ ଆର୍ମସ ଆକ୍ଟରେ ମାମଲା (ନଂ.୧୮୬/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନାନୁଯାୟୀ, ଧଉଳି ନିକଟ ବାପୁଜୀ ହାଇଟ୍ ଆପାର୍ଟମେଣ୍ଟର ଫ୍ଲାଟ୍ ନଂ.୨୦୮କୁ ଦେବାଶିଷ ଦାସ ନାମକ ଜଣେ ବ୍ୟକ୍ତି ସିକ୍ୟୁରିଟି ଏଜେନ୍ସି ପାଇଁ ଭଡ଼ା ନେଇଥିଲେ। ହେଲେ ଉକ୍ତ ଘରେ ସିପୁନ ଓ ହରେକୃଷ୍ଣ ରହୁଥିଲେ। ସେମାନେ ଦିନରେ ମଦ ବ୍ୟବସାୟ ଓ ରାତିରେ ଡକାୟତି କରୁଥିଲେ। ଉକ୍ତ ଫ୍ଲାଟ୍‌ରେ ନକଲି ମଦ କାରଖାନା ଚାଲିଥିବା ନେଇ ଧଉଳି ଥାନା ଅଧିକାରୀ ଜୟଦେବ ବିଶ୍ୱଜିତ୍ ଖବର ପାଇ ରାତି ପ୍ରାୟ ୨ଟାରେ ଚଢାଉ କରିବାକୁ ଯାଇଥିଲେ। ହେଲେ ପୋଲିସକୁ ଦେଖି ସିପୁନ୍ ଓ ହରେକୃଷ୍ଣ ଏକ ଗ୍ଲାମର ବାଇକ୍‌ରେ ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କପାଣି ରୋଡ୍ ଅଭିମୁଖେ ଦ୍ରୁତ ଗତିରେ ପଳାଇଥିଲେ। ଏ ସମ୍ପର୍କରେ ସୂଚନା ପାଇବା ପରେ ବଡ଼ଗଡ଼ ଥାନା ଅଧିକାରୀ ଓ ତାଙ୍କ ଟିମ୍ ଚିଲିପୋଖରୀ ନିକଟରେ ବ୍ଲକିଂ କରିଥିଲେ। ପୋଲିସ ଅଟକିବାକୁ କହିଥିଲେ ମଧ୍ୟ ସେମାନେ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ବାଇକ ଚକା ଖସିଯାଇଥିଲା। ଧରାପଡ଼ିଯିବା ଆଶଙ୍କାରେ ଦୁହେଁ ପୋଲିସ ଉପରକୁ ୫ ରାଉଣ୍ଡ ଗୁଳି କରିଥିଲେ। ପୋଲିସ ଜବାବ ଦେବାକୁ ଯାଇ ପାଲଟା ୪ ରାଉଣ୍ଡ ଗୁଳିଚାଳନା କରିବାରୁ ତାହା ସେମାନଙ୍କ ଗୋଡ଼ରେ ବାଜିଥିଲା। ସିପୁନ ଓ ହରେକୃଷ୍ଣ ପଡ଼ିଯିବାରୁ ପୋଲିସ ଟିମ୍ ସେମାନଙ୍କୁ ମାଡ଼ି ବସିଥିଲା। ଏହାପରେ ସେମାନେ ରହୁଥିବା ବାପୁଜୀ ଆପାର୍ଟମେଣ୍ଟରେ ଚଢାଉ କରିଥିଲା ପୋଲିସ ଟିମ୍। ସେମାନେ ରହୁଥିବା ଘରୁ ନକଲି ମଦ, ସ୍ପିରିଟ୍, ବିଭିନ୍ନ ବ୍ରାଣ୍ଡର ମଦ ବୋତଲ, ଷ୍ଟିକର ଓ ଅନ୍ୟ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିଥିଲା। ତେବେ ଏହି ଘଟଣା ପରେ ଘର ଭଡ଼ା ନେଇଥିବା ଦେବାଶିଷ ଫେରାର ହୋଇଯାଇଥିବା ପୋଲିସ କହୁଛି। ତାଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବାବେଳେ ଉକ୍ତ ଆପାଟମେଣ୍ଟ ମାଲିକଙ୍କୁ ପଚରାଉଚରା କରୁଛି। ତେବେ ଶୁକ୍ରବାର ଟଙ୍କପାଣି ରୋଡ୍ ନିକଟରେ ପୋଲିସ ଏନ୍‌କାଉଣ୍ଟରରେ ଆହତ ପୋଡ଼ା ଓ ବିବେକଙ୍କ ୧୧ଜଣିଆ ଗ୍ୟାଙ୍ଗ୍‌ର ସଦସ୍ୟ ବୋଲି ଜଣାପଡ଼ିଛି। ସେମାନେ ଆକ୍ରମଣ କରି ଏକାଧିକ କାର ଲୁଟ ସହ ଘରେ ପଶି ଡକାୟତି ମାମଲାରେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି।

ଅନ୍ୟପକ୍ଷରେ ଧଉଳି ଥାନାଞ୍ଚଳ ଏନ୍‌କାଉଣ୍ଟରରେ ଆହତ ରବି ଉକ୍ତ ୧୧ଜଣିଆ ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ୍ ଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଥିଲା। ତାଙ୍କଠାରୁ ଏକ କାର୍, ଗୋଟିଏ ବୋମା ଓ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଥିବା ପୋଲିସ କହିଛି।

## ସହର ରାସ୍ତା ଖାଲଖମାପୂର୍ଣ୍ଣ

**ବରପାଲି, ୪।୮ (ଡି.ଏନ.ଏ):** ବରପାଲି ସହର ରାସ୍ତା ଆବଶ୍ୟକ ମରାମତି ଅଭାବରୁ ଖାଲଖମାରେ ଭର୍ତ୍ତି ହୋଇ ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି । ସ୍ଥାନୀୟ ବଜାର ରାସ୍ତାର ଅଶୋକ କ୍ଲବଠାରୁ ଗଣେଷ ମନ୍ଦିର ପର୍ଯ୍ୟନ୍ତ ସ୍ଥାନେ ସ୍ଥାନେ ବିରାଟ ଗର୍ତ୍ତ ସୃଷ୍ଟି ହୋଇ ଯିବା ଆସିବାରେ ଅସୁବିଧା ହେଉଛି। ସେହିପରି ସାମାନ୍ୟ ବର୍ଷାରେ ଡ୍ରେନ ପାଣି ଓ ମଇଳା ଆବର୍ଜନା ମିଶି ରାସ୍ତାରେ ବହିବା ସହ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ୱାର୍ଡବାସୀ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ସହରରେ ସଫେଇ ଓ ସ୍ୱଚ୍ଛତା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ତାହା ଏଠାରେ ସଫଳ ହେଉନାହିଁ । ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।


## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ — ଦଖଲ ନୋଟିସ୍

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ) [ରୁଲ୍- ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଶିରିଡି ସାଇ ଫ୍ଲାଏ ଆଶ୍ ବ୍ରିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ରଞ୍ଜିତ କୁମାର ଦାସ,** ପିତା: ଶ୍ରୀ ରବିନ୍ଦ୍ରନାଥ ଦାସ, ସା/ପୋ.: ଅମନକୁଦ, ଭାୟା: ବନମାଳିପୁର, ଜିଲ୍ଲା: ଖୋର୍ଦ୍ଧା-୭୫୨୧୦୩ | **ମେସର୍ସ ଶିରିଡି ସାଇ ଫ୍ଲାଏ ଆଶ୍ ବ୍ରିକ୍ସର ସ୍ୱତ୍ତ୍ୱାଧିକାରୀ ଶ୍ରୀ ରଞ୍ଜିତ କୁମାର ଦାସ,** ସା/ପୋ.: ଅମନକୁଦ, ଭାୟା: ବନମାଳିପୁର, ବ୍ଲକ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା-୭୫୨୧୦୩ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅମନକୁଦ, ଥାନା: ବାଲିପାଟଣା, ଥାନା ନଂ.: ୩୫, ଏସ୍‌ଆରଓ: ବାଲିପାଟଣା, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୭୨୬, ପ୍ଲଟ୍ ନଂ.: ୧୬୨୨, କ୍ଷେତ୍ର: ଏକର୦.୧୬ଡିସିମିଲିରୁ ଏକର୦.୦୮ ଡିସିମିଲି (ସମୁଦାୟ କ୍ଷେତ୍ର: ଏକର୦.୩୨ଡିସିମିଲି) | **ତା.୩୧.୦୩.୨୦୧୯** ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ **ଟ.୨୩,୩୦,୯୫୬/-** + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୪.୨୦୧୯ / ୦୧.୦୮.୨୦୧୯ |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୦୩.୦୮.୨୦୧୯** — **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**



ତୁମେ ଅନ୍ୟଠାରୁ ଯେଉଁଭଳି ବ୍ୟବହାର ଆଶା କରୁନାହଁ, ସେଭଳି ବ୍ୟବହାର ତୁମେ ଅନ୍ୟ ପ୍ରତି ନ କରିବା ଉଚିତ।
-କନଫୁସିୟସ

## ■ ସିଆଇଏସ୍‌ସିଇ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

# ରାଉରକେଲା ଜୋନ୍‌କୁ ୨, ଝାରସୁଗୁଡ଼ାକୁ ୩ ଟ୍ରଫି

ବେଲପାହାଡ଼,୪।୮(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ ଷ୍ଟାଡିୟମରେ ରବିବାର କାଉନସିଲ ଫର୍ ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏକ୍ଜାମିନେଶନ (ସିଆଇଏସ୍‌ସିଇ) ପକ୍ଷରୁ ରାଜ୍ୟସ୍ତରୀୟ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ଏଥିରେ ୧୭ ବର୍ଷରୁ କମ୍ ବାଳିକା ଖୋଖୋ, ୧୭ ବର୍ଷରୁ କମ୍ ବାଳକ ଭଲିବଲ, ୧୭ ଓ ୧୯ ବର୍ଷରୁ କମ୍ ବାଳିକା ଓ ବାଳକ ଥ୍ରୋ ବଲ୍ ଏବଂ ୧୯ ବର୍ଷରୁ କମ୍ ବାଳକ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଝାରସୁଗୁଡ଼ା, ରାଉରକେଲା, ବଲାଙ୍ଗୀର, ଭୁବନେଶ୍ୱର ଓ ବ୍ରହ୍ମପୁର ଆଦି ୫ ଜୋନ୍‌ର ୫୫ ଛାତ୍ର ଓ ୧୦୦ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ୧୭ ବର୍ଷରୁ କମ୍ ବାଳକ ଭଲିବଲ ପ୍ରତିଯୋଗିତାରେ ଝାରସୁଗୁଡ଼ା ଜୋନ୍ ୩-୦ ସେଟ୍‌ରେ ରାଉରକେଲା ଜୋନ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ୧୯ ବର୍ଷରୁ କମ୍ ବାଳକ ଭଲିବଲ ପ୍ରତିଯୋଗିତାରେ ରାଉରକେଲା ଜୋନ୍ ଝାରସୁଗୁଡ଼ା ଜୋନ୍‌କୁ ୩-୨ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିପରି ୧୭ ବର୍ଷରୁ କମ୍ ବାଳିକା ଖୋଖୋ ପ୍ରତିଯୋଗିତାରେ ରାଉରକେଲା ଜୋନ୍ ଚାମ୍ପିୟନ ହୋଇଥିବା ବେଳେ ଉଭୟ ୧୭ ବର୍ଷ ଓ ୧୯ ବର୍ଷରୁ କମ୍ ବାଳିକା ଥ୍ରୋ ବଲ ପ୍ରତିଯୋଗିତାରେ ଝାରସୁଗୁଡ଼ା ଜୋନ୍ ଚାମ୍ପିୟନ ହୋଇଛି। ରାଉରକେଲା ଜୋନ୍ ୨ ଓ ଝାରସୁଗୁଡ଼ା ଜୋନ୍ ୩ଟି ଟ୍ରଫି ହାସଲ କରିଛି। ଆୟୋଜକ ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲର ଖେଳ ଶିକ୍ଷକ ହମିଦ୍ ମହାପାତ୍ର, ସୁମନ୍ତ ପଣ୍ଡା, ରେଖା ରାୟ, ମହମ୍ମଦ ସାହିଦ, ମନୋଜ ବିନ୍ଧାଣୀ, ରମେଶ ଚନ୍ଦ୍ର ପଟେଲ ଓ ବିଜୟ ଗୌଡ଼ଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଖେଳ ଶିକ୍ଷକ ଏଥିରେ ସହଯୋଗ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସିଆଇଏସ୍‌ସିଇ ବିଦ୍ୟାଳୟ ସମୂହ ସଭାପତି ରମା କାର୍ତ୍ତିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜର ବରିଷ୍ଠ ଉପସଭାପତି ହ୍ରିଦେଶ ସେହଗଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳଗୁଡ଼ିକୁ ଟ୍ରଫି ପ୍ରଦାନ କରିଥିଲେ।



ମୁଖ୍ୟଅତିଥିଙ୍କ ସହିତ ଚାମ୍ପିୟନ ଦଳର ପ୍ରତିଯୋଗୀ ଛାତ୍ରୀଛାତ୍ର ଓ ଖେଳ ଶିକ୍ଷକ।





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଲୋ ଛିଙ୍କୁଣି ମୁଣ୍ଡ ଉକୁଣି**
**ତତେ କିଏ ମୋର ଚାହୁଁଛି**
**ମୋହର ଘରଣୀ ତୋଠଉଁ ସୁନ୍ଦର**
**ଶାଶୁ କୋଳେ ଦିନ ଯାଉଛି ।**

ସୁଖୀ ଦାମ୍ପତ୍ୟ ପାଇଁ ପରସ୍ପରର ବିଶ୍ୱସ୍ତ ହେବା ବାଞ୍ଛନୀୟ। ଜୀବନସାଥୀ ପ୍ରତି ସ୍ନେହ ଶ୍ରଦ୍ଧା ସମ୍ମାନ ଭାବ ରଖୁଥିବା ବ୍ୟକ୍ତି କେବେ ବି ଅବୈଧ ସମ୍ପର୍କକୁ ପ୍ରଶ୍ରୟ ଦେଇ ନ ଥାନ୍ତି। ଦୈହିକ ସୁଖ ଲାଳସାରେ ମାତି ନିଜ ସୁନା ସଂସାରରେ ନିଆଁ ଲଗାଇବାକୁ ଉଚିତ ମଣି ନ ଥା'ନ୍ତି। ଏପରିସ୍ଥଳେ ନିଜ ପତ୍ନୀଙ୍କୁ ଜୀବନଠୁ ଅଧିକ ଭଲ ପାଉଥିବା ବ୍ୟକ୍ତି ପରକୀୟା ପ୍ରୀତିଠାରୁ ନିଜକୁ ଦୂରେଇ ରଖିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛାଡ଼ ପିତୃକାର୍ଯ୍ୟ**
**କର ରାଜକାର୍ଯ୍ୟ ।**

ପିତୃଋଣ ଶୁଝି ହୋଇ ନ ଥାଏ। ପ୍ରତ୍ୟେକ ବ୍ୟକ୍ତି ପାଇଁ ନିଜ ପିତାମାତା ତଥା ଘର ପରିବାର ପ୍ରତି କିଛି ଦାୟିତ୍ୱବୋଧ ରହିଥାଏ। କିନ୍ତୁ ଏହାଠାରୁ କାହିଁ କେତେଗୁଣ ଅଧିକ ଦାୟିତ୍ୱ ରହିଥାଏ ଦେଶ ପ୍ରତି। ଦେଶ ସେବାରେ ନିଜକୁ ନିୟୋଜିତ କରିବା ତଥା ଜୀବନକୁ ଉତ୍ସର୍ଗ କରିବା ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଅତି ଜରୁରୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଶ୍ରୀଜଗନ୍ନାଥ ପଞ୍ଚରାତ୍ର କଥାମୃତ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବ୍ରଜରାଜନଗର,୪।୮(ଡି.ଏନ୍.ଏ.)

ବ୍ରଜରାଜନଗର ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର କଥାମୃତ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ପୂର୍ବାହ୍ନରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଚେତନା ପ୍ରତିଷ୍ଠାନ ପଶ୍ଚିମାଞ୍ଚଳ ସଭାପତି ଚିନ୍ତାମଣି ଦାସ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠାନର ପଶ୍ଚିମାଞ୍ଚଳ ସମ୍ପାଦକ ଯଜ୍ଞନାରାୟଣ ପାଢ଼ୀ, ରାଜ୍ୟ ଉପସଭାପତି ଦିଲୀପ କର, ପ୍ରତିଷ୍ଠାନର ମହାସଚିବ ରବୀନ୍ଦ୍ର ନାଥ ପ୍ରତିହାରୀ, ମହନ୍ତ ଶ୍ରୀରାମକୃଷ୍ଣ ଦାସ ମହାରାଜ, ପୂର୍ବ ଓଡ଼ିଶା ସଭାପତି ବାବା ସତ୍ୟାନନ୍ଦ ଦାସ ମହାରାଜ, ସଂଗଠନ ସଚିବ ଡ. କରୁଣାକର ପ୍ରଧାନ, ଡ. ନରେଶ ଚନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବରେ ମଞ୍ଚାସୀନ ରହି ଜଗନ୍ନାଥ ସଂସ୍କୃତି ପରମ୍ପରା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ଅତିଥିଗଣ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ପୂଜାର୍ଚ୍ଚନା କରିଥିଲେ। ଜଗନ୍ନାଥଙ୍କ ପ୍ରଚାରପ୍ରସାର କରିବା ଚେତନା କମିଟିର ମୂଳ ଉଦ୍ଦେଶ୍ୟ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଝାରସୁଗୁଡ଼ା ଜିଲାର ବିଭିନ୍ନ ଗ୍ରାମ ଓ ସହରରେ ମୋଟ ୭୨ଟି ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇ ପୂଜା କରାଯାଉଥିବା ଏହି ଅବସରରେ ସୂଚନା ଦିଆଯାଇଥିଲା। ଅପରାହ୍ନରେ ବାବା ସତ୍ୟାନନ୍ଦ ଦାସ ମହାରାଜ ଭଗବାନ ବେଦବ୍ୟାସ କୃତୀ ସ୍କନ୍ଦପୁରାଣ ଉପରେ ଆଧାରିତ ଶ୍ରୀଜଗନ୍ନାଥ କଥାମୃତ ଉପରେ ପ୍ରବଚନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପାଞ୍ଚ ଦିନ ଚାଲିବ। ପ୍ରବଚନ ଶୁଣିବା ପାଇଁ ଭକ୍ତଙ୍କ ଭିଡ଼ ଜମୁଛି।

## ■ ବନ୍ଧବାହାଲରେ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀ

# ନନ୍ଦିନୀଙ୍କ ନାଁରେ ଚାରିଟେବୁଲ ଟ୍ରଷ୍ଟ ଗଠନ ପାଇଁ ପ୍ରସ୍ତାବ

ଲଖନପୁର,୪।୮(ଡି.ଏନ୍.ଏ.)

ଲଖନପୁର ବ୍ଲକ ଧରିତ୍ରୀ ପରିବାର ପକ୍ଷରୁ ବନ୍ଧବାହାଲ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ତ୍ରୟୋଦଶ ଶ୍ରାଦ୍ଧାବାର୍ଷିକୀ ପାଳନ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଲଖନପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ଯୋଗଦେଇଥିଲେ। ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଏଥିରେ ବନ୍ଧବାହାଲ ସରପଞ୍ଚ ରାଜେନ୍ଦ୍ର ନାୟକ, ସମିତିସଭ୍ୟ ଈଶ୍ୱର କଉଡ଼ି, ସମଲେଶ୍ୱରୀ ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷା ପଦ୍ମିନୀ ସିଂ, ସାମାଜିକ କର୍ମୀ ଶଶିଭୂଷଣ ପାତ୍ର, ସମଲେଇ ମନ୍ଦିର କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ କାରଳୀ, ସମ୍ପାଦକ ସୁବ୍ରତ ପ୍ରଧାନ, ଝାରସୁଗୁଡ଼ା ଜିଲା ପ୍ରାଥମିକ ସ୍କୁଲ ଶିକ୍ଷକ ସଂଘ ଉପସଭାପତି ସୁରେଶ ପ୍ରଧାନ, ପୂର୍ବତନ ନାଏବ ସରପଞ୍ଚ ଘନଶ୍ୟାମ ସିଂହ, ଖବରଦାତା ବନବାସୀ ଗୌଡ଼, ସଙ୍ଗୀତଜ୍ଞ ସଚ୍ଚିଦାନନ୍ଦ ପ୍ରଧାନ, ଶିକ୍ଷକ କୃପାସିନ୍ଧୁ ପ୍ରଧାନ, ଶିଶୁପାଳ ଦୁବେ, ଗିରିଧାରୀ ପଟେଲ, ଅଶୋକ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ସଞ୍ଜୟ ସୋରେନ ପ୍ରମୁଖ ଯୋଗଦେଇ ନନ୍ଦିନୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଲଖନପୁର ଏବିଇଓ ଅଭିନ୍ନଚନ୍ଦ୍ର ରାଉତ ସଭା ପରିଚାଳନା କରିଥିଲେ। ଝାରସୁଗୁଡ଼ା ଜିଲା ଖବରଦାତା ସଂଘ ସଭାପତି ନିଳେନ୍ଦ୍ର କୁମାର ଗଜେନ୍ଦ୍ର ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାଥମିକ ସୂଚନା ପ୍ରଦାନ କରିଥିଲେ। ନନ୍ଦିନୀ ଏକାଧାରାରେ ଜଣେ ବିଶିଷ୍ଟ ସାହିତ୍ୟ ସାଧକ, ପ୍ରଖର ରାଜନୀତିଜ୍ଞ, କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ମୁଖ୍ୟମନ୍ତ୍ରୀ କାଳରେ ଜମି ସିଲିଂ ନିୟମ ପ୍ରଣୟନ କରି ରାଜ୍ୟରେ ଗରିବ ଲୋକଙ୍କ ପାଇଁ ବିପ୍ଳବ ଆଣିଥିଲେ। ଏଭଳି ବଳିଷ୍ଠ ପଦକ୍ଷେପ ପାଇଁ ତାଙ୍କୁ ଆଇରନ୍ ଲେଡି ଆଖ୍ୟା ଦିଆଯାଇଥିଲା। ସେ ଅନେକ ଜନହିତକର କାର୍ଯ୍ୟ କରି ସମାଜ ପାଇଁ ଆଜି ପ୍ରେରଣାର ଉତ୍ସ ହୋଇ ରହଛନ୍ତି। ଏହି ମହିୟସୀ ମହିଳାଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ କଲେ ନନ୍ଦିନୀଙ୍କ ପ୍ରତି ଏହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଅତିଥିମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ନନ୍ଦିନୀଙ୍କ ନାମରେ ଏକ ଚାରିଟେବୁଲ ଟ୍ରଷ୍ଟ ଗଠନ ପାଇଁ ସାମାଜିକ କର୍ମୀ ପାତ୍ର ଏହି ଅବସରରେ ପ୍ରସ୍ତାବ ଦେଇଥିଲେ। ଏହାକୁ ସଭାରେ ସର୍ବସମ୍ମତିକ୍ରମେ ସମର୍ଥନ କରାଯାଇଛି। ଏ ନେଇ ଆଗାମୀ ଦିନରେ ବୈଠକ କରାଯାଇ ଟ୍ରଷ୍ଟ ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ଟ୍ରଷ୍ଟ ମାଧ୍ୟମରେ ଅଞ୍ଚଳର ବିଭିନ୍ନ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ସଭାରେ ମତପ୍ରକାଶ ପାଇଛି। ଶେଷରେ ଶିକ୍ଷକ ଲଳିତ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଜନପ୍ରତିନିଧି, ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ।

# ଆନନ୍ଦପୁରରୁ ଅପହୃତ ଯୁବକ ରାଉରକେଲାରୁ ଉଦ୍ଧାର

ଆନନ୍ଦପୁର,୪।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ୬ ନମ୍ବର ୱାର୍ଡ ଅଧୀନ ପାଟକୁଳ ସାହିରୁ ଅପହରଣ କରି ନିଆଯାଇଥିବା ପ୍ରଦୀପ କୁମାର ବାରିକ ନାମକ ଜଣେ ଯୁବକଙ୍କୁ ପୋଲିସ ରାଉରକେଲାରୁ ଉଦ୍ଧାର କରିଛି। ଶନିବାର ରାତିରେ ଏଠାରୁ ରାଉରକେଲା ଯାଇଥିବା ଆନନ୍ଦପୁର ଥାନା ଏଏସଆଇ ବିମଳ ଚନ୍ଦ୍ର କାଳିଆ, ହାବିଲଦାର ଭଗବାନ ରାଉତ ଓ ଅପହୃତ ପ୍ରଦୀପଙ୍କ ସ୍ତ୍ରୀ ମଞ୍ଜୁଲତା ସ୍ଥାନୀୟ ପୋଲିସ ସହାୟତାରେ ଉଦ୍ଧାର ପ୍ରଦୀପଙ୍କୁ ଧରି ଫେରୁଥିବା ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ ଅପହରଣକାରୀ ଶନିବାର ସକାଳେ ପ୍ରଦୀପଙ୍କ ଘରକୁ ଆସି ବେକରେ ଛୁରି ଲଗାଇ ମଞ୍ଜୁଲତାଙ୍କ ସମ୍ମୁଖରୁ ତାଙ୍କୁ ଅପହରଣ କରି ନେଇ ଥିଲେ। ଏ ନେଇ ମଞ୍ଜୁଲତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ ୧୩୯/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପହରଣକାରୀ ପ୍ରଦୀପଙ୍କ ସାନ ଭାଇଙ୍କୁ ଠାବ କରିବା ଲାଗି ତାଙ୍କୁ ରାଉରକେଲା ନେଇଯାଇଥିବା ତଦନ୍ତରୁ ଜଣାପଡ଼ିବାରୁ ପୋଲିସ ରାଉରକେଲା ଯିବାକୁ ଯୋଜନା କରିଥିଲା। ରାତିରେ ଏଠାରୁ ଯାଇ ଆନନ୍ଦପୁର ପୋଲିସ ରାଉରକେଲାରେ ପହଞ୍ଚି ସ୍ଥାନୀୟ ପୋଲିସ ସହିତ ଯୋଗାଯୋଗ କରି ପ୍ରଦୀପଙ୍କୁ ରବିବାର ଉଦ୍ଧାର କରିଥିଲା। ଅପହରଣକାରୀମାନେ ପ୍ରଦୀପଙ୍କୁ 'ତୁମ ସାନ ଭାଇ କେଉଁଠି ଅଛି, ତାଙ୍କ ପାଖକୁ ନେଇ ଚାଲ ବୋଲି କହି' ତାଙ୍କୁ ଘରୁ ଡାକି ନେବା ପରେ ପ୍ରଥମେ କେଶଦୁରାପାଳସ୍ଥିତ ତାଙ୍କ ଭଉଣୀଘରକୁ ଯାଇଥିଲେ। ସେଠାରେ ସାନଭାଇଙ୍କୁ ନ ପାଇ ସେମାନେ ରାଉରକେଲାରେ ଥିବା ନୂଆଘରକୁ ପ୍ରଦୀପଙ୍କୁ ନେଇଯାଇଥିଲେ। ଏଭଳି ଅପହରଣ ଘଟଣା ପଛରେ କ'ଣ କାରଣ ରହିଛି, ତାହା ସ୍ପଷ୍ଟ ହୋଇ ନାହିଁ। ଟଙ୍କା ଠକେଇକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଥିବା କୁହାଯାଉଛି। ତେବେ ଉଦ୍ଧାର ପ୍ରଦୀପଙ୍କୁ ପଚରାଉଚରା ପରେ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ଼ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡ଼ିଶା, ବିହାର, ଝାରଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09517415755
09598246628

BUSINESS
ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ପ୍ରାଇଭେଟ୍ କମ୍ପାନୀ ପ୍ରତି ସାବଧାନ
GRAMIN FINANCE
ଦ୍ୱାରା ସବୁ ପ୍ରକାର ଋଣ ନିଅନ୍ତୁ କମ୍ ସୁଧ + Subsidy, No File Charge, No Guarantor, Only Bank fees -
ଏ ସବୁକିଛି ଋଣ ମଞ୍ଜୁର ହେବା ପରେ
Miss Call Alert:
09610759333
S/O Durvijay Singh, 549/328, Shanti Nagar, Vakola, Santacruz, Mumbai- 400055

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
B-36/7, A-Block, Vijay Enclave, Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨0,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

See Color Display Classified on every Tuesday & Friday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ତୁମେ ଅନ୍ୟଠାରୁ ଯେଭଳି ବ୍ୟବହାର ଆଶା କରୁନାହଁ, ସେଭଳି ବ୍ୟବହାର ତୁମେ ଅନ୍ୟ ପ୍ରତି ନ କରିବା ଉଚିତ।
-କନଫୁସିୟସ

## ସଂକ୍ଷେପରେ

### ସବୁଜିମାରେ ଶୋଭାପାଇବ ହନୁମାନ ବାଟିକା

ରାଉରକେଲା ଅଫିସ,୪।୮

ଆନନ୍ଦବଜାର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ଅବସରରେ ହନୁମାନ ବାଟିକା ପରିସରରେ ଚାରାରୋପଣ କରିଛନ୍ତି ସାମାଜିକ କାର୍ଯ୍ୟକର୍ତ୍ତା ହରିହର ରାଉତରାୟ। ଏହି ଅବସରରେ ସେ କହିଥିଲେ, ପଶ୍ଚିମ ଓଡ଼ିଶାର ଏହି ପ୍ରମୁଖ ପର୍ଯ୍ୟଟନସ୍ଥଳକୁ ସବୁଜିମାରେ ପରିପୂର୍ଣ୍ଣ କରାଯିବ। ଏ ନେଇ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶ୍ରଦ୍ଧାଳୁ, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଏ ନେଇ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ସବୁଜ ସହର ରାଉରଲେକେଲା ଭଳି ହନୁମାନ ବାଟିକା ଯେପରି ସୁନ୍ଦର ବୃକ୍ଷରାଜିରେ ହସିଉଠିବ ସେ ନେଇ ପ୍ରୟାସ ଜାରି ରହିଥିବା ରାଉତରାୟ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆଇନଜିବୀ ରମେଶ ବଳ, ମନୋରଞ୍ଜନ ଦାସ, ଅବିନାଶ ଜେନା, ଅକ୍ଷୟ ପରିଡ଼ା, ସ୍ମିତା ନାୟକ, ବ୍ୟାସଦେବ ନାଥ, ବିଜୟ ବରାଳ, ରଞ୍ଜନ ପରିଡ଼ା, ଲକ୍ଷ୍ମଣ ତ୍ରିପାଠୀ, ରାଜୀବ ଧଳ, ସୁଧୀର ଜେନା, ବରୁଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

### ଭାରତୀୟ ବିଦ୍ୟାଭବନ ପକ୍ଷରୁ ପ୍ରତିଯୋଗିତା

ରାଉରକେଲା ଅଫିସ,୪।୮

ସେକ୍ଟର-୫ସ୍ଥିତ ଚିଦାନନ୍ଦମ ଗୁରୁକୃପା ଭବନରେ ଭାରତୀୟ ବିଦ୍ୟାଭବନ ପକ୍ଷରୁ ଜାତିର ଜନକ ମାହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଓ ସ୍ୱାମୀ ପ୍ରେମାନନ୍ଦଜୀ ମହାରାଜଙ୍କ ୧୦୦ତମ ଜୟନ୍ତୀ ପାଳନ ଅବସରରେ ରବିବାର ସକାଳ ୮ଟାରୁ ଅପରାହ୍ଣ ସାଢ଼େ ୧ଟା ପର୍ଯ୍ୟନ୍ତ ବକ୍ତୃତା ଓ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ରଉରକେଲା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ୨୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅରବିନ୍ଦ ପଣ୍ଡା ଓ ଶ୍ରୀଧର ବିନ୍ଧାଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପାନପୋଷ-ହନୁମାନ ବାଟିକା ରାସ୍ତା ଶୋଚନୀୟ

ରାଉରକେଲା ଅଫିସ,୪।୮

ପାନପୋଷ-ହନୁମାନ ବାଟିକା ରାସ୍ତା ରାଉରକେଲା ସହରର ଅନ୍ୟତମ ପ୍ରବେଶପଥ ଭାବେ ବିବେଚିତ। ଏହି ରାସ୍ତା ଦେଇ ଯାତ୍ରୀମାନେ ବସ୍‌ଷ୍ଟାଣ୍ଡ, ଆର୍‌ଏସ୍‌ପି, ତଥା ରେଲୱେ ଷ୍ଟେଶନକୁ ଯିବାଆସିବା କରନ୍ତି। ଏହାସହ ହନୁମାନ ବାଟିକାରେ ଥିବା ହନୁମାନଙ୍କ ସୁଉଚ୍ଚ ପ୍ରତିମା ଦେଖିବାକୁ ହଜାର ହଜାର ପର୍ଯ୍ୟଟକ ପ୍ରତ୍ୟେକ ଦିନ ଏହି ରାସ୍ତାରେ ଆସିଥାନ୍ତି। ବର୍ତ୍ତମାନ ପାନପୋଷ ଛକରୁ-ହନୁମାନ ବାଟିକା ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାଟି ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ସାମାନ୍ୟ ବର୍ଷା ହେଲେ ରାସ୍ତା ପୋଖରୀ ସଦୃଶ ଦେଖାଯାଉଛି। ଏପରି କି ରାସ୍ତାର ଉଭୟ ପାର୍ଶ୍ୱରେ ବୁଲା ଗୋରୁ ଶୋଇ ରହୁଛନ୍ତି। ଏପରିସ୍ଥଳେ ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ ଲୋକେ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖୀନ ମଧ ହେଉଛନ୍ତି। ଏ ନେଇ ଲୋକେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଏପରି କି ରାଉରକେଲା ମହାନଗର ନିଗମ କର୍ତ୍ତୃପକ୍ଷ ମଧ ରାସ୍ତା ମରାମତି ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି।

## ■ ରାଉରକେଲା ମହାନଗର ନିଗମ ନିର୍ବାଚନ

# କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ଜର୍ଜ: ବିଜେଡି

ରାଉରକେଲା ଅଫିସ,୪।୮



ଜିଲା ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃମଣ୍ଡଳୀ।

କିଛିଦିନ ହେବ ପୂର୍ବତନ ବୀରମିତ୍ରପୁରର ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କୀ ରାଉରକେଲା ମହାନଗର ନିର୍ବାଚନ ନେଇ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଏହା କେବଳ ଲୋକଙ୍କୁ ବିଭ୍ରାନ୍ତ ପାଇଁ। ତାଙ୍କର ଏଭଳି ଉଦ୍ୟମକୁ ହାସ୍ୟାସ୍ପଦ ବୋଲି କହିଛନ୍ତି ସୁନ୍ଦରଗଡ଼ ଜିଲା ବିଜେଡି ସଭାପତି ମଙ୍ଗଳା କିଷାନ। ପାନପୋଷ ସର୍କିଟ ହାଉସରେ ରବିବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କିଷାନ କହିଥିଲେ, ଏହା ଜର୍ଜଙ୍କ ଦୋମୁହାଁ ନୀତିର ପରିଚୟ। ଯେଉଁ ଜର୍ଜ ଦିନେ ମହାନଗର ନିଗମ ନିର୍ବାଚନ କରାଇ ନ ଦେବାକୁ ଆନ୍ଦୋଳନ କରୁଥିଲେ ସେ କିଭଳି ନିର୍ବଚନ ଦାବି କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁବେଳେ ସରକାରଙ୍କ ବିକାଶକୁ ବିରୋଧ କରୁଥିବା ଜର୍ଜ କଂଗ୍ରେସରେ ଯୋଗଦେବା ପରେ ତାଙ୍କ ସ୍ୱର ପରିବର୍ତ୍ତନ କରିଛନ୍ତି। ଏହା କେବଳ ନିଜ ସ୍ଥିତି ବଞ୍ଚାଇବାକୁ ଉଦ୍ଦିଷ୍ଟ ବୋଲି ଜର୍ଜଙ୍କୁ ଆକ୍ଷେପ କରିଛନ୍ତି କିଷାନ। ଜର୍ଜ କେବେ ଜିଲାର ବିକାଶ ଚାହିଁନାହାନ୍ତି। ତାଙ୍କ ନିଜ ସ୍ୱାର୍ଥ ପାଇଁ ସର୍ବଦା ସେ ବିକାଶକୁ ବିରୋଧ କରି ଆସିଛନ୍ତି। ଏହା ହୋଇ ନ ଥିଲେ ସେ କେବେ ନିଜ ସମର୍ଥକଙ୍କୁ ଲଗାଇ ମହାନଗର ନିର୍ବାଚନକୁ ବନ୍ଦ କରି ନ ଥାନ୍ତେ। ହାଇକୋର୍ଟରେ ମାମଲା ରୁଜୁ କରି ମହାନଗର ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥିବା ଜର୍ଜ କାହିଁକି ମାମଲା ଉଠାଉନାହାନ୍ତି ବୋଲି କିଷାନ ପ୍ରଶ୍ନ କରିଥିଲେ। ସରକାର ହାଇକୋର୍ଟରେ ଏହାର ଜବାବ ରଖି ସାରିଛନ୍ତି। ବିଚାର ପ୍ରକ୍ରିୟା ଶେଷ ହେଲେ ନିର୍ବାଚନ ହେବ ବୋଲି ବିଜେଡି ନେତା ଯୁକ୍ତି ବାଢ଼ିଥିଲେ। ତେବେ ଏହା କେବେ ସୁଦ୍ଧା ଶେଷ ହେବ ସେ ନେଇ ନିର୍ଦ୍ଦିଷ୍ଟ ଉତ୍ତର ରଖିବାକୁ ବିଜେଡି ନେତା ସମର୍ଥ ହୋଇ ନ ଥିଲେ। ମହାନଗର ପ୍ରତି ଜର୍ଜଙ୍କ ଆନ୍ତରିକତା ଥିଲେ ସେ ପ୍ରଥମେ ମାମଲା ପ୍ରତ୍ୟାହାର କରନ୍ତୁ। ଏହା ନ କରି ସରକାରଙ୍କୁ ଦାୟୀ କରିବା ହାସ୍ୟସ୍ପଦ। ଅତୀତରେ ଜର୍ଜ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠାକୁ ବିରୋଧ କରିଥିଲେ। ଫଳରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରିଲାନି। ବୈଜ୍ଞାନିକ ପ୍ରଣାଳୀରେ ଯେଉଁ କୃଷି ଶିକ୍ଷା ପ୍ରଦାନ କରାଯାଇଥାନ୍ତା ତାହା ବାଧାପ୍ରାପ୍ତ ହେଲା। ବିଭିନ୍ନ ଆଳରେ ଜର୍ଜ ବ୍ରାହ୍ମଣୀ ଦ୍ୱୀତୀୟ ସେତୁକୁ ବିରୋଧ କରି ନିରାଶ ହୋଇଛନ୍ତି। କେବଳ ବିରୋଧକୁ ଆୟୁଧ କରି ନିଜ ରାଜନୈତିକ ସ୍ଥିତି ବଞ୍ଚାଇ ରଖିଥିବା ଜର୍ଜଙ୍କ ବାସ୍ତବ ଆଭିମୁଖ୍ୟ କାହାକୁ ଅଛପା ନୁହେଁ ବୋଲି ଏଥିରେ କୁହାଯାଇଥିଲା। ଜର୍ଜ ଆଦୌ ଜିଲାବାସୀଙ୍କ ଉନ୍ନତି ଚାହୁଁନାହାନ୍ତି। ସରକାର ତାଙ୍କ ଉଦ୍ଦେଶ୍ୟ ବୁଝିବା ପରେ ଜିଲାବାସୀଙ୍କ ସମାଗ୍ରିକ ବିକାଶ ଦିଗରେ ଦୃଢ଼ ପଦକ୍ଷେପ ନେଉଛନ୍ତି ବୋଲି କିଷାନ ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି କର୍ମକର୍ତ୍ତା ଜିତୁ ଦାସ, ଆଇନଜୀବୀ ସୁଦାମ ଦାସ, ବରିଷ୍ଠ ନେତା ରାମ ପଣ୍ଡା, ଅମରେଶ ପଣ୍ଡା, ରାଉରକେଲା ବିଜେଡି ନଗର ସଭାନେତ୍ରୀ ରଶ୍ମିବାଳା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏ ନେଇ ଜର୍ଜ ତିର୍କୀଙ୍କୁ ପଚରାଯିବାରୁ ସେ କହିଲେ, ବାୟସାଧିକ୍ୟ କାରଣରୁ ମଙ୍ଗଳା ବାବୁଙ୍କ ସ୍ମରଣ ଶକ୍ତି ହ୍ରାସ ପାଇଛି। ସେ କେତେବେଳେ କ'ଣ କହୁଛନ୍ତି ବୁଝିପାରୁ ନାହାନ୍ତି। ରାଜ୍ୟ ସରକାର ହାଇକୋର୍ଟ ମାମଲାର ମୁକାବିଲା ନ କରି ଅଯଥାଗୁଡ଼ିଏ ଗପ କହିବା ଲୋକଙ୍କୁ ବିଭ୍ରାନ୍ତ ପାଇଁ ଉଦ୍ଦିଷ୍ଟ। ଦକ୍ଷିଣ ରାଉରକେଲାର ୨୦ ବସ୍ତି ବାସିନ୍ଦା ସ୍ୱାୟତ୍ତ ଶାସନରୁ ବଞ୍ଚିତ ରହିଥିବା ବେଳେ ସରକାର ଏମାନଙ୍କ କଥା କାହିଁକି ଶୁଣୁନାହାନ୍ତି ବୋଲି ଜର୍ଜ ଓଲଟା ପ୍ରଶ୍ନ କରିଛନ୍ତି।

## ଏସ୍‌ୟୁସିଆଇ(ସି) ପ୍ରତିଷ୍ଠାତାଙ୍କ ୪୩ତମ ସ୍ମୃତିସଭା

ରାଉରକେଲା ଅଫିସ,୪।୮

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପ୍ରତିଷ୍ଠାତା ତଥା ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ୍ ଶିବଦାସ ଘୋଷଙ୍କ ୪୩ତମ ସ୍ମୃତିସଭା ରାଉରକେଲା ସିଭିଲ ଟାଉନଶିପ ଆଞ୍ଚଳିକ କମିଟି ପକ୍ଷରୁ ରବିବାର ଡେଲି ମାର୍କେଟସ୍ଥିତ ୱାର୍କର୍ସ ଏବଂ ପିଜାଣ୍ଟସ ହାଉସରେ ଅନୁଷ୍ଠିତ ହୋଇଛି। ଆଞ୍ଚଳିକ କମିଟି ସମ୍ପାଦକ ବିଷ୍ଣୁ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପାର୍ଟିର ରାଜ୍ୟ କମିଟି ସଦସ୍ୟ ଅଜୟ ମହାନ୍ତି, ଜିଲା ସମ୍ପାଦକ ଅଜିତ ନାୟକ, ବରିଷ୍ଠ ନେତା ସତ୍ୟପ୍ରିୟ ମହାନ୍ତି, ଗିରିଜାନନ୍ଦନ ତ୍ରିପାଠୀ, କହ୍ନେଇ ମହନ୍ତ ଓ ମୁକୁନ୍ଦ ନାୟକ ପ୍ରମୁଖ ଯୋଗଦେଇ ଶିବଦାସ ଘୋଷଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଅତିଥି କହିଥିଲେ, ଶିବଦାସ ଘୋଷ ଦେଶର ଅଗଣିତ ଜନତାଙ୍କ ହକ୍ ପାଇଁ ସର୍ବଦା ଚିନ୍ତା କରି ଆସୁଥିଲେ। ତାଙ୍କ ନିରଳସ ଆନ୍ଦୋଳନ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)କୁ ଜନ୍ମ ଦେଇଥିଲା। ମାତ୍ର ୧୩ବର୍ଷ ବୟସରେ ସେ ଭାରତର ସ୍ୱାଧୀନତା ଆନ୍ଦୋଳରେ ଝାସ ଦେଇଥିଲେ। ମାର୍କ୍ସବାଦର ବାସ୍ତବ ଅର୍ଥ ସେ ଜନଗଣଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ସମର୍ଥ ହୋଇଥିଲେ। ଦେଶର ୯୦ ପ୍ରତିଶତ ଅବହେଳିତ ଜନତାଙ୍କ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରକୃତ ସ୍ୱାଧୀନତା ତଥା ମୁକ୍ତି ଆନ୍ଦୋଳନକୁ ବୁଝିଥିବା ଶିବଦାସ ପରବର୍ତ୍ତୀ ସମୟରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ। ଦେଶର ଶ୍ରମିକ ଶ୍ରେଣୀ ଓ ଶୋଷିତ ବର୍ଗଙ୍କ ମୁକ୍ତି ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଆଞ୍ଚଳିକ କମିଟି ସଦସ୍ୟ ବକେଶ୍ୱର ମହନ୍ତ, କ୍ଷେତ୍ରବାସୀ ସେଠୀ ଓ ଲିଲି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୧୯ ଲକ୍ଷ ଟଙ୍କା ଠକେଇ ଅଭିଯୋଗ

ରାଉରକେଲା ଅଫିସ,୪।୮

ସେକ୍ଟର-୧୯ ଇସ୍ପାତ ମାର୍କେଟ ବ୍ୟବସାୟୀଙ୍କଠାରୁ ୧୯ଲକ୍ଷ ଟଙ୍କା ଠକେଇ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ତେବେ ପୋଲିସ ଏ ନେଇ ମାମଲା ରୁଜୁ କରି ନ ଥିବା କହିଛି। ଅଭିଯୋଗ ଅନୁଯାୟୀ, ରାଉରକେଲା ସହରର ଜଣେ ଯୁବକ ମାଇକ୍ରୋ ଫାଇନାନ୍ସ ଓ ପୋଷ୍ଟାଲ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ସେ ଇସ୍ପାତ ମାର୍କେଟର ୮ରୁ ୧୦ ଜଣ ବ୍ୟବସାୟୀଙ୍କୁ ଅଧିକ ସୁଧ ଲୋଭ ଦେଖାଇ ପ୍ରାୟ ୧୯ଲକ୍ଷ ଟଙ୍କା ଜମା ନେଇଥିଲେ। ତେବେ ଦୀର୍ଘବର୍ଷ ବିତିଯାଇଥିଲେ ଯୁବକ ଜଣକ ବ୍ୟବସାୟୀଙ୍କୁ ଟଙ୍କା ଫେରସ୍ତ କରି ନ ଥିଲେ। ବ୍ୟବସାୟୀମାନେ ବାରମ୍ବାର ଟଙ୍କା ମାଗିବାରୁ ଯୁବକ ଜଣକ ଚତୁରତାର ସହ ସହର ଛାଡ଼ି ଫେରାର ହୋଇଯାଇଛନ୍ତି। ଏ ନେଇ ବ୍ୟବସାୟୀମାନେ ଶନିବାର ସନ୍ଧ୍ୟାରେ ସେକ୍ଟର-୧୯ ଥାନାରେ ଅଭିଯୋଗ କରିଥିଲେ। ତେବେ ବ୍ୟବସାୟୀମାନେ ସେକ୍ଟର-୫ରେ ରହୁଥିବାରୁ ସେକ୍ଟର-୭ ଥାନାରେ ଅଭିଯୋଗ କରିବାକୁ ସେମାନଙ୍କୁ ସେକ୍ଟର-୧୯ ଥାନା ପୋଲିସ ପରାମର୍ଶ ଦେଇଥିବା କହିଛନ୍ତି। ଅନ୍ୟପକ୍ଷରେ ସେକ୍ଟର-୧୯ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଥାନାଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି। ଏ ନେଇ ସେକ୍ଟର-୭ ଥାନାଧିକାରୀ ଗୁରୁବାରୀ ହେମ୍ବ୍ରମଙ୍କୁ ପଚାରିବାରୁ ଏପରି କୌଣସି ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି। ଜଣେ ବ୍ୟକ୍ତି ସହରର ଗୋଟିଏ ମାର୍କେଟରୁ ୧୯ ଲକ୍ଷ ଟଙ୍କା ଠକି ନେଇଥିବାବେଳେ ଅନ୍ୟ ମାର୍କେଟରୁ ମଧ ସେ ଏପରି କରିଥିବା ନେଇ ସନ୍ଦେହ କରାଯାଉଛି। ରାଉରକେଲା ପୋଲିସ ଏପରି ସମ୍ବେଦନଶୀଳ ଘଟଣାର ତଦନ୍ତ କରିବା ପରିବର୍ତ୍ତେ ମାମଲା ରୁଜୁ ହୋଇ ନ ଥିବା କହି ହାଲୁକା ଭାବେ ଗ୍ରହଣ କରିବା ଘଟଣା ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ କରିଛି।

## ଟ୍ରାନ୍ସଫର୍ମର ସ୍ଥାନାନ୍ତର ନେଇ ଖୁସି ନୁହନ୍ତି ଅଞ୍ଚଳବାସୀ

ରାଉରକେଲା ଅଫିସ,୪।୮



ଆମ୍ବେଡକର ଛକ ନିକଟରୁ ଟିଚର୍ସ କଲୋନୀକୁ ସ୍ଥାନାନ୍ତରିତ ଟ୍ରାନ୍ସଫର୍ମର।

ରାସ୍ତା ସମ୍ପ୍ରସାରଣରେ ବାଧା ସୃଷ୍ଟି କରୁଥିବା ଟ୍ରାନ୍ସଫର୍ମର ସ୍ଥାନାନ୍ତର ହେଲା। ଏହା ସତ୍ତ୍ୱେ ସ୍ଥାନୀୟ ବାସିନ୍ଦା ସନ୍ତୁଷ୍ଟ ହେଲେନି। ଏବେ କୁହାଯାଉଛି, ଏହା ଠିକ୍ ସ୍ଥାନରେ ଅବସ୍ଥାପିତ କରାଯାଇନି। ଯେଉଁଠାରେ ଟ୍ରାନ୍ସଫର୍ମର ସ୍ଥାପନ କରାଗଲା ସେଠି ବୁଲା ଗୋରୁଙ୍କ ଅବାଧ ବିଚରଣ ରହିଛି। ହୁଏତ ଏହା ଭବିଷ୍ୟତରେ ବିପଦ ସୃଷ୍ଟି କରିପାରେ। ଏଣୁ ଏ ଦିଗରେ କର୍ତ୍ତୃପକ୍ଷ ପୁନର୍ବିଚାର କରନ୍ତୁ। ଏମିତି ଅବସ୍ଥା ସୃଷ୍ଟି ହୋଇଛି ଉଦିନନଗର ଅମ୍ବେଡକର ଛକ ରିଂ ରୋଡ୍ ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ରାସ୍ତା ମଝି ଟ୍ରାନ୍ସଫର୍ମରକୁ ନେଇ। ରାସ୍ତା ନିର୍ମାଣ କାଳରେ ବାଧକ ସାଜିଥିବା ଏହି ଟ୍ରାନ୍ସଫର୍ମରଟିକୁ ପାଖ ଟିଚର୍ସ କଲୋନୀ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଥିଲା। ଫଳରେ ରାସ୍ତା ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେଲା। ଏହା ପରେ ଅଭିଯୋଗ ହୋଇଛି ଯେ ଟ୍ରାନ୍ସଫର୍ମରକୁ ଉଚିତ ସ୍ଥାନରେ ବସାଯାଇନି। ଏହା ଭବିଷ୍ୟତରେ ବୁଲା ଗାଈ ମଇଁଷିଙ୍କ ପାଇଁ ବିପଦ ସୃଷ୍ଟି କରିବ। ଏଣୁ ଏହାକୁ ହଟାଯାଉ। ଯାହାକୁ ନେଇ ବିବାଦ ଲାଗି ରହିଛି। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ କଲୋନୀ ବାସିନ୍ଦା ଦାବି କରିଛନ୍ତି।

## ଅସରାଏ ବର୍ଷାରେ ପରିବା ମାର୍କେଟ ଅବସ୍ଥା ବେହାଲ

ରାଉରକେଲା ଅଫିସ,୪।୮



ପରିବା ମାର୍କେଟ ଭିତରେ ଛୁଟିଛି ପାଣି ସୁଅ।

ଅସରାଏ ବର୍ଷାରେ ବ୍ୟସ୍ତବହୁଳ ଟ୍ରାଫିକ ଗେଟ୍ ପରିବା ମାର୍କେଟ ଅବସ୍ଥା ସଙ୍ଗିନ ହୋଇପଡୁଛି। ପାଣି ଓ କାଦୁଅ ପଚପଚ ଅବସ୍ଥରେ ଗ୍ରାହକ କାରବାର କରିବାକୁ ବାଧ ହେଉଛନ୍ତି। ପରିବା ବଜାର ଭିତରେ ଅନବରତ ପାଣି ଚାଲୁଛି। ଏହାର ନିଷ୍କାସନ ନେଇ ବ୍ୟବସ୍ଥା ନାହିଁ। ଏହି ବଜାରରେ ୨ ଶହରୁ ଅଧିକ ଉଠାଦୋକାନ ରହିଛି। ଅନେକ ପାଲ ଟାଣି ବ୍ୟବସାୟ କରୁଛନ୍ତି। ଏମାନଙ୍କ ପାଇଁ ସ୍ଥାୟୀ ବ୍ୟବସ୍ଥା ନାହିଁ। ଗତ ସପ୍ତାହ ପୂର୍ବରୁ ରିଂ ରୋଡ୍ ପର୍ଶ୍ୱରେ ବସି କାରବାର କରୁଥିବା ବ୍ୟବସାୟୀଙ୍କ ବେପାର ବନ୍ଦ କରି ଦିଆଯାଇଛି। ଲୁହା ବ୍ୟାରିକେଡ୍ ପଛରେ ସ୍ଥାନୀୟ ଅଞ୍ଚଳର ଆଦିବାସୀ ମହିଳା ଦାନ୍ତକାଠି, ଛତୁ, ଶାଳ ପତ୍ର ଆଦି କାରବାର କରି ଗୁଜରାଣ ମେଣ୍ଟାଉଥିଲେ। ଏବେ ଏଠାରେ ସିମେଣ୍ଟ ପାଚେରି ନିର୍ମାଣ କରାଯାଇଛି। ଯେଉଁ କାରଣରୁ ସମ୍ପୃକ୍ତ ମହିଳାଙ୍କୁ ବସିବାକୁ ସ୍ଥାନ ମିଳୁନି। ପାଚେରି ଭିତରେ ପାର୍କ ବ୍ୟବସ୍ଥା କରାଯାଇଛି। ସୀମିତ ସ୍ଥାନରେ ଚାରିଚକିଆ ଯାନଠୁ ନେଇ ଦୁଇଚକିଆ ପର୍ଯ୍ୟନ୍ତ ଖୁନ୍ଦାଖୁନ୍ଦି ଭିଡ଼। ଏପରି ଅବସ୍ଥାରେ ପଥପାର୍ଶ୍ୱ ବିକ୍ରେତାଙ୍କୁ ସ୍ଥାନ ମିଳୁନି। ଟ୍ରାଫିକ ବଜାର ସୀମିତ ସ୍ଥାନରେ ଅନେକ ମହିଳା ପରିବା ବିକ୍ରେତା ରହିଥିବା ବେଳେ ଏମାନଙ୍କ ପାଇଁ ସର୍ବନିମ୍ନ ସୁବିଧା ଉପଲବ୍ଧ ହୋଇପାରୁନି। ବଜାର ଅଞ୍ଚଳରେ ପରିଶ୍ରାଗାରଟିଏ ପାଇଁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ମାର୍କେଟର ଉଭୟ ପ୍ରବେଶପଥ ଅତ୍ୟନ୍ତ ସଙ୍କୁଚିତ। ଏହି ରାସ୍ତା ଦେଇ ଯାତାୟାତ କରିବା କଷ୍ଟକର ବ୍ୟାପାର ପାଲଟିଛି। ଦିନକୁଦିନ ବଜାରରେ ବ୍ୟବସାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କିନ୍ତୁ ଏମାନଙ୍କ ସ୍ଥାୟୀ ଥଇଥାନ ନେଇ କର୍ତ୍ତୃପକ୍ଷଙ୍କ ନଜର ନାହିଁ। ଯେଉଁ କାରଣରୁ ଚାଷୀ ଓ ପରିବା ବିକ୍ରେତା ନିଜ ଉତ୍ପାଦିତ ଦ୍ରବ୍ୟ କାରବାର କରିବା ସୁଯୋଗରୁ ବଞ୍ଚିତ ରହୁଛନ୍ତି। ଅଧିକାଂଶ କ୍ଷେତ୍ରରେ ଅଭାବୀ ବିକ୍ରି ଏମାନଙ୍କ ଉପରେ ଦାଉ ସାଧୁଛି। ବଜାରର ଆଧୁନିକୀକରଣ କିମ୍ବା ସମ୍ପ୍ରସାରଣ ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ଟ୍ରାଫିକ ମାର୍କେଟ ପରିସ୍ଥିତି ଅଣାୟତ୍ତ ହେବା ଅସମ୍ଭବ ନୁହେଁ ବୋଲି ମତ ପ୍ରକାଶ ପାଇଛି।

## ଓଡ଼ିଶା ଲେଖିକା ସଂସଦର ବର୍ଷାକାଳୀନ ଆସର

ରାଉରକେଲା ଅଫିସ,୪।୮




ଓଡ଼ିଶା ଲେଖିକା ସଂସଦ ପକ୍ଷରୁ ଆୟୋଜିତ ସାହିତ୍ୟ ଆସରରେ ଉପସ୍ଥିତ ଅତିଥି।

ଓଡ଼ିଶା ଲେଖିକା ସଂସଦ ସୁନ୍ଦରଗଡ଼ ରାଉରକେଲା ଶାଖା ପକ୍ଷରୁ ବର୍ଷାକାଳୀନ ସାହିତ୍ୟ ଆସର ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ସତ୍ୟର ଅନୁସନ୍ଧାନରେ ମଣିଷ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମ୍ୟୁଜିକ ସର୍କଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସଦ ସଭାନେତ୍ରୀ ଅଳକା ଚାନ୍ଦ ଅଧକ୍ଷତା କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଥମ ପର୍ଯ୍ୟାୟ ଆଲୋଚନାରେ ମୁଖ୍ୟଅତିଥି ରୂପେ ଡାକ୍ତର ବିଶ୍ୱଜିତ ମହାପାତ୍ର ଓ ମୁଖ୍ୟବକ୍ତା ରୂପେ ହୃଷୀକେଶ ରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଭବେଶ ସାହୁ ଯୋଗଦେଇଥିଲେ। ମନୋଭାବରେ ପରିବର୍ତ୍ତନ କଲେ ଆମେ ନିଜେ ସମ୍ପନ୍ନ କରୁଥିବା କାର୍ଯ୍ୟଟିକୁ ଭଲ ପାଇପାରିବା ବୋଲି ମୁଖ୍ୟ ଅତିଥି ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ। ସମସ୍ତେ ନିରାମୟ ରହିଲେ ସମାଜରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହୋଇପାରିବ। ଏ ଦିଗରେ ଯତ୍ନବାନ ହେବା ଆବଶ୍ୟକ ବୋଲି ମହାପାତ୍ର କହିଥିଲେ। ମୁଖ୍ୟବକ୍ତା ସାହୁ କହିଥିଲେ, ସମାଜରେ ଦୁଇ ପ୍ରକାର ମଣିଷ ଅଛନ୍ତି। ପ୍ରଥମ ଯେଉଁମାନେ ସୁଖ ଖୋଜନ୍ତି ଓ ଦ୍ୱିତୀୟ ଯିଏ ସତ୍ୟ ସନ୍ଧାନରେ ରହିଥାଏ। ସୁଖ ଖୋଜୁଥିବା ମଣିଷଠାରୁ ସୁଖ ଦୂରେଇ ଯାଏ। ସତ୍ୟ ଖୋଜୁଥିବା ମଣିଷଟି ସୁଖ ପାଏ। ନିଜ କର୍ମ, ଚିନ୍ତା ଓ ବାଣୀ ମଧ୍ୟରେ ସମନ୍ୱୟ ରହିଲେ ହିଁ ସୁଖ ମିଳିଥାଏ। ଏହାବ୍ୟତୀତ ଅନ୍ୟ ଜଣଙ୍କ ଜୀବନକୁ ଆଲୋକିତ କିମ୍ବା ମହକିତ କଲେ ହିଁ ଆତ୍ମତୃପ୍ତି ମିଳିଥାଏ ବୋଲି ସାହୁ କହିଥିଲେ। ଅଧକ୍ଷା ଚାନ୍ଦ ନିଜ ସଭାପତୀୟ ଅଭିଭାଷଣରେ କହିଥିଲେ, ଆମେ ନିଜ ସାଂସ୍କୃତିକ ଭାବଧାରାଠାରୁ ଦୂରେଇ ଯାଉଥିବାରୁ ଅସୁଖୀ ହେଉଛୁ। ଏଣୁ ଆମ ଆଭିମୁଖ୍ୟରେ ପରିବର୍ତ୍ତନ ଆସିବା ନିହାତି ଆବଶ୍ୟକ ବୋଲି ଚାନ୍ଦ କହିଥିଲେ। କାର୍ଯ୍ୟକ୍ରମକୁ ଡା. କିଶୋରୀ ଦାସ ସଂଯୋଜନା କରିଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ପ୍ରଧାପିକା ତପସ୍ୱିନୀ ବହିଦାର। ଦ୍ୱିତୀୟ ଅଧିବେଶନ କବିତା ପାଠ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଜୟିନୀ ବହିଦାର। ଏଥିରେ ହରିହର ଶତପଥୀ, ଶୈଳବାଳା ଷଡ଼ଙ୍ଗୀ, ସୁସ୍ମିତା ମହାପାତ୍ର, ମୀନକେତନ ପଶାୟତ, କୁଞ୍ଜବିହାରୀ ରାଉତ, କିଶୋରୀମୋହନ କର, ବିଜୟ ସେନାପତି, ଡା. କୃପାସିନ୍ଧୁ ନାୟକ, ଉର୍ମିଳା ମିଶ୍ର, କିଶୋରୀ ଦାସ, ସ୍ୱରୂପ ମହାପାତ୍ର, ବଳରାମ ରାଉଳ, ଡଲିରାଣୀ ବ୍ରହ୍ମା, ହରମୋହନ ମିଶ୍ର, ତ୍ରିନାଥ ସିଂ, ତ୍ରିଲୋଚନ ସ୍ୱାଇଁ, ଅବନୀନ୍ଦ୍ର ଓଝା, ସ୍ନେହଲତା ନାୟକ ଓ ଜ୍ୟୋସ୍ନା ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

## ରାସ୍ତା ଅବରୋଧ ନେଇ ଅସନ୍ତୋଷ

ରାଉରକେଲା ଅଫିସ,୪।୮

ଝିରପାଣି ଥାନା ଅନ୍ତର୍ଗତ ଜଗଦା ଅଞ୍ଚଳରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ସାଧାରଣ ଯାତାୟାତ ନିମନ୍ତେ ଉଦ୍ଦିଷ୍ଟ ରାସ୍ତା ଅବରୋଧ କରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ଦେଇ ଦୀର୍ଘ ଦିନରୁ ଯାତାୟାତ ସୁବିଧା ରହିଥିଲା। ହଠାତ୍ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଜବରଦଖଲ ଯୋଗୁ ଲୋକେ ସୁରୁଖୁରୁରେ ଯାତାୟାତ କରିପାରୁନାହାନ୍ତି। ଏହି ରାସ୍ତା ଦେଇ ବଦ୍ୟାଳୟକୁ ଯାତାୟାତ କରୁଥିବା ଛାତ୍ରୀଛାତ୍ର ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏ ଦିଗରେ ମହାନଗର ନିଗମ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଜଗଦା ଅଞ୍ଚଳରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଦ୍ୱାରା ରାସ୍ତା ଅବରୋଧ।

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୫ ଅଗଷ୍ଟ, ୨୦୧୯



ଦୁର୍ବଳମନା ଓ ଅସ୍ଥିରଚିତ୍ତ ବ୍ୟକ୍ତିମାନେ କୌଣସି କାର୍ଯ୍ୟକୁ ଠିକ୍‌ଭାବେ ଗ୍ରହଣ କରିପାରନ୍ତି ନାହିଁ।
-କୌଟିଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ସାହାଜବାହାଲ, ଏକମାରେ ଭିନ୍ନକ୍ଷମ ସାମର୍ଥ ଶିବିର

ବଡଗାଁ, ୪।୮ (ଡି.ଏନ.ଏ)
ବଡଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ନୋଡାଲ ୟୁପି ସ୍କୁଲରେ ପାମରା, ବରଙ୍ଗାକଛାର, ସାହାଜବାହାଲ ଓ ଏକମା ହାଇସ୍କୁଲରେ ଟିମନା, ବାମଡେରା, ରୂନଗାଁ, ଏକମା ପଞ୍ଚାୟତର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ପ୍ରଶାସନ ପକ୍ଷରୁ ଆୟୋଜିତ ଉକ୍ତ ଶିବିରରେ ମୋଟ ୨୨୪ ଜଣ ଭିନ୍ନକ୍ଷମଙ୍କୁ ବସ ପାସ, ଭିନ୍ନକ୍ଷମ ପ୍ରମାଣପତ୍ର, ଭତ୍ତା ସମ୍ପର୍କିତ ଆବେଦନ ପତ୍ର ଗ୍ରହଣ ଆଦି ସରକାରୀ ସୁବିଧା ଏକକାଳୀନ କରାଯାଇଥିଲା । ଡା. ପ୍ରଫୁଲ୍ଲ ନାଏକ, ଦୀପକ ପ୍ରଧାନ, ଏସଏସ ସେଠୀ, ପି ମାଝୀ ଭିନ୍ନକ୍ଷମ ମାନଙ୍କ ଡାକ୍ତରୀ ପରୀକ୍ଷା କରିଥିଲେ । ଶିବିରକୁ ବଡଗାଁ ବିଡିଓ କ୍ଷମାନିଧି ଭୋଇ ଉଦ୍‌ଘାଟନ କରିଥିଲେ । ଉଭୟ ଶିବିରରେ ସ୍କୁଲର ସ୍କାଉଟ ଓ ରେଡକ୍ରସ ଛାତ୍ରୀଛାତ୍ର ଭିନ୍ନକ୍ଷମଙ୍କୁ ସେବା ପ୍ରଦାନ କରିଥିଲେ । ସାହାଜବାହାଲ ସରପଞ୍ଚ ବିକ୍ରମ ଟପ୍ପୋ, ରୂନଗାଁ ସରପଞ୍ଚ ରାଜିଶ ଏକ୍କା, ପାମରା ସରପଞ୍ଚ ଗଜେନ୍ଦ୍ର ବାଗ, ସାହାଜବାହାଲ ୱାର୍ଡ ମେମ୍ବର ରବୀନ୍ଦ୍ର ସାହୁ, ଗ୍ରାମର ଅଶୋକ ପଟେଲ, ଦୀପକ ସାହୁ, ରଜତ ପଟେଲ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଅଙ୍ଗନୱାଡି କର୍ମୀ, ଶିକ୍ଷୟିତ୍ରୀ, ଶିକ୍ଷକ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

## ନୂଆଗାଁ ବ୍ଲକ ପ୍ରଶାସନର ଲୋକ ପ୍ରତିନିଧିଙ୍କୁ ବି ଅଣଦେଖା

# ବ୍ଲକ ଉପାଧ୍ୟକ୍ଷାଙ୍କୁ ମିଳିନି ଅଫିସ ଗୃହ


ନୂଆଗାଁ ବ୍ଲକ କାର୍ଯ୍ୟାଳୟ।

- ଅଫିସ ନ ଥିବାରୁ ନିୟମିତ ବ୍ଲକ ଆସୁନାହାନ୍ତି
- ଶାସକ ଦଳର ପ୍ରତିନିଧିଙ୍କ ଏହି ଅବସ୍ଥା
- କେମିତି ଚାଲିଛି ଉପାନ୍ତ ଅଞ୍ଚଳର ବ୍ୟବସ୍ଥା

**ପ୍ରଦୀପ ତ୍ରିପାଠୀ**
**ନୂଆଗାଁ, ୪।୮ (ଡି.ଏନ.ଏ)**

ଶାସକ ଦଳର ନୂଆଗାଁ ବ୍ଲକ ଉପାଧ୍ୟକ୍ଷା ନିର୍ବାଚିତ ହେବାର ପ୍ରାୟ ଅଢ଼େଇ ବର୍ଷ ହୋଇଗଲା ହେଲେ ତାଙ୍କୁ ବ୍ଲକରେ ବସିବାକୁ କିମ୍ବା ତାଙ୍କ ଅଫିସ ଗୃହ ପାଇଁ ଘର ବ୍ଲକ ପ୍ରଶାସନ ଏ ପର୍ଯ୍ୟନ୍ତ ଦେଇ ପାରିନାହିଁ। ଯାହା ଦୁର୍ଭାଗ୍ୟ ବୋଲି କୁହନ୍ତି ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ଟୁଟୀ। ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ୨୦ଟି ପଞ୍ଚାୟତକୁ ନେଇ ଗଠିତ। ଏହି ବ୍ଲକରେ ଲୋକ ପ୍ରତିନିଧିଙ୍କ ସରଳତାର ସୁଯୋଗ ନେଇ ଭରପୁର ଫାଇଦା ଉଠାଉଛନ୍ତି ବ୍ଲକ ପ୍ରଶାସନ। ଶାସକ ଦଳର ସମିତି ଉପାଧ୍ୟକ୍ଷାଙ୍କୁ ଅଣଦେଖା କରି ବ୍ଲକ କାର୍ଯ୍ୟାଳୟ ପରିସରରେ ବସିବାକୁ ଖଣ୍ଡେ ଘର ଦିଆ ନ ଯିବା ଘଟଣାରୁ ଏହା ସ୍ପଷ୍ଟ ଅନୁମେୟ। ୨୦୧୭ ପଞ୍ଚାୟତ ନିର୍ବାଚନରେ ଅଙ୍କୁରପାଲି ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହେବାପରେ ବ୍ଲକରେ ଉପାଧ୍ୟକ୍ଷା ପଦବୀରେ ମଧ୍ୟ ନିର୍ବାଚିତ ହୋଇଥିଲେ ସାବିତ୍ରୀ ଟୁଟୀ। ତାଙ୍କ କହିବାନୁଯାୟୀ ସେ ବ୍ଲକର ବିଡିଓଙ୍କୁ ଏନେଇ ବାରମ୍ବାର କହିବା ସତ୍ତ୍ୱେ ବିଡିଓ ତାଙ୍କୁ କହିଥିଲେ ଘର ସଫା କରାଯାଉଛି ସଫା ହେଲେ ଘର ଦିଆଯିବ। ତେବେ ଆଜକୁ ଅଢ଼େଇ ବର୍ଷ ହେଲା ଘର ସଫା ହୋଇନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସେଥିପାଇଁ ସେ ବ୍ଲକକୁ ଅଧିକାଂଶ ସମୟ ଯାଆନ୍ତି ନାହିଁ ବୋଲି ଟୁଟୀ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ସେ ଜଣେ ଲୋକ ପ୍ରତିନିଧି ତଥା ବ୍ଲକର ଉପାଧ୍ୟକ୍ଷା। ଭିକାରୀ ଭଳି ବ୍ଲକରେ ଯାଇ ଠିଆ ହେବା ଅପେକ୍ଷା ବ୍ଲକକୁ ନ ଯିବା ଭଲ ବୋଲି କହିଛନ୍ତି। ଶାସକ ଦଳର ଲୋକ ପ୍ରତିନିଧି ତଥା ବ୍ଲକର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦବୀରେ ମଧ୍ୟ ଅଛନ୍ତି। ଏଭଳି ସ୍ଥିତିରେ ତାଙ୍କୁ ତାଙ୍କ ଅଫିସ ଗୃହ ପାଇଁ ଘର ନ ଦେବା ନିଶ୍ଚିତ ଭାବେ ବ୍ଲକ ପ୍ରଶାସନର ଲୋକ ପ୍ରତିନିଧିମାନଙ୍କ ପ୍ରତି ଅସମ୍ମାନ ବୋଲି କୁହାଯିବ। ଏନେଇ ନୂଆଗାଁ ବିଡିଓଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ହୋଇପାରି ନାହିଁ। ତେବେ ଏନେଇ ନୂଆଗାଁ ଗ୍ରାମ ପଞ୍ଚାୟତ ଅଧିକାରୀ ଦାୟୀତ୍ୱରେ ଥିବା ପ୍ରଶାନ୍ତ କୁମାର ସିହ୍ନାଙ୍କୁ ପଚାରିବାରେ ସେ କହିଲେ, ବୁଝିକି କହିବି ।

### ସେମାନେ ଯାହା କୁହନ୍ତି...

"ବ୍ଲକ ଉପାଧ୍ୟକ୍ଷା ପଦବୀ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦବୀ। ତେଣୁ ବ୍ଲକ ପ୍ରଶାସନ ନିଶ୍ଚିତ ଭାବରେ ସାବିତ୍ରୀ ଟୁଟୀଙ୍କୁ ଏକ ଅଫିସ ଘର ଯୋଗାଇ ଦେବା କଥା। ହେଲେ ଅଣଦେଖା କରାଯିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ।
**- ଶଙ୍କର ତିର୍କୀ, ପୂର୍ବତନ ସରପଞ୍ଚ, ଜାହାଡିଟୋଲି ଗ୍ରାମ ପଞ୍ଚାୟତ ।**

"ଶାସକ ଦଳ ହେଉ କିମ୍ବା ଅନ୍ୟ କୌଣସି ଦଳ। ସାବିତ୍ରୀ ଟୁଟୀ ଜଣେ ବ୍ଲକ ଉପାଧ୍ୟକ୍ଷା। ତେଣୁ ବ୍ଲକ ପ୍ରଶାସନ ତାଙ୍କୁ ନିଶ୍ଚିତ ଭାବେ ଅଫିସ ଘର ଦେବା ଉଚିତ। ଏ ଦିଗରେ ବ୍ଲକ ପ୍ରଶାସନ ଗୁରୁତ୍ୱ ଦେବା ଉଚିତ।
**- ଦିଗାମ୍ବର ଦାସ, ବିଜେଡି ସଭାପତି, ନୂଆଗାଁ ବ୍ଲକ ।**

"ବ୍ଲକ ଉପାଧ୍ୟକ୍ଷା ପଦବୀ ଗୋଟିଏ ସମ୍ମାନ ଜନକ ପଦବୀ। ତେଣୁ ତାଙ୍କ ପଦବୀକୁ ସମ୍ମାନ ଜଣାଇ ତାଙ୍କୁ ଅଫିସ ଗୃହ ଦେବା କଥା । ମୋ ଜାଣିବାରେ ତାଙ୍କୁ ଅଫିସ ଘର ଦେବାକୁ ଆଲୋଚନା ଚାଲିଥିଲା । ଏବେ କଣ ହେଲା ମୁଁ ଜାଣି ନାହିଁ ।
**- ବିନୋଦବିହାରୀ ଦେହୁରୀ, ସରପଞ୍ଚ, ହାତୀବାରୀ ।**

"ଦୁର୍ଭାଗ୍ୟର ବିଷୟ ଜଣେ ଶାସକ ଦଳର ନେତ୍ରୀ ସେ ପୁଣି ବ୍ଲକ ଉପାଧ୍ୟକ୍ଷା। ତାଙ୍କୁ ଅଢ଼େଇ ବର୍ଷ ହେଲା ଅଫିସ ଘର ଦିଆଯାଇ ନାହିଁ । ଜିଲାପାଳ ଏ ଦିଗରେ ଦୃଷ୍ଟି ଦେବା କଥା ।
**-ସୁଲେମାନ କାଉଡିଆ, ଯୁବ ନେତା, ନୂଆଗାଁ ବ୍ଲକ।**


ପାହାଡଟୋଲି ଗ୍ରାମରେ ହାତୀ ଘର ଭାଙ୍ଗି ଦେଇଛି।

### ଘର ଭାଙ୍ଗିଲା, ଫସଲ ଖାଇଲା ହାତୀ

**ବଡଗାଁ, ୪।୮ (ଡି.ଏନ.ଏ)**

ବଡଗାଁ ବନଖଣ୍ଡ ଅଧିନକୁ ମାସେ ହେଲା ଆସିଥିବା ହାତୀପଲ ମଧ୍ୟରୁ ଗୋଟିଏ ହାତୀ ଅଲଗା ହୋଇ କିଛି ଦିନ ହେଲା କୁସୁମଡେଗି ଫରେଷ୍ଟ ବିଟ୍ ଅଞ୍ଚଳରେ ଥିଲା । ଏହି ହାତୀ ଶନିବାର ରାତିରେ ଉପଦ୍ରବ କରିଛି। କୁସୁମଡେଗି ପାହାଡଟୋଲି ଗ୍ରାମର ବିନୁ ଟପ୍ପୋ ଓ ଜନ ଟପ୍ପୋଙ୍କ ଘର କାନ୍ଥକୁ ରାତି ପ୍ରାୟ ୧୧ଟାରେ ଭାଙ୍ଗି ଦେଇଛି। ଗ୍ରାମବାସୀ ଘଉଡାଇବାରୁ ହାତୀ ଗରଗଡବାହାଲ ଗାଁ ପଟକୁ ଚାଲି ଆସିଥିଲା । ରାତି ୩ଟାରେ ଗରଗଡବାହାଲ ଗ୍ରାମର ହରିହର ପୃଷେଟଙ୍କ ବାଡିରୁ ପନିପରିବା ଓ ଧନୁର୍ଯ୍ୟୟ ପୃଷେଟଙ୍କ ବାଡିରୁ ମକା ଖାଇଥିଲା। ଜାନକୀ ପୃଷେଟଙ୍କ ଜମିରେ ମାଡି ଦଳି ଧାନ ତଳି ନଷ୍ଟ କଲାପରେ ବଦନ ନାଏକଙ୍କ ବାଡିର ପାଚେରୀ ଭାଙ୍ଗି ଦେଇଥିଲା । ଏହାପରେ ହାତୀ ବୁଦୁନା ଗ୍ରାମ ଦେଇ ମହାବୀର ପର୍ବତକୁ ଚାଲିଯାଇଥିଲା ।

## ବର୍ଷା ଅଭାବରୁ ଚାଷକାର୍ଯ୍ୟ ବନ୍ଦ: ଚିନ୍ତାରେ ଚାଷୀ

**ରାଜଗାଙ୍ଗପୁର/ କୁତ୍ରା, ୪।୮ (ଡି.ଏନ.ଏ)**


କୁତ୍ରା ବ୍ଲକ ଅଞ୍ଚଳରେ ବର୍ଷା ଅଭାବରୁ ଜମି ଶୁଖିଲା ପଡ଼ିଛି।

ରାଜଗାଙ୍ଗପୁର ଓ କୁତ୍ରା ବ୍ଲକ ଅଞ୍ଚଳରେ ବର୍ଷା ହେଉ ନ ଥିବାରୁ ଚାଷକାର୍ଯ୍ୟ ବନ୍ଦ ହୋଇଯାଇଛି। ଫଳରେ ଚାଷୀମାନେ ଚିନ୍ତାରେ ଅଛନ୍ତି। ବର୍ଷା ଅଭାବରୁ ରୁଆ ଓ ବେଉଷଣ କାମ ହୋଇପାରୁ ନାହିଁ। ଏ ବର୍ଷ ବର୍ଷାର ମାତ୍ରା ଠିକ୍ ଥିବାରୁ ଚାଷ କାର୍ଯ୍ୟ ଠିକ୍‌ଠାକ ଚାଲିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଘୋଷଣା କରାଯିବା ପରେ କୁତ୍ରା ଓ ରାଜଗାଙ୍ଗପୁର ଅଞ୍ଚଳର ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ବର୍ଷାର ମାତ୍ରା କମ୍ ଥିଲେ ମଧ୍ୟ ଚାଷୀ ଧାନ ବୁଣାବୁଣି କରିବା ସାଙ୍ଗକୁ ତଳି ପକାଇ ରୁଆ ପାଇଁ ପ୍ରସ୍ତୁତ ହୋଇଥିଲେ । ପାଖାପାଖି ଏକ ମାସ ହେବ ବର୍ଷାର ଦେଖାନାହିଁ । ଅଞ୍ଚଳରେ ମେଘୁଆ ପାଗ ରହୁଛି। ମେଘୁଆ ପାଗ ଦେଖି ଚାଷୀ ମଧ୍ୟ ବର୍ଷା ହେବା ନେଇ ଆଶା ବାନ୍ଧିଛି। ହେଲେ ମେଘୁଆ ପାଗ ସାଙ୍ଗକୁ କେବେ କେମିତି ଝିପିଝିପି ବର୍ଷା ହେଉଥିବାରୁ ଚାଷ କାମ ଆଗେଇ ପାରୁନାହିଁ। ତଳି ଘାରିରେ ଧାନ ଗଛ ଗୁଡିକ ବୁଡା ହେବାରେ ଲାଗିଥିବା ବେଳେ କ୍ଷେତରେ ଧାନ ଗଛଗୁଡିକ ପାଣି ଅଭାବରୁ ହଳଦିଆ ଦେଖାଗଲାଣି। ବହୁ କଷ୍ଟରେ ଧାରକରଜ କରି ଚାଷ କାମ ଆରମ୍ଭ କରିଥିବା ଚାଷୀ ଚାପଗ୍ରସ୍ତ ରହୁଛନ୍ତି। ସରକାର ଏ ଅଞ୍ଚଳକୁ ମରୁଡି ଅଞ୍ଚଳ ଘୋଷଣା କରିବା ସାଙ୍ଗକୁ ଧାନ ଫସଲ ବୀମା ଅବଧିକୁ ବଢ଼ାଇବା ପାଇଁ ଚାଷୀ ଦାବି କରିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

**ବିଶ୍ରା, ୪।୮ (ଡି.ଏନ.ଏ)**

ବିଶ୍ରା ଥାନା ଅନ୍ତର୍ଗତ ଧାତୁକିଡିହି ଅଞ୍ଚଳର ଜନୈକା ନାବାଳିକା (୧୪)ଙ୍କୁ ଘରେ ଏକୁଟିଆ ଥିବାବେଳେ ବଳାତ୍କାର ଉଦ୍ୟମ କରାଯାଇଛି। ପୋଲିସ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଶୁକ୍ରବାର ସନ୍ଧ୍ୟାରେ ନାବାଳିକା ଏକୁଟିଆ ଥିଲେ। ଏହି ସମୟରେ ଉକ୍ତ ଗ୍ରାମର ଆଷାଢୁ ନାଏକ ଘରେ ପଶି ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକାଙ୍କ ମାଆ ଆସିବାରୁ ସେ ଦୌଡି ପଳାଇଥିଲେ। ଶନିବାର ସକାଳେ ବିଶ୍ରା ଥାନାରେ ନାବାଳିକା ନିଜ ମାଆ ସହିତ ଆସି ଅଭିଯୋଗ କରିଥିଲେ। ପୋଲିସ ବିଭିନ୍ନ ଦଫାରେ ଏକ ମାମଲା (ନଂ. ୭୩/୧୯) ରୁଜୁ କରିଛି।

## ପାଣି ପାଇପ୍ ଫାଟି ରାସ୍ତା ଅବସ୍ଥା ବେହାଲ

**ସୁନ୍ଦରଗଡ଼, ୪।୮ (ଡି.ଏନ୍.ଏ)**

ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ସୁନ୍ଦରଗଡ ସହର ବିଭିନ୍ନ ଗଳିକନ୍ଦିରେ ଜଳଯୋଗାଣ ପାଇଁ ନୂତନ ପାଇପ୍ ବିଛା କାର୍ଯ୍ୟ ଜୋରସୋରରେ ଚାଲିଛି। ହେଲେ ବିଭିନ୍ନ ୱାର୍ଡରେ ପାଇପ୍ ବିଛା କାର୍ଯ୍ୟ ପାଇଁ ନିୟୋଜିତ ଠିକାସଂସ୍ଥା ତରଫରୁ ରାସ୍ତାଘାଟଗୁଡିକ ଖୋଳି ପକାଇବାରୁ ଯାତାୟତରେ ବାଧା ସୃଷ୍ଟି ହେଉଛି। ଆଉ କେଉଁଠି ପାଇପ୍ ବିଛା ପାଇଁ ବଡବଡ ଗାତ ଖୋଳି କାମ ଅଧାପନ୍ତରିଆ ଅବସ୍ଥାରେ ରହୁଥିବାରୁ ଛୋଟ ବଡ ଦୁର୍ଘଟଣା ଘଟୁଛି। ସହରର ରଙ୍ଗାଡିପା ଛକ ସ୍ଥିତ ଦୈନିକ ଓ ସାପ୍ତାହିକ ବଜାର ବସୁଥିବା ରାସ୍ତା ପାର୍ଶ୍ୱରେ ଯାଇଥିବା ପାଇପ୍ ଫାଟି ଦୀର୍ଘଦିନ ହେବ ରାସ୍ତା ଉପରେ ପାଣି ବୋହୁଥିବା ଯୋଗୁ ରାସ୍ତା ଅବସ୍ଥା ବେହାଲ ହୋଇପଡିଛି । କାଦୁଅ ପାଣିରେ ପଚପଚ ହୋଇପଡିଥିବାରୁ ବଜାରକୁ ଆସୁଥିବା ଚାଷୀ, ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି। ସହରରେ ବର୍ତ୍ତମାନ ଜଳଯୋଗାଣ ପାଇଁ ନିଅଣ୍ଟିଆ ପରିସ୍ଥିତି ଲାଗି ରହିଥିବା ବେଳେ ଅନ୍ୟ ପଟେ ପାଇପ୍ ପାଣି ଫାଟି ବିଭିନ୍ନ ସ୍ଥାନରେ ବହୁ ପରିମାଣରେ ଜଳ ନଷ୍ଟ ହେଉଛି। ଜନସ୍ୱାସ୍ଥ୍ୟ ବିଭାଗର ଚେଇଁ ଶୋଇବା ନୀତି ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଯଥାଶିଘ୍ର ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ ସକାଶେ ଦାବି ହେଉଛି।


ରଙ୍ଗାଡିପା ବଜାର ରାସ୍ତାରେ ପାଇପ୍ ପାଣି ବୋହି ଅବସ୍ଥା ବେହାଲ।

## ବିପଦସଙ୍କୁଳ ଅବସ୍ଥାରେ ଅଧ୍ୟୟନ କରୁଛନ୍ତି ଛାତ୍ରୀଛାତ୍ର

**ବାଲିଶଙ୍କରା, ୪।୮ (ଡି.ଏନ.ଏ.)**

ବାଲିଶଙ୍କରା ବ୍ଲକର କୁରାଇ ନୋଡ଼ାଲ ବିଦ୍ୟାଳୟରେ ଛାତ୍ରୀଛାତ୍ର ବିପଦସଙ୍କୁଳ ଅବସ୍ଥାରେ ପଢୁଛନ୍ତି। ୧୯୪୧ରେ ସ୍ଥାପିତ ହୋଇଛି କୁରାଇ ନୋଡାଲ ଉ.ପ୍ରା. ବିଦ୍ୟାଳୟ। ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ୮୩ଜଣ ଛାତ୍ରୀଛାତ୍ର। ବିଦ୍ୟାଳୟରେ ୧ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି ୫ଜଣ। ବିଦ୍ୟାଳୟର ଶ୍ରେଣୀଗୃହ ୬, ଅଫିସ ଗୃହ ଗୋଟିଏ ରହିଛି। ତନ୍ମଧ୍ୟରୁ ୨ଟି ଶ୍ରେଣୀ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଶ୍ରେଣୀ ଗୃହ ନ ଥିବାରୁ ବିପଦସଙ୍କୁଳ ଘରେ ପାଠ ପଢ଼ିବାକୁ ବାଧ ହେଉଛନ୍ତି। ୧୯୪୧ରୁ ତିଆରି ହୋଇଥିବା ଖପର ଗୃହରେ ଅଧ୍ୟୟନ କରୁଛନ୍ତି। ସରକାରଙ୍କ ତରଫରୁ ୫ଟି ପକ୍କା ଗୃହ ତିଆରି ହୋଇଛି। ହେଲେ ଘରର ଛାତ ଫାଟି ଆଁ କଲାଣି। କେତେବେଳେ ପଲସ୍ତରା ପିଲାଙ୍କ ଉପରେ ଖସି ପଡ଼ିବ ବୋଲି ଆଶଙ୍କା କରାଯାଉଛି। ଏ ବାବଦରେ ବ୍ଲକ ଶିକ୍ଷା ଅଧିକାରୀ, ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ, ପିଏଆଇଟିଡ଼ିଏଙ୍କୁ ଅଭିଭାବକ ଭବାନୀ ମାଝି ଲିଖିତ ଜଣାଇଥିଲେ ମଧ୍ୟ ଏଯାବତ୍ ପ୍ରଶାସନ ତରଫରୁ ପଦକ୍ଷେପ ନେଉ ନ ଥିବା ସେ ଅଭିଯୋଗ କରିଥିଲେ। ପ୍ରଧାନଶିକ୍ଷକ, ବିଦ୍ୟାଳୟର ଅଭିଭାବକମାନଙ୍କ ତରଫରୁ ମଧ୍ୟ ଜଣାଯାଇଛି। ହେଲେ କିଛି ହୋଇନାହିଁ। ପରିତାପର ବିଷୟ ଉକ୍ତ ବିଦ୍ୟାଳୟରେ ସରକାରଙ୍କ ତରଫରୁ ନିଜସ୍ୱ ରୋଷେଇ ଗୃହ ମଧ୍ୟ ନାହିଁ। ପରିତ୍ୟକ୍ତ ଗୃହରେ ମଧ୍ୟାହ୍ନଭୋଜନ ରୋଷେଇ ଚାଲିଛି। ଏହି ବିଦ୍ୟାଳୟର ସମସ୍ୟାକୁ ଗୁରୁତ୍ୱ ଦେଇ ପ୍ରଶାସନ ପଦକ୍ଷେପ ନେବା ପାଇଁ ଗ୍ରାମର ଗୌନ୍ତିଆ ଭବାନୀ ମାଝୀ ଦାବି କରିଛନ୍ତି। ଏ ସମ୍ପର୍କରେ ବାଲିଶଙ୍କରା ବିଡ଼ିଓ ଅଭିମନ୍ୟୁ ବେହେରାଙ୍କୁ ପଚାରିବାରୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


ବିଦ୍ୟାଳୟର କୋଠରି ଛାତ ଫାଟି ଯାଇଛି।

### ତାଲା ଭାଙ୍ଗି ବିଦ୍ୟାଳୟରୁ ଚୋରି

**ଲହୁଣୀପଡା, ୪।୮ (ଡି.ଏନ.ଏ)**

ଲହୁଣୀପଡା ପଞ୍ଚାୟତ ଲହଙ୍ଗାପଡା ସ୍ଥିତ ଶତୃଘ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବିଳମ୍ବିତ ରାତିରେ ତାଲା ଭାଙ୍ଗି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଚୋରମାନେ ଚାଉଳ, କ୍ରୀଡା ସାମଗ୍ରୀ, ବିଜ୍ଞାନ ସାମଗ୍ରୀ ଚୋରୀ କରି ନେଇଛନ୍ତି। ଚୋରମାନେ ଚାରିଟି ଶ୍ରେଣୀ ଗୃହର ତାଲା ଭାଙ୍ଗି ଦେଇଥିଲେ। କାର୍ଯ୍ୟାଳୟ ଓ ଅନ୍ୟ ଶ୍ରେଣୀ ଗୃହର ଦୁଇଟି ଆଲମିରାକୁ ଭାଙ୍ଗି ଆସବାବ ପତ୍ର ଫୋପାଡି ଦେଇ ବିଜ୍ଞାନ ଓ କ୍ରୀଡା ସାମଗ୍ରୀ ନେଇଯିବା ସମେତ ୬ ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳକୁ ନେଇ ଯାଇଛନ୍ତି।

## ବାଇକ୍ ଧକ୍କାରେ ନାବାଳକ ମୃତ

**ଲହୁଣୀପଡା, ୪।୮ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ବାହାଡାପୋଷି–କଲେଇପୋଷ ରାଜ୍ୟ ରାଜପଥ ୧୦ (କ)ର ବେଲକୁଦର ଗ୍ରାମ ନିକଟରେ ଶନିବାର ରାତି ପ୍ରାୟ ୭ଟା ବେଳେ ଦୁର୍ଘଟଣା ଘଟିଛି। ବାଇକ୍ ଧକ୍କାରେ ମନୋଜ କିଷାନ (୧୫) ନାମକ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ବାଇକ୍ ଚାଳକ ଫେରାର ହୋଇଯାଇଛନ୍ତି। ସୂଚନାଅନୁସାରେ ବଣାଇ ଥାନା ଅନ୍ତର୍ଗତ ଉପର୍ଡା ଗ୍ରାମର ମନୋଜ ସନ୍ଧ୍ୟାରେ ରାସ୍ତାରେ ଚାଲି ଚାଲି ଆସୁଥିବାବେଳେ ତାଙ୍କୁ ଏକ ବାଇକ୍ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ବଣାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମନୋଜରଙ୍କ ମୃତ୍ୟୁ ଘଟିଛି। ଖବରପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ମାମଲା ରୁଜୁ କରିଛି।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ

**କୁଆଁରମୁଣ୍ଡା, ୪।୮(ଡି.ଏନ.ଏ.)**

ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କୁଆଁରମୁଣ୍ଡା ଶାଖା କାର୍ଯ୍ୟାଳୟରେ ରବିବାର ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ବ୍ରହ୍ମାକୁମାରୀ ଶାଖା କାର୍ଯ୍ୟାଳୟର ଅଧୀକ୍ଷିକା ବି.କେ ବିମଳା ଓ ବି.କେ ଅରୁଣ ଯୋଗ ଦେଇ ରକ୍ଷାବନ୍ଧନ ପାଳନର ଆଧ୍ୟାତ୍ମିକ ଚିନ୍ତନ ସମ୍ପର୍କରେ ଉପସ୍ଥିତ ମାତୃଶକ୍ତିଙ୍କୁ ଅବଗତ କରିଛନ୍ତି। ସମସ୍ତ ମାନବ ସମାଜ ପରମ ପିତାଙ୍କ ସନ୍ତାନ ହୋଇଥିବାରୁ ସମସ୍ତଙ୍କ ମଧ୍ୟରେ ଭ୍ରାତୃତ୍ୱଭାବ ସୃଷ୍ଟି ହେଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ବି.କେ ବିମଳା କହିଛନ୍ତି। ଏହି ଅବସରରେ କୁଆଁରମୁଣ୍ଡା ଶାଖାରୁ ନିକଟରେ ମାଉଣ୍ଟଆବୁସ୍ଥିତ ଜ୍ଞାନ ସରୋବରରେ ଅନୁଷ୍ଠିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ଶୈଳେଶ ତିୱାରୀ (ରାଜୁ ଭାଇ), ଘନଶ୍ୟାମ ଦେବତା, ଅଜୟ ସାହୁ, ରଞ୍ଜିତ ବିଶ୍ୱାଳ, ଦୀପକ ସାହୁ ଓ ମିଥିଲେଶ ପ୍ରସାଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବି.କେ ସୁମନ, ବି.କେ ଅନିତାଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସଞ୍ଚାଳନ କରିଥିଲେ।


ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ କାର୍ଯ୍ୟକ୍ରମ।

- ଗୁଡିଆଲିମାଲ -ଏର୍ଗାପିଟା -ରେମଣ୍ଡା ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଦାବି

# ଜିଲାପାଳଙ୍କୁ ଭେଟିଲେ ପଞ୍ଚାୟତବାସୀ

**ସୁନ୍ଦରଗଡ଼, ୪।୮ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଗୁଡିଆଲିମାଲ –ଏର୍ଗାପିଟା ଦେଇ ରେମଣ୍ଡା ଯାଇଥିବା ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରି ଏହାର ଉନ୍ନତିକରଣ ସକାଶେ ଦାବି କରାଯାଇଛି। ଏହି ବ୍ଲକର ଯୋଗୀମାଲ ଓ ରେମଣ୍ଡା ଗ୍ରାମପଞ୍ଚାୟତର ଅଧିବାସୀ ଶନିବାର ଜିଲାପାଳଙ୍କୁ ଭେଟି ଏହି ଦାବି କରିଛନ୍ତି। ଅଞ୍ଚଳବାସୀଙ୍କ ତରଫରୁ ଜିଲାପାଳଙ୍କୁ ଲିଖିତ ଭାବେ ଦିଆଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ଯୋଗୀମାଲ ଆର୍‌ଡି ରାସ୍ତାଠାରୁ ଗୁଡିଆଲିମାଲ ଦେଇ ରେମଣ୍ଡା ପର୍ଯ୍ୟନ୍ତ ଯାଇଥିବା ୩କିମି ରାସ୍ତା ଉପରେ ଯୋଗୀମାଲ ଏବଂ ରେମଣ୍ଡା ଗ୍ରାମପଞ୍ଚାୟତର ଅଧିବାସୀ ନିର୍ଭର କରନ୍ତି। ରାସ୍ତା ଯୋଗୀମାଲ ଗ୍ରାମପଞ୍ଚାୟତ ଅଧୀନ। ବର୍ତ୍ତମାନ ବର୍ଷାଋତୁରେ ଏହି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଦେଇ ଟ୍ରାକ୍ଟର, ଟ୍ରକ ଜେସିବି ମେଶିନ୍ ଓ ଅନ୍ୟାନ୍ୟ ଯାନବାହାନ ଚଳାଚଳ କରୁଥିବାରୁ ସମ୍ପୂର୍ଣ୍ଣ ଭାବେ କାଦୁଅ ହୋଇ ମରଣଯନ୍ତାରେ ପରିଣତ ହୋଇଛି। ଏହି ରାସ୍ତା ଦେଇ ଗୁଡିଆଲିମାଲ ଠାରୁ ପିଲାମାନେ ଯୋଗୀମାଲ ହାଇସ୍କୁଲ ଓ କଲେଜକୁ ପ୍ରତିଦିନ ପାଠପଢ଼ିବା ପାଇଁ ଯାତାୟତ କରନ୍ତି। ଯୋଗୀମାଲ ଗ୍ରାମପଞ୍ଚାୟତକୁ ଚାଉଳ, ଭତ୍ତା ଆଣିବା ପାଇଁ ଓ ସାପ୍ତାହିକ ହାଟକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରିବାକୁ ପଡିଥାଏ। ରେମଣ୍ଡା ବାଲିଘାଟରୁ ବାଲିଉଠାଣ ନିମନ୍ତେ ଏହି ରାସ୍ତା ବ୍ୟବହାର ହେଉଥିବାରୁ ଅବସ୍ଥା ଆହୁରି ଶୋଚନୀୟ ହୋଇପଡିଛି । ଏଣୁ ତୁରନ୍ତ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରାଯାଇ ଏହାର ଉନ୍ନତିକରଣ କରାଯିବାକୁ ଲୋକେ ଦାବି କରିଛନ୍ତି।


ଜିଲାପାଳଙ୍କୁ ସାକ୍ଷାତ ପାଇଁ ଆସିଥିବା ଯୋଗୀମାଲ ଓ ରେମଣ୍ଡା ପଞ୍ଚାୟତବାସୀ